ଜିମ୍ କରବେଟ୍

ଅନୁବାଦ: ଡକ୍ଟର ପ୍ରଫୁଲ୍ଲ କୁମାର ବସୁ

ମୋର ଭାରତ

Digitized by srujanika@gmail.com

ମୋର ଭାରତ

ଲେଖକ : ଜିମ୍ କରବେଟ୍

ଅନୁବାଦକ : ଡକ୍ଟର ପ୍ରଫୁଲ୍ଲକୁମାର କର, ଏମ୍. ଡି.
ଅତିରିକ୍ତ ଶାସନ ସଚିବ
ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,
ଭୁବନେଶ୍ୱର

ଗ୍ରନ୍ଥ ମନ୍ଦିର

Digitized by srujanika@gmail.com

MORA BHARAT

Oriya translation of : Jim Corbett's 'My India'

Translated by : **Dr. P. K. Kar**, M. D.

Additional Secretary, Health & Family Welfare

Govt. of Orissa, Bhubaneswar.

Published by : **Grantha Mandir**, Cuttack-2

(Published by arrangement with

M/s. Oxford University Press, New Delhi)

Frist Edition : 1980

Second Edition : 1988

Price : Rs. ଟ40.00

ପ୍ରକାଶକ :

ଅଭିରାମ ମହାପାତ୍ର

ଗ୍ର ନ୍ଥ ମ ନ୍ଦି ର

ବିନୋଦବିହାରୀ, କଟକ-୨

ମୁଦ୍ରକ :

ଜୟରାମ ମହାପାତ୍ର

ଗ୍ର ନ୍ଥ ପ୍ର କା ଶି ନୀ

ସୁତାହାଟ, କଟକ-୧

'ଗ୍ରନ୍ଥମନ୍ଦିର' ପ୍ରଥମ ସଂସ୍କରଣ : ୧୯୮୦

ଦ୍ୱିତୀୟ ସଂସ୍କରଣ : ୧୯୮୮

ମୂଲ୍ୟ ଟ40.00

Digitized by srujanika@gmail.com

ଉତ୍ସର୍ଗ

ଆପଣ ଯଦି ଭାରତର ଇତିହାସ ବା ଭାରତରେ ବ୍ରିଟିଶ୍‌ରାଜର ଉତ୍ଥାନ-ପତନ ସମ୍ବନ୍ଧରେ ଏକ ସମୀକ୍ଷା ଖୋଜୁଁଥାଆନ୍ତି, ଏହି ପୃଷ୍ଠା କେତୋଟିରୁ ତାହା ଖୋଜି ପାଇବେ ନାହିଁ । ଏହି ଉପମହାଦେଶ ପରସ୍ପରବିରୋଧୀ ଦୁଇଭାଗରେ ବିଦୀର୍ଣ୍ଣ ହେବାର କାରଣ କିମ୍ବା ବିଚ୍ଛିନ୍ନ ତାହାର ଅଂଶ ଦୁଇଟି ଉପରେ ଓ ପରିଶେଷରେ ଏସିଆ ମହାଦେଶ ଉପରେ ଏହି ବିକଳବିଭକ୍ତିର ପରିଣାମ ମଧ୍ୟ ଏଥିରେ ବିଶ୍ଳେଷଣ କରାଯାଇନାହିଁ । ଏ ଦେଶରେ ସାରା ଜୀବନ କଟାଇଥିଲେ ସୁଦ୍ଧା, ଘଟଣାପୂର୍ଣ୍ଣ ସେହି ନାଟକଟି ଅଭିନୀତ ହେଉଥିବାବେଳେ ମୁଁ ରଙ୍ଗଭୂମିର ଏତେ ନିକଟରେ ଥିଲି ଓ ଅଭିନେତାମାନଙ୍କ ସହିତ ଏତେ ଘନିଷ୍ଠ ଭାବେ ଜଡ଼ିତଥିଲି ଯେ, ସେପରି ବିଷୟକୁ ନିରପେକ୍ଷ ଭାବେ ଲିପିବଦ୍ଧ କରିବା ପାଇଁ ଯେତେ ଅନ୍ତର୍ଦୃଷ୍ଟି ଆବଶ୍ୟକ, ତାହା ହାସଲ କରିପାରିଲିନାହିଁ ।

ଯେଉଁ ଦେଶକୁ ମୁଁ 'ମୋର ଭାରତ' ବୋଲି ଜାଣେ, ସେଥିରେ ବାସକରୁଥିବା ଚାଳିଶ କୋଟି ଲୋକଙ୍କ ମଧ୍ୟରୁ ଶତକଡ଼ା ନବେଭାଗ ଦରିଦ୍ର ହେଲେ ମଧ୍ୟ ଅତି ଅମାୟିକ, ସଚ୍ଚୋଟ, ସାହସୀ, ବିଶ୍ୱସ୍ତ ଓ କର୍ମଠ । ନିଜ ଜୀବନ, ଧନ ଓ ଶ୍ରମଲବ୍ଧ ଉପାର୍ଜନକୁ ନିରାପଦରେ ଉପଭୋଗ କରିବାର ସାମାନ୍ୟ ସୁଯୋଗ ପାଇଁ ଏମାନେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତି ଓ କ୍ଷମତାସୀନ ସରକାରଙ୍କୁ ନିବେଦନ ଜଣାନ୍ତି । 'ଭାରତର ବୁଭୁକ୍ଷୁ ଜନତା' ବୋଲି ଆଖ୍ୟାତ ଏହି ଗରିବମାନଙ୍କ ମେଳରେ ମୁଁ ବାସ କରୁଥିଲି ଓ ଅନ୍ତର ସହିତ ସେମାନଙ୍କୁ ଭଲ ପାଉଥିଲି । ଏହି ପୃଷ୍ଠା କେତୋଟିରେ ମୁଁ କହିବାକୁ ଚାହେଁ ସେହିମାନଙ୍କ କାହାଣୀ । 'ମୋର ଭାରତ'ର ସେହି ଗରିବ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଏହି ପୁସ୍ତକଟି ବିନୀତ ଭାବେ ଉତ୍ସର୍ଗ କଲି ।

ଜିମ୍ କରବେଟ୍

Digitized by srujanika@gmail.com

Digitized by srujanika@gmail.com

ବାପା ବୋଉଙ୍କୁ...

—ପ୍ରଫୁଲ୍ଲ

Digitized by srujanika@gmail.com

Digitized by srujanika@gmail.com

ଅନୁବାଦକର କଲମରୁ :

ବିଂଶଶତାବ୍ଦୀର ଆଦ୍ୟଭାଗରେ ଜିମ୍ କର୍ବେଟ୍ ବହୁ ନରଖାଦକ ମାରି ଉତ୍ତରପ୍ରଦେଶରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ । ୧୯୨୬ ମସିହାରେ ରୁଦ୍ରପ୍ରୟାଗର କୁଖ୍ୟାତ ମଣିଷଖିଆ ଚିତାବାଘକୁ ମାରିବା ପରେ ତାଙ୍କ ସୁନାମ ଭାରତସାରା ବ୍ୟାପିଗଲା । ୧୯୪୪ ମସିହାରେ ତାଙ୍କ ପ୍ରସିଦ୍ଧ ପୁସ୍ତକ 'Man-eaters of Kumaon' (କୁମାୟୁଁର ନରଖାଦକ) ପ୍ରକାଶ ପାଇଲା ଏବଂ ସେ କେବଳ ଉତ୍କୃଷ୍ଟ ଶିକାରୀ ଭାବେ ନୁହେଁ, ଜଣେ ଉଚ୍ଚକୋଟୀର ଲେଖକ ଭାବେ ମଧ୍ୟ ବିଶ୍ୱବିଖ୍ୟାତ ହୋଇଉଠିଲେ ।

କର୍ବେଟ୍ଙ୍କ ଶିକାର କାହାଣୀମାନ ପଢ଼ିଲେ ଦେହ ଶୀତେଇଉଠେ, ପ୍ରାଣ ପୁଲକିଉଠେ ମଧ୍ୟ । ଏସବୁ ଗଳ୍ପର ସମ୍ମୁଖରେ ଥାଆନ୍ତି ଦୁର୍ଦ୍ଧର୍ଷ ମଣିଷଖିଆ ମହାବଳ ଓ ଚିତାବାଘ; ଗାଉଁଲିଲୋକଗୁଡ଼ିଏ ଆଉ ଲେଖକ ନିଜେ ରହିଥାଆନ୍ତି ପୃଷ୍ଠଭୂମିରେ । ସମୀପବର୍ତ୍ତୀ ଅତି ରୋମାଞ୍ଚକର ଘଟଣାଗୁଡ଼ିକରେ ମଜ୍ଜିଯାଇ ପାଠକମାନେ ଗଳ୍ପର ପୃଷ୍ଠଭୂମି ପ୍ରତି ଲକ୍ଷ୍ୟରଖିବାକୁ ଅବକାଶ ପାଆନ୍ତି ନାହିଁ । ଗଳ୍ପ ସରିବା ପରେ ତାଙ୍କ ମନକୁ ହୁଏତ ପ୍ରଶ୍ନ ଆସେ—କିଏ ଏଇ ଶିକାରୀ ଯିଏ ମାସ ମାସ ବର୍ଷ ବର୍ଷ ଧରି ଗାଁଗଣ୍ଡା ବଣ ଜଙ୍ଗଲରେ ବୁଲି ନରଖାଦକ ଶିକାର କରୁଥିଲେ ? ଯେଉଁ ପାହାଡ଼ିଆ ଗାଉଁଲି ଲୋକମାନଙ୍କ ମେଳରେ ସେ ରହୁଥିଲେ, ସେମାନେ ସବୁ କିଏ ? ନିଜ କଥା କିମ୍ବା ସେମାନଙ୍କ ବିଷୟରେ ସେ ତ ବିଶେଷ କିଛି ଲେଖିଲେ ନାହିଁ !

ଉତ୍ତରପ୍ରଦେଶର କୁମାୟୁଁ ଡିଭିଜନର ଲୋକେ କର୍ବେଟ୍ଙ୍କୁ ଆଜି ସୁଦ୍ଧା ଗଭୀର ଶ୍ରଦ୍ଧା ଓ ସମ୍ମାନ ସହ ସ୍ମରଣ କରନ୍ତି । କର୍ବେଟ୍ ସେମାନଙ୍କୁ ନରଖାଦକ ଦାଉରୁ ବହୁବାର ରକ୍ଷାକରିଥିବାରୁ ଲୋକଙ୍କର ତାଙ୍କ ପ୍ରତି କୃତଜ୍ଞତା ରହିବା ଅତି ସ୍ୱାଭାବିକ । ଅସୀମ ତ୍ୟାଗ, ସେବା ଓ ସାହସ ପାଇଁ ଭାରତସରକାର ମଧ୍ୟ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ 'କରବେଟ୍ ଜାତୀୟ ବନୋଦ୍ୟାନ' (Corbett National Park) ଉତ୍ସର୍ଗ କରିଛନ୍ତି । କିନ୍ତୁ ଶ୍ରୀରାମ ଶର୍ମା, ରମେଶଚନ୍ଦ୍ର ପାଣ୍ଡେ ଆଦି ସେ ଅଞ୍ଚଳର ବହୁ ପର୍ଯ୍ୟବେକ୍ଷକ ଲେଖନ୍ତି ଯେ, କର୍ବେଟ୍ଙ୍କ ପ୍ରତି କୁମାୟୁଁର ଲୋକଙ୍କ ସ୍ନେହ ଓ ଶ୍ରଦ୍ଧା ଏତେ ଗଭୀର ଯେ କେବଳ କୃତଜ୍ଞତା ଉପରେ ତାହା ପ୍ରତିଷ୍ଠିତ ହୋଇନପାରେ । ଜନସ୍ମୃତି ଯେ ଦୀର୍ଘସ୍ଥାୟୀ ନୁହେଁ, ଏହା ଜଣାଶୁଣା-କଥା । କେର୍ବେଟ୍ଙ୍କ ସ୍ମୃତି ମୃତ୍ୟୁର ବହୁବର୍ଷ ପରେ ମଧ୍ୟ ସେ ଅଞ୍ଚଳରେ ସଜୀବ ରହିବାର କାରଣ ହେଉଛି, ସେ କେବଳ ସୁଦକ୍ଷ ଶିକାରୀ ନ ଥିଲେ—ସେ ଥିଲେ ଜଣେ ଅତି

Digitized by srujanika@gmail.com

ଉଚ୍ଚକୋଟୀର ମଣିଷ । ତାଙ୍କ ସଚ୍ଚୋଟପଣିଆ, ଦୀନଦୁଃଖୀଙ୍କ ପାଇଁ ସହାନୁଭୂତି, ଏ ଦେଶର ସ୍ୱାଧୀନତା, ଐତିହ୍ୟ ଓ ପରମ୍ପରା ପ୍ରତି ଗଭୀର ସମ୍ମାନ, ଜୀବଜନ୍ତୁ ଓ ବନ୍ୟସମ୍ପଦ ପ୍ରତି ଆନ୍ତରିକ ଶ୍ରଦ୍ଧା ଓ ସର୍ବୋପରି ଜୀବନବ୍ୟାପୀ ମାନବସେବା ତାଙ୍କର ଅଗଣିତ ଗରିବ ବନ୍ଧୁଙ୍କ ଦୃଷ୍ଟିରେ କର୍‌ବେଟ୍‌ଙ୍କୁ ଅତି ଉଚ୍ଚକୁ ଟେକିନେଇଥିଲା ।

ଭାରତର ପ୍ରକୃତ ବନ୍ଧୁ ରୂପେ ଭାରତୀୟ ଜୀବନର ଘନିଷ୍ଠ ସମ୍ପର୍କରେ ଆସି କର୍‌ବେଟ୍ ଯେଉଁ ସହାନୁଭୂତିଭରା ଅଭିଜ୍ଞତା ଲାଭକରିଥିଲେ, ଏହି ସୁପ୍ରସିଦ୍ଧ ପୁସ୍ତକ 'My India' ରେ ସେ ତାହା ପ୍ରକାଶ କରିଛନ୍ତି । କେତେଜଣ ଭାରତୀୟଙ୍କ ବିଷୟରେ ସତ୍ୟ ଅନୁଭୂତିମୂଳକ ଗଳ୍ପ କେତୋଟି ଲେଖି କର୍‌ବେଟ୍ ଏ ଦେଶ ସହିତ ନିଜର ସମ୍ବନ୍ଧକୁ ଅଭିବ୍ୟକ୍ତ କରିଛନ୍ତି ଅତି ସହଜ ଓ ଅମାୟିକ ଭାବରେ । ଉତ୍ତରପ୍ରଦେଶର ପାର୍ବତ୍ୟ ଅଞ୍ଚଳର ସରଳ ଗ୍ରାମବାସୀ, ବିହାରର ଗରିବ ରେଳବାଇ ମଜ୍‌ଦୁର, ଶ୍ରେଷ୍ଠ ଶିକାରୀ କୁଅଁର ସିଂ, ଦୁର୍ଦ୍ଧର୍ଷ ଡକାୟତ ସୁଲତାନା, ସବର୍ଣ୍ଣ ଆଉ ହରିଜନ, ଗାଁ ମୁଖିଆରୁ ମଜୁରିଆ – ସମସ୍ତଙ୍କ ବିଷୟରେ ଲେଖିଛନ୍ତି ସେ—ସମାଲୋଚକର ଦୃଷ୍ଟିକୋଣରୁ ନୁହେଁ—ଜଣେ ଅନ୍ତରଙ୍ଗ ବନ୍ଧୁର ଦରଦଭରା ଭାଷାରେ । କର୍‌ବେଟ୍‌ଙ୍କ ମାନବିକତାର ଯେତେ ଦୃଷ୍ଟାନ୍ତ ଏ ବହିରେ ଅଛି, ତାହା ଗୋଟି ଗୋଟି ଉଲ୍ଲେଖ କରିବାକୁ ଏଠାରେ ସ୍ଥାନନାହିଁ । ପାଠକ ବହି ପଢ଼ି ତାହା ବୁଝିପାରିବେ । ଏ ବହିରେ ଏଭଳି ବହୁ ଘଟଣା କର୍‌ବେଟ୍ ଏତେ ସଂକ୍ଷିପ୍ତ ଓ ସାମାନ୍ୟ ଭାବେ ଉଲ୍ଲେଖ କରିଛନ୍ତି ଯେ, ମନୋଯୋଗ ସହି ଲକ୍ଷ୍ୟ ନ କଲେ ପାଠକଙ୍କର ତାହା ଦୃଷ୍ଟିଗୋଚର ନ ହୋଇପାରେ ।

ସବୁଦେଶର ପିଲାମାନେ ଶିକାରର ସତ କାହାଣୀ ପଢ଼ିବାକୁ ଭଲପାଆନ୍ତି । ଆମ ପିଲାମାନଙ୍କୁ ଏଭଳି ବହି କେତୋଟି ଯୋଗାଇ ଦେବା ପାଇଁ କର୍‌ବେଟ୍‌ଙ୍କ ଲେଖାଗୁଡ଼ିକର ଅନୁବାଦ ହାତକୁ ନେଇଥିଲି । ଜଣେ ଇଂରେଜଙ୍କର କର୍ମନିଷ୍ଠା ଏବଂ ଜାତି, ଧର୍ମ, ବର୍ଣ୍ଣ ଓ ଭାଷା ନିର୍ବିଶେଷରେ ମାନବସେବାର ଜୀବନ୍ତ କାହାଣୀ ସେମାନଙ୍କୁ ଉଦ୍‌ବୁଦ୍ଧ କରିବ ବୋଲି ମୋର ବିଶ୍ୱାସ । ବହି ଆରମ୍ଭରେ ଭାରତର ଧର୍ମ, ବର୍ଣ୍ଣ ଓ ଭାଷାର ଭିନ୍ନତାକୁ ଚର୍ଚ୍ଚା କରି ଶେଷରେ ଜାତୀୟ ଏକତା ପାଇଁ ସେ ଯେପରି ଆବେଦନ କରିଛନ୍ତି, ଆମ ପିଲାଙ୍କ ପକ୍ଷରେ ତାହା ଏକାନ୍ତ ଶିକ୍ଷଣୀୟ । ସ୍ନେହ, ଦୟା, ସେବା ଓ ନିର୍ଭୀକ ମାନବିକତା ଯେ ସମସ୍ତ ମାନବଜାତିକୁ ଗୋଟିଏ ସୂତ୍ରରେ ବାନ୍ଧିଦିଏ—କର୍‌ବେଟ୍‌ଙ୍କ ଜୀବନ ହିଁ ତାର ଏକ ପ୍ରକୃଷ୍ଟ ନିଦର୍ଶନ । ଆମ ଦେଶର ଲୋକେ ଏହି ମହାମାନବଙ୍କ ଜୀବନରୁ ଗ୍ରହଣଯୋଗ୍ୟ ବହୁ ଉପାଦାନ ପାଇବେ । ଆମର ବନ୍ୟସମ୍ପଦ ପ୍ରତି କର୍‌ବେଟ୍‌ଙ୍କର ଅଶେଷ ମମତା ଓ ଉଚ୍ଛୃଙ୍ଖଳ ଶିକାର ଉଦ୍ଦୀପନା ଯୋଗୁଁ ତାହା ଆଜି କିପରି ବିପନ୍ନ—ତାଙ୍କ ଲେଖାରୁ ତାହାର ମଧ୍ୟ ଯଥେଷ୍ଟ ପ୍ରମାଣ ମିଳିବ ।

Digitized by srujanika@gmail.com

'କୁମାୟୁଁର ନରଖାଦକ'ର ଶେଷଭାଗରେ କର୍‌ବେଟ୍‌ ଲେଖିଛନ୍ତି "ମୁଁ ସାହିତ୍ୟିକ ନୁହେଁ—ସାମାନ୍ୟ ଶିକାରୀ ମାତ୍ର । ଜୀବନର ଅଧିକାଂଶ ବଣ ଜଙ୍ଗଲରେ କଟାଇଛି । ବର୍ଣ୍ଣନାଦ୍ୱାରା ଘଟଣାକୁ ଜୀବନ୍ତ କରି ତୋଳିବାର ଶକ୍ତି ବା ଶୈଳୀ ମୋ ଭାଷାରେ ନାହିଁ ।" କର୍‌ବେଟ୍‌ଙ୍କ ଲେଖା ପଢ଼ିଥିବା ଅସଂଖ୍ୟ ପାଠକ ପାଠିକା ଏଥିରେ ଏକମତ ହେବେ ନାହିଁ ଜାଣେ । କର୍‌ବେଟ୍‌ଙ୍କ ଲେଖାରେ କୌଣସି ଗତାନୁଗତିକ ସ୍ୱାଦ, ଶୈଳୀ ବା ଆଲଂକାରିକ ଛଟା ନ ଥିଲେ ସୁଦ୍ଧା, ଅଭିବ୍ୟକ୍ତିର ସରଳତା ଓ ଆନ୍ତରିକତା ତାହାକୁ ଉଚ୍ଚକୋଟୀର ସାହିତ୍ୟ ସ୍ତରକୁ ତୋଳିଦିଏ ଏବଂ ଲେଖକଙ୍କ ଅସାଧାରଣ ବ୍ୟକ୍ତିତ୍ୱ, ଦୃଷ୍ଟିକୋଣ ଓ ମୂଲ୍ୟବୋଧ ପାଠକର ଅନ୍ତରକୁ ଗଭୀରଭାବେ ସ୍ପର୍ଶକରେ । ଅନୁବାଦରେ ମୂଳଲେଖାର ବିଷୟବସ୍ତୁ ଓ ଶୈଳୀ ଅକ୍ଷୁର୍ଣ୍ଣ ରଖିବାକୁ ଚେଷ୍ଟାକରିଛି । ସେଥିରେ କେତେଦୂର ସଫଳ ହୋଇଛି, ସୁଧୀ ପାଠକବୃନ୍ଦ ତାହା ବିଗ୍ୱରକରିବେ ।

ବିଭିନ୍ନ ପଶୁପକ୍ଷୀ ଓ ଗଛପତ୍ରର ଓଡ଼ିଆ ନାମ ବିଭିନ୍ନ ସ୍ଥାନରୁ ସଂଗୃହୀତ ହୋଇଛି । ଏଥିପାଇଁ E. P. Gee, Salim Ali, U. N. Kanjilal, Augustus Somerville ଆଦି ବିଶେଷଜ୍ଞମାନଙ୍କ ବହିରୁ ଓ Forest Research Institute and Colleges, Dehra Dunରୁ ଅନେକ ସାହାଯ୍ୟ ପାଇଛି । 'ନନ୍ଦନକାନନ'ର କର୍ତ୍ତୃପକ୍ଷ ମଧ୍ୟ ଏଥିରେ ସାହାଯ୍ୟ କରିଛନ୍ତି । ସେମାନଙ୍କ ନିକଟରେ ମୁଁ କୃତଜ୍ଞ । ହିମାଳୟ ଅଞ୍ଚଳର କେତେକ ଜନ୍ତୁଙ୍କର ଓଡ଼ିଆ ନାମ ନଥିବାରୁ ସେମାନଙ୍କ ହିନ୍ଦୀ ନାମ ବ୍ୟବହାର କରାଯାଇଛି । କର୍‌ବେଟ୍‌ ଯାହାକୁ Mokameh Ghat ବୋଲି ଲେଖିଛନ୍ତି, ବିହାରର ସେ ସ୍ଥାନର ନାମ 'ମୋକାମା ଘାଟ' । ସେହିପରି ବ୍ୟକ୍ତି ଓ ସ୍ଥାନମାନଙ୍କର ସଠିକ୍ ନାମ ଦେବାପାଇଁ ଯଥାସାଧ୍ୟ ଚେଷ୍ଟା କରାଯାଇଛି । ଶିକାର ଓ ଜଙ୍ଗଲ ସମ୍ବନ୍ଧୀୟ ଶବ୍ଦଗୁଡ଼ିକ ପୁରୀଜିଲ୍ଲାର ନୟାଗଡ଼ ଏବଂ ଗଞ୍ଜାମ ଜିଲ୍ଲାର ତପ୍ତପାଣି, ମୋହନା ଓ ଚନ୍ଦ୍ରଗିରି ଅଞ୍ଚଳରେ ପ୍ରଚଳିତ ଭାଷାରୁ ସଂଗୃହୀତ ।

ପରିଶେଷରେ ଏତିକି କହିରଖେ ଯେ, ଓଡ଼ିଆଭାଷାରେ ଲେଖିବାର ଅଭ୍ୟାସ ମୋର ନଥିଲା । 'ଝଙ୍କାର'ରେ ପ୍ରକାଶିତ କେତୋଟି କ୍ଷୁଦ୍ରଗଳ୍ପ ଓ କେତୋଟି ଅପ୍ରକାଶିତ ନାଟକ ବ୍ୟତୀତ ଓଡ଼ିଆରେ ଲେଖିବାରେ ଏହା ହିଁ ମୋର ପ୍ରଥମ ପ୍ରୟାସ କହିଲେ ଚଳେ । ଛାତ୍ରାବସ୍ଥାରେ ଇଂରାଜୀ ମାଧ୍ୟମରେ ଶିକ୍ଷା ଲାଭ କରିଥିଲି । ତାପରେ ଏ ପର୍ଯ୍ୟନ୍ତ ଭେଷଜବିଜ୍ଞାନ ଚର୍ଚ୍ଚା କରିଆସିଛି । ତଥାପି ପିଲାଦିନେ ଜିମ୍ କର୍‌ବେଟ୍‌ଙ୍କ ବହି ପଢ଼ି ଏତେଦୂର ପ୍ରଭାବିତ ହୋଇପଡ଼ିଥିଲି ଯେ ତାକୁ ଓଡ଼ିଆରେ ଅନୁବାଦ କରି ଦେଶବାସୀ ପାଠକପାଠିକା ଓ ବିଶେଷକରି ପିଲାମାନଙ୍କ ଆଗରେ ଥୋଇବା ପାଇଁ ପ୍ରବଳ ଇଚ୍ଛା ଜାଗିଉଠିଥିଲା । ସେ ଇଚ୍ଛାର ପରିପୂରଣ ପାଇଁ ବହୁକାଳ ପରେ କାଗଜ କଲମ ଧରି ଲେଖିବସିଲି । ମୋର ଅନେକ ବନ୍ଧୁ, ଆତ୍ମୀୟ, ସହକର୍ମୀ ଓ ଛାତ୍ରଛାତ୍ରୀଙ୍କଠାରୁ ଏଥିରେ ବିଶେଷ ଉତ୍ସାହ ଓ

Digitized by srujanika@gmail.com

ସାହାଯ୍ୟ ପାଇଛୁ । ଏ ବହିରେ ଥିବା ମାନଚିତ୍ର ଦୁଇଟି ଆଙ୍କିଛନ୍ତି ମୋର ଗୁରୁ ଶ୍ରୀ ମନୋଜ କିଶୋର ଗ୍ରେହିଗିସ୍ତ । ଏ ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ ।

ମୋର ପତ୍ନୀ ଡକ୍ଟର ସୁଧାରାଣୀ କର ମୋର ପ୍ରତ୍ୟେକଟି ବହିର ପ୍ରସ୍ତୁତିଠାରୁ ପ୍ରକାଶନ ପର୍ଯ୍ୟନ୍ତ ପ୍ରତି ପର୍ଯ୍ୟାୟରେ ଯେଉଁ ଉତ୍ସାହ ଓ ପ୍ରେରଣା ଦେଇଛନ୍ତି, ତାହାର ପ୍ରତିଦାନ ଦେଇ ନ ପାରି କେବଳ ଋଣ ସ୍ୱୀକାର କରୁଛି ।

ପେନ୍‌ସନରସ୍ ଲେନ୍,
କଟକ-୧
ଅକ୍ଟୋବର ୧୪, ୧୯୮୭

ପ୍ରଫୁଲ୍ଲ କୁମାର କର

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠା
ଭୂମିକା	୧
ଗାଁ ଶାଆନ୍ତାଣୀ	୭
କୁଅଁର ସିଂ	୧୩
ମୋଢ	୨୨
ନାଲଫିତା ଶାସନ ଭୂଖଣ୍ଡ	୪୩
ଜଙ୍ଗଲ ଆଇନ	୪୯
ଷାଇ	୫୯
ସୁଲତାନା—ଭାରତର ରବିନ୍ ହୁଡ୍	୭୦
ଅନୁରକ୍ତ	୧୦୪
ବୁଢ଼	୧୨୧
ଲାଲଜୀ	୧୨୭
ଚମାରୀ	୧୩୨
ମୋକାମା ଘାଟରେ ଜୀବନ	୧୪୦
ଅନୁବାଦକଙ୍କ ପରିଚୟ	୧୫୪

Digitized by srujanika@gmail.com

ଜିମ୍ କରବେଟ୍

[୧୮୭୫—୧୯୫୫]

Digitized by srujanika@gmail.com

ଡାକ୍ତର ପ୍ରଫୁଲ୍ଲକୁମାର କର

[ଜିମ୍ କର୍‌ବେଟ୍‌ଙ୍କ କାଲାଦୁଙ୍ଗି ବାସଭବନ]

Digitized by srujanika@gmail.com

ଭୂମିକା

ମୋର ଉତ୍ସର୍ଗପତ୍ରଟି ପଢ଼ିଲା ପରେ ଆପଣ ହୁଏତ ପଚାରିପାରନ୍ତି, "ଭାରତର ଯେଉଁ ଗରିବମାନଙ୍କ ବିଷୟ ଆପଣ ଉଲ୍ଲେଖ କଲେ—କିଏ ସେମାନେ ? 'ମୋର ଭାରତ' ବୋଲି ଆପଣ କାହାକୁ କହୁଛନ୍ତି ?" ଯଥାର୍ଥ ଆପଣଙ୍କର ପ୍ରଶ୍ନ । ଉତ୍ତରରୁ ଦକ୍ଷିଣକୁ ତଥା ପୂର୍ବରୁ ପଶ୍ଚିମକୁ ଦୀର୍ଘ ଦୁଇ ହଜାର ମାଇଲ ବିସ୍ତୃତ ଏହି ବିଶାଳ ଉପଦ୍ୱୀପର ଅଧିବାସୀଙ୍କୁ ଦୁନିଆ 'ଭାରତୀୟ' ବୋଲି ଆଖ୍ୟାତ କରିବାରେ ଅଭ୍ୟନ୍ତ । ଏହିଟି ଭୌଗୋଳିକ ଦୃଷ୍ଟିକୋଣରୁ ସମୀଚୀନ ହୋଇପାରେ । କିନ୍ତୁ ଉପଯୁକ୍ତ ବ୍ୟାଖ୍ୟା ନ କରି ଏ ଦେଶର ସବୁ ଅଧିବାସୀଙ୍କୁ କୌଣସି ଗୋଟିଏ ନାମଦ୍ୱାରା ଚିହ୍ନିତ କରିବାକୁ ଗଲେ ବୁଝାମଣାରେ ଭୁଲ ହେବା ସ୍ୱାଭାବିକ । ଭାରତବର୍ଷର ଚାଳିଶ କୋଟି ଜନସଂଖ୍ୟା ବହୁ ବର୍ଣ୍ଣ, ଜାତି ଓ ଉପଜାତିର ସମ୍ମିଳନରେ ଗଠିତ । ବିବିଧ ଧର୍ମବିଶ୍ୱାସଦ୍ୱାରା ଏହି ଜନସମଷ୍ଟି ଜଟିଳତର ହୋଇଉଠେ । ଏ ଦେଶର ଜନସମାଜ ମଧ୍ୟରେ ଥିବା ବର୍ଣ୍ଣ ଓ ବିଶ୍ୱାସର ବିବିଧତ୍ୱ ସମଗ୍ର ଇଉରୋପ ମହାଦେଶରେ ମଧ୍ୟ ଦେଖିବାକୁ ମିଳେନାହିଁ । ଭାରତବର୍ଷ ପରିଶେଷରେ ଭାରତ ଓ ପାକିସ୍ଥାନରେ ବିଭକ୍ତ ହେବା ମୂଳରେ କିନ୍ତୁ ଜାତିଗତ ପାର୍ଥକ୍ୟ ନ ଥିଲା—ଥିଲା ଧର୍ମଗତ ବିଭେଦ । ଏହି ପୃଷ୍ଠଭୂମି ଉପରେ 'ମୋର ଭାରତ' ବୋଲି ମୁଁ କାହାକୁ କହୁଛି, ତାହା ବୁଝାଇବାକୁ ଚେଷ୍ଟାକରେ ।

ବିଶାଳ ଏହି ଦେଶର ଯେଉଁ ଅଂଶଟିରେ ଶୈଶବରୁ ଆରମ୍ଭକରି ଦୀର୍ଘ ସତୁରି ବର୍ଷ କଟାଇଛି, ତାହାକୁ ହିଁ ମୁଁ 'ମୋର ଭାରତ' ବୋଲି କହେ । ଗ୍ରାମ୍ୟଜୀବନର କେତୋଟି ଛବି ଭିତରେ ସେଠାକାର ଗ୍ରାମବାସୀଙ୍କ ଜୀବନ ଓ ଚରିତ୍ରକୁ ଚିତ୍ରଣ କରିବା ମୋର ଉଦ୍ଦେଶ୍ୟ । ଭାରତ ମାନଚିତ୍ରର ଦକ୍ଷିଣତମ ସୀମା କୁମାରିକା ଅନ୍ତରୀପରୁ ଆରମ୍ଭକରି ଗାଙ୍ଗେୟ ଉପତ୍ୟକା ଦେଇ ଉତ୍ତର ପ୍ରଦେଶର ଉତ୍ତରତମ ଅଞ୍ଚଳ ପର୍ଯ୍ୟନ୍ତ ଦୃଷ୍ଟି ବୁଲାଇଆଣନ୍ତୁ । ସେଠାରେ ହିମାଳୟ ପାଦଭୂମିରେ ଆପଣ ଖୋଜି ପାଇବେ ଶୈଳନିବାସ ନୈନିତାଲ୍ । ଉତ୍ତର ପ୍ରଦେଶ ସରକାରଙ୍କ ଗ୍ରୀଷ୍ମନିବାସ ଏହି ନଗରୀ । ସମତଳ ଅଞ୍ଚଳର ପ୍ରଖର ଉତ୍ତାପରୁ ରକ୍ଷାପାଇବାପାଇଁ ଇଉରୋପୀୟ ଓ ଧନୀ ଭାରତୀୟମାନେ ଗ୍ରୀଷ୍ମକାଳରେ ଏଠାକୁ ଆସନ୍ତି । ଅପ୍ରେଲରୁ ନଭେମ୍ବର ମାସ ପର୍ଯ୍ୟନ୍ତ ସହରରେ ଜନସମାଗମ ଲାଗିରହେ । ଶୀତଦିନେ ମୁଷ୍ଟିମେୟ ଯେଉଁ ସ୍ଥାୟୀ ବାସିନ୍ଦା କେତେଜଣ ସେଠାରେ ପଡ଼ିରହିଥାନ୍ତି, ମୁଁ ସେହିମାନଙ୍କ ମଧ୍ୟରୁ ଜଣେ । ଏବେ ନୈନିତାଲରୁ ଦୃଷ୍ଟି ଫେରାଇ ଗଙ୍ଗାନଦୀର ଗତିପଥ ଅନୁସରଣ କରି ବଙ୍ଗୋପସାଗର ଆଡ଼େ ଆଗେଇ ଚାଲନ୍ତୁ । ବାଟରେ ଆଲ୍ଲାହାବାଦ, ବାରାଣସୀ ଓ ପାଟନା ସହର ଅତିକ୍ରମ କରି ଆପଣ ମୋକାମାଘାଟରେ ପହଞ୍ଚିବେ । ମୋର କର୍ମଜୀବନର ଦୀର୍ଘ ଏକୋଇଶ ବର୍ଷ

Digitized by srujanika@gmail.com

ମୋକାମାଘାଟରେ ହିଁ କଟିଛୁ । ଭାରତ ମାନଚିତ୍ରର ଯେଉଁ ଦୁଇଟି ବିନ୍ଦୁକୁ କେନ୍ଦ୍ର କରି ଏ ବହିରେ କେତୋଟି ଚିତ୍ର ମୁଁ ଅଙ୍କନ କରିଛୁ, ସେଥିରୁ ଗୋଟିଏ ନୈନିତାଲ ଓ ଅପରଟି ମୋକାମାଘାଟ ।

ପର୍ଯ୍ୟଟକଙ୍କ ପାଇଁ ନୈନିତାଲକୁ ଅନେକ ଚଲାବାଟ ଅଛି । କିନ୍ତୁ ମୋଟରଯୋଗେ ସେଠାକୁ ଯିବାପାଇଁ ଗୋଟିଏ ମାତ୍ର ରାସ୍ତା । ପାର୍ବତ୍ୟ ଅଞ୍ଚଳର ସବୁଠାରୁ ସୁଗଠିତ ଓ ସୁରକ୍ଷିତ ଏହି ରାସ୍ତାଟିକୁ ନେଇ ଆମେ ଗର୍ବ ଅନୁଭବ କରୁ । କାଠଗୋଦାମ ରେଳପ୍ରାନ୍ତରୁ ସହଜ ଗତିରେ ୪୫୦୦ ଫୁଟ ଉଚ୍ଚକୁ ଉଠି ରାସ୍ତାଟି ନୈନିତାଲରେ ପହଞ୍ଚିଛି । ବାଇଶ ମାଇଲ ଲମ୍ବ ଏହି ରାସ୍ତା ଦୁଇ କଡ଼ ନିବିଡ଼ ଜଙ୍ଗଲରେ ବାଘ, ଧାପ ଓ ଅନ୍ୟାନ୍ୟ ବନ୍ଧୁ ବନ୍ୟଜନ୍ତୁ ଦେଖିବାକୁ ମିଳନ୍ତି । ପୂର୍ବରୁ ପଶ୍ଚିମକୁ ବିସ୍ତୃତ ଏକ ପାହାଡ଼ଘେରା ଉପତ୍ୟକା ଭିତରେ ନୈନିତାଲ ନଗରୀ । ଉପତ୍ୟକା ମଝିରେ ଗୋଟିଏ ଗ୍ରେଟ ହ୍ରଦ । ତିନି ପାଖରେ ଘେରିରହିଥିବା ପର୍ବତଗୁଡ଼ିକ ମଧ୍ୟରୁ ସର୍ବୋଚ୍ଚ ଚୀନା ପର୍ବତର ଉଚ୍ଚତା ୮୫୬୯ ଫୁଟ । ଚତୁର୍ଥ ପାଖଟି ଖୋଲା । ମୋଟରରାସ୍ତା ସେହି ପାଖରୁ ସହରରେ ପ୍ରବେଶକରି ହ୍ରଦକୂଳରେ ଶେଷ ହୁଏ । ହ୍ରଦର ପରିଧି ମାତ୍ର ଦୁଇ ମାଇଲ । ଉପରୁ ବାରମାସୀ ଝରଣାଟିଏ ହ୍ରଦକୁ ପାଣି ଯୋଗାଏ । ହ୍ରଦରୁ ଉଚ୍ଛୁଳିତ ପାଣିର ଧାର ରାସ୍ତା କଡ଼ଦେଇ ବହିଯାଏ ତଳକୁ । ଉପତ୍ୟକା ଉପର ଓ ତଳ ମୁଣ୍ଡରେ ବଜାର । ଘେରି ରହିଥିବା ଜଙ୍ଗଲଭରା ପାହାଡ଼ଗୁଡ଼ିକ ବିଦ୍ୟାଳୟ, ଆମୋଦଶାଳା ଓ ଭୋଜନାଳୟରେ ପୂର୍ଣ୍ଣ । ହ୍ରଦକୂଳରେ କେତୋଟି ନୌକାଘର ଓ ଚିତ୍ରୋପମ ଏକ ଦେବାଳୟ । ନିକଟସ୍ଥ ପଥରନିର୍ମିତ ଗ୍ରେଟ ମନ୍ଦିରଟିକୁ ଅତି ପବିତ୍ର ମନେକରାଯାଏ । ମନ୍ଦିରର ବୃଦ୍ଧ ବ୍ରାହ୍ମଣ ପୂଜକ ମୋର ଆଜୀବନ ବନ୍ଧୁ ।

ହ୍ରଦଟିର ଉତ୍ପତ୍ତି ନେଇ ଭୂତତ୍ତ୍ୱବିତ୍‌ମାନେ ନାନା ମତ ଦିଅନ୍ତି । କେହି କହନ୍ତି, ତୁଷାରକ୍ଷେତ୍ରର ଅପସାରଣ କମ୍ବା ଭୂସ୍ଖଳନ ଯୋଗୁଁ ହ୍ରଦଟିର ସୃଷ୍ଟି । ଅନ୍ୟ କେତେକଙ୍କ ମତରେ ଆଗ୍ନେୟ ବିସ୍ଫୋରଣରୁ ଏହାର ଉତ୍ପତ୍ତି । ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ମହର୍ଷି, ଅତ୍ରି, ପୁଲସ୍ତ୍ୟ ଓ ପୁଲହ ତାହାର ନିର୍ମାତା । ସ୍କନ୍ଦ ପୁରାଣରେ ଉଲ୍ଲେଖ କରାଯାଇଛି ଯେ, ପ୍ରାୟଶ୍ଚିତ୍ତ ଉଦ୍ଦେଶ୍ୟରେ ତୀର୍ଥଯାତ୍ରାରେ ବାହାରି ମହର୍ଷି ତିନିଜଣ ଚୀନା ପର୍ବତରେ ଆସି ପହଞ୍ଚିଲେ । ତୃଷା ମେଣ୍ଟାଇବାକୁ ସେଠାରେ ପାଣି ନ ମିଳିବାରୁ ପର୍ବତର ପାଦଭୂମିରେ ଏହି ହ୍ରଦଟି ଖୋଳି ପବିତ୍ର ମାନସରୋବରରୁ ଜଳ ଆଣି ତାକୁ ପୂର୍ଣ୍ଣ କରିଦେଲେ । ଋଷିମାନେ ଚାଲିଯିବା ପରେ ଏ ଅଞ୍ଚଳର ଅଧିଷ୍ଠାତ୍ରୀ ନୈନିଦେବୀ ଏହିଠାରେ ଅବସ୍ଥାନ କଲେ । ଜଙ୍ଗଲ ଓ ଜଳଦ୍ୱାରା ଆକୃଷ୍ଟ ହୋଇ ନାନା ପ୍ରକାର ପଶୁପକ୍ଷୀ ବହୁ ସଂଖ୍ୟାରେ ଏଠାରେ ବାସକରିବାକୁ ଲାଗିଲେ । ଏହି ଜଙ୍ଗଲରେ ଏବେ ମଧ୍ୟ ବହୁ ରକମ ପଶୁପକ୍ଷୀ ଦେଖିବାକୁ ମିଳନ୍ତି । ନୈନିଦେବୀଙ୍କ ମନ୍ଦିରରୁ ଚାରି ମାଇଲ ବ୍ୟାସାର୍ଦ୍ଧ ଭିତରେ ବାଘ, ଚିତାବାଘ, ଭାଲୁ, ସମ୍ବର ଓ ଅନ୍ୟାନ୍ୟ ଅନେକ ବନ୍ୟଜନ୍ତୁ ମୁଁ ଦେଖିଛୁ । ବିଭିନ୍ନ ଜାତିର ସମୁଦାୟ ଶହେ ଅଠାଇଶ ପ୍ରକାର ପକ୍ଷୀ ଏହି ଜଙ୍ଗଲରେ ମୁଁ ଚିହ୍ନଟ କରିଛୁ ।

Digitized by srujanika@gmail.com

ପାର୍ବତ୍ୟ ଅଞ୍ଚଳର ଲୋକେ ତାଙ୍କର ଏହି ପବିତ୍ର ହ୍ରଦ ବିଷୟ ଜାହାକୁ ଜଣାଉ ନ ଥିଲେ । ଏଠାକାର ଶାସକମାନେ ଜନରବ ଦ୍ୱାରା ସେ ସମ୍ବନ୍ଧରେ ଶୁଣିଥିଲେ ମଧ୍ୟ ହ୍ରଦର ସଠିକ ଅବସ୍ଥିତି ସେମାନଙ୍କୁ ଜଣା ନ ଥିଲା । ଶେଷରେ ଏହି ଶାସକବର୍ଗରୁ ଜଣେ କୌଶଳକ୍ରମେ ହ୍ରଦଟି ଖୋଜି ବାହାରକଲେ । ଜଣେ ସ୍ଥାନୀୟ ଲୋକ ମୁଣ୍ଡରେ ଖଣ୍ଡିଏ ପଥରଟିଏ ଲଦିଦେଇ ସେ ନିର୍ଦ୍ଦେଶ ଦେଲେ ଯେ ନୈନାଦେବୀଙ୍କର ହ୍ରଦ ପାଖରେ ନ ପହଞ୍ଚିବା ପର୍ଯ୍ୟନ୍ତ ପଥର ଓହ୍ଲାଯିବ ନାହିଁ । କିଛି ଦିନ ଏଣେତେଣେ ବୁଲିବା ପରେ ଲୋକଟି ବାଧ୍ୟହୋଇ ଅନୁସରଣକାରୀଙ୍କୁ ହ୍ରଦଟି ଦେଖାଇଦେଲା । ପ୍ରାୟ ଛଅଶହ ପାଉଣ୍ଡ ଓଜନର ଏକ ବିରାଟ ପଥର ଏବେ ମଧ୍ୟ ହ୍ରଦକୂଳରେ ପଡ଼ିଛି । ଏହା କିଂବଦନ୍ତୀର ସେହି ପଥର ବୋଲି ଲୋକଙ୍କର ଧାରଣା । ପିଲାଦିନେ ଏ ଅଞ୍ଚଳର ଜଣେ ପଥରଟି ମୋତେ ଦେଖାଇ ଦେଇଥିଲେ । ଏତେ ବଡ଼ ପଥର ଜଣେ ମଣିଷ ବୋହି ପାରି ନ ଥିବ ବୋଲି ମୁଁ ସନ୍ଦେହ ପ୍ରକାଶ କରିବାରୁ ସେ କହିଥିଲେ, "ପଥରଟା ଅବଶ୍ୟ ବଡ଼ । କିନ୍ତୁ ମନେରଖ ଯେ ସେକାଳର ଲୋକେ ବି ସେମିତି ବଳୁଆ ଥିଲେ ।"

ମୋ ସଙ୍ଗରେ ଏବେ ଚୀନା ପର୍ବତ ଉପରକୁ ଚାଲନ୍ତୁ । ଦିଗନ୍ତବ୍ୟାପୀ ଏଠାକାର ଦୃଶ୍ୟସମ୍ଭାର ଦେଖିବାପାଇଁ ସଙ୍ଗରେ ଭଲ ଦୂରବୀଣଟିଏ ନେଇଆସନ୍ତୁ । ଠିକ ଅମର ରାସ୍ତା । କିନ୍ତୁ ଦୁଇ ପାଖରେ ସୁନ୍ଦର ବୃକ୍ଷଲତା ଓ ପଶୁପକ୍ଷୀଙ୍କୁ ଦେଖି ତିନି ମାଇଲ ଆରୋହଣର କ୍ଳାନ୍ତି ଆପଣ ଭୁଲିଯିବେ । ପୁରାଣର ଋଷିମାନଙ୍କ ପରି ଯଦି ଆପଣ ମଧ୍ୟ ତୃଷାର୍ତ୍ତ ହୋଇପଡ଼ନ୍ତି, ପର୍ବତ ଉପରେ ସ୍ୱଚ୍ଛ ଶୀତଳ ଝରଣାଟିଏ ମୁଁ ଦେଖାଇଦେବି । ତାହାରି କୂଳରେ ମଧ୍ୟାହ୍ନ-ଭୋଜନ ସାରି ଆପଣ ବିଶ୍ରାମକରିବେ ।

ଭୋଜନ ଶେଷ ହେଲା । ବିଶ୍ରାମ କରିସାରିଲେ । ଏବେ ଉତ୍ତର ଦିଗକୁ ଦୃଷ୍ଟି ଦିଅନ୍ତୁ । ଠିକ୍ ତଳୁ ପର୍ବତ ପାଦଭୂମିରୁ ଆରମ୍ଭହୋଇଥିବା ଏହି ନିବିଡ଼ ଜଙ୍ଗଲ କୋଶୀ ନଦୀ କୂଳ ପର୍ଯ୍ୟନ୍ତ ମାଡ଼ିଯାଇଛି । ନଦୀ ଆରପାଖ ସମାନ୍ତର ଗିରିଶ୍ରେଣୀ ମଧ୍ୟରେ ବିକ୍ଷିପ୍ତ କେତୋଟି ଗାଁ । ଏହି ଗିରିଶ୍ରେଣୀରୁ ଗୋଟିକରେ ଆଲମୋରା ଓ ଅନ୍ୟଟିରେ ରାଣୀଖେତ ସହର ଅବସ୍ଥିତ । ଉପାନ୍ତର ଅନ୍ୟ ଗିରିଶ୍ରେଣୀ ମଧ୍ୟରୁ ସର୍ବୋଚ୍ଚ ଡୁଙ୍ଗାର ବୁକାଲ ପର୍ବତ ୮,୨୦୦ ଫୁଟ ଉଚ୍ଚ ହୋଇଥିଲେ ସୁଦ୍ଧା ତୁଷାର ଆବୃତ ବିରାଟକାୟ ହିମାଳୟ ତୁଳନାରେ ତାହା କ୍ଷୁଦ୍ର ଓ ଖର୍ବିତ । ଉତ୍ତରକୁ ସଳଖରେ ଏଠାରୁ ଠିକ୍ ଷାଠିଏ ମାଇଲ ଦୂରରେ ତ୍ରିଶୂଳ ପର୍ବତ । ୨୩,୪୦୬ ଫୁଟ ଉଚ୍ଚ ଏହି ଶିଖରର ପୂର୍ବ ଓ ପଶ୍ଚିମକୁ ତୁଷାରାବୃତ ପର୍ବତଶ୍ରେଣୀ ଅବିଚ୍ଛିନ୍ନ ଭାବେ ଲମ୍ବି ଯାଇଛି ଶହ ଶହ ମାଇଲ ଦୂରକୁ । ତ୍ରିଶୂଳର ପଶ୍ଚିମକୁ ଥିବା ପର୍ବତଚୂଡ଼ାକୁ ପ୍ରଥମେ ଲକ୍ଷ୍ୟ କରନ୍ତୁ । ଏହାଙ୍କୁ ଘେରି ରହିଥିବା ତୁଷାରକ୍ଷେତ୍ର ଦୃଷ୍ଟିପଥରୁ ଯେଉଁଠାରେ ଅନ୍ତର୍ହିତ ହୋଇଛି, ସେହିଠାରୁ ଗଙ୍ଗୋତ୍ରୀ ଗିରିପୁଞ୍ଜର ଆରମ୍ଭ । ଗଙ୍ଗୋତ୍ରୀର ଉପକଣ୍ଠରେ ପବିତ୍ର କେଦାରନାଥ ଓ ବଦ୍ରିନାଥ ତୀର୍ଥ ଉପରସ୍ଥ ତୁଷାରନଦୀ ଓ ପର୍ବତମାଳା । ଏବେ ତ୍ରିଶୂଳର ପୂର୍ବକୁ ଅନାନ୍ତୁ । ଭାରତର ସର୍ବୋଚ୍ଚ ପର୍ବତ ନନ୍ଦାଦେବୀ (୨୫,୬୪୯ ଫୁଟ)ର ଶୀର୍ଷଭାଗଟି କେବଳ ଏଠାରୁ ଦେଖାଯାଉଛି । ନନ୍ଦାଦେବୀ ନିକଟସ୍ଥ ପ୍ରସିଦ୍ଧ ନନ୍ଦାକୋଟ ପର୍ବତ

Digitized by srujanika@gmail.com

ପାଣ୍ଡବଙ୍କର ଶୁଭ୍ର ଉପାଧାନ ବୋଲି ପୁରାଣରେ ବର୍ଣ୍ଣିତ । ନନ୍ଦକୋଟର ସାମାନ୍ୟ ପୂର୍ବକୁ ପଞ୍ଚଚୁଲ୍ଲୀ ପର୍ବତର ସୁନ୍ଦର ଶିଖରସମୂହ । ପାଣ୍ଡବମାନେ କୈଳାସଯାତ୍ରା କରିବାବେଳେ ଏହି ଶୃଙ୍ଗଗୁଡ଼ିକୁ ଚୁଲ୍ଲୀରୂପେ ବ୍ୟବହାର କରିଥିଲେ ବୋଲି ପ୍ରବାଦ ଅଛି । ଋଷିସନ୍ଧ୍ୟାରେ ଏହି ପର୍ବତଶ୍ରେଣୀର ବର୍ଣ୍ଣସମାରୋହ ବାସ୍ତବିକ ଅତି ଦର୍ଶନୀୟ । ଉଷାର ଆଗମନରେ ପରେ ପରେ ଏହା ପଦ୍ମନୀଳ, ଗୋଲାପୀ ଓ ରଜତ ବର୍ଣ୍ଣ ଧାରଣକରିବାବେଳେ ଚୀନା ଓ ତାହାର ମଧ୍ୟବର୍ତ୍ତୀ ପର୍ବତଗୁଡ଼ିକ ଉପରେ ରାତିର ଘନ ଅଞ୍ଚଳ ବିସ୍ତୃତହୋଇ ରହିଥାଏ । ଦିନର ପ୍ରଖର ଆଲୁଅରେ ଏଗୁଡ଼ିକ ଶୁଭ୍ର ଓ ଶୀତଳ ଦେଖାଯାଆନ୍ତି । ଦିନାନ୍ତରେ ଅସ୍ତଗାମୀ ସୂର୍ଯ୍ୟଙ୍କ ସ୍ପର୍ଶରେ ସେମାନେ ପୁଣି ଗୋଲାପୀ, ସ୍ୱର୍ଣ୍ଣ ବା ରକ୍ତ ରଙ୍ଗରେ ରଞ୍ଜିତ ହୋଇଉଠନ୍ତି ।

ତୁଷାରମୟ ଉତ୍ତରାଞ୍ଚଳରୁ ଦୃଷ୍ଟି ଫେରାଇ ଏବେ ଦକ୍ଷିଣ ଦିଗକୁ ଦେଖନ୍ତୁ । ଦୃଷ୍ଟିପଥର ଶେଷ ସୀମାରେ ବରେଲି, କାଶୀପୁର ଓ ମୋରାଦାବାଦ ସହର । ନିକଟତମ କାଶୀପୁର ଏଠାରୁ ଠିକ୍ ପଚାଶ ମାଇଲ ଦୂର ପଞ୍ଜାବ ଓ କଲିକତାକୁ ସଂଯୋଗ କରୁଥିବା ପ୍ରଧାନ ରେଲରାସ୍ତା ଉପରେ ତାହାର ଅବସ୍ଥିତି । ରେଳପଥ ଓ ତଳପାର୍ବତ୍ୟଭୂମି ମଧ୍ୟରେ ଥିବା ଚାଳିଶ ମାଇଲ ପ୍ରସ୍ଥବିଶିଷ୍ଟ ସମତଳ ଅଞ୍ଚଳ ତିନିଭାଗରେ ବିଭକ୍ତ । ପ୍ରଥମ କୋଡ଼ିଏ ମାଇଲ ଚାଷଜମି । ମଧ୍ୟବର୍ତ୍ତୀ ଦଶ ମାଇଲ ଘାସଜମିକୁ 'ତରାଇ' କୁହାଯାଏ । ତରାଇର ପ୍ରାନ୍ତରୁ ଆରମ୍ଭ ହୋଇ ପର୍ବତର ପାଦ ପର୍ଯ୍ୟନ୍ତ ଲମ୍ବିଆସିଥିବା ବୃକ୍ଷଲତାପୂର୍ଣ୍ଣ ଅଞ୍ଚଳ 'ଭାବର' ନାମରେ ଆଖ୍ୟାତ । ଭାବର କେତେକ ସ୍ଥାନରେ ଜଙ୍ଗଲ ସଫାହୋଇ ଚାଷଜମି ଆବାଦ କରାଯାଇଛି । ଉର୍ବର ଏହି ଜମିଗୁଡ଼ିକରୁ ଫସଲ କରି ଓ ସେଠାକାର ନିର୍ମଳ ଝରଣାମାନଙ୍କରୁ ପାଣି ନେଇ ଭାବରର ଜଙ୍ଗଲ ଭିତରେ ଛୋଟ ବଡ଼ କେତେ ଜନବସତି ଗଢ଼ିଉଠିଛି ।

ଏଠାରୁ ନିକଟତମ ଗ୍ରାମସମୂହର ନାମ 'କାଲାଦୁଙ୍ଗୀ' । ସଡ଼କପଥରେ ନୈନିତାଲଠାରୁ ଏହା ପନ୍ଦର ମାଇଲ ଦୂର । ପୁଞ୍ଜୀଭୂତ ଏହି ପଲ୍ଲୀ କେତୋଟିର ଉପରଭାଗରେ ଛୋଟ ଯେଉଁ ଗାଁଟି ଦେଖାଯାଉଛି, ସେଇଟି ମୋର ଗାଁ—'ଛୋଟି ହଲଦ୍ୱାନୀ' । ଗାଁକୁ ଘେରି ରହିଛି ତିନି ମାଇଲ ଲମ୍ବ ଏକ ପଥର ପାଚେରି । ତଳପାର୍ବତ୍ୟଭୂମିର ପ୍ରାନ୍ତଦେଇ ଘୂରି ଆସିଥିବା ରାସ୍ତାଟି ନୈନିତାଲ ସଡ଼କ ସହିତ ଯେଉଁଠାରେ ମିଶିଛି, ସେହି ଛକ ଉପରେ ମୋର ଘର । ବଡ଼ ବଡ଼ ଗଛ ଉହାଡ଼ରୁ ଏଠାରୁ ଘରର ଛାତଟି କେବଳ ଦେଖାଯାଉଛି ।

ଏହି ଅଞ୍ଚଳର ପାଦପର୍ବତଗୁଡ଼ିକ ପ୍ରାୟ ସମ୍ପୂର୍ଣ୍ଣ ଭାବେ ଲୁହା ପଥରରେ ଗଢ଼ା । ସମଗ୍ର ଉତ୍ତର ଭାରତରେ ଲୁହା ତିଆରି ପ୍ରଥମେ କାଲାଦୁଙ୍ଗୀରେ ହିଁ ଆରମ୍ଭ ହୋଇଥିଲା ଓ ସେଥିପାଇଁ 'ଭାବର' ଜଙ୍ଗଲରୁ ଜାଳେଣିକାଠ ଯୋଗାଇ ଦିଆଯାଉଥିଲା । କୁମାୟୁଁ ଅଞ୍ଚଳର ତତ୍କାଳୀନ ଶାସନକର୍ତ୍ତା ଜେନେରାଲ ସାର୍ ହେନ୍‌ରି ରାମ୍‌ସେ ଆଶଙ୍କା କଲେ ଯେ କାରଖାନାକୁ ଜାଳ ଯୋଗାଇ ଭାବରର ଜଙ୍ଗଲ ଧ୍ୱଂସ ପାଇଯିବ । ପ୍ରଭାବ ଓ ମର୍ଯ୍ୟାଦା ଦୃଷ୍ଟିରୁ ରାମ୍‌ସେଙ୍କୁ 'କୁମାୟୁଁର ରାଜା' ବୋଲି ଆଖ୍ୟା ଦିଆଯାଉଥିଲା । ଶେଷରେ ସେ ନିଜେ ହସ୍ତକ୍ଷେପ କରି ଲୁହା କାରଖାନା ସବୁ ବନ୍ଦ କରିଦେଇଥିଲେ । ଚୀନା ପର୍ବତ ଓ କାଲାଦୁଙ୍ଗୀ ଗ୍ରାମଗୁଚ୍ଛ ମଧ୍ୟରେ ଥିବା ଛୋଟ ପାହାଡ଼ଗୁଡ଼ିକ ନିବିଡ଼ ଶାଳବଣରେ ଆବୃତ ।

Digitized by srujanika@gmail.com

ଏଠାରୁ ଆମଦାନି ହେଉଥିବା ଶାଳକାଠର ତକ୍ତା ଭାରତର ବିଭିନ୍ନ ରେଳବାଇକୁ ଯୋଗାଇ ଦିଆଯାଏ । ଅଦୂରରେ ପାହାଡ଼ ପଛରେ ଥିବା କ୍ଷୁଦ୍ର ହ୍ରଦଟିର ନାମ ଖୁର୍ପାତାଲ । ଏହି ହ୍ରଦକୁ ଘେରିଥିବା କ୍ଷେତମାନଙ୍କରୁ ଭାରତର ସର୍ବୋତ୍କୃଷ୍ଟ ନୈନିତାଲ ଆଳୁ ଉତ୍ପନ୍ନ ହୁଏ । ଆପଣଙ୍କ ଡାହାଣକୁ ବହୁ ଦୂରରେ ସୂର୍ଯ୍ୟକିରଣ ପଡ଼ି ଗଙ୍ଗାନଦୀ ଝଲମଲ କରୁଛି । ବାଁ ପାଖରେ ସୁଦୂର ଶାରଦା ନଦୀର ଧାର ଉପରେ ସୂର୍ଯ୍ୟାଲୋକର ଆଭାସ । ସେଠାରେ ପରସ୍ପରଠାରୁ ଦୁଇ ଶହ ମାଇଲ ବ୍ୟବଧାନରେ ନଦୀ ଦୁଇଟି ପାଦପର୍ବତରୁ ଅବତରଣ କରି ସମତଳଗାମିନୀ ହୁଅନ୍ତି ।

ଏବେ ପୂର୍ବ ଦିଗକୁ ଚାହିଁ ଦେଖନ୍ତୁ । ସମୀପସ୍ଥ ଓ ମଧ୍ୟବର୍ତ୍ତୀ ଅଞ୍ଚଳକୁ ପୁରୁଣା ଗେଜେଟିଅରମାନଙ୍କର 'ଷାଠିଏ ହ୍ରଦର ଅଞ୍ଚଳ' ବୋଲି ବର୍ଣ୍ଣନା କରାଯାଉଥିଲା । ଏଥିରୁ ଅନେକ ହ୍ରଦ ପୋତି ହୋଇଗଲେଣି । ମୋର ଜୀବନକାଳ ଭିତରେ ସେଥିରୁ କେତୋଟି ପୋତି ହୋଇଯାଇଛନ୍ତି । ବଡ଼ ବଡ଼ ଯେଉଁ ହ୍ରଦ କେତୋଟି ଏବେସୁଦ୍ଧା ଅଛନ୍ତି, ତନ୍ମଧ୍ୟରୁ ନୈନିତାଲ୍, ସାତ୍‌ତାଲ୍, ଭୀମତାଲ୍ ଓ ନାକୁଚିଆତାଲ୍ ଅନ୍ୟତମ । ନାକୁଚିଆତାଲ୍ ଆରପାରିରେ ତ୍ରିକୋଣାକାର ଓ ସୂକ୍ଷ୍ମାଗ୍ର 'ଗ୍ରେଟ୍ କୈଳାସ' ପର୍ବତ । ପବିତ୍ର ଏହି ପର୍ବତରେ ବାସକରୁଥିବା ଜୀବଜନ୍ତୁଗୁଡ଼ିକ ଅବଧ୍ୟ; ସେମାନଙ୍କୁ ମାରିଲେ ଦେବତାମାନେ ରୁଷ୍ଟହୁଅନ୍ତି । ଗତ ମହାଯୁଦ୍ଧରୁ ଛୁଟିରେ ଫେରିଥିବା ଜଣେ ସୈନିକ ବାରଣ ନ ମାନି ଏହି ପର୍ବତରେ ପାହାଡ଼ିଆ ଛେଳିଟିଏ ମାରିଦେଲା । ପରେ ପରେ ବିନା କାରଣରେ ତାର ଗୋଡ଼ ଖସିଗଲା ଓ ଦୁଇ ଜଣ ସହଚରଙ୍କ ଆଖି ଆଗରେ ହଜାରେ ଫୁଟ ତଳକୁ ପଡ଼ି ସେ ପ୍ରାଣ ହରାଇଲା । ଗ୍ରେଟ୍ କୈଳାସ ଆରପାଖରେ କାଲା ଆଗର ଗିରିମାଳା । ସେଠାରେ ଦୀର୍ଘ ଦୁଇବର୍ଷ କାଳ ଚୌଗଡ଼ର ନରଖାଦକକୁ ମୁଁ ଖୋଜି ବୁଲିଥିଲି* । କାଲା ଆଗର ଅପର ପ୍ରାନ୍ତରୁ ଆରମ୍ଭ ହୋଇ ଦୃଷ୍ଟିପଥରୁ କ୍ରମେ ଅପସରି ଯାଇଥିବା ଶୈଳଶ୍ରେଣୀମାନ ନେପାଳରେ ଅବସ୍ଥିତ ।

ଏଥର ପଶ୍ଚିମକୁ ଦୃଷ୍ଟି ଫେରାନ୍ତୁ । ଏଠା ପୂର୍ବରୁ କିନ୍ତୁ ଚୀନା ପର୍ବତରୁ କେତେ ଶହ ଫୁଟ ତଳ ଦେଓପଟ୍ଟା ପାହାଡ଼କୁ ଆମକୁ ଓହ୍ଲାଇବାକୁ ପଡ଼ିବ । ପ୍ରାୟ ଆଠହଜାର ଫୁଟ ଉଚ୍ଚ ଏହି ପଥୁରିଆ ପାହାଡ଼ଟି ଚୀନା ପର୍ବତକୁ ଲାଗି ରହିଛି । ଏହାର ପାଦଭୂମିରେ ଘଞ୍ଚ ଜଙ୍ଗଲ ପୂର୍ଣ୍ଣ ଏକ ପ୍ରଶସ୍ତ ଉପତ୍ୟକା । ଚୀନା ଓ ଦେଓପଟ୍ଟା ମଧ୍ୟସ୍ଥିତ ଗିରିସଙ୍କଟରୁ ଆରମ୍ଭ ହୋଇ ଏହି ମନୋରମ ବନଭୂମି ତାରୌଖା ମଧ୍ୟଦେଇ କାଲାଦୁଙ୍ଗୀ ପର୍ଯ୍ୟନ୍ତ ବିସ୍ତାର କରି ରହିଛି । ହିମାଳୟ ଅଞ୍ଚଳର ଅନ୍ୟ ଜଙ୍ଗଲମାନଙ୍କ ତୁଳନାରେ ଏଠାରେ ଉଦ୍ଭିଦ ଓ ଜନ୍ତୁସମ୍ପଦର ପ୍ରାଚୁର୍ଯ୍ୟ ଦେଖାଯାଏ । ସୁନ୍ଦର ଏହି ଉପତ୍ୟକାର ଶେଷ ସୀମାରୁ ପର୍ବତଶ୍ରେଣୀ ନିରବଚ୍ଛିନ୍ନ ଭାବେ ଗଙ୍ଗାନଦୀ କୂଳକୁ ଲମ୍ବି ଯାଇଛି । ଗଙ୍ଗାର ଜଳଧାରାରେ ସୂର୍ଯ୍ୟକିରଣର ଝଲକ ପୂର୍ବରୁ ଆପଣ ଲକ୍ଷ୍ୟ କରିଥିଲେ । ଗଙ୍ଗା ଆରପାଖରେ ଶିବାଲିକ୍ ଗିରିମାଳା । ଅଦ୍ଭୁତ ସୁନ୍ଦର ଏହି ପ୍ରାଚୀନ ଗିରିମାଳା ଉତ୍ତୁଙ୍ଗ ହିମାଳୟଠାରୁ ଅଧିକର ବୟସ୍କ, ଅଧିକର ପୁରାତନ । □□□

---

* କୁମାୟୁଁର ନରଖାଦକ ବହିଟି ଦ୍ରଷ୍ଟବ୍ୟ—ଅନୁବାଦକ

Digitized by srujanika@gmail.com

ଗାଁ ସାଆନ୍ତାଣୀ

ଟୀନା ପର୍ବତ ଉପରୁ ଯେଉଁ ଗାଁଗୁଡ଼ିକ ଦେଖିଲେ, ଗୃହଳନ୍ତୁ ସେଥିରୁ ଗୋଟିକରେ ଥରେ ବୁଲି ଆସିବା । ଗାଁମୁଣ୍ଡ ପାହାଡ଼ କଡ଼ରେ ଦୂରରୁ ଯାହା ଗାର ପରି ଦିଶୁଥିଲା, ତାହା ପ୍ରକୃତରେ ଚାଷଜମି । ପାହାଡ଼ କଡ଼କୁ ସାହାଚପରି କାଟି ଏହି କ୍ଷେତଗୁଡ଼ିକ ପ୍ରସ୍ତୁତ କରାଯାଇଛି । ଏଥିରୁ କେତୋଟି କ୍ଷେତ ମାତ୍ର ଦଶଫୁଟ ଓସାର ହୋଇଥିଲେ ହେଁ ତାକୁ ବାନ୍ଧି ରଖିବାପାଇଁ ସ୍ଥାନେ ସ୍ଥାନେ ତିରିଶଫୁଟ ଉଚ୍ଚ ପଥରବନ୍ଧ ଦରକାର । ପ୍ରତି କ୍ଷେତର ଗୋଟିଏ ପାଖରୁ ପାହାଡ଼ ଠିକ ସିଧାରେ ଉପରକୁ ଉଠିଛି ଆଉ ଆର ପାଖରୁ ଗଡ଼ିଯାଇଛି ଅନେକ ତଳକୁ । ଅଳ୍ପ ଓସାର ଏହି କ୍ଷେତଗୁଡ଼ିକରେ ହଳ ବୁଲାଇବା ଯେତିକି ଦୁଷ୍କର, ସେତିକି ବିପଜ୍ଜନକ । ଏସବୁ କ୍ଷେତରେ ବ୍ୟବହୃତ ହେଉଥିବା ଲଙ୍ଗଳଗୁଡ଼ିକର ଈଷ ଅପେକ୍ଷାକୃତ ଖାଟ । ସାନ ଲଙ୍ଗଳରେ ପାହାଡ଼ିଆ ଗୋରୁଙ୍କୁ ଯୋଚି ଏଠାରେ ହଳ ବୁଲାଇବା ସମ୍ଭବ ହୁଏ । ଗୋରୁଗୁଡ଼ିକ ଆକାରରେ ଖାଟ କିନ୍ତୁ ମଜବୁତ୍ । ଜନ୍ମରୁ ପାହାଡ଼ ପର୍ବତରେ ଚଳପ୍ରଚଳ ହୋଇଥିବାରୁ ସଙ୍କୀର୍ଣ୍ଣ ସ୍ଥାନରେ ନିରାପଦରେ ଖୋଜ ପକାଇବା ପ୍ରତି ସେମାନେ ଅଭ୍ୟସ୍ତ ।

ଦୃଢ଼ସଙ୍କଳ୍ପ ସହ ଅସୀମ ଶ୍ରମ ସ୍ୱୀକାରକରି ଏଠାକାର ଗ୍ରାମବାସୀମାନେ ଏସବୁ କ୍ଷେତବାଡ଼ି ଆବାଦ କରିଥାନ୍ତି । ଗାଁ ଭିତରେ ସେମାନଙ୍କର ଗୋଟିଏ ସାହାଳି ଘର । ଘରର ଛାତ ସବୁ ପଟାପଥରରେ ତିଆରି । ବସ୍ତି ଭିତରଦେଇ ଯାଇଥିବା ସଙ୍କୀର୍ଣ୍ଣ ଢାଲୁ ରାସ୍ତାଟି ଖାଲବଢ଼ିଆ ଜଙ୍ଗଲ ଓ ସମତଳ ଭୂମି ପାରହୋଇ ହିମାଳୟର ପାର୍ବତ୍ୟ ଅଞ୍ଚଳ ଭିତରେ ନିଜକୁ ହଜାଇ ଦେଇଛି । ଏଇ ଗାଁର ବାସିନ୍ଦାମାନେ ମୋତେ ଚହ୍ନନ୍ତି । ଥରେ ସେମାନେ ନିଜ ଭିତରେ ଚେନ୍ଦାକରି ମୋ ପାଖକୁ ଜରୁରି ତାରବାର୍ତ୍ତାଟିଏ ପଠାଇଥିଲେ । ଧାଉଡ଼ିଆ-ଦ୍ୱାରା ନୈନିତାଲ୍‌ରେ ଖବର ପହଞ୍ଚାଇବାପରେ ତାରଯୋଗେ ମୋ ନିକଟକୁ ତାହା ପଠାଗଲା । ସେତେବେଳେ ମୁଁ ମୋକାମାଘାଟରେ ଚାକିରି କରୁଥିଲି । ଜରୁରି ଡାକରା ପାଇ ମଣିଷଖିଆ ବାଘ ଦାଉରୁ ଏହି ଗ୍ରାମବାସୀଙ୍କୁ ରକ୍ଷାକରିବାପାଇଁ ମୁଁ ଯଥା ଶୀଘ୍ର ସମ୍ଭବ ଏଠାରେ ଆସି ପହଞ୍ଚିଲି ।

ଦିନେ ଖରାବେଳେ ଗାଁରେ ବିଶେଷ ଗୋଟିଏ ଦୁର୍ଘଟଣା ଘଟିଯିବାପରେ ତାରଦ୍ୱାରା ମୋତେ ଡକାଇବା ଜରୁରି ହୋଇଉଠିଲା । ବସ୍ତି ଉପର ଏହି କିଆରୀଟିରେ ସ୍ତ୍ରୀଲୋକ ଜଣେ । ତାର ବାରବର୍ଷର ଝିଅ ସହିତ ଗହମ କାଟୁଥିଲାବେଳେ ବାଘଟାଏ ହଠାତ୍ ସେଠାରେ ଦେଖାଦେଲା । ଝିଅଟି ପ୍ରାଣବିକଳରେ ମା' ପାଖକୁ ଧାଇଁ ଆସୁ ଆସୁ ବାଘର ଗୋଟିଏ

Digitized by srujanika@gmail.com

ଗ୍ରୁପୁଡ଼ାରେ ତା ମୁଣ୍ଡ ଦେହରୁ ଛୁଡ଼ି ଅଲଗା ହୋଇଗଲା । ଦେହଟା ଛୁଟିକଯାଇ ତଳେ ନ ପଡ଼ୁଣୁ ବାଘ ତାକୁ ଝାମ୍ପି ନେଇ ଝେତକଡ଼ ଜଙ୍ଗଲରେ ପଶିଗଲା । ମୁଣ୍ଡଟି ମା'ର ଗୋଡ଼ ପାଖରେ ପଡ଼ିଥାଏ ।

ତାରବାର୍ତ୍ତା ଜରୁରି ହେଲେ ମଧ୍ୟ ପହଞ୍ଚିବାକୁ ଅନେକ ସମୟ ଲାଗେ । ତା'ପରେ ରାସ୍ତା ଓ ରେଲ୍‌ଯୋଗେ ପ୍ରାୟ ହଜାରେ ମାଇଲ୍ ଯାତ୍ରାକରି ଓ ଶେଷ କୋଡ଼ିଏ ମାଇଲ୍ ପାଦରେ ଚାଲି ମୁଁ ଏଠାରେ ଆସି ପହଞ୍ଚିବାବେଳକୁ ତାରବାର୍ତ୍ତା ପଠାଯିବା ଓ ମୋର ପହଞ୍ଚିବା ଭିତରେ ସପ୍ତାହେ ବିତିଗଲା । ସେହି ଅବକାଶରେ ବାଘ ଆଉ ଜଣେ ସ୍ତ୍ରୀଲୋକକୁ ମାରିଦେଲା । ସେ ସ୍ତ୍ରୀଲୋକକୁ ମୁଁ ପୂର୍ବରୁ ଚହ୍ନିଥିଲି । ନୈନିତାଲ୍‌ରେ ଆମ ପଡ଼ୋଶୀଙ୍କ ହତା ଭିତରେ ସେ ସ୍ୱାମୀ ଓ ପିଲାମାନଙ୍କ ସହିତ ଅନେକ ବର୍ଷଯାଏ ରହିଥିଲା । ସେଦିନ ଦଳେ ସ୍ତ୍ରୀଲୋକଙ୍କ ସହିତ ଗାଁ ପାଖ ପାହାଡ଼ରୁ ଘାସ କାଟୁଥିବାବେଳେ ବାଘ ଆକ୍ରମଣ କରି ସମସ୍ତଙ୍କ ଆଖି ଆଗରେ ତାକୁ ଟେକିନେଇଗଲା । କାନ୍ଦବୋବାଳି ଶୁଣି ପୁରୁଷମାନେ ଦଳ ବାନ୍ଧି ଅତି ସାହସର ସହିତ ବାଘକୁ ଘଉଡ଼ାଇ ଦେଲେ । ସ୍ତ୍ରୀଲୋକ କେତେଜଣ ଏହି ଦୁଃସମ୍ବାଦ ନେଇ ନୈନିତାଲ୍ ଧାଇଁଲେ । ସେତେବେଳକୁ ମୋ ପାଖକୁ ତାରବାର୍ତ୍ତା ପଠାସରିଥାଏ । ଅନ୍ୟ ଉପରେ ଗଭୀର ବିଶ୍ୱାସ ରଖିବା ଗଢ଼ୱାଲୀୟ ମନୋଭାବର ଏକ ବିଶେଷତ୍ୱ । ଖବର ପାଇବା ମାତ୍ରେ ମୁଁ ନିଶ୍ଚୟ ଆସିବି—ଏଥିରେ ନିର୍ଭର ବିଶ୍ୱାସ ରଖି ଲୋକେ ଶବକୁ ଖଣ୍ଡେ ଚଦରରେ ଗୁଡ଼ାଇ ତିରିଶ ଫୁଟ ଉଚ୍ଚ ଗୋଟିଏ ରୋଡ଼ୋଡ଼େନ୍‌ଡ୍ରନ୍ ଗଛ ଅଗରେ ଝୁଲାଇଦେଲେ । ସେତେବେଳେ ବାଘ ସେଠାରୁ ଅଳ୍ପ ଦୂରରେ ଶୋଇରହି ସେମାନଙ୍କ କାର୍ଯ୍ୟକଳାପ ସବୁ ଲକ୍ଷ୍ୟକରୁଥିଲା ବୋଲି ପରେ ଜଣାପଡ଼ିଲା । ବାଘର ଘ୍ରାଣଶକ୍ତି ଏତେ ଦୁର୍ବଳ ଯେ ଶବ ଗଛଉପରେ ବନ୍ଧାହେବା ଦେଖି ନ ଥିଲେ ସେ କଦାପି ତାକୁ ଖୋଜି ପାଇନଥାନ୍ତା ।

ନୈନିତାଲରେ ଖବର ପହଞ୍ଚିବା ମାତ୍ରେ ମୃତା ସ୍ତ୍ରୀଲୋକର ସ୍ୱାମୀ ମୋ ଭଉଣୀ ମ୍ୟାଗିକୁ ଏହି ଦୁଃସମ୍ବାଦ ଦେଲା । ପରଦିନ ମୋର ପହଞ୍ଚିବାର ଥାଏ । ମ୍ୟାଗି କାଳବିଳମ୍ବ ନ କରି ପାହାନ୍ତାରୁ ଆମ ଲୋକ କେତେଜଣଙ୍କୁ ଘଟଣାସ୍ଥଳକୁ ପଠାଇଲା । ଶବ ନିକଟରେ ଗଛରେ ମଞ୍ଚା ବାନ୍ଧି ମୋତେ ଅପେକ୍ଷା କରିବାକୁ ସେମାନଙ୍କୁ କୁହାଯାଇଥାଏ । ଲୋକେ ଗାଁରୁ ମଞ୍ଚା ବାନ୍ଧିବାର ସାମଗ୍ରୀମାନ ଯୋଗାଡ଼କରି ରୋଡ଼ୋଡେନ୍‌ଡ୍ରନ୍ ଗଛ ପାଖରେ ପହଞ୍ଚି ଦେଖିଲେ ଯେ ବାଘ ସେଥିମଧ୍ୟରେ ଗଛ ଚଢ଼ି ଚଦର ଚିରି ଶବକୁ ନେଇ ପଳାଇଛି । ହାତରେ ଅସ୍ତ୍ରଶସ୍ତ୍ର କିଛି ନ ଥିବା ସତ୍ତ୍ୱେ ସେମାନେ ସାହସ ବାନ୍ଧି ଘୋଷରାଦାଗ ଅନୁସରଣ କରି ଅଧ ମାଇଲ ଦୂରରେ ଦରଖିଆ ଶବକୁ ପାଇଲେ । ନିକଟର ଗୋଟିଏ ଓକ୍ ଗଛରେ ମଞ୍ଚା ବନ୍ଧାହେଲା । ମଞ୍ଚା ବନ୍ଧା ସରିବାବେଳକୁ ନୈନିତାଲର ସୌଖୀନ ଶିକାରୀ ଜଣେ ଦୈବାତ୍ ସେଠାରେ ପହଞ୍ଚିଗଲେ । ନିଜକୁ ମୋର ବନ୍ଧୁ ବୋଲି ପରିଚୟ ଦେଇ ମଞ୍ଚାଉପରେ ନିଜେ ବସିବେ ବୋଲି କହି ମୋ ଲୋକଙ୍କୁ ସେଠାରୁ ଚାଲିଯିବାକୁ ସେ ବାଧ୍ୟକଲେ ।

Digitized by srujanika@gmail.com

ସେତେବେଳକୁ ମୁଁ ନୈନିତାଲରେ ପହଞ୍ଚିଗଲିଣି । ଲୋକେ ମୋତେ ଖବର ଦେବାକୁ ଫେରିଲେ । ତେଣେ ଶିକାରୀ ତାଙ୍କ ବନ୍ଧୁକରୁହାଲ ଏବଂ ଖାଦ୍ୟପୁଡ଼ା ଓ ଲଣ୍ଠଣ ବୋହୁଥିବା ଭାରୁଆ ସହିତ ଗଛ ଚଢ଼ି ମଞ୍ଚାରେ ବସିଲେ । କୃଷ୍ଣପକ୍ଷ ରାତି; କଟିକଟି ଅନ୍ଧାର । ଘଣ୍ଟାଏ ବସିବା ପରେ ବନ୍ଧୁକରୁହାଲ ଶିକାରୀଙ୍କୁ ପଚାରିଲା ଯେ ବାଘ ଆସି ଶବକୁ ନେବାବେଳେ ସେ ଗୁଳି କଲେ ନାହିଁ କାହିଁକି ? ବାଘ ସେଥିମଧ୍ୟରେ ଶବ ପାଖକୁ ଆସିଥିବ ବୋଲି ଶିକାରୀଙ୍କର ବିଶ୍ୱାସ ହେଲା ନାହିଁ । ଭଲକରି ଦେଖିବାପାଇଁ ଲଣ୍ଠଣ ଲଗାଇ ରସିରେ ବାନ୍ଧି ତଳକୁ ଖସାଇବାବେଳେ ଅକସ୍ମାତ୍ ସେଇଟି ହାତରୁ ଖସି ତଳେ ପଡ଼ିଗଲା । ଖରାଦିନ । ଗଛମୂଳେ ଗଦା ହୋଇଥିବା ଶୁଖିଲା ପାସପତ୍ର ମୁହୂର୍ତ୍ତିକେ ନିଆଁ ଧରି ହୁତୁହୁତୁ ଜଳିବାକୁ ଲାଗିଲା । ଶିକାରୀ ଖୁବ୍ ସାହସ ସହ ଗଛରୁ ଓହ୍ଲାଇ ନିଜ କୋଟ୍‌ରେ ବାଡ଼େଇ ନିଆଁ ଲିଭାଇବାକୁ ଚେଷ୍ଟାକଲେ । ନିଆଁ ଲିଭିବା ଦୂରେଥାଉ, କୋଟ୍‌ରେ ନିଆଁ ଲାଗି ସେଟା ମଧ୍ୟ ଜଳିବାକୁ ଲାଗିଲା । ଏତିକବେଳେ ଶିକାରୀଙ୍କର ହେଜ ହେଲା ଯେ ମଣିଷଖିଆ ବାଘ ନିକଟରେ କେଉଁଠି ଲୁଚି ଥାଇପାରେ । କୋଟ୍‌ଟି ନିଆଁକୁ ପିଙ୍ଗିଦେଇ ସେ ପ୍ରାଣବିକଳରେ ପୁଣି ମଞ୍ଚାରେ ଚଢ଼ିଗଲେ ।

ନିଆଁ ଆଲୁଅରେ ଦେଖାଗଲା ଯେ ଶବ ଆଉ ସେଠାରେ ନାହିଁ । ସେତେବେଳକୁ କିନ୍ତୁ ଶବ ଓ ବାଘ ପାଖରୁ ଶିକାରୀଙ୍କ ମନ ପୂରା ଘୁରିଗଲାଣି । ନିରାପଦରେ କେମିତି ଫେରିବେ ଓ ସରକାରୀ ଜଙ୍ଗଲରେ ନିଆଁ ଲଗାଇବାର ପରିଣାମ କ'ଣ ହେବ—ଏହି ଦୁଇଟି ଚିନ୍ତା ତାଙ୍କୁ ଘାରିଥାଏ । ପବନ ତୋଡ଼ରେ ନିଆଁ ଗଛ ପାଖରୁ କିଛି ଦୂର ହଟିଗଲା ଓ ଆଠ ଘଣ୍ଟା ପରେ କୁଆପଥର ସହ ଅସରାଏ ବର୍ଷା ହେବା ଫଳରେ ନିଆଁ ଲିଭିଗଲା । ସେତେବେଳକୁ କିନ୍ତୁ ବହୁ ବର୍ଗମାଇଲ ଅଞ୍ଚଳରେ ଜଙ୍ଗଲ ପୋଡ଼ି ପଦା ହୋଇଗଲା । ମଣିଷଖିଆ ବାଘ ସହିତ ଏହାହିଁ ଥିଲା ଶିକାରୀଙ୍କ ପ୍ରଥମ ପରିଚୟ । ପ୍ରଥମ ପ୍ରୟାସରେ ନିଆଁରେ ସିଝିବା ଓ ପାଣିରେ ଭିଜିବାର ଯେଉଁ ତିକ୍ତ ଅନୁଭୂତି ହୋଇଗଲା, ତାପରେ ସେଭଳି ଦୁଃସାହସ ସେ ଆଉ କେବେ କରିନାହାନ୍ତି । ପରଦିନ ସକାଳୁ ସେ କ୍ଳାନ୍ତହୋଇ ନୈନିତାଲ ଫେରୁଥିଲାବେଳେ ମୁଁ ଅଉ ଗୋଟିଏ ବାଟରେ ଘଟଣାସ୍ଥଳକୁ ଯାଉଥିଲି । ଅବଶ୍ୟ ସେତେବେଳଯାଏଁ ପୂର୍ବରାତିର ଘଟଣାଗୁଡ଼ିକ ମୋତେ ଜଣାନଥିଲା ।

ମୋର ଅନୁରୋଧକ୍ରମେ ଗ୍ରାମବାସୀମାନେ ରୋଡ଼ୋଡ଼େନ୍‌ଡ୍ରନ୍ ଗଛପାଖକୁ ମୋତେ ନେଇଗଲେ । ଶବକୁ ପୁଣି ଦଖଲକରିବା ପାଇଁ ବାଘ ଦୃଢ଼ସଙ୍କଳ୍ପ ସହିତ ଯେପରି କଠିନ ଚେଷ୍ଟା କରିଥିଲା, ତାହା ଦେଖି ମୁଁ ଆଚମ୍ବିତ ହୋଇଗଲି । ଭୂଇଁରୁ ପ୍ରାୟ ପଚିଶ ଫୁଟ ଉପରେ ଚିରା ଚଦରଟି ଗଛଅଗରେ ଝୁଲୁଥାଏ । ଗଛଗଣ୍ଡିରେ ବାଘର ନଖଚିହ୍ନ ଓ ଗଛ ମୂଳ ନରମ ମାଟିରେ ପାହୁଲା ଦାଗ । ଆଖପାଖର ଲଟାବୁଦାସବୁ ଦଳାମକଚା ହୋଇ ଏକାକାର । ଗଛରୁ ଅନ୍ତତଃ କୋଡ଼ିଏ ଥର ଖସିପଡ଼ିବା ପରେ ଯାଇ ବାଘ ଚଦର ଚିରି ଶବକୁ ଖସାଇ ସେଠାରୁ ସେ ଅଧମାଇଲ ଦୂର ଓକ୍‌ଗଛ ମୂଳଯାଏ ଶବକୁ ଘୋଷାରି ନେଇଥିଲା । ସେହି ଗଛ ଉପରେ ମଞ୍ଚା ବନ୍ଧାହୋଇଥିଲା । ବଣ ପୋଡ଼ିଯୋଗୁଁ ଅଗକୁ

Digitized by srujanika@gmail.com

ଯୋଡ଼ିଏ ଦାଗ ଆଉ ବାରିହେଲାନାହିଁ । ତେବେ ବାଘ ଯେଉଁଆଡ଼େ ଯିବାର ବେଶି ସମ୍ଭାବନା, ଅନୁମାନ କରି ସେହି ଆଡ଼କୁ ଚାଲିଲି । ପ୍ରାୟ ମାଇଲଏ ପରେ ମୃତା ସ୍ତ୍ରୀଲୋକର ଦରପୋଡ଼ା ମୁଣ୍ଡଟି ଅକସ୍ମାତ୍ ମିଳିଗଲା । ଶହେ ଗଜ ଆଗକୁ ଗହଳି ଜଙ୍ଗଲ ଚକଡ଼ାଏ ନିଆଁରୁ ବର୍ତ୍ତିଯାଇଥିଲା । ତାହାକୁ ତନ୍ନତନ୍ନ କରି ଖୋଜିଲି ଓ ସେଠାରୁ ଆରମ୍ଭକରି ପାଞ୍ଚ ମାଇଲ ପର୍ଯ୍ୟନ୍ତ ଜଙ୍ଗଲକୁ ଟିକିନିଖି ଖୋଜି ଉପତ୍ୟକା ଶେଷମୁଣ୍ଡରେ ପହଞ୍ଚିଲି । ଘଣ୍ଟା ଘଣ୍ଟା ଧରି ଜଙ୍ଗଲର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଖୋଜି କରି ବୁଢ଼ା ବାଘର ଚିହ୍ନବର୍ଣ୍ଣ ଦେଖିଲି ନାହିଁ । ମଞ୍ଚା ପାଖରେ ସୌଖୀନ ଶିକାରୀଙ୍କ ଆବିର୍ଭାବଠାରୁ ବାଘ ମରିବାଯାଏଁ ଅକାରଣ ଯେତିକି ସମୟ ବିତିଗଲା, ତା ଭିତରେ ଆହୁରି ପାଞ୍ଚଜଣ ହତଭାଗ୍ୟ ବାଘମୁହଁରେ ପଡ଼ି ପ୍ରାଣ ହରାଇଲେ ।

ଦିନସାରା ଜଙ୍ଗଲରେ ବୁଲି ବୁଲି ନିରାଶ ହୋଇ ସେଦିନ ସନ୍ଧ୍ୟାପରେ ଏହି ଗାଁକୁ ଫେରିଥିଲି । ମୁଖିଆଙ୍କ ସ୍ତ୍ରୀ ମୋ ପାଇଁ ରୋଷାଇ କଲେ । ଝିଅମାନେ ଠାଆକରି ପିତ୍ତଳ ବାସନରେ ଖାଇବାକୁ ପରଷି ଦେଲେ । ଆଦରରେ ସେମାନେ ସବୁ ବେଶି ବେଶି ବାଢ଼ିଥାଆନ୍ତି । ସାରା ଦିନର ଶ୍ରମ ଓପାସ ପରେ ମୁଁ ଆନନ୍ଦରେ ସବୁତକ ଖାଇଦେଲି । ଘରପାଖ ଝରଣାରେ ଧୋଇଆଣିବାପାଇଁ ବାସନ ଗୋଟାଇବା ମାତ୍ରେ ମୁଖିଆଙ୍କ ଝିଅ ତିନିଜଣ ଧାଇଁଆସି ମୋ ହାତରୁ ତାହାକୁ ଛଡ଼ାଇନେଲେ । ବ୍ରାହ୍ମଣ କନ୍ୟା ସେମାନେ । ସେଦିନ ମୋ ଅଇଁଠା ବାସନ ଧରି ସେମାନେ କିନ୍ତୁ ହସି ହସି କହିଥିଲେ ଯେ, 'ଗୋରା ସାହୁ'ଙ୍କ ବାସନ ଧୋଇଦେଲେ ତାଙ୍କ ଜାତି ଚାଲିଯିବନାହିଁ ।

ମୁଖିଆ ଆଉ ନାହାନ୍ତି । ଝିଅ ତିନିହେଁ ବାହାହୋଇ ଗାଁରୁ ବିଦାହେଲେଣି । ମୁଖିଆଙ୍କ ସ୍ତ୍ରୀ କିନ୍ତୁ ଏବେ ବୁଢ଼ୀ ଏଠାରେ । ଚୀନା ପର୍ବତରେ ବୁଲି ବୁଲି ଆମେ କ୍ଲାନ୍ତ ହୋଇ ତାଙ୍କ ଗାଁରେ ପହଞ୍ଚିଛୁ । ଭଦ୍ରମହିଳା ଆମ ପାଇଁ ଯେଉଁ ଚାହା କରିବେ, ତାହା ପାଣିରେ ନ ହୋଇ ନିରୁତା ଦୁଧରେ ତାଲଗୁଡ଼ ପଡ଼ି ତିଆରି ହେବ । ପାହାଡ଼ରୁ ଗଡ଼ିବାବେଳୁଁ ସେ ଆମକୁ ଦେଖିଛନ୍ତି । ଘର ଆଗରେ ପୁରୁଣା ଗାଲିଚା ଖଣ୍ଡେ ବିଛାହୋଇ ସେଥିରେ ଘୁରଡ଼ * ଚମଡ଼ାପକା ବେତ ଚୌକି ଯୋଡ଼ିଏ ପଡ଼ିଗଲାଣି । ସ୍ୱାଗତ ଜଣାଇବା ପାଇଁ ଚୌକି ପାଖରେ ଭଦ୍ରମହିଳା ନିଜେ ଛିଡ଼ାହୋଇଛନ୍ତି । ଦର୍ଶନଯୋଗ୍ୟା ଏହି ମହିଳାଙ୍କୁ ଭଲଭାବେ ଲକ୍ଷ୍ୟକରି ଦେଖନ୍ତୁ । ଏଠାରେ ପରଦା ପ୍ରଥା ନାହିଁ; ଆପଣଙ୍କ ଦୃଷ୍ଟି ତାଙ୍କୁ ଅପ୍ରତିଭ କରିବନାହିଁ । ବାଳସବୁ ଧଳା ହୋଇଗଲାଣି । ବୟସ ସ୍ତୂପରେ ମୁହଁ ଶେତା; କିନ୍ତୁ ସେଥିରେ ଗାରଟିଏ ବା ଦାଗଟିଏ ପଡ଼ିନାହିଁ । ତାଙ୍କୁ ପ୍ରଥମେ ଯେବେ ଦେଖିଥିଲି, ଏହି ବାଳ ଥିଲା କଜ୍ଜ୍ୱଳପରି କଳା ଓ ଗଣ୍ଡଦେଶରେ ଗୋଲାପୀ ରଙ୍ଗ ଫୁଟିଉଠୁଥିଲା । ବ୍ରାହ୍ମଣ କନ୍ୟା ସେ— ଶହେ ପୁରୁଷ ନୈଷ୍ଠିକ ବ୍ରାହ୍ମଣଙ୍କ ରକ୍ତ ତାଙ୍କ ଧମନୀରେ । ସବୁ ଦେଶର ଲୋକେ ନିଜ

* ହିମାଳୟ ଅଞ୍ଚଳର ଏକପ୍ରକାର ପାହାଡ଼ିଆ ଛେଳି ।

Digitized by srujanika@gmail.com

ବଂଶ ଗୁଣଆଦି ନେଇ ଗର୍ବ କରନ୍ତି । କିନ୍ତୁ କୁଳୀନତା ପ୍ରତି ଭାରତବର୍ଷରେ ଯେପରି ଗମ୍ଭୀର ସମ୍ମାନ ଦିଆଯାଏ, ଅନ୍ୟତ୍ର ତାହା ଦେଖିବାକୁ ମିଳେନାହିଁ । ଗାଁରେ ବିଭିନ୍ନ ଜାତିର ଲୋକ ଅଛନ୍ତି । ସେମାନଙ୍କ ରକ୍ଷଣାବେକ୍ଷଣର ଭାର ଏହି ମାତୃତୁଲ୍ୟା ମହିଳାଙ୍କ ଉପରେ । ତାଙ୍କ ବିଧାନ ବିରୁଦ୍ଧରେ କେହି ପ୍ରତିବାଦ କେବେ କରେନାହିଁ । ତାଙ୍କ ଆଦେଶ ଅମାନ୍ୟ କରିବାର ପ୍ରଶ୍ନ ଉଠେନା । ଏହି କ୍ଷମତା ବଜାୟ ରଖିବା ପାଇଁ ପାଇକ ପିଆଦା ଦରକାର ହୁଅନ୍ତି ନାହିଁ । ସେ ବ୍ରାହ୍ମଣ—ଭାରତର ସବୁ ଜାତିଙ୍କ ମଧ୍ୟରେ ଶ୍ରେଷ୍ଠ । ଶାସନ ଦାୟିତ୍ୱ ଯେ ତାଙ୍କର ଜନ୍ମଗତ ଅଧିକାର, ଏ ଧାରଣା ସମସ୍ତଙ୍କ ମନରେ ବଦ୍ଧମୂଳ ହୋଇ ରହିଛି ।

କିଛି ବର୍ଷ ହେଲା କୃଷିଜାତ ଦ୍ରବ୍ୟଗୁଡ଼ିକର ଦରଦାମ୍ ତେଜିଥିବାରୁ ଗାଁର ଆର୍ଥିକ ଅବସ୍ଥାରେ ସାମାନ୍ୟ ଯେଉଁ ବିକାଶ ଘଟିଛି, ଏ ଦେଶର ମାପକାଠିରେ ତାହାକୁ ସ୍ୱଚ୍ଛଳତା କୁହାଯାଇପାରେ । ଅନ୍ୟମାନଙ୍କ ପରି ଏହି ଭଦ୍ରମହିଳା ମଧ୍ୟ ବେଶ୍ କିଛି ଲାଭ କରିପାରିଛନ୍ତି । ବିବାହ ବେଳର ଅଳଙ୍କାରରୁ କେବଳ ସୁନାକଣ୍ଠି ଏପର୍ଯ୍ୟନ୍ତ ତାଙ୍କ ବେକରେ ଅଛି । ପୂର୍ବର ସବୁ ରୁପାହାରଟି ଅନ୍ୟ ଗହଣା ସହିତ ଚୁଲିମୁଣ୍ଡରେ ପୋତାସରିଲାଣି । ତା' ସ୍ଥାନରେ ବେକରେ ଏବେ ନିଦା ସୁନାର ଗୋଟିଏ ବନ୍ଧନୀ । କାନରେ ସେ କେବେ କିଛି ପିନ୍ଧୁନଥିଲେ । ଆଜିକାଲି ଦୁଇ କାନରେ ଦୁଇମାଳ ସୁନା ଫାଶିଆ । ନାକରେ ପାଞ୍ଚଇଞ୍ଚ ଓସାର ଗୁଣାର ଭାର ସମ୍ଭାଳିବା ପାଇଁ ସରୁ ସୁନାଜଞ୍ଜିରଟି ଡାହାଣ କାନଯାଏ ଲମ୍ବିଛି । ଏ ଅଞ୍ଚଳର ଉଚ୍ଚଜାତିର ମହିଳାଙ୍କପରି ପରିଧେୟ ଗରମ କନାର ଚପା କାଞ୍ଚୁଲି ଉପରେ ଶାଲର ଉପରଣି । ତଳେ ଛୁପା କନାର ବଡ଼ ଘାଗରା । ପାଦରେ ଯୋତା ନାହିଁ । ଖାଲିପାଦ ଏଠାରେ ପବିତ୍ରତାର ଚିହ୍ନ ବୋଲି ଧରାଯାଏ ।

ପୂଜା କରିବା ପାଇଁ ଭଦ୍ରମହିଳା ଭିତରକୁ ଗଲେଣି । ଏତିକବେଳେ ରାସ୍ତା ଆରପାଖ ମୁଦିଦୋକାନକୁ ଲକ୍ଷ୍ୟକରନ୍ତୁ । ଦୋକାନୀ ମୋର ଅତି ପୁରାତନ ବନ୍ଧୁ । ନମସ୍କାର କରି ଆମକୁ ସିଗାରେଟ୍ ଡବାଏ ଯାଚକରି ଦେବାପରେ ସେ ଖଡ଼ିଉପରେ ପୁଣି ଚକାପକାଇ ବସିଲେଣି । ଗ୍ରାମବାସୀ ଓ ଯାତ୍ରୀମାନଙ୍କ ନିତ୍ୟବ୍ୟବହାର୍ଯ୍ୟ ଅଳ୍ପ କେତୋଟି ଜିନିଷରେ ତାର ବେପାର ଚାଉଳ, ଡାଲି, ଅଟା, ଘିଅ, ଲୁଣ ଆଦି ରକମମାନ ଖଡ଼ି ଉପରେ ସଜାହୋଇଛି । ନୈନିତାଲରୁ ଶହଶହ କିଲୋ ବାସି ମିଠାଠାରୁ ରାଜମୋଣ୍ଡିଯୋଗ୍ୟ ଏଠାକାର ବିଖ୍ୟାତ ନୈନିତାଲ ଆଳୁ ଏବଂ ଏ ଅଞ୍ଚଳର ବଡ଼ ବଡ଼ ମୂଳା ମଧ୍ୟ ଦୋକାନରେ ମହଜୁଦ ଅଛି । ମୂଳାଗୁଡ଼ିକ ଏଡ଼େ ରାଗ ଯେ କେହି ତାକୁ ଚୋବାଇ ଖାଉଥିଲେ ଦେଖଣାହାରର ଆଖିରୁ ମଧ୍ୟ ଲୁହ ଝରିପଡ଼େ । ଥାକ ଉପରେ ସିଗାରେଟ୍ ଡବା ଓ ଦିଆସିଲିଗୁଡ଼ାଏ ସଜା । ଖଡ଼ିତଳେ ଟିଣେ କିରାସିନ । ଖଡ଼ିକୁ ଟିକିଏ ଛାଡ଼ି ଦୋକାନୀର ହାତ ପାଖରେ କରେଇଏ ଦୁଧ ଅଳ୍ପ ନିଆଁରେ ଧୀରେ ଧୀରେ ଫୁଟୁଛି । ଦିନ ତମାମ୍ ଦୁଧ କରେଇକ ସେମିତି ଫୁଟୁଥିବ ।

Digitized by srujanika@gmail.com

ଦୋକାନ ସାମନାରେ କେଇଜଣ ଗରାଖ । ଛୋଟ ପୁଅଟିଏ ତାର ସାନଭଉଣୀର ହାତଧରି ଛିଡ଼ାହୋଇଛି ସମସ୍ତଙ୍କ ଆଗରେ । ହାତରେ ତାର ଗୋଟିଏ ପଇସା । ସେତକ ପାଇ ସେ ଆଜି ନିଜକୁ ବିଶାଳ ସମ୍ପଦର ଅଧିକାରୀ ମନେକରେ । ଏହି ବିପୁଳ ଐଶ୍ୱର୍ଯ୍ୟକୁ ଆଜି ମିଠା କିଣିଦେବାରେ ଖଟାଇବା ତାର ଉଦ୍ଦେଶ୍ୟ । ଦୋକାନୀ ପଇସାଟି ନିଜ ବାକ୍ସରେ ପକାଇ ଆଲିରୁ ମାଛି ଘଉଡ଼ାଇ ମିଠାଇଟିଏ ବାଛିଲା ଓ ଯତ୍ନରେ ତାକୁ ଦୁଇଭାଗ କରି ଆଗ୍ରହରେ ବଢ଼ିଆସିଥିବା ଛୋଟ ଛୋଟ ହାତ ଦୁଇଟିରେ ଅଧେ ଲେଖାଏଁ ଧରାଇଦେଲା । ପିଲା ଦୁହେଁ ମହାଆନନ୍ଦରେ ଚାଲିଗଲେ । ତା'ପରେ ଆଗେଇଆସିଲା ଏହି ହରିଜନ ସ୍ତ୍ରୀଲୋକ ଜଣକ । ସଉଦା ପାଇଁ ହାତରେ ତାର ଦୁଇଅଣା ପଇସାରୁ ଅଣାଏ ଅଟା କିଣିବାରେ ଗଲା । ଏହି ଖଦଡ଼ିଆ ଚକିପେଷା ଅଟା ଆମ ପାହାଡ଼ିଆ ଲୋକଙ୍କର ପ୍ରଧାନ ଖାଦ୍ୟ । ତିନି ପ୍ରକାର ଡାଲିରୁବାଛି ସବୁଠାରୁ ଶସ୍ତା ଡାଲିରୁ ଦୁଇପଇସାର ସେ କିଣିଲା । ବାକି ଦୁଇପଇସାରେ କିଛି ଲୁଣ ଓ ମୂଳାଟିଏ ଧରି ରୋଷାଇ ଆରମ୍ଭ କରିବାକୁ ଯିବା ପୂର୍ବରୁ ଦୋକାନୀକୁ ସଲାମ୍ କରିବାକୁ ସେ ଭୁଲିଲା ନାହିଁ । ଦୋକାନୀ ଏଠାକାର ଜଣେ ଗଣ୍ୟମାନ୍ୟ ଲୋକ । ସମସ୍ତେ ତାକୁ ଖୁବ୍ ଖାତିରକରନ୍ତି ।

ସ୍ତ୍ରୀଲୋକଟି ସଉଦା କରୁଥିବାବେଳେ ଦୂରରୁ ଘଣ୍ଟିରୁଣ୍ଡି ଶୁଭୁଥିଲା । ଏବେ ଧାଡ଼ିଏ ଖଚରଙ୍କ ପିଠିରେ ଲୁଗାଗଣ୍ଠି ବୋଝାଇକରି ବେପାରୀ ଦଳେ ଏଆଡ଼େ ଆସୁଥିବା ଦେଖାଗଲେଣି । ମୋରାଦାବାଦରୁ ଡଜନ୍ଲୁଗା ନେଇ ବଣ ପାହାଡ଼ ଉହାଡ଼ରେ ଲୁଚିରହିଥିବା ଛୋଟ ଛୋଟ ବଜାରମାନଙ୍କରେ ବିକ୍ରି କରିବାକୁ ସେମାନେ ଯାଉଛନ୍ତି । ପାହାଡ଼ିଆ ଚାଲୁ ରାସ୍ତାରେ ଚଢ଼ି ଖଚରଗୁଡ଼ିକ ଝାଳରେ ଗାଧୋଇ ପଡ଼ିଛନ୍ତି । ଥକ୍କା ମାରିବା ପାଇଁ ସେମାନଙ୍କୁ ଟିକିଏ ସମୟ ଦେବା ଦରକାର । ସେହି ଅବସରରେ ବେପାରୀ ଚାରିଜଣ ପ୍ରତ୍ୟେକେ ଗ୍ଲାସେ କରି ଦୁଧ ପିଇ ଦୋକାନ ସାମନା ବେଞ୍ଚରେ ବସି ସିଗାରେଟ୍ ଟାଣୁଛନ୍ତି । ପାର୍ବତ୍ୟ ଅଞ୍ଚଳର ଏପରି ଶହ ଶହ ଦୋକାନରେ ଦୁଧ ଛଡ଼ା ଅନ୍ୟ ପାନୀୟ ମିଳେନାହିଁ । ତଥାକଥିତ ସଭ୍ୟତାର ସଂସ୍ପର୍ଶରେ ଆସିଥିବା ଅଳ୍ପ କେତେଜଣଙ୍କୁ ବାଦ୍ଦେଲେ ଏ ଅଞ୍ଚଳର ଲୋକେ ମଦ୍ୟପାନ କରନ୍ତି ନାହିଁ । 'ମୋର ଭାରତ'ର ନାରୀମାନଙ୍କ ମଧ୍ୟରୁ କେହି ଧୂମ୍ରପାନ କରିବା କେବେ ଶୁଣାଯାଇନାହିଁ ।

ଗାଁକୁ ଖବରକାଗଜ ଆସେନାହିଁ । କେହି ନୈନିତାଲ ଗଲେ ସେଠାକାର ଖବର ଆଣେ । ବାହାର ଦୁନିଆର ଖବର ପାଇଁ ଯାତ୍ରୀ ଓ ବେପାରୀଙ୍କ ଉପରେ ନିର୍ଭର; ଭାରତର ସୁଦୂର ସମତଳ ଅଞ୍ଚଳର ଖବରମାନ ସେହିମାନେହିଁ ଏଠାକୁ ଆଣନ୍ତି । ଫେରିବାବେଳେ ପାହାଡ଼ିଆ ଅନ୍ୟ ଗାଁଗଣ୍ଡାର ଖବରସବୁ ତାଙ୍କଠାରୁ ଶୁଣିବାକୁ ମିଳେ ।

ରାସ୍ତା ତିଆରି ସରିଲାଣି । ତମ୍ବାତାଟିଆର ଫାନ୍ଦିକୁ ଲାଗି ରାସ୍ତା ଢଳାହୋଇଛି । ତାଟିଆ ସାବଧାନରେ ଧରିବେ—ନଚେତ୍ ହାତରୁ ଚମ ଉତୁରିଯିବ । ଗ୍ରାମବାସୀଙ୍କ ନଜର ଏ

Digitized by srujanika@gmail.com

ପର୍ଯ୍ୟନ୍ତ ବେପାରୀଙ୍କ ଉପରେ ଥିଲା । ଏବେ ସେମାନେ ଅମକୁ ଅନାଇଛନ୍ତି । ଅଜି ଗାର ଅତିଥି ଆପଣ, ସମସ୍ତଙ୍କ ନଜର ଏବେ ଆପଣଙ୍କ ଉପରେ । ଭଲ ନ ଲାଗିଲେ ମଧ୍ୟ ଗୁହାଟିକ ଶେଷ କରିବାକୁ ପଡ଼ିବ । ଛାଡ଼ିଆ ଭଲେ ଅଳ୍ପ କଚ୍ଛ ରହିଗଲେ ଗୁହା ଆପଣ ପସନ୍ଦ କଲେ ନାହିଁ ବୋଲି ସେମାନେ ମନେକରିବେ । ଅଉ ଗୋଟିଏ ବିଷୟରେ ଆପଣଙ୍କୁ ଚେତାଇଦିଏ । ଆଦର ଯତ୍ନରେ ମୁଗ୍ଧହୋଇ କେତେକ ଅତିଥି ଅର୍ଥଦ୍ୱାରା ଏମାନଙ୍କ ସୌଜନ୍ୟର ପ୍ରତିଦାନ ଦେବାକୁ ପ୍ରୟାସ କରନ୍ତି । କିନ୍ତୁ ସାବଧାନ ! ଆପଣ ସେପରି କିଛି କରିବେ ନାହିଁ । ଏଠାକାର ଲୋକେ ଯେତିକ ଅତିଥିବତ୍ସଳ, ସେତିକ ସରଳ । କିନ୍ତୁ ସେମାନଙ୍କ ଆତ୍ମସମ୍ମାନ ଅତି ଉଚ୍ଚକୋଟିର । ଆତିଥ୍ୟର ଦାମ୍ ଦେବାର ଅବତାରଣା କଲେ ସେମାନେ ଗଭୀରଭାବେ ଅପମାନିତହେବେ । ଗୁହା ବା ସିଗାରେଟ୍‌ର ଦାମ୍ ଦେବାକୁ କହିଲେ, ସେମାନେ ଗଭୀରଭାବେ ଅପମାନିତ ହେବେ । ଗୁହା ବା ସିଗାରେଟ୍‌ର ଦାମ୍ ଦେବା ବିଷୟ ଆଦୌ ଉଠାଇବେ ନାହିଁ ।

ଫେରିବା ସମୟ ହେଲା । ଗାଁରୁ ଅମେ ବିଦା ହୋଇ ଆସିଲୁ । ଏହିପରି ହଜାର ହଜାର ଗାଁ ଏହି ବଣ ପାହାଡ଼ ଅଞ୍ଚଳରେ ଲୁଚିରହିଚ । ଚୀନାପର୍ବତ ଉପରୁ ଦୂରବୀଣଯୋଗେ ଆପଣ ବହୁଦୂରରୁ ସେଗୁଡ଼ିକୁ ଦେଖିଥିଲେ । ମୋ ଜୀବନର ସବୁଠାରୁ ଉତ୍କୃଷ୍ଟ ଅଂଶ କିନ୍ତୁ ଏହି ଗାଁଗଣ୍ଡାମାନଙ୍କରେ କଟିଛି । ଏଠାରେ ସ୍ୱାଗତର ଯେଉଁ ସାଦର ସୂଚନା ପାଇଲେ, ଯେପରି ଭାବେ ଅମକୁ ଆଦର ଅଭ୍ୟର୍ଥନା କରାଗଲା ଓ ବିଦାୟବେଳେ ପୁଣି ଆସିବା ପାଇଁ ଯେପରି ହାର୍ଦ୍ଦିକ ନିମନ୍ତ୍ରଣ ଜଣାଗଲା—ସେଥିରେ ନିହିତଥିବା ଗଭୀର ଆନ୍ତରିକତା ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରେନାହିଁ । 'ମୋର ଭାରତ'ର ଏହି ସରଳ ଗ୍ରାମବାସୀମାନଙ୍କୁ ଯେଉଁମାନେ ଅନ୍ତରଙ୍ଗଭାବେ ଚକ୍ଷୁନ୍ତ ଓ ହୃଦୟ ଦେଇ ଭଲପାନ୍ତି, କେବଳ ସେହିମାନେ ହିଁ ସେମାନଙ୍କ ସ୍ନେହ ଓ ସଦିଚ୍ଛାର ଗଭୀରତା ଜାଣି ପାରିବେ । □□

Digitized by srujanika@gmail.com

କୁଅଁର ସିଂ

କୁଅଁର ସିଂ ଥିଲେ ଚାନ୍ଦ୍‌ନୀଚୌକ ଗାଁର ମୁଖିଆ । ଜାତିରେ ସେ ଠାକୁର (୧) । ମୁଖିଆ ହିସାବରେ ସେ ଭଲ କି ମନ୍ଦ ଥିଲେ ମୁଁ ଜାଣେନା । କିନ୍ତୁ ବାଘ ଶୀକାରରେ ସେ ଖୁବ୍ ପାରଙ୍ଗମ ଓ କାଲାଢୁଙ୍ଗିର ସବୁ ବାଘ ଶୀକାରୀଙ୍କଠାରୁ ପକ୍‌କା, ଏ କଥାଟି ମୋତେ ଭଲଭାବେ ଜଣା । ମୋ ବଡ଼ଭାଇ ଟମ୍‌ଙ୍କ ପ୍ରତି ତାଙ୍କର ଭାରି ଶ୍ରଦ୍ଧା । ଟମ୍‌ଙ୍କୁ ମୁଁ ମଧ୍ୟ ଖୁବ୍ ଭଲପାଏ । ଏହି ଦୁଇଟି କାରଣରୁ କୁଅଁର ସିଂଙ୍କ ସହିତ ମୋର ବେଶ୍ ସଦ୍‌ଭାବ ।

ଟମ୍ ଶୀକାରକୁ ଗଲେ ଅନେକ ସମୟରେ କୁଅଁର ସିଂଙ୍କୁ ସଙ୍ଗରେ ନେଉଥିବାରୁ ତାଙ୍କ ବିଷୟରେ ନାନା କାହାଣୀ କୁଅଁର ସିଂଙ୍କଠାରୁ ଶୁଣିବାକୁ ମିଳେ । ସେଥିରୁ ଗୋଟିଏ ଗପ ମୋତେ ସବୁଠାରୁ ଭଲଲାଗେ ଓ ବାରମ୍ବାର ଶୁଣିଥିଲେ ମଧ୍ୟ ପୁଣି ଶୁଣିବାକୁ ଇଚ୍ଛାହୁଏ । ଟମ୍ ଓ ଏଲ୍‌ସ୍ ନାମକ ଜଣେ ଶୀକାରୀଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାକୁ ନେଇ ଏ କାହାଣୀ । ଘଟଣାର ପୂର୍ବବର୍ଷ ରାଇଫଲ ନିଶାଣରେ ଭାରତରେ ସର୍ବୋତ୍କୃଷ୍ଟ ବିବେଚିତ ହୋଇ ଟମ୍ ବ. ପି. ଆର୍. ଏ. ସ୍ୱର୍ଣ୍ଣପଦକ ପାଇଥାନ୍ତି । ତାଙ୍କଠାରୁ ଗୋଟିଏ ପଏଣ୍ଟ କମ୍ ରଖି ଏଲ୍‌ସ୍ ସେହି ପ୍ରତିଯୋଗିତାରେ ହାରିଥାଆନ୍ତି ।

ଘଟଣାକ୍ରମେ ପରସ୍ପରର ଅଜଣାରେ ଥରେ ଟମ୍ ଓ ଏଲ୍‌ସ୍ ଦୁହେଁ ଗାରୁପପୁ ପାଖ ଜଙ୍ଗଲରେ ଶୀକାର କରୁଥିଲେ । ଟମ୍ ସେଦିନ ବଡ଼ିସକାଳୁ ଉଠି ଜଙ୍ଗଲରେ ପଶିବାବେଳକୁ ଗଛ ଉପରୁ ପାହାନ୍ତିଆ କୁହୁଡ଼ି ଝୁଡ଼ି ଝୁଡ଼ି ଆସୁଥିଲା । ଭୋରବେଳା ଜଙ୍ଗଲର ଗୋଟିଏ ଖୋଲା ଜାଗାରେ ହରିଣ ଓ ବାର୍‌ହା ଆଦି ଜନ୍ତୁ ମିଳନ୍ତି । ସେଠାକୁ ଯାଉ ଯାଉ ବାଟରେ ଗୋଟିଏ ଉଠାଣି ଉପରେ ଟମ୍‌ଙ୍କ ସହିତ ଏଲ୍‌ସ୍‌ଙ୍କର ଦୈବାତ୍ ଦେଖା ହୋଇଗଲା । ଟମ୍‌ଙ୍କ ସଙ୍ଗରେ କୁଅଁର ସିଂ ଥାନ୍ତି । ବୁଦ୍ଧୁ ନାମକ ନୈନିତାଲର ଜଣେ ଶୀକାରୀ ଏଲ୍‌ସ୍‌ଙ୍କ ସହିତ ଆସିଥାଏ । ବୁଦ୍ଧୁକୁ ଜଙ୍ଗଲ ତଥ୍ୟ ବିଶେଷ ଜଣାନଥିବାରୁ କୁଅଁର ସିଂ ତାକୁ ଦୁଇ ଆଖିରେ ଦେଖି ପାରନ୍ତି ନାହିଁ । ସମ୍ଭାଷଣ ପରେ ଏଲ୍‌ସ୍ କହିଲେ ଯେ, ରାଇଫଲ ପ୍ରତିଯୋଗିତାରେ ସେ ମାତ୍ର ଗୋଟିଏ ପଏଣ୍ଟରେ ହାରିଗଲେ ସତ କିନ୍ତୁ ଶୀକାର ମାରିବାରେ ସେ ଟମ୍‌ଙ୍କଠାରୁ ଭଲବୋଲି ସେହିଠାରେ ପ୍ରମାଣ କରିଦେବେ । ପ୍ରତ୍ୟେକେ ଦୁଇଟି କରି ଗୁଳି ଚଳାଇ ନିଜ କରାମତି ଦେଖାନ୍ତୁ ବୋଲି ସେ ପ୍ରସ୍ତାବ ଦେଲେ । ଟମ୍ ସେଥିରେ ରାଜି ହେବାରୁ ଗୁଳା ଉଠାଗଲା ଓ ଏଲ୍‌ସ୍ ସେଥିରେ ଜିତି ପ୍ରଥମେ ଗୁଳି କରିବାର ସୁଯୋଗ ବାଛିନେଲେ । ତା'ପରେ ପ୍ରତିଯୋଗୀ

(୧) ଉତ୍ତର ପ୍ରଦେଶର ବ୍ରାହ୍ମଣ—ଅନୁବାଦକ

Digitized by srujanika@gmail.com

ଦୁହେଁ ନିଜ ନିଜ ସହକାରୀଙ୍କୁ ନେଇ ଅତି ସନ୍ତର୍ପଣରେ ଖାଲ ଆଡ଼କୁ ଆଗେଇଲେ । ଏଲିସ୍ ରାଇଫଲ ପ୍ରତିଯୋଗିତାରେ ବ୍ୟବହାର କରିଥିବା '୪୬୦ ମାର୍ଟିନି—ହେନ୍‌ରି ରାଇଫଲ୍ଟି ଧରିଥାନ୍ତି । ଟମ୍‌ଙ୍କ ହାତରେ ଥାଏ ତାଙ୍କର '୪୦୦ ଓ୍ୱେଷ୍ଟ୍ଲି-ରିଚ୍ଚର୍ଡ୍ ଏକସ୍‌ପ୍ରେସ୍ ରାଇଫଲ । ଏ ରାଇଫଲ୍ ସେତେବେଳେ ଖୁବ୍ କମ୍ ସଂଖ୍ୟାରେ ଭାରତକୁ ଆସିଥାଏ । ଦୁଷ୍ପ୍ରାପ୍ୟ ଏହି ରାଇଫଲ ପାଇଁ ଟମ୍ ସାମାନ୍ୟ ଗର୍ବ ଅନୁଭବ କରୁଥାନ୍ତି ମଧ୍ୟ ।

ଉଠାଣିର ଠିକ୍ ତଳକୁ ଟେକଡ଼ାଏ ଶୁଖିଲା ଘାସବଣ । ଆରପାଖରେ ଖଣ୍ଡେ ଜାଗା ବଣପୋଡ଼ରେ ପଦା ହୋଇଯାଇଥିଲା । ସେଠାରେ ନୂଆକରି ଗଜୁରି ଥିବା କଅଁଳ ଛନଛନିଆ ଘାସ ଲୋଭରେ ନାନାପଶୁ ଜନ୍ତୁ ସନ୍ଧ ସକାଳେ ସେଠାକୁ ଆସନ୍ତି । ସେଦିନ ଏମାନଙ୍କ ଅସାବଧାନତା ହେତୁ କିମ୍ବା ପବନର ପ୍ରତିକୂଳ ଗତିଯୋଗୁଁ ଖାଲରେ ଗୋଟିଏ ସୁଦ୍ଧା ଜନ୍ତୁ ମିଳିଲେନାହିଁ । ଘାସବଣରେ ଜନ୍ତୁ ଲୁଚିଥିବେ ବୋଲି କୁଅଁର ସିଂ ମତ ଦେଲେ । ତାଙ୍କର ପରାମର୍ଶରେ ବୁଦ୍ଧୁ ଘାସରେ ନିଆଁ ଲଗାଇଦେଲା ।

ବଣରେ ନିଆଁ ଧରିଯିବା ପରେ ଘାସ ଭିତରୁ ପଲ ପଲ ଝିଣ୍ଟିକା ବାହାରିଲେ । ଝିଣ୍ଟିକା ଖାଇବାପାଇଁ ନାନା ଜାତିର ପକ୍ଷୀ ଆସି ରୁଣ୍ଡ ହେଉଥାନ୍ତି । ଏତିକବେଳେ ବଣ ଆରପାଖରେ ଘାସ ହଲଚଲ ହେବା ଦେଖାଗଲା । ଗୃହୁଁ ଗୃହୁଁ ଦୁଇଟା ବାରହ୍ଣା ସେଠାରୁ ବାହାରିପଡ଼ି ପୋଡ଼ା ପଦର ଦେଇ ତିନି ଶହ ଗଜ ଦୂର ଜଙ୍ଗଲ ଆଡ଼େ ଛୁଟିଲେ । ଦୀର୍ଘକାୟ ଏଲିସ୍ ଆଣ୍ଠୁ ପକାଇ ବସି ପଛ ବାରହ୍ଣାକୁ ଅତି ସାବଧାନରେ ଲକ୍ଷ୍ୟକରି ଗୁଳି ଚଳାଇଲେ । ଗୁଳି ବାରହ୍ଣା ପଛଗୋଡ଼ ମଝିରେ ଭୂଇଁରେ ବାଜି ଧୂଳି ଉଡ଼ାଇଲା । ଏଲିସ୍ ରାଇଫଲ ଖସାଇ ତାକୁ ଦୁଇ ଶହ ଗଜ ଦୂରତା ପାଇଁ ସଜାଡ଼ିନେଲେ ଓ ନୂଆ ଗୁଳିଟିଏ ଭରି ଏଥର ଆଗରେ ବାରହ୍ଣାକୁ ଲକ୍ଷ୍ୟକରି ଫୁଟାଇଲେ । ଗୁଳିଟା ବାରହ୍ଣାର ଠିକ୍ ସାମନାରେ ବାଲିରେ ଭୁସିହୋଇଗଲା ।

ଦ୍ୱିତୀୟ ଥର ବନ୍ଧୁକ ଫୁଟିବା ମାତ୍ରେ ବାରହ୍ଣା ଯୋଡ଼ାକ ହଠାତ୍ ତାହାଙ୍କୁ ବୁଲି ଆତୁରି ବେଗରେ ଧାଇଁବାକୁ ଲାଗିଲେ । ତାଙ୍କ କଡ଼ ଏବେ ଶିକାରୀଙ୍କ ଆଡ଼କୁ ବୁଲିଗଲା । ଏଥର ଟମ୍‌ଙ୍କ ପାଳି । ତେଣେ ବାରହ୍ଣା ଦୁଇଟା ଜଙ୍ଗଲ ପାଖରେ ପହଞ୍ଚିଗଲେଣି; ଅଉ ଅଳ୍ପକେ ସେମାନେ ବନ୍ଧୁକର କ୍ଷେପଣସୀମାରୁ ବାହାରିଯିବେ । ଟମ୍ ପୂର୍ବପରି ଗୋଡ଼ ଜମାଇ ଛିଡ଼ାହୋଇଥାନ୍ତି । ତାଙ୍କ ରାଇଫଲ୍ ଧୀରେ ଧୀରେ ଉଠି ପରେ ପରେ ଦୁଇ ଥର ଗର୍ଜି-ଉଠିଲା । ମୁଣ୍ଡରେ ଗୁଳି ଖାଇ ବାରହ୍ଣା ଯୋଡ଼ାକ ସେହିଠାରେ ଲେଉଟି ପଡ଼ିଲେ ।

ଏହିଠାରେ କାହାଣୀ ଶେଷ କରି କୁଅଁର ସିଂ ଯାହା କହନ୍ତି, ତାହା ତାଙ୍କର ଭାଷାରେ ଉଦ୍ଧାର କଲି । ସେ କହନ୍ତି, "ତା'ପରେ ଆମ ସହରିଆ ଶିକାରୀ ବୁଦ୍ଧୁ ଆଡ଼କୁ ବୁଲି ଅନାଇଲି । ତା' ତେଲସରସର ମୁଣ୍ଡ ଦେଖି ମୋର ହାଡ଼ ଜଳୁଥାଏ । କହିଲି 'ତୋ' ସାହେବ ଆମ ସାହେବକୁ ଚିହ୍ନାଣ କରିବା ଶିଖାଇଦେବ ବୋଲି ବଡ଼େଇ କରୁଥିଲୁ ପରା !

Digitized by srujanika@gmail.com

ଏବେ ଆଖିରେ ଦେଖିଲୁ ତ ? ତୁମ ବୁଢ଼ିଙ୍କ ମୁହଁରେ ପଚାଶ ପଚାଶ ଚୂନକଳା ମାରିବାକୁ ଚାହିଁଥିଲେ ଆମ ସାହେବ ଗୋଟାଏ ଗୁଳିରେ ଦୁଇଟାଯାକ ବାର୍‌ହାକୁ ମାରିଥାନ୍ତା; ଦୁ'ଟା ଗୁଳି ତା'ର ଦରକାର ହୁଅନ୍ତା ନାହିଁ ।" ଗୋଟିଏ ଗୁଳିରେ ଦୁଇଟା ବାର୍‌ହା କେମିତି ମରିଯାଏ, ତା' କୁଅଁର ସିଂ ମୋତେ କହିନାହାନ୍ତି କିମ୍ବା ମୁଁ ତାଙ୍କୁ କେବେ ପଚାରିନାହିଁ । ତାଙ୍କ ଉପରେ ମୋର ଏତେ ବିଶ୍ୱାସ ଥିଲା ଯେ, ସେ ଚାହିଁ ଥିଲେ ଗୋଟିଏ ଗୁଳିରେ ଦୁଇଟା ବାର୍‌ହା ଅକ୍ଳେଶରେ ମାରିପାରିଥାନ୍ତେ ବୋଲି ମୁଁ ସହଜରେ ବିଶ୍ୱାସ କରିଯାଉଥିଲି ।

ଯେଉଁଦିନ ପ୍ରଥମକରି ମୋତେ ବନ୍ଧୁକଟିଏ ଦିଆଗଲା, ସେ ଦିନ କୁଅଁର ସିଂ ସମସ୍ତଙ୍କ ଆଗରୁ ଆସି ମୋ ସହିତ ସାକ୍ଷାତ କଲେ । ମାନ୍ଧାତା ଅମଳର ସେ ବାରୁଦ୍‌ଭରା ଦୁଇନଳିଆ ବନ୍ଧୁକର ଡାହାଣ ନଳୀଟା ଫାଟି ଆଁ କରିଥାଏ । ଭଙ୍ଗା ମୂଠାଟି ନଳୀ ସହିତ ପିତଳ ତାରରେ ଭିଡ଼ା । ସେଦିନ କିନ୍ତୁ ଅତି ଗର୍ବରେ ଦାଦି ବନ୍ଧୁକଟି କୁଅଁର ସିଂ ହାତକୁ ବଢ଼ାଇ ଦେଇଥିଲି । ବନ୍ଧୁକର ନାନା ଦୋଷକୁ ଉପେକ୍ଷା କରି ସେ କେବଳ ତା'ର ଗୁଣ ବଖାଣିବାକୁ ଲାଗିଲେ । ବାଁ ପାଖ ନଳୀଟି ବେଶ୍ ଲମ୍ବ ଆଉ ମଜବୁତ୍—ସେଟା ଅନେକ ଦିନ ଭଲକାମ ଦେବ—ଏମିତି କେତେ କ'ଣ । ମୁଁ ସେତେବେଳେ ଆଠବର୍ଷର ପିଲା । ତାଙ୍କର କେଇପଦ କଥାରେ ମୋ ମନ ସେଦିନ ଗର୍ବରେ ଫୁଲିଉଠିଥିଲା । ସେ କହିଥିଲେ, ତୁମେ ଏଥର ଆଉ ପିଲା ନୁହଁ । ବନ୍ଧୁକ ହାତରେ ଧରି ବଡ଼ ମଣିଷଙ୍କ ପରି ଜଙ୍ଗଲରେ ତୁମେ ଯେଉଁଠି ଇଚ୍ଛା ଯାଇପାରିବ । ତା' ଆଗରୁ କିନ୍ତୁ ତୁମର ଗଛଚଢ଼ା ଶିଖିବା ଦରକାର । ତମ-ଆମ ପରି ଶିକାରୀଙ୍କର ଗଛଚଢ଼ା ଅଭ୍ୟାସ ଥିବା କାହିଁକି ଏତେ ଜରୁରି, ମୋର ଅଙ୍ଗେ ନିଭାଇଥିବା କଥା ଶୁଣିଲେ ତାହା ବେଶ୍ ବୁଝିପାରିବ ।

'ଗତ ଅପ୍ରେଲ ମାସରେ ଦିନେ ହରସିଂ ଆଉ ମୁଁ ଶିକାରକୁ ବାହାରିଲୁ । ହରସିଂ କେମିତି କଞ୍ଚା ଶିକାରୀ ତା' ତ ତୁମେ ଜାଣ । ଜଙ୍ଗଲ ଭିତରେ ଭଲ ମନ୍ଦ ଶୁଭ ଅଶୁଭ ଜ୍ଞାନ ତାର ନାହିଁ । ରାତି ନ ପାହୁଣୁ ଘରୁ ବାହାରିଥିଲୁ । ଗାଁମୁଣ୍ଡରେ କୋକଶିଆଲୀଟାଏ ଆମ ସାମନାରେ ରାସ୍ତା ଡେଇଁ ଚାଲିଗଲା । ଅଲକ୍ଷଣଟା ଦେଖିବା ମାତ୍ରେ ମୁଁ ଫେରିଯିବାକୁ ଚାହିଁଲି । ହର ସିଂ ମୋ କଥାକୁ ହସି ଉଡ଼ାଇଦେଲା । ଯୋଗ ତ ଖରାପ; ତା' କଥାରେ ପଡ଼ି ତା'ରି ସାଙ୍ଗରେ ଗ୍ଲାଲି । ଗାଡ଼ୁପସୁ ପାଖରେ ଗୋଟିଏ ହରିଣକୁ ମୁଁ ଗୁଳିକଲି; କିନ୍ତୁ ଅକାରଣରେ ମୋ ଲକ୍ଷ ଭଣ୍ଡୁର ହୋଇଗଲା । ଟିକଏ ପରେ ହରସିଂ ଗୋଟିଏ ମୟୂରକୁ ଗୁଳିକରି ତା'ର ଡେଣା ଭାଙ୍ଗିଦେଲା । ମୟୂରଟା ବଡ଼ ବଡ଼ ଘାସରେ କୁଆଡ଼େ ଲୁଚିଗଲା ଯେ ତାକୁ ଖୋଜି ଖୋଜି ଆଉ ପାଇଲୁନାହିଁ । ତା'ପରେ ଜଙ୍ଗଲ ତମାମ୍ ଆଉ କିଛି ଶିକାର ହାବୁଡ଼ ପଡ଼ିଲେନାହିଁ । ନିରାଶ ହୋଇ ସଞ୍ଜବେଳକୁ ଘରଆଡ଼େ ମୁହାଁଇଲୁ ।

'ସେତେବେଳକୁ ଆମେ ଦୁଇ ଦୁଇଥର ବନ୍ଧୁକ ଆବାଜ କଲୁଣି । ଜଙ୍ଗଲରହୀ କାଳେ ବାଟରେ କେଉଁଠି ଛକିଥିବ ବୋଲି ଭାବି ରାସ୍ତାବାଟେ ଆଉ ଫେରିଲୁନାହିଁ । ଝାଁଟିବୁଦା ଓ

Digitized by srujanika@gmail.com

କଣ୍ଟାଳିଆ ବାଉଁଶବଣ ଭିତର ଦେଇ ଶୁଖିଲା ନାଳଟିଏ ଯାଇଥିଲା । ନାଳର ବାଲି ଶେଯ ଉପରେ ଦୁହେଁ କଥାବାର୍ତ୍ତା ହୋଇ ଚାଲିଲୁ । ଦୁର୍ଯୋଗ ଦେଖ—ବାଘଟାଏ କାହୁଁ ଆସି ନାଳରେ ପଶି ବାଟ ଓଗାଳିଲା; ଆଉ ମିନିଟିଏ କାଳ କଟମଟ କରି ଆମକୁ ଅନାଇବା ପରେ ତା' ଆସିବା ବାଟରେ ପୁଣି ଫେରିଗଲା ।

'କିଛିବେଳ ଅପେକ୍ଷା କରି ଦୁହେଁ ଯିବାକୁ ବାହାରିଲୁ । ଦୁଇ ପାହୁଣ୍ଡ ନଯାଉଣୁ ବାଘଟା ପୁଣି ଆସି ନାଳରେ ପଶିଲା । ଏଥର ଲାଙ୍ଗୁଡ଼ ଛଟଛଟ କରି ରାଗରେ ସେ ଘାଉଁଘାଉଁ ହେଉଥାଏ । ଆମେ ଦୁହେଁ ହଲଚଲ ନ ହୋଇ ଛିଡ଼ାହୋଇ ରହିବାରୁ ବାଘ କିଛିଟା ଶାନ୍ତ ହୋଇ ନାଳରୁ ବାହାରି ପୁଣି ତା' ବାଟରେ ବାହୁଡ଼ିଗଲା । ଏଥର ସେ ଜଙ୍ଗଲରେ ପଶିବା ମାତ୍ରେ ପଲେ ବଣକୁକୁଡ଼ା ସେଠାରୁ ରାବ ଦେଇ ଉଠିଲେ । ସେଥିରୁ ଗୋଟିଏ ଉଡ଼ିଆସି ଆମ ଆଗରେ ଗୋଟିଏ 'ହାଲଦୁ' ଗଛଡାଳରେ ବସିପଡ଼ିଲା । କୁକୁଡ଼ାକୁ ଆଖି ଆଗରେ ଦେଖି ହରସିଂ ଲୋଭ ସମ୍ଭାଳି ପାରିଲାନାହିଁ । ମୁଁ ମନାକରିବାରୁ ସେ କହିଲା ଯେ କୁକୁଡ଼ାଟାଏ ମାରିଲେ ଖାଲି ହାତରେ ଘରକୁ ଫେରିବାକୁ ପଡ଼ିବନାହିଁ, ଆଉ ବନ୍ଧୁକ ଆବାଜରେ ବାଘ ହୁଏତ ଡରି ପଳାଇବ । ଏତିକି କହି ମୁଁ ନାହିଁ କରୁ କରୁ କୁକୁଡ଼ାକୁ ସେ ଲକ୍ଷ୍ୟଦେଲା ।

'ପର ମୁହୂର୍ତ୍ତରେ ଭୀଷଣ ଗର୍ଜନ କରି ବାଘ ଝାଟିବୁଦା ଭିତରୁ ଛୁଟିଆସିଲା । ନାଳ କଡ଼ରେ କେତୋଟି 'ରୁନି' ଗଛ ଥାଏ । ଦୁହେଁ ଅତର୍କିତରେ ଦୁଇଟି ଗଛ ଆଡ଼େ ଧାଇଁଲୁ । ପିଲାଦିନରୁ ମୋର ଗଛଚଢ଼ା ଅଭ୍ୟାସ । ମୋ ଗଛଟା ବାଘର ଖୁବ୍ ପାଖରେ ଥିଲେ ମଧ୍ୟ ବାଘ ପହଞ୍ଚିବାବେଳକୁ ମୁଁ ବନ୍ଧୁକ ଧରି ବହୁତ ଉପରକୁ ଚଢ଼ିଗଲିଣି । ହରସିଂକୁ କିନ୍ତୁ ଗଛଚଢ଼ା ଜଣାନାହିଁ । ବାଘ ମୋତେ ଛାଡ଼ି ତା'ଆଡ଼େ ଛୁଟିଗଲା ବେଳକୁ ସେ ଗଛ ମୂଳରେ ଛିଡ଼ାହୋଇ ଡାଳକୁ ହାତ ବାଢ଼ାଇଛି । ବାଘ ହରସିଂକୁ କାମୁଡ଼ା ରାମ୍ପୁଡ଼ା କିଛି ନ କରି ପଛ ଗୋଡ଼ରେ ଛିଡ଼ାହୋଇ ଗଛଗଣ୍ଡି ସହିତ ମିଶାଇ ତାକୁ ଜାବୁଡ଼ି ଧରିଲା । ହରସିଂକୁ ସେମିତି ଚିପିରଖି ନଖରେ ଗଛ ଆରପାଖରୁ ସେ କାଠ ଓ ବକଲା ସବୁ ବିଦାରି ପକାଉଥାଏ । ହରସିଂର ବିକଳ ଆର୍ତ୍ତନାଦ ସହିତ ବାଘର ଭୀଷଣ ଗର୍ଜନ ! ଅନ୍ୟ ଉପାୟ ନ ଦେଖି ଡାଳଟାଏ ଗୋଡ଼ରେ ଭିଡ଼ିଧରି ମୁଁ ଉପରମୁହାଁ ବନ୍ଧୁକ ଫୁଟାଇଲି । ପାଖରୁ ବନ୍ଧୁକ ଆବାଜ ଶୁଣି ବାଘ ଡିଆଁ ମାରି ଜଙ୍ଗଲରେ ପଶିଗଲା । ହରସିଂ ଗଛମୂଳେ କଚାଡ଼ି ପଡ଼ିଲା ।

'ଟିକିଏ ଅପେକ୍ଷା କରି ନିଃଶବ୍ଦରେ ଗଛରୁ ଓହ୍ଲାଇ ହରସିଂ ପାଖକୁ ଗଲି । ପହଞ୍ଚି ଦେଖେ ଯେ, ବାଘ ନଖରେ ହରସିଂର କଙ୍କାଳକୁ ନାହିରୁ ମେରୁ ହାଡ଼ ଯାଏ ଚିରି ମେଲା କରିଦେଇଛି । ଅନ୍ତ୍ରପୁଟା ପଦାକୁ ବାହାରି ଭୂଇଁରେ ଲୋଟୁଥାଏ । କ'ଣ କରିବି ବୋଲି ମୋତେ ବୁଦ୍ଧି ବାଟ ଦିଶିଲାନାହିଁ । ହରସିଂକୁ ଛାଡ଼ିଦେଇ ଯିବା କଥା ଉଠୁନାହିଁ । ଏଣେ ଅନ୍ତ୍ରପୁଟାଗୁଡ଼ା ପୁଣି ପେଟରେ ପୂରାଇବାକୁ ପଡ଼ିବ ନା କାଟି ଫୋପାଡ଼ି ଦେଲେ ଚଳିବ—ମୋତେ ତାହା ମଧ୍ୟ ଜଣାନାହିଁ । ବଡ଼ପାଟିରେ କଥା କହିବାର ଉପାୟ ନାହିଁ । ପାଟି ଶୁଣି ବାଘ ପୁଣି ଲେଉଟିଲେ

Digitized by srujanika@gmail.com

ସର୍ବନାଶ ! ରୁନ୍ନ ରୁନ୍ନ ହରସିଂକୁ ତା' ମତ ପଚାରିଲି । ସେ କହିଲା ଯେ ଅନ୍ତ୍ରପୁଟା ପେଟ ଭିତର ଜିନିଷ । ଭିତର ଜିନିଷ ଭିତରକୁ ଯିବା ଭଲ । ଭୂଇଁରେ ସେ ଚିତ୍‌ହୋଇ ଶୋଇଲା । ଅନ୍ତ୍ରପୁଟା ଓ ସେଥିରେ ଲାଗିଥିବା ଘାସପତ୍ର, କାଠିକୁଟା ସବୁ ଠେସିମାଡ଼ି କରି ତା' ପେଟରେ ଭର୍ତ୍ତିକଲି । କାଳେ ସେଗୁଡ଼ିକ ପୁଣି ବାହାରିଆସିବ । ସେଥିପାଇଁ ନିଜ ପଗଡ଼ି ଫିଟାଇ ପେଟରେ ଭାରି ଶକ୍ତ କରି ଗୁଡ଼ାଇ ବାନ୍ଧିଲି । ଗାଁ ସେଠାରୁ ସାତ ମାଇଲ ବାଟ । ବନ୍ଧୁକ ଦି'ଟା ଧରି ମୁଁ ଆଗରେ ଚାଲିଲି । ପଗଡ଼ିକୁ ପେଟରେ ଚାପିଧରି ହରସିଂ ପଛେ ପଛେ ଚାଲିଲା ।

'ବାଟରେ ରାତି ହୋଇଗଲା । ଗାଁକୁ ନ ଫେରି କାଲାଢୁଙ୍ଗୀ ଡାକ୍ତରଖାନା ଗଲେ ଭଲହୁଅନ୍ତା ବୋଲି ହରସିଂ କହିଲା । ଡାକ୍ତରଖାନାକୁ ଅଧିକ ଅନ୍ତର ତିନି ମାଇଲ ବାଟ । ବନ୍ଧୁକ ଦି'ଟା ବଣରେ ଲୁଚାଇ ବାଟ ଛାଡ଼ି ସେହିଆଡ଼େ ଚାଲିଲୁ । ପହଞ୍ଚିବା ବେଳକୁ ଡାକ୍ତରଖାନା ବନ୍ଦ । ଅଳ୍ପ ଦୂରରେ ଡାକ୍ତରବାବୁଙ୍କ ବସା । ସେତେବେଳଯାଏ ସେ ଶୋଇନଥିଲେ । ମୋ'ଠାରୁ ଏ ବୃତ୍ତାନ୍ତ ଶୁଣି ଲଣ୍ଠନ ଲଗାଇ ସେ ହରସିଂକୁ ନେଇ ଡାକ୍ତରଖାନା ଚାଲିଆରେ ପଶିଲେ ଓ ଅଲ୍ଲାଦିଆ ବୋଲି ସେଠାକାର ଜଣେ ତମାଖୁ ବେପାରୀକୁ ଡାକିଆଣିବାକୁ ମୋତେ ପଠାଇଲେ । ତମାଖୁ ବେପାର କରିବା ଛଡ଼ା ଅଲ୍ଲାଦିଆ ମାସକୁ ପାଞ୍ଚଟଙ୍କା ଦରମାରେ ପୋଷ୍ଟମାଷ୍ଟର କାମ ବି ଚଳାଏ । ତାକୁ ଆଣିବା ପରେ ହରସିଂକୁ ଗୋଟିଏ ଦଉଡ଼ିଆ ଖଟରେ ଶୁଆଇଦିଆଗଲା । ଅଲ୍ଲାଦିଆ ଲଣ୍ଠନ ଦେଖାଇଲା । ମୁଁ ମାଂସ ଦୁଇଫାଡ଼ା ମିଶାଇ ଧରିଲି ଓ ଡାକ୍ତରବାବୁ ତାକୁ ସିଲାଇ କଲେ । ଡାକ୍ତର ବାବୁ ବୟସରେ ପିଲା ହେଲେ କଣ ହେବ, ମଣିଷ ହିସାବରେ ଭାରି ଭଲ । ମୁଁ ଦର୍ଶନୀ ଦୁଇଟଙ୍କା ଯାଚିଲି କିନ୍ତୁ ସେ ନେଲେନାହିଁ । ତେବେ ହରସିଂକୁ ଏମିତି ପାନେ ଔଷଧ ପିଆଇଦେଲେ ଯେ ତାକୁ କଷ୍ଟ ଆଉ ବାଧିଲା ନାହିଁ । ଗାଁକୁ ଫେରିବାବେଳକୁ ଆମ ଦୁଇ ଘରେ କାନ୍ଦବୋବାଳି । ଆମକୁ ଡକାୟତ ମାରିଦେଲେ ବା ବାଘ ଭାଲୁ ଖାଇଗଲେ ଭାବି ମାଇପି ଲୋକେ ଡକାପକାଉଥାନ୍ତି । ସେ ଯାହାହେଉ ଯାହେବ, ଏଥିରୁ ସାର କଥାଟି ହେଲା ତମ ଆମ ପରି ଶିକାରୀ ପ୍ରଥମେ ଗଛଚଢ଼ା ଶିଖିବା ଦରକାର । ହରସିଂକୁ ପିଲାଦିନେ ଏତିକି କଥା କେହି ବତାଇ କହିଥିଲେ ସେଦିନ ଆମକୁ ଏତେ ହଟହଟା ହେବାକୁ ପଡ଼ିନଥାନ୍ତା ।' (୧)

---

(୧) ହରସିଂକୁ ଆକ୍ରମଣ କରିଥିବା ବାଘୁଣୀ ନିକଟବର୍ତ୍ତୀ ଜଙ୍ଗଲରେ ସଦ୍ୟ ସନ୍ତାନ ପ୍ରସବ କରିଥିବା ସମ୍ଭବ ମନେହୁଏ । ସେପରି ଅବସ୍ଥାରେ ମନୁଷ୍ୟର ସାନ୍ନିଧ୍ୟରେ ସେ ରୁଷ୍ଟହେବା ସ୍ୱାଭାବିକ । ସେଦିନ ସେ ରାଗରେ ଅଠର ଇଞ୍ଚ ମୋଟ 'ରୁନ୍ନ' ଗଛରୁ ଛଅ ଇଞ୍ଚ ବହଳରେ ପଲଖା ଓ କାଠ ଛେଲିପକାଇଥିଲା । ଏହି ଘଟଣାର ଅନେକ ଦିନ ପର ଯାଏ ଏଠାକାର ସବୁ ଶିକାରୀ ଓ ଶ୍ୱେତ ଶିକାରୀ ଗାରୁପଡ଼ୁ ଜଙ୍ଗଲର ସେ ଗଛକୁ ସ୍ଥାନନିରୂପକ ଚିହ୍ନଭାବେ ବ୍ୟବହାର କରୁଥିଲେ । ପଚାଶବର୍ଷ ପରେ ଗଛଟି ବଣପୋଡ଼ିରେ ନଷ୍ଟ ହୋଇଗଲା । ବାଘୁଣୀର ଆକ୍ରମଣ କମ୍ପା ବନ୍ଧୁର ; ଦୃଷ୍ଟିକସ୍ରାର କୌଣସି ମନ୍ଦ

Digitized by srujanika@gmail.com

ପିଲାଦିନେ ବାବାଙ୍କ ବନ୍ଧୁ କିଛି ଧରି କୁଅଁର ସିଂଙ୍କ ସହିତ ବଣଜଙ୍ଗଲରେ ଅନେକ ବର୍ଷ ବୁଲି ବୁଲିଛୁ ଓ ଜଙ୍ଗଲ ସମ୍ବନ୍ଧରେ ବହୁ ତଥ୍ୟ ତାଙ୍କଠାରୁ ଶିଖିଛୁ । ଶହ ଶହ ବର୍ଗମାଇଲ ବ୍ୟାପି ଏହି ଜଙ୍ଗଲ ଭିତରେ ଗୋଟିଏ ମାତ୍ର ରାସ୍ତା । ସେଭଳି ଜଙ୍ଗଲରେ ସ୍ଥାନ ଓ ବାଟ ଚିହ୍ନିବା ପାଇଁ ମନେ ମନେ କପରି ମାନଚିତ୍ର ଆଙ୍କିନେବାକୁ ହୁଏ, ତାହା ମୁଁ ପ୍ରଥମେ କୁଅଁର ସିଂଙ୍କଠାରୁ ଶିଖିଥିଲି (୧) । ଜଙ୍ଗଲର ବଡ଼ ବଡ଼ ଗଛ, ନାଳ, ପାଣିଗଡ଼ିଆ ଏପରିକି ଜନ୍ତୁଙ୍କ ଚଲାବାଟକୁ ମଧ୍ୟ ଆମେ ନାଁ ଦେଇଥାଉ । ଦାରୁଖୁନ୍ଦା ବନ୍ଧୁକର ଗୁଳି ଯେତିକି ଦୂର ଯାଏ, ତାହାକୁ ମାପ ଧରି ଆମେ ଦୂରତା କଳନା କରୁ ଏବଂ ଦୂରତା ଓ ଦିଗ ଅନୁସାରେ ଦିକ୍‌ସାଧନ କରିଥାଉ । ଡକାୟତଙ୍କ ଭୟରେ କୁଅଁର ସିଂ ଅନେକ ସମୟରେ ଦିନଦିନ ଧରି ଗାଁରୁ ବାହାରନ୍ତି ନାହିଁ । ସେତେବେଳେ ମୁଁ ଏକା ଏକା ବଣକୁ ଯାଏ । ଅଭିଜ୍ଞ ସମ୍ବର, ହରିଣ ବା ବାରହ୍ଵାଟିଏ ମାରିଲେ ତାକୁ ଏକାକୀ ବୋହି ଆଣିପାରେ ନାହିଁ । ଶାଗୁଣାଙ୍କ ନଜର ଏଡ଼ାଇବା ପାଇଁ ଶିକାରକୁ ଭଲଭାବେ ଘୋଡ଼ାଇରଖି କୁଅଁର ସିଂଙ୍କୁ ଆସି ଖବର ଦିଏ । ଆମ ଘର ଅପେକ୍ଷା ତାଙ୍କ ଗାଁ ଜଙ୍ଗଲରୁ ଅଧିକ ତିନି ମାଇଲ ପାଖ । ଶିକାର ଲୁଚାହୋଇଥିବା ସ୍ଥାନଟିକୁ ଆମ ମାନଚିତ୍ର ଅନୁସାରେ ମୁଁ ବୁଝାଇ ଦିଏ ଓ ଘଞ୍ଚ ଜଙ୍ଗଲରେ ମଧ୍ୟ କୁଅଁର ସିଂ ଅତି ସହଜରେ ତାକୁ ଖୋଜି ପାଆନ୍ତି । କେବେ କେମିତି ମହାବଳ ବା ଚିତାବାଘ ଜଙ୍ଗଲରେ ଶିକାର ପକାଇଦେଇଗଲେ ଦୂରରୁ ଗଛରେ ଶାଗୁଣା ଜମିବା ଦେଖି ମଲା ଜନ୍ତୁଟିକୁ ଆମେ ଖୋଜି ବାହାରୁ । ଦିନ ରାତି ନିର୍ବିଶେଷରେ ଦିଗ ଓ ଦୂରତା ନିର୍ଣ୍ଣୟ କରି ଠିକ୍ ଜାଗାରେ ପହଞ୍ଚିବାକୁ ଆମ ଦୁହିଁଙ୍କୁ କେବେ କିଛି ଅସୁବିଧା ହୁଏନା ।

ସ୍କୁଲପଢ଼ା ସରିବା ପରେ ବଙ୍ଗଦେଶରେ ମୁଁ ଚାକିରି ଆରମ୍ଭ କଲି । ବର୍ଷରେ ମାତ୍ର ତିନି ସପ୍ତାହ ପାଇଁ କାଲାଦୁଙ୍ଗୀ ଆସିବାକୁ ସୁଯୋଗ ମିଳେ । ଥରେ ଗାଁକୁ ଆସି କୁଅଁର ସିଂ ସେ ଭିତରେ ଅଫିମ ଅଭ୍ୟାସ କରିଥିବା ଶୁଣି ମନ ଭାରି ଦୁଃଖ ହେଲା । ଅଫିମ ଆମ ତଳପାହାଡ଼ିଆ ଲୋକଙ୍କର ପ୍ରଧାନ ଶତ୍ରୁ । ମାଲେରିଆରେ କୁଅଁର ସିଂଙ୍କ ସ୍ୱାସ୍ଥ୍ୟ ପୂର୍ବରୁ ଭାଙ୍ଗି ଯାଇଥିଲା । ବାରମ୍ବାର ମୋତେ କଥା ଦେବା ସତ୍ତ୍ୱେ ଅଫିମ ଛାଡ଼ିବାକୁ ତାଙ୍କର ଶକ୍ତି ପାଇଲା ନାହିଁ । ବେଳୁବେଳ ଏହି ବଦଭ୍ୟାସ ବଢ଼ି ଚାଲିଲା । ଥରେ ଫେବୃୟାରୀ ମାସରେ ଗାଁକୁ ଆସି ଶୁଣିଲି ଯେ କୁଅଁର ସିଂ ଶକ୍ତ ବେମାର । ମୋ ଆସିବା କଥା ରାତାରାତି କାଲାଦୁଙ୍ଗୀ ସାରା ଖବର ହୋଇଯାଇଥାଏ । ପରଦିନ ସକାଳୁ କୁଅଁର ସିଂଙ୍କ ଥରେ ବର୍ଷର ସାନପୁଅ ଧାଇଁ ଆସି ଜଣାଇଲା ଯେ ତା' ବାପାଙ୍କର ଶେଷ ସମୟ ହେଲାଣି । ମରିବା ପୂର୍ବରୁ ସେ ମୋତେ ଥରେ ଦେଖିବାକୁ ଚାହୁଁ ଛନ୍ତି ।

ପରିଣାମ ହରସିଂ ଭୋଗ କରି ନ ଥିଲା । ଅନେକ ବର୍ଷ ପରେ ସେ ବୁଢ଼ା ବୟସରେ ସ୍ୱାଭାବିକ ଭାବେ ପ୍ରାଣତ୍ୟାଗ କଲା ।

(୧) "ଜଙ୍ଗଲ ତଥ୍ୟ" ବହିଟି ଦ୍ରଷ୍ଟବ୍ୟ—ଅନୁବାଦକ

Digitized by srujanika@gmail.com

ଗୃନ୍ଦନ୍‌ଚୌକିର ମୁଖିଆ ଭାବେ କୁଅଁର ସିଂ ଏ ଅଞ୍ଚଳରେ ଜଣେ ବରିଷ୍ଠ ଲୋକ । ବର୍ଷକୁ ସେ ଚାରି ହଜାର ଟଙ୍କା ଖଜଣା ଦାଖଲ କରନ୍ତି । ପଞ୍ଚାପଥର ଗ୍ରୁତ ଦଆ ତାଙ୍କ ପ୍ରକାଣ୍ଡ ପଥର ଘରେ ମୁଁ କେତେଥର ତାଙ୍କର ଆତିଥ୍ୟ ଉପଭୋଗ କରିଛି । ସେଦିନ ତାଙ୍କ ଘରକୁ ଯିବାବାଟରେ କିଛି ଦୂରରୁ ସ୍ତ୍ରୀଲୋକଙ୍କ ବାହୁନା ଶୁଣାଗଲା । କୁଅଁର ସିଂ ତାଙ୍କ ଘର ପାଖରେ ଚାକର ପାଇଁ କୁଡ଼ିଆ ବଖରାଏ କରିଥିଲେ । କାନ୍ଦଣା ସେହି କୁଡ଼ିଆ ଭିତରୁ ଶୁଭୁଥାଏ । ବାଟ ଭାଙ୍ଗି ସେଆଡ଼େ ଗଲାବେଳେ କୁଅଁର ସିଂଙ୍କ ସାନପୁଅ କହିଲା ଯେ ପିଲାଙ୍କ ପାଟିଗୋଳରେ ଘରେ ସେ ଶୋଇ ନ ପାରିବାରୁ ତାଙ୍କୁ ଚାକର ବସାକୁ ଅଣାହୋଇଛି । ଆମକୁ ଦେଖି କୁଅଁର ସିଂଙ୍କ ବଡ଼ପୁଅ କୁଡ଼ିଆରୁ ବାହାରି ଆସି ଜଣାଇଲା ଯେ ତା ବାପାଙ୍କର ଚେତା ବୁଡ଼ିଗଲାଣି । ସବୁ ଶେଷ ହୋଇଯିବାକୁ ଆଉ ବେଶି ସମୟ ନାହିଁ ।

ଦ୍ୱାର ପାଖରେ ଛିଡ଼ାହୋଇ କୁଡ଼ିଆ ଭିତରକୁ ଅନାଇଲି । ଧୂଆଁ ଓ ଅନ୍ଧାରକୁ ଆଖି ଆରେଇଯିବା ପରେ ଦେଖିଲି ଯେ କୁଅଁର ସିଂ ଉଲଗ୍ନ ଅବସ୍ଥାରେ ଚଦର ଖଣ୍ଡିଏ ଘୋଡ଼ାଇ ହୋଇ ମାଟି ଚଟାଣରେ ତଳେ ପଡ଼ିଛନ୍ତି । ବୁଢ଼ୀ ଜଣେ ପାଖରେ ବସି ତାଙ୍କ ଅବଶ ଆଙ୍ଗୁଳିଗୁଡ଼ିକୁ ଗୋଟିଏ ଗାଈ ଲାଙ୍ଗୁଡ଼ରେ ମୁଠାଇ ଧରିଛି । ଗାଈ ଲାଙ୍ଗୁଡ଼ ଧରାଇ ମୃତବ୍ୟକ୍ତିକୁ ତପ୍ତବୈତରଣୀ ପାରି କରାଇବାର ଏ ଆୟୋଜନ । ମୁଣ୍ଡ ପାଖରେ ଲୁହା ଉତ୍ମେଇରେ ଘିଅ ନିଆଁ ଜଳୁଛି । ପୁରୋହିତ ଜଣେ ନିଆଁ ପାଖରେ ବସି ଘଣ୍ଟି ବଜାଇ ମନ୍ତ୍ର ପଢ଼ିବାରେ ବ୍ୟସ୍ତ । ଘର ଭିତରେ ଲୋକ ହାଉଯାଉ—ପୋଇଶଥ ପକାଇବାକୁ ରାହା ନାହିଁ । ଗହଳି ଭିତରେ ସ୍ତ୍ରୀଲୋକ ଦଳେ ପୁଣି ଏକାଠି ବସି ବାହୁନା ପକାଉଥାଆନ୍ତି ।

ଏହିଭଳି ପରିବେଶରେ ଭାରତର ବହୁ ଲୋକ ପ୍ରତିଦିନ ମୃତ୍ୟୁବରଣ କରନ୍ତି । ନିଜ ବନ୍ଧୁଙ୍କୁ କିନ୍ତୁ ଏପରି ଭାବେ ମରିବାକୁ ଦେବିନାହିଁ ବୋଲି ଦୃଢ଼ସଂକଳ୍ପ କରି ମୁଁ ଆସିଥିଲି । ଘରେ ପଶି ପ୍ରଥମେ ଲୁହା ଉତ୍ମେଇଟି ଉଠାଇନେଲି । ତାତିଲା ଲୁହାରେ ହାତ ଫୋଟକା ହୋଇଗଲା । ସେଥିକୁ କିନ୍ତୁ ଭ୍ରୂକ୍ଷେପ ନ କରି ଉତ୍ମେଇଟା ପଦାକୁ ଫିଙ୍ଗିଦେଲି । ତାପରେ ଫେରିଆସି ପଘା କାଟି ଗାଈକୁ ପଦାରେ ଛାଡ଼ିଦେଇଆସିଲି । କାହାକୁ କିଛି କୁହାବୋଲା ନକରି ନୀରବରେ ଏସବୁ କରି ଚାଲିଥାଏ । କ୍ରମେ ମୋ କାର୍ଯ୍ୟକଳାପ ଦେଖି ପାଟିଗୋଳ ସବୁ ଥମି ଆସିଲା । ପୁରୋହିତଙ୍କ ହାତ ଧରି ବାହାରକୁ ବାଟେଇ ଦେବାବେଳେ ଲୋକେ ଟାଟକା ହୋଇ ମୋତେ ଅନାଇ ରହିଗଲେ । ଦ୍ୱାରପାଖରେ ଛିଡ଼ାହୋଇ ସେମାନଙ୍କୁ ବାହାରିଯିବାକୁ କହିଲି । ବିନା ଓଜର ଆପତ୍ତିରେ ସମସ୍ତେ ତୁନି ହୋଇ ବାହାରିଗଲେ । ଅମୁହାଁ ଅନ୍ଧକୂପରେ ଏତେ ଲୋକ ଖୁନ୍ଦି ହୋଇଥିଲେ ଦେଖି ଆଶ୍ଚର୍ଯ୍ୟ ଲାଗିଲା । ଘର ଖାଲି ହେବା ପରେ କୁଅଁର ସିଂ ବଡ଼ପୁଅକୁ ଡାକି ଟଟକା ଦୁଧ ଦୁଇ ସେର ଶୀଘ୍ର ଗରମ କରି ଆଣିବା ପାଇଁ ବରାଦ କଲି । ଲୋକଟି ପ୍ରଥମେ କିଛି ବୁଝି ନପାରି ବଲବଲ କରି ମୋ ମୁହଁକୁ ଅନାଇ ରହିଲା । ଆଉ ଥରେ ବୁଝାଇ କହିବା ପରେ ସେ ତରତର ହୋଇ ଦୁଧ ଆଣିବା ପାଇଁ ଚାଲିଗଲା ।

Digitized by srujanika@gmail.com

କାନ୍ଥକୁ ଡେରା ହୋଇଥିବା ଦଉଡ଼ିଆ ଖଟଟି ଘର ମଝିକୁ ଟାଣି ଆଣି କୁଅଁର ସିଂଙ୍କୁ ଟେକିନେଇ ସେଥିରେ ଶୁଆଇଲି । ଘର ଭିତରେ ଭୀଷଣ ଗରମ । ଘଷି ଓ ପୋଡ଼ା ଘିଅର ଧୂଆଁ ସହିତ ଝାଳର ଉତ୍କଟ ଗନ୍ଧ ମିଶି ଶ୍ୱାସରୋଧ କରୁଥାଏ । ରୋଗୀର ପ୍ରଚୁର ଖୋଲାପବନ ଦରକାର । ଘରର ଗୋଟିଏ ଝରକା ଗୋଟିକ ପଟା ମରାହୋଇ ବୁଜାଯାଇଥିଲା । ପଟା ଭାଙ୍ଗି ଝରକା ମେଲାଇ ଦେବାମାତ୍ରେ ପାଖ ଜଙ୍ଗଲରୁ ଝଲକାଏ ଖୋଲା ପବନ ଘରକୁ ପଶିଆସିଲା ।

କୁଅଁର ସିଂଙ୍କୁ ଖଟକୁ ଟେକିନେବାବେଳେ ଜାଣିପାରିଥିଲି ଯେ ତାଙ୍କ ଦେହ ଅତି ଦୁର୍ବଳ ଓ ଜୀବନୀଶକ୍ତି ଅତିଶୟ କ୍ଷୀଣ ଓ ନିସ୍ତେଜ । ଆଖି ଦୁଇଟା କୋରଡ଼ରେ ପଶିଯାଇଥାଏ । ଓଠ ନୀଳବର୍ଣ୍ଣ; ଅତି କଷ୍ଟରେ ସେ ନିଃଶ୍ୱାସ ନେଉଥାନ୍ତି । କିଛିବେଳେ ଖୋଲା ପବନ ପାଇବା ପରେ ତାଙ୍କ ନିଃଶ୍ୱାସ ପ୍ରଶ୍ୱାସ କ୍ରମେ ସହଜ ହୋଇଆସିଲା । ମୁଁ ଖଟରେ ବସି ତାଙ୍କୁ ଅନାଇ ଥିବାବେଳେ ବାହାରୁ ତାଙ୍କ ବନ୍ଧୁବାନ୍ଧବଙ୍କ କଥାବାର୍ତ୍ତା ସବୁ ଶୁଣୁଥାଏ । ଏତିକିବେଳେ ଦେଖିଲି ଯେ କୁଅଁର ସିଂ ଆଖି ମେଲାଇ ମୋ ଆଡ଼େ ଚାହିଁଛନ୍ତି । ତାଙ୍କ ଆଡ଼କୁ ଆଉ ନ ଅନାଇ ତାଙ୍କରି ଉଦ୍ଦେଶ୍ୟରେ କହିବାକୁ ଆରମ୍ଭକଲି ।

'କାଳ ବଦଳିଲା, କୁଅଁର ଜଳା ଆଉ ତା' ସଙ୍ଗେ ତମେ ବି ଏତେ ବଦଳିଗଲ ? ନହେଲେ ନିଜଘରୁ ତମକୁ କାଢ଼ିଆଣି ଏଇ କୁଡ଼ିଆରେ ଏମିତି ଭୂଇଁରେ ଗଡ଼ାଇଦେବାକୁ କିଏ ସାହସ କରିଥାନ୍ତା ? ତମ ଭଲପାଇଁ ଯେତେ ଯାହା କହିଲି, କେଉଁଥିକୁ କାନ ଦେଲନାହିଁ । କାଳକୂଟ ବିଷଗୁଡ଼ାକ ଖାଇ ଶେଷରେ ଏଇ ଅବସ୍ଥାକୁ ଆସିଲ । ଆଜି ଡାକରା ପାଇ ଆସିବାକୁ ମୁଁ ଆଉ ଦଣ୍ଡେ ଉଛୁର କରିଥିଲେ ଏତେବେଳକୁ ତମେ ମଶାଣିପଦାକୁ ବୁହାହେଉଥାନ୍ତ । ଗାଁ ମୁଖିଆ ତମେ । ଏଡ଼େ ବଡ଼ ଘରର ମୁରବି । କାଲାଦୁଙ୍ଗୀରେ ତମପରି ଶିକାରୀ ଆଉ କିଏ ଅଛି ? ତମ ଗୋଡ଼ ଯେଉଁଠି ପଡ଼ୁଥିଲା, ଲୋକ ସେଠି ମୁଣ୍ଡ ଲଗାଉଥିଲେ । ସେ ମାନମର୍ଯ୍ୟାଦା ସବୁ ଗଲା କୁଆଡ଼େ ? ଦେହରେ ତମର କେଉଁଡ଼ିଏ ଜୋର୍ ଥିଲା—ଆଜି ତା' କାହିଁ ? କେଡ଼େ ଅସୁସରେ ତମେ ଖିଆପିଆ କରୁଥିଲ ! ତମ ପୁଅ ଆଜି କହିଲା ଯେ ଗତ ଷୋହଳ ଦିନ ଧରି ତମ ପାଟିକୁ ପାଣି ଯାଇନାହିଁ । ଘରଆଡ଼େ 'ଗଲା' 'ଗଲା' ବୋଲି ହୁରି ପଡ଼ିଛି । ସେ ସବୁ କଥା ଏବେ ପଛକୁ ଥାଉ । ତମେ ଏବେ ମରୁନାହିଁ । ଆହୁରି ଢେର୍ ବର୍ଷ ତମର ବଞ୍ଚିବାକୁ ଅଛି । ଗାରୁପ୍ପୁ ଜଙ୍ଗଲରେ ମୋ ସହିତ ଆଉ ଶିକାର ନ କଲେ ବି ସେଥିରେ କଣ ଯାଏ-ଆସେ ? ତମର କ'ଣ ଶିକାର ମାଂସର ଅଭାବ ହେବ ? ମୁଁ ଯେତେବେଳେ ଯାହା ଶିକାର କରିବି ଆଗପରି ମାଂସ ଭାଗେ ତମ ପାଇଁ ଆଣି ଦେଇଯିବି ।

'ମୋ କଥା ମନ ଦେଇ ଶୁଣ ! ହାତରେ ପଇତା ଆଉ ଓଡ଼ପତ୍ର ଧରି ବଡ଼ପୁଅ ମୁଣ୍ଡ ଛୁଇଁ ହଲପ କର ଯେ ସେ ହଳାହଳ ବିଷ ଆଉ ଛୁଇଁବ ନାହିଁ । ହଲପ ଭାଙ୍ଗିଲେ ଯାହା ଘଟିବ, ତମେ ଜାଣ । ଏବେ ସେ କଥା ଥାଉ । ପୁଅ ତମପାଇଁ ଦୁଧ ଆଣିବାକୁ ଯାଇଛି । ଏ ଭିତରେ ଆମେ ଦୁହେଁ ଆଗପରି ଖଣ୍ଡେ ଖଣ୍ଡେ ସିଗାରେଟ୍ ଟାଣିବା ।''

Digitized by srujanika@gmail.com

କୁଅଁର ସିଂ ଏକଲୟରେ ମୋ ମୁହଁକୁ ଅନାଇଥିଲେ । ମୋ କଥା ସରିବା ପରେ ସେ ଧୀରେ ଧୀରେ କହିଲେ, 'ମୋର ପରା କାଳ ପୂରିଲାଣି ! ମୁଁ ସିଗାରେଟ୍ ଟାଣିବି କେମିତି ?'

ମୁଁ କହିଲି, 'କାଳ ପୂରିବା କଥା ଛାଡ଼ । ମୁଁ କହିଲି ପରା—ତମେ ଏବେ ମରୁ ନାହଁ । ଆଉ ସିଗାରେଟ୍ କେମିତି ଟାଣିବ, ମୁଁ ବତାଇ ଦେଉଛି ।' ଡବାରୁ ସିଗାରେଟ୍ କାଢ଼ି ନିଆଁ ଧରାଇ ତାଙ୍କ ଓଠରେ ଲଗାଇଲି । ସେ ଅତି ଧୀରେ ସିଗାରେଟ୍ ଟାଣିବାକୁ ଆରମ୍ଭ କଲେ । ପ୍ରଥମେ ଟିକିଏ କାଶ ହେଲା । କାଶ କମିବା ପରେ ସେ ପୁଣି ସିଗାରେଟ୍ ଓଠରେ ଲଗାଇ ସେ ସ୍ୱଚ୍ଛନ୍ଦରେ ଟାଣିବାକୁ ଲାଗିଲେ । ଠିକ୍ ସେତିକିବେଳେ ଗୋଟିଏ ବଡ଼ ପିତ୍ତଳ ବାସନରେ ଦୁଧ ନେଇ ତାଙ୍କ ପୁଅ ସେଠାରେ ପହଞ୍ଚିଗଲା । ଏ ଦୃଶ୍ୟ ଦେଖି ସେ ଏମିତି ଭେଲକା ହୋଇଗଲା ଯେ, ମୁଁ ଧରିପକାଇ ନ ଥିଲେ ହାତରୁ ତାର ଦୁଧ ବାସନ ଖସିପଡ଼ିଥାନ୍ତା । ଯାହାକୁ ସେ ମଲାପରି ଦେଖିଯାଇଥିଲା, ଫେରିବା ବେଳକୁ ମୋ ଟୋପି ଉପରେ ମୁଣ୍ଡ ରଖି ସେ ସିଗାରେଟ୍ ଟାଣୁଥିବ, ଏକଥା ଦେଖିଥିଲେ ଯେ କେହି କାବା ହୋଇଥାନ୍ତା । ଦୁଧ ପିଆଇବା ପାଇଁ ପାଖରେ କିଛି ନ ଥିଲା । ପୁଅ ଯାଇ ତାଟିଆଟିଏ ଆଣିବା ପରେ କୁଅଁର ସିଂଙ୍କୁ କିଛି ଦୁଧ ପିଆଇଲି ।

ସେଦିନ ଅନେକ ରାତି ଯାଏ କୁଅଁର ସିଂଙ୍କ ପାଖରେ ରହିଲି । ପ୍ରାୟ ସେରେ ଦୁଧ ପିଇ ସେ ଶାନ୍ତିରେ ଶୋଇବା ପରେ ମୁଁ ଘରକୁ ବାହୁଡ଼ିଲି । ପୁଅକୁ କହିଦେଇଗଲି ଯେ ସେ ସେଇଠି ବସିଥିବ ଓ କୁଅଁର ସିଂଙ୍କ ନିଦ ଭାଙ୍ଗିଲେ ତାଙ୍କୁ ଅଳ୍ପ ଅଳ୍ପ ଦୁଧ ପିଆଇବ । କାହାରିକୁ କୌଣସି ଛଳରେ ଏ ଘରେ ପଶିବାକୁ ଦେବ ନାହିଁ । ମୋ କଥା ନ ମାନି ଯଦି କେହି ଏଠାକୁ ଆସେ, ତେବେ ଫଳାଫଳ ପାଇଁ ମୁଁ ତାକୁ ହିଁ ଦାୟୀ କରିବ ।

ପରଦିନ ସକାଳୁ ଠିକ୍ ସୂର୍ଯ୍ୟୋଦୟ ବେଳକୁ ଗୃହ ନିକଟରେ ପହଞ୍ଚି ଦେଖିଲି ଯେ କୁଅଁର ସିଂ ଓ ତାଙ୍କ ପୁଅ ଦୁହେଁ ନିଘୋଡ଼ ନିଦରେ ଶୋଇଛନ୍ତି । ପାଖରେ ପିତ୍ତଳ ବାସନଟି ଖାଲି ପଡ଼ିଛି ।

ଅଫିମ ଖାଇବେ ନାହିଁ ବୋଲି ସଙ୍କଳ୍ପ କୁଅଁର ସିଂ ଅକ୍ଷରେ ଅକ୍ଷରେ ପାଳନ କଲେ । ତାଙ୍କର ପୂର୍ବସ୍ୱାସ୍ଥ୍ୟ ଅନେକାଂଶରେ ଫେରିଆସିଲା । ମୋ ସହିତ ଶିକାରକୁ ନ ଗଲେ ମଧ୍ୟ ଅନେକ ସମୟରେ ମୋ ପାଖକୁ ସେ ବୁଲି ଆସୁଥିଲେ । ଏହାର ଚାରିବର୍ଷ ପରେ ଶାନ୍ତିରେ ନିଜ ଘରେ ଶୋଇ ସେ ସ୍ୱାଭାବିକ ଭାବେ ମୃତ୍ୟୁ ବରଣ କଲେ ।

□□□

Digitized by srujanika@gmail.com

ମୋତି

ମୋତିର ଚେହେରାରୁ ଜଣାପଡ଼େ ଯେ ବଡ଼ଜାତିରେ ତାର ଜନ୍ମ । ଉଚ୍ଚଜାତିର ଭାରତୀୟଙ୍କ ପରି ସୁକୁମାର ସୁନ୍ଦର ତାର ଗଢ଼ଣ । ଜାତିରେ ବଡ଼ ହେଲେ କ'ଣ ହେବ, ତା କପାଳଟା ଭାରି ଖ୍ରାପ । ସାନ ଭାଇ ଭଉଣୀ ଦୁଇଟିଙ୍କ ବୋଝ ତା ଉପରେ ଲଦି ଦେଇ ବାପା ମା' ଦୁହେଁ ଆଖି ବୁଜିବାବେଳକୁ ବୟସ ତାର ମାତ୍ର ଚଉଦ ବର୍ଷ ।

ସେତେବେଳକୁ ସେ ଛଅ ବର୍ଷ ହେଲା ବାହା ହୋଇଥାଏ । କାଲାଦୁଙ୍ଗୀରୁ ବାରମାଇଲ ଦୂର କୋଟାବାଗ୍ ଗାଁରେ ତା ଶ୍ୱଶୁରଘର । ବାହାଘର ପରଠାରୁ ସେ ତା ସ୍ତ୍ରୀକୁ କେବେ ଦେଖି ନଥିଲା । ଏବେ ଏକୁଟିଆ ଘର ସମ୍ଭାଳିବାକୁ ପଡ଼ିବ ଦେଖି ସେ ତା'ର ବାରବର୍ଷର ସ୍ତ୍ରୀକୁ ଘରକୁ ନେଇ ଆସିଲା ।

ପୈତୃକ ସମ୍ପତ୍ତି ଛଅମାଣ ଜମି । ପିଲା ଚାରୋଟି ବହୁତ ଚେଷ୍ଟା କରି ସୁଦ୍ଧା ସେତିକ ନେଇ ଆଣି ଥୋଇ ପାରିଲେ ନାହିଁ । ତା ଉପରେ ପୁଣି ମୋତି ଓ ତା ଭାଇ ଭଉଣୀ ତିନିହେଁ ମାଲେରିଆ ରୋଗୀ । ମୋତିର ସ୍ତ୍ରୀ ପାହାଡ଼ ଉପର ଗାଁରୁ ଆସିଥିବାରୁ ମାଲେରିଆରୁ ରକ୍ଷା ପାଇଥାଏ । ଚାଷକାମ ଚଳାଇବାକୁ ମୋତି ବାଧ୍ୟହୋଇ ଜଣକୁ "ସାଗୀ" କଲା । ସ୍ଥାନୀୟ ଭାଷାରେ 'ସାଗୀ' ଅର୍ଥ ସାହାଯ୍ୟକାରୀ । ସାଗୀ ଖାଇପିଇ ମୁନିବ ଘରେ ରହେ ଓ ବର୍ଷସାରା ତା ସହିତ ଖଟେ । ଫସଲରୁ ଅଧେ ସେ ଭାଗନିଏ ।

ସମସ୍ତଙ୍କ ରହିବା ଭଳି ଘର ଖଣ୍ଡିଏ ଦରକାର । ଜଙ୍ଗଲରୁ ଘାସ ବାଉଁଶ କାଟିବା ପାଇଁ ଅନୁମତି ନେଇ ଦଲମତିକ ଦୂର ବାଟ ମୁଣ୍ଡାଇଆଣି ମୋତି ବହୁ କଷ୍ଟରେ ଘର ତିଆରି କଲା । ଏ ଅଞ୍ଚଳର ପ୍ରବଳ ଝଡ଼-ତୋଫାନରେ କଚ୍ଚା ଘର ଘଣ୍ଟିକ ବାରମ୍ବାର ଭାଙ୍ଗି ଯାଉଥାଏ । ଥରକୁ ଥର ଘର ମରାମତି କରିବା ମୋତି ଉପରେ ଭାରୀ ବୋଝ ହୋଇପଡ଼େ । ସେଥିରୁ ତାକୁ ନିସ୍ତାର ଦେବା ପାଇଁ ଚାରି ଫୁଟ ଉଚ୍ଚ ନିଅଁ ଉପରେ ଚଉଡ଼ା ବାରଣ୍ଡା ରଖି ତା ପାଇଁ ମୁଁ ତିନି ବଖରା ପକ୍କା ଘର ତୋଳିଦେଲି ।

ଜନ୍ତୁଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ଲୋକେ ଗାଁ ଚାରିପଟେ କଣ୍ଟା ବାଡ଼ଟିଏ ଘେରାଇ ଥାଆନ୍ତି । ବାଡ଼ ବାନ୍ଧିବାରେ ଯେତେ ପରିଶ୍ରମ ଓ ସମୟ ଲାଗେ, ସେଇ ଅନୁପାତରେ ସେଥିରୁ ଫଳ ମିଳେ ନାହିଁ । ବୁଲା ଗାଈଗୋରୁ ଓ ବଣଜନ୍ତୁ ବାଡ଼ ଭାଙ୍ଗି ଫସଲ ଉଜାଡ଼ି ଦିଅନ୍ତି । ତେଣୁ ଚାଷୀ ବା ତା'ପରିବାରର କାହାକୁ ରାତି ଉଜାଗର ରହି କ୍ଷେତବାଡ଼ ଜଗିବାକୁ ପଡ଼େ । ଗୋଳା ବାରୁଦ ଉପରେ ସେତେବେଳେ କଡ଼ା କଟକଣା । ଗାଁର ଚାଳିଶ ଘର ଲୋକଙ୍କ ପାଇଁ ସରକାର ଗୋଟିଏ ଏକନଳିଆ ଦାରୁଖୁନ୍ଦା ବନ୍ଧୁକ ମଞ୍ଜୁର କରିଥା'ନ୍ତି ।

Digitized by srujanika@gmail.com

ବନ୍ଧୁକଟି ଉଜମାଲି ସମ୍ପତ୍ତି; ପାଳି ଅନୁଯାରେ ଗ୍ରାମବାସିଙ୍କ ଭିତରୁ ଯେଉଁ ଜଣଙ୍କ ଭାଗରେ ପଡ଼େ । ଅନ୍ୟମାନଙ୍କ ପାଇଁ ଗ୍ରାମସାରା ଚେଇଁରହି ଟିଣ ବାଡ଼େଇବା ଛଡ଼ା ଉପାୟ ନ ଥାଏ । କ୍ଷେତରେ କେବେ କେମିତି ବାଘ, ହରିଣ ଆଦି ମରନ୍ତି । କିନ୍ତୁ ଯେତେ ଯାହା କଲେ ମଧ୍ୟ ଜନ୍ତୁଙ୍କୁ କେତେକେ ସମ୍ଭାଳି ହୁଏ ! ଗୃହ ପାଖରେ ତ ଜଙ୍ଗଲ—କେଉଁ ପଟୁ କେତେ ଜଗିବେ ? ଲୋକଙ୍କ ଦୁରବସ୍ଥା ଦେଖି ଗାଁ ଗୃହପାଟେ ପଥର ପାଚେରିଟିଏ ଘେରାଇଦେବାକୁ ସ୍ଥିର କଲି । ସେତେବେଳେ ମୁଁ ମୋକାମା ଘାଟରେ ଠିକାଦାରୀ ଆରମ୍ଭ କରିଥାଏ । ସେଥିରୁ ଲାଭ କିଛି ମିଳିବା ମାତ୍ରେ କାମଟି ଆରମ୍ଭ କରିଦେଲି । ଯାହା ଅଳ୍ପ କିଛି ପାଏ, ସବୁ ସେଥିରେ ଲଗାଏ । ଅଭାବ ଅସୁବିଧା ଭିତରେ ପାଚେରିଟି ସରିବାକୁ ଦଶବର୍ଷ ଲାଗିଗଲା । ଛଅ ଫୁଟ ଉଚ୍ଚ ଓ ଦଶ ମାଇଲ ଲମ୍ବ ଏହି ପାଚେରି ଏବେ ମଧ୍ୟ ଆମ ଗାଁକୁ ଘେରି ରହିଛି । ହଲଦ୍ୱାନୀରୁ ରାମନଗର ଯାଉଥିବା ମୋଟର ରାସ୍ତା କାଲାଦୁଙ୍ଗୀ ନିକଟ ବୋଆର ପୋଲ ଅତିକ୍ରମ କରି ଜଙ୍ଗଲରେ ପ୍ରବେଶ କରିବା ପୂର୍ବରୁ କିଛି ବାଟ ଏହି ପାଚେରି କଡ଼େ କଡ଼େ ଯାଇଛି ।

ଅନ୍ୟ ଜନ୍ତୁଙ୍କ ଅପେକ୍ଷା ଗୋଟାଏ ବାରହାର ଉତ୍ପାତରେ ଗାଁ ଲୋକ ବ୍ୟତିବ୍ୟସ୍ତ ହେଉଥାନ୍ତି । ବାରହାଟା ଆକାରରେ ମଇଁଷି ବାଛୁରୀ ପରି । ତାର ବଡ଼ ବଡ଼ ବଙ୍କା ଦାନ୍ତ ଦୁଇଟା ଦେଖିଲେ ଭୟ ଲାଗେ । ଲୋକେ ତାକୁ "ସଇତାନ" ବୋଲି ନାଁ ଦେଇ ଥାଆନ୍ତି । ପିଲାବେଳେ ସେ ବାଡ଼ରେ ଗଳିପଶି ଫସଲ ଖାଇ ଗଣ୍ଡି ବଢ଼ାଉଥିଲା । ପାଚେରି ତିଆରି ହେବା ପରେ କିଛି ଦିନ ଭିତରକୁ ପଶି ନ ପାରି ସେ ନୂଆ ଗୋଟିଏ ଫିକିର କଲା । ଅସମାନ ପଥର ବାହାରି ପାଚେରିର ବାହାର ପାଖ ଖାବଡ଼ାଖୁବଡ଼ା ହୋଇଥାଏ । ବାରହା ପଥରସନ୍ଧିରେ ଗୋଡ଼ ଦେଇ ପାଚେରି ଡେଇଁବା ଶିଖିଗଲା । କେତେ ଥର ସେ ଛରରା ମାଡ଼ ଖାଇଲା ଓ ତା' ଯିବା ବାଟରେ ରକ୍ତ ଦାଗ ମଧ୍ୟ ଅନେକ ଥର ଦେଖାଗଲା । କିନ୍ତୁ କେଉଁଥିରେ ନ ମରି ଦିନୁଦିନ ବଳବପୁ ବଢ଼ିବା ସଙ୍ଗେ ସେ ଅଦ୍ଭୁତ ଧୃଷ୍ଟ ହେବାକୁ ଲାଗିଲା ।

ଡିସେମ୍ବର ମାସ । ବେଶ୍ ଶୀତ ପଡ଼ୁଥାଏ । ଦିନେ ବଡ଼ସକାଳୁ ରବିନ୍‌କୁ * ସଙ୍ଗରେ ନେଇ ମୁଁ ଗାଁ ବାଟେ ବୁଲି ଯାଉଥିଲି । ଆଗରେ ଦୌଡ଼ାଦୌଡ଼ି କରି ବଣକୁକୁଡ଼ାଙ୍କୁ ଚକୋର ଚଢ଼େଇ ଘଉଡ଼ାଇବାରେ ରବିନ୍‌ର ଭାରି ଆନନ୍ଦ । ସକାଳେ ସଞ୍ଜେ ଚକୋରଙ୍କ ରାବ ଶୁଣିବାକୁ ଭଲଲାଗେ ବୋଲି ରବିନ୍ ଛଡ଼ା ଆମ ଗାଁର ଆଉ କେହି ସେ ଚଢ଼େଇଙ୍କ ପଛରେ ଲାଗନ୍ତି ନାହିଁ । ବାଟରେ ଗୋଟିଏ ମାହାଳି ପାଖ କାଦୁଅ ମାଟିରେ "ସଇତାନ"ର ଖୋଜ ଦେଖି ତାହା ଅନୁସରଣ କରି ମୋତିର ଘରବାଡ଼ି କେଡ଼ାରେ ପହଞ୍ଚିଲି । ଘର ଆଗରେ

* ଲେଖକଙ୍କ କୁକୁର । ଶିକାରରେ ଲେଖକଙ୍କୁ ସେ ଅନେକ ସାହାଯ୍ୟ କରୁଥିଲା । ତା ବିଷୟ ତାଙ୍କର ସବୁ ବହିରେ—ବିଶେଷ କରି "କୁମାୟୁଁର ନରଖାଦକ"ରେ ବିଶଦଭାବେ ବର୍ଣ୍ଣନା କରାଯାଇଛି—ଅନୁବାଦକ

Digitized by srujanika@gmail.com

ମୋଢର ସ୍ତ୍ରୀ ଅଣ୍ଟାରେ ହାତ ଦେଇ ଖପ୍‌ପା ହୋଇ ତାଙ୍କ ଆଳୁ କିଆରିକୁ ଅନାଇ ଛିଡ଼ା ହୋଇଥିଲେ । ଦେଖିଲି ଯେ କିଆରିଟିର ଅଧା ଅବସ୍ଥା ନାହିଁ; ରାତିରେ 'ସଇତାନ' ସେଥିରେ ପଶି ସବୁ ଶେଷ କରି ଦେଇଛି । ଆଳୁ ପାକଳ ହୋଇ ନ ଥିଲା । 'ସଇତାନ' ସେ ଦିନ ଟିକିଏ ବେଶି ଭୋକିଲା ଥିଲା ବୋଧହୁଏ । କଅଁଳିଆ ଆଳୁଗଛ ପାଇ ସେ ଅଉ କିଛି ବାକି ରଖି ନ ଥାଏ ।

ମୋତେ ଦେଖିଦେବା ମାତ୍ରେ ମୋଢ ଉଦ୍ଦେଶ୍ୟରେ ଗାଳିଗୁଲଜ ଆରମ୍ଭ କରି ତା ସ୍ତ୍ରୀ କହିଲା, "ପୁନ୍ଦା ବାପ ଦୋଷରୁ ଶେଷରେ ଏଇ ଦଶା ପଡ଼ିଲା । କାଲି ବନ୍ଧୁକଟା ଯେମିତି ହାତରେ ପଡ଼ିଛି, ନିଜ କ୍ଷେତବାଡ଼ି ନ ଜଗି କାଲୁର ଗହମ କିଆରିରେ ଯାଇ ହାଜର । ସେଠି କୁଆଡ଼େ ସମ୍ବର ପଡ଼ିବେ ଅଉ ଇଏ ତାଙ୍କୁ ମାରିବେ । ରାତିସାରା ସେ ସେଆଡ଼େ । ଏଣେ ସଇତାନ ଆସି ଏଠି କଣ କରିଛି ଦେଖନ୍ତୁ !" ପୁନ୍ଦା ମୋଢର ପୁଅ । ଭାରତୀୟ ମହିଳାମାନେ ସ୍ୱାମୀର ନାଁ ଧରନ୍ତି ନାହିଁ । ପିଲା ହେବା ପୂର୍ବରୁ ସ୍ୱାମୀକୁ "ଘରର ମିଣିପ" ଓ ପରେ ତାକୁ "ପଢ଼ୁଆଁ ପିଲାର ବାପ" ବୋଲି କୁହାଯାଏ । ମୋଢର ତିନି ପିଲାଙ୍କ ଭିତରେ ପୁନ୍ଦା ବଡ଼ । ସେ ଜନ୍ମ ହେବା ପରେ ମୋଢକୁ "ପୁନ୍ଦା ବାପ" ଓ ମୋଢର ସ୍ତ୍ରୀକୁ "ପୁନ୍ଦା ମା" ବୋଲି ସମସ୍ତେ ଡାକନ୍ତି ।

କାମରେ ବା କଥାରେ ମୋଢ ସ୍ତ୍ରୀର ସମକକ୍ଷ ଆମ ଗାଁରେ କେହି ନ ଥିଲେ । ପୁନ୍ଦା ବାପ ଉପରେ ମନ ଖୋଲି ବହେ ମନ୍ତବ୍ୟ ଦେବା ପରେ କଥାଟାକୁ ସେ ହଠାତ୍ ମୋର ଆଡ଼କୁ ବୁଲାଇ ଆଣିଲା । କହିଲା, ମୁଁ ପଇସା ଗୁଡ଼ାଏ ବରବାଦ କରି ଏମିତି ପାଚେରିଟା ଗଢ଼ିଲି ଯେ ସାମାନ୍ୟ ଘୁଷୁରିଟାଏ ବି ତାକୁ ଡେଇଁଯାଉଛି ! ଘୁଷୁରିଟାକୁ ମାରିବାକୁ ମୋର ଯଦି ସକ୍ଷ ନାହିଁ, ଅନ୍ତତଃ ପାଚେରିଟାକୁ ତ ଅଉ ଦି'ହାତ ଉଠାଇ ଦେଇ ପାରିବି !! କଣ କହିବି ଭାବି ନ ପାରି ଖସିବାକୁ ମୁଁ ବାଟ ଖୋଜୁଥାଏ । ମୋ ଉପରେ ତମ୍ବିତଲବ ଚାଲିଥିବାବେଳେ ଦୈବାତ୍ ମୋଢ ଆସି ପହଞ୍ଚିଗଲା । ତା' ସ୍ତ୍ରୀ ପାଖରେ ତାକୁ ଜଗାଇ ଦେଇ ରବିନ୍‌କୁ ନେଇ ପଛେଇ ପଛେଇ ଖସି ଆସିଲି ।

× × ×

ସେ ଦିନ ଉପରଓଳି ପାଚେରି ବାହାରେ 'ସଇତାନ'ର ଖୋଜ ଦାଗ ପଡ଼ିଥିବା ଦେଖିଲି । ଖୋଜ ବାରି ବାରି ବାଟେ ବୋଅର୍ ନଈକୂଳରେ ଦୁଇ ମାଇଲ ଗଲାପରେ ଦେଖିଲି ଯେ, ବାର୍‌ହା କଣ୍ଟାବୁଦା ଓ ଭୁଢ଼ଅଙ୍ଗର ଗୋଟିଏ ଜଟାଳିଆ ଝୋପରେ ପଶିଛି । ସଞ୍ଜ ବୁଡ଼ିବା ପୂର୍ବରୁ ସେଥିରୁ ସେ ବାହାରିବା ଖୁବ୍ ସମ୍ଭବ । ଦିନ ଥାଉ ଥାଉ ମୋ ହାବୁଡ଼େ ପଡ଼ିଲେ ତାକୁ ଛାଡ଼ିବି ନାହିଁ ବୋଲି ସ୍ଥିର କଲି ।

ନଈକୂଳରେ ଗୋଟିଏ ବଡ଼ ପଥର ଉହାଡ଼ରେ ଲୁଚି ବସିଲି । ଟିକିଏ ପରେ ଜଙ୍ଗଲ ଉପରମୁଣ୍ଡରୁ ମାଈ ସମ୍ବରଟିଏ ହମ୍ବାଳିବାକୁ ଆରମ୍ଭ କରି ସେଠାରେ ବାଘ ଅଛି ବୋଲି ଜଙ୍ଗଲର ଜୀବଜନ୍ତୁଙ୍କୁ ସେ ସତର୍କ କରାଇ ଦେଲା । ସେ ପାଖ ଜଙ୍ଗଲରେ ବାଘ ରହନ୍ତି ।

Digitized by srujanika@gmail.com

କିଛି ବର୍ଷ ପରେ ଏଠାକାର ବିଖ୍ୟାତ ବାଘ "ଚୌଲଗଡ଼ର କୁମାର" *କୁ ମୁଁ ସେହି ଜଙ୍ଗଲରେ ହିଁ ମାରିଥିଲି । ପନ୍ଦର ଦିନ ତଳେ ଶିକାରୀ ଦଳେ କାଲାଢୁଙ୍ଗୀରେ ପହଞ୍ଚିଥିବା କଥା ମନେପଡ଼ିଲା । ଦଳରେ ଶିକାରୀ ମୋଟେ ତିନି ଜଣ, କିନ୍ତୁ ହାତୀ ଥାଆନ୍ତି ଆଠ । ବୋଅର ନଦୀ ଏ କୂଳରେ ଶିକାର କରିବା ପାଇଁ ମୁଁ ଅନୁମତି ନେଇଥାଏ । ନଦୀ ସେପାରିରେ ସେମାନଙ୍କର ଶିକାର କରିବା କଥା । ଯେଉଁ ବାଘକୁ ମାରିବାକୁ ସେମାନେ ଆସିଥାଆନ୍ତି, ସେ କିନ୍ତୁ ନଦୀ ଏପାରି ମୋର ଶିକାର ଇଲାକାରେ ରହୁଥାଏ । ତାକୁ ଲୋଭ ଦେଖାଇ ଆର କୂଳକୁ ନେବା ପାଇଁ ଶିକାରୀମାନେ ସେଠାରେ ଜଙ୍ଗଲରେ ସର୍ବମୋଟ ଛଅଟି ମଇଁଷି ବାନ୍ଧିଥାଆନ୍ତି । କିନ୍ତୁ ମଇଁଷିଙ୍କର ହେପାଜତ କିଛି ନ କରିବା ଫଳରେ ବାଘ ସେଥିରୁ ଦୁଇଟି ମଇଁଷି ମାରିବାବେଳକୁ ଅନ୍ୟଗୁଡ଼ିକ କେବଳ ଅଣହେଳାରୁ ମରିଥାଆନ୍ତି । ଗତ ରାତିରେ ପ୍ରାୟ ନଅଟା ବେଳେ ସେପାରି ଜଙ୍ଗଲରୁ ଓଜନଦାର ରାଇଫଲ୍‌ର ଆବାଜ ଶୁଣିଥିଲି ବୋଲି ମନେପଡ଼ିଲା ।

ପଥର ଉହାଡ଼ରେ ବସି ବସି ଦୁଇ ଘଣ୍ଟା ବିତିଗଲା । ବାଘୁହାର ଦେଖା ନାହିଁ । ସମ୍ବର ପୂର୍ବପରି ବୋବାଇ ଚାଲିଛି । ମାଛଅନ୍ଧାର ହେଲାଣି । ଆଉ ଅପେକ୍ଷାରେ ଲାଭ ନାହିଁ ଦେଖି ନଦୀ ପାର ହୋଇ "କୋଟା" ରାସ୍ତାରେ ଚାଲିଲି । ରାସ୍ତା କଡ଼ରେ ଜାଗାଏ ଗୁମ୍ଫାଗୁଡ଼ାଏ ପଡ଼େ । ସେଥିରୁ ଗୋଟିକରେ ପ୍ରକାଣ୍ଡ ଅଜଗର ସାପଟିଏ ରହୁଥିବା ମୋତେ ଜଣାଥିଲା । ମାସେ ତଳେ ଜଙ୍ଗଲ ବିଭାଗର ବଲ୍ ବେଏଲି ସେଇ ଗୁମ୍ଫା ନିକଟରେ ବାର ଫୁଟିଆ ଅହିରାଜ ସାପଟାଏ ମଧ୍ୟ ଗୁଳିକରି ମାରିଥିଲେ । ଗୁମ୍ଫା ପାଖ ରାସ୍ତାତକ ଅତି ସାବଧାନରେ ଅତିକ୍ରମ କରି ଗାଁମୁଣ୍ଡରେ ପହଞ୍ଚିଲି । ସେଠାରୁ ମୋତିକୁ ଡାକଦେଇ ବଡ଼ଭୋରରୁ ମୋ ସହିତ ଜଙ୍ଗଲକୁ ଯିବା ପାଇଁ ପ୍ରସ୍ତୁତ ରହିବାକୁ କହିଗଲି ।

କାଲାଢୁଙ୍ଗୀ ଜଙ୍ଗଲରେ ଶିକାର କଲାବେଳେ ବହୁ ବର୍ଷ ଯାଏ ମୋତି ବରାବର ମୋ ସହିତ ଯାଉଥିଲା । ଶିକାର ପାଇଁ ଡାକରା ପାଇଲେ ସେ ହେଳା ନ କରି ଠିକ୍ ସମୟରେ ଆସି ପହଞ୍ଚିଯାଏ । ମୋତି ଯେମିତି ସାହସୀ, ସେମିତି ବୁଦ୍ଧିମାନ୍; ଆଉ ଶିକାର କରିବାରେ ତାର ପ୍ରବଳ ଆଗ୍ରହ । ଭଲ ଶିକାରୀର ଅନେକ ଗୁଣ ତା'ଠାରେ ଥିଲା । ଶୁଖିଲା ଘାସପତ୍ର ଉପରେ ନିଃଶବ୍ଦରେ ସେ ଚାଲିପାରେ ଓ ଜନ୍ତୁଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖି ଜଙ୍ଗଲରୁ ଶବ୍ଦ ସୂଚନା ପାଇଁ କାନ ଡେରିଥାଏ । ସେଦିନ ପାହାନ୍ତାରେ ଆମେ ଦୁହେଁ ଜଙ୍ଗଲରେ ପଶିବା-ବେଳକୁ ଘାସପତ୍ର ସବୁ କାକରରେ ଓଦା । ପଶୁପକ୍ଷୀଙ୍କ କୋଳାହଳରେ ଜଙ୍ଗଲଟି ମୁଖରିତ । ପୂର୍ବ ସନ୍ଧ୍ୟାରେ ସମ୍ବର ହମ୍ବାଳିବା ଶୁଣି ମୁଁ ଅନୁମାନ କରିଥିଲି ଯେ ସମ୍ବରର ଛୁଆକୁ ବାଘ ମାରିଦେଇଛି ଓ ବାଘକୁ ଦେଖୁଥିବା ଯାଏ ସମ୍ବରଟି ବୋବାଉଛି । ମୋଠାରୁ ଏ କଥା ଶୁଣି ମୋତି ଖୁସିଟାଏ ହୋଇଗଲା । ମାଂସ ଖାଇବାରେ ତା'ର ଭାରି ସଉକ; କିନ୍ତୁ କଣିବାକୁ

---

* "କୁମାୟୁଁର ନରଖାଦକ" ବହିରେ ଏ ବିଷୟ ବର୍ଣ୍ଣନା କରାହୋଇଛି—ଅନୁବାଦକ

Digitized by srujanika@gmail.com

ପଇସା ଜୁଟେ ନାହିଁ । ବାଘ ମାରିଥିବା ଜନ୍ତୁଟିଏ ପାଇଯିବା ତା ପକ୍ଷରେ ମହାଆନନ୍ଦର କଥା ।

ପୂର୍ବ ସନ୍ଧ୍ୟାରେ ଉତ୍ତରକୁ ମୋଠାରୁ ପ୍ରାୟ ପନ୍ଦର ଶହ ଗଜ ଦୂରରେ ସମ୍ବର ବୋବାଉଥିବା ଅନୁମାନ କରିଥିଲି । ସେଠାରେ ପହଞ୍ଚି ଶିକାରକୁ ଠାବ କରିବା ଭଳି ରକ୍ତଦାଗ, ଘୋଷରା ଚିହ୍ନ ବା ଜନ୍ତୁର ଲୋମ ଟିକିଏ ମଧ୍ୟ ଖୋଜି ପାଇଲି ନାହିଁ । ତା ସତ୍ତ୍ୱେ ବାଘ ନିଶ୍ଚୟ ସମ୍ବର ମାରିଛି ବୋଲି ମୋର ଦୃଢ଼ ଧାରଣା ଥାଏ । ସେଠାରୁ କେଇ ଶହ ଗଜ ଦୂର ଏକ ପାହାଡ଼ ତଳୁ ଅଗଭୀର ଖାଲ ଦୁଇଟି ପରସ୍ପରଠାରୁ ପ୍ରାୟ ତିରିଶ ଗଜ ବ୍ୟବଧାନରେ ଶହେ ଗଜ ଆଗେଇ ଆସି ଆମଠାରୁ ଅଳ୍ପ ଦୂରରେ ମିଶିଥାଆନ୍ତି । ଦୁଇ ଖାଲ ମଝିରେ ଶ୍ରେଷ୍ଠ ଶ୍ରେଷ୍ଠ ବୁଦାର ଜଙ୍ଗଲ । ମୋତି କହିଲା ଯେ ସେ ଡାହାଣ ପାଖ ଖାଲରେ ପଶି ଖୋଜିବ ଓ ବାଁ ପାଖ ଖାଲଟି ମୁଁ ଖୋଜିବି । ତିରିଶ ଗଜ ତଫାତରୁ ଦୁହେଁ ଦୁହିଁଙ୍କୁ ସହଜରେ ଦେଖିପାରିବୁ ଭାବି ତା ପ୍ରସ୍ତାବରେ ମୁଁ ରାଜି ହୋଇଗଲି ।

ଖାଲରେ ପଶିଲୁଁ । ଭୂଇଁକୁ ଟିକିନିଖି ପରୀକ୍ଷା କରି ଅତି ଧୀରେ ଆଗେଇବାକୁ ହେଉଥାଏ । ମଝିରେ ମଝିରେ ଆଖି ଫେରାଇ ମୋତି ଉପରେ ମୁଁ ନଜର ରଖିଥାଏ । ଏହିପରି ପ୍ରାୟ ଶହେ ଗଜ ଯିବା ପରେ ମୋତି ଆଡ଼କୁ ଥରେ ଅନାଇ ଦେବାବେଳକୁ ସେ ହଠାତ୍ ଆର୍ତ୍ତନାଦ କରି ପଛକୁ ଡେଇଁପଡ଼ିଲା ଓ ଉଚ୍ଚସ୍ୱରରେ ଚିତ୍କାର କରି ପ୍ରାଣମୂର୍ଚ୍ଛା ଧାଇଁବାକୁ ଲାଗିଲା । ଜଙ୍ଗଲର ନିର୍ଜନତା ଭିତରେ ମଣିଷର ବିକଳ ଆର୍ତ୍ତନାଦ ଅତି ଭୟଙ୍କର ଶୁଣାଯାଏ । ଅଜଣା କେତେ ଆଶଙ୍କା ମନରେ ଖେଳିଗଲା । ଭୟ ହେଲା ଯେ ମୋତି ତଳମୁହାଁ ହୋଇ ଯାଉ ଯାଉ ଅଜାଣତରେ ବାଘ ଉପରେ ଗୋଡ଼ ପକାଇ ଦେଇଛି । ଖାଲ ଭିତରୁ ମୋତିର ମୁଣ୍ଡ କେବଳ ମୋତେ ଦିଶୁଥାଏ । ବାଘ ତାକୁ ଆହତ କରିଛି ନା ଆକ୍ରମଣ କରିବାକୁ ଗୋଡ଼ାଇଛି—ତାହା ଜାଣିବାର ମଧ୍ୟ ଉପାୟ ନ ଥାଏ । ବାଘ ଦେଖାଦେବା ମାତ୍ରେ ଗୁଳି ଚଳାଇବାକୁ ପ୍ରସ୍ତୁତ ହୋଇ ମୋତିର ଠିକ୍ ଫୁଟେ ପଛକୁ ବନ୍ଧୁକ ଲକ୍ଷ୍ୟକରି ଧରିଲି । ମୋତି ବିନା ବାଧାରେ ପ୍ରାୟ ଶହେ ଗଜ ଦୌଡ଼ିଯିବା ଦେଖି ଭରସା ହେଲା ଯେ ବାଘ ତା ପଛରେ ନାହିଁ । ସେହିଠାରେ ଅଟକି ମୋ ଆସିବାଯାଏ ସ୍ଥିର ରହିବାକୁ ଡାକ ପକାଇ ତାହାରି ଆଡ଼େ ଧାଇଁଲି ।

ମୁଁ ପହଞ୍ଚିବାବେଳକୁ ମୋତି ଗୋଟିଏ ଗଛକୁ ଆଉଜି ଛିଡ଼ା ହୋଇଛି । ତା ଦେହରେ ବା ଲୁଗାପଟାରେ ରକ୍ତ ନ ଦେଖି ସାହସ ଫେରିଲା । ମୋତେ ଦେଖିବା ମାତ୍ରେ ମୋତି ଆତଙ୍କଭରା ସ୍ୱରରେ 'ବାଘ କାହିଁ ?' ବୋଲି ପଚାରିଲା । ଉତ୍ତରରେ କହିଲି ଯେ ତା କପାଳ ଜୋରରୁ ବାଘ ଏଠାରେ ନାହିଁ । ତା' ନ ହେଲେ ତା ଦୌଡ଼ ଦେଖି ନ ଆସୁଥିବା ବାଘ ବି ଗୋଡ଼ାଇ ଆସିଥାଆନ୍ତା । ମୋତି କ୍ଷୀଣ ସ୍ୱରରେ ଖନେଇ ଖନେଇ କହିଲା, "ପାଟି କରି ଦୌଡ଼ିବା ଠିକ୍ ହେଲା ନାହିଁ, ସାହେବ ! କିନ୍ତୁ—ମୁଁ—ଆଉ—ରହି—ପା—ରି—ଲି—ନି— ।" ପାଟିରୁ କଥା ନ ସରୁଣୁ ତା ଦେହ ଝୋଲି ମାରିଗଲା । ମୁଁ ଧରୁ ଧରୁ ହାତରୁ

Digitized by srujanika@gmail.com

ଖସିଯାଇ ସେ ଅଚେତ ହୋଇ ତଳେ କଚ୍ଛଡ଼ି ପଡ଼ିଲା । ମୁହଁ ତାର ଶେତା ପଡ଼ିଯାଇଥାଏ । ଘଡ଼ିଏ କେତେ ମିନିଟ ସେ ହଲଚଲ ନ ହେବା ଦେଖି ଆଶଙ୍କା ହେଲା ଯେ ଭୟର ସଙ୍ଘାତରେ ହୁଏତ ତା ପ୍ରାଣ ଚାଲିଯାଇଛି ।

ଆକସ୍ମିକ ଏପରି ଦୁର୍ଯୋଗରେ ଜଙ୍ଗଲରେ କିଛି କରିବାର ଉପାୟ ନାହିଁ । ମୋଠକୁ ଚିତ୍ କରି ଶୁଆଇ ଲୁଗାପଟା ହୁଗାଳି ତା ହାତ ଗୋଡ଼ ଓ ଗୁନ୍ଥକୁ କେବଳ ଘଷା ଆଉଁସା କରିବାରେ ଲାଗିଲି । ଅନେକ ସମୟ ବିତିଗଲା । ମୁଁ ପ୍ରାୟ ଆଶା ହରାଇବା ଉପରେ । ଏତିକବେଳେ ମୋଠ ଆଖି ମେଲାଇ ମୋତେ ଚାହିଁଲା ।

ଟିକିଏ ସାଷ୍ଟମ ହୋଇ ସେ ଗଛକୁ ଅଉଜା ବସିବା ପରେ ସିଗାରେଟ୍‌ରେ ନିଆଁ ଧରାଇ ତା ଓଠରେ ଦେଲି ଓ ବ୍ୟାପାର କଣ ବୋଲି ପଚାରିଲି । ମୋଠ କହିଲା, "ଖାଲ ଭିତରେ ମୁଁ ଧୀରେ ଧୀରେ ଚାଲିଥିଲି । ତଳକୁ ଅନାଇ ଚାଲିଛି—ଅନ୍ୟଆଡ଼କୁ ନଜର ନାହିଁ । ଯାଗାଏ ପଥର ଉପରେ କେଇ ବୁନ୍ଦା ରକ୍ତ ପଡ଼ିଥିବା ପରି ଦେଖାଗଲା । ଭଲ କରି ଦେଖିବାକୁ ସାମନାକୁ ଝୁଙ୍କି ପଡ଼ିଲି । ତା' ପରେ ମୁହଁ ଉଠାଇ ଯାହା ଦେଖିଲି, ସାହେବ, ସେ କଥା କଣ କହିବ ? ଠିକ ଚାରି ପାହୁଣ୍ଡ ଛଡ଼ାରେ ବାଘଟାଏ ପାଟି ଆଁ କରି ମୋ ମୁହଁକୁ ଅନାଇଛି । ପାଟିରୁ ଧାର ଧାର ରକ୍ତ ଝରି ତା ଗୁନ୍ଥସାରା ବୋଳା ହୋଇଛି । ମନେ ହେଲା ଯେମିତି ଆଉ ମୁହୂର୍ତ୍ତକେ ମୋ ଉପରକୁ ସେ କୁଦି ପଡ଼ିବ । ମୋ ବୁଦ୍ଧି ହଜିଗଲା । ପାଟିକରି ପ୍ରାଣ ବିକଳରେ ଧାଇଁ ପଳାଇ ଆସିଲି ।" ବାଘ ଶୋଇଥିବା ଜାଗାଟି ବେଶ୍ ଖୋଲା, ସେଠାରେ ଲଟାବୁଦା ବେଶି ନାହିଁ ଓ ସମ୍ବର ବା ଅନ୍ୟ କୌଣସି ମଲା ଜନ୍ତୁ ସେଠାରେ ପଡ଼ିନାହିଁ ବୋଲି ମୋଠ କହିଲା ।

ମୋଠକୁ ସେହିପରି ବସିବାକୁ କହି ସିଗାରେଟ୍ ଲଗାଇ ଅନୁସନ୍ଧାନରେ ବାହାରିଲି । କଥାଟା କେମିତି ଅଡ଼ୁଆ ଲାଗୁଥାଏ । ରକ୍ତମୁଖା ବାଘ । ମଣିଷ ତାର ଏତେ ପାଖରୁ ଦୌଡ଼ି ପଳାଇବା ସତ୍ତ୍ୱେ ସେ ଆକ୍ରମଣ କାହିଁକି ନ କଲା, ତାହା ମୁଁ ବୁଝିପାରୁ ନଥାଏ । ମୋଠ ଯେଉଁଠାରେ ଚିତ୍କାର କରି ଉଠିଥିଲା, ଅତି ସନ୍ତର୍ପଣରେ ସେ ଯାଏଁ ଯାଇ ଦେଖିଲି ଯେ ବାଘ ଆଉ ସେଠାରେ ନାହିଁ । ଟିକେ ପୂର୍ବରୁ ଉଠି ସେ ଚାଲିଯାଇଛି । ସେଠାରେ ସେ ବାରମ୍ବାର ଗଡ଼ିଥିବା ହେତୁ ଚକଡ଼ାଏ ଜାଗାରୁ ଶୁଖିଲା ପତ୍ର ସବୁ ଆଡ଼େଇ ହୋଇ ଯାଇଥାଏ । ପାଖରେ ରକ୍ତ ମନ୍ଦାଏ ଜମାଟ ବାନ୍ଧି ରହିଥିଲା । ଆଉ ପାଖକୁ ବୁଲିଯାଇ ବାଘର ଯିବା ବାଟରେ ଅଷ୍ପଷ୍ଟ ଧାରେ ରକ୍ତ ଅଙ୍କାବଙ୍କା ହୋଇ ପଡ଼ିଥିବା ଦେଖିଲି । ଧାରଟି ଆଠ ବାଙ୍କ ହୋଇ ପାହାଡ଼ ପାଖ ଯାଏ ପଡ଼ିଥାଏ ଓ ପାହାଡ଼ କଡ଼େ କଡ଼େ କେତେ ବାଟ ଯାଇ ଗୋଟିଏ ଗହ୍ୱର ଅଣଓସାରିଆ ଖୋଲରେ ପଶିଥାଏ । ଖୋଲ ଭିତରେ ଟିକିଏ ଝରଣାଟିଏ । ବାଘ ଝରଣା କୂଳରେ କିଛି ବାଟ ଯିବା ପରେ ଖୋଲ ଉପର ପାହାଡ଼ ସନ୍ଧିରେ ପଶି କୁଆଡ଼େ ଚାଲିଯାଇଥାଏ । ସେଠାରୁ ଫେରିଆସି ଜମାଟ ବାନ୍ଧିଥିବା ରକ୍ତମନ୍ଦାକୁ ଆଉ

Digitized by srujanika@gmail.com

ଥରେ ପରୀକ୍ଷା କଲି । ସେଥିରୁ ଭଙ୍ଗାଦାନ୍ତ ଓ ଗ୍ରେଟ ଗ୍ରେଟ ହାଡ଼ କେଇଖଣ୍ଡ ପାଇବା ପରେ ଘଟଣାର ଅନୁମାନଟି ସ୍ପଷ୍ଟ ହୋଇଉଠିଲା ।

ଦୁଇଦିନ ପୂର୍ବେ ଗ୍ରାମରେ ଯେଉଁ ବନ୍ଧୁକ ଆବାଜ ଶୁଣିଥିଲି, ସମ୍ଭବତଃ ସେହି ଗୁଳିମାଡ଼ରେ ବାଘର ତଳପାଟି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଛି । ଆହତ ବାଘ ପ୍ରାଣ ବିକଳରେ ତାର ପୂର୍ବ ପରିଚିତ ଏହି ଜଙ୍ଗଲକୁ ପଳାଇ ଆସିଛି । ତଳପାଟିର ଆଘାତ ଜନ୍ତୁଙ୍କ ସବୁଠାରୁ ବେଶୀ କଷ୍ଟ ଦିଏ । ବାଘଟି ଦୁଇ ଦିନ ଧରି କିଛି ଖାଇ ନାହିଁ । ଜ୍ୱର ଓ ରକ୍ତହାନି ତାକୁ ଆହୁରି ଦୁର୍ବଳ କରିଦେଇଛି । ସେ ଦିନ ସନ୍ଧ୍ୟାରେ ସେ ଯନ୍ତ୍ରଣାରେ ଏଠାରେ ଛଟପଟ ହେଉଥିବାବେଳେ ସମ୍ବର ତାକୁ ଦେଖି ବୋବାଉଥିଲା । ମୋଷ ତା ସହିତ ମୁହାଁମୁହିଁ ହୋଇଯିବା ବେଳକୁ ବାଘ ବୋଧହୁଏ ସମ୍ପୂର୍ଣ୍ଣ ସଚେତ ନ ଥିଲା । ତାହା ହୋଇ ନ ଥିଲେ ମୋଷ ବଞ୍ଚି କରି କଦାପି ଫେରି ନ ଆନ୍ତା । ମୋଷର ଚିତ୍କାରରେ ଚେଇଁ ଉଠି ବାଘ ଟଳମଳ ହୋଇ ସେ ପାହାଡ଼ ତଳ ଆଡ଼େ ଯାଇଛି ପାଣି ସନ୍ଧାନରେ ।

ମୋର ଏସବୁ ଅନୁମାନ କେତେ ଦୂର ଠିକ୍ ତାହା ପରୀକ୍ଷା କରିବା ପାଇଁ ନଈ ପାରି ହୋଇ ଦୁହେଁ ଆରପାଖ ଜଙ୍ଗଲରେ ପଶିଲୁ । ସେଠାରେ ଚଉଦଟି ମଇଁଷି ବନ୍ଧା ଯାଇଥିବା କଥା ଆଗରୁ କହିଛି । ଗୋଟିଏ ଗଛରେ ଶିକାରୀଙ୍କ ମଞ୍ଚା ପୂର୍ବ ପରି ବନ୍ଧା ହୋଇଥାଏ । ମଞ୍ଚା ତଳେ ମଇଁଷି ଖାଉଥିବାବେଳେ ବାଘ ଉପରେ ଗୁଳିମାଡ଼ ହୋଇଥିଲା । ମଡ଼ ପାଖରୁ ଧାରେ ରକ୍ତ ନଈକୂଳ ଯାଏ ପଡ଼ିଥିଲା; ଧାର ଦୁଇ ପାଖରେ ଅନୁସରଣ କରିଥିବା ହାତୀଙ୍କ ପାଦଚିହ୍ନ ଦାଗ । ମୋଷକୁ ସେଠାରେ ଛାଡ଼ି ଉଜାଣି ନଈ ପାରି ହୋଇ ନିଜ ଶିକାର ଇଲାକାରେ ପହଞ୍ଚିଲି । ରକ୍ତଧାର ଓ ହାତୀଙ୍କ ଖୋଜ ବାରି ନଈକୂଳରୁ ପ୍ରାୟ ଛଅ ଶହ ଗଜ ଦୂର କେଉଁଆଡ଼େ ଘଞ୍ଚ ଜଙ୍ଗଲ ଯାଏ ଗଲି । ବାଘ ସେହି ଜଙ୍ଗଲରେ ପଶିଥିଲା । କିନ୍ତୁ ହାତୀଗୁଡ଼ିକ ଜଙ୍ଗଲ ଧାରରେ କିଛି ସମୟ ଛିଡ଼ା ହେବା ପରେ କାଲାଢୁଙ୍ଗୀ ଫେରି ଯାଇଥିଲେ ।

ଗତ ସନ୍ଧ୍ୟାରେ "ପଇତାନ"କୁ ଖୋଜି ମୁଁ ଏଆଡ଼େ ଆସିବା ବେଳେ ଶିକାରୀମାନେ ହାତୀ ନେଇ ଏଠାରୁ ଫେରୁଥିଲେ । ମୁଁ କୁଆଡ଼େ ଯାଉଚି ବୋଲି ତାଙ୍କ ଭିତରୁ ଜଣେ ପଚାରିଲେ । ମୋ ଉତ୍ତର ଶୁଣି ସେ ଆଉ କ'ଣ କହିବାକୁ ଯାଉଥିଲେ । କିନ୍ତୁ ଅନ୍ୟ ଶିକାରୀ ଦୁଇଜଣ ସେଥିରେ ବାଧା ଦେଇ ତାଙ୍କୁ କିଛି କହିବାକୁ ଦେଲେ ନାହିଁ । ମୁଁ ଗୁଳି ଗୁଳି ଯେଉଁ ଜଙ୍ଗଲରେ ପଶୁଥିଲି, ସେଥିରେ ଘାଇଲା ବାଘ ଅଛି ବୋଲି ସେମାନଙ୍କୁ ଭଲ ଭାବେ ଜଣାଥିଲା । ମୋତେ ସତର୍କ କରିଦେବା ଦୂରର କଥା, ସେ ସମ୍ବନ୍ଧରେ ସାମାନ୍ୟ ସୂଚନା ମଧ୍ୟ ସେମାନେ ଦେଲେ ନାହିଁ । ନିଶ୍ଚିତ ମୃତ୍ୟୁ ମୁହଁକୁ ମୋତେ ପଠାଇ ଦେଇ ନିଜ ରହଣିସ୍ଥାନ କାଲାଢୁଙ୍ଗୀ ଜଙ୍ଗଲ ବଙ୍ଗଳାକୁ ସେମାନେ ସ୍ୱଚ୍ଛନ୍ଦରେ ଫେରି ଯାଇ ପାରିଲେ ।

ନଈ ସେପାରିରେ ମୋଷକୁ ଛାଡ଼ି ଆସିଥିଲି । ଗାଁ ସେଠାରୁ ମୋଟେ ତିନି ମାଇଲ ଦୂର । ସେତିକି ରାସ୍ତା ଯିବାପାଇଁ ଢେର୍ ସମୟ ଲଗିଲା । ମୋଷକୁ ଭାରି ଦୁର୍ବଳ ଲାଗୁଥାଏ । ମଝିରେ

Digitized by srujanika@gmail.com

ମଝିରେ ଅଟକ ସେ ଅଳ୍‌କା ମାରେ । ତାକୁ ଘରେ ପହଞ୍ଚାଇ ଦେଇ ମୁଁ ସିଧାସଳଖ ଜଙ୍ଗଲ ବଙ୍ଗଳାକୁ ଚାଲିଲି । ପହଞ୍ଚି ଦେଖେ ଶିକାରୀ ତିନିଜଣ ଜିନିଷପତ୍ର ବାନ୍ଧି ଗାଡ଼ିରେ ହଲଦ୍ୱାନୀ ଯିବାକୁ ବାହାରିଛନ୍ତି । ବଙ୍ଗଳା ବାରଣ୍ଡା ତଳ ପାହାଚରେ ଛିଡ଼ାହୋଇ ଅଳ୍ପ ସମୟ ପାଇଁ ବାକ୍ୟାଳାପର ଯେତିକି ସୁଯୋଗ ମିଳିଲା, ସେ ଭିତରେ ସେମାନଙ୍କୁ ମୋର ବକ୍ତବ୍ୟ ସବୁ ଖୋଲ୍‌ଖୋଲ୍ ଶୁଣାଇ ଦେଲି । ଗୋଟିଏ ନିମନ୍ତ୍ରଣ ରକ୍ଷା କରିବାକୁ କାଲେ ଡେରି ହୋଇଯିବ ବୋଲି ସେମାନେ ବାଘକୁ ଦରମରା କରି ଛାଡ଼ିଯାଉଛନ୍ତି ଶୁଣି ରାଗ ସମ୍ଭାଳି ପାରିଲି ନାହିଁ । ତାଙ୍କୁ ଶୁଣାଇ ଦେଇ ଆସିଲି ଯେ ଭବିଷ୍ୟତ ସନ୍ଧ୍ୟାରେ ମୋଢର ଯଦି କିଛି ଅନିଷ୍ଟ ହୁଏ କିମ୍ବା ମୋର ଗ୍ରାମବାସୀ କେହି ଯଦି ପାଇଲି ବାଘ ମୁହଁରେ ପଡ଼ି ପ୍ରାଣ ହରାଏ, ତେବେ ସେମାନଙ୍କ ବିରୁଦ୍ଧରେ ମୁଁ ନରହତ୍ୟାର ଅଭିଯୋଗ ଆଣିବି ।

କଥାବାର୍ତ୍ତା ପରେ ଶିକାରୀମାନେ ଚାଲିଗଲେ । ଆହତ ବାଘଟିକୁ ଯନ୍ତ୍ରଣାରୁ ମୁକ୍ତ କରିବାର ଦାୟିତ୍ୱ ଶେଷରେ ମୋରି ଉପରେ ପଡ଼ିଲା । ପରଦିନ ସକାଳୁ ଓଜନଦାର ରାଇଫଲଟିଏ ଧରି ପାହାଡ଼ ତଳ ଝୋଲରେ ପଶିଲି । ଅଳ୍ପ ଓପାର ଏହି ଝୋଲଟିର ପ୍ରତ୍ୟେକ ଅଂଶ ସହିତ ମୁଁ ଭଲଭାବେ ପରିଚିତ । ସେପରି ସଂକୀର୍ଣ୍ଣ ସ୍ଥାନରେ ଆହତ ବାଘ ସହିତ ସମ୍ମୁଖ ସାକ୍ଷାତ୍ କେତେ ବିପଜ୍ଜନକ ତାହା ମୋତେ ବେଶ୍ ଜଣାଥିଲା । ସେଦିନ କିନ୍ତୁ ସଫଳ ଶିକାରର ସୁଖ୍ୟାତି ପାଇଁ ନୁହେଁ—କେବଳ କର୍ତ୍ତବ୍ୟ ଦୃଷ୍ଟିରୁ ସେଭଳି ଦୁଃସାହସ କରିବାକୁ ବାଧ୍ୟ ହୋଇଥିଲି । ବାଘକୁ ମାରିଥିଲେ ତା ଚମଡ଼ା ମୁଁ ପୋଡ଼ି ଦେଇଥାଆନ୍ତି । ଝୋଲରେ ପଶି କିଛି ବାଟ ଯିବା ପରେ ରକ୍ତଧାର ଆଉ ବାରିହେଲା ନାହିଁ । ତା ସତ୍ତ୍ୱେ ଝୋଲଟିକୁ ଆଦ୍ୟରୁ ପ୍ରାନ୍ତଯାଏ ତନ୍ନତନ୍ନ କରି ଖୋଜିଲି । ଦୁଇ ପାଖ ପାହାଡ଼ର ଅନ୍ଧିସନ୍ଧି ସବୁ ଦିନ ତମାମ ଖୋଜି ଦୁଃଖୀ ବାଘର ସନ୍ଧାନ ପାଇଲି ନାହିଁ ।

ଦଶ ଦିନ ପରେ ଜଙ୍ଗଲରକ୍ଷୀ ଜଣେ ଜଙ୍ଗଲରେ ବୁଲିବାବେଳେ ମୃତ ବାଘଟିକୁ ଶାଗୁଣା ଖାଇ ପ୍ରାୟ ଶେଷ କରି ଦେଇଥିବା ଦେଖିଲେ । ସେହି ବର୍ଷ ଶୀଘ୍ରରୁ ଶୀଘ୍ର ସରକାର ଆଇନ କରି ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ ଭିତରେ ବାଘ ଶିକାର ନିଷେଧ କରିଦେଲେ । ଆହତ ଜନ୍ତୁକୁ ଶେଷ କରିବା ନିମନ୍ତେ ଶିକାରୀଙ୍କୁ ବାଧ୍ୟ କରିବା ପାଇଁ ନିୟମ ପ୍ରଣୟନ କରାଗଲା । ଏପରି ଘଟଣା ଘଟିଲେ ତୁରନ୍ତ ଜଙ୍ଗଲ କର୍ମଚାରୀଙ୍କ ନିକଟରେ ଓ ପୋଲିସ ଫାଣ୍ଡିରେ ଏତଲା ଦେବା ବ୍ୟବସ୍ଥା ମଧ୍ୟ କରାହେଲା ।

ସେଦିନ ବାଘ ମୁହଁରୁ ମୋଢ ବର୍ତ୍ତିଗଲା । କିନ୍ତୁ ତାହା ପରଠାରୁ ତାକୁ ଘୋର ଦୁର୍ଦ୍ଦିନ ଘୋଟି ଆସିଲା । ପ୍ରାୟ ପାଞ୍ଚମାସ ପରେ ନିଜ କ୍ଷେତରେ ଗୋଟିଏ ଚିତାବାଘକୁ ସେ ଗୁଳି କରି ଆହତ କଲା । ପରଦିନ ସକାଳୁ ଜଙ୍ଗଲରେ ବାଘକୁ ଖୋଜୁ ଖୋଜୁ ତାର ଆକ୍ରମଣରେ ସେ ଶୋଚନୀୟ ଭାବେ କ୍ଷତବିକ୍ଷତ ହେଲା । ସେଥିରୁ ଭଲ ହୋଇ ନ ଉଠୁଣୁ ଗୋହତ୍ୟା ପାତକରେ ସେ ଭାଗୀ ହୋଇ ବସିଲା । ପାଖ ଗାଁର ଗୋଟିଏ ବୁଢ଼ୀ ଗାଈକୁ କ୍ଷେତରୁ

Digitized by srujanika@gmail.com

ଘଉଡ଼ାଇ ଦେବାବେଳେ ମୂଷାଗାତରେ ଖୋଜ ପଡ଼ି ଗାଈର ଗୋଡ଼ ଭାଙ୍ଗି ଗଲା । ମୋତିର ସମସ୍ତ ସେବା ଯତ୍ନ ସତ୍ତ୍ୱେ ଗାଈ ସେଇଠାରେ ପଡ଼ି ପଡ଼ି ମରିଗଲା । ହିନ୍ଦୁ ପକ୍ଷରେ ଗୋହତ୍ୟା-ଠାରୁ ଅଧିକ ପାପ ଆଉ କିଛି ହୋଇ ନ ପାରେ । ସେଭଳି ପାତକର ପ୍ରାୟଶ୍ଚିତ୍ତ ଗାଁରେ ହୋଇପାରିବ ନାହିଁ ଓ ସେଥିପାଇଁ ହରଦ୍ୱାର ଯିବାକୁ ପଡ଼ିବ ବୋଲି ପୁରୋହିତେ ବ୍ୟବସ୍ଥା ଦେଲେ । ଟଙ୍କା କେତୋଟି ଧାର ଉଧାର କରି ମୋତି ହରଦ୍ୱାର ଗଲା । ବଡ଼ଦେଉଳରେ ପଣ୍ଡିତମାନଙ୍କୁ ଭେଟି ଦୋଷ ଜଣାକଲା । ମନ୍ଦିରରେ କିଛି ଦାନ ଧର୍ମ କରିବା ପରେ ଶୁଦ୍ଧ ହେବା ପାଇଁ ଧର୍ମାଧୀଶମାନେ ଆଦେଶ ଦେଲେ । ଶୁଦ୍ଧକ୍ରିୟା ବେଳେ ତାକୁ କ'ଣ କରିବାକୁ ଭଲଲାଗେ ବୋଲି ପଚରାଗଲା । ମୋତି ସରଳ ଲୋକ; ଛନ୍ଦ କପଟ ଜାଣେ ନାହିଁ । ସିଧା-ସଳଖ କହିଦେଲା ଯେ ଶିକାର କରିବା ଆଉ ମାଂସ ଖାଇବାକୁ ସେ ସବୁଠାରୁ ବେଶି ଭଲପାଏ । ସେହିଦିନଠାରୁ ତାଙ୍କୁ ଶିକାର କରିବା ଓ ମାଂସ ଖାଇବା ମନା ହୋଇଗଲା ।

ପାପରୁ ମୁକ୍ତ ହୋଇ ମୋତି ହରଦ୍ୱାରରୁ ଫେରିଲା । ପ୍ରାୟଶ୍ଚିତ୍ତର ଏହି କଠୋର ବ୍ୟବସ୍ଥାରୁ କିନ୍ତୁ ସେ ଜୀବନସାରା ମୁକ୍ତି ପାଇଲା ନାହିଁ । ଶିକାର କରିବାରେ ତାର ସବୁଦିନେ ଭାରି ସଉକ । ଗାଁର ଇଜମାଲି ଦଦରା ବନ୍ଧୁକଟି କେବେ କେମିତି ତା ଭାଗରେ ପଡ଼େ । ପୁଣି ଗାଁ ସୀମା ସରହଦ ବାହାରେ ଶିକାର କରିବାକୁ ମନା । ଏସବୁ ବାଧା ସତ୍ତ୍ୱେ ସେ ମଝିରେ ମଝିରେ ଶିକାର ମାରୁଥିଲା । କେବେ କେମିତି ମୋ ସାଇଫଲଟି ମୁଁ ତାକୁ ବ୍ୟବହାର କରିବାକୁ ଦିଏ । ସେପରି କରିବା ବେଆଇନ ହୋଇଥିଲେ ସୁଦ୍ଧା ତା ଆଗ୍ରହ ଦେଖି ମୁଁ ନିଜକୁ ଅଟକାଇ ପାରେନାହିଁ । ଶିକାର କରିବା ତ ବନ୍ଦ ହେଲା । ତା ଉପରେ ମାଂସ ନ ଖାଇବାର ଅନ୍ୟ ବ୍ୟବସ୍ଥାଟି ମୋତିର ଜୀବନକୁ ବିପର୍ଯ୍ୟସ୍ତ କରିଦେଲା । ଆଗରୁ ସେ ଯେ ନିତି ମାଂସ ଖାଉଥିଲା, ତାହା ନୁହେଁ । ମାସକୁ ଥରେ ଅଧେ ମାଂସ କିଣିବାକୁ ସେ ପଇସା ପାଏ । ତେବେ କ୍ଷେତରେ ବାରହା ହରିଣ ଆଦି ଜନ୍ତୁଙ୍କ ଅଭାବ ନ ଥାଏ । ମଝିରେ ମଝିରେ ସେଠି ହରିଣ ମଧ୍ୟ ମରନ୍ତି । ଗାଁର ଜଣେ ଯାହା ମାରିବ, ସେଥିରୁ ସମସ୍ତେ ଭାଗ ପାଇବେ ବୋଲି ମୁଁ ନିୟମ କରିଥାଏ । ଫଳରେ ମୋତିର ମାଂସ କେବେ ଅଭାବ ହେଉ ନ ଥିଲା । ଏବେ ଶିକାର କରିବା ଓ ମାଂସ ଖାଇବାରୁ ବଞ୍ଚିତ ହୋଇ ତା ମନ ଓ ସ୍ୱାସ୍ଥ୍ୟ ଏକ ସଙ୍ଗେ ଭାଙ୍ଗି ପଡ଼ିଲେ ।

ହରିଦ୍ୱାରରୁ ଫେରିବା ପରେ ଶୀତଦିନେ ମୋତିକୁ କାଶ ଧରିଲା । ମୋ ଘରୋଇ ଔଷଧରେ କିଛି ଫଳ ହେଲାନାହିଁ । ମୋର ଜଣେ ଡାକ୍ତର ବନ୍ଧୁ କାଲାଦୁଙ୍ଗୀ ବାଟେ ଯାଉଥିଲେ । ତାଙ୍କୁ ଅନୁରୋଧ କରି ମୋତିକୁ ପରୀକ୍ଷା କରାଇଲି । ତାକୁ ଯକ୍ଷ୍ମା ହୋଇଛି ଶୁଣି ଦୁଃଖର ସୀମା ରହିଲା ନାହିଁ । ଗାଁରୁ ତିରିଶ ମାଇଲ ଦୂରରେ ଭଓ୍ୱାଲି ଯକ୍ଷ୍ମା ନିବାସ । ବନ୍ଧୁଙ୍କ ପରାମର୍ଶରେ ମୋତିକୁ ସେଠାକୁ ପଠାଇଲି । ପାଞ୍ଚଦିନ ପରେ ସେଠାକାର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ଚିଠି ଖଣ୍ଡେ ଧରି ସେ ଫେରିଲା । ସେଥିରୁ ଜାଣିଲି ଯେ ତାର ଭଲ ହେବାର ଆଶା ଆଉ ନାହିଁ ଓ ଯକ୍ଷ୍ମା ନିବାସରେ ତାକୁ ରଖିବାରେ କିଛି ଲାଭ

Digitized by srujanika@gmail.com

ନାହିଁ । ଡାକ୍ତର ଧର୍ମଯାଜକ ଜଣେ ସେତେବେଳେ ମୋ ପାଖରେ ରହୁଥାନ୍ତି । ଅନେକ ବର୍ଷ ସେ ଗୋଟିଏ ଯକ୍ଷ୍ମା ନିବାସରେ କାମ କରୁଥିଲେ । ମୋଢ ଖୋଲା ଜାଗାରେ ଶୋଇବ ଓ କେଇ ଟୋପା ପାର୍‌ଫିନ ତେଲ ପକାଇ ଦିନକୁ ଦୁଇ ଗ୍ଲାସ ଦୁଧ ପିଇବ ବୋଲି ସେ ନିର୍ଦ୍ଦେଶ ଦେଲେ । ତାହା ହିଁ କରାଗଲା । ଶୀତଦିନ ସାରା ମୋଢ ମୋ ପାଖରେ ରହିଲା । ରାତିରେ ସେ ଆମର ବାହାର ବାରଣ୍ଡାରେ ଶୁଏ । ସକାଳୁ ଆମ ଗାଈ ଦୁହାଁହେବା ପରେ ଦୁଇ ଗ୍ଲାସ ଟାଟକା ଦୁଧ ସେ ପିଏ ।

ଭାରତର ସବୁ ଗରିବଙ୍କ ପରି ମୋଢ ଥିଲା ଭାଗ୍ୟବାଦୀ । ଦୁରାରୋଗ୍ୟ ବେମାରି ବିରୁଦ୍ଧରେ ଲଢ଼ିବା ପାଇଁ ଦେହ ବା ମନରେ ଜୋର୍ ନ ଥିଲା ତାର । ଖରାଦିନ ହେବାରୁ ମୁଁ ବାଧ୍ୟ ହୋଇ ଗାଁ ଛାଡ଼ିଲି । ଯିବା ପୂର୍ବରୁ ମୋଢର ଚିକିତ୍ସା ପାଇଁ ସବୁ ବ୍ୟବସ୍ଥା କରିଗଲି । ମୁଁ ଚାଲିଯିବା ପରେ କିନ୍ତୁ ମୋଢ ତାର ଶେଷ ଆଶା ହରାଇ ବସିଲା । ମାସକ ପରେ ଆମର ସମସ୍ତ ଚେଷ୍ଟା ପଣ୍ଡକରି ସେ ଚିରଦିନ ପାଇଁ ଆଖି ବୁଜିଲା ।

×   ×   ×   ×

ଆମ ପାହାଡ଼ିଆ ସ୍ତ୍ରୀଲୋକଙ୍କ ପରି ପରିଶ୍ରମୀ ଭାରତରେ ଅନ୍ୟତ୍ର ବିରଳ । ସେମାନଙ୍କ ଭିତରେ ମଧ୍ୟ ପୁନ୍ନା ମା' ପରି ପରିଶ୍ରମୀ ଲୋକ କ୍ୱଚିତ୍ ଦେଖାଯାଆନ୍ତି । ମଣିଷଟି ସାନ ହେଲେ ବି ସେ ଯେମିତି କାମିକା ସେମିତି ମଜବୁତ୍ । ବୟସ ତାର ବେଶୀ ହୋଇ ନ ଥାଏ । ତାଙ୍କ ଜାତିରେ କିନ୍ତୁ ବିଧବା ବିବାହ ମନା । ମୋଢ ଚାଲିଯିବାପରେ ପିଲା ତିନୋଟିଙ୍କୁ ଆଶ୍ରା କରି ଅସୀମ ସାହସ ସହିତ ଜୀବନ-ସଂଗ୍ରାମ ପାଇଁ ସେ ପ୍ରସ୍ତୁତ ହୋଇଗଲା ।

ପୁନ୍ନା ସେତେବେଳେ ବାରବର୍ଷର ପିଲା । ଗାଁର ଜଣେ ଦୁଇଜଣଙ୍କଠାରୁ ସାହସ ପାଇ ଚାଷବାସ କାମ ସବୁ ସେ ହାତକୁ ନେଲା । ଦଶବର୍ଷର ଝିଅ କୁନ୍ତୀ ବାହା ହୋଇ ସାରିଥାଏ । ଶାଶୁଘରକୁ ଯିବାକୁ ତାର ଆହୁରି ପାଞ୍ଚବର୍ଷ ବାକି । ମା' ଝିଅ ଦୁହେଁ ମିଶି ଘରକାମ ସବୁ ତୁଲାନ୍ତି । ପୁନ୍ନା ମା' ଭାରି ସଫାସୁତୁରା ଲୋକ । ପିଲାମାନଙ୍କ ଓ ନିଜ ଲୁଗାପଟା ଯେତେ ପୁରୁଣା ତାଳିପକା ହେଲେ ମଧ୍ୟ ମଇଳା ମଳିଆ କେବେ ହେବନାହିଁ । ଲୁଗାସଫାଇ, ରୋଷେଇବାସ, ଥିଲେଇସାନ୍ତ୍, ମାଣିଅଣା, ବାସନମଜା—କୁନ୍ତୀ କେଉଁ କାମରେ ଊଣା ନଥିଲା । ତା' ଛଡ଼ା ଜଙ୍ଗଲରୁ କାଠ ଗୋଟାଇବା, ବିଲ ବାଛିବା, ଗୋରୁଗାଈଙ୍କ ପାଇଁ କଅଁଳ ଘାସ ପତ୍ର ଆଣିବାରୁ ଗହମ ପାଛୁଡ଼ିବା ଓ ଧାନ କୁଟିବା ପର୍ଯ୍ୟନ୍ତ ସବୁ କାମ ତାକୁ କରିବାକୁ ପଡ଼େ । ଦୁଇ ମାଇଲ ଦୂର ବଜାରରୁ ସଉଦା ଆଣିବା ପୁଣି କୁନ୍ତୀର କାମ । ସାନପୁଅ ଶେର୍ ସିଂର ବୟସ ମୋଟେ ଆଠବର୍ଷ । ତା ବୟସକୁ ଚାହିଁ ସେ ମଧ୍ୟ କାମରେ ଲାଗିଥାଏ । ଯିନ୍ଧୁରା ଫାଟିଲାବେଳୁ ରାତିରେ ଶୋଇବାଯାଏ ତାକୁ ଫୁରୁସତ ନ ଥାଏ । ଗାଈଗୋରୁଙ୍କ କାମ ସାରି ଦରକାର ପଡ଼ିଲେ ବଡ଼ଭାଇ ସହିତ ଲଙ୍ଗଳ ମୁଠାରେ ହାତ ପକାଇ ଶୀଆର ଶେଷରେ ହଳବଳଦ ଚଳାଇବାରେ ସାହାଯ୍ୟ କରେ ।

Digitized by srujanika@gmail.com

ଶେର୍ ସିଂର କେଉଁ କଥାରେ ଚିନ୍ତା ନ ଥାଏ । ମନ ତାର ସଦା ଆନନ୍ଦ । ହସ ଖୁସିରେ ଦିନଗୁଡ଼ିକ ତାର ପାଣିପରି ବୋହିଯାଏ । ତା ଜମା ଦୁଇ ହଳ ବଳଦ, ବାରଟି ଗାଈ, ଆଠଟି ବାଛୁରୀ ଓ ଷଣ୍ଢଟିଏ । ସକାଳୁ ଗାଈଦୁହାଁ ସାରି ଗୋରୁ ଫିଟାଇ ଦେଇ ଶେର୍ ସିଂ ଗୁହାଳ ସଫାକରେ । ମା' ତାର ସବୁଦିନ ପରି ରୁଟି ଓ କଞ୍ଚାଲଙ୍କା ବଘରା ବୁଟଡାଲି କରି ଡାକ ଦିଏ । ଦୁଧତକ କୁନ୍ତୀକୁ ଧରାଇ ଦେଇ ଶେର୍ ସିଂ ଖାଇବସେ । ଖାଇ ସାରି ଘରକାମ ଯାହା ବାକି ଥାଏ ତାକୁ ସାରିଦିଏ । ବାଛୁରୀଗୁଡ଼ିକୁ କୁନ୍ତୀ ଜିମା ଛାଡ଼ି ଗୋରୁ ନେଇ ସେ ଜଙ୍ଗଲକୁ ବାହାରି ପଡ଼େ । ଗୋରୁଙ୍କୁ ଗୋଠ ବାନ୍ଧି ରଖିବାକୁ ହୁଏ—ଗୋଠଛଡ଼ା ହୋଇ ଏଣେତେଣେ ବୁଲିଲେ ବାଘ ଖାଇଯିବାର ଭୟ । ଟାଙ୍ଗିଆ ଖଣ୍ଡିଏ କାନ୍ଧରେ ପକାଇ ଛୋଟ ଏଇ ଭୁରୁଭୁମୁଣ୍ଡା ପିଲାଟି ଗୋଠ ପଛେ ପଛେ ବୁଲୁଥାଏ ଓ ମଝି ମଝିରେ ଗୋରୁଙ୍କ ନାଁ ଧରି ଡାକ ପକାଉଥାଏ । ଗୀତ ଗାଇବାରେ ଶେର୍ ସିଂର ସବୁଦିନେ ଭାରି ସଉକ । ବୋଅର୍ ପୋଲ ପାରିହୋଇ ଜଙ୍ଗଲରେ ସେ ଲୁଚିଯିବା ପର୍ଯ୍ୟନ୍ତ ଦୂରରୁ ତା ଗୀତ ଗାଁକୁ ଶୁଣାଯାଉଥାଏ ।

ଶେର୍ ସିଂ ତା ଷଣ୍ଢର ନା ଦେଇଥାଏ 'ଲଲ୍ଲୁ' । ଲଲ୍ଲୁର ରଙ୍ଗ କିନ୍ତୁ ପ୍ରକୃତରେ ନାଲି ନୁହେଁ କପିଳା । ବେକ ଓ କାନ୍ଧରେ କଳା ରଙ୍ଗର ଛାପଗୁଡ଼ିଏ । ପିଠି ଉପରେ ବେକରୁ ଲମ୍ବିଯାଏ କଳା ଗାରଟିଏ । ଲଲ୍ଲୁ କାଲି ସକାଳେ ବାଛୁରୀ ଥିଲା । ଏବେଯାଏ ପିଲାଦିନର ଦୁଷ୍ଟାମି ସେ ଛାଡ଼ିନାହିଁ । ଟାଣୁଆ ଛୋଟ ଛୋଟ ଶିଙ୍ଗ ଦୁଇଟିକୁ ବ୍ୟବହାର କରିବାରେ ତାର ବଡ଼ ଆଗ୍ରହ । ଶେର୍ ସିଂର ଲଲ୍ଲୁକୁ ବଡ଼ ଶରଧା । ପିଲାଦିନେ ଲଲ୍ଲୁ ମା'ଠାରୁ କ୍ଷୀର ଖାଇଥିବାରୁ ସେ ତାକୁ ନିଜ ଭାଇ ବୋଲି ମଣିଥାଏ ।

ମଣିଷ ଓ ପଶୁ ବହୁକାଳ ସମାନ ବିପଦର ସମ୍ମୁଖୀନ ହେଲେ ପରସ୍ପର ଉପରେ ତାଙ୍କର ଆସ୍ଥା ଓ ବିଶ୍ୱାସ ସେହି ଅନୁପାତରେ ବଢ଼ିଯାଏ । ଶେର୍ ସିଂର ବାପ ଗୋସାଇଁବାପ ଏଇ ଜଙ୍ଗଲ ପାହାଡ଼ର ମଣିଷ । ସେମାନଙ୍କ ପରି ଶେର୍ ସିଂର ମଧ୍ୟ ବନ୍ୟଜନ୍ତୁଙ୍କୁ ଲେଶ ମାତ୍ର ଭୟ ନ ଥାଏ । ତା ସଙ୍ଗରେ ଥାଏ ଲଲ୍ଲୁ । ନିଜ ଶକ୍ତି ଉପରେ ଲଲ୍ଲୁର ପ୍ରଗାଢ଼ ବିଶ୍ୱାସ । କାହାକୁ ଭୟ କରିବା ତା ଜାତକରେ ନାହିଁ । ଶେର୍ ସିଂ ପାଖରେ ଥିଲେ ଲଲ୍ଲୁ ଯେତିକି ସାହସ ପାଏ, ଲଲ୍ଲୁ ଉପରେ ଶେର୍ ସିଂର ମଧ୍ୟ ସେତିକି ନିର୍ଭର । ଦୁହେଁ ଏକାଠି ଥିବାଯାଏ ଜନ୍ତୁଙ୍କ ଡର ଭୟ ଛୁଇଁଯାଏନାହିଁ । ଫଳରେ ଗୋରୁ ନେଇ ଶେର ସିଂ ଜଙ୍ଗଲର ଯେତେ ଭିତରକୁ ପଶିଯାଏ ଅନ୍ୟ ପିଲାମାନେ ସେତେ ଦୂର ଯିବାକୁ ସାହସ କରନ୍ତିନାହିଁ । ଗହଳ ଜଙ୍ଗଲରେ ଏକା ଏକା ଘାସ ଲଟା ଚରି ଶେର୍ ସିଂର ଗୋରୁଗୁଡ଼ିକ ଫୁଲିକରି ଥାଆନ୍ତି । ଜଙ୍ଗଲର ଏତେ ଭିତରକୁ ଯାଇ ସୁଦ୍ଧା ସେଥିରୁ କେହି କେବେ ବାଘ ହାବୁଡ଼ରେ ପଡ଼ିବା ଶୁଣା ନ ଥାଏ ।

ଆମ ଗାଁରୁ ଚଉଦମାଇଲ ଦୂରରେ ଜଙ୍ଗଲ ଭିତରେ ସୁନ୍ଦର ଗୋଟିଏ ଉପତ୍ୟକା । ଉତ୍ତରରୁ ଦକ୍ଷିଣକୁ ପ୍ରାୟ ପାଞ୍ଚ ମାଇଲ ବିସ୍ତୃତ ଏହି ଉପତ୍ୟକା ପରି ସୁରମ୍ୟ ସ୍ଥାନ ଉତ୍ତର

Digitized by srujanika@gmail.com

ପ୍ରଦେଶର ପାଞ୍ଚ ହଜାର ବର୍ଗମାଇଲ ବ୍ୟାପି ଜଙ୍ଗଲ ମଧ୍ୟରେ ଅନ୍ୟ କେଉଁଠାରେ ନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ, ଜୀବଜନ୍ତୁଙ୍କ ପ୍ରାଚୁର୍ଯ୍ୟ ଓ ଫଳଫୁଲର ସମ୍ଭାର ଦୃଷ୍ଟିରୁ ସ୍ଥାନଟି ପ୍ରକୃତରେ ଅତୁଳନୀୟ । ଉପତ୍ୟକା ଉପର ମୁଣ୍ଡରେ ଗୋଟିଏ ବୁଢ଼ା ଜାମୁଗଛ । ଗଛ ମୂଳ ପଥର ଖୋଲରେ ଅଜଗର ସାପଟିଏ ଥାଏ । ଝରଣାଟିଏ ପ୍ରବଳ ବେଗରେ ସେହି ଖୋଲରୁ ବାହାରି କ୍ରମେ ଆକାରରେ ବଢ଼ି ଉପତ୍ୟକା ତଳ ଆଡ଼େ ବହିଯାଇଛି । ନିର୍ମଳ ସ୍ୱଚ୍ଛ ଏହାର ଜଳଧାରା ନାନା ରକମ ମାଛଙ୍କ ସନ୍ନିବେଶରେ ସଜୀବ । ମାଛ ଲୋଭରେ ଝରଣା ଦୁଇ କଡ଼ ଜଙ୍ଗଲରେ ସମୁଦାୟ ପାଞ୍ଚ ପ୍ରକାର ମାଛରଙ୍କା ଚଢ଼େଇ ରହନ୍ତି । କୂଳରୁ ଅତଡ଼ା ଖସି ଜାଗା ଜାଗାଏ ଶ୍ରେଷ୍ଠ ଶ୍ରେଷ୍ଠ ଖାଲ ହୋଇଥାଏ । ସ୍ଥିରଜଳଭରା ଏହି ଖାଲମାନଙ୍କରେ ଗଜୁରୁଥିବା ଜାତିଏ କଅଁଳିଆ ଘାସ ସମ୍ବର ଓ କୁଟ୍ରାଙ୍କର ଅତି ପ୍ରିୟ ଖାଦ୍ୟ । ଫଳ, ଫୁଲ ଓ ସବୁଜ ଘାସପତ୍ରର ଆକର୍ଷଣରେ ତୃଣରେ, ଫଳଭୋଜୀ ଓ ମଧୁପାୟୀ ନାନା ପଶୁପକ୍ଷୀ ଏହି ଜଙ୍ଗଲକୁ ଚାଲିଆସନ୍ତି । ସେମାନଙ୍କୁ ଅନୁସରଣ କରି ଆସୁଥିବା ମାଂସଭୋଜୀ ପଶୁପକ୍ଷୀମାନେ ଏଠାକାର କଣ୍ଟାଳିଆ ବେତବଣରେ ଛପି ରହିବା ଭଳି ଯଥେଷ୍ଟ ଆଶ୍ରୟ ପାଆନ୍ତି ।

ଏହି ଉପତ୍ୟକାରେ ବୁଲିବାକୁ ମୁଁ ଭାରି ଭଲପାଏ । ଶୀତଦିନେ ଥରେ ସନ୍ଧ୍ୟାବେଳେ ଛୁଡ଼ାହୋଇ ଏଠାକାର ଦୃଶ୍ୟ ଉପଭୋଗ କରୁ କରୁ ହଠାତ୍ ମୋର ମନେ ହେଲା ଯେ ଅଳ୍ପ ଦୂରରେ ବାଁ ପାଖ ଘାସବଣରେ କଅଣ ହଲଚଲ ହେଉଛି । ଅନେକ ସମୟ ସେଆଡ଼େ ନିରେଖି ଅନାଇବା ପରେ ଦେଖିଲି ଯେ ପାହାଡ଼ର ତଳ ଗଡ଼ାଣିର ଗହଳ ଘାସବଣରେ ଜନ୍ତୁଟିଏ ଚରୁଛି । ରଙ୍ଗ ତାର ସମ୍ବରଠାରୁ ଫିକା ଆଉ ଆକାର କୁଟ୍ରା ଅପେକ୍ଷା ବଡ଼ । ଛପି ଛପି ସେଆଡ଼େ ଆଗେଇଲି । ଏତିକିବେଳେ ଅଳ୍ପ ଦୂରରୁ ବାଘଟାଏ ହେଣ୍ଟାଳିବାକୁ ଆରମ୍ଭକଲା । ଜନ୍ତୁଟି ମୁଣ୍ଡ ଟେକି ସେଇଆଡ଼େ ଚାହିଁଲା । ଆଶ୍ଚର୍ଯ୍ୟ ହୋଇ ଦେଖିଲି ଯେ ଜନ୍ତୁଟି ମୋର ଅତି ପରିଚିତ ଲାଲୁ । ମୁଣ୍ଡ ଉଠାଇ ସେ ସ୍ଥିର ହୋଇ କିଛି ସମୟ ବାଘର ହେଣ୍ଟାଳ ଶୁଣିଲା । ବାଘ ଚୁପ୍ ହେବା ପରେ ସେ ସ୍ୱଚ୍ଛନ୍ଦରେ ପୁଣି ଚରିବାକୁ ଲାଗିଲା । ସେ ସବୁ ସୁରକ୍ଷିତ ଜଙ୍ଗଲରେ ଗୋରୁ ଚରାଇବା ମନା । ତାହା ଛଡ଼ା ସେଠାରେ ବାଘ ଭୟ ବି ଅଛି । ଲାଲୁକୁ ନାଁ ଧରି ଡାକିଲି । କିଛି ସମୟ ଇତସ୍ତତଃ ହେବା ପରେ ମୋ ପଛେ ପଛେ ସେ ପାହାଡ଼ ଚଢ଼ିଲା । ଗାଁରେ ଆମେ ପହଞ୍ଚିଲାବେଳକୁ ଶେର୍ ସିଂ ଗୁହାଳରେ ଗୋରୁ ବାନ୍ଧୁଥିଲା । ଲାଲୁକୁ ମୁଁ ନିଷିଦ୍ଧ ଜଙ୍ଗଲରୁ ଖୋଜି ପାଇଥିବା ଉପରେ ବିଶେଷ ଗୁରୁତ୍ୱ ନଦେଇ ଶେର ସିଂ ହସି ହସି କହିଲା, "ଲାଲୁ ପାଇଁ ଭୟ ନାହିଁ ସାହେବ ! ଜଙ୍ଗଲ ବାବୁ ମୋ ସାଙ୍ଗ । ମୋ ଲାଲୁକୁ ସେ କେବେ କାଞ୍ଜିଅହୋଦାରେ ପକାଇବେ ନାହିଁ । ଆଉ ବାଘ ! ବାଘ ହାବୁଡ଼ରୁ ଲାଲୁ ନିଜକୁ ସହଜେ ରକ୍ଷା କରିପାରିବ ।"

କିଛି ଦିନ ପରେ ଜଙ୍ଗଲ ବିଭାଗର ମୁଖ୍ୟ ସ୍ମିଥ୍ ସାହେବ ସସ୍ତ୍ରୀକ ଗସ୍ତକର୍ମରେ ଆସି କାଲାଦୁଙ୍ଗୀଠାରେ ପହଞ୍ଚିଲେ । ଡେରାର ସରଞ୍ଜାମ ସବୁ ଓଟ ପିଠିରେ ଲଦାହୋଇ ପଛରେ ଆସୁଥିଲା । ଓଟଧାଡ଼ିକ ଜଙ୍ଗଲରୁ ବାହାରି ବୋଅର୍ ପୋଲ ଆଡ଼କୁ ଗଲାବେଳେ ବାଘ

Digitized by srujanika@gmail.com

ସମର୍ଥଙ୍କ ସାମନାରେ ରାସ୍ତା ଉପରେ ଗାଈଟାଏ ମାରିଦେଲା । ସିଂହମାନେ ପାଟିତୁଣ୍ଡ କରିବାରୁ ଗାଈକୁ ରାସ୍ତାରେ ପକାଇଦେଇ ବାଘ ବୁଢ଼ା ମାରି ଜଙ୍ଗଲରେ ପଶିଗଲା । ସ୍ମିଥ୍ସ ଦମ୍ପତି ସେଦିନ ସକାଳେ ଆମ ବାରଣ୍ଡାରେ ବସି ଜଳଖିଆ ଖାଉଥିଲେ । ସିଂହମାନଙ୍କଠାରୁ ଖବର ଶୁଣି ବାଘ ମାରିବା ପାଇଁ ଶ୍ରୀମତୀ ସ୍ମିଥ୍ସ୍ ଆଗ୍ରହ ପ୍ରକାଶ କଲେ । ତାଙ୍କ କହିବାରୁ ଲୋକ ଦୁଇଜଣ ସଙ୍ଗରେ ନେଇ ମୁଁ ମଞ୍ଚା ବାନ୍ଧିବାକୁ ଗଲି । ଯାଇକି ଦେଖେ, ବାଘ ଇତିମଧ୍ୟରେ ଫେରିଆସି ଗାଈକୁ ଜଙ୍ଗଲର ପ୍ରାୟ କୋଡ଼ିଏ ଗଜ ଭିତରକୁ ଘୋଷାରି ନେଇଛି । ସେଠାରେ ମଞ୍ଚା ବନ୍ଧାହେବା ପରେ ଶ୍ରୀମତୀ ସ୍ମିଥ୍ସଙ୍କୁ ଡକାଇଲି । ଜଣେ ଜଙ୍ଗଲରକ୍ଷୀ ସହିତ ତାଙ୍କୁ ମଞ୍ଚାରେ ବସାଇ ଦେଇ ନିଜେ ରାସ୍ତା କଡ଼ ଆଉ ଗୋଟିଏ ଗଛରେ ଚଢ଼ିଲି । ସମୟ ଦିନ ଚାରିଟା । ପାଗଯୋଗ ସୁବିଧା ହେଲେ ବାଘର ଫଟୋ ଉଠାଇବାକୁ ମୋର ବିଶେଷ ଇଚ୍ଛା ଥାଏ ।

ଅଧଘଣ୍ଟା ପରେ ଦୂରରୁ କୁକୁରଟିଏ ଭୁକିବାକୁ ଆରମ୍ଭ କଲା । ବାଘ ସେଇଆଡ଼େ ହିଁ ଛପିଥିବ ବୋଲି ଆମେ ଅନୁମାନ କରିଥିଲୁ । କୁକୁରଟି ଆମକୁ ଆହୁରି ସତର୍କ କରିଦେଲା । ଠିକ୍ ଏତିକିବେଳେ ରାସ୍ତାରେ ଲାଲୁ ଆସୁଥିବା ଦେଖାଗଲା । ରକ୍ତ ମଳାଏ ସେ ପର୍ଯ୍ୟନ୍ତ ରାସ୍ତା ଉପରେ ଜମାଟବାନ୍ଧି ରହିଥାଏ । ଲାଲୁ ଅତି ସାବଧାନରେ ତାହା ଶୁଙ୍ଘିଲା ଓ ତା ପରେ ରାସ୍ତା ଛାଡ଼ି ମୁଣ୍ଡ ଟେକି ନାକ ଫୁଲାଇ ଗନ୍ଧ ବାରି ଜଙ୍ଗଲ ଭିତରକୁ ମୁହାଁଇଲା । ମଲା ଗାଈଟିକୁ ଦେଖି ରାଗରେ ସେ ଅସମ୍ଭାଳ ! ମଡ଼ା ଚାରିପଟେ ବୁଲି ନାକସିଁଟିକା ମାରି ଖୁରାରେ ଭୁଇଁ ଖୋଳିପକାଉଥାଏ । ଅଗତ୍ୟା ଡାଳରେ କ୍ୟାମେରା ଝୁଲାଇ ରଖି ମୁଁ ତଳକୁ ଓହ୍ଲାଇଲି । ଲାଲୁ ସେଠାରୁ ହଟିବାକୁ ନାରାଜ । ତାର ଅନିଚ୍ଛା ସତ୍ତ୍ୱେ ତାକୁ ଅଡ଼ାଇ ଅଡ଼ାଇ ନେଇ ଗାଁ ମୁଣ୍ଡରେ ପହଞ୍ଚାଇଦେଇ ଆସିଲି । ଫେରିଆସି ଗଛ ଉପରକୁ ଚଢ଼ିଛି କି ନାହିଁ, ଲାଲୁ ମୋ ପଛେ ପଛେ ଆସି ପୁଣି ଥରେ ରଣହୁଙ୍କାର ଦେବାକୁ ଆରମ୍ଭ କଲା । ତାକୁ ଘଉଡ଼ାଦେବାପାଇଁ ଶ୍ରୀମତୀ ସ୍ମିଥ୍ସ୍ ମଞ୍ଚାରୁ ଜଙ୍ଗଲରକ୍ଷୀକୁ ପଠାଇଲେ । ମୋ ଗଛ ପାଖ ଦେଇ ଗଲାବେଳେ ଲାଲୁକୁ ବୋଆରି ପୋଲ ପାର କରାଇଦେବାକୁ ଲୋକଟିକୁ କହିଲି । ବାଘ ଆସିବା ସମୟ ହୋଇଗଲାଣି । ଏଠାକୁ ଆଉ ନ ଫେରି ଶ୍ରୀମତୀ ସ୍ମିଥ୍ସଙ୍କ ହାତୀ ପାଖରେ ରହିଯିବାକୁ ଲୋକଟିକୁ ନିର୍ଦ୍ଦେଶ ଦେଲି । କିଛି ସମୟ ହେବ କୁକୁରର ଭୁକା ବନ୍ଦ; ବାଘ ସ୍ଥାନ ପରିବର୍ତ୍ତନ କଲା ପରି ଜଣାପଡ଼ୁଥାଏ । ହଠାତ୍ ମଞ୍ଚାର କେଇ ଗଜ ପଛରୁ ପଲେ ବଣକୁକୁଡ଼ା ରାବିବାକୁ ଆରମ୍ଭ କଲେ । ମୁଁ କ୍ୟାମେରା ସଜାଡ଼ି ଧରିଲି । ଶ୍ରୀମତୀ ସ୍ମିଥ୍ସ୍ ରାଇଫଲ ଉଠାଇ ପ୍ରସ୍ତୁତ ହୋଇଗଲେ । ଠିକ୍ ଏହି ଘଡ଼ସନ୍ଧି ମୁହୂର୍ତ୍ତରେ ଲାଲୁ ପୁଣି ଥରେ ଆସି ସେଠାରେ ହାଜର । (ପରେ ଜାଣିଲୁ ଯେ ସେଥର ପୋଲବାଟେ ନ ଫେରି ନଈବନ୍ଧରେ ତଳକୁ ଯାଇ ନଈ ପାର ହେବାପରେ ଜଙ୍ଗଲ ତଳଆଡ଼ୁ ବୁଲି ଆସି ସେଠାରେ ପହଞ୍ଚିଥିଲା ।) ଗାଈ ପାଖରେ ପହଞ୍ଚିବା ମାତ୍ରେ ବାଘର ଗନ୍ଧ ବାରି ସେ ଶିଙ୍ଗ ନୁଆଁଇ ଘାମରଡ଼ି ଦେଇ ଛୁଟିଲା ସେଇଆଡ଼େ । ଗାଈ ପାଖଯାଏ ପଶୁଇ ଆସି ବାଘ ଆଡ଼କୁ ସେ ପୁଣି ଭିଡ଼ିଯାଉଥାଏ । ବାଘକୁ ଆକ୍ରମଣ କରିବାକୁ ଏପରି ସେ ସମୁଦାୟ ତିନିଥର ପ୍ରୟାସ କଲା ।

Digitized by srujanika@gmail.com

ମଇଁଷି ପଲ ବାଘକୁ ଶିକାର ପାଖରୁ ଘଉଡ଼ାଇ ଦେବା (୧) ଓ ଗୋରୁଙ୍କ ତାଡ଼ନାରେ ଚିତାବାଘ ଶିକାର ଛାଡ଼ି ପଳାଇବା ମୁଁ ଦେଖିଛି । ମୋ ଦେଖିବାରେ ଗୋଟିଏ ହିମାଳୟ ଭାଲୁ ଥରେ ବାଘ ସହିତ ଲଢ଼ି ତା ମୁହଁରୁ ଶିକାର ଛଡ଼ାଇ ନେଇଥିଲା (୨) । ଏହା ଛଡ଼ା ଅନ୍ୟ କୌଣସି ଜନ୍ତୁ—ବିଶେଷ କରି ଲାଲୁ ପରି ଟେରିଅର ଜାତିର ଗୋଟିଏ—ମହାବଳ ବାଘ ସହିତ ଏକାକୀ ଯୁଝିବାକୁ ଅଗ୍ରସର ହେବା ମୁଁ ପୂର୍ବରୁ କେବେ ଦେଖି ନ ଥିଲି ।

ଯେତେ ସାହସୀ ହେଲେ ମଧ୍ୟ କୁକୁର ବାଘର ସମକକ୍ଷ ହେବ କିପରି ? ଲାଲୁର ଔଦ୍ଧତ୍ୟରେ ରାଗିଯାଇଥିବା ବାଘ ତା ରଡ଼ିର ଜବାବ ଦେଇ ମାଡ଼ିଆସିବାକୁ ହେଉଥାଏ । ଲାଲୁର କିଛି ଅନିଷ୍ଟ ହେଲେ ଗୋଟିଏ ଛୋଟ ପିଲାର ମନ ପୂରା ଭାଙ୍ଗିଯିବ—ଏ କଥା କେବଳ ମୋତେ ହିଁ ଜଣାଥାଏ । ଲାଲୁକୁ ସାହାଯ୍ୟ କରିବାପାଇଁ ଓହ୍ଲାଇବି ବୋଲି ବସୁଛି, ଏତିକିବେଳେ ଶ୍ରୀମତୀ ସ୍ମିଥ୍ସ୍ ସ୍ଵଭାବସିଦ୍ଧ ଉଦାରତା ଦେଖାଇ ବନ୍ଧୁକ ନୁଆଁଇଦେଲେ ଓ ବାଘ ମାରିବାର ଏହି ସୁବର୍ଣ୍ଣ ସୁଯୋଗଟି ଜାଣିଶୁଣି ଛାଡ଼ିଦେଲେ । ହାତୀ ନେଇ ଆସିବାକୁ ମୁଁ ମାହୁନ୍ତକୁ ଡାକଦେଲି । ପାଟି ଶୁଣି ବାଘ ଦରକି ପଳାଇଲା । ଲାଲୁ ଶାନ୍ତଶିଷ୍ଟ ପିଲାଟିପରି ମୋ ପଛେ ପଛେ ଗାଁକୁ ଫେରିଲା । ତାକୁ ଖଟାଇବା ପାଇଁ ଶେର ସିଂ ଅପେକ୍ଷା କରିଥିଲା । ବାଘ ଲାଲୁର ଆହ୍ୱାନ ଗ୍ରହଣ ନ କରିବାରେ ଶେର ସିଂ ଯେତିକି ଅଶ୍ୱସ୍ତ ହେଲା, ମୁଁ ମଧ୍ୟ ନିଶ୍ଚିନ୍ତ ହେଲି ସେତିକି ।

ସେହି ରାତି ଓ ପରଦିନ ସନ୍ଧ୍ୟାରେ ବାଘ ଫେରିଆସି ମଡ଼ାକୁ ଖାଇଥିଲା । ଶ୍ରୀମତୀ ସ୍ମିଥ୍ସ୍ ତାକୁ ମାରିବାକୁ ଆଉ ଥରେ ଚେଷ୍ଟାକରି ବିଫଳ ହେଲେ । ମୁଁ କିନ୍ତୁ ତାର ଚଳଚ୍ଚିତ୍ରଟିଏ ଉଠାଇ ନେଇପାରିଲି । ଏଥିରେ ବାଘ ବନ୍ଧରୁ ଗଡ଼ି ପାଣି ପିଉଥିବା ଦେଖାଯାଏ । ପାଠକଙ୍କ ମଧ୍ୟରୁ କେହି କେହି ଏହି ଚଳଚ୍ଚିତ୍ରଟି ହୁଏତ ଦେଖିଥିବେ ।

ଜଙ୍ଗଲ ଥିଲା ଶେର୍ ସିଂର ଏକମାତ୍ର କ୍ରୀଡ଼ାଭୂମି । ଜଙ୍ଗଲରେ ଘୂରି ବୁଲିବାରେ ତାର ଆନନ୍ଦ ଓ ଆଗ୍ରହ ଦେଖିଲେ ନିଜ ପିଲାଦିନ କଥା ମୋର ମନେପଡ଼େ । ସେଇ ବୟସରେ ତା'ରି ପରି ଅଧିକାଂଶ ସମୟ ମୁଁ ବଣ ଜଙ୍ଗଲରେ ଖେଳି ବୁଲି କଟାଉଥିଲି । ଜଙ୍ଗଲର କୌଣସି ଘଟଣା ଶେର ସିଂର ତୀକ୍ଷ୍ଣ ଦୃଷ୍ଟି ଏଡ଼ାଇ ପାରେନାହିଁ । ନାଁ ତାର ଶେର୍ ସିଂ—ପ୍ରକୃତରେ ବାଘ ପରି ତାର ସାହସ । ବୁଦ୍ଧି ତାର ମଧ୍ୟ କମ୍ ପ୍ରଖର ନୁହେଁ । ଏତେ କମ୍ ବୟସରେ ଜଙ୍ଗଲ ସମ୍ବନ୍ଧରେ ତାର ଜ୍ଞାନ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ।

ବୋଆର ପୋଲ ଆର ପାଖ ଧନଛକରେ ଚୋକା ଓ ରାମନଗର ରାସ୍ତା ଦୁଇଟି ମୋରାଦାବାଦ ପୁରୁଣା ସଡ଼କ ସହିତ ମିଶିଛି । ସନ୍ଧ୍ୟାବେଳେ ଏହି ରାସ୍ତାରୁ ଗୋଟିକରେ ଆମେ ବୁଲିବାକୁ ଭଲପାଉ । ଗାଈ ଫେରୁଥିବା ବେଳକୁ ଶେର୍ ସିଂ ଗୋଠ ନେଇ ସେହି

---

(୧) କୁମାୟୁଁର ନରଖାଦକ ବାଘଟି ଦ୍ରଷ୍ଟବ୍ୟ ।

(୨) ମନ୍ଦରର ବାଘ ଓ କୁମାୟୁଁର ଅନ୍ୟ ନରଖାଦକ ବାଘରେ ଲେଖକ ଏହି ଘଟଣା ବର୍ଣ୍ଣନା କରିଛନ୍ତି—ଅନୁବାଦକ

Digitized by srujanika@gmail.com

ଛକ ବାଟେ ଫେରେ । ଗଳା ଛାଡ଼ି ଗୀତ ଗାଇ ଗାଇ ସେ ଆସୁଥାଏ । ସେ ନଳେ ନଳର ଉପରକୁ ଆସିବାର ବହୁ ପୂର୍ବରୁ ସରୁ ସ୍ୱରଟି ତାର ଦୂରରୁ ଶୁଣାଯାଏ । ଆମକୁ ଦେଖି ଶେର୍ ସିଂ ହସି କରି ସଲାମ କରେ । ତା ପରେ ବନଯାକର ବିଶେଷ ଖବରମାନ ସେ ଏକନିଃଶ୍ୱାସରେ କହି ଚାଲେ । କହେ "ସେ ବଡ଼ ବାଘଟା ଆଉ କୋଟାରୁ ନୟାଗାଓଁ ଆଡ଼େ ଯାଇଛି । ରାସ୍ତାରେ ତା ପାଦୁଲ ଦାଗ ପଡ଼ିଛି । ଆଜି ସକାଳେ ଧୂନିଗଡ଼ ବେତବଣ ତଳ ମୁଣ୍ଡରେ ସେ ଗରଜୁଥିଲା । ସାରୀପାନି ପାଖରେ ଆଜି ଶିଙ୍ଗବାଡ଼ଆ ଶୁଣି ଗଛରେ ଚଢ଼ି ଦେଖିଲି ସେ ହରିଣ ଦୁ'ଟା ଲଢ଼େଇ କରୁଥିଲେ । ସେଥିରୁ ଗୋଟାଏ ଖୁବ ମୋଟା ହୋଇଛି; ତାର ଶିଙ୍ଗ ଦୁ'ଟା ବି ଖୁବ୍ ବଡ଼ । କେବେଠୁଁ ଆମେ ହରିଣ ମାଂସ ଖାଇନୁ ସାହେବ! ସେଟାକୁ ମାରିଲେ ହୁଅନ୍ତା ନାହିଁ ?" ନିଜ ପଟୁଆରେ ବାନ୍ଧି ବଡ଼ ବଡ଼ ପଥର ପୁଡ଼ିଆଟିଏ ସେ ମୁଣ୍ଡାଇ ଥାଏ । ପଚାରେ "କ'ଣ ମୁଣ୍ଡାଇଛୁ କହୁଲେ ? ଏଇଟା ପକ୍ଷୁର ଫଡ଼ିଆଟାଏ । ଗଛରେ ଶାଗୁଣା ଜମିବା ଦେଖି ଆଖପାଖ ଲଟାବୁଦାରେ ତଲାସ କଲି । ଚିତାବାଘ କାଲି ରାତିରେ ପକ୍ଷୁର ମାରି ବୁଦାତଳେ ଲୁଚାଇ ଦେଇ ଯାଇଥିଲା । ସେ ଅଳ୍ପ ଖାଇଥିଲା । ମୁଁ ଫଡ଼ିଆଟାଏ କାଟି ଆଣିଲି । ଚିତାବାଘଟାକୁ ମାରିବେ ? ଆପଣଙ୍କୁ ବୁଦାଟା ଦେଖାଇଦେବି ?" ପତ୍ର କେତୋଟି କଣ୍ଟାରେ ସିଲେଇ ଖଲପତ୍ର କରି ସେଥିରେ ସେ ମହୁ ଫେଣାଟିଏ ଗୁଡ଼ାଇ ଧରିଥାଏ । କହେ, "ହାଲଦୁ ଗଛ କୋରଡ଼ରେ ଏଇ ମହୁ ଫେଣାଟା ପାଇଲି । ଖଣ୍ଡେ କାଟି ଆଣିଛି ଆପଣଙ୍କ ପାଇଁ । ହେଲେ ଏଟାକୁ ନେବେ କେମିତି ? ସ୍ୱାକୁ ଧରିଥିବେ—କୁଟୁରୁ କି ହରିଣଟାଏ ହାବୁଡ଼େ ପଡ଼ିଗଲେ ତାକୁ ମାରିବେ କମିତି ? ଏଇଟା ଥାଉ । ମୁଁ କାମ ସାରି ଆପଣଙ୍କ ଘରେ ପହଞ୍ଚାଇ ଦେବି ।" ତାର ଗୋଟ ଟାଙ୍ଗି ଅଟିରେ ହାଲଦୁ ଗଛ କୋରଡ଼ରୁ ମହୁ ଫେଣା କାଟିବାକୁ ଅନ୍ତତଃ ପକ୍ଷେ ଦୁଇ ଘଣ୍ଟାରୁ ବେଶି ଲାଗିଥିବ । ମୁହଁ ହାତରେ ମହୁମାଛି ବିନ୍ଧିଥା'ନ୍ତି । ଗୋଟାଏ ଆଖି ଫୁଲି ବନ୍ଦ ହୋଇ ଯାଇଥାଏ । ସେଥିପ୍ରତି ତାର ଲକ୍ଷ୍ୟ ନଥାଏ; ସେ କଥା ଉଠାଇବାକୁ ବି ତାର ମନେ ପଡ଼େନା । ସେ ଅପ୍ରସ୍ତୁତ ହୋଇଯିବ ଜାଣି ମୁଁ ମଧ୍ୟ ସେ କଥା ଉଠାଏ ନାହିଁ ।

ସେଦିନ ରାତିରେ ମହୁଫେଣା ନେଇ ଶେର୍ ସିଂ ଆମ ଘରକୁ ଆସିଲା । ଆମେ ଖାଇ ବସିଥିଲୁ । ପାଦ ଚିପି ଚିପି ସେ ଖାଇବାଘରେ ପଶିଲା । ହାତରେ ତାର ପିତଳ ଥାଳିଟିଏ ଘଷା ମଜା ହୋଇ ସୁନା ପରି ଚକ୍ ଚକ୍ କରୁଥାଏ । ଥାଳି ସହିତ ମହୁଫେଣାଟି ଖାଇବା ଟେବୁଲରେ ରଖି ଡାହାଣ ହାତ କହୁଣୀକୁ ସେ ବାଁ ହାତରେ ଛୁଇଁଲା । ପାର୍ବତ୍ୟ ଅଞ୍ଚଳର ଏହି ସମ୍ମାନସୂଚକ ଇଙ୍ଗିତଟି ଅଜକାଲି ଲୋପ ପାଇବାକୁ ବସିଲାଣି ।

ଶେର୍ ସିଂକୁ ଆମ ଘରେ ଖୁବ ସଙ୍କୋଚ ଲାଗେ । ତାର ସ୍ୱାଭାବିକ ପ୍ରଗଲ୍‌ଭତା କୁଆଡ଼େ ସେପରି ଉଭେଇ ଯାଏ । କଚିରଟି କଥା କହୁ କହୁ ପାଟି ତାର ଶନ ବାଜିଯାଏ—ସତେ ଯେମିତି ଜୀବନରେ ଲେଉଟୁ ନ ଥିବା ଶବ୍ଦଗୁଡ଼ିକୁ ସେ ଗିଳି ଦେଉଛି । ସେଦିନ ଟେବୁଲ ଉପରେ ଥାଳିଟି ଥୋଇଦେଇ ସେ ଯିବାକୁ ବାହାରିଲା । ପରଦିନ ସକାଳୁ କୁନ୍ତୀ ଆସି ଥାଳି

Digitized by srujanika@gmail.com

ନେଇଯିବ । କବାଟ ପାଖରେ ଅଟକି ମୁହଁ ପୋତି ଗୋଡ଼ରେ କାର୍ପେଟରେ ଗାର ଟାଣୁ ଟାଣୁ ସେ କହିଲା, "ଲୋକଟାଏ ନାଗାରେ ଚଢ଼େଇ ଅଛନ୍ତି । କାଲି ଚଢ଼େଇ ମାରିବାକୁ ଯିବେ ? ତା ହେଲେ ମୋତେ ଛୁଟି ଦେଇ ମୁଁ ଆପଣଙ୍କ ସାଙ୍ଗରେ ଯିବ ।"

ଚଢ଼େଇ ଶିକାରରେ ଶେର୍ ସିଂର ସ୍ୱରୂପ ପ୍ରକାଶ ପାଏ । ଗାଁର ସବୁପିଲା ଚଢ଼େଇ ଶିକାରକୁ ଯିବାକୁ ଗୋଡ଼ ଟେକିଥାଆନ୍ତି । ସେମାନଙ୍କ ପରି ମୋର ମଧ୍ୟ ସେଥିରେ ମହା ଆନନ୍ଦ । ଦିନସାରର ଆମୋଦ ଉତ୍ତେଜନା ପରେ ଚଢ଼େଇଟିଏ ନେଇ ଘରକୁ ଫେରିବା ଆଶା ସମସ୍ତଙ୍କର ଥାଏ । ଖରାବେଳ ଖିଆପିଆ ପାଇଁ ମୁଁ ବନ୍ଦୋବସ୍ତ କରିଥାଏ । ମୋର ଲୋକ ଜଣେ ସମସ୍ତଙ୍କ ପାଇଁ ମିଠାଇ ଓ ଭଜା ଚୁଡ଼ା ନେଇ ଜଙ୍ଗଲରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚେ । ଶିକାର ଭିତରେ ଏହି ସାମାନ୍ୟ ବଣଭୋଜି ପିଲାଙ୍କୁ ଅତ୍ୟନ୍ତ ଖୁସି କରିଦିଏ ।

ଶିକାର ଆରମ୍ଭ ହୁଏ । ସୁବିଧା ଜାଗା ଦେଖି ମୁଁ ଜଗି ବସେ । ଚକଡ଼ାଏ ଜଙ୍ଗଲ ଆର ପାଖରୁ ଶେର୍ ସିଂ ଓ ତାର ବନ୍ଧୁମାନେ ଧାଡ଼ିବାନ୍ଧି ଚଢ଼େଇ ଘଉଡ଼ାଇ ଆଣନ୍ତି । ପାଟିଗୋଳ ଉପରେ ଶେର୍ ସିଂର ସ୍ୱର ସବୁଠାରୁ ବେଶି ଶୁଣାଯାଏ । ଗହଳ ବଣବୁଦା ଭିତରକୁ ବିନା ଶୋଚନାରେ ସେ ଆଗଭର ହୋଇ ପଶିଯାଏ । ଚଢ଼େଇଟିଏ ବାହାରିବା ମାତ୍ରେ ସେ ବଡ଼ ପାଟିରେ ଡାକ ଦିଏ, "ଗଲା, ସାହେବ, ଗଲା ।" ବେଳେବେଳେ ବୁଦା ଭିତରୁ ମୟୂର ବା ହରିଣଟାଏ ସଶବ୍ଦେ ଖେପା ମାରି ଉଠେ । ପିଲାଏ ଭୟରେ ଛନ୍ନଛନ ହୋଇଯାଆନ୍ତି । ଶେର୍ ସିଂ ସେମାନଙ୍କୁ ସାହସ ଦେଇ ପଳାଇ ନ ଯିବାକୁ ଡାକ ପକାଉ-ଥାଏ । ଦଶ ବାର ଚକଡ଼ା ବଣ ବାଡ଼ଅହେବା ପରେ ଶିକାର ସରେ । ସେତେବେଳକୁ ମୟୂର ଓ ବଣକୁକୁଡ଼ା ଦଶ ବାରଟି, ଦୁଇ ତିନୋଟି ଠେକୁଆ ଓ କେବେ କେମିତି ବାରହା ବା ଝିଙ୍କଟିଏ ମରାହୋଇ ଥାଆନ୍ତି । ସେତକ ଶିକାରୀ ଓ ସାହାଯ୍ୟକାରୀଙ୍କ ଭିତରେ ବାଣ୍ଟି ହେବା କଥା । ଶିକାର ଅଳ୍ପ ହୋଇଥିଲେ କେବଳ ସାହାଯ୍ୟକାରୀ ମଧ୍ୟରେ ତାହା ଭାଗ ହୁଏ । ଦିନ ଶେଷରେ ମୟୂରଟିଏ କାନ୍ଧରେ ପକାଇ ଶେର୍ ସିଂ ଗାରଦର୍ପରେ ସମସ୍ତଙ୍କ ଆଗେ ଆଗେ ଚାଲେ । ଗର୍ବରେ ତା ଗୋଡ଼ ତଳେ ପଡ଼ୁ ନ ଥାଏ ।

ସମୟ ବସି ରହେ ନାହିଁ । ପୁନ୍ୱାର ବାହାଘର ହୋଇଗଲା । ଛଅମାଣ ଜମିରେ ଦୁଇ ଭାଇଙ୍କ ଗୁଜରାଣ ଚଳିବ ନାହିଁ । ଶେର୍ ସିଂକୁ ରୋଜଗାର କରିବାକୁ ହେବ । ତାର ଏହି ପ୍ରିୟ ଗାଁ ଓ ଅତି ପ୍ରିୟ ଜଙ୍ଗଲ ଛାଡ଼ି ତାକୁ ଚାଲିଯିବାକୁ ହେବ ଦୂରକୁ । ଅନେକ ଚିନ୍ତା କରି ଗାଁରେ ତାକୁ ରଖିବା ପାଇଁ ଗୋଟିଏ ଉପାୟ ସ୍ଥିର କଲି । କାଠଗୋଦାମରେ ମୋର ଜଣେ ବନ୍ଧୁଙ୍କର ମୋଟର ମରାମତି କାରଖାନା । ନୈନିତାଲ ସଡ଼କରେ ତାଙ୍କର ଗୁଡ଼ାଏ ମୋଟର ଗାଡ଼ି ଚଳାଚଳ ହେଉଥାଏ । ମୋଟର କାମ ଶିଖିବା ପାଇଁ ଶେର୍ ସିଂକୁ ତାଙ୍କ ପାଖରେ ରଖାଇ ଦେବାକୁ ସ୍ଥିର କଲି । ଇଚ୍ଛା ଥିଲା, ତାଲିମ ପାଇବା ପରେ ସେ ମୋ ପାଖରେ ରହିବ ଓ ମୋ'ର ମଟର ଚଳାଇବ । ଶୀତଦିନେ ମୋ ସଙ୍ଗେ ସେ ଶିକାରକୁ ଯିବ ଅଥିଚ ଖରାଦିନେ ଆମେ ନୈନିତାଲ ଗଲେ କାଲାଦୁଙ୍ଗୀ ଘର ଓ ବଗିଚା ଦେଖାଚାହାଁ କରିବ । ଗାଁ ଛାଡ଼ି ଅନ୍ୟ

Digitized by srujanika@gmail.com

ଆଡ଼େ ଯିବା ତାର ଦରକାର ହେବ ନାହିଁ । ଯେଉଁ ଘରେ ସେ ଜନ୍ମ ହୋଇ ବଡ଼ ହୋଇଛି, ତାହାରୁ ତାଙ୍କେ ବାହାରୁ ଦେଶାନ୍ତରକୁ ତାକୁ ଯିବାକୁ ପଡ଼ିବ ନାହିଁ । ଯେଉଁ ଦିନ ଶେର୍ ସିଂକୁ ଏକଥା ଫିଟାଇ କହିଲି, ଆନନ୍ଦରେ ତା ମୁହଁରୁ କଥା ବାହାରି ନ ଥିଲା ।

ନଭେମ୍ବର ମାସରେ ଆମେ କାଲାଢୁଙ୍ଗୀ ଫେରିବା ପରେ ଶେର୍ ସିଂ କାଠଗୋଦାମ ଯିବା କଥା । ଅକ୍ଟୋବର ମାସରେ ତାକୁ ମାଲିଗ୍ନାଣ୍ଟ ମାଲେରିଆ ହୋଇ ସନ୍ନିପାତ ଧରିଗଲା । ଆମେ କାଲାଢୁଙ୍ଗୀରେ ପହଞ୍ଚିବାର କିଛି ଦିନ ପୂର୍ବରୁ ତାର କାଳ ହୋଇଗଲା ।

ଜୀବନରେ ଆମେ କେତେ ଆକାଂକ୍ଷା ରଖୁ, କେତେ କଳ୍ପନା କରିଥାଉ । ସେଥିରୁ କେତୋଟି ବିଫଳ ହୋଇଗଲେ ଯେତେ ଦୁଃଖ ବା ଅନୁଶୋଚନା ହୁଏ, ବିଚାର କରି ଦେଖିଲେ ସେଥିଲେ ବିଶେଷ କାରଣ ଥିଲା ପରି ମନେହୁଏ ନାହିଁ । ପାହାଡ଼ ଜଙ୍ଗଲ ଭିତରେ ହସିଖେଳି ଗାଁଡ଼ିଗାଁ ଶେର୍ ସିଂର ପିଲାଦିନଟି ଆନନ୍ଦରେ କଟିଯାଇଥିଲା । ଆଜିର ଏହି ପରିବର୍ତ୍ତନଶୀଳ ଦୁନିଆରେ ସେ କେତେକାଳ ସେତିକି ଆନନ୍ଦ, ସେମିତି ସ୍ୱଚ୍ଛନ୍ଦରେ ଜୀବନ କାଟି ପାରି ଥାଆନ୍ତା—ତା କିଏ ବା କହିପାରିବ ?

x x x x

ଦ୍ୱିତୀୟ ମହାଯୁଦ୍ଧରେ ମୋ ସ୍ୱାସ୍ଥ୍ୟ କିଛିଟା ଖରାପ ହୋଇଯାଇଥିଲା । ସ୍ଥାନ ପରିବର୍ତ୍ତନ କରିବା ଆବଶ୍ୟକ ଜାଣି ଆମ ପ୍ରଜାମାନଙ୍କୁ ଡକାଇଲି । ଏଥି ପୂର୍ବରୁ ଦୁଇ ଥର ସେମାନଙ୍କୁ ଡକାଇ ଯାହା କହିଥିଲି, ସେହି ପ୍ରସ୍ତାବ ପୁଣି ଉଠାଇବାକୁ ଇଚ୍ଛା ଥିଲା । ମୁଁ ଚାହୁଁଥିଲି ଯେ ସେମାନେ ଚାଷବାସ କରୁଥିବା ମୋ ଜମିଗୁଡ଼ିକ ଏଣିକି ନିଜେ ଦଖଲ କରନ୍ତୁ ଓ ଗାଁ ଚଲାଇବା ଦାୟିତ୍ୱ ଏଥର ତାଙ୍କରି ହାତକୁ ଯାଉ । ପ୍ରଜାଙ୍କ ତରଫରୁ ପୁନ୍ୱା ମା' କଥାବାର୍ତ୍ତା କରୁଥାଏ । ଖୋଲଖୋଲି ଭାବେ କଥା କହିବାରେ ତା'ପରି ଆଉ କେହି ସେଠାରେ ନଥାଆନ୍ତି । ମୋର ବକ୍ତବ୍ୟ ଶେଷ ହେବା ପରେ ସେ ଛିଡ଼ା ହୋଇ କହିଲା, "ଆମକୁ ଡକାଇ ଅକାରଣ କାମଦାମ ସବୁ ନଷ୍ଟ କଲେ । ଜମିତକ ଆମକୁ ଦେଇ ଆପଣ ଆମ ଦାୟିତ୍ୱରୁ ଖଲାସ ପାଇବେ । କିନ୍ତୁ ଜମି ଦଖଲ ନେଲେ ଆମେ ତ ଆଉ ଆପଣଙ୍କ ଲୋକ ହୋଇ ରହିବୁ ନାହିଁ ! ଆପଣଙ୍କୁ ଆମେ ଛାଡ଼ିବାକୁ ରାଜି ନୋହୁଁ—ଏ କଥା ତ ଆଗରୁ ବୁଝାଇ କହିଛୁ । ଏବେ ମୁଁ କେବଳ ଗୋଟିଏ କଥା ପଚାରୁଛି । 'ସଇତାନ' ସେଦିନ ପାଚେରି ଡେଇଁ ମୋ ଆଳୁ କିଆରି ଉଜାଡ଼ି ଦେଲା । ତା' ପୁଅ ଏବେ ଗାଁରେ ପଶି ଉତ୍ପାତ କରୁଛି । ପୁନ୍ୱା କ ଗାଁର ଆଉ କେହି ତ ତାକୁ ମାରି ପାରିବେ ନାହିଁ । ମୁଁ କେତେ ରାତି ଉଜାଗର ରହି ବସି ଟିଣ ବାଡ଼େଇଥିବ ?"

ସଇତାନ ସେତେବେଳକୁ ମଲାଣି । ତାକୁ ମାରିବା ପାଇଁ ଅନେକ ଚେଷ୍ଟା କରାଗଲା । କେତେ ଥର ସେ ଛର୍‌ରା ମାଡ଼ ମଧ୍ୟ ଖାଇଲା । କିନ୍ତୁ କେଉଁଥିରେ ନ ମରି ସେ ପୂର୍ବପରି ଉତ୍ପାତ କରୁଥାଏ । ଯୋଗକୁ ଦିନେ ରାତିରେ ତାକୁ ବାଘ ମାଡ଼ିବସିଲା । ରାତିସାରା ବାଘ ସହିତ ଲଢ଼ି ସକାଳ ଆଡ଼କୁ ସେ ମଲା । ଦିନାକେତେ ନ ଯାଉଣୁ ସଇତାନର ଏହି ଯୋଗ୍ୟପୁତ୍ରଟି ନିଜ ଆଡ଼ୁ ଗାଁ ଉପରେ ଦୌରାତ୍ମ୍ୟ ଆରମ୍ଭ କରିଦେଲା ।

Digitized by srujanika@gmail.com

ମ୍ୟାଗି ଓ ମୁଁ ଦିନେ ପାହାଡ଼ ତଳେ ବୁଲୁଥିଲୁ । ବଣପୋଡ଼ିରେ ପାହାଡ଼ କଡ଼ରୁ ପଟାଳିଏ ଜଙ୍ଗଲ ପଦା ହୋଇଯାଇଥିଲା । ସେଇ ବାଟେ ଦୁହେଁ ଚାଲିଥାଉଁ । ପଛରେ ଥାଏ ଆମ କୁକୁର ଡେଭିଡ୍ । ସୂର୍ଯ୍ୟ ଅସ୍ତ ଗଲେଣି । ଏତିକିବେଳେ ଦେଖିଲି ଯେ ଆମଠାରୁ ପ୍ରାୟ ତିନି ଶହ ଗଜ ଆଗକୁ 'ସଇତାନ'ର ପୁଅ ମୋଡ଼ା ପଦାରଟି ପାର ହୋଇ ଗାଁ ଆଡ଼େ ଯାଉଛି । ଦୂର ତ ବେଶି ହୋଇଥିଲେ ମଧ୍ୟ ଏ ସୁଯୋଗ ଛାଡ଼ିବାର ନୁହେଁ । ବାର୍ହା ଯିବା ବାଟରେ ଗହୀର ଖାଲଟିଏ । ରାଇଫଲ୍ ତିନି ଶହ ଗଜ ଦୂରତା ପାଇଁ ସଜାଡ଼ି ଗଛ କୋଣାରେ ତାକୁ ଭର ଦେଇ ବାର୍ହା ଖାଲ ପାଖରେ ପହଞ୍ଚିବା ଯାଏ ଅପେକ୍ଷା କଲି । ଖାଲ ଧାରରେ ସେ ଟିକିଏ ଅଟକି ଯିବା ମାତ୍ରେ ଘୋଡ଼ା ଟିପିଦେଲି । ବାର୍ହାଟା ଖାଲ ଭିତରକୁ ଡେଇଁ ପଡ଼ିଲା ଓ ଆର ପାଖରୁ ଲସର ପସର ହୋଇ ଉଠି ଆଖି ପିଛୁଡ଼ାକେ ଚମ୍ପଟ ଦେଲା । ଗୁଳି ବାଜି ନାହିଁ ବୋଲି ମ୍ୟାଗିର ସନ୍ଦେହ ହେଲା । ଡେଭିଡ୍‌ର ଗୁହାରିରେ ମଧ୍ୟ ସେଇ ପ୍ରଶ୍ନ । କିନ୍ତୁ ଗଛ ଉପରେ ଭର ଦେଇ ମୁଁ ସ୍ଥିର ଭାବେ ଲକ୍ଷ୍ୟ କରିଥିଲି ଓ ବାର୍ହାର କଳା ଚମଡ଼ା ଉପରେ ରାଇଫଲ୍‌ର ରୁପା ମାଛିଟି ସ୍ପଷ୍ଟ ଭାବେ ଦେଖି ଗୁଳି ଚଳାଇଥିଲି । ଦୂରତାର କଳନାରେ କାଳେ ଭୁଲ କରିଥିବି ଭାବି ଖାଲର ଧାର ଯାଏ ଗଲି । ବାର୍ହାର ଖୋଜ ସେଠାରେ ଭୂଇଁରେ ଦବି ଯାଇଥାଏ । ଆରପାଖରୁ ମୋଟ ଧାରରେ ରକ୍ତ ଦୁଇ ଶହ ଗଜ ଦୂର ଅଳ୍ପ ଓସାର ଚକଡ଼ାଏ ଗହଳ ଜଙ୍ଗଲ ଭିତରକୁ ପଡ଼ିଥିଲା । ସେତେବେଳକୁ ଅନ୍ଧାର ହେଲାଣି । ମ୍ୟାଗି ପୁଣି ସାଙ୍ଗରେ ଅଛି । ଜଙ୍ଗଲରେ ଏବେ ନ ପଶି ପରଦିନ ସକାଳୁ ବାର୍ହାକୁ ଖୋଜିବାକୁ ସ୍ଥିର କରି ଫେରିଲି । ଖୁବ୍ ମୋଟ ଧାରେ ରକ୍ତ ଝରିଥିବା ଦେଖି ଆଶା ହେଲା ଯେ ରାତି ଭିତରେ ବାର୍ହାଟା ମରିଯିବ ଓ ସକାଳେ ତାକୁ ଖୋଜି ପାଇବାକୁ କିଛି ଅସୁବିଧା ହେବ ନାହିଁ ।

ବନ୍ଧୁକ ଆବାଜ ଶୁଣି ପୁନ୍ଦା ବୋଆର୍ ପୋଲ ପାଖରେ ଅପେକ୍ଷା କରିଥିଲା । ମୋତେ ଦେଖି ସେ ଆଗ୍ରହରେ "କଣ ହେଲା ?" ବୋଲି ପଚାରିଲା । କହିଲି ଯେ ସଇତାନର ପୁଅ ଗୁଳି ଖାଇଛି ଓ ରକ୍ତ ଧାରରୁ ସେ ଖୁବ୍ ଘାଇଲା ହେଲା ପରି ଜଣା ପଡୁଛି । ପୁନ୍ଦା ଖୁସିଟାଏ ହୋଇଗଲା । କଥା ହେଲା ଯେ ପରଦିନ ସକାଳୁ ମୁଁ ତାକୁ ଠିକ୍ ଜାଗାଟି ଦେଖାଇ ଦେବି ଓ ସେ ଲୋକ ସଜଳ କରି ବାର୍ହାକୁ ସେଠାରୁ ନେଇ ଆସିବ । ପୁନ୍ଦା ହାବିଲ୍‌ଦାରଙ୍କ ସହିତ ସକାଳେ ବୋଆର ପୋଲ ପାଖରେ ଅପେକ୍ଷା କରିଥିବ ବୋଲି କହିଲା । ହାବିଲଦାର ବୁଢ଼ା ଗୁର୍ଖା ଲୋକ । ସୈନ୍ୟବାହିନୀରୁ ଅବ୍ୟାହତି ପାଇ ସେ ପୋଲିସ ଚାକିରି କରୁଥିଲେ । ବର୍ଷେ ତଳେ ଚାକିରିରୁ ଅବସର ନେଇ ସ୍ତ୍ରୀ ଓ ଦୁଇ ପୁଅଙ୍କ ସହିତ ଆମ ଗାଁରେ ଘର କରି ସେ ରହୁଥାଆନ୍ତି । ଆମେ ତାଙ୍କୁ ଜମି ଖଣ୍ଡେ ଦେଇଥାଉ । ହାବିଲଦାରଙ୍କ ସହିତ ଗାଁ ଲୋକଙ୍କର ଖୁବ୍ ସଦ୍‌ଭାବ । ସବୁ ଗୁର୍ଖାଙ୍କ ପରି ହାବିଲ୍‌ଦାରଙ୍କର ବାର୍ହା ମାଂସରେ ଭାରି ଆଶା । ବାର୍ହା ମରିହେଲେ ଆଉ କେହି ଭାଗ ପାଉ ବା ନପାଉ, ହାବିଲ୍‌ଦାର ଯେ ତାଙ୍କ ଭାଗଟି ନିଶ୍ଚୟ ଆଦାୟ କରିବେ—ଏଇଟା ଜଣାଶୁଣା କଥା ।

Digitized by srujanika@gmail.com

ପରଦିନ ସକାଳୁ ପୁନ୍ବା ଓ ହାବିଲ୍‌ଦାର ପୋଲ ପାଖରେ ଅପେକ୍ଷା କରିଥିଲେ । ଗୋଟିଏ ଚଲାବାଟରେ ଯାଇ ଆମେ ରକ୍ତଧାର ପାଖରେ ପହଞ୍ଚିଲୁ ଓ ତାହା ଅନୁସରଣ କରି ଜଙ୍ଗଲ ଯାଏ ଗଲୁ । ମୁଁ ଏକାକୀ ଜଙ୍ଗଲରେ ପଶିଲି । ଅନ୍ୟମାନଙ୍କୁ ସଙ୍ଗରେ ନ ନେବାର ଯଥେଷ୍ଟ କାରଣ ଥିଲା । ଅନ୍ୟ ଜନ୍ତୁଙ୍କ ତୁଳନାରେ ବାର୍‌ହା ଓ ଭାଲୁ-ଆହତ ଅବସ୍ଥାରେ ଅତି ହିଂସ୍ର ହୋଇଉଠନ୍ତି । ଆକ୍ରମଣ କଲେ ସେମାନେ ପ୍ରାଣରେ ନ ମାରି ଛାଡ଼ନ୍ତି ନାହିଁ । ଘାଇଲା ବାର୍‌ହା ମଣିଷକୁ ହାବୁଡ଼େ ପାଇଲେ ଦାନ୍ତରେ ତାକୁ ଫଡ଼ା ଫଡ଼ା କରି ବିଦାରି ପକାଏ । ସେଭଳି ଭୟଙ୍କର ଜନ୍ତୁର ପିଛା ଧରିଲେ ପଦେ ପଦେ ବିପଦ ପାଇଁ ପ୍ରସ୍ତୁତ ହୋଇ ଅତି ସନ୍ତର୍ପଣରେ ଅଗେଇବାକୁ ପଡ଼େ । ଜଙ୍ଗଲରେ ପଶି ପ୍ରଥମେ ବାର୍‌ହା ରହିଥିବା ସ୍ଥାନଟି ଠାବ କଲି । ସେ ଯେଉଁଠି ଥିବ ବୋଲି ଭାବିଥିଲି, ଘଟଣାକ୍ରମେ ସେ ଠିକ୍ ସେଇଠାରେ ଶୋଇଥିଲା । ରାତି ଭିତରେ ସେ ମରିଥିବ ବୋଲି ମୋର ଅନୁମାନ କିନ୍ତୁ ଠିକ୍ ହେଲାନାହିଁ । ବାର୍‌ହା ସକାଳୁ ଉଠି ଚାଲିଯାଇଛି ଦେଖି ସିଟି ମାରି ପୁନ୍ବା ଓ ହାବିଲ୍‌ଦାରଙ୍କୁ ପାଖକୁ ଡାକିଲି । ବାର୍‌ହାର ଗତିଚିହ୍ନ ଅନୁସରଣ କରି ତିନିହେଁ ପୁଣି ଅଗେଇଲୁ ।

ପୋଡ଼ାପଦର ପାରି ହୋଇ ବାର୍‌ହା ପାହାଡ଼ ଆର ପାଖ ଘଞ୍ଚ ଜଙ୍ଗଲ ଆଡ଼େ ମୁହାଁଇ ଥାଏ । ପୂର୍ବ ସନ୍ଧ୍ୟାରେ ସେ ସେହି ଜଙ୍ଗଲରୁ ବାହାରିଥିଲା । ସକାଳୁ ରକ୍ତସ୍ରାବ ଥମି ଯାଇ ଧାରଟି ଅପେକ୍ଷାକୃତ କ୍ଷୀଣ ହୋଇଥାଏ । କିଛିବାଟ ପରେ ଶୁଖିଲା ପତ୍ର ପବନରେ ଉଡ଼ିଯାଇଥିବାରୁ ରକ୍ତଧାର ଆଉ ବାରି ହେଲା ନାହିଁ । ଆଗକୁ ଟିକେଡ଼ାଏ ଶୁଖିଲା ଘାସର ଜଙ୍ଗଲ । ଅଣ୍ଟାଏ ଉଚ୍ଚ ଘାସରେ ପଶି ଯିବାକୁ ପଡ଼ିବ । ବାର୍‌ହା ପାହାଡ଼ ସେପାଖ ଜଙ୍ଗଲରେ ଥିବ ଓ ଘାସ ବଣ ଆରପାଖରୁ ତା ଖୋଜ ସହଜରେ ବାରିହେବ ଭାବି ତିନିହେଁ ବିନା ଦ୍ୱିଧାରେ ବଣରେ ପଶିଗଲୁ ।

ମୁଁ ଆଗେ ଆଗେ ଚାଲୁଥିଲି । ପୁନ୍ବା ଥିଲା ମୋର ଠିକ୍ ପଛରେ । ହାବିଲ୍‌ଦାର୍ କିଛି ବାଟ ପଛରେ ପଡ଼ିଥାଆନ୍ତି । ଘାସରେ ପଶି କେଇ ପାହୁଣ୍ଡ ଗଲା ପରେ କଣ୍ଟା ବୁଦାରୁ ମୋଜା ଛଡ଼ାଇବା ପାଇଁ ମୁଁ ସାମନାକୁ ଝୁଙ୍କି ପଡ଼ିଲି । କଣ୍ଟାରୁ ଅଡ଼େଇ ହୋଇ ପୁନ୍ବା ମୋ ଡାହାଣକୁ ଘୁଞ୍ଚିଗଲା । ମୋଜାରୁ କଣ୍ଟା ଛଡ଼ାଇ ମୁଁ ସଳଖି ହେଉଛି, ଏତିକିବେଳେ ଘାଇଲା ବାର୍‌ହା ହଠାତ୍ ଘାସ ଭିତରୁ ବିଜୁଳି ବେଗରେ ଛୁଟିଆସିଲା । ପୁନ୍ବା ଧଳା ଲୁଗା ଜାମା ପିନ୍ଧିଥିଲା । ବାର୍‌ହା ରାଗରେ ଗଁ ଗଁ ହୋଇ ତାହାରି ଆଡ଼କୁ ମାଡ଼ିଗଲା । ବାର୍‌ହାକୁ ଆଉ ମୁହୂର୍ତ୍ତେ ଆଗରୁ ଦେଖି ପାରିଥିଲେ ପୁନ୍ବା ପାଖରେ ପହଞ୍ଚିବା ପୂର୍ବରୁ ମୁଁ ତାକୁ ମାରି ଦେଇଥାଆନ୍ତି । କିନ୍ତୁ ନଇଁଥିବା ଯୋଗୁଁ ସେତିକି ସମୟ ମୋତେ ମିଳିଲା ନାହିଁ । ବାର୍‌ହାକୁ ମୁଁ ଦେଖିବା ବେଳକୁ ସେ ପୁନ୍ବାକୁ ତଳେ ପକାଇ ମାଡ଼ି ବସିଲାଣି । କରୁଣ ସ୍ୱରରେ 'ସାହେବ' ବୋଲି ଥରେ ଚିତ୍କାର କରିବାକୁ ପୁନ୍ବା ଯାହା ସମୟ ପାଇଛି । ଗୁଳି ଚଳାଇଲେ ପୁନ୍ବା ଦେହରେ ବାଜିବାର ଆଶଙ୍କା । ବାର୍‌ହାକୁ ନିଜ ଆଡ଼କୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ ଜୋର୍‌ରେ ପାଟିକରି ଉପରମୁହାଁ ବନ୍ଧୁକ ଫୁଟାଇଲି । ମୋତେ କୌଣସି ହିଂସ୍ରଜନ୍ତୁ ଆକ୍ରମଣ

Digitized by srujanika@gmail.com

କଲେ ଏହି କାର୍ଯ୍ୟପନ୍ଥା ଅବଲମ୍ବନ କରିବାକୁ ଅନ୍ୟମାନଙ୍କୁ ମୁଁ କେତେ ଥର ପରାମର୍ଶ ଦେଇଛି । ସେଦିନ ତାହା ହିଁ କରିବା ଛଡ଼ା ଅନ୍ୟ ଉପାୟ ନଥିଲା ।

ବନ୍ଧୁକ ଫୁଟିବା ମାତ୍ରେ ବାର୍‌ହା ପୁନ୍ନାକୁ ଛାଡ଼ିଦେଇ ତୀର ବେଗରେ ଭୁଲପଡ଼ି ମୋତେ ଆକ୍ରମଣ କଲା । ଫୁଟା ଗୁଳିଟା ବାହାର କରି ବନ୍ଧୁକରେ ନୂଆ ଗୁଳିଟିଏ ଭର୍ତ୍ତିକରିବାକୁ ସମୟ ନ ଥିଲା । ମୋର ଡାହାଣ ହାତ ସ୍ୱୟଂ ଉଠିଯାଇ ବାର୍‌ହା କପାଳରେ ପଡ଼ିଗଲା । ପ୍ରକାଣ୍ଡ ଏହି ବାର୍‌ହାଟା ଗୁହିଁଥିଲେ ମୋତେ ସହଜରେ ଫୋପାଡ଼ି ଦେଇଥାଆନ୍ତା । ମୋ ଆୟୁଷ ସମ୍ଭବତଃ ପୂରି ନ ଥିଲା ସେ ଦିନ । କପାଳରେ ହାତ ପଡ଼ିଯିବା ମାତ୍ରେ ବାର୍‌ହା ହଠାତ୍ କାହିଁକି ଅଟକି ଗଲା । ତା ମୁଣ୍ଡକୁ ମୁଁ ମାଡ଼ି ଧରିବାକୁ ଚେଷ୍ଟା କରୁଥାଏ । ବାର୍‌ହା ତା ବଡ଼ ବଡ଼ ଦାନ୍ତ ଦୁଇଟାରେ ମୋ ହାତକୁ ଚିରିଦେବା ଚେଷ୍ଟାରେ ଥାଏ । ଦାନ୍ତ ମୋ ହାତରେ ବାଜୁ ନ ଥିଲେ ମଧ୍ୟ ତା କରଡ଼ା ଟାଉଁଟିଆ କପାଳରେ ଘଷି ହୋଇ ପାପୁଲିରୁ ଚମଡ଼ା ଉତୁରି ଯାଉଥାଏ । କିଛି ସମୟ ଏପରି କରିବା ପରେ ବାର୍‌ହାଟା କେଜାଣି କାହିଁକି ଫେରି ପଡ଼ି ପଳାଇବାକୁ ବସିଲା । ସେଇ ସୁଯୋଗରେ ମୁଁ ତା ଦେହରେ ପରେ ପରେ ଦୁଇଟି ଗୁଳି ବସାଇଦେଲି । ବାର୍‌ହା ମୁହିଁ ମାଡ଼ି ସେହିଠାରେ ଟଳି ପଡ଼ିଲା ।

ପ୍ରାଣ ବିକଳରେ 'ସାହେବ' ବୋଲି ଥରେ ଡାକଦେବାପରେ ପୁନ୍ନାଠାରୁ ଆଉ ହୋର୍‌ଗୋଳ କିଛି ନାହିଁ । ଘାସ ଭିତରେ ସେ କେଉଁଠି ପଡ଼ିଛି, ତା ମଧ୍ୟ ମୋତେ ଦିଶୁ ନାହିଁ । ବାର୍‌ହା ତାକୁ ତାଳୁରୁ ତଳିପାଯାଏ ଫଡ଼ା ଫଡ଼ା କରି ପକାଇଛି ବୋଲି ଭୟ ହେଲା । ପୁନ୍ନା ମା'ଙ୍କୁ କ'ଣ କହିବି ଭାବିପାରିଲି ନାହିଁ । ସେ ମୋତେ ଯାହା କହିବ, ତା' ଭାବିଲାବେଳକୁ ମନରେ ଦୁଇ ଗୁଣ ଧକା ପଶିଲା । ଦେହ ଚୋଟାପଟେ ଥରୁଥାଏ । ତଣ୍ଟମର ପୁନ୍ନା ପାଖରେ ପହଞ୍ଚି ଦେଖେ ଯେ ସେ ଆଖି ବୁଜି ଚିତ୍‌ହୋଇ ତଳେ ପଡ଼ିଛି । ତାର ଲୁଗାପଟାରେ ରକ୍ତ ନ ଦେଖି ସାହସ ଟିକିଏ ଫେରିଲା । ତା କାନ୍ଧକୁ ହଲାଇ 'କେମିତ ଲାଗୁଛି' ବୋଲି ପଚାରିଲି । ପୁନ୍ନା କ୍ଷୀଣ ସ୍ୱରରେ ଉତ୍ତର ଦେଲା ଯେ ତା ମେରୁଦଣ୍ଡ ଭାଙ୍ଗି ଯାଇଛି—ତା ପ୍ରାଣ ଏବେ ଯିବା ଉପରେ । ଦୁଇ ପାଖରେ ଗୋଡ଼ ଦେଇ ତାକୁ ଧୀରେ ଧୀରେ ଉଠାଇ ବସାଇଲି । ହାତ ଖସାଇ ନେବା ପରେ ସେ ବସିରହିଛି ଦେଖି ତା ମେରୁଦଣ୍ଡ ଭାଙ୍ଗି ନାହିଁ ବୋଲି ଭରସା ହେଲା । ପରୀକ୍ଷା କରି ଦେଖିଲି ଯେ ମେରୁଦଣ୍ଡ ପୁରା ଠିକ୍ ଅଛି । ପୁନ୍ନାର ହାତ ନେଇ ତା ପିଠିରେ ଲଗାଇ ତାକୁ ମଧ୍ୟ ଏହା ଦେଖାଇଲି । ପୁନ୍ନା ନିଜେ ପଛକୁ ଅନାଇ ଦେଖିବା ପରେ ଅସଲ କଥା ବୁଝି ପାରିଲା । ତଳେ ପଡ଼ିଥିବାବେଳେ ତା ପିଠି ତଳେ କାଠ ଖଣ୍ଡେ ରହିଯାଇଥିଲା । ଚେତା ଫେରିବା ପରେ ମଝିପିଠିରେ କଷ୍ଟ ହେବାରୁ ମେରୁଦଣ୍ଡ ଭାଙ୍ଗି ଯାଇଛି ବୋଲି ସେ ଭାବିଲା ।

ହାବିଲ୍‌ଦାର୍ ସାହେବ ସେତେବେଳଯାଏ ଦୂରରେ ଛିଡ଼ା ହୋଇଥାନ୍ତି । ସୁଦୁଃଖୀ ଯୋଦ୍ଧା ସେ—ଲଢ଼େଇରେ ହଠାତ୍ ପଶି ନ ଯାଇ ସେ ପୃଷ୍ଠଭୂମିରୁ ଅବସ୍ଥା ଲକ୍ଷ୍ୟ କରୁଥିଲେ । ଜନ୍ତୁ ମାଂସ ଭାଗ ହେବା ବେଳକୁ ସବୁଠାରୁ ବଡ଼ ଭାଗଟି ଆଦୋଉ ନିଜ ଦାବୀ ସପକ୍ଷରେ

Digitized by srujanika@gmail.com

ସେ ନାନା ସୁଦ୍ଧ ବାଢ଼ିଲେ । ବାର୍‌ହା ଶିକାରରେ ସେ ସକ୍ରିୟ ଅଂଶ ନେଇଥିବା ବେଳେ ମୁଁ ଲୋକେ ଦୂରରେ ରହି କେବଳ ବନ୍ଧୁକ ଆବାଜ ଶୁଣୁଥିଲେ । ସେମାନଙ୍କ ସହିତ ତାଙ୍କ ଭାଗ ସମାନ ହେବ କପରି ? ତା'ହେଲେ ଶିକାର କରିବା ଓ ଶିକାର ଦେଖିବା ଭିତରେ ଫରକ୍ କ'ଣ ରହିଲା ? ଅବଶ୍ୟ ବାର୍‌ହା ସେ ନିଜେ ମାରିଛନ୍ତି ବୋଲି କହୁନାହାନ୍ତି ! ତେବେ ସାହାଯ୍ୟ ଦେବା ପାଇଁ ତ ସେ ପ୍ରସ୍ତୁତ ହୋଇ ଅପେକ୍ଷା କରିଥିଲେ ! କେହି ସାହାଯ୍ୟ ମାଗିଥିଲେ ସେ ନିଶ୍ଚୟ ଆଗେଇ ଯାଇ ଥାଆନ୍ତେ ! ଏଇଟା ତ କିଛି କମ୍ କଥା ନୁହେଁ !! ହାବିଲ୍‌ଦାର୍‌ଙ୍କୁ ସେଦିନ ଦୁଇ ଭାଗ ମାଂସ ମିଳିଥିଲା । ଘଟଣାର ଅନେକ ଦିନ ପରେ ଯାଏ ଶିକାରରେ ବିଶେଷ ଅଂଶ ନେଇ ସେ ଯେପରି ବୀରତ୍ୱ ଦେଖାଇଥିଲେ, ତାହା ବର୍ଣ୍ଣନା କରି ସମସ୍ତଙ୍କୁ ଚମତ୍କୃତ କରୁଥାନ୍ତି ।

ସମୟର ସ୍ରୋତ ବୋହିଗଲିଛି । ପୁନ୍ନା ଅଜି ତା ଘରର ମୁରବି । ତା ବାପ ପାଇଁ ଯେଉଁ ଘର ଖଣ୍ଡିକ ମୁଁ ତୋଳି ଦେଇଥିଲି, ପିଲା କୁଟୁମ୍ବ ଧରି ସେ ଏବେଯାଏ ସେଇଠି ରହିଛି । କୁନ୍ତୀ ଶାଶୁଘରକୁ ଗଲାଣି । ପୁନ୍ନା ମାଁ' ବୋହୂ ହୋଇ ଆସିଲାବେଳେ ଯେମିତି କାମ କରୁଥିଲା, ଏବେ ମଧ୍ୟ ଠିକ୍ ସେମିତି କାମରେ ଲାଗିଛି । କଲ୍ଲୁ ଶେର୍ ସିଂ ଆଉ ନାହିଁ । ସେ ଆଗରୁ ଯାଇ ସ୍ୱର୍ଗରେ ମୋ ପାଇଁ ଅପେକ୍ଷା କରିଛି ।

ମହାଯୁଦ୍ଧର କେତୋଟି ବର୍ଷ ମ୍ୟାଗିକୁ ଶୀତଦିନେ କାଲାଦୁଙ୍ଗୀରେ ଏକାକୀ ରହିବାକୁ ପଡ଼ିଲା । ପାଖରେ ତାର ଯାନବାହନ କିଛି ନ ଥାଏ । ନିକଟତମ ସହର ସେଠାରୁ ଚଉଦ ମାଇଲ ଦୂର । ତା ନିରାପତ୍ତା ପାଇଁ ମୋର କିଛି ଆଶଙ୍କା କେବେ ନ ଥିଲା । ମୋର ଦୃଢ଼ ବିଶ୍ୱାସ ଥିଲା ଯେ 'ମୋର ଭାରତ'ର ଏହି ଗରିବ ବନ୍ଧୁମାନଙ୍କ ମେଳରେ ଥିବାଯାଏ ତାର କଦାପି କୌଣସି ଆପଦ ଅସୁବିଧା ହେବ ନାହିଁ । □□□

Digitized by srujanika@gmail.com

ନାଲିଫିତା ଶାସନ ପୂର୍ବରୁ

ମୋର ବନ୍ଧୁ ଆଣ୍ଡରସନ୍ ଥରେ ଶୀତଦିନେ ତରାଇ ଅଞ୍ଚଳକୁ ଗସ୍ତରେ ଯାଇଥିଲେ । ମୁଁ ତାଙ୍କ ସଙ୍ଗରେ ଥିଲି । ହିମାଳୟ ପାଦଭୂମିରେ ଅବସ୍ଥିତ ବନ୍ଧୁଖେରାରୁ ଡେରା ଉଠାଇ ସେଦିନ ଆମର ବୋକ୍ସାର ଯିବା କଥା । ଜାନୁଆରୀ ମାସର ଶୀତୁଆ ସକାଳ । ଜଳଖିଆ ଖାଇ ଦୁହେଁ ବାହାରି ପଡ଼ିଲୁ । ଗୋଟିଏ ବୁଲନ୍ତି ବାଟେ ଯାଇ ବୋକ୍ସାର୍‌ରେ ଠିକେ ଡେରାରେ ପହଞ୍ଚିବୁ ବୋଲି ସ୍ଥିର କରିଥାଉ । କଥା ଥାଏ ଯେ ଆମ ଲୋକେ ସେ ଭିତରେ ସାଜ ସରଞ୍ଜାମ ସବୁ ବନ୍ଧାବନ୍ଧି କରି ସଳଖ ବାଟରେ ଆମ ଆଗରୁ ବୋକ୍ସାରରେ ପହଞ୍ଚି ଯାଇଥିବେ । ଆମେ ପହଞ୍ଚିବା ବେଳକୁ ତମ୍ବୁଗୁଡ଼ିକ ଟଣା ସରିଥିବ ।

ବନ୍ଧ୍‌ଖେରାରୁ ସଳଖ ବାଟରେ ବୋକ୍ସାର ଗଲେ ପରେ ପରେ ସ୍ରୋତ ଦୁଇଟି ନଈ ପଡ଼େ । ପୋଲ ନ ଥିବାରୁ ନଈରେ ପଶି ପାରି ହେବାକୁ ହୁଏ । ଲୋକେ ଓଟ ପିଠିରେ ଡେରାର ସାମାନପତ୍ର ବୋଝାଇ କରି ନଈ ପାରି ହେବାବେଳେ ଚକଟା ମାଟିରେ ଗୋଟିଏ ଓଟର ଗୋଡ଼ ଖସି ତମ୍ବୁଗୁଡ଼ିକ ପାଣିରେ ପଡ଼ିଗଲା । ଏହି ଦୁର୍ଘଟଣା ଯୋଗୁଁ ବାଟରେ ସେମାନେ ବହୁତ ସମୟ ଅଟକି ଗଲେ । ଆମେ ଏଣେ ବାଟସାରା କଳା ଚକୋର ଚଢ଼େଇ ଶିକାର କରି ମନ ଖୁସିରେ ବୁଲିବୁଲି ଆସି ବୋକ୍ସାର୍‌ରେ ପହଞ୍ଚିବା ବେଳକୁ ଓଟଙ୍କ ପିଠିରୁ ଲଦନ ଓହ୍ଲା ହେଉଥାଏ ।

ବୋକ୍ସାର୍ ଗାଁରୁ କେଇଶହ ଗଜ ଛଡ଼ାରେ ଡେରା ପାଇଁ ଜାଗା ଠିକ୍ ହୋଇଥିଲା । ଆଣ୍ଡରସନ୍‌ଙ୍କ ଗସ୍ତ ସେ ଅଞ୍ଚଳ ପାଇଁ ଏକ ବିଶେଷ ଘଟଣା । ତାଙ୍କୁ ପାଛୋଟି ନେବାକୁ ଗାଁସାକ ଲୋକ ରୁଣ୍ଡ ହୋଇଥାନ୍ତି । ଦରକାର ପଡ଼ିଲେ ଡେରା ପକାଇବାରେ ସାହାଯ୍ୟ କରିବାକୁ ମଧ୍ୟ ସେମାନେ ତତ୍ପର ଥା'ନ୍ତି ।

ସାର୍ ଫ୍ରେଡେରିକ୍ ଆଣ୍ଡରସନ୍ ସେତେବେଳେ ତରାଇ-ଭାବରର ସରକାରୀ ତତ୍ତ୍ୱାବଧାରକ । ତାଙ୍କର ଅମାପ ଦୟା ଓ ଲୋକବତ୍ସଳତା ତାଙ୍କୁ ସମସ୍ତଙ୍କର ପ୍ରିୟପାତ୍ର କରିଥିଲା । ଜାତି ଧର୍ମ ନିର୍ବିଶେଷରେ ଲୋକଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ସହାନୁଭୂତି ଯୋଗୁ ହଜାର ହଜାର ବର୍ଗମାଇଲବ୍ୟାପୀ ଏହି ଅଞ୍ଚଳରେ ତାଙ୍କ ପରି ଜନପ୍ରିୟ ଶାସକ ଆଉ କେହି ନ ଥିଲେ । ଆଣ୍ଡରସନ୍‌ଙ୍କ ଅସାଧାରଣ ସ୍ମରଣଶକ୍ତି ମଧ୍ୟ ଶାସନକ୍ଷେତ୍ରରେ ତାଙ୍କୁ ବିଶେଷ ସାହାଯ୍ୟ କରୁଥିଲା । ସେଭଳି ସ୍ମରଣଶକ୍ତି କେବଳ ଆଉ ଜଣଙ୍କଠାରେ ମୁଁ ଦେଖିଛି । ସେ ହେଉଛନ୍ତି ଜେନେରାଲ ସାର୍ ହେନ୍‌ରି ରାମ୍‌ସେ । ଆଣ୍ଡରସନ୍‌ଙ୍କ ପୂର୍ବରୁ ପ୍ରାୟ ଅଠାଇଶ ବର୍ଷ କାଳ ରାମ୍‌ସେ ଏ ଅଞ୍ଚଳର ଶାସନକର୍ତ୍ତା ଥିଲେ । ଆଣ୍ଡରସନ୍‌ଙ୍କ ପରି ସେ ମଧ୍ୟ ସ୍କଟଲାଣ୍ଡବାସୀ ।

Digitized by srujanika@gmail.com

ଏ ଦୁହେଁ ଥରଟିଏ ଯାହାକୁ ଦେଖନ୍ତି ବା ଯାହାର ନାଁ ଶୁଣନ୍ତି, ତାକୁ କେବେ ଭୁଲନ୍ତି ନାହିଁ ବୋଲି ଲୋକମୁଖରୁ ଶୁଣାଯାଏ । ପ୍ରତ୍ୟେକଙ୍କୁ ମନେ ରଖି ପୂର୍ବେ କେବେ ଓ କେଉଁଠାରେ ତା ସହିତ ସାକ୍ଷାତ୍ ହୋଇଥିଲା, ତାହା ସ୍ମରଣ କରିପାରୁଥିବାରୁ ଦୁହେଁ 'ଏ ଅଞ୍ଚଳର ସରଳ ଅଧିବାସୀଙ୍କର ବିଶେଷ ପ୍ରିୟ ହୋଇ ପାରିଥିଲେ । ରାମସେଙ୍କର ଏ ଅଞ୍ଚଳରେ ଏତେ ପ୍ରଭାବ ଥିଲା ଯେ ଶାସକ ମହଲରେ ତାଙ୍କୁ 'କୁମାୟୁଁର ଅନଭିଷିକ୍ତ ରାଜା' ବୋଲି ଆଖ୍ୟା ଦିଆଯାଉଥିଲା ।

ବ୍ରିଟିଶ୍ ସାମ୍ରାଜ୍ୟବାଦର ଇତିହାସ ଲେଖା ହେବାବେଳେ ତାହାର ପତନରେ 'ନାଲିଫିତା ଶାସନ' ଯେଉଁ ବିଶେଷ ଅଂଶ ଗ୍ରହଣ କରିଥିଲା, ତାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଦରକାର । ଆଣ୍ଡରସନ୍ ଓ ରାମ୍‌ସେଙ୍କ ଅମଳରେ ଲାଲ ଫିତାର କାରାମତି ଜଣା ନ ଥିଲା । ନାଲିଫିତାରେ ଛନ୍ଦି ନ ହୋଇ ମୁକ୍ତଭାବେ କାର୍ଯ୍ୟ ତୁଲଉଥିବାରୁ ସେମାନଙ୍କ ଶାସନ ସଫଳ ଓ ଜନପ୍ରିୟ ହୋଇପାରିଥିଲା ।

ରାମ୍‌ସେ ଏକାଧାରରେ ଏ ଅଞ୍ଚଳର ବିଚାରପତି, ଶାସକ ଏବଂ ପୋଲିସ, ଜଙ୍ଗଲ ଓ ପୂର୍ତ୍ତି ବିଭାଗର ମୁଖ୍ୟ ଥିଲେ । ଏ ସବୁ ଦାୟିତ୍ୱ ତୁଲାଇବା ସଙ୍ଗେ ନିଜ ଶାସନ ଇଲାକାରେ ସେ ନିୟମିତ ପାଦରେ ଚାଲି ଗସ୍ତ କରୁଥିଲେ । ଗସ୍ତରେ ଯିବାବେଳେ ବିଚାର ଓ ଶାସନ ସମ୍ପର୍କୀୟ ତାଙ୍କର ଅଧିକାଂଶ କାର୍ଯ୍ୟ ସମ୍ପାଦିତ ହେଉଥିଲା । ଗୋଟିଏ ଡେରାରୁ ଅନ୍ୟ ଗୋଟିକୁ ଯିବାବେଳେ ବାଟସାରା ତାଙ୍କ ସହିତ ଦଳେ ଲୋକ ସଦାସର୍ବଦା ଚାଲିଥା'ନ୍ତି । ବାଟ ଚାଲୁ ଚାଲୁ ଦେୱାନି ଓ ଫୌଜଦାରୀ ମୋକଦ୍ଦମାର ଦୋତରଫା ବିଚାର ହୁଏ । ବାଦୀ ପକ୍ଷର ଜମାନବନ୍ଦୀ ଓ ତା ପରେ ପ୍ରତିବାଦୀ ପକ୍ଷର ଶୁଣାଣି ଶେଷ ହେବାପରେ ସବୁ ଦିଗରୁ ବିଚାର କରି ରାମ୍‌ସେ ରାୟ ଦିଅନ୍ତି । କେହି ଛାଡ଼ ପାଏ, କାହାକୁ ଅର୍ଥଦଣ୍ଡ ଦିଆଯାଏ ଓ କାହାପ୍ରତି ଜେଲଦଣ୍ଡ ଆଦେଶ ହୁଏ । ତାଙ୍କ ରାୟ ବିରୁଦ୍ଧରେ କେହି ଆପତ୍ତି କରିବା କେବେ ଜଣା ନଥିଲା । ଅର୍ଥଦଣ୍ଡ ପାଇଥିବା ବ୍ୟକ୍ତି ନିଜେ ଯାଇ ଠିକ୍ ସମୟରେ ସରକାରୀ ଖଜଣାଖାନାରେ ଜରିମାନା ଦାଖଲ କରେ । ଜେଲଦଣ୍ଡ ପାଇଥିବା ଆସାମୀ ନିକଟତମ ଜେଲଖାନାରେ ନିଜେ ହାଜର ଦେଇ ମିଆଦ ଅନୁସାରେ ଜେଲ ଭୋଗ କରେ । ଏହି ବ୍ୟବସ୍ଥାର ବ୍ୟତିକ୍ରମ କେବେ ହୁଏ ନାହିଁ ।

ରାମ୍‌ସେଙ୍କ ତୁଳନାରେ ଆଣ୍ଡରସନ୍‌ଙ୍କ ଶାସନକ୍ଷେତ୍ର ସୀମିତ ହୋଇଥିଲେ ସୁଦ୍ଧା ତାଙ୍କୁ ମଧ୍ୟ ପ୍ରଶସ୍ତ କ୍ଷମତା ଦିଆଯାଇଥିଲା । ସେଦିନ ବୋକ୍‌ସାରରେ ଆମେ ପହଞ୍ଚିବା ବେଳକୁ ତମ୍ବୁଗୁଡ଼ିକ ଟାଣି ସାରିବାକୁ ଅନେକ ଡେରିଥାଏ । ସମବେତ ଲୋକମାନଙ୍କୁ ବୁଝାଇବାକୁ କହି ଆଣ୍ଡରସନ ଶୁଣାଇଦେଲେ ଯେ ସେହି ଅବସରରେ ଆପତ୍ତି ଅଭିଯୋଗମାନ ବିଚାର ହେବ । କାହାର କିଛି ଆବେଦନ ଥିଲେ ତାହା ମଧ୍ୟ ବିଚାର କରାଯିବ ।

ବୋକ୍‌ସାର ପାଖ ଗୋଟିଏ ଗାଁର ମୁଖିଆ ସବୁ ପ୍ରଥମେ ଆବେଦନପତ୍ରଟିଏ ଦାଖଲ

Digitized by srujanika@gmail.com

କଲେ । ବୋକ୍‌ସାର ଓ ତାଙ୍କ ଗାଁର ଗୃହସ୍ଥ ଜମିକୁ ପାଣି ଯୋଗାଉଥିବା ନାଳଟି ବୋକ୍‌ସାର ଗାଁ ଭିତର ଦେଇ ଯାଇଛି । ବର୍ଷା ସେ ବର୍ଷ କମ୍ ହୋଇଥିଲା । ନାଳରେ ଯେତକ ପାଣି ଆସୁଥାଏ ତାହା ଦୁଇ ଗାଁକୁ ନିଅଣ୍ଟ । ବୋକ୍‌ସାର ଉପରେ ଥିବାରୁ ସେଠାକାର ଲୋକେ ସୁବିଧା ଦେଖି ସବୁତକ ପାଣି ନିଜ ଜମିରେ ମଡ଼ାଇ ଦେଲେ । ଫଳରେ ପାଣି ନ ପାଇ ତଳ ଗାଁର ଧାନ ଫସଲ ପୂରା ଉଜୁଡ଼ ଗଲା । ଅଭିଯୋଗର ଜବାବ ଦେଇ ବୋକସାରର ମୁଖିଆ ତଳ ଗାଁକୁ ପାଣି ଛାଡ଼ ନ ଥିବା କଥା ସିଧାସଳଖ ମାନିଗଲେ । ନିଜ ପକ୍ଷରୁ ଯୁକ୍ତି ଦେଖାଇ ସେ କହିଲେ, ଯେ ଦୁଇ ଗାଁ ଭିତରେ ବାଣ୍ଟ ହୋଇଥିଲେ ପାଣି କାହାକୁ ଅଣ୍ଟି ନ ଥାନ୍ତା ଓ ଦୁଇ ଗାଁର ଫସଲ ନଷ୍ଟ ହୋଇଥାନ୍ତା । ପାଣି ଭାଗ ନ ହେବାରୁ ଅନ୍ତତଃ ବୋକ୍‌ସାରର ଫସଲତକ ରକ୍ଷା ପାଇଗଲା ।

ବୋକ୍‌ସାରରେ ସେତେବେଳକୁ ଫସଲ ଅମଳ ସରିଥାଏ । ଅଭିଯୋଗ ଓ ଜବାବ ଶୁଣିବା ପରେ ଆଣ୍ଡରସନ୍ ରାୟ ଦେଲେ ଯେ ବୋକ୍‌ସାରରେ ଆଦାୟ ହୋଇଥିବା ଫସଲ ଦୁଇ ଗାଁ ଭିତରେ ବାଣ୍ଟ ହେବ ଓ ଗାଁ ଦୁଇଟିର ଧାନଜମିର ରକବା ଅନୁପାତରେ ତାହା ଭାଗ କରାଯିବ । ବୋକ୍‌ସାରର ଲୋକେ ଏଇ ନିଷ୍ପତ୍ତିକୁ ନ୍ୟାୟସଙ୍ଗତ ବୋଲି ମାନିନେଲେ । କିନ୍ତୁ ନିଜ ତରଫରୁ ସେମାନେ ଆପତ୍ତି ଉଠାଇଲେ ଯେ, ଫସଲ ଅମଦାନି ଓ ଅମଳ କରିବାର ପରିଶ୍ରମ ପାଇଁ ତାଙ୍କୁ କିଛି ମିଳିଲା ନାହିଁ । ଆବେଦନକାରୀ ଏହାକୁ ଖଣ୍ଡନ କରି ଦର୍ଶାଇଲେ ଯେ ଫସଲ ଅମଦାନି ବା ଅମଳ ହେବାବେଳେ ସେମାନଙ୍କଠାରୁ କୌଣସି ସାହାଯ୍ୟ ଲୋଡ଼ା ଯାଇ ନ ଥିଲା । ଆଣ୍ଡରସନ୍ ଏହି ଯୁକ୍ତିକୁ କାଏମ ରଖିଲେ । ନିର୍ଦ୍ଦେଶ ଅନୁସାରେ ଫସଲ ଭାଗ କରିବା ପାଇଁ ମୁଖିଆ ଦୁହେଁ ଏକାଠି ସେଠାରୁ ଚାଲିଗଲେ । ତାପରେ ଦ୍ୱିତୀୟ ଆବେଦନପତ୍ରଟି ଆଣ୍ଡରସନ୍‌ଙ୍କ ସମ୍ମୁଖରେ ପେଶ୍ କରାଗଲା ।

ଆବେଦକର ନାଁ 'ବୁଢ଼ା' । ସେ ନାଲିସ୍ କରିଥାଏ ଯେ ତା ସ୍ତ୍ରୀ 'ଝିଲ୍‌ନି'କୁ 'କାଲୁ' ହରଣ କରି ନେଇଛି । ଘଟଣାର ତିନି ସପ୍ତାହ ପୂର୍ବରୁ କାଲୁ କୁଆଡ଼େ ନାନା ଇଶାରା ଇଙ୍ଗିତ ଦ୍ୱାରା ଝିଲ୍‌ନିର ମନ ନେବାକୁ ଚେଷ୍ଟା କୋଇଲା । ବୁଢ଼ା ତାକୁ ତାଗିଦ୍ କରିବା ସତ୍ତ୍ୱେ ସେ ମନା ମାନିଲା ନାହିଁ । ଝିଲ୍‌ନି ଏବେ ବୁଢ଼ାକୁ ଛାଡ଼ି କାଲୁ ଘରେ ଯାଇ ରହିଛି । କାଲୁ ହାଜର ଅଛି କି ବୋଲି ଡାକରା ପଡ଼ିଲା । ଆମ ଆଗରେ ବସିଥିବା ଲୋକଙ୍କ ଭିତରୁ ଜଣେ ଛିଡ଼ା ହୋଇ ନିଜକୁ କାଲୁ ବୋଲି ଚିହ୍ନା ଦେଲା ।

ଧାନବଣ୍ଟା ମୋକଦ୍ଦମା ଚାଲିଥିବା ବେଳେ ଗାଁର ସ୍ତ୍ରୀଲୋକମାନେ ସେଥିରେ ବିଶେଷ ଆଗ୍ରହ ଦେଖାଉ ନ ଥିଲେ । ଜମିଜମା ମାମଲାରେ ମରଦମାନେ ମୁଣ୍ଡ ଖେଳାଇବା କଥା । ମାଇପି ଲୋକଙ୍କୁ ସେଥିରୁ କଣ ମିଳିବ ? କିନ୍ତୁ ନାରୀହରଣ ମୋକଦ୍ଦମାଟି ପଡ଼ିବା ମାତ୍ରେ ନାରୀମହଲରୁ ଗଭୀର ଆଗ୍ରହ ପ୍ରକାଶ ପାଇଲା । ଉପସ୍ଥିତ ମହିଳାମାନଙ୍କ ଭାବଭଙ୍ଗୀ, ଏପରିକି ନିଃଶ୍ୱାସର ଖରଗତିରୁ ସେମାନଙ୍କ ମନର ଆବେଗ ସ୍ପଷ୍ଟ ଜଣାପଡ଼ୁଥାଏ ।

Digitized by srujanika@gmail.com

ବୁଢ଼ାର ଅଭିଯୋଗ ସେ ସ୍ୱୀକାର କରୁଛି କି ନାହିଁ ବୋଲି ପଚରା ଯିବାରୁ କାଲୁ ଦୃଢ଼ ସ୍ୱରରେ ଜବାବ ଦେଲା ଯେ ଟିଲ୍‌ନି ପାଇଁ ସେ କୁଢ଼ାଆଟିଏ ଯୋଗାଇ ଦେଇଥିବା କଥା ସତ; କିନ୍ତୁ ଟିଲ୍‌ନି ସ୍ୱଇଚ୍ଛାରେ ଆସି ସେଥିରେ ରହିଛି । ତାକୁ ସେ ଯୋର୍‌କରି ସେଠାକୁ ନେଇ ଆସିଥିବା ଅଭିଯୋଗ ଠିକ୍ ନୁହେଁ । ଟିଲ୍‌ନିକୁ ତା ସ୍ୱାମୀକୁ ଫେରାଇ ଦେବାକୁ ସେ ରାଜି ଅଛି କି ନାହିଁ ବୋଲି ପ୍ରଶ୍ନ ହେବାରୁ କାଲୁ କହିଲା ଯେ ଟିଲ୍‌ନି ନିଜ ଇଚ୍ଛାରେ ତା ପାଖକୁ ଆସିଛି । ତାକୁ ଜବରଦସ୍ତି କରି ବୁଢ଼ା ପାଖକୁ ଫେରାଇ ଦେବାକୁ ସେ ପ୍ରସ୍ତୁତ ନୁହେଁ । ଟିଲ୍‌ନିକୁ ଖୋଜା ପଡ଼ିଲା । ମହିଳାମାନଙ୍କ ମଧ୍ୟରୁ ଜଣେ ଆଗେଇ ଆସି ଆଣ୍ଡରସନ୍‌ଙ୍କ ଉଦ୍ଦେଶ୍ୟରେ କହିଲା, "ମୋ ନାଁ ଟିଲ୍‌ନି । ହଜୁର ମୋତେ କାହିଁକି ଖୋଜୁଛନ୍ତି ?"

ଝିଅଟିର ବୟସ ପ୍ରାୟ ଅଠର । ଦେଖିବାକୁ ବେଶ୍ ଡଉଲ ଡାଉଲ । ବେଶଭୂଷା ଏଇ ଅଞ୍ଚଳର ଢଙ୍ଗରେ । ମୁଣ୍ଡରେ ଫୁଟେ ଉଚ୍ଚ ତିନି କୋଣିଆ ଜୁଡ଼ା ଉପରେ କଳା ଶାଢ଼ିର ଓଢ଼ଣା । ପରିଧେୟ ନାଲି ରଙ୍ଗର ଚପା କାଞ୍ଚୁଲି ଓ ରଙ୍ଗୀନ୍ କନାର ବଡ଼ ଘାଗରା । ହାତରେ ନେଇଥିବ ରୁପା ଚୂଡ଼ି । ବେକରେ କାଚର ମାଳି ପିନ୍ଧି କଣ୍ଠି ଓ ସାର ସାର ହୋଇ ପଡ଼ିଥିବା ସରୁ ରୁପା ହାରଟିଏ ।

ସ୍ୱାମୀକୁ ଛାଡ଼ି ଚାଲି ଆସିବାର କାରଣ ପଚାରିବାରୁ ବୁଢ଼ାକୁ ଅଙ୍ଗୁଳି ଦେଖାଇ ଟିଲ୍‌ନି ତାଚ୍ଛିଲ୍ୟ ସହିତ କହିଲା, "ଆପଣ ନିଜେ ଅନାଇ ତାକୁ ଦେଖନ୍ତୁ ହଜୁର ! ଲୋକଟା ଯେମିତି ମଇଳା ମସିଆ ସେମିତି କୃପଣ । ବାହା ହୋଇ ଦୁଇ ବର୍ଷ ତା ସହିତ ଘର କଲି । ସେ ଭିତରେ ଗହଣାଟିଏ କି ଲୁଗା ଖଣ୍ଡେ ମୋତେ ସେ ଦେଇ ନାହିଁ । ଯାହା ଗହଣାଗାଣ୍ଠି ଲୁଗାପଟା ମୁଁ ପିନ୍ଧିଛି, ସବୁ କାଲୁର ।" ଫେରି ଯିବାକୁ ସେ ରାଜି ଅଛି କି ବୋଲି ପଚରା ଯିବାରୁ ଟିଲ୍‌ନି ଦୃଢ଼ଭାବେ କହିଲା ଯେ, ବୁଢ଼ା ପାଖକୁ ସେ କଦାପି ଫେରିବ ନାହିଁ ।

ତରାଇ ପରି ଅସ୍ୱାସ୍ଥ୍ୟକର ଅଞ୍ଚଳରେ ବାସ କରୁଥିବା ଏହି ଆଦିବାସୀମାନଙ୍କ ଠାରେ ଦୁଇଟି ଅତି ଉତ୍କୃଷ୍ଟ ଗୁଣ ଦେଖାଯାଏ । ସେଥିରୁ ଗୋଟିଏ ହେଲା ସେମାନଙ୍କ ପରିଚ୍ଛନ୍ନତା ଏବଂ ଅନ୍ୟଟି ସେଠାକାର ନାରୀମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତା । ତରାଇ ଅଞ୍ଚଳର ଗ୍ରାମ ଓ ବାସଗୃହରେ ଯେପରି ପରିଚ୍ଛନ୍ନତା ବିରାଜୁଥାଏ ତାହା ଭାରତର ଅନ୍ୟତ୍ର ବିରଳ । ପୁଣି ଏ ଦେଶର ଅନ୍ୟ କୌଣସିଠାରେ ନିଜ ଗ୍ରାମବାସୀ ଓ ଦୁଇ ଜଣ ବିଦେଶୀଙ୍କ ସମ୍ମୁଖରେ ଛିଡ଼ା ହୋଇ ଯୁବତୀ ଜଣେ ନିଜ ପକ୍ଷରୁ ଏ ଧରଣର ଯୁକ୍ତି ବାଢ଼ିବାକୁ କେବେ ସୁଯୋଗ ପାଇ ନ ଥା'ନ୍ତା ବା ସାହସ କରି ନ ଥା'ନ୍ତା ।

ବୁଢ଼ାକୁ ତାର ବକ୍ତବ୍ୟ ପଚରାଗଲା । ସେ କହିଲା, "ହଜୁର୍, ମା ବାପ ! ନ୍ୟାୟ ବିଚାର ପାଇଁ ମୁଁ ଆସିଛି । ମୋ ସ୍ତ୍ରୀକୁ ହଜୁର ଯଦି ଫେରାଇ ନ ଦିଅନ୍ତି, ତେବେ ତା ପାଇଁ ଖେସାରତ୍ ମଞ୍ଜୁର କରନ୍ତୁ ।" ଆଣ୍ଡରସନ ପଚାରିଲେ, "ତମେ କେତେ ଟଙ୍କା ଖେସାରତ ଦାବୀ କରୁଛ ?" ବୁଢ଼ା ଉତ୍ତର ଦେଲା, "ଦେଢ଼ଶହ ଟଙ୍କା ମୋର ହକ୍ ହେଉଛି ।" ସଙ୍ଗେ ସଙ୍ଗେ ଘେରି ବସିଥିବା ଲୋକଙ୍କ ଭିତରୁ ଏହି ଦାବୀ ବିରୁଦ୍ଧରେ ତୀବ୍ର ପ୍ରତିବାଦ ପ୍ରକାଶ

Digitized by srujanika@gmail.com

ପାଇଲା । "ବହୁତ ଦାବୀ କରୁଛି" "ଏତେ ହକ୍ ହେଉନାହିଁ" "ଝିଅଟା ଏତେ ଟଙ୍କାର ଯୋଗ୍ୟ ନୁହେଁ" ଇତ୍ୟାଦି ଇତ୍ୟାଦି ନାନା ମନ୍ତବ୍ୟ ଚାରିଆଡ଼ୁ ଶୁଣାଗଲା ।

ଟିଲନ ପାଇଁ କେତେଶହ ଟଙ୍କା କ୍ଷତିପୂରଣ ଦେବା ବିଷୟ ଆଣ୍ଡରସନ କାଲୁକୁ ପଚାରିଲେ । କାଲୁ କହିଲା ଯେ ଏ ଦାବୀ ଅତି ବେଶି ହେଉଛି । ବୁଢ଼ା ମୋଟେ ଶହେ ଟଙ୍କା ଦେଇ ଟିଲନକୁ ଆଣିଥିଲା ବୋଲି ସମସ୍ତେ ଜାଣନ୍ତି । ଟିଲନ ସେତେବେଳେ "ନୂଆ" ଥିଲା । ଏହା ଭିତରେ ଦୁଇ ବର୍ଷ ବିତିଗଲାଣି । ଏବେ ସେ ପଚାଶ ଟଙ୍କାରୁ ବେଶି କଦାପି ହେବ ନାହିଁ ।

ଇତିମଧ୍ୟରେ ଗ୍ରାମବାସୀମାନେ ଦୁଇ ଦଳ ହୋଇ ନିଜ ନିଜ ଭିତରେ ଘମାଘୋଟ ଆଲୋଚନା ଆରମ୍ଭ କରି ଦେଇଥାନ୍ତି । ଥୋକାଏ କହୁଥାନ୍ତି ଯେ ବୁଢ଼ା ବହୁତ ବେଶି ଦାବୀ କରୁଛି । କାଲୁ ଯାହା ଯାଚୁଛି ତାହା ଯଥେଷ୍ଟ ନୁହେଁ ବୋଲି ଆଉ କେତେକ ମତ ଦେଉଥାନ୍ତି । ଆଲୋଚନା ପ୍ରସଙ୍ଗରେ ଟିଲନର ରୂପ ଗୁଣ ସବୁ ଚିକିନିଖି ବିଶ୍ଳେଷଣ କରାଯାଉଥାଏ । ସୁନ୍ଦର ତାର ମୁହଁ ଉପରେ କୌତୁକର ହସ ଟାଣି ଟିଲନ କୌତୁହଳ ସହ ସବୁ ଶୁଣୁଥାଏ ।

ଦୁଇ ପକ୍ଷର ମନ୍ତବ୍ୟ ଶୁଣିବା ପରେ ଆଣ୍ଡରସନ ଖେସାରତ ଦାବୀକୁ ପଞ୍ଚସ୍ତରି ଟଙ୍କାରେ ଧାର୍ଯ୍ୟ କଲେ । ଇଜଲାସରେ ଟଙ୍କା ଜମା କରିବାକୁ କାଲୁକୁ ଆଦେଶ ଦିଆଗଲା । କାଲୁ କମରପଟି ତଳୁ ଗାଞ୍ଜିଆ ବାହାର କରି ଟଙ୍କାଗୁଡ଼ାଏ ଆଣ୍ଡରସନଙ୍କ ଗୋଡ଼ ପାଖରେ ଢାଳି ଦେଲା । ଗଣତି ହୋଇ ସେଥିରୁ ସମୁଦାୟ ବାଉନଟି ରୁପାଟଙ୍କା ମିଳିଲା । କାଲୁର ଦୁଇ ଜଣ ବନ୍ଧୁ ବାକି ତେଇଶ ଟଙ୍କା ପୂରଣ କଲେ । ବୁଢ଼ା ଟଙ୍କା ଗଣି ତାହା ଠିକ୍ ଅଛି ବୋଲି ଜଣାଇଲା ।

ଏ ସବୁ କାରବାର ଚାଲିଥିବା ବେଳେ ଗାଁ ଆଡ଼ୁ ଜଣେ ବୁଢ଼ୀ ସ୍ତ୍ରୀଲୋକ ସଭା ଆଡ଼େ ଆସୁଥିବା ମୁଁ ଲକ୍ଷ୍ୟ କଲି । ଅତି କଷ୍ଟରେ ସେତକ ବାଟ ଚାଲି ସଭାରେ ଅନ୍ୟମାନଙ୍କଠାରୁ ଟିକିଏ ଆଡ଼େଇ ହୋଇ ସେ ବସିଲା । ବହୁଦିନ ମାଲେରିଆ ଭୋଗି ଭୋଗି ତା ଗୋଡ଼ ହାତରେ ଫୁଲା ପଡ଼ିଛି । ମୁହଁ ପୂରି ଶେତା; ପିଲେହି ବଢ଼ି ପେଟ ଫୁଲିଛି । ବୁଢ଼ା ଟଙ୍କା ଗଣିନେବା ପରେ ସ୍ତ୍ରୀଲୋକଟି ବହୁକଷ୍ଟରେ ଛିଡ଼ା ହୋଇ ଆଣ୍ଡରସନଙ୍କ ଉଦ୍ଦେଶ୍ୟରେ କହିଲା, "ଏବେ ମୋ କଥା କଣ ହେବ ହଜୁର୍ ?" ଆଣ୍ଡରସନ ପଚାରିଲେ, "ତୁମେ ପୁଣି କିଏ ?" ରୋଗିଣୀ ଉତ୍ତର ଦେଲା, "ମୁଁ କାଲୁର ସ୍ତ୍ରୀ ।"

କ୍ଲାନ୍ତ, ଭାବହୀନ ସ୍ୱରରେ ବିଚାରୀ ତା ଦୁଃଖ ଜଣାଇବାକୁ ଲାଗିଲା । ଏଠାରେ ତାର ନିଜର ବୋଲି କେହି ନାହିଁ । କାଲୁ ଏବେ ଆଉ ଗୋଟିଏ ସ୍ତ୍ରୀ ଆଣିଲାଣି । ଖଟି ଖାଇବାକୁ ତାର ବଳ ନାହିଁ । ଭୋକ ଉପାସରେ ଗଡ଼ି ମରିବା ଛଡ଼ା ତାର ଅନ୍ୟ ଗତି ନାହିଁ । ଏତିକି କହି ପଣତ କାନିରେ ମୁହଁ ଲୁଚାଇ ସେ ନୀରବରେ କାନ୍ଦିବାକୁ ଲାଗିଲା । କୋହ ଉପରେ କୋହ ଉଠି ତା ଦୁର୍ବଳ ଦେହଟି ଥରି ଯାଉଥାଏ ।

Digitized by srujanika@gmail.com

କାଲୁର ପ୍ରଥମ ସ୍ତ୍ରୀ ଥିବା କଥା ସେ ପର୍ଯ୍ୟନ୍ତ କେହି ଉଠାଇ ନ ଥିଲେ । ଅପ୍ରତ୍ୟାଶିତଭାବେ ଏ ସମସ୍ୟାଟି ଉଠି ପରିସ୍ଥିତିକୁ ଜଟିଳ କରିଦେଲା । ଆଣ୍ଡରସନ୍ ଭାରି ଅଡୁଆରେ ପଡ଼ିଗଲେ । ସମାଧାନର କୌଣସି ସହଜ ପନ୍ଥା ଖୋଜି ପାଇବା କଷ୍ଟକର । ସଭାରେ ସମସ୍ତେ ନୀରବ । ହଠାତ୍ ଟିଲିନ୍ ରୋହିଣୀ ପାଖକୁ ଧାଇଁ ଯାଇ ତାକୁ କୁଣ୍ଢାଇ ଧରି କହିଲା, "ତୁମେ କାହିଁକି କାନ୍ଦୁଛ ଭଉଣୀ । ତୁମର ଘରଦ୍ୱାର ନାହିଁ ବୋଲି କିଏ କହିଲା ? ମୋ ପାଇଁ ଯେଉଁ ନୂଆ ଘର ତିଆରି ହୋଇଛି ତୁମେ ମୋ ପାଖରେ ସେଇଠି ରହିବ । ତୁମର ସେବା ଯତ୍ନ ସବୁ ମୁଁ ନିଜେ କରିବି । ମୋର ଯାହା ଅଛି ସେଥିରୁ ଅଧେ ତୁମର । ଆଉ କାନ୍ଦନା ତୁମେ—ମୋ ସଙ୍ଗେ ଘରକୁ ଚାଲ ।"

ରୋହିଣୀକୁ ନେଇ ଟିଲିନ୍ ସେଠାରୁ ଚାଲିଗଲା । ସଭା ଶେଷ ହେଲା । ଆଣ୍ଡରସନ୍ ଛିଡ଼ା ହୋଇ ଆଖି ପୋଛୁଥାଆନ୍ତି । ମୁଁ ତାଙ୍କୁ ଅନାଇଛି ଦେଖି ସେ କହିଲେ ଯେ ଏଇ ପାହାଡ଼ିଆ 'ଥଣ୍ଡା ପବନ' ଲାଗି ତାଙ୍କ ଆଖି ନାକରୁ ପାଣି ବୋହୁଛି । ଆଖି ପୋଛିବାର ଅସଲ କାରଣଟା କିନ୍ତୁ ମୋ ପାଖରୁ ଛପି ରହିଲା ନାହିଁ । 'ଥଣ୍ଡା ପବନ' ଲାଗି ସଭାରେ ଆହୁରି କେତେ ଜଣଙ୍କ ନାକ ଆଖିରୁ ମଧ୍ୟ ପାଣି ବୋହୁଥିବା ଲକ୍ଷ୍ୟ କଲି । ଯିବାକୁ ବାହାରିଛୁ—ଏତିକିବେଳେ ବୃଦ୍ଧ ଅଣ୍ଡରସନ୍ଙ୍କ ପାଖକୁ ଆସି ତାର ଆବେଦନପତ୍ରଟି ଫେରସ୍ତ ନେବାକୁ ଚାହିଁଲା । କାଗଜଟି ପାଇ ସେ ତାକୁ ଟିକି ଟିକି କରି ଚିରି ଫୋପାଡ଼ି ଦେଲା । ତା' ପରେ ଅଣ୍ଟାରୁ ଟଙ୍କାପୁଡ଼ାଟି ବାହାର କରି ଆଣ୍ଡରସନ୍ଙ୍କୁ ଦେଇ କହିଲା, "କାଲୁ ଆଉ ମୁଁ ଏକା ଗାଁର ଲୋକ । ତାକୁ ଏବେ ଦୁଇ ଜଣଙ୍କୁ ପୋଷିବାକୁ ପଡ଼ିବ । ତା ଭିତରୁ ଜଣେ ରୋଗୀ—ତାର ପଥ୍ୟ ଦରକାର । କାଲୁକୁ ତା ଟଙ୍କା ଫେରାଇ ଦେବାକୁ ହଜୁର୍ ଅନୁମତି ଦିଅନ୍ତୁ ।"

'ନାଲଫିତା ଶାସନ' ପୂର୍ବରୁ ନିଜ ଶାସନ ଇଲାକାରେ ଗସ୍ତ କରି ଆଣ୍ଡରସନ୍ ଓ ସ୍ମିଥ୍ ଏପରି ହଜାର ହଜାର ମୋକଦ୍ଦମା ଫଇସଲା କରୁଥିଲେ । ତାଙ୍କ ନ୍ୟାୟନିଷ୍ପତ୍ତିରେ ଦୁଇ ପକ୍ଷ ସନ୍ତୁଷ୍ଟ ହୋଇ ଫେରୁଥିଲେ । ମୋକଦ୍ଦମା ଚଳାଇବା ପାଇଁ ଗୋଟିଏ ପଇସା ଖର୍ଚ୍ଚ କରିବାକୁ ପଡ଼ୁ ନ ଥିଲା । ସେ କାଳ ଚାଲିଗଲା । ତା' ପରେ ଆସିଲା 'ନାଲଫିତାର ଯୁଗ' । ଅପରାଧ ଅଭିଯୋଗର ବିଚାର ପାଇଁ ଲୋକେ କୋର୍ଟ କଚେରି ଧାଇଁଲେ । ମାମଲାମୋକଦ୍ଦମା ଚଳାଇ ଦୁଇ ପକ୍ଷ କାଙ୍ଗାଳ ହେଲେ । ସମସ୍ୟାର ସମାଧାନ ନ ହୋଇ ବାଦୀ ପ୍ରତିବାଦୀଙ୍କ ମଧ୍ୟରେ ଭେଦଭାବ ବରଂ ବଢ଼ିବାକୁ ଲାଗିଲା । ଗାଁ ଗାଁରେ ବାଦ ବିବାଦ କଳି ତକରାଳର ମଞ୍ଜି ବୁଣା ହେଲା । ମୋକଦ୍ଦମା ପରେ ମୋକଦ୍ଦମା ଲାଗି ଆଇନଜୀବୀଙ୍କ ଧନଦୌଲତ ବଢ଼ିଲା ଓ 'ମୋର ଭାରତ'ର ଗରିବ ଚାଷୀ ମୂଲିଆମାନେ ସାମାନ୍ୟ ତାଙ୍କର ସର୍ବସ୍ୱ ହରାଇ ଉଚ୍ଛନ୍ନ ହେବାକୁ ଲାଗିଲେ ।

Digitized by srujanika@gmail.com

ଜଙ୍ଗଲି ଆଇନ

ହରକ୍ସାର ସହିତ କୁନ୍ତୀର ବିବାହ ହେବା ବେଳକୁ ଦୁହିଁଙ୍କ ବୟସ ମିଶି ଦଶ ବର୍ଷରୁ କମ୍ । ସେତେବେଳେ ଭାରତରେ ବାଲ୍ୟବିବାହ ସ୍ୱାଭାବିକ ଭାବରେ ଚାଲୁଥିଲା । ମହାତ୍ମା ଗାନ୍ଧି ଓ ମିସ୍ ମେୟୋ ଜନ୍ମଗ୍ରହଣ କରି ନ ଥିଲେ ଏ ପ୍ରଥା ଆଜିଯାଏ ଠିକ୍ ସେହିପରି ଚାଲୁଥାଆନ୍ତା ।

ଦୁନାଗିରି ପର୍ବତ ତଳେ ଅଳ୍ପ କେଇ ମାଇଲ୍ ବ୍ୟବଧାନରେ ହରକ୍ସାର ଓ କୁନ୍ତୀଙ୍କ ଗାଁ । ବାହାଘର ଆଗରୁ ଦୁହେଁ ଦୁହିଁଙ୍କୁ କେବେ ଦେଖି ନ ଥିଲେ । ବାହାଘର ଦିନ ନୂଆ ଲୁଗା ଜାମା ପିନ୍ଧି କେତୋଟି ମୁହୂର୍ତ୍ତ ପାଇଁ ସେମାନେ ହୋଇ ଉଠିଥିଲେ ବନ୍ଧୁବାନ୍ଧବମାନଙ୍କର ଅତି ଆଦରର ପାତ୍ର । ସେଦିନ ତାଙ୍କୁ ପେଟପୂରି ପୁରି ହାଲୁଆ ଖାଇବାକୁ ମିଳିଥିଲା— କେବଳ ଏଇ କଥାଟି ଅନେକ ଦିନଯାଏ ଦୁହିଁଙ୍କର ମନେ ଥାଏ । ଦିନଟି ଥିଲା ବରପିତା ଓ କନ୍ୟାପିତାଙ୍କ ପାଇଁ ମଧ୍ୟ ସ୍ମରଣୀୟ । ଗାଁ ମହାଜନେ ସାହାପକ୍ଷ ହେବାରୁ ସିନା ପୁରୋହିତେ ଭଲ ବେଳ ଦେଖି ଶୁଭ କାମଟି ବଢ଼ାଇ ଦେଲେ ! ନ ହେଲେ କି ଚିନ୍ତା ସେମାନେ ହୋଇ ନ ଥା'ନ୍ତେ !! ପିଲାଙ୍କ ବୟସ ହୋଇ ଯାଇଥାଏ । ବାହାଘର କରି ନ ଥିଲେ ସାଇଭାଇ ଜାତିପାଟକରେ ମୁଣ୍ଡଟେକି ହୋଇଥାଆନ୍ତା ? ମହାଜନ ଗରିବଙ୍କ ମା' ବାପ । ଆତୁର ଦେଖି ଖାତାପତ୍ରରେ ନୂଆ କରି ତାଙ୍କ ନାଁ ଚଢ଼ାଇ ଠିକ୍ ବେଳେ ଟଙ୍କା କିଛି ଉଧାର ଦେଇଦେଲା । ସେ ଶହକେ ପଚିଶ ସୁଧ ନେବ ତ ନେଉ ! ଅଭାବ ଅସୁବିଧା ବେଳେ ପାଖରେ ଛିଡ଼ା ହେଉଛି ତ ! ଠାକୁରେ କୃପାକଲେ ତା ଦେଣାକୁ କିଛି ଶୁଝି ଦେଇ ହେବ । ଆଗକୁ ପୁଣି ଆଉ ପିଲାଙ୍କ ବାହାଘର ଅଛି । ମହାଜନକୁ ଏବେଠୁ ମନାଇ ନ ରଖିଲେ ସେତେବେଳେ କିଏ ତାଙ୍କୁ ସାହା ହେବ ?

କୁନ୍ତୀ ଗରିବ ଘର ଝିଅ । ବାହା ହୋଇ ବାପଘରକୁ ଫେରିଆସି ସେ ଆଗପରି କାମରେ ଲାଗିଗଲା । କେବଳ ତା ପୋଷାକପତ୍ରରେ ସାମାନ୍ୟ ଯାହା ପରିବର୍ତ୍ତନ ଘଟିଥାଏ । ଆଗେ ସେ ଜାମାଖଣ୍ଡେ ପିନ୍ଧୁଥିଲା । ଏବେ ବିବାହିତା ସ୍ତ୍ରୀଲୋକଙ୍କ ପରି ତାକୁ କାଞ୍ଚୁଲି, ଘାଗରା ଓ ଓଢ଼ଣୀ ପିନ୍ଧିବାକୁ ପଡ଼ିଲା ।

ବାପଘରେ ଖେଳି ବୁଲି କେତୋଟି ବର୍ଷ ପାଣି ପରି ବହିଗଲା । ତା' ପରେ ଆସିଲା ଶାଶୁଘରକୁ ଯିବା ସମୟ । ମହାଜନେ ସାହାଯ୍ୟ ଦେବାକୁ ପୁଣି ଥରେ ଆଗେଇ ଆସିଲେ । ନୂଆ ଶଙ୍ଖା ଶାଢ଼ି ପିନ୍ଧି ଆଖିରୁ ଲୁହ ଝରାଇ ବାଳିକା ବୋହୂଟି ଚାଲିଲା ତାର ବାଳକ ବରର ଘରକୁ । ଗରିବଙ୍କ ସଂସାରରେ ବସିଖିଆ କେହି ନ ଥା'ନ୍ତି । ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ

Digitized by srujanika@gmail.com

ପାଇଁ କାମ ଖଣ୍ଡା; ପ୍ରତ୍ୟେକେ ମନ ଖୁସିରେ ନିଜ ନିଜ କାମ ବୁଝନ୍ତି । ଶାଶୂଘରକୁ ଆସି କୁନ୍ତୀର ଦୈନନ୍ଦିନ ଜୀବନରେ ବିଶେଷ କିଛି ପରିବର୍ତ୍ତନ ଘଟିଲା ନାହିଁ । ମା' ପାଖରେ ସେ ଯେଉଁ କାମ କରୁଥିଲା, ଶାଶୂ ପାଖରେ ଠିକ୍ ସେଇ କାମରେ ଲାଗିଗଲା ।

କୁନ୍ତୀ ରୋଷେଇବାସରେ ଶାଶୂ ନଣନ୍ଦଙ୍କୁ ସାହାଯ୍ୟ କରେ । ସକାଳଖିଆ ସରିବା ପରେ ବଡ଼ରୁ ସାନଯାଏ ସମସ୍ତେ ମୂଲ ଲାଗିବାକୁ ବାହାରି ପଡ଼ନ୍ତି । ଆମେରିକାନ୍ ମିଶନ ସ୍କୁଲରେ ଗାର୍ଲ୍ସଟିଏ ତୋଳା ହେଉଥାଏ । ହରକ୍ୱାରର ବାପ ସେଠାରେ ରାଜମିସ୍ତ୍ରୀ କାମ କରେ । ବାପର ବୃତ୍ତି ଶିଖିବାକୁ ହରକ୍ୱାରର ଭାରି ଇଚ୍ଛା । ତେବେ ମିସ୍ତ୍ରୀ କାମ ଶିଖିବା ଯାଏ ତାକୁ ମୂଲିଆ କାମ କରିବାକୁ ପଡ଼ିବ । ମିସ୍ତ୍ରୀମାନଙ୍କ ପାଖକୁ ସେ ଇଟା ଚୂନ ଯୋଗାଏ । ଦଶ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ମଜୁରି ପାଏ ଦୁଇ ଅଣା । ଏଣେ କୁନ୍ତୀ ବାସନ ମାଜି ସାରି ଶାଶୂ ନଣନ୍ଦଙ୍କ ସାଙ୍ଗରେ ଗାଁ ମୁଖିଆଙ୍କ ବିଲରେ ଯାଇ ପହଞ୍ଚେ । ସେଠାରେ ଦଶ ଘଣ୍ଟା ଖଟି ସେ ଅଣାଏ ମଜୁରି ଆଣେ । ସନ୍ଧ୍ୟାବେଳକୁ ହାଲିଆ ହୋଇ ସମସ୍ତେ ଘରକୁ ଫେରନ୍ତି । ଘରଟି ପୁଣି ତାଙ୍କ ନିଜର ନୁହେଁ । ମୁଖିଆଙ୍କୁ କୁହାବୋଲା କରି ତାଙ୍କରି ଜାଗାରେ ବସା ଖଣ୍ଡିଏ ବାନ୍ଧିଥା'ନ୍ତି । ବଡ଼ମାନେ କାମକୁ ଗଲା ପରେ ପିଲାଏ ଖରାବେଳ ସାରା କାଠୁ ପତର ଗୋଟାଇ ଘରେ ଜମାଇଥାନ୍ତି । ଚୂଲି ଲାଗେ । ଖିଆପିଆ କରିବା ପାଇଁ ଚୂଲିନିଆଁ ଛଡ଼ା ଆଲୁଅର ଅନ୍ୟ ବ୍ୟବସ୍ଥା ନ ଥାଏ । ବାସନତକ ମାଜି ଧୋଇ ସଜାଡ଼ି ରଖିବା ପରେ ଯେଝା ଜାଗାକୁ ଯିଏ ଶୋଇବାକୁ ଯାଆନ୍ତି । ବାପ ଓ ପୁଅମାନେ ଏକାଠି ଶୁଅନ୍ତି । କୁନ୍ତୀ ତା ଶାଶୂ ନଣନ୍ଦଙ୍କ ପାଖରେ ଶୋଇପଡ଼େ ।

ରାଣୀଖେତ ସେନାନିବାସରୁ ତିନି ମାଇଲ ଦୂରରେ ହରକ୍ୱାରର କକାର ଗାଁ । ଛାଉଣୀରେ ସୈନ୍ୟମାନେ ରହିବା ପାଇଁ କୋଡ଼ିଏ ଘର ତିଆରି ହେଉଥାଏ । ହରକ୍ୱାର ପାଇଁ ସେଠାରେ ରାଜମିସ୍ତ୍ରୀ କାମ ଖଣ୍ଡେ ସହଜରେ ଯୋଗାଡ଼ ହୋଇଗଲା । ଖାଦାନ୍‌ରୁ ପଥର ବୋହି ଆଣି ଘର ତିଆରି ପାଖରେ ଯୋଗାଇବା ପାଇଁ କୁନ୍ତୀକୁ ମୂଲିଆଣୀ କାମଟିଏ ମିଳିଲା । ରହିବାକୁ ହରକ୍ୱାରର କକା ତା ଗାଁରେ କୁଡ଼ିଆଟିଏ ଯୋଗାଇଦେଲା । ଘରକରଣା ଜିନିଷ କେତୋଟି ଧରି ହରକ୍ୱାର ଓ କୁନ୍ତୀ ନିଜ ସଂସାର କରିବାକୁ ଘରୁ ଗୋଡ଼ କାଢ଼ିଲେ । ହରକ୍ୱାରକୁ ସେତେବେଳେ ଅଠର ବର୍ଷ ଆଉ କୁନ୍ତୀର ବୟସ ମାତ୍ର ଷୋହଳ ।

ରାଣୀଖେତରେ ଚାରି ବର୍ଷ କାମ ଚାଲିଲା । ସେ ଭିତରେ କୁନ୍ତୀର ଦୁଇଟି ପିଲା ହେଲେଣି । ଚତୁର୍ଥ ବର୍ଷ ନଭେମ୍ବର ମାସରେ କାମ ସରିଲା । ନୂଆ କାମ ଖଣ୍ଡେ ଖୋଜିବାକୁ ହେବ । ଅଳ୍ପ ରୋଜଗାରରେ ସଂସାର ଚଳାଇ ଯାହା ଦୁଇ ପଇସା ବଞ୍ଚୁଥାଏ, ତାହା ଦିନ କେଇଟାକୁ ନିଅଣ୍ଟ । କାମ ପାଇଁଟି ଅତି ଶୀଘ୍ର ନ ମିଳିଲେ ନ ଚଳେ ।

ସେ ବର୍ଷ ଆଗରୁଁ ଅଣ୍ଟା ପଡ଼ି ନାହିଁ ନ ଥିବା ଶୀତ ହେଉଥାଏ । ଚାରି ପ୍ରାଣୀଙ୍କ ପାଇଁ ଘରେ ଶୀତଲୁଗା ଖଣ୍ଡେ ନାହିଁ । ହରକ୍ୱାର ସପ୍ତାହେ ହେଲା ଖୋଜି ଖୋଜି ଥକିଲାଣି; କିନ୍ତୁ

Digitized by srujanika@gmail.com

କାମ ମିଳିବାକୁ ନାହିଁ । ଏତିକିବେଳେ ଖବର ମିଳିଲା ଯେ ପାହାଡ଼ ତଳ କାଲାଢୁଙ୍ଗୀ * ମୂଳକରେ ନାଲି ମୁହାଣଟିଏ ତିଆରି ହେଉଛି । ବଣ ପାହାଡ଼ ଭିତରେ ସେଠାକୁ ପଚିଶ ମାଇଲ ବାଟ । ମନରେ କେତେ ଆଶା ନେଇ ଅତି ଉତ୍ସାହରେ ସ୍ୱାମୀ ସ୍ତ୍ରୀ ଦୁହେଁ କାଲାଢୁଙ୍ଗୀ ବାହାରିଲେ । ଘରକରଣା ଜିନିଷ କେତୋଟି ମୁଣ୍ଡାଇ ପାଲି କରି ପିଲା ଦିଓଟିଙ୍କୁ କାଖେଇ ବଣ ପାହାଡ଼ ବାଟେ ଉଠି ପଡ଼ି ଦୁହେଁ ଚାଲିଥାନ୍ତି । ରାତିରେ ପିଲାଙ୍କୁ ନେଇ ଗଛ ମୂଳେ ଶୁଅନ୍ତି । ସକାଳୁ ଉଠି ପୁଣି ବାଟ ଧରନ୍ତି । ଏହିପରି ଛଅ ଦିନ ଅନବରତ ବାଟ ଚାଲି ଦୁହେଁ କ୍ଲାନ୍ତ ହୋଇ ଆସି କାଲାଢୁଙ୍ଗୀରେ ପହଞ୍ଚିଲେ ।

ସେତେବେଳକୁ ହାତରୁ ପଇସା ସରିଲାଣି । ଏଠି ତ ଗାଁ ମହାଜନ ନାହିଁ ଯେ କିଛି ଧାର ଉଧାର କରି ଗରଜ ଚଳାଇ ଦେବେ ! ତାଙ୍କ ପରି ଦଳିତ ସମ୍ପ୍ରଦାୟର କେତେ ଭୂମିହୀନ ମଜଦୁର ଶୀତଦିନ ଆରମ୍ଭରୁ ପାହାଡ଼ିଆ ଗାଁ ଗଣ୍ଡାରୁ ଗଡ଼ି କାଲାଢୁଙ୍ଗୀରେ କୁଡ଼ିଆ କରି ରହୁଥାନ୍ତି । ବଡ଼ ବଡ଼ ଏହି କୁଡ଼ିଆଗୁଡ଼ିକରେ ସମୁଦାୟ ତିରିଶଟି ପରିବାର ଏକାଠି ଚଳିବା ଭଳି ଜାଗା ଥାଏ । କିନ୍ତୁ ହରକ୍ୱାର ଓ କୁନ୍ତୀ ପହଞ୍ଚିବା ବେଳକୁ କୁଡ଼ିଆ ସବୁ ଭରପୂର । କେଉଁଠିରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ । ନିଜ ପାଇଁ ଅଲଗା କରି ଚୁଲିଚାଲି ଖଣ୍ଡେ ତିଆରି କରିବାକୁ ଦୁହେଁ ଜାଗା ଖୋଜିଲେ । ଜଙ୍ଗଲ ପାଖରେ ରହିଲେ ନାଲି ଗୋଟାଇବାକୁ ସୁବିଧା । ତେଣେ ବଜାର ବେଶୀ ଦୂର ହେଲେ ଚଳିବ ନାହିଁ । ଶେଷରେ ଜଙ୍ଗଲ ଧାରରେ ସୁବିଧା ଜାଗାଟିଏ ବାଛି ପତ୍ର କୁଡ଼ିଆଟିଏ ତିଆରି କରିବାକୁ ଆରମ୍ଭ କଲେ । ଦିନ ସାରା ଦୁହେଁ ମୂଲ ଲାଗନ୍ତି । ସକାଳେ ସଞ୍ଜେ ଘର ତିଆରି ପାଇଁ ଯାହା ସମୟ ମିଳେ । ବହୁଦିନ ଲାଗି କୁଡ଼ିଆଟି ତିଆରି କରିବା ପରେ ହରକ୍ୱାର ଓ କୁନ୍ତୀ ପିଲାଙ୍କୁ ନେଇ ସେଠାକୁ ଚାଲି ଆସିଲେ । ସେତେବେଳକୁ ତାଙ୍କ ପୁଅ ପୁନ୍ୱା ତିନି ବର୍ଷର ପିଲା । ଝିଅ ପୁତ୍ତଲିର ବୟସ ମାତ୍ର ଦୁଇ ବର୍ଷ ।

ହରକ୍ୱାର ଯେଉଁ ଜଙ୍ଗଲ ଧାରରେ ବସା କରି ରହିଲା, ସେଟି ଥିଲା ମୋର ଅତି ପ୍ରିୟ ଶିକାରଭୂମି । ପିଲାଦିନେ ଦଦରା ଦାରୁଖୁନ୍ଦା ବନ୍ଧୁକଟିଏ ଧରି ସେଇ ଜଙ୍ଗଲରେ ମୁଁ କେତେ ବଣ କୁକୁଡ଼ା ଓ ମୟୂର ମାରିଛି । ପରେ ହାତରେ ଆଧୁନିକ ରାଇଫଲ୍ ଧରି ବଡ଼ ଶିକାର ସନ୍ଧାନରେ ତାହାର ଅଳି ଗଳି ସବୁ ଖୋଜି ବୁଲିଛି । ସେ ଜଙ୍ଗଲର ପ୍ରତ୍ୟେକ ଅଂଶ ସହିତ ମୁଁ ଭଲ ଭାବେ ପରିଚିତ । ସେଥିରେ ରହୁଥିବା ଜୀବଜନ୍ତୁଙ୍କ ହିସାବ ମୋର ମୁହେଁ ମୁହେଁ ଥାଏ । ହରକ୍ୱାର ବସା ବାନ୍ଧିବାବେଳେ ସେ ଜଙ୍ଗଲରେ ପାଞ୍ଚଟି ମହାବଳ ବାଘ, ଆଠଟି ଚିତା ବାଘ ଓ ଦଳ ବାନ୍ଧି ଚାରୋଟି ଭାଲୁ ରହୁଥାନ୍ତି । ବଣକୋଳି ଓ ମହୁ ଲୋଭରେ ହିମାଳୟ କଳାଭାଲୁ ଦୁଇଟି ମଧ୍ୟ ସେଠାକୁ ଗଡ଼ିଥିବା ମୋତେ ଜଣାଥାଏ । ପାଞ୍ଚମାଇଲ ଦୂର

* କରବେଟ୍ କାଲାଢୁଙ୍ଗୀ ଅନ୍ତର୍ଗତ ଛୋଟି ହଲଦ୍ୱାନୀ ଗ୍ରାମର ବାସିନ୍ଦା—ଅନୁବାଦକ ।

Digitized by srujanika@gmail.com

ଘାସ ବଣରୁ ଗୁଡ଼ାଏ ଗଧିଆ ବାଘ ଗାଧରେ ଏହି ଜଙ୍ଗଲରେ ପଶି ଚିତା ଓ ମହାବଳ ବାଘଙ୍କ ଉଚ୍ଛିଷ୍ଟ ଖୋଜି ଖାଆନ୍ତି । ହଳେ ବଳିଆ କୁକୁର ବି ମୁଁ ସେଠାରେ ଦେଖିଥାଏ । ଏହାଛଡ଼ା ଭାଲୁଆ, କୋକିଶିଆଳ, ଚନ୍ଦ୍ରୋଲା, ଶାଳଆପଢଳ ଓ କଣ୍ଟାସ ଆଦି ନାନା ରକମର ବଣ ବିରାଡ଼ି, ଦୁଇଟି ଅଜଗରଙ୍କ ସମେତ ନାନା ଜାତିର ସାପ, ଦୁଇ ପ୍ରକାର ଇଗଲ୍ ପକ୍ଷୀ ଓ ଶହ ଶହ ଶାଗୁଣା ମଧ୍ୟ ସେଠାରେ ରହୁଥାଆନ୍ତି । ହରିଣ, ସମ୍ବର, ବାରହା, ମାଙ୍କଡ଼ ଆଦି ଜନ୍ତୁଙ୍କ ହିସାବ ଦେଉନାହିଁ । 'ହିଂସ୍ରଜନ୍ତୁ' ହୋଇ ନ ଥିବାରୁ ବର୍ଣ୍ଣିତ ବିଷୟରେ ସେମାନଙ୍କର ସ୍ଥାନ ନାହିଁ ।

କୁଡ଼ିଆ ଛାଆଣି ସରିବା ପରଦିନ ନାଳ ମୁହାଣ ଠିକାଦାର ପାଖରେ ଦିନକୁ ଆଠ ଅଣା ମଜୁରିରେ ହରକ୍ୱାର ରାଜମିସ୍ତ୍ରୀ କାମଟିଏ ପାଇଲା । କୁନ୍ତୀ ଜଙ୍ଗଲ ବିଭାଗରେ ଦୁଇ ଟଙ୍କା ସଲାମୀ ଦେଇ ପାହାଡ଼ କଡ଼ରୁ ଘାସ କାଟିବା ପାଇଁ ଅନୁମତି ଆଣିଥାଏ । ମହଣେ ଓଜନ ଘାସ ଗୋଛାଏ ମୁଣ୍ଡାଇ ପାହାଡ଼ିଆ ଛାଲୁ ରାସ୍ତାରେ ଚାରି ଓହ୍ଲାଇ ଚଉଦ ମାଇଲ ଯିବା ପରେ ବଜାରରେ ଦୋକାନୀଙ୍କୁ ଘାସତକ ବିକି ସେ ଚାରିଅଣା ପଇସା ପାଏ । ଘାସବର୍ଣ୍ଡିର ଠିକା ଧରିଥିବା ଇଜାରାଦାରର ପାଉଣା ବାବଦକୁ ସେଥିରୁ ଅଣାଏ ଯାଏ । ବାକି ତିନି ଅଣା ପଇସା ଧରି କୁନ୍ତୀ ଘରକୁ ଫେରେ । ସେତେବେଳେ ଖାଦ୍ୟଦ୍ରବ୍ୟ ସବୁ ଖୁବ୍ ଶସ୍ତା । ଦୁହିଁଙ୍କ ରୋଜଗାରରେ ଗ୍ରେଟ୍ ସଂସାରଟି ତାଙ୍କର ସୁରୁଖୁରୁରେ ଚାଲିଯାଏ । ଖର୍ଚ୍ଚ ତୁଲାଇବା ବାଦେ ମାସକୁ ଥରେ ଅଧେ ମାଂସ କିଣିବାକୁ ମଧ୍ୟ ପଇସା ବଳିପଡ଼େ ।

କାଲାଦୁଙ୍ଗୀରେ ତିନିମାସ ରହିବା କଥା । ସେଥିରୁ ଦୁଇଟି ମାସ ବେଶ୍ ସୁଖ ଶାନ୍ତିରେ କଟିଗଲା । ଦିନ ସାରା ହାଡ଼ଭଙ୍ଗା ମେହେନତ ପଡ଼େ । ନିଃଶ୍ୱାସ ମାରିବାକୁ ଫୁରସତ ନ ଥାଏ । ପିଲାଦିନୁ ଦୁହେଁ ଭାଡ଼କାମ ପ୍ରତି ଅଭ୍ୟସ୍ତ; ପରିଶ୍ରମକୁ ଖାତିର କରନ୍ତି ନାହିଁ । ପାଗ ଭଲ ଥିବାରୁ ପତ୍ର କୁଡ଼ିଆରେ ରହିବାକୁ କିଛି ଅସୁବିଧା ନ ଥାଏ । ପିଲାଙ୍କ ଦେହ ପା ମଧ୍ୟ ଭଲ ରହିଥାଏ । ଏସବୁ ଉପରେ ଦୁଇ ବେଳ ପେଟ ପୂରା ଖାଇବାକୁ ମିଳୁଛି—ଏହାକୁ ପରମ ସୌଭାଗ୍ୟ ମନେ କରି ଦୁଇ ପ୍ରାଣୀ ଆନନ୍ଦରେ କାଳ କାଟୁଥାନ୍ତି । ପିଲାଙ୍କୁ ଏକାକୀ ଘରେ ଛାଡ଼ି କାମକୁ ଯିବାକୁ ପ୍ରଥମେ ଟିକିଏ ଭୟ ଲାଗୁଥିଲା । ଏଥିର ଗୋଟିଏ ସହଜ ସମାଧାନ ସେମାନେ ଖୋଜି ପାଇଲେ । ତାଙ୍କ ବସାରୁ କେଇ ଶହ ଗଜ ଦୂର ମଜୁରିଆ ବସ୍ତିର ଗ୍ରେଟୀ ବୁଢ଼ୀ ଜଣେ ପିଲାଙ୍କ ଉପରେ ଆଖି ରଖିବାକୁ ରାଜି ହେଲା । ବ୍ୟବସ୍ଥାଟି ଦୁଇ ମାସ ଯାଏ ଭଲ କାମ ଦେଲା । ଦିନସାରା ପିଲା ଦୁହେଁ ବୁଢ଼ୀ ଜିମା ରହନ୍ତି । ହରକ୍ୱାର ଗ୍ରେଟ ପାଇଲା ବାଟ ଗ୍ରେଲ୍ କାମ ପାଖରେ ପହଞ୍ଚେ । କୁନ୍ତୀ ଘାସ କାଟିବାକୁ ଗ୍ରେଲିଯାଏ । ସଞ୍ଜରେ ଘରକୁ ଫେରିବା ବେଳକୁ ପିଲା ଦୁହେଁ ତାଙ୍କ ବାଟ ଗ୍ରେହିଁ ବସିଥାନ୍ତି ।

ଶୁକ୍ରବାର ଦିନ କାଲାଦୁଙ୍ଗୀ ହାଟ । ଗ୍ରେଟ ଗ୍ରେଟ ଖୋଲା ଗ୍ରେଲିଆରେ ଫଳମୂଳ, ପନିପରିବା ଆଦି ଜିନିଷମାନ ଗଦା ହୋଇଯାଏ । ଆଖପାଖ ଗାଁଗଣ୍ଡାରୁ ଅନେକ ଲୋକ ହାଟରେ ରୁଣ୍ଡ ହୁଅନ୍ତି । ଦିନସାରା କିଣାବିକା ପରେ ସଞ୍ଜବେଳକୁ ବଳକା ଜିନିଷର ଦାମ୍ ଟିକିଏ ଖସେ ।

Digitized by srujanika@gmail.com

ଶସ୍ତାରେ ସଉଦା କିଣିବା ଆଶାରେ ହରକ୍ୱାର ଓ କୁନ୍ତୀ ସେଦିନ ଅଧଘଣ୍ଟା ଆଗରୁ କାମ ସାରି ହାଟରେ ପହଞ୍ଚିନ୍ତି ।

ସେଦିନ ଶୁକ୍ରବାର । ହାଟପାଳି । କିଛି ପରିବା ଓ ଅଧସେର ଛେଳିମାଂସ କିଣି ସ୍ୱାମୀ ସ୍ତ୍ରୀ ସନ୍ଧ୍ୟବେଳେ ଘରକୁ ଫେରିଲେ । ତାଙ୍କୁ ପାଛୋଟି ନେବା ପାଇଁ ପୁନ୍ନା ଓ ପୁଲ୍ଲୀ ସବୁଦିନେ ଦୁଆରମୁହଁରେ ଠାକ ବସିଥାନ୍ତି । ସେଦିନ ପିଲାଙ୍କୁ ସେଠାରେ ନ ଦେଖି ଦୁହେଁ ମଜୁରିଆ ବସ୍ତିରେ ଯାଇ ପଚାରିଲେ । ବୁଢ଼ୀ କହିଲା ଯେ ଖରାବେଳୁ ସେ ପିଲାଙ୍କୁ ଆଉ ଦେଖିନାହିଁ । ବସ୍ତି ପିଲାଏ ଚକ୍‌ରି ଖେଳ ଦେଖିବାକୁ ହାଟକୁ ଯାଇଛନ୍ତି । ପୁନ୍ନା ପୁଲ୍ଲୀ ସେମାନଙ୍କ ସଙ୍ଗରେ ଯାଇଥିବେ ବୋଲି ବୁଢ଼ୀ ମତ ଦେଲା । କଥାଟା ଅସମ୍ଭବ ନୁହେଁ । ପିଲାଙ୍କୁ ଖୋଜିବାକୁ ହରକ୍ୱାର ହାଟକୁ ଗଲା । କୁନ୍ତୀ ରୋଷେଇ ଆରମ୍ଭ କରିବାକୁ ଗଲା ଘରକୁ ।

ଘଣ୍ଟାଏ ପରେ ହରକ୍ୱାର ହତାଶ ହୋଇ ଫେରିଲା । ସାଙ୍ଗରେ ଚାରି କୋଇ ଜଣ ଗାଁ ଲୋକ । ସମସ୍ତେ ମିଶି ହାଟସାରା ଖୋଜ ତଲାସ କରି ପିଲାଙ୍କ ପତ୍ତା ପାଇ ନ ଥାନ୍ତି । ଅନେକ ଲୋକଙ୍କୁ ପଚରାଗଲା । ପିଲାଙ୍କୁ ଦେଖିଥିବା କଥା କେହି କହିଲେ ନାହିଁ । ପିଲା ଚୋରି ହେଉଛି ବୋଲି ଗୋଟିଏ ଜନରବ ସେତେବେଳେ ଭାରତବର୍ଷ ସାରା ବ୍ୟାପି ଯାଇଥାଏ । ଭୁଲା ଫକୀର ଦଳ ପିଲା ଚୋରିକରି ଉତ୍ତର-ପଶ୍ଚିମ ସୀମାନ୍ତରେ ବିକି ଦେଉଛନ୍ତି ବୋଲି ଉଡ଼ାଖବର ଶୁଣା ଯାଉଥାଏ । ଏ ଗୁଜବରେ କେତେ ସତ ଥିଲା କହି ପାରୁନାହିଁ । ତେବେ ଲୋକେ ଫକୀରଙ୍କୁ ମାର ଧର କରୁଥିବା ଓ ସ୍ଥାନେ ସ୍ଥାନେ ପୋଲିସ ହସ୍ତକ୍ଷେପ କରି ସେମାନଙ୍କ ପ୍ରାଣରକ୍ଷା କରୁଥିବା ଖବର ବାରମ୍ବାର ଖବରକାଗଜରେ ବାହାରୁଥାଏ । ଦେଶସାରା ପ୍ରତ୍ୟେକ ବାପ ମା' ତ୍ରସ୍ତ ହୋଇ ରହିଥାଆନ୍ତି । ପିଲାଙ୍କୁ ନ ପାଇ ସମସ୍ତଙ୍କ ମନକୁ ପାପ ଛୁଇଁଲା । ଫକୀରମାନେ ହାଟରୁ ପିଲାଙ୍କୁ ଚୋରାଇ ନେଇଥିବା ସନ୍ଦେହ କରି କଥାଟି କୁନ୍ତୀକୁ ଫିଟାଇ କୁହାଗଲା ।

ଗାଁ ତଳମୁଣ୍ଡ ପୋଲିସ୍ ଫାଣ୍ଡି ଦାୟିତ୍ୱରେ ବୁଢ଼ା ହେଡ୍ କନଷ୍ଟେବଲ୍ ଜଣେ । ଫାଣ୍ଡିର ଅନ୍ୟ ଦୁଇ ଜଣ କନଷ୍ଟେବଲ ମଧ୍ୟ ବୁଢ଼ା ଲୋକ । ଗାଁବାଲାଙ୍କ ସଙ୍ଗେ ହରକ୍ୱାର ଓ କୁନ୍ତୀ ଫାଣ୍ଡିକୁ ଧାଇଁଲେ । ଦୁହେଁ ଭାରି ବ୍ୟସ୍ତ ହୋଇ ପଡ଼ିଥାଆନ୍ତି । ହେଡ଼୍ କନଷ୍ଟେବଲ୍ ବୁଢ଼ା ଅତି ଦୟାଳୁ । ତାଙ୍କର ତ ପୁଣି ନଅଟି ପିଲାଛୁଆ ଅଛନ୍ତି ! ସବୁ କଥା ମନ ଦେଇ ଶୁଣି ସେ ଇଜାହାର ତାଏର୍ କଲେ ଓ ଦୁହିଁଙ୍କୁ ବୋଧ ଦେଇ କହିଲେ ଯେ, ରାତିରେ ତ ଆଉ କିଛି କରି ହେବନାହିଁ । ରାତି ପାହିଲେ ସେ ନାଗରାବାଲା ପଠାଇ କାଲାଡୁଙ୍ଗୀର ପନ୍ଦର ଖଣ୍ଡ ଗାଁରେ ପିଲା ହଜିବା କଥା ହୁଲିଆଜାରି କରାଇଦେବେ । ପଚାଶ ଟଙ୍କା ପୁରସ୍କାର ଘୋଷଣା କଲେ ପିଲା ଆହୁରି ସହଜରେ ମିଳିଯିବେ ବୋଲି ସେ ମତଦେଲେ । ଟଙ୍କା କଥା ଶୁଣି ହରକ୍ୱାର ଓ କୁନ୍ତୀ ଚୁପ୍‌ଚାପ୍ । ଏକାଠି ପଚାଶ ଟଙ୍କା ସେମାନେ ଆଖିରେ ବି କେବେ ଦେଖି

Digitized by srujanika@gmail.com

ନାହାନ୍ତି । ଏତେଗୁଡ଼ାଏ ଟଙ୍କା କାହୁଁ ପାଇବେ ? କାଲାଦୁଙ୍ଗୀର ଜଣେ ବାସିନ୍ଦା * ଏକଥା ଶୁଣିପାରି ଟଙ୍କାତକ ନିଜେ ଦେବାକୁ ପ୍ରତିଶ୍ରୁତି ଦେଲେ । ନାଗରିବାଲା ସକାଳୁ ଗାଁ ଗାଁ ବୁଲି ପୁରସ୍କାର ଘୋଷଣା କରିଦେଲା ।

ହରକ୍ୱାର ଓ କୁନ୍ତୀ କ'ଣ ହ'ଟା ମୁହଁରେ ଦେଇ ରାତସାରା ଉଜାଗର ରହିଲେ । ପିଲାଙ୍କ ଖାଇବା ପାଇଁ ସବୁ ବାଢ଼ି ରଖି ହାଡ଼ ଭଙ୍ଗା ଶୀତରେ ଦୁହେଁ ନିଆଁ ପାଖରେ ବସିଥା'ନ୍ତି । ଜବାବ ପାଇବେ ନାହିଁ ବୋଲି ଜାଣି ମୁଦ୍ଧା ମଝିରେ ବାହାରକୁ ଯାଇ ପିଲାଙ୍କ ନାଁ ଧରି ଡାକ ଦେଉଥାଆନ୍ତି ।

ରାତସାରା ଅନାଇ ବସି ଦୁହେଁ ଗୋଟିଏ କଥା ଠିକ୍ କଲେ । ହଲଦ୍ୱାନୀରୁ ରାମନଗର ଯାଇଥିବା ରାସ୍ତା କାଲାଦୁଙ୍ଗୀ ପାଖରେ ନୈନିତାଲ ବାଜପୁର ସଡ଼କ ସହିତ ମିଶେ । ଏହି ରାସ୍ତାରୁ ଗୋଟିକରେ ପିଲାଗୁଡ଼ିକ ଯାଇଥିବା ସମ୍ଭବ । ସକାଳ ମୁଦ୍ଧା ପିଲାଏ ନ ଫେରିଲେ ନିଜେ ଏହି ରାସ୍ତାମାନଙ୍କରେ ଯାଇ ଅନୁସନ୍ଧାନ କରିବେ ।

ଶନିବାର ସକାଳ । ଦୁହେଁ ପାହାନ୍ତାରୁ ଯାଇ ହେଡ୍ କନଷ୍ଟେବଲଙ୍କୁ ଏ କଥା ଜଣାଇଲେ । ହେଡ୍ କନେଷ୍ଟେବଲ୍ ସେତେବେଳକୁ ଘଟଣାର ବିବରଣୀ ଓ ପିଲାଙ୍କ ବର୍ଣ୍ଣନା ଡାକ ହରକରା ଦ୍ୱାରା ହଲଦ୍ୱାନୀ ପୋଲିସ୍ ଦାରୋଗାଙ୍କ ପାଖକୁ ପଠାଇବା ବନ୍ଦୋବସ୍ତ କରିଥାନ୍ତି । ଏହା ଛଡ଼ା ସବୁ ରେଲଷ୍ଟେସନକୁ ଏ ବିଷୟ ତାର ଦ୍ୱାରା ଜଣାଇ ଦେବାକୁ ଦାରୋଗାବାବୁଙ୍କୁ ସେ ଅନୁରୋଧ କରୁଛନ୍ତି ବୋଲି କହିଲେ । ହରକ୍ୱାର ଓ କୁନ୍ତୀଙ୍କ ମନରେ ଟିକିଏ ଦମ୍ଭ ଆସିଲା । ପିଲାଙ୍କୁ ଖୋଜିବା ପାଇଁ ଦୁହେଁ ନିଜ ନିଜ ବାଟରେ ବାହାରି ଗଲେ । ରାମନଗର ଓ ହଲଦ୍ୱାନୀ ଥାନାରେ ମଧ୍ୟ ଏତଲା ଦେଇ ଆସିବାକୁ ହେଡ୍ କନଷ୍ଟେବଲ ସେମାନଙ୍କୁ ପରାମର୍ଶ ଦେଇଥାନ୍ତି ।

ଅଠାଇଶ ମାଇଲ ବାଟ ଚାଲି କୁନ୍ତୀ ହଲଦ୍ୱାନୀରୁ ଫେରିବାବେଳକୁ ଦିନ ରାତରାତ ହେଉଥାଏ । ପିଲାଙ୍କ କଥା ବୁଝିବାପାଇଁ ସେ ପ୍ରଥମେ ଫାର୍ମରେ ଯାଇ ହାଜର ହୋଇଗଲା । ସେ ନିଜେ ପିଲାଙ୍କର ଖୋଜଖବର କିଛି ପାଇ ନ ଥାଏ । ତେବେ ହେଡ୍ କନଷ୍ଟେବଲ୍ କହିବା ଅନୁସାରେ ହଲଦ୍ୱାନୀ ଥାନାରେ ଇଜାହାର ଦେଇ ଆସିଥାଏ । ହରକ୍ୱାର କିଛି ସମୟ ପରେ ରାମନଗରରୁ ଫେରିଲା । ବନକରେ ସେ ଛତିଶ ମାଇଲ ବାଟ ଚାଲିଥାଏ । ପିଲାମାନଙ୍କୁ ନ ପାଇ ରାମନଗରର ଥାନାରେ ସେ ମଧ୍ୟ ଏତଲା ଦେଇଥାଏ । ସ୍ୱାମୀ ସ୍ତ୍ରୀ ଦୁହେଁ ଫାର୍ମରୁ ଫେରିଲେ । ଗାଁ ଲୋକେ ଘରେ ତାଙ୍କୁ ଅପେକ୍ଷା କରି ବସିଥାନ୍ତି । ସେମାନଙ୍କଠାରୁ ଆଶ୍ୱାସନା ପାଇ ହତଭାଗ୍ୟ ବାପ ମା ଦୁହେଁ ଟିକିଏ ଆଶ୍ୱସ୍ତ ହେଲେ ।

---

* ଲେଖକ ଏହି ପରୋପକାରୀ ଲୋକଟିର ପରିଚୟ ଦେଇନାହାନ୍ତି । କର୍ବେଟ୍‌ଙ୍କ ମହାନୁଭବତା ଦୃଷ୍ଟିରୁ ସେ ନିଜେ ଏହି ପ୍ରତିଶ୍ରୁତି ଦେଇଥିଲେ ବୋଲି ବିଶ୍ୱାସ ।

—ଅନୁବାଦକ

Digitized by srujanika@gmail.com

ରାତି ପାହିଲା । ସେଦିନ ରବିବାର । ପୂର୍ବ ଦିନର କାର୍ଯ୍ୟକ୍ରମର ପୁନରାବୃତ୍ତି ହେଲା । ଭୋରରୁ ଉଠି କୁନ୍ତୀ ନୈନିତାଲ ଗଲା । ହରକ୍ୱାର ଗଲା ବାଜପୁର । ଦୁହେଁ ପୁଣି ନିରାଶ ହୋଇ ସଞ୍ଜବେଳକୁ ଫେରିଲେ । ସେଦିନ କୁନ୍ତୀ ତିରିଶି ମାଇଲ ବାଟ ଚାଲିଥିଲା । ହରକ୍ୱାର ଚାଲିଥିଲା ବତିଶ ମାଇଲ । ବଣ ପାହାଡ଼ଭରା ସେ ସବୁ ଦୁର୍ଗମ ରାସ୍ତାରେ ହିଂସ୍ରଜନ୍ତୁ ଓ ଡକାୟତଙ୍କ ଭୟରେ ଲୋକେ ଦିନରେ ଦଳବାନ୍ଧି ଯିବାକୁ ମଧ୍ୟ ସାହସ କରନ୍ତି ନାହିଁ । ସେଭଳି ରାସ୍ତାରେ ଏକାକୀ ଯିବା ଭଳି ଦୁଃସାହସ କେହି ସ୍ୱପ୍ନରେ ସୁଦ୍ଧା କରେନା । ଗଭୀର ହତାଶାରେ ହତଭାଗ୍ୟ ବାପ ମା ଦୁହେଁ ଜୀବନର ମାୟା ଛାଡ଼ି ଅକାତରରେ ସେ ରାସ୍ତାରେ ଏକା ଏକା ଆଗେଇ ଯାଇଥିଲେ ।

ସାରା ଦିନ ଦୁହିଁଙ୍କର ଉପାସରେ କଟିଥାଏ । ସନ୍ଧ୍ୟାରେ କ୍ଳାନ୍ତ ଦେହ ମନ ନେଇ ଫେରିବା ପରେ ଶୁଣିଲେ ଯେ ସେ ପର୍ଯ୍ୟନ୍ତ ପିଲାଙ୍କର କିଛି ଖବର ନାହିଁ । ମର୍ମଘାତୀ ଏହି ଦୁଃସମ୍ବାଦରେ ଦୁହେଁ ପୁରା ଭାଙ୍ଗି ପଡ଼ିଲେ । ନିଜର ସମସ୍ତ ଚେଷ୍ଟା ତ ବ୍ୟର୍ଥ ହେଲା । ତା ପରେ ନାଗରି, ତହସିଲଦାର ଓ ପୋଲିସଙ୍କ ଖୋଜତଲାସ—କେଉଁଥିରେ ତ କିଛି ଫଳ ହେଲା ନାହିଁ । ପୁଅ ଝିଅଙ୍କ ଆଶା ଛାଡ଼ି ମନସ୍ତାପରେ ଭାଗ୍ୟକୁ ଧିକ୍‌କାର କରିବା ଛଡ଼ା ଅନ୍ୟ ପନ୍ଥା ତାଙ୍କୁ ଦିଶିଲା ନାହିଁ । କପାଳ ଦୋଷରୁ ଅବା ଠାକୁର ଦେବତାଙ୍କ କୋପରୁ ଯିନା ପିଲାଧିରି ଦିନ ଦି' ପହରରେ ଏ ଦାଉ ସାଧିଲା ! ବିଧାତାଙ୍କ କୋପ ଦୃଷ୍ଟି ତାଙ୍କରି ଉପରେ କାହିଁକି ପଡ଼ିଲା, ତାହାର କାରଣ ସେମାନେ ଖୋଜି ପାଇଲେ ନାହିଁ । କାଲିଦୁର୍ଗୀ ଆସିବା ଆଗରୁ ନାହାକଠାରୁ ଦିନକାଳ ଦେଖି ଅନୁକୂଳରେ ଘରୁ ଗୋଡ଼ କାଢ଼ିଥିଲେ । ବାଟସାରା ଦିଅଁ ଦେଉଳ ଦେଖି ନିଜ ଶକ୍ତି ଅନୁସାରେ ଭୋଗରାଗ କରିଥିଲେ । ଅସ୍ପୃଶ୍ୟ ସେମାନେ; ମନ୍ଦିରରେ ତାଙ୍କୁ ପଶିବାକୁ ମନା । କିନ୍ତୁ ବାହାରୁ ହାତ ଯୋଡ଼ି କୃପାଭିକ୍ଷା କରିବାକୁ ତ ସେମାନେ କେବେହେଲେ ଭୁଲି ନାହାନ୍ତି ! ଠାକୁରଙ୍କ ପ୍ରାପ୍ୟତକ ନିଷ୍ଠାର ସହିତ ଦେବାକୁ ତ କେବେ ପଛାଇ ନାହାନ୍ତି ! ନିଜ ଦୁଃଖ ଧନ୍ଦାରେ ବ୍ୟସ୍ତ ସେମାନେ—କାହାରି ଅନିଷ୍ଟ ତ କେବେ କରନ୍ତି ନାହିଁ । କେଉଁ ଦୋଷରୁ ଠାକୁରେ ଏ ଦାରୁଣ ଦଣ୍ଡ ଦେଲେ ବୁଝି ନ ପାରି ଦୁହେଁ କପାଳକୁ କେବଳ ନିନ୍ଦା କରିବାକୁ ଲାଗିଲେ ।

ସୋମବାର ସକାଳ । ଦେହରେ ଆଉ ଜୋର୍ ନାହିଁ; ମନର ବଳ ପୁରା ଭାଙ୍ଗି ଯାଇଛି । ଘରେ ଖାଇବାକୁ ନାହିଁ; କାମକୁ ନ ଗଲେ ନ ଚଳେ । କିନ୍ତୁ କାମକୁ ଆଉ କାହିଁକି, କାହାପାଇଁ ଯିବେ ? ମୁଣ୍ଡଝାଳ ତୁଣ୍ଡରେ ମାରି ସକାଳୁ ସଞ୍ଜ ଯାଏ ଯାହାଙ୍କ ପାଇଁ ଖଟୁଥିଲେ, ସେମାନେ ତ ଗଲେ—ଆଉ କାହା ପାଇଁ ଖଟିବେ ? ହରକ୍ୱାର ଦୁଆର ମୁହଁରେ ବସି ଶୂନ୍ୟ ଦୃଷ୍ଟିରେ ଅନାଇଥାଏ ଦୂରକୁ । ଘରକୋଣରେ କୁନ୍ତୀ ନୀରବ ହୋଇ ବସିଥାଏ—କାନ୍ଦିବାକୁ ଆଖିରେ ଆଉ ଲୁହ ନାହିଁ ତାର । ଗାଁ ଲୋକେ ଯିବା ଆସିବା କରୁଥାଆନ୍ତି । ଏଭଳି ଗଭୀର ହତାଶା ସମ୍ମୁଖରେ ସେମାନେ ଅବା କି ସାନ୍ତ୍ୱନା ଦେବେ ?

ସେଦିନ ସକାଳୁ ପ୍ରତାପପୁର ଗାଁର ଜଣେ ପ୍ରଜା ଗାଁ ମୁଖିଆଙ୍କ ମଇଁଷି ନେଇ ଜଙ୍ଗଲରେ

Digitized by srujanika@gmail.com

ଚରାଇବାକୁ ଯାଇଥିଲା । ଗାଉଁଲି ମଜାମୁଣ୍ଡିଆ ଏହି ଲୋକଟି ମୋର ଚିହ୍ନା । ମୁଖିଆଙ୍କ ମଇଁଷି ଚରାଇ ଜୀବନଟା ତାର ବଣ ଜଙ୍ଗଲରେ ହିଁ କଟିଛି । ସେତେବେଳେ ବାଘ ଭୟ ଲାଗିଥିବାରୁ ଖରା ନଇଁବା ବେଳକୁ ମଇଁଷିଙ୍କୁ ଗୋଠ କରି ଲୋକଟି ଗାଁକୁ ଫେରୁଥିଲା । ଗୋରୁ ମଇଁଷି ଯିବା ଆସିବା କରି ଜଙ୍ଗଲରେ ଅଳ୍ପ ଓସାର ବାଟଟିଏ ହୋଇଥାଏ । ମଇଁଷିଗୋଠ ଧାଡ଼ି ହୋଇ ସେହି ବାଟେ ଗଲାବେଳେ ମଇଁଷାଳ ପଛରେ ଥାଇ ଲକ୍ଷ୍ୟ କଲା ଯେ ନିର୍ଦ୍ଦିଷ୍ଟ ଗୋଟିଏ ଜାଗାରେ ପ୍ରତି ମଇଁଷି ଅଟକି ରହି ଡାହାଣକୁ ଅନାଇ କଣ ଦେଖୁଛି । ପଛ ମଇଁଷି ଶିଙ୍ଗରେ ନ ପେଲିବା ଯାଏ ସେଠାରୁ ସେ ଘୁଞ୍ଚୁ ନାହିଁ । ମଇଁଷାଳ ନିଜେ ସେଠାକୁ ଯାଇଁ ଅନାଇ ଦେଖିଲା ଯେ ବାଟକଡ଼ରୁ ଅଳ୍ପ ଛଡ଼ାରେ ଅଗଭୀର ଗୋଟିଏ ଖାଲ ଭିତରେ ଛୋଟ ଛୋଟ ପିଲା ଦୁଇଟି ପଡ଼ିଛନ୍ତି ।

ପୂର୍ବଦିନ ପିଲା ହଜିବା କଥା ତାଙ୍କ ଗାଁରେ ନାଗରା ଦିଆଯିବାବେଳେ ଏ ଲୋକଟି ମଇଁଷି ନେଇ ବଣକୁ ଯାଇଥିଲା । ରାତିରେ ଗାଁକୁ ଫେରି ସେ ବିଷୟ ସେ ଶୁଣିଥାଏ । ନ ଶୁଣିବ ବା କିପରି ? ପନ୍ଦର ଖଣ୍ଡ ଗାଁର ସମସ୍ତଙ୍କ ମୁହଁରେ କେବଳ ପିଲାଚୋରି କଥା । ପିଲାଙ୍କୁ ପାଇଲେ ପଚିଶ ଟଙ୍କା ପୁରସ୍କାର ମିଳିବ ବୋଲି ଧେଣ୍ଡୁରା ଦିଆଯାଇଥିଲା । ଏହି ପିଲା ଦୁଇଟିଙ୍କୁ ଏବେ ଖୋଜା ଲାଗିଛି ବୋଲି ଲୋକଟି ତାଙ୍କୁ ଦେଖିଦେବା ମାତ୍ରେ ଜାଣିଗଲା । ପିଲାଙ୍କ ଦେହରେ ଲୁଗାପଟା ନାହିଁ । ଦୁହେଁ କୁଣ୍ଢାକୁଣ୍ଢି ହୋଇ ପଡ଼ିଛନ୍ତି । ପିଲାଏ ହଲଚଲ ନ ହେବା ଦେଖି କେହି ତାଙ୍କୁ ପ୍ରାଣରେ ମାରି ପକାଇ ଦେଇଛି ବୋଲି ସନ୍ଦେହ କରି ପିଲାଙ୍କୁ କେମିତି ମରାଯାଇଛି ଦେଖିବା ପାଇଁ ମଇଁଷାଳ ନିଜେ ଖାଲରେ ପଶିଲା । ଅଳ୍ପ ଛଡ଼ାରେ ବସି ଭଲ କରି ସେ ଅନାଇ ଦେଖେ ଯେ ପିଲା ଦୁଇଟି ପ୍ରକୃତରେ ମରି ନାହାନ୍ତି । ତାଙ୍କ ଶ୍ୱାସ ପ୍ରଶ୍ୱାସ ସ୍ୱାଭାବିକ ଭାବରେ ଚାଲିଛି । ଦୁହେଁ କେବଳ ଗାଢ଼ ନିଦରେ ଶୋଇ ପଡ଼ିଛନ୍ତି ।

ମଇଁଷାଳ ଜାତିରେ ବ୍ରାହ୍ମଣ । ଛୋଟ ଜାତିର ପିଲାଙ୍କୁ ଛୁଇଁଲେ ତାକୁ ଜାତି ପାଟକରେ ଧରିବେ । କିନ୍ତୁ ତାର ତ ପୁଣି ନିଜର ପିଲାଛୁଆ ଅଛନ୍ତି । ଜାଣି ଶୁଣି ସାନ ସାନ ପିଲା ଦୁଇଟାଙ୍କୁ ଅପନ୍ତରାରେ ଛାଡ଼ି ଚାଲିଯିବ କେମିତି ? ଅକାଳେ ନିସ୍ତମୋ ନାହିଁ । ପିଲାଙ୍କୁ ଧୀରେ ହଲାଇ ସେ ନିଦରୁ ଉଠାଇଲା । ଚାଲିବାକୁ ତାଙ୍କର ଶକ୍ତି ନ ଥାଏ । ମଇଁଷି ଗୋଠ ଗାଁ ଆଡ଼େ ବାଟେଇ ଦେଇ ମଇଁଷାଳ ପିଲା ଦୁହିଁଙ୍କୁ କାନ୍ଧରେ ବସାଇ କାଲାଢୁଙ୍ଗୀ ବଜାର ଆଡ଼େ ମୁହାଁଇଲା । ଜଙ୍ଗଲରେ ଚାଲି ବାଟଗୁଡ଼ିକ ସବୁ ଉତ୍ତରରୁ ଦକ୍ଷିଣକୁ । କାଲାଢୁଙ୍ଗୀ ବଜାର ସେଠାରୁ ପଶ୍ଚିମକୁ ପଡ଼ିବ । ଲୋକଟି ଗହଳ ଲଟା ବୁଦା ଓ କଣ୍ଟା ଝୋପର ଫାଙ୍କରେ ବାଟକାଟି ପଶ୍ଚିମ ମୁହାଁ ଚାଲିଲା । ପିଲା ଦୁହିଁଙ୍କୁ କାନ୍ଧରେ ବସାଇ ଧରି ରଖିବାକୁ ହେଉଥାଏ । ମଇଁଷାଳ ନିଜେ ମ୍ୟାଲେରିଆ ରୋଗୀ—ଦେହ ତାର ଦୁର୍ବଳ । ଏଣେ କାନ୍ଧରେ ଏ ଅକଳିଆ ବୋଝ । ମଝିରେ ମଝିରେ ଅଟକି ଥକ୍କା ମେଣ୍ଟାଇବା ପରେ ସେ କିଛି ବାଟ ଆଗେଇ ଯାଏ । ଏମିତି ତାକୁ ଛଅ ମାଇଲ ଯିବାକୁ ପଡ଼ିଲା । ବାଟସାରା ପୁତୁଳୀ ତୁନି ରହିଥାଏ; କଥା କହିବାକୁ

Digitized by srujanika@gmail.com

ତାର ଜୋର୍ ନାହିଁ । ପୁନ୍ନା ପଦେ ଅଧେ ପାହା କରୁଥାଏ । ଲୋକଙ୍କି ପଗୃଣ ବୁଝିଲ ଯେ ସେମାନେ ବଣରେ ଖେଳୁଥିଲେ । ଖେଳ ସାର ଘରକୁ ଫେରିବାକୁ ବାଟ ପାଇଲେ ନାହିଁ ।

ରାତି ପନେଇଗଲାଣି । ଘରେ ଘରେ ଆଲୁଅ ମିଞ୍ଜି ମିଞ୍ଜି ଦିଶୁଛୁ । ହରକ୍ୱାର ଘରେ କିନ୍ତୁ ଆଲୁଅ ନାହିଁ । ଅନ୍ଧାରରେ ଦୂରକୁ ଅନାଇ ଦ୍ୱାର ପାଖରେ ସେ ନୀରବରେ ବସିଥିବା ବେଳେ ଦେଖିଲ ଯେ ବଜାରଆଡ଼ୁ ପଞ୍ଚାଏ ଲୋକ ତାର ଘରଆଡ଼େ ମୁହାଁଇଛନ୍ତି । କାନ୍ଧରେ କଣ ଗୋଟିଏ ଧରି ଜଣେ ସମସ୍ତଙ୍କ ଆଗରେ ଚାଲିଛି । ଚାରିଆଡ଼ୁ ଲୋକେ ଧାଇଁ ଆସି ସେହି ଦଳରେ ଯୋଗ ଦେଉଛନ୍ତି । ପାଟିଗୋଳ ଭିତରେ "ହରକ୍ୱାରର ପିଲା ମିଳିଗଲେ" ବୋଲି ଅସ୍ପଷ୍ଟ ଭାବେ ଶୁଣାଯାଉଛି । ହରକ୍ୱାର ପ୍ରଥମେ କାନକୁ ବିଶ୍ୱାସ କରି ପାରିଲ ନାହିଁ । କିନ୍ତୁ ଲୋକମାନେ ଠିକ୍ ତାର ଘରଆଡ଼େ ଆସିବା ଦେଖି ଓ ତାଙ୍କ କଥା ସବୁ ସ୍ପଷ୍ଟଭାବେ ଶୁଣି ତାର ସନ୍ଦେହ ଆଉ ରହିଲ ନାହିଁ । ହତାଶା ଓ ଦୁର୍ବଳତା କୁନ୍ତୀର ସହ୍ୟମାନତା ଅତିକ୍ରମ କରିଥିଲ । କ୍ଳାନ୍ତ ହୋଇ ସେ ଘରକୋଣରେ ଶୋଇ ପଡ଼ିଥାଏ । ହରକ୍ୱାର ଧାଇଁ ଯାଇ ତାକୁ ହଲଇ ଉଠାଇ ଦେଲ । ଦୁହେଁ ଦ୍ୱାର ପାଖକୁ ଛୁଟିବା ବେଳକୁ ପୁନ୍ନା ଓ ପୁତ୍ତଲିଙ୍କୁ ନେଇ ମଇଁଷାଳ ସେଠାରେ ପହଞ୍ଚିଗଲ ।

ପାଟିଗୋଳ ଭିତରେ କିଏ କଣ କହୁଛି ଠିକ ବେଲ ଯାଏ ବାରିହେଲ ନାହିଁ । କିଏ କାନ୍ଦି କାନ୍ଦି ପିଲାଙ୍କୁ ଆଦର କରୁଥାଏ ତ କିଏ ହସି ହସି ତାଙ୍କୁ ଆଶୀର୍ବାଦ କରିବାରେ ଲାଗିଥାଏ । କେହି କାହାକୁ ଧନ୍ୟବାଦ ଦେଉଥାଏ ତ ଅନ୍ୟ କେହି ଅଭିନନ୍ଦନ ଜଣାଉଥାଏ । ବହୁ ସମୟ ପରେ ଗୋଳଘଣ୍ଟା ଭାଙ୍ଗିଲ । ତା'ପରେ ପୁରସ୍କାର କଥା ଉଠିଲ । ଗରିବ ମଇଁଷାଳ ପାଇଁ ପଚାଶ ଟଙ୍କା ରାଜାର ଐଶ୍ୱର୍ଯ୍ୟ ସଙ୍ଗେ ସମାନ । ସେଥିରେ ସେ ଦୁଇଟା ମଇଁଷି କିମ୍ବା ଦଶଟା ଗାଈ କିଣି ପାରିବ । ତାକୁ ଆଉ ପରର ଗୋଲାମୀ କରିବାକୁ ପଡ଼ିବ ନାହିଁ । କିନ୍ତୁ ମଇଁଷାଳ ଏଡ଼େ ହୃଦୟବାନ୍ ହୋଇଥିବ ବୋଲି କେହି ଭାବି ନ ଥିଲେ । ପୁରସ୍କାର କଥା ଉଠିବାରୁ ସେ କହିଲ ଯେ ସମସ୍ତେ ତାକୁ ଯେତେ ଧନ୍ୟବାଦ ଦେଲେ ଓ ଆଶୀର୍ବାଦ କଲେ, ସେତକ ତା ପାଇଁ ଯଥେଷ୍ଟ । ପଚାଶ ଟଙ୍କା ତ ଦୂରର କଥା, ଗୋଟିଏ ପଇସା ସେ ଛୁଇଁବ ନାହିଁ ବୋଲି ଜିଦ୍ ଧରି ବସିଲ । ହରକ୍ୱାର ଓ କୁନ୍ତୀକୁ ଟଙ୍କାତକ ସଗ୍ର ହେଲ । ଉପହାର ଭାବେ କିମ୍ବା ଧାରସୂତ୍ରରେ ସେତକ ଗ୍ରହଣ କରିବାକୁ ତାଙ୍କୁ ଅନେକ ବୁଝାଗଲ । ସେମାନେ କିନ୍ତୁ ମାନିଲେ ନାହିଁ । ପିଲାଙ୍କ ଆଶା ସେମାନେ ଛାଡ଼ିଥିଲେ । ପିଲାଙ୍କୁ ଫେରି ପାଇବା ପରେ ତାଙ୍କର ଆଉ କିଛି ଦରକାର ନାହିଁ ବୋଲି କହିଲେ । ଗାଁ ଲୋକେ ମନଖୁସିରେ ବଜାରରୁ ପୁରି, ମିଠେଇ, ଦୁଧ ଆଦି କିଣି ଆଣି ତାଙ୍କ ଘରେ ଜମାଇଥାନ୍ତି । ସେତିକରେ ତାଙ୍କର ଦିନାକେତେ ଚଳିଯିବ । ଦେହରେ ଟିକିଏ ଜୋର୍ ଫେରିଲେ ପୁଣି କାମକୁ ଯିବେ ବୋଲି ସେମାନେ ଦୃଢ଼ ଭାବେ ଜଣାଇଲେ ।

ଶୁକ୍ରବାର ଦିନ ଖରାହେଲେ ପୁନ୍ନା ଓ ପୁତ୍ତଲି ବଣରେ ହଜିଥିଲେ । ସୋମବାର ଦିନ ସନ୍ଧ୍ୟା ପାଞ୍ଚଟାବେଳେ ମଇଁଷାଳ ଅକସ୍ମାତ୍ ତାଙ୍କୁ ପାଇଲ । ପୁନ୍ନା ତିନି ବର୍ଷର ପିଲା । ପୁତ୍ତଲିର

Digitized by srujanika@gmail.com

ବୟସ ମୋଟେ ଦୁଇ ବର୍ଷ । ଦୀର୍ଘ ସତସ୍ତରି ଘଣ୍ଟା ଧରି ଶ୍ରେଷ୍ଠ ପିଲା ଦୁଇଟି ଜଙ୍ଗଲରେ ଏକାକୀ ରହିଥିଲେ । ସେ ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁଙ୍କ ବିଷୟ ମୁଁ ପୂର୍ବରୁ କହିଛି । ସତସ୍ତରି ଘଣ୍ଟା ଭିତରେ 'ହିଂସ୍ର' ପ୍ରକୃତିର କେତେ ପଶୁପକ୍ଷୀ ପିଲା ଦୁହିଁଙ୍କୁ ଦେଖିଥିବେ ଆଉ ତାଙ୍କ ଗନ୍ଧ ଓ ଶବ୍ଦ ବାରିଥିବେ । କିନ୍ତୁ ମଇଁଷାଳ ବାପ ମା'ଙ୍କ କୋଳକୁ ପିଲାଙ୍କୁ ଫେରି ଦେବାବେଳେ ତାଙ୍କ ଦେହରେ ତ ନଖଦନ୍ତର ଆଘାତ କିଛି ନ ଥିଲା ! ନିରାଶ୍ରୟ ଦୁଇଟି ନିରୀହ ପିଲାଙ୍କୁ 'ହିଂସ୍ର ଜନ୍ତୁ' କେହି ଆକ୍ରମଣ କଲେ ନାହିଁ କାହିଁକି ?

ଏ ପ୍ରସଙ୍ଗରେ ଆଉ ଗୋଟିଏ ଅନୁଭୂତି ମୋର ମନେପଡ଼େ । ଥରେ ମାସକର ଗୋଟିଏ ଛେଳିଛୁଆ ପାଖକୁ ବାଘୁଣୀଟିଏ ଛପି ଛପି ଆସୁଥିବା ମୁଁ ଲକ୍ଷ୍ୟକଲି । ଜାଗାଟି ବେଶ୍ ଖୋଲା । ବାଘୁଣୀକୁ କିଛି ଦୂରରୁ ଦେଖି ପାରି ଛେଳିଛୁଆ ବୋବାଇବାକୁ ଆରମ୍ଭ କଲା । ତା' ସ୍ୱରରେ କଅଣ ଥିଲା କେଜାଣି, ବାଘୁଣୀ ଛପିବାକୁ ଆଉ ଚେଷ୍ଟା ନ କରି ସହଜ ଗତିରେ ଆଗେଇ ଆସିଲା ତା ପାଖକୁ । ଦୁହିଁଙ୍କ ଭିତରେ ମାତ୍ର କେଇ ଗଜ ବ୍ୟବଧାନ । ଛେଳିଛୁଆଟି ହଠାତ୍ ପାଖେଇ ଆସି ବାଘୁଣୀ ସହିତ ମୁହଁକୁ ମୁହଁ ଲଗାଇ ଛିଡ଼ା ହୋଇଗଲା । ପ୍ରବଳ ଉତ୍କଣ୍ଠାରେ ମୋ ଶ୍ୱାସ ଦମ୍ ଦମ୍ ହେଉଥାଏ । ଅସହାୟ ଛେଳିଛୁଆଟି ସହିତ ମୁହଁ ଲଗାଇ କିଛି ସମୟ ଛିଡ଼ା ହେବା ପରେ ଜଙ୍ଗଲର ରାଣୀ ଭୁଲିପଡ଼ି ତା ଆସିବା ବାଟରେ ପୁଣି ବାହୁଡ଼ିଗଲା ।

ଦ୍ୱିତୀୟ ମହାଯୁଦ୍ଧ ସରିଆସିବା ବେଳକୁ ତିନି ଜଣ ବିଶିଷ୍ଟ ବ୍ରିଟିଶ ନେତାଙ୍କ ବକ୍ତୃତାର କେତୋଟି ଅଂଶ ମୁଁ ପଢ଼ୁଥିଲି । ହିଟ୍‌ଲରଙ୍କ ଯୁଦ୍ଧର ବର୍ବରତାକୁ ନିନ୍ଦା କରି ସେମାନେ କହିଥାନ୍ତି ଯେ ସଭ୍ୟ ମଣିଷଙ୍କ ସଂଘର୍ଷକୁ ହିଟ୍‌ଲର 'ଜଙ୍ଗଲ ଆଇନ' ଅନୁସାରେ ପରିଚାଳିତ କରୁଛନ୍ତି । 'ଜଙ୍ଗଲ ଆଇନ' ସହିତ ତୁଳନା କରିବା ଦ୍ୱାରା ହିଟ୍‌ଲରଙ୍କ ଯୁଦ୍ଧନୀତିର ହିଂସ୍ରତା ଓ ନିର୍ମମତା ଉପରେ ଗୁରୁତ୍ୱ ଦେବା ଥିଲା ବକ୍ତାମାନଙ୍କ ଉଦ୍ଦେଶ୍ୟ । କିନ୍ତୁ ମୋ ବିଚାରରେ ଜଙ୍ଗଲର ଜନ୍ତୁମାନଙ୍କ ପାଇଁ ପ୍ରଣୟନ କରିଥିବା ଆଇନକୁ ସ୍ରଷ୍ଟା ଯଦି ମାନବ ଜାତି ପ୍ରତି ପ୍ରୟୋଗ କରିଥାଆନ୍ତେ—ହିଂସ୍ରଜନ୍ତୁଙ୍କ ଅନ୍ତରରେ ପ୍ରବଳର ଦୁର୍ବଳ ପାଇଁ ଯେତିକି ଅନୁକମ୍ପା ଥାଏ, ତାହାର କିୟଦଂଶ ଯଦି ମଣିଷ ହୃଦୟରେ ଥାଆନ୍ତା—ତେବେ ପୃଥିବୀପୃଷ୍ଠରୁ ଯୁଦ୍ଧଭୟ ଚିରକାଳ ପାଇଁ ଅପସରି ଯାଇଥାଆନ୍ତା । □□□

Digitized by srujanika@gmail.com

ଛଅ

ଦୀର୍ଘ କେତେ ବର୍ଷ ପରେ ମିତ୍ରପକ୍ଷର ସୈନ୍ୟମାନଙ୍କୁ ଜଙ୍ଗଲ ଯୁଦ୍ଧକୌଶଳ ଶିକ୍ଷା ଦେବାର କାର୍ଯ୍ୟକ୍ରମ ଶେଷ ହେଲା । ଜୀବନର ଗତି ପୁଣି ଧାରାବାହିକ ଭାବେ ଗଡ଼ି ଚାଲିଲା । ଦିନେ ସକାଳୁ ଜଳଖିଆ ଖାଇସାରି ମ୍ୟାଗି ଓ ମୁଁ ଆମ କାଲିକୁଙ୍ଗୀ ଘର ବାହାର ବାରଣ୍ଡାରେ ବସିଥାଉ । ମ୍ୟାଗି ମୋ ପାଇଁ ଖାକି ସ୍ୱେଟରଟିଏ ବୁଣୁଥାଏ । ମୋର ଅତି ଆଦରର ବନ୍ଧୁକ ଛଡ଼ଟି ଗତ କେତେବର୍ଷ ହେଲା ଘରେ ପଡ଼ି ରହି ଖରାପ ହୋଇ ଯାଉଥିଲା । ସକାଳୁ ତାକୁ ଘଷାମଜା କରି ମୁଁ ପ୍ରାୟ ସଫା କରି ସାରିଥାଏ । ଏତିକିବେଳେ ଜଣେ ଲୋକ ପାହାଚ ଚଢ଼ି ବାରଣ୍ଡା ଉପରକୁ ଆସିଲା । ଲୁଗାପଟା ତାର ପୁରୁଣା ଓ ଅସଂଖ୍ୟ ତାଳିପକା ହୋଇଥିଲେ ସୁଦ୍ଧା ବେଶ୍ ସଫାସୁତୁରା । ଲୋକଟି ହସି ହସି ଆମକୁ ସଲାମ୍ କରିବା ପରେ ତାକୁ ଚିହ୍ନି ପାରୁଛୁ କି ନାହିଁ ବୋଲି ପଚାରିଲା ।

ଏହି ଧାଉଡ଼ିକ ପାହାଚ ଦେଇ ଯେତେ ଲୋକ ଆମ ଘରକୁ ଆସିଛନ୍ତି ବା ଆସନ୍ତି, ସମସ୍ତଙ୍କ ହିସାବ ରଖିବା ସମ୍ଭବ ହୁଏ ନାହିଁ । ପାହାଡ଼ ତଳ ଗୋଟିଏ ଚଉଛକିରେ ଆମ ଘର ପ୍ରାୟ ସମସ୍ତଙ୍କ ଯିବା ଆସିବା ବାଟରେ ପଡ଼େ । ନିକଟରେ ଚାଷଜମି ଶେଷ ହୋଇ ଜଙ୍ଗଲ ଆରମ୍ଭ । ଲୋକେ ବିଲବାଡ଼ି ବା ବଣଜଙ୍ଗଲକୁ ଆମରି ଘର ପାଖ ଦେଇ ଯାଆନ୍ତି । ବାଟୋଇମାନଙ୍କୁ ମଧ୍ୟ ଘର ସାମନା ଦେଇ ଯିବାକୁ ପଡ଼େ । ଏଥିରୁ ଅନେକେ ବାଟ ଭାଙ୍ଗି ଆମ ଘରେ ଆସି ପହଞ୍ଚିଯାନ୍ତି । ଏସବୁ ଅଞ୍ଚଳର ଜଳବାୟୁ ବିଶେଷ ସ୍ୱାସ୍ଥ୍ୟକର ନୁହେଁ । ଏଠାକାର ଲୋକେ ପୁଣି ଜଙ୍ଗଲର ପଶୁଜନ୍ତୁଙ୍କ ନିକଟରେ ନିତି କାରବାର ହୁଅନ୍ତି । ଫଳରେ ବେମାର ପଡ଼ି ବା ବନ୍ୟଜନ୍ତୁଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ଯେଉଁମାନେ ହଜାର ହଜାର ସଂଖ୍ୟାରେ ଆସି ଏଇ ଘରେ ଚିକିତ୍ସିତ ହୋଇଛନ୍ତି, ତାଙ୍କ ହିସାବ କେହି ରଖିନାହିଁ । ପିଲା, ବୁଢ଼ା, ଧନୀ, ଦରିଦ୍ର, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ—ଜାତି ଧର୍ମ ବୟସ ନିର୍ବିଶେଷରେ ସମସ୍ତଙ୍କର ଆମ ଘରକୁ ଅବାଧ ପ୍ରବେଶ । ତେବେ ଅଳ୍ପ କେତେଜଣ ଧୋବଧାଉଳିଆଙ୍କୁ ଛାଡ଼ିଦେଲେ ଆଗନ୍ତୁକମାନେ ପ୍ରାୟ ସମସ୍ତେ ମଳିମୁଣ୍ଡିଆ ଗାଉଁଲି ଲୋକ । ନାନା କାରଣରୁ ସେମାନେ ଆମ ଦ୍ୱାରସ୍ଥ ହୁଅନ୍ତି । କିଏ ବେମାର—ତାର ଚିକିତ୍ସା ଦରକାର । ଅଭାବ ଅନଟନରେ ପଡ଼ି କେହି ସାହାଯ୍ୟ କିଛି ଚାହୁଁଥାଏ । କାହାର ଏଥିରୁ କୌଣସିଟି ଦରକାର ନାହିଁ; ଟିକିଏ ସାହଚର୍ଯ୍ୟ ଓ କପେ ଚାହା ପାଇଲେ ସେ ସନ୍ତୁଷ୍ଟ ।

ରୋଗ ଚିକିତ୍ସା କରି ବହୁତ ବିଚିତ୍ର ଅନୁଭୂତି ମୁଁ ହାସଲ କରିଛି । ଦିନେ ସନ୍ଧ୍ୟାବେଳେ ଜଣେ ବୁଢ଼ୀକୁ ପେପୀମଣ୍ଡିର ପ୍ରଲେପଟିଏ ଦେଇ ତା ପୁଅର ଦେହରେ ଲଗାଇବାକୁ କହିଥିଲି ।

Digitized by srujanika@gmail.com

ପରଦିନ ସକାଳୁ ସେ ଆସି ଫେରାଦ ହେଲା ଯେ ରୋଗୀ ବନ୍ଧୁ କଷ୍ଟରେ ଔଷଧଟକ ଖାଇଲା କିନ୍ତୁ ସେଥିରୁ କିଛି ଉପକାର ମିଳିଲା ନାହିଁ । ଔଷଧ ବଦଳାଇବାକୁ ସେ ଜଗର କଲା । ଥରେ ରାତରେ ଜଣେ ମୁସଲମାନ ବୁଢ଼ୀ ଆସି ମ୍ୟାଗିକୁ ଜଣାଇଲା ଯେ ସନ୍ନିପାତ ହୋଇ ତା ସ୍ୱାମୀଙ୍କ ପ୍ରାଣ ଯିବା ଉପରେ । ମ୍ୟାଗି ତାକୁ କେତୋଟି ଏମ୍ ଅଣ୍ଡ୍ ବି ୬୯୩ (M & B 693) ବଟିକା ଦେଲା । ସାମାନ୍ୟ ବଟିକା କେତୋଟିରେ ରୋଗୀର ଉପକାର ହେବ ବୋଲି ବୁଢ଼ୀ ଆଦୌ ବିଶ୍ୱାସ କଲା ନାହିଁ । ପରଦିନ ସେ କିନ୍ତୁ ଖୁସି ମନରେ ଆଉ ଚାରିଜଣ ବୁଢ଼ୀଙ୍କୁ ସଙ୍ଗରେ ନେଇ ହାଜର । ପ୍ରତ୍ୟେକର ସେହି ଔଷଧରୁ କିଛି ଲୋଡ଼ା । ତାଙ୍କ ସ୍ୱାମୀମାନେ ସମସ୍ତେ ବୁଢ଼ା ଲୋକ । କାହାକୁ କେତେବେଳେ କାଳେ ସନ୍ନିପାତ ହୋଇଯିବ । ତେଣୁ ଔଷଧଟିକୁ ଆଗରୁ ପାଖରେ ରଖିବା ଦରକାର ବୋଲି ସେମାନେ କହିଲେ ।

ଆଠ ବର୍ଷର ଝିଅଟିଏ ଦିନେ ଛଅ ବର୍ଷର ଗୋଟିଏ ପୁଅର ହାତ ଧରି ଆମ ଫାଟକ ସାମନାରେ ପହଞ୍ଚିଲା । ଫାଟକ ଛିଟିକିଣିକୁ ଝିଅର ହାତ ପାଉ ନ ଥାଏ । କଷ୍ଟେମଷ୍ଟେ ଫାଟକ ଖୋଲି ପୁଅଟିର ହାତ ଶକ୍ତ ଭାବେ ମୁଠାଇ ଧରି ସେ ତାକୁ ଆମ ବାରଣ୍ଡାକୁ ନେଇ ଆସିଲା । ଛଅ ମାଇଲ ଦୂର ଗୋଟିଏ ଗାଁର ମୁଖିଆଙ୍କ ଝିଅ ସେ । ପୁଅଟି ତା ସହିତ ସ୍କୁଲରେ ଏକା ଶ୍ରେଣୀରେ ପଢ଼େ । ତା ଆଖିରେ ବେମାରି ହୋଇଥିବା ଦେଖି ଝିଅଟି ଶ୍ରୁଏଁ ତାକୁ ଆମ ପାଖକୁ ନେଇ ଆସିଥାଏ । ପୁଅଟିକୁ ବାରଣ୍ଡାରେ ଚିତ୍ କରି ଶୁଆଇ ଦୁଇ ଅଣ୍ଟୁ ମଝିରେ ତା ମୁଣ୍ଡକୁ ଚାପି ଧରି ଝିଅଟି ମ୍ୟାଗିକୁ କହିଲା, "ଏଥର ଆପଣ ଯାହା କରିବେ କରନ୍ତୁ, ମିସ୍ ସାହେବ ।" ପୁଅଟିର ଆଖି ଭଲ ହେବାକୁ ପୂରା ସପ୍ତାହେ ଲାଗିଲା । ପ୍ରତିଦିନ ଅଧିକା ଚାରି ମାଇଲ ବାଟ ଚାଲି ଝିଅଟି ତାକୁ ନିୟମିତ ଆଣି ଆମ ଘରେ ପହଞ୍ଚାଏ ।

ଥରେ ଦିଲ୍ଲୀ ଆଡ଼ର ଜଣେ କାଠକରତିଆ ଟ୍ରେଟେଇ ଟ୍ରେଟେଇ ଆସି ଆମ ହତାରେ ପଶିଲା । ଗଛଟିଏ କାଟି ସେଦିନ ସକାଳୁ ତାକୁ କରତିବାକୁ ଗଲାବେଳେ ପଟ ଉହାଡ଼ରୁ ବାଘୁଣୀଟିଏ ବାହାରି ଆସି ତା ପେଣ୍ଡାକୁ ଆଣ୍ଠୁରୁ ଗୋଇଠିଯାଏ ଚିରି ଦେଇଥାଏ । ଲୋକଟି ଜାତିରେ ମୁସଲମାନ । ତାଙ୍କ ଧର୍ମରେ ଘୁଷୁରି ଛୁଇଁବା ମନା । ଗୋଡ଼ର କ୍ଷତକୁ ମୁଁ ନଜର ଦେବା-ବେଳେ ସେ ବାଘୁଣୀକୁ ଅବିଶ୍ରାନ୍ତ ଭାବରେ ଅଭିଶାପ ଦେବାରେ ଲାଗିଥାଏ । ତାକୁ ଦୋଷ ଦେଇ ମୁଁ କହିଲି ଯେ ବାଘୁଣୀ ଆଗରୁ ପଳାଇ ନଥିବା ଯୋଗୁଁ ନିଜ ଦୁରବସ୍ଥା ପାଇଁ ସେ ନିଜେ ହିଁ ଦାୟୀ । ଲୋକଟି ତାତି ଉଠି ପଚାରିଲା, "ମୋର କେମିତି ଜାଣିଲି ହେଲା ? ବାଘୁଣୀ ପାଇଁ ଏତେ ବଡ଼ ଜଙ୍ଗଲଟାଏ ପଡ଼ିଛି । ଏଠିକି ଆସି ମୋ ସହିତ ଧସ୍ତାଧସ୍ତି କରିବା ତାର କି ଦରକାର ଥିଲା ? ମୁଁ କଣ ତା ସଙ୍ଗରେ ଉପରେପଡ଼ି ଯାଇ ଲାଗୁଥିଲି ? ସେ ସେଠି ଅଛି ବୋଲି ତ ମୋତେ ଜଣା ନଥିଲା—ତା ସଙ୍ଗେ ଲଢ଼ନ୍ତି ବା କେମିତି ?"

ଆଉ ଜଣେ କାଠକରତିଆକୁ ନେଇ ବିଚିତ୍ର ଗୋଟିଏ ଅନୁଭୂତି ମନେପଡ଼େ । କାଠଗଡ଼ଟାଏ ଲେଉଟାଇବା ବେଳେ ତା ହାତକୁ 'ଏତେ ବଡ଼' କଙ୍କଡ଼ାବିଛାଟାଏ ମାରିଦେଲା ବୋଲି

Digitized by srujanika@gmail.com

ସେ ବିକଳ ହୋଇ ଆସି କହିଲା । ମୁଁ ଔଷଧ ଦେଲି । ଲୋକଟି ଆଗ ପରି ଚାଲେ ଗଡ଼ୁଥାଏ ଓ ଜଳାପୋଡ଼ା କମୁ ନାହିଁ ବୋଲି ଡାକ ପକାଇ ସମସ୍ତଙ୍କୁ ନିନ୍ଦା କରି ବାହୁନୁ ଥାଏ । କିଛି ସମୟ ପରେ ସେ ହସି ହସି ଗଡ଼ୁଥିବା ଦେଖି ମୁଁ ଚକିତ ହୋଇଥିଲି । ସେଦିନ ଗାଁ ପିଲାଙ୍କର ବାର୍ଷିକ ମେଳାଟିଏ ଚାଲିଥାଏ । ଦୁଇ ଶହ ପିଲା ସେଥିରେ ଯୋଗ ଦେଇଥାନ୍ତି । ଦୌଡ଼ ପ୍ରତିଯୋଗିତାଗୁଡ଼ିକ ଶେଷ ହୋଇ ପିଲା ଓ ମା'ମାନଙ୍କୁ ମିଠାଇ ବଣ୍ଟା ସରିଥାଏ । କାଠକରତି ବିକଳ ହୋଇ ଚାଲେ ଗଡ଼ୁଥିବା ବେଳେ କୌତୁକିଆ ଖେଳଟିଏ ଆରମ୍ଭ ହେଲା । ପିଲାଏ ଢେର ବାଢ଼ି ଛୁଡ଼ା ହେଲେ । ଗୋଟିଏ ଠେଙ୍ଗାରେ ବାଦାମ ପେଣ୍ଡା ଆଦି ଭର୍ତ୍ତି କରି ଦୁଇ ଜଣ ଲୋକ ତାକୁ ମଝିରେ ଝୁଲାଇ ଧରିଲେ । ପିଲାଜଣେ ଅନ୍ଧପୁଟୁଳି ବାନ୍ଧି ଠେଙ୍ଗାକୁ ବାଡ଼ିରେ ଫଟାଇବାକୁ ଚେଷ୍ଟା କରୁଥାଏ । ଶେଷକୁ ଠେଙ୍ଗା ଫଟାଇ ନ ପାରି ପିଲାଟି ତାକୁ ଝୁଲାଇ ରଖିଥିବା ଲୋକଙ୍କ ଭିତରୁ ଜଣକ ମୁଣ୍ଡରେ ପାହାରେ ପକାଇଲା । ଦେଖଣାହାରିମାନେ ହସି ଉଠିଲେ । କାଠକରତିଟି ସମସ୍ତଙ୍କଠାରୁ ବେଶି ହସୁଥାଏ । ମୁଁ ଆଶ୍ଚର୍ଯ୍ୟ ହୋଇ କଷ୍ଟ କମିତି ଅଛି ବୋଲି ପଚାରିବାରୁ ସେ ଉତ୍ତର ଦେଲା ଯେ ବିଛା ଛୁଟିକା କେତେବେଳୁ ଉଭେଇ ଗଲାଣି; ଆଉ ଏମିତି ତାମସା ଯଦି ଦେଖିବାକୁ ମିଳେ, ତେବେ ଏଣିକି ନିତି କଙ୍କଡ଼ାବିଛା ବିନ୍ଧିଲେ ମଧ୍ୟ ତାର ଦୁଃଖ ନାହିଁ ।

ପେଶାଦାର ଚିକିତ୍ସକ ନ ହୋଇ ମଧ୍ୟ ରୋଗ ଚିକିତ୍ସା କରିବାର ସଉକ ଊଣା ଅଧିକେ ଆମ ପରିବାରରେ ସମସ୍ତଙ୍କର ଥିଲା । ମୋ ହେତୁ ପାଇବା ଦିନଠାରୁ ଘରେ ରୋଗ ଚିକିତ୍ସା ହେଉଥିବା ମୁଁ ଦେଖିଛି । ତେବେ, ଆମ ଘରକୁ କେବଳ ଯେ ରୋଗୀମାନେ ଆସନ୍ତି ତାହା ନୁହେଁ । କୃତଜ୍ଞତା ପ୍ରକାଶ କରିବା ପାଇଁ ବନ୍ଧୁ ସମସ୍ତ ଓ ଗ୍ରାମ ପାଶ ଅନେକ ଲୋକ ଆସି ପହଞ୍ଚନ୍ତି । ଭାରତୀୟମାନଙ୍କର—ବିଶେଷତଃ ଭାରତର ଗରିବମାନଙ୍କର କୃତଜ୍ଞତା ଯେତିକି ଗଭୀର ସେତିକି ଦୀର୍ଘସ୍ଥାୟୀ । ସାମାନ୍ୟ ସାହାଯ୍ୟ ବା ସହାନୁଭୂତି ସେମାନେ କଦାପି ଭୁଲନ୍ତି ନାହିଁ । ଥରେ ଜଣେ ମହିଳାଙ୍କ ସନ୍ଧିଜ୍ୱର ଓ ଆଖି ବେମାରି ମ୍ୟାନି ଔଷଧ ଦେଇ ଭଲ କରିଥିଲି । ରୋଗିଣୀଙ୍କ ସାଙ୍ଗରେ ଥିବା ତାଙ୍କ ଷୋହଳ ବର୍ଷର ପୁଅଟି ରହିବା ପାଇଁ ଗାଁରେ ମୁଁ ବନ୍ଦୋବସ୍ତ କରି ଦେଇଥିଲି । ଭଲ ହୋଇ ଘରକୁ ଫେରିବା ପରେ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଏହି ମହିଳା 'ନିଜ ହାତରେ' ତାଙ୍କ ବଗିଚାରୁ ତାଳମ୍ବୁ କେତୋଟି ତୋଳି ଆମ ପାଖକୁ ପଠାଇଥିଲେ । ତାଙ୍କ ଗାଁରୁ ଏଠାକୁ ଅନେକ ଦିନର ବାଟ । ପୁଅ ଦିନ ଦିନ ବାଟ ଚାଲି ତାଳମ୍ବୁଟିକ ମ୍ୟାଗୀଙ୍କୁ ଦେବା ସଙ୍ଗେ ତା' ମା'ଙ୍କର କୃତଜ୍ଞତା ମଧ୍ୟ ଜଣାଇଲା ।

ଏହି ବିବରଣୀର ଆରମ୍ଭରେ ଆଗନ୍ତୁକ ଜଣେ ଆମ ଘରକୁ ଆସିଥିବା କଥା କହିଛି । ତାର ଠିକ୍ ଘଣ୍ଟାଏ ପୂର୍ବରୁ ଜଣେ ବୃଦ୍ଧ ଆମ ବାରଣ୍ଡାକୁ ଉଠି ଖୁଣ୍ଟକୁ ଆଉଜି ଚଟାଣ ଉପରେ ବସିଲେ । କିଛି ସମୟ ମୋତେ ଅନାଇବା ପରେ ନାପସନ୍ଦର ଭାବ ଦେଖାଇ ସେ ମୁଣ୍ଡହଲାଇ କହିଲେ, "ବର୍ଷ କେଇଟା ଭିତରେ ଆପଣ ଏତେ ବୁଢ଼ା ହୋଇଗଲେ ସାହେବ ? ଗତଥର ତ ଆପଣ ଏମିତି ଦିଶୁ ନଥିଲେ !" ମୁଁ ଉତ୍ତର ଦେଲି, "ବୟସ କଣ

Digitized by srujanika@gmail.com

ବସିଛୁ ? ସେ ଦିନ ଆଉ ଆଜି ଭିତରେ ପରା ଦଶ ବର୍ଷ ବିତିଗଲାଣି ।'' ବୃଦ୍ଧ କହିଲେ, ''ଦଶ ବର୍ଷ ନୁହେଁ—ପୂରା ବାର ବର୍ଷ ଗଲାଣି । ମୁଁ କିନ୍ତୁ ସେଦିନ ଯେମିତି ଥିଲି, ଆଜି ବି ଠିକ୍ ସେମିତି ଅଛି ! ସେ ଦିନର କଥା ମୋର କାଲି ପରି ମନେ ଅଛି ସାହେବ ! ବଦ୍ରିନାଥର ତୀର୍ଥ କରି ଫେରୁଥାଏ । ବାଟ ଚାଲି ଚାଲି ହାଲିଆ । ପାଖରେ କଣାକଉଡ଼ିଟିଏ ନାହିଁ— ଟଙ୍କା ଦଶଟି ଜରୁରୀ ଦରକାର । ଫାଟକ ଖୋଲା ଦେଖି ଭିତରକୁ ପଶି ଠିକ୍ ଏଇଠି ବସି ଘଡ଼ିଏ ଥକ୍କା ମାରିଲି । ତା'ପରେ ଆପଣଙ୍କ କିଛି ସାହାଯ୍ୟ ମାଗିଥିଲି । ଆଜି ବି ମୁଁ ବନାରସରୁ ତୀର୍ଥ ସାରି ଫେରୁଛି । ଟଙ୍କା ପଇସାର ଏବେ ଅଭାବ ନାହିଁ । ସେ ଦିନ ଆପଣଙ୍କ ସାହାଯ୍ୟ ପାଇ ମୁଁ ସୁରୁଖୁରୁରେ ଘରେ ପହଞ୍ଚି ପାରିଲି—କେବଳ ଏଇ କଥାଟି ଜଣାଇ ଦେବାକୁ ବାଟଭାଙ୍ଗି ଏଠାକୁ ଆସିଲି । ପିଲା ଛୁଆଙ୍କ ହଲଦ୍ୱାନୀରେ ଛାଡ଼ି ଆସିଛି । ଯୋଗକୁ ଆପଣଙ୍କ ଦେଖା ମିଳିଗଲା । ସେଦିନ ପରି ଏଇଠି ବସି ଟିକିଏ ଥକ୍କା ମାରିବି । ତା ପରେ ହଲଦ୍ୱାନୀ ଫେରିଯିବି ।'' ହଲଦ୍ୱାନୀ ସେଠାରୁ ଚଉଦ ମାଇଲ ଦୂର । ବାର ବର୍ଷ ତଳର ସାମାନ୍ୟ ସାହାଯ୍ୟକୁ ସ୍ୱୀକାର କରିବା ପାଇଁ ଦୁର୍ବଳ ବୃଦ୍ଧ ଜଣକ ଅଧିକା ଅଠାଇଶ ମାଇଲ ବାଟ ଚାଲିବାକୁ ପଛାଇ ନ ଥିଲେ ।

ତାଙ୍କ ଯିବାର ଘଣ୍ଟାଏ ପରେ ତାଳିପକା ପୋଷାକ ପିନ୍ଧା ଲୋକଟି ଆସି ପହଞ୍ଚିଲା । ମୁଁ ଦୋଦୋଚିନ୍ତା ହେଉଥାଏ । ତାକୁ ଚିହ୍ନେ ବୋଲି ଅସ୍ପଷ୍ଟ ଭାବେ ଜାଣୁଥିଲେ ମଧ୍ୟ ତା' ନାଁ ଗାଁ ମୋତେ ମନେ ପଡ଼ୁ ନାହିଁ । ଆମେ ଦୋଦୋପାଞ୍ଚ ହେଉଥିବା ଦେଖି ଲୋକଟି କୋଟ କମିଜ ଉତାରି ଦେଲା । ଛାତି ଓ ଡାହାଣ କାନ୍ଧ ଉପରେ ଆଖି ପଡ଼ିଯିବା ମାତ୍ରେ ଲୋକଟିକୁ ମୁଁ ଚିହ୍ନିଗଲି । ନାଁ ତାର ନରଓ୍ୱା । ଜାତିରେ ସେ ଡମ । ଟୋକେଇ ବୁଣି ପେଟ ପୋଷେ । ତାକୁ ଆମେ ନ ଚିହ୍ନିବାରେ ଆଶ୍ଚର୍ଯ୍ୟ ହେବାର କିଛି ନ ଥିଲା । ଛଅ ବର୍ଷ ତଳେ ଯେଉଁ ଅବସ୍ଥାରେ ତାକୁ ବିଦାୟ ଦେଇଥିଲୁ, ଆଜିକାର ଅବସ୍ଥା ସହିତ ତାହାର ଆକାଶ-ପାତାଳ ପ୍ରଭେଦ । ସେତେବେଳେ ତା ଦେହରେ ହାଡ଼ ଚମ ଛଡ଼ା ଆଉ କିଛି ନ ଥିଲା । ବାଡ଼ିରେ ଭରା ଦେଇ ଦୁଇ ପାହୁଣ୍ଡ ଚାଲିବାକୁ ଶକ୍ତି ନ ଥିଲା । ସମ୍ପୂର୍ଣ୍ଣ ସୁସ୍ଥସବଳ ହେବା ପରେ ମଧ୍ୟ ଡାହାଣ କାନ୍ଧଟି କିନ୍ତୁ ଠିକ୍ ପୂର୍ବପରି ବଙ୍କା । ଖଣ୍ଡ ଖଣ୍ଡ ହୋଇଯାଇଥିବା ତା କାନ୍ଧହାଡ଼ଗୁଡ଼ିକ ଶେଷ ପର୍ଯ୍ୟନ୍ତ ଯୋଡ଼ି ନ ଥିଲା । ଉପରୁ ଘାଆସବୁ ଶୁଖି ଚମ ସାଙ୍କୁଡ଼ି ଯାଇଥାଏ । ଡାହାଣ ହାତଟି ଅପେକ୍ଷାକୃତ ସରୁ ଦିଶୁଥାଏ ।

ଛଅ ବର୍ଷ ତଳେ କେବଳ ବଞ୍ଚିବା ପାଇଁ ଦୀର୍ଘ ଛଅମାସ ଧରି ତାହାର କଠିନ ସଂଗ୍ରାମର ପ୍ରତ୍ୟେକ ପର୍ଯ୍ୟାୟ ଆମେ ଆଖିରେ ଦେଖିଥିଲୁଁ । ଏବେ ତାର ସୁନ୍ଦର ସ୍ୱାସ୍ଥ୍ୟ ଦେଖି ଆଶ୍ଚର୍ଯ୍ୟ ନ ହୋଇ ରହି ପାରିଲୁ ନାହିଁ । ତା ଆଙ୍ଗୁଳିଗୁଡ଼ିକ ଚିରଦିନ ପାଇଁ ଅଚଳ ହୋଇଯିବ ବୋଲି ସେତେବେଳେ ଆଶଙ୍କା ଥିଲା । ନରଓ୍ୱା ମୁଠା ଫିଟାଇ ଆଙ୍ଗୁଳିଗୁଡ଼ିକ ଭଲ କାମ କରୁଛନ୍ତି ବୋଲି ଦେଖାଇଲା ଆଉ କହିଲା ଯେ ଆଙ୍ଗୁଳିର ଶକ୍ତି ଅନେକାଂଶରେ ଫେରି ଆସିଛି ଓ ଟୋକେଇ ବୁଣିବାକୁ ତାର ଅସୁବିଧା ହେଉନାହିଁ ।

Digitized by srujanika@gmail.com

ଛଅ ମାସ କାଳ ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ବେଳେ ଆମେ ଦୁହେଁ ତାକୁ କିଛିଟା ସାହାଯ୍ୟ କରିଥିଲୁ । ତା ଚିକିତ୍ସା ପାଇଁ ବନ୍ଦୋବସ୍ତ କରିଥିଲି । ତାର ସ୍ତ୍ରୀ ଓ ପିଲା ଦୁଇଟି ଚଳିବା ପାଇଁ ମ୍ୟାଗି ଆୟୋଜନ କରିଥିଲି । ନରଓ୍ୱା ତଳେ ମୁଣ୍ଡ ଲଗାଇ ମ୍ୟାଗିକୁ ପ୍ରଣାମ କରିବା ବେଳେ ତାର ସେ ଦିନର ଦୁରବସ୍ଥାର ପୂରା ଛବିଟି ମୋ ଆଖି ଆଗରେ ନାଚିଗଲା ।

ନରଓ୍ୱାର ଦୁରବସ୍ଥା

ଆଲମୋଡ଼ା ପାଖ ଗୋଟିଏ ପାହାଡ଼ିଆ ଗାଁରେ ନରଓ୍ୱା ଓ ହରିଆଙ୍କ ଘର । ରକ୍ତର ସମ୍ପର୍କ ନ ଥିଲେ ସୁଦ୍ଧା ପିଲାଦିନୁ ଏକା ଗାଁରେ ବଢ଼ିଥିବାରୁ ଶ୍ରଦ୍ଧାରେ ଦୁହେଁ ପରସ୍ପରକୁ 'ଭାଇ' ଡାକନ୍ତି । ଜାତିରେ ଡମ ସେମାନେ; ଅଳ୍ପ କେତୋଟି ତାଙ୍କ ଜାତିଆଣ ବେଉସା ଭିତରୁ ଟୋକେଇ ବୁଣାକୁ ଦୁହେଁ ବୃତ୍ତି ରୂପେ ବାଛି ନେଇ ଥାଆନ୍ତି । ଖରାଦିନେ ନିଜ ଗାଁରେ ରହି ଟୋକେଇ ବୁଣନ୍ତି । ଶୀତ ପଡ଼ିଲେ ଦୁହେଁ ପାହାଡ଼ରୁ ଗଡ଼ି କାଲାଦୁଙ୍ଗୀରେ ଆସି ରହନ୍ତି । କାଲାଦୁଙ୍ଗୀରେ ପନ୍ଦର ଫୁଟ୍ ଓସାର ବଡ଼ ବଡ଼ ଗୋଲାକାର ଡୋଲରେ ଖାଦ୍ୟଶସ୍ୟ ରଖାହୁଏ । ସେପରି ଡୋଲର ବିଶେଷ ଚାହିଦା ଥିବାରୁ ନରଓ୍ୱା ଓ ହରିଆ ଶୀତଦିନ ସାରା କାଲାଦୁଙ୍ଗୀରେ ବୋଲି ବୁଣନ୍ତି । ତାଙ୍କ ଗାଁରେ ବୁଣାବୁଣି କାମରେ ପାହାଡ଼ିଆ ଶାକିଆ ବାଉଁଶ ବ୍ୟବହାର ହୁଏ । ଇଞ୍ଚେ ମୋଟ ଓ କୋଡ଼ିଏ ଫୁଟ ଲମ୍ବ ଏହି ସରୁ ବାଉଁଶ ପର୍ବତ ଉପରେ ଚାରି ହଜାରରୁ ଦଶ ହଜାର ଫୁଟ ଉଚ୍ଚରେ ମିଳେ । ଏଥିରୁ ସୁନ୍ଦର ବନସ୍ତି ଛଡ଼ ତିଆରି ହେଉଥିବା କଥାଟି ମଧ୍ୟ ଉଲ୍ଲେଖଯୋଗ୍ୟ । କାଲାଦୁଙ୍ଗୀ ପରି ସମତଳ ସ୍ଥାନରେ ସେ ପ୍ରକାର ବାଉଁଶ ମିଳେ ନାହିଁ । ବଣରୁ ସାଧାରଣ ବାଉଁଶ ଆଣି ସେଠାରେ କାମ କରିବାକୁ ହୁଏ ।

କାଲାଦୁଙ୍ଗୀର ବାଉଁଶ ବଣସବୁ ସଂରକ୍ଷିତ ଜଙ୍ଗଲ ଭିତରେ । ଜଙ୍ଗଲ ନିକଟରେ ଗୃହବାସ କରି ଚଳୁଥିବା ଆମ ପରି ସ୍ଥାୟୀ ବାସିନ୍ଦାମାନଙ୍କୁ ନିଜ ବ୍ୟବହାର ପାଇଁ ବର୍ଷକୁ କେତୋଟି ବାଉଁଶ କାଟି ନେବା ପାଇଁ ଅନୁମତି ଥାଏ । କିନ୍ତୁ ବ୍ୟବସାୟ ପାଇଁ ବାଉଁଶ ନେବାକୁ ହେଲେ ସଲାମୀ ଦାଖଲ କରି ଜଙ୍ଗଲରକ୍ଷୀ ଠାରୁ ଅନୁମତି ଆଣିବାକୁ ପଡ଼େ । ବାଉଁଶ ମୁଣ୍ଡବୋଝକେ ମାହାସୁଲ ଦୁଇ ଅଣା । ଅନୁମତି ପତ୍ରଟି କଷ୍ଟ କରି ଲେଖିଥିବାରୁ ଜଙ୍ଗଲରକ୍ଷୀକୁ ମଧ୍ୟ ଅଣ୍ଟାଗୁଞ୍ଜା କିଛି ଦେବାକୁ ପଡ଼େ । ଦୁଇବର୍ଷିଆ ପାକଳ ବାଉଁଶ ବୁଣାବୁଣି ପାଇଁ ଭଲ । ମୁଣ୍ଡବୋଝ ହିସାବରେ ମାହାସୁଲ ଲାଗୁଥିବାରୁ ବୋହିଆ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ବୋହି ପାରିବା ଭଳି ବାଉଁଶ ବିଡ଼ା ବାନ୍ଧିବାକୁ ଛାଡ଼େ ନାହିଁ ।

୧୯୨୯ ମସିହା ଡିସେମ୍ବର ମାସ ୨୨ ତାରିଖ । ବଡ଼ଭୋରରୁ ଉଠି ବାଉଁଶ ଆଣିବା ପାଇଁ ହରିଆ ଓ ନରଓ୍ୱା କାଲାଦୁଙ୍ଗୀ ବଜାର ପାଖ ତାଙ୍କ ବସାରୁ ବାହାରି ପଡ଼ିଲେ । ଆଠ ମାଇଲ ଦୂର ନଲ୍ନୀ ଗାଁରେ ଜଙ୍ଗଲରକ୍ଷୀ ରହେ । ତା' ଠାରୁ ଅନୁମତି ପତ୍ରଟିଏ ଲେଖାଇ ନେଇ ନଲନୀ ପାଖ ସରକାରୀ ଜଙ୍ଗଲରୁ ଦୁଇ ବୋଝ ବାଉଁଶ କାଟି ସନ୍ଧ୍ୟା ସୁଦ୍ଧା ସେମାନେ

Digitized by srujanika@gmail.com

କାଲଢୁଙ୍ଗୀ ବାହୁଡ଼ିବା କଥା । ଶୀତଦିନ—ପାହାନ୍ତିଆ ବେଳ । ପ୍ରଚଣ୍ଡ ଶୀତ ପଡ଼ୁଥାଏ । ଖଣ୍ଡେ ଲେଖାଏଁ ମୋଟ ଯୁଡ଼ା ଚଦର ଘୋଡ଼ହୋଇ ଦୁହେଁ ଆଗ ପଛ ହୋଇ ଚାଲିଥାଆନ୍ତି । ନାଲବନ୍ଧରେ ମାଇଲିଏ ବାଟ ଯାଇ ମୁହାଣ ପାଖରେ ପହଞ୍ଚିଲେ । ଉଚ୍ଚ ପାଚେରି କେତୋଟିରେ ନାଳ ମୁହାଣଟି ବନ୍ଧା । ସେଗୁଡ଼ିକୁ ପାରହୋଇ ନଈବନ୍ଧରେ ଗୋଟିଏ ସରୁ ଚଲାବାଟ ଦେଇ ଦୁହେଁ ଚାଲିଲେ । ବାଟ ଦୁଇ କଡ଼େ ବଡ଼ ବଡ଼ ପଥର । ଜାଗା ଜାଗାଏ ଚକେଡ଼ା ଚକେଡ଼ା ଝାଟି ବୁଦାରେ ପଶି ଯିବାକୁ ପଡ଼ୁଥାଏ । (ବୋଆର ନଈର ଏହି ଅଂଶ ସହିତ ମୁଁ ଭଲଭାବେ ପରିଚିତ । ପାଣିରେ ଖରା ପଡ଼ୁଥିବା ବେଳେ ବନଶିରେ ଏଠାରେ ଦେଢ଼ ସେରରୁ ଦୁଇ ସେର ଓଜନ ସେହି ମାଛ ମରନ୍ତି । ପାହାନ୍ତା ପହରରେ ଦୁଇଟି ଓଧ ସେଠାରେ ପାଣିରେ ଖେଳୁଥିବା ଦେଖାଯାଏ ।)

ବନ୍ଧରେ ଦୁଇ ମାଇଲ ଯିବା ପରେ ସେମାନେ ନଈରେ ପଶି ପାର ହେଲେ । ନଈ ସେପାଖରେ ଥିବା ଘାସ ଓ ଗଛର ଘଞ୍ଚ ଜଙ୍ଗଲରେ ସକାଳେ ସଞ୍ଜେ ଦଳ ଦଳ ସମ୍ବର ଓ ମିରଗ ପଡ଼ନ୍ତି । କେବେ କେମିତି ଚିତା ଓ ମହାବଳ ବାଘ ମଧ୍ୟ ସେଠାକୁ ଚାଲି ଆସନ୍ତି । ଜଙ୍ଗଲର ମାଇଲିଏ ଭିତରକୁ ଜାଗାଏ ପାହାଡ଼ଗୁଡ଼ିଏ ପରସ୍ପର ନିକଟକୁ ପାଖେଇ ଆସିଥିବା ଦେଖାଯାଏ । କିଛି ବର୍ଷ ପୂର୍ବେ ମୋ କୁକୁର ରବିନ୍ ସେଠାରେ ବିଖ୍ୟାତ ବାଘ 'ପୌଲଗଡ଼ର କୁମାର'ର ※ ପାହୁଲ ଦାଗ ଠାବ କରିଥିଲା । ଟିକିଏ ଆଗକୁ ପାହାଡ଼ଗୁଡ଼ିକ ପରସ୍ପର ଠାରୁ ପୁଣି ଦୂରେଇ ଯାଇଛନ୍ତି ଓ ପାହାଡ଼ସନ୍ଧିର ଉପତ୍ୟକାଟି ସେଇ ଅନୁପାତରେ ଚଉଡ଼ା ହୋଇଛି । ଉପତ୍ୟକାର ସ୍ଥାନୀୟ ନାମ 'ସାମାଲ୍‌ଚୌର' । ପାଖପାଖ ଗାଁର ଲୋକେ ଏହାକୁ ଚରାଭୂମି ରୂପେ ବ୍ୟବହାର କରନ୍ତି । ସେଠାକାର ଜଙ୍ଗଲ ମଧ୍ୟ ଗୋରା ଶିକାରୀଙ୍କର ଅତି ପ୍ରିୟ ଶିକାରଭୂମି । ଚଲାବାଟର ଯେଉଁ ଅଂଶଟି ଉପତ୍ୟକା ଭିତର ଦେଇ ଯାଇଛି, ସେଥିରେ ମଣିଷ ଓ ବାଘ ପ୍ରାୟ ସମାନ ସଂଖ୍ୟାରେ ଯାତାୟାତ କରୁଥିବାରୁ ସେତକ ବାଟ ଟିକିଏ ସାବଧାନରେ ଚାଲିବାକୁ ପଡ଼େ ।

ଉପତ୍ୟକା ଉପର ପାଖେ ବାଟଟି ପାହାଡ଼ରେ ଅଖ ଭାବେ ଦୁଇ ମାଇଲ ଉଠି ନଲ୍‌ନୀ ଗାଁରେ ପହଞ୍ଚିଛି । ପାହାଡ଼ ତଳେ ପହଞ୍ଚିବାର ଠିକ୍ ପୂର୍ବରୁ ବାଟଟି ବଡ଼ ବଡ଼ ଘାସର ପଟାଳିଏ ଜଙ୍ଗଲ ଭିତରେ ପଶିଯାଇଛି । ତିରିଶ ଗଜ ଓସାର ଏହି ଘାସବଣ ବାଟ ଦୁଇକଡ଼େ ପ୍ରାୟ ପଚିଶ ଗଜଯାଏ ମାଡ଼ିଛି । ବଣଟି ଛୋଟ ହେଲେ ସୁଦ୍ଧା ଆଠ ଫୁଟ ଉଚ୍ଚ ଘାସ ଗହଳରେ ବାଟୋଇମାନେ ପୂରାପୂରି ଲୁଚିଯାଆନ୍ତି । ବଣ ପାଖରେ ପହଞ୍ଚିବା ବେଳକୁ ହରିଆ ଆଗରେ ଚାଲିଥିଲା । ନରଓ୍ୱା ଥିଲା ତାର କେଇ ପାହୁଣ୍ଡ ପଛରେ । ଆଗକୁ ପାହାଡ଼ଚଢ଼ା ପଡ଼ିବ । ଚଦର ଘୋଡ଼ ହୋଇ ପାହାଡ଼ ଚଢ଼ି ହେବନାହିଁ ବୋଲି ଘାସବଣରେ ପଶିବା ପୂର୍ବରୁ ନରଓ୍ୱା ଚଦରଟି ଅଠ ଭାଙ୍ଗ କରି ଡାହାଣ କାନ୍ଧରେ ପକାଇଥିଲା ।

※ "କୁମାୟୁଁର ନରଖାଦକ"—ଅନୁବାଦକ

Digitized by srujanika@gmail.com

ହରିଆ ଘାସବଣରେ ପଶି ତିନି ଚାରି ଗଜ ଯାଇଛି କି ନାହିଁ, ହଠାତ୍ ବାଘର ହୁଙ୍କ ଗର୍ଜନ ସହିତ ନରଓ୍ୱାର କରୁଣ ଆର୍ତ୍ତନାଦ ଶୁଣି ଫେରିପଡ଼ି ପଛକୁ ଧାଇଁଲା । ଘାସରୁ ବାହାରି ଦେଖେ ଯେ ବଣ ଧାରରେ ନରଓ୍ୱାକୁ ବାଘଟାଏ ମାଡ଼ି ବସିଛି । ନରଓ୍ୱା ଚିତ୍ ହୋଇ ତଳେ ପଡ଼ିଛି । ବାଘ ତା ଉପରେ ଲମ୍ବ ହୋଇ ପେଟେଇ ପଡ଼ି ତା ଡାହାଣ କାନ୍ଧକୁ କାମୁଡ଼ି ଧରିଛି । ବାଘ ପେଟ ତଳୁ ନରଓ୍ୱାର ପାଦ ଦୁଇଟି ପଦାକୁ ବାହାରିଥିଲା । ହରିଆ ବଲାଗଣ୍ଠିକୁ ଭିଡ଼ି ଧରି ସମସ୍ତ ଜୋର୍ ଲଗାଇ ବାଘ ପେଟ ତଳୁ ତାକୁ ଟାଣିବାକୁ ଲାଗିଲା । ବାଘ ସଙ୍ଗେ ସଙ୍ଗେ ନରଓ୍ୱାକୁ ଛାଡ଼ି ହରିଆ ଆଡ଼େ ମୁହାଁଇ ଛିଡ଼ା ହୋଇଗଲା । ରାଗରେ ସେ ଆଖି ତରଟି ଘାଉଁ ଘାଉଁ ହେଉଥାଏ । ହରିଆ ଜୀବନର ମାୟା ଛାଡ଼ି ବନ୍ଧୁକୁ ଘୋଷାରିବାରେ ଲାଗିଥାଏ । ନରଓ୍ୱାକୁ ବାଘ ପାଖରୁ କିଛି ବାଟ ହଟାଇ ଆଣିବା ପରେ ହରିଆ ତାକୁ କୁଣ୍ଢାଇ ଧରି ଚଲାଇ ନେବାକୁ ଚେଷ୍ଟା କଲା । କିନ୍ତୁ ଚାଲିବା ତ ଦୂର କଥା— ଛିଡ଼ା ହେବାକୁ ମଧ୍ୟ ନରଓ୍ୱାର ଶକ୍ତି ପାଇଲା ନାହିଁ । ବାଘଟା ଗର୍ଜନ କରି ବାଟ ଓଗାଳି ଥିବାରୁ ବାଟକୁ ଫେରିବାର ଉପାୟ ଆଉ ନ ଥିଲା । ଘାସବଣ କଡ଼େ କଡ଼େ ନରଓ୍ୱାକୁ ଅଧା ଟେକି ଅଧା ଘୋଷାରି ହରିଆ ବଣ ଆରପାଖରେ ପହଞ୍ଚିଲା । ସେଠାରୁ ନଲ୍‌ନୀ ଗାଁ ଯାଏ ପାହାଡ଼ର ଖାଲି ଉଠାଣି । ନରଓ୍ୱାକୁ କାନ୍ଧରେ ବୋହି ଦୁଇ ମାଇଲ ପାହାଡ଼ ଚଢ଼ି ନଲ୍‌ନୀରେ ତାକୁ ପହଞ୍ଚାଇବା ପାଇଁ ହରିଆ ଯେପରି ଦୁଃସହ ପରିଶ୍ରମ କରିଥିବ ତାହା କେବଳ ଅତିମାନବଙ୍କ ପକ୍ଷରେ ହିଁ ସମ୍ଭବ । ବାଟରେ ନରଓ୍ୱାର ଅବସ୍ଥା ଦେଖିବାକୁ ତର ନ ଥିଲା । ଗାଁରେ ପହଞ୍ଚି ଦେଖିଲି ଯେ ତା ଡାହାଣ କାନ୍ଧର ହାଡ଼ସବୁ ଭାଙ୍ଗି ଗୁଣ୍ଡା ହୋଇଯାଇଛି ଆଉ କାନ୍ଧ, ପିଠି ଓ ଛାତି ଡାହାଣ ପାଖରୁ ମାଂସ ବିଦାରି ହୋଇ ହାଡ଼ ପଦାକୁ ଦିଶୁଛି । ନରଓ୍ୱାକୁ ଘୋଷାରି ଆଣିବା ବେଳେ ହରିଆ ତା ଚଦରଟି ଆଣିବାକୁ ଭୁଲି ନ ଥିଲା । ବାଘ ଚଦର ମିଶା କରି କାନ୍ଧକୁ କାମୁଡ଼ି ଥିବାରୁ ଚଦରର ଆଠଟିଯାକ ପ୍ରସ୍ତରେ ଦାନ୍ତ ଫୁଟି ଯାଇଥିଲା । କାନ୍ଧରେ ଚଦର ନ ଥିଲେ ବାଘ ନରଓ୍ୱା ଛାତି ଏପାଖ ସେପାଖ ଫୁଟାଇ ଦେଇଥାଆନ୍ତା । ଚଦରଟି କାନ୍ଧରେ ଥାଇ ନରଓ୍ୱାର ପ୍ରାଣ ବଞ୍ଚାଇ ଦେଲା ।

ନଲ୍‌ନୀରେ କିଛି ଚିକିତ୍ସା ହୋଇ ପାରିଲା ନାହିଁ । ଗାଁ ଲୋକେ ଓ ଜଙ୍ଗଲରକ୍ଷୀ ମିଶି କ'ଣ ବା କରନ୍ତେ ? ଶେଷରେ ଦୁଇ ଟଙ୍କା ଭଡ଼ାରେ ଖଟରେଟିଏ ଆଣି ନରଓ୍ୱାକୁ ସେଥିରେ ବସାଇ ହରିଆ କାଲାଢୁଙ୍ଗୀ ଚାଲିଲା । ସିଧା ରାସ୍ତାରେ କାଲାଢୁଙ୍ଗୀ ସେଠାରୁ ଆଠ ମାଇଲ ଦୂର । ସେ ବାଟେ କିନ୍ତୁ ବାଘ ସହିତ ପୁଣି ଭେଟ ହେବାର ସମ୍ଭାବନା । ମୁଷାବଙ୍ଗା ଗାଁ ଭିତର ଦେଇ ବୁଲାଣି ବାଟେ ଗଲେ କାଲାଢୁଙ୍ଗୀକୁ ଅଠର ମାଇଲ ବାଟ । ସେଥିରୁ ପ୍ରଥମ ନଅ ମାଇଲ ଦୁର୍ଗମ ପାହାଡ଼ିଆ ରାସ୍ତା । ଖଟର ପିଠିରେ ପକାଇବାକୁ ପଲାଣ ଖଣ୍ଡେ ନ ଥିଲା । କାଠ ତିଆରି ମାଲବୁହା ହାଉଦାଟିଏ ଉପରେ ନରଓ୍ୱା ଅତି କଷ୍ଟରେ ବସିଥାଏ । ସବୁ ବାଧାବିଘ୍ନ ଅତିକ୍ରମ କରି ହରିଆ ବହୁକଷ୍ଟରେ ତାକୁ ଆଣି କାଲାଢୁଙ୍ଗୀରେ ପହଞ୍ଚାଇଲା ।

Digitized by srujanika@gmail.com

ଆମ ପାହ୍ୱାଚ ପାଖରେ ଦୁହେଁ ପହଞ୍ଚିବା ବେଳକୁ ମ୍ୟାଗି ବାହାର ବାରଣ୍ଡାରେ ବସି ଗୃହା ଖାଉଥିଲ । ନରଓ୍ୱା ରକ୍ତରେ ଗୋଟାପଣେ ଗାଧୋଇ ପଡ଼ିଥାଏ । ହରିଆ ତାକୁ ଖଟର ପିଠିରେ ସମ୍ଭାଳି ଧରିଥାଏ । ମ୍ୟାଗି ଅନାଇଦେବା ମାତ୍ରେ ବୁଝିଗଲ ଯେ ଏ ଧରଣର ସାଙ୍ଘାତିକ ରୋଗୀକୁ ହାତକୁ ନେଇ ସେ ଭୁଲଇ ପାରିବନାହିଁ । ନରଓ୍ୱା ତେଣେ ବେହୋସ୍ ହେବା ଉପରେ । କଡ଼ା ଔଷଧ ପାନ ଦେଇ ବେକରୁ ଝୁଲିଟିଏ ଓହଲାଇ ମ୍ୟାଗି ସେଥିରେ ହାତକୁ ତାର ଆସ୍ତା ଦେଇ ରଖିଲ । ବଛଣା ଗୃଦରଟିଏ ଚିରି ନରଓ୍ୱାର କ୍ଷତଗୁଡ଼ିକରେ ପଟି ବାନ୍ଧିଦେବା ପରେ ଚିଠି ଖଣ୍ଡେ ଲେଖି ଆମ ଗୃକର ସହିତ ଦୁହିଁଙ୍କୁ କାଲାଦୁଙ୍ଗୀ ଡାକ୍ତରଙ୍କ ପାଖକୁ ସେ ପଠାଇଦେଲ ।

ମୋର ବନ୍ଧୁ କେତେଜଣ ବଡ଼ଦିନ ଛୁଟିରେ କାଲାଦୁଙ୍ଗୀ ଆସିଥାଆନ୍ତି । ସେମାନଙ୍କ ସହିତ ଚଢ଼େଇ ଶିକାରରେ ସକାଳୁ ବାହାରି ମୁଁ ସନ୍ଧ୍ୟା ପରେ ଘରକୁ ଫେରିଲି । ମ୍ୟାଗିଠାରୁ ସମସ୍ତ ବିଷୟ ଶୁଣି ପରଦିନ ସକାଳୁ କାଲାଦୁଙ୍ଗୀ ଡାକ୍ତରଙ୍କ ପାଖରେ ପହଞ୍ଚିଲି । ଡାକ୍ତରବାବୁଙ୍କ ବୟସ ବେଶୀ ନୁହେଁ ; ଅନୁଭୂତି ମଧ୍ୟ ସେହି ଅନୁପାତରେ କମ୍ । ନରଓ୍ୱା ବଞ୍ଚିବାର ଆଶା ନାହିଁ ବୋଲି ମତ ଦେଇ ସେ କହିଲେ ଡାକ୍ତରଖାନାରେ ରୋଗୀ ଭର୍ତ୍ତି କରିବାର ବ୍ୟବସ୍ଥା ନ ଥିବାରୁ ନରଓ୍ୱାକୁ ସେ ଯଥାସମ୍ଭବ ଚିକିତ୍ସା ପରେ ବସାକୁ ଫେରାଇ ଦେଇଛନ୍ତି । ସେଠାରୁ ଫେରି ନରଓ୍ୱା ବସାରେ ପହଞ୍ଚିଲି । କୋଡ଼ିଏଟି ପରିବାର ସେହି ବଖରାକ ଘରେ ଖୁନ୍ଦିହୋଇ ଥାଆନ୍ତି । ପ୍ରତି ପରିବାରର ଶ୍ରେଷ୍ଠ ଶ୍ରେଷ୍ଠ ପିଲାଗୁଡ଼ିକ ଜମି ଗହଳି ବଢ଼ାଉଥାନ୍ତି । ଘର-କୋଣରେ ନଡ଼ା ଓ ପତ୍ରର ଶେଯଟିଏ ଉପରେ ନରଓ୍ୱା ସେହି ଗୋଳମାଳ ଭିତରେ ପଡ଼ି ରହିଥାଏ ।

ଏପରି ଅସ୍ୱାସ୍ଥ୍ୟକର ପରିବେଶରେ ଯାହା ହେବ ବୋଲି ଆଶଙ୍କା କରୁଥିଲି, ଶେଷରେ ତାହା ହିଁ ଘଟିଲା । ନରଓ୍ୱାର ଘାଆଗୁଡ଼ିକ ପାଚିବାକୁ ଆରମ୍ଭକଲା । ଜରରେ ସେ କେତେ-ବେଳେ ପ୍ରଳାପ କରେ ତ କେତେବେଳେ ତା ଚେତା ବୁଡ଼ିଯାଏ । ସ୍ତ୍ରୀ ତାର ପାଖରେ ବସି ଲୁହ ଗଡ଼ାଉଥାଏ । ହରିଆ ଓ ଅନ୍ୟ ବନ୍ଧୁମାନେ ସେବାରେ ଲାଗିଥାଆନ୍ତି । ଏସବୁ ସତ୍ତ୍ୱେ ନରଓ୍ୱାର ଅବସ୍ଥା ଦିନୁଦିନ ଖରାପ ହେବାକୁ ଲାଗିଲେ । ଏ ଧରଣର ରୋଗୀ ସମ୍ବନ୍ଧରେ ବିଶେଷ ଅଭିଜ୍ଞତା ନ ଥିଲେ ସୁଦ୍ଧା ମୁଁ ଜାଣିପାରିଲି ଯେ ଘାଆରୁ ଶୀଘ୍ର ପୂଯ ବାହାରି ନ ଗଲେ ନରଓ୍ୱା 'ବଞ୍ଚିବ ନାହିଁ' ବୋଲି ଡାକ୍ତର ବାବୁଙ୍କ ଭବିଷ୍ୟତ ବାଣୀଟି ଫଳିବାର ବିଶେଷ ସମ୍ଭାବନା ଅଛି । ଡାକ୍ତରଖାନାରେ ଚିକିତ୍ସାର ବନ୍ଦୋବସ୍ତ କରିବା ପରେ ତାକୁ ପୁଣି ନେଇ ସେଠାରେ ପହଞ୍ଚାଇଲି । ଡାକ୍ତରବାବୁଙ୍କ ସପକ୍ଷରେ ଏତିକ କୁହାଯାଇପାରେ ଯେ କାମଟିଏ ଥରେ ହାତକୁ ନେଲେ ସେ ଆଉ ଦୋଦୋପାଞ୍ଚ ହୁଅନ୍ତି ନାହିଁ । ଏଥର ପୂର୍ବାପରର ବିଗ୍ଭର ନ କରି ଛୁରିର ସଦ୍‌ବ୍ୟବହାର କରିବାକୁ ସେ ପଛେଇଲେ ନାହିଁ । ନରଓ୍ୱାର ଗ୍ଭତି ଓ ପିଠିରେ ଯେଉଁ ଦାଗଗୁଡ଼ିକ ଚିରଦିନ ପାଇଁ ରହିଗଲା, ସେଥିରୁ ଅଧିକାଂଶ ବାଘ ନଖଦ୍ୱାରା ନ ହୋଇ ଡାକ୍ତରଙ୍କ ଛୁରିଦ୍ୱାରା ହୋଇଥିଲା ।

Digitized by srujanika@gmail.com

ସେତେବେଳେ ଶ୍ରେଷ୍ଠ ଶ୍ରେଷ୍ଠ ଡାକ୍ତରଖାନାମାନଙ୍କରେ ରୋଗୀ ବା ସେବାକାରୀଙ୍କ ପାଇଁ ଖୋରାକର ବ୍ୟବସ୍ଥା ନ ଥିଲା । ତା'ପରେ, ଏମାନେ ହେଲେ ଗରିବ ମଜୁରିଆ; ରୋଜ ରୋଜଗାର ନ ହେଲେ ତା ଚୂଲି ଜଳେନାହିଁ । ଚଉଦବର୍ଷର ଝିଅ ଓ କୋଳପିଲାଟିକୁ ସମ୍ଭାଳି ସ୍ୱାମୀର ସେବା କରୁ କରୁ ନରଓ୍ୱାର ସ୍ତ୍ରୀକୁ ଦିନ ଅଣ୍ଟେ ନାହିଁ । ମୂଲ ଲାଗିବାକୁ ତାକୁ ଫୁରୁସତ୍ କାହୁଁ ମିଳିବ ? ତାଙ୍କ ଅବସ୍ଥା ଦେଖି ପରିବାରଟିର ଭରଣପୋଷଣର ଭାର ମ୍ୟାଗି ହାତକୁ ନେଲି । ଚଉଦମାସ ଯାଏ ନରଓ୍ୱା ପ୍ରଥମେ ଡାକ୍ତରଖାନାରେ ଓ ପରେ ତା ବସାଘରେ ଶେଯରେ ପଡ଼ି ରହିଲା । ତା ସ୍ତ୍ରୀ ସର୍ବଦା ପାଖେ ପାଖେ ଥାଏ । ଅବସ୍ଥା ଟିକିଏ ସୁଧୁରିବା ପରେ ବିଦାୟ ନେବାପାଇଁ ନରଓ୍ୱା ଘୁଷୁରି ଘୁଷୁରି ଆସି ଆମ ଘରେ ପହଞ୍ଚିଲା । ଦେହର ହାଡ଼ ସବୁ ଗଣି ହେଉଥାଏ । ମନେ ହେଉଥାଏ ଯେ ତା ଡାହାଣ ହାତଟା ପୂରା ଅକାମୀ ହୋଇଯିବ । ଛଅବର୍ଷ ତଳେ ଏହିପରି ଅବସ୍ଥାରେ ଆମଠାରୁ ସେ ବିଦାୟ ନେଇଥିଲା । ପରଦିନ ହରିଆ ଆଉ ସେ ତାଙ୍କ ସ୍ତ୍ରୀ ପିଲାଙ୍କୁ ନେଇ ନିଜ ଗାଁକୁ ବାହୁଡ଼ିଗଲେ ।

ନରଓ୍ୱାର ବସାକୁ ପ୍ରଥମ ଥର ଯିବାବେଳେ ହରିଆଠାରୁ ସବୁ କଥା ଶୁଣି ବାଘଟା ମଣିଷଖିଆ ନୁହେଁ ଓ ଏହା ଏକ ଆକସ୍ମିକ ଦୁର୍ଘଟଣା ବୋଲି ଧାରଣା କରିଥିଲି । ସେ ବିଷୟରେ କିଛି ସନ୍ଦେହ ରହିବା ଅନୁଚିତ । ବାଘ ମଣିଷଖିଆ ହୋଇଥିଲେ ତାକୁ ତୁରନ୍ତ ମାରିଦେବା ଦରକାର । କାଳବିଳମ୍ବ ନ କରି ପରଦିନ ସକାଳୁ ଘଟଣାସ୍ଥଳକୁ ଯାଇ ଭଲ ଭାବେ ପରୀକ୍ଷା ନିରୀକ୍ଷା କରିବା ପରେ ଘଟଣାର କ୍ରମାନୁସ୍ଥକୁ ରୂପ ଦେବା ସହଜ ହେଲା । ହରିଆ ଓ ନରଓ୍ୱା ଯେଉଁ ବାଟରେ ଯାଇଥିଲେ, ତାହାର ପ୍ରତ୍ୟେକ ଅଂଶ ଭିନ୍ନ ଭିନ୍ନ ପରୀକ୍ଷାକରି ଦେଖିଲି । ନଲ୍‌ନୀ ପାହାଡ଼ ତଳେ ଖୋଲାଟି ଘାସବଣ କଡ଼େ କଡ଼େ କିଛି ବାଟ ଯିବାପରେ ବାଙ୍କି ଯାଇ ବଣରେ ପଶିଛି । ବଣ୍ଟ ଦୁହେଁ ଏହି ମୋଡ଼ ପାଖରେ ପହଞ୍ଚିବାର ଟିକିଏ ଆଗରୁ ବାଘ ସମ୍ବରଟିଏ ମାରି ବାଟ ଡାହାଣ କଡ଼ ଘାସ ଭିତରେ ତାକୁ ରଖିଥିଲା । ହରିଆ ବଣରେ ପଶିବାର ଖସ୍ ଖସ୍ ଶବ୍ଦରେ ବାଘ ତରକ କରି ବାହାରି ଆସିଲା । ନରଓ୍ୱା ଥିଲା ପଛରେ । ମୋଡ଼ ପାଖରେ ସେ ପହଞ୍ଚିବାକୁ ଆଉରି ଦୁଇ ଗଜ ବାକି । ବାଘ ଘାସ ଭିତରୁ ତାକୁ ଦେଖି ନ ପାରି ହଠାତ୍ ବାହାରି ଅସୁ ଅସୁ ନରଓ୍ୱା ସହିତ ତାର ଧକ୍କା ହୋଇଗଲା । ମଣିଷ ସହିତ ଆକସ୍ମିକ ଭାବେ ମୁହାମୁହିଁ ହୋଇଗଲେ ପ୍ରତ୍ୟେକ ବନ୍ୟଜନ୍ତୁର ଆକ୍ରମଣ କରିବାର ପ୍ରବୃତ୍ତି ଜାଗିଉଠେ । ବାଘ ସେହି କାରଣରୁ ହିଁ ନରଓ୍ୱାକୁ ଆକ୍ରମଣ କରିଥିଲା ବୋଲି ମୋର ବିଶ୍ୱାସ । ତା ପରେ, ମଣିଷଖିଆ ବାଘ ମଣିଷ ଶିକାର ପାଇଲେ ତାକୁ ଶେଷ ନ କରି ଛାଡ଼େନାହିଁ । ବାଘଟା ମଣିଷଖିଆ ହୋଇଥିଲେ ନରଓ୍ୱାକୁ ଦରମରା କରି କେବେ ଛାଡ଼ିଦେଇ ନ ଥାନ୍ତା କିମ୍ବା ହରିଆ ତା ମୁହଁରୁ ନରଓ୍ୱାକୁ କଦାପି ଛଡ଼ାଇ ଆଣି ପାରି ନ ଥାନ୍ତା । ବାଘ ମଣିଷଖିଆ ନୁହେଁ ବୋଲି ହୃଦ୍‌ବୋଧ ହେବାରୁ ତାକୁ ଛାଡ଼ି ଦିଆଗଲା । "କୁମାୟୁଁର ନରଖାଦକ" ବହିରେ "ସାଧାରଣ ବାଘ" ଶିରୋନାମରେ ଯେଉଁ ବାଘଙ୍କ ବିଷୟ ବର୍ଣ୍ଣନା କରାଯାଇଛି ଏ ବାଘ ଶେଷରେ ସେହି ଦଳରେ ସାମିଲ ହେଲା ।

Digitized by srujanika@gmail.com

ଅସାଧାରଣ ସାହସିକତାର କେତେ ଦୃଷ୍ଟାନ୍ତ ମୁଁ ଦେଖିଛି ଏବଂ ଏପରି ଅନେକ ଘଟଣା ସମ୍ବନ୍ଧରେ ଶୁଣିଛି ଓ ପଢ଼ିଛି । କିନ୍ତୁ ନରଓ୍ବାକୁ ବାଘ ମୁହଁରୁ ଛଡ଼ାଇ ଆଣି ହରିଆ ଯେପରି ସାହସର ପରିଚୟ ଦେଲା, ସାହସିକତାର ସେଭଳି ଅପୂର୍ବ ଦୃଷ୍ଟାନ୍ତ ମୋତେ ଜଣାନାହିଁ । ବିପଦସଙ୍କୁଳ ବିରାଟ ଅରଣ୍ୟର ନିର୍ଜନତା ଭିତରେ ଯେଉଁ ନିରସ୍ତ୍ର ପଥିକ ସାଥୀର ଆର୍ତ୍ତନାଦ ଶୁଣି ଫେରିଆସେ—ନିଜ ଜୀବନକୁ ବିପନ୍ନ କରି ସିଏ ହିଂସ୍ର ମହାବଳ ବାଘ ମୁହଁରୁ ତାକୁ ଛଡ଼ାଇ ଆଣେ—ମୁମୂର୍ଷୁ ବନ୍ଧୁକୁ କାନ୍ଧରେ ବୋହି ଦୁଇ ମାଇଲ ପାହାଡ଼ ଚଢ଼ିବାକୁ ଯେ ପଛାଏ ନାହିଁ—ତା ପରି ସାହସୀ ଏ ସଂସାରରେ ବିରଳ । ଏ ଘଟଣାର ସତ୍ୟତା ସମ୍ବନ୍ଧରେ ମୋର ତିଳେ ହେଲେ ସନ୍ଦେହ ନାହିଁ । ହରିଆଠାରୁ ବିବରଣୀଟି ଲେଖିନେବା ପରେ ନରଓ୍ବାର ବକ୍ତବ୍ୟ ସହିତ ତାକୁ ମିଳାଇ ନେଇଥିଲି । ଦୁହିଁଙ୍କ ବିବୃତି ଅକ୍ଷରେ ଅକ୍ଷରେ ମିଶିଯାଇଥିଲା । ଏ ଭଳି ଅତୁଳନୀୟ ସାହସିକତାକୁ ସ୍ୱୀକୃତ କରାଇ ହରିଆକୁ ସମ୍ମାନିତ କରାଇବାକୁ ମୋର ଇଚ୍ଛା ଥିଲା । ଘଟଣାଟି ବର୍ଣ୍ଣନା କଲାବେଳେ ହରିଆ କିନ୍ତୁ ମୋର ଏହି ଉଦ୍ଦେଶ୍ୟ ଜାଣି ନ ଥିଲା । ସେ ଯେ ଅସାମାନ୍ୟ କିଛି କରିଛି, ଏ ଧାରଣା ମଧ୍ୟ ତାର ନ ଥିଲା । ମୋର ସବୁ ପ୍ରଶ୍ନର ଉତ୍ତର ଦେବାପରେ ସେ ଡରି ଡରି ପଚାରିଥିଲା, "ମୁଁ କିଛି ଦୋଷ କରିନାହିଁ ତ ସାହେବ ? ଏଥିପାଇଁ ମୋ ଉପରେ କି ନରଓ୍ବା ଭାଇ ଉପରେ କିଛି ବିପଦ ପଡ଼ିବନାହିଁ ତ ?" କିଛିଦିନ ପରେ ନରଓ୍ବାର ମୃତ୍ୟୁକାଳୀନ ଜମାନବନ୍ଦୀ ଲେଖିବାବେଳେ ସେ ମଧ୍ୟ ମୋତେ ଠିକ୍ ସେହି ପ୍ରଶ୍ନ ପଚାରିଥିଲା । ବେଦନାଭରା କ୍ଷୀଣ ସ୍ୱରରେ ସେ କହିଥିଲା, "ହରିଆ ଉପରେ ଯେମିତି କିଛି ଅପଦ ବିପଦ ନ ପଡ଼େ, ତାର ବ୍ୟବସ୍ଥା ଆପଣ କରିବେ ସାହେବ । ବାଘ ତ ମୋତେ ମାଡ଼ି ବସିଲା; ସେଥିରେ ତାର ବା ଦୋଷ କଣ ? ଜୀବନକୁ ପାଣି ଛଡ଼ାଇ ମୋତେ ସେ ବାଘ ମୁହଁରୁ ବଞ୍ଚାଇଛି । ସେଥିପାଇଁ ତାକୁ ଯେମିତି କିଛି ଜଞ୍ଜାଳ ସହିବାକୁ ନ ପଡ଼େ ।"

ହରିଆକୁ ସ୍ୱୀକୃତି ଓ ସମ୍ମାନ ମିଳିଲା ବୋଲି ଲେଖି ଏହି ବିବରଣୀ ଶେଷ କରି ପାରିଥିଲେ ମୁଁ ସୁଖୀ ହୋଇଥାଆନ୍ତି । ଖଣ୍ଡେ ମାନପତ୍ର ବା ସାମାନ୍ୟ ପୁରସ୍କାରଟିଏ ପାଇଥିଲେ ଏହି ଅଜ୍ଞାତ, ଅସ୍ପୃଶ୍ୟ ବୀର ଦୁହିଁଙ୍କ ଜୀବନରେ କେତେ ଆଶା, କେତେ ଆନନ୍ଦ ସଞ୍ଚାର ହୋଇଥାଆନ୍ତା ! ତାହା କିନ୍ତୁ ହେବାର ନ ଥିଲା । ନିୟମ ଅନୁସାରେ ଏପରି ଘଟଣାର ସତ୍ୟତା ପ୍ରମାଣ କରିବା ପାଇଁ ଦୁଇଜଣ ନିରପେକ୍ଷ ଦର୍ଶକଙ୍କ ସାକ୍ଷ୍ୟ ଦରକାର । ଏପରି ଆକସ୍ମିକ ଦୁର୍ଘଟଣାରେ ଦର୍ଶକ ଅବା କାହୁଁ ମିଳିବେ ? ସାକ୍ଷୀ ବିନା ଏ ଘଟଣାକୁ ସ୍ୱୀକୃତି ଦିଆଯାଇ ପାରିବନାହିଁ ବୋଲି ସରକାର ଧରି ବସିଲେ । ନାଲିଫିତା ବିରୁଦ୍ଧରେ ସଂଗ୍ରାମ କରିବାର ଶକ୍ତି ମୋର ନ ଥିଲା । ମୁଁ ହାର ମାନିଲି ।

ଅସାଧାରଣ ବୀରତ୍ୱର ଏହି ଅପୂର୍ବ ଦୃଷ୍ଟାନ୍ତଟିକୁ ସ୍ୱୀକୃତି ନ ଦେବାର କାରଣ ସ୍ୱରୂପ କୁହାଗଲା ଯେ ହରିଅର ଜମାନବନ୍ଦୀକୁ ପ୍ରମାଣ କରିବାପାଇଁ ନିରପେକ୍ଷ ସାକ୍ଷୀ କେହି ନାହାନ୍ତି । ନରଓ୍ବା ଗୋଡରେ ବାଘର ନଖଦନ୍ତର ଚିହ୍ନ ଆଜି ସୁଦ୍ଧା, ତା ଉକ୍ତିକୁ ସମର୍ଥନ କରେ ।

Digitized by srujanika@gmail.com

ରକ୍ତରେ ଓଦା ସେଇ ଫୁଟା ଚଦରଟି ଏବେ ଯାଏ ତା ପାଖରେ ଅଛି । ବସ୍ତ୍ର ହରିଆ ପାଖରେ ସେତକ ପ୍ରମାଣ ମଧ୍ୟ ନାହିଁ ।

ସରକାରଙ୍କ ସିଦ୍ଧାନ୍ତର ପୁନର୍ବିଚାର ପାଇଁ ମହାମାନ୍ୟ ସମ୍ରାଟଙ୍କୁ ନିବେଦନ କରିବାକୁ ଇଚ୍ଛା କରିଥିଲି । କିନ୍ତୁ ତାହା ପୂର୍ବରୁ ବିଶ୍ୱଯୁଦ୍ଧ ଓ ତାର ଆନୁଷଙ୍ଗିକ ବିଶୃଙ୍ଖଳାମାନ ଆରମ୍ଭ ହୋଇଗଲା । ଘୋର ଅନିଚ୍ଛା ସତ୍ତ୍ୱେ ଏହି ଆଶାକୁ ଶେଷରେ ଜଳାଞ୍ଜଳି ଦେବାକୁ ବାଧ୍ୟ ହେଲି ।

Digitized by srujanika@gmail.com

ସୁଲତାନା—ଭାରତର ରବିନ ହୁଡ୍

'ମୋର ଭାରତ'ର କେତେଜଣଙ୍କ ମନରେ ଅପରାଧ ପ୍ରବୃତ୍ତି କାହିଁକି ଜାଗି ଉଠେ, ତାହା ବୁଝିବା କଷ୍ଟକର ନୁହେଁ । ଆଜୀବନ ଅଭାବ ଅନାହାର ସହି ସହି ଧୈର୍ଯ୍ୟ ଭାଙ୍ଗିଗଲେ ସେଥିରୁ ରକ୍ଷାପାଇବାର ଆଶା ବିପଥକୁ ଯିବା ପାଇଁ କେତେକଙ୍କୁ ପ୍ରଲୋଭିତ କରେ । ବିଶାଳ ଏହି ଭୂଖଣ୍ଡର ବିସ୍ତୀର୍ଣ୍ଣ ଅଂଶମାନ ଦୁର୍ଗମ ଜଙ୍ଗଲଦ୍ୱାରା ଆବୃତ । ବିଭିନ୍ନ ଅଞ୍ଚଳ ମଧ୍ୟରେ ସଂଯୋଗ ସ୍ଥାପନ କରିବା ଭଳି ଚଳାଚଳଯୋଗ୍ୟ ରାସ୍ତାର ମଧ୍ୟ ଅଭାବ । ଏସବୁ ପ୍ରତିବନ୍ଧକ ଯୋଗୁଁ ଅପରାଧୀଙ୍କୁ ଅକ୍ତିଆର କରିବା ସରକାରଙ୍କ ପକ୍ଷେ ଦୁଷ୍କର ହୋଇଉଠେ । ସବୁ ଦେଶ ପରି ଭାରତରେ ସାଧାରଣ ଅପରାଧୀ ଅଛନ୍ତି । ଏମାନଙ୍କ ଛଡ଼ା ସରକାର ନିର୍ଦ୍ଦିଷ୍ଟ କେତେକ ଗୋଷ୍ଠୀର ଲୋକଙ୍କୁ ସମୂହଭାବେ 'ଅପରାଧୀ ସମ୍ପ୍ରଦାୟ' ବୋଲି ଆଖ୍ୟାତ କରନ୍ତି ଏବଂ ସ୍ୱତନ୍ତ୍ର ଉପନିବେଶମାନଙ୍କରେ ରଖି ସେମାନଙ୍କୁ ଆୟତ୍ତ ଓ ସଂଯତ କରିବାକୁ ଚେଷ୍ଟା କରନ୍ତି ।

ବିଗତ ମହାଯୁଦ୍ଧ ସମୟରେ କେତେକ ଲୋକହିତକର କାର୍ଯ୍ୟ ସହିତ ସଂପୃକ୍ତ ଥାଇ ଏପରି ଗୋଟିଏ ଉପନିବେଶରେ କେତେଥର ପ୍ରବେଶ କରିବାର ସୁଯୋଗ ପାଇଥିଲି । ସେଠାର ବାସିନ୍ଦାମାନଙ୍କ ଉପରେ ବିଶେଷ କଡ଼ା କଟକଣା ନ ଥିବାରୁ ସେମାନଙ୍କ ସହିତ ଓ ଉପନିବେଶ ଦାୟିତ୍ୱରେ ଥିବା ସରକାରୀ ପ୍ରତିନିଧିଙ୍କ ସଙ୍ଗେ ନାନା ବିଷୟ ଆଲୋଚନା କରିବା ସମ୍ଭବ ହେଲା । ଏହି ସମ୍ପ୍ରଦାୟକୁ ଅପରାଧ ମାର୍ଗରୁ ସୁଧାରିବା ପାଇଁ ସରକାର ସେମାନଙ୍କ ପାଇଁ ଗୁଡ଼ିଏ ନିଷ୍କର ଚାଷଜମି ଖଞ୍ଜି ଦେଇଥାନ୍ତି । ମୀରଟ୍ ଜିଲାର ବନ୍ୟାସେଚିତ ଅଞ୍ଚଳରେ ଥିବା ଏହି ଉର୍ବର ଜମିରୁ ଆଖୁ, ଗହମ, ଯବ, ରାଇସୋରିଷ ଆଦି ନାନା ଫସଲ ପ୍ରଚୁର ପରିମାଣରେ ଆମଦାନି ହୁଏ । ଏସବୁ ସତ୍ତ୍ୱେ ଏହି ସମ୍ପ୍ରଦାୟର ଲୋକେ ବେଆଇନ କାର୍ଯ୍ୟକଳାପରୁ ନିବୃତ୍ତ ହୁଅନ୍ତି ନାହିଁ । ସରକାରୀ ପ୍ରତିନିଧି ଏଥିପାଇଁ ଯୁବତୀମାନଙ୍କୁ ଦାୟୀ କରି କହିଲେ ଯେ ଧୁରନ୍ଧର ଅପରାଧୀଙ୍କ ଛଡ଼ା ଅନ୍ୟ କାହାକୁ ବିବାହ କରିବାକୁ ସେମାନେ ନାରାଜ । ଏହି ସମ୍ପ୍ରଦାୟର ଲୋକେ 'ଚୋରି'କୁ ନିଜର କୌଳିକ ବୃତ୍ତିରୂପେ ଗ୍ରହଣ କରିଥାନ୍ତି । ବୟୋଜ୍ୟେଷ୍ଠମାନେ ଯୁବକମାନଙ୍କୁ ଚୋରି ବିଦ୍ୟାରେ ତାଲିମ୍ କରନ୍ତି । ଚୋରାଧନର କିଛି ଅଂଶ ବିଦ୍ୟାଗୁରୁଙ୍କୁ ଦକ୍ଷିଣା ସ୍ୱରୂପ ଦିଆଯାଏ । ପୁରୁଷମାନେ ନିର୍ଦ୍ଦିଷ୍ଟ ସମୟପାଇଁ ଉପନିବେଶରୁ ବାହାରକୁ ଯିବାକୁ ଅନୁମତି ପାଆନ୍ତି । ସ୍ତ୍ରୀଲୋକମାନଙ୍କୁ କିନ୍ତୁ ବାହାରକୁ ଛଡ଼ାଯାଏ ନାହିଁ । ଶିକ୍ଷାନବିସ୍‌ଙ୍କୁ ନିର୍ଦ୍ଦିଷ୍ଟ ତିନୋଟି ନିୟମ ମାନିବାକୁ ମୁରବିମାନେ ଜୋର୍‌ଦେଇ ଶିଖାଇଥାନ୍ତି । ଏଥିରୁ ପ୍ରଥମଟି ହେଲା—ଚୋରି ଏକାକୀ କରିବାକୁ ହେବ; ଦଳବାନ୍ଧି ଚୋରି

Digitized by srujanika@gmail.com

କରିବା ମନା । ଦ୍ୱିତୀୟରେ, ଅପରାଧସ୍ଥଳ ଉପନିବେଶରୁ ଯେତେ ଦୂର ହୁଏ, ସେତେ ଭଲ । ଶେଷରେ, ଚୋରି କରିବା ବେଳେ କୌଣସି ହିଂସାତ୍ମକ କାଣ୍ଡ ଘଟାଯିବ ନାହିଁ ।

ତାଲିମ ପାଇବା ପରେ ଯୁବକମାନେ ଶିବିର ଛାଡ଼ି କଲିକତା, ବମ୍ବେ ପରି ଦୂରଦୂରାନ୍ତର ବଡ଼ ବଡ଼ ସହରମାନଙ୍କରେ ଧନୀଲୋକଙ୍କ ଘର ଖୋଜି ସେବେଇ ଚାକର ଭାବେ ରହନ୍ତି ଓ ସୁବିଧା ଦେଖି ସୁନା ଅଳଙ୍କାର ଓ ମୂଲ୍ୟବାନ୍ ପଥର ଆଦି ସହଜରେ ଲୁଚାଇ ହେବା ଭଳି ଜିନିଷମାନ ମୁନିବ ଘରୁ ଚୋରାଇ ଆଣନ୍ତି । ଥରେ ଏହି ଉପନିବେଶ ପାଖରେ ମୁଁ କଳା ଚକୋର ଚଢ଼େଇ ଶିକାର କରୁଥିଲି । ଅନ୍ତେବାସୀ କେତେଜଣ ଯୁବକ ଆଖୁକିଆରୀରୁ ଚଢ଼େଇ ଘଉଡ଼ାଇ ଶିକାରରେ ମୋତେ ସାହାଯ୍ୟ କରୁଥାଆନ୍ତି । ଗୁଳିମାଡ଼ ହୋଇଥିବା ଗୋଟିଏ ଚଢ଼େଇକୁ ଜଙ୍ଗଲରୁ ଖୋଜି ଆଣିବାରୁ ଜଣେ ଯୁବକକୁ ପାରିଶ୍ରମିକ ଆଠ ଅଣା ଉପରେ ମୁଁ ଦୁଇ ଅଣା ବକ୍‌ସିସ୍ ଦେଲି । ସରକାରୀ ପ୍ରତିନିଧି କହିଲେ ଯେ ସେ ଯୁବକ ବର୍ଷେକାଳ ବାହାରେ ରହିବା ପରେ ତିରିଶ ହଜାର ଟଙ୍କାର ହୀରାଟିଏ ନେଇ କିଛି ଦିନ ତଳେ ଏଠାକୁ ଫେରିଛି । ସମ୍ପ୍ରଦାୟର ବିଶେଷଜ୍ଞମାନେ ପରୀକ୍ଷା କରି ହୀରାର ମୂଲ୍ୟ ନିରୂପଣ କରିବା ପରେ ସେଟି ଲୁଚାଇ ଦିଆଯାଇଛି । ଉପନିବେଶର ସର୍ବଶ୍ରେଷ୍ଠା ସୁନ୍ଦରୀ କନ୍ୟା ତଥିରେ ସେ ଯୁବକକୁ ବିଭା ହେବାପାଇଁ ରାଜି ହୋଇଛି । ଅଳ୍ପ ଦୂରରେ ଛିଡ଼ା ହୋଇଥିବା ଅନ୍ୟ ଜଣେ ଯୁବକ ବିଷୟରେ ସେ କହିଲେ ଯେ ନିଜ ମନୋନୀତ ଯୁବତୀ ଉପରେ ପ୍ରଭାବ ପକାଇବା ପାଇଁ ସେ ଏକ ଅଭିନବ ଉପାୟ ଉଦ୍ଭାବନ କରିଥିଲା । କଲିକତାରୁ ନୂଆ ମୋଟର ଗାଡ଼ିଟିଏ ଚୋରାଇ ସେ ତାକୁ ଶରଡ଼ ଦାଣ୍ଡିରେ ଏଠାକୁ ଚଲାଇ ଆଣିଥିଲା । ଏଥିପାଇଁ ସେ ଆଗରୁ ପଇସା ଖର୍ଚ୍ଚ କରି ମୋଟର ଚଲାଇବା ଶିଖିଥିଲା ।

କେତେକ 'ଅପରାଧୀ ସମ୍ପ୍ରଦାୟ' ଉପରୁ କାଇଦା କଟକଣା କିଛିଟା କୋହଳ କରାଯାଇଥାଏ । ସେ ଭିତରୁ କେତେ ଜଣ ଘର ଜଗୁଆଳି ଭାବେ ଚାକିରି ପାଆନ୍ତି । ଏ ଧରଣର ଜଗୁଆଳି ରାତିରେ ମୁନିବ ଘର ସାମନାରେ ତା ଜୋତା ହଳକ ଥୋଇଦେଲେ ମୁନିବ ଚୋରଙ୍କଠାରୁ ରକ୍ଷାପାଏ । ଚୋରିର ଭୟ ଦେଖାଇ ଏପରି ଅର୍ଥ ଆଦାୟ କରିବାକୁ କେହି ହୁଏ ତ ନାପସନ୍ଦ କରିପାରନ୍ତି, କିନ୍ତୁ ଅଳ୍ପ ଖର୍ଚ୍ଚରେ ଚୋର ହାତରୁ ରକ୍ଷା ପାଇବାର ସୁଯୋଗ କୌଣସି ଗୃହକର୍ତ୍ତା କେବେ ଛାଡ଼େନାହିଁ । ଅପରାଧୀ ଭାବେ ଜଗୁଆଳିର ପ୍ରତିପତ୍ତିକୁ ଚାହିଁ ତା ଦରମା ଠିକ୍ ହୁଏ ଓ ତାହା ମାସକୁ ତିନି ଟଙ୍କାରୁ ପାଞ୍ଚ ଟଙ୍କା ଭିତରେ ପଡ଼େ । ଜଗୁଆଳି ଘର ଜଗେ ନାହିଁ । ସନ୍ଧ୍ୟାବେଳେ କେବଳ ନିଜ ଜୋତା ହଳକ ସେ ମୁନିବ ଘର ସାମନାରେ ଥୋଇଦିଏ ଓ ସକାଳୁ ଆସି ତାକୁ ନେଇଯାଏ ।

ଭାଣ୍ଡୁ ସମ୍ପ୍ରଦାୟର ଲୋକେ ହିଂସାତ୍ମକ ଅପରାଧ କରୁଥିବାରୁ ତାଙ୍କ ଉପରେ କଡ଼ା କଟକଣା ଜାରି ହୋଇଥାଏ । ଏ କାହାଣୀର ନାୟକ ସୁଲ୍‌ତାନା ସେହି ସମ୍ପ୍ରଦାୟର ଲୋକ । ତାକୁ ଧରିବା ପାଇଁ ଉତ୍ତର ପ୍ରଦେଶ ସରକାରଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ କରି ଏହି ପ୍ରସିଦ୍ଧ ଡକାୟତ ଦୀର୍ଘ ତିନି ବର୍ଷ କାଳ ନିରଙ୍କୁଶ ଉପଦ୍ରବ ଚଲାଇ ପାରିଥିଲା ।

× × × ×

Digitized by srujanika@gmail.com

ନୟାଗାଓଁ ଗାଁଟି ଦିନେ ହିମାଳୟ ପାଦଭୂମି ତରାଇ-ଭାବର ଅଞ୍ଚଳର ସବୁଠାରୁ ସମୃଦ୍ଧ ଗ୍ରାମମାନଙ୍କ ଭିତରେ ଗଣାଯାଉଥିଲା । ସାର୍ ହେନେରୀ ରାମ୍‌ସେ ('କୁମାୟୁଁର ରଜା') ହିମାଳୟ ଉପର ଅଞ୍ଚଳରୁ କେତେକ ପାହାଡ଼ିଆ ଲୋକଙ୍କୁ ଅଣାଇ ସେଠାରେ ବସବାସ କରାଇଥିଲେ । ସେ ଲୋକଗୁଡ଼ିକ ଯେପରି କର୍ମଠ ସେହିପରି କଷ୍ଟସହିଷ୍ଣୁ । ଜଙ୍ଗଲ କାଟି ସେମାନେ କୃଷିଜମି ଆବାଦ କଲେ ଏବଂ ସେହି ଉର୍ବର ଜମିଗୁଡ଼ିକ ଭଲ ଭାବେ ଚାଷ କରି ପ୍ରଚୁର ଫସଲ ଅମଦାନି କରିବାକୁ ଲାଗିଲେ । ଗାଁର ଅଧିକାଂଶ ବାସିନ୍ଦା ନୂଆ ପରିବେଶ ସହିତ ନିଜକୁ ଖାପ ଖୁଆଇ ସୁଖ ସ୍ୱାଚ୍ଛନ୍ଦ୍ୟରେ କାଳ କାଟିଲେ ।

ପ୍ରାୟ ଏକ ପୁରୁଷ ପର୍ଯ୍ୟନ୍ତ ସେମାନଙ୍କ ଶକ୍ତି ଓ ସ୍ୱାସ୍ଥ୍ୟ ଅକ୍ଷୁଣ୍ଣ ରହିଲା । ତା ପରେ ଆସିଲା ମାଲେରିଆ । ସ୍ଥାନୀୟ ଭାଷାରେ ଏହାକୁ 'ଭାବର୍ କା ବୁଖାର୍' (ଭାବର୍‌ର ଜ୍ୱର) କୁହାଯାଏ । ବିସ୍ତୀର୍ଣ୍ଣ ଏହି ଅଞ୍ଚଳରେ ରହୁଥିବା ଅଳ୍ପ କେତେ ଜଣ ଡାକ୍ତର ଏଠାକାର ଏହି ଚିରନ୍ତନ ଅଭିଶାପ କବଳରୁ ଲୋକଙ୍କୁ ରକ୍ଷା କରିପାରିଲେ ନାହିଁ । ଜଙ୍ଗଲ ବେଷ୍ଟିତ ନୟାଗାଓଁ ଗାଁଟି ପ୍ରଥମରୁ ମାଲେରିଆର ଶିକାର ହେଲା । ଲୋକେ ମଶା ମାଛି ପରି ମଲେ । ଗାଁ ପଦା ହୋଇଗଲା । ଜମି ପଡ଼ିଆ ପଡ଼ିଲା । ଯେଉଁ କେତେ ଜଣ ଏଥିରୁ ବର୍ତ୍ତିଗଲେ, ସେମାନଙ୍କୁ ଆମ ଗାଁକୁ ଉଠାଇ ଅଣାଯିବା ପରେ ଗୁରିଆଡ଼ୁ ଜଙ୍ଗଲ ମାଡ଼ି ଆସି ନୟାଗାଁକୁ ଗ୍ରାସ କରିବାକୁ ଲାଗିଲା । କିଛି ବର୍ଷ ପରେ ପଞ୍ଜାବର ଜଣେ ଡାକ୍ତର ପରିତ୍ୟକ୍ତ କୃଷିଜମିଗୁଡ଼ିକୁ ପୁଣି ଥରେ ଆବାଦ କରିବାକୁ ଚେଷ୍ଟା କରିଥିଲେ; କିନ୍ତୁ ମାଲେରିଆରେ ପରେ ପରେ ଝିଅ ଓ ସ୍ତ୍ରୀଙ୍କୁ ହରାଇ ଶେଷରେ ସେ ସେଥିର ଶିକାର ହେଲେ । ନୟାଗାଓଁ ଶେଷ ଥର ପାଇଁ ଜଙ୍ଗଲ ଗର୍ଭରେ ଲୁଚିଗଲା ।

ନୟାଗାଓଁ ଦିନେ ଅଖୁ, ଗହମ, ଧାନ ଓ ସୋରିଷ ଫସଲରେ ହସି ଉଠୁଥିଲା । ଜଙ୍ଗଲ ମାଡ଼ିଯିବା ପରେ ଉର୍ବର ଜମିଗୁଡ଼ିକ କଅଁଳିଆ ଛନଛନିଆ ଘାସରେ ଭରିଗଲା । ଆମ ଗାଁ ସେଠାରୁ ମାତ୍ର ତିନି ମାଇଲ ଦୂର । ଗାଁ ଲୋକେ ଏହି ଜମିଗୁଡ଼ିକୁ ଚରାଭୂମି ଭାବେ ବ୍ୟବହାର କରିବାକୁ ଲାଗିଲେ । ଜଙ୍ଗଲରେ ଗାଈଗୋରୁ ନିୟମିତ ଚରିଲେ ମାଂସଭୋଜୀ ପଶୁ ସେଠାକୁ ଆସିବା ସ୍ୱାଭାବିକ । ଥରେ ଶୀତଦିନେ କାଳାଦୁଙ୍ଗୀ ଫେରି ଶୁଣିଲି ଯେ ସେ ଭିତରେ ବଡ଼ ଚିତାବାଘଟାଏ ଚରାଭୂମି ପାଖ ଜଙ୍ଗଲରେ ଅସ୍ଥାନ ଜମାଇ ଗାଁର ଅନେକ ଗାଈଗୋରୁ ମାରିଲାଣି । ଆଖ ପାଖରେ ମଞ୍ଚା ବାନ୍ଧିବା ଭଳି ଗଛ ନ ଥିବାରୁ ମଡ଼ାକୁ ଜଗି ବସିବାର ଉପାୟ ନ ଥିଲା । ସକାଳେ ଚିତାବାଘ ବଣକୁ ଫେରିବାବେଳେ କିମ୍ବା ସନ୍ଧ୍ୟାରେ ଶିକାର ସନ୍ଧାନରେ ବାହାରିବାବେଳେ ସୁବିଧା ଦେଖି ତାକୁ ମାରିବାକୁ ସ୍ଥିର କଲି । ଏଥିପାଇଁ ଜଙ୍ଗଲରେ ସେ ରହୁଥିବା ସ୍ଥାନ ପ୍ରଥମେ ଠାବ କରିବା ଦରକାର । ପରଦିନ ସକାଳୁ ଅନୁସନ୍ଧାନ କରିବା ପାଇଁ ରବିନ୍‌କୁ ନେଇ ବାହାରି ପଡ଼ିଲି ।

ନୟାଗାଓଁ ଅନେକ ବର୍ଷ ହେବ ନିଶ୍ଚିହ୍ନ ହୋଇଯାଇଥିଲେ ସୁଦ୍ଧା ସ୍ଥାନୀୟ ଲୋକେ ଜଙ୍ଗଲର ସେହି ଅଂଶକୁ ଏବେ ଯାଏ 'ନୟାଗାଓଁ' କହନ୍ତି । ସ୍ଥାନଟିର ଦକ୍ଷିଣ ଓ ପଶ୍ଚିମ

Digitized by srujanika@gmail.com

ସୀମାରେ ଘନ ଜଙ୍ଗଲର ବେଷ୍ଟନୀ ଏବଂ ଉତ୍ତରରେ କାର୍ଣ୍ଟି ସଡ଼କ ଓ ପୂର୍ବ ସୀମାରେଖାରେ 'ପୁରାତନ ଜାତୀୟ ରାଜପଥ' । ରେଲରାସ୍ତା ନିର୍ମାଣ ହେବା ପୂର୍ବରୁ ଏହି ରାଜପଥ ଉତ୍ତର ପ୍ରଦେଶର ସମତଳ ଭୂମିକୁ କୁମାୟୁଁର ଆଭ୍ୟନ୍ତରୀଣ ଅଞ୍ଚଳ ସହିତ ସଂଯୋଗ କରୁଥିଲା । ଆଜିକାଲି କିନ୍ତୁ କାର୍ଣ୍ଟି ସଡ଼କ ବା ଜାତୀୟ ରାଜପଥରେ ବିଶେଷ ଯାତାୟାତ ନାହିଁ ।

ପଶ୍ଚିମ ଓ ଦକ୍ଷିଣ ପାଖ ଜଙ୍ଗଲରେ ପଶିବା ପୂର୍ବରୁ ପ୍ରଥମେ ସଡ଼କଗୁଡ଼ିକୁ ପରୀକ୍ଷା କଲି । ପୂର୍ବ ସନ୍ଧ୍ୟାରୁ ସଡ଼କ ଦୁଇଟିରେ ଯାତ୍ରୀ ବା ଯାନବାହାନ ଚଳାଚଳ ନଥିବାରୁ ଧୂଳିରେ ଜନ୍ତୁଙ୍କ ପାହୁଲ ଦାଗ ସ୍ପଷ୍ଟ ବାରି ହେଉଥାଏ । କିଛି ବାଟ ଆଗକୁ ରାସ୍ତା ଦୁଇଟି ଗୋଟିଏ ଛକରେ ମିଶିଛନ୍ତି । ଡକାୟତଙ୍କଠାରୁ ବାଟୋଇଙ୍କୁ ରକ୍ଷା କରିବାପାଇଁ ପୂର୍ବେ ସେ ଛକରେ ପୋଲିସ ପ୍ରହରୀ ମୁତୟନ କରାଯାଉଥିଲା । ଛକ ପାଖ ରାସ୍ତାରେ ଗୋଟିଏ ମାଈ ଚିତାବାଘର ପାହୁଲ ଦାଗ ପଡ଼ିଥିଲା । ବାଘୁଣୀଟି ଆମ ଗାଁ ତଳ ଭୂଢଅରି ବଣରେ ରହେ । ଗାଈଗୋରୁଙ୍କର କିଛି କ୍ଷତି ସେ କେବେ କରେନାହିଁ । ବରଂ ବାରହା, ମାଙ୍କଡ଼ ଆଦି ଜନ୍ତୁଙ୍କ ଦାଉରୁ ଫସଲ ରକ୍ଷା କରି ପ୍ରକାରାନ୍ତରେ ଆମକୁ ସାହାଯ୍ୟ କରେ । ତା ପାହୁଲ ଦାଗ ପଛରେ ଛାଡ଼ି ରବିନ୍ ଓ ମୁଁ ରାଜପଥରେ ଗାରୁପ୍ପୁ ଆଡ଼େ ଆଗେଇଲୁ ।

ଶିକାରକୁ ଯିବାବେଳେ ରବିନ୍ ସଦାସର୍ବଦା ମୋ ସଙ୍ଗରେ ଥାଏ । ବଡ଼ ବିଚକ୍ଷଣ କୁକୁର ସେ । ହାତରେ ମୋର ରାଇଫଲ ଦେଖି ଆମେ ବଡ଼ ଶିକାର ସନ୍ଧାନରେ ବାହାରିଛୁ ବୋଲି ସେ ଠଉରାଇ ନେଇଥାଏ । ଆଗରେ ମୟୂର କେତୋଟି ରାସ୍ତା ଡେଇଁ ଚାଲିଗଲେ । ରାସ୍ତାକଡ଼ରେ ବଣ କୁକୁଡ଼ା ଶୁଖିଲା ପତ୍ର ଖେଳାଉଥାନ୍ତି । ସେସବୁ ପ୍ରତି ଧ୍ୟାନ ନ ଦେଇ ରବିନ୍ ଗମ୍ଭୀର ମନୋଯୋଗ ସହ ରାସ୍ତାରେ ଗୋଟିଏ ବାଘୁଣୀର ପାହୁଲ ଦାଗ ଅନୁସରଣ କରି ଚାଲିଥାଏ । ଅଧାବୟସର ଦୁଇଟି ଛୁଆଙ୍କ ସହିତ ବାଘୁଣୀ ପ୍ରାୟ ଘଣ୍ଟାଏ ପୂର୍ବରୁ ସେ ରାସ୍ତାରେ ଯାଇଥିଲା । ଜାଗା ଜାଗାଏ ଡେଡ଼ା ରାସ୍ତା ଉପରକୁ ଦୂବଘାସ ମାଡ଼ି ଆସିଥାଏ । କାକରରେ ଓଦା ମଲାଏ ଦୂବଘାସ ଉପରେ ବାଘଛୁଆ ଦୁଇଟି ଗଡ଼ାଗଡ଼ି ହୋଇ ଖେଳିଥିଲେ । ରବିନ୍ କିଛି ସମୟ ଘାସକୁ ଶୁଙ୍ଘି ବାଘର ଖଟମଧୁର ଗନ୍ଧ ଗ୍ରହଣ କଲା ଓ ସେଥିରୁ ନୂଆ ଉତ୍ସାହ ପାଇଲା ପରି ପୁଣିଥରେ ବାଘଙ୍କ ଗତିଚିହ୍ନ ଠଉରାଇ ଆଗେଇଲା । ପ୍ରାୟ ମାଇଲିଏ ପରେ ବାଘ ତିନୋଟି ରାସ୍ତା ଛାଡ଼ି ଗୋଟିଏ ଶିକାରସରିରେ ପୂର୍ବକୁ ଯାଇଥାଆନ୍ତି । ସେ ଆଡ଼େ ନ ଯାଇ ଆମେ ରାସ୍ତାରେ ଆହୁରି ପ୍ରାୟ ତିନି ମାଇଲ ଚାଲି ଗାରୁପ୍ପୁ ଜଙ୍ଗଲର ଦୁଇ ମାଇଲ ଉପରେ ପହଞ୍ଚି ଦେଖିଲୁ ଯେ ଶିକାରସରିଟିଏ ନୟାଗାଓଁ ଚେରାଭୂମିଆଡ଼ୁ ଆସି ରାସ୍ତାକୁ ତେର୍ଚ୍ଛାରେ କାଟି ଆର ପାଖକୁ ଯାଇଛି । ସରି ଉପରେ ଗୋଟିଏ ପ୍ରକାଣ୍ଡ ପୁରୁଷ ଚିତାବାଘର ପାହୁଲ ଦାଗ ଦେଖିଦେବା ମାତ୍ରେ ମୁଁ ବୁଝିଗଲି ଯେ ଆମେ ଏତେ ସମୟ ଧରି ଖୋଜୁଥିବା ଚିତାବାଘ ସେହି ବାଟେ ଚେରାଭୂମି ଆଡ଼ୁ ଆସି ରାସ୍ତା ଆର ପାଖକୁ ଯାଇଛି । ଆକାର ତାର ସାଧାରଣ ଚିତାବାଘଠାରୁ ଯଥେଷ୍ଟ ବଡ଼ । ସେତିକି ବଡ଼ ଚିତାବାଘ ପକ୍ଷରେ ଗୋଟିଏ ବଡ଼ ଗାଈର ଶଙ୍ଗି ମୋଡ଼ି ଦେବା କଷ୍ଟକର ନୁହେଁ । ପାହୁଲ ଦାଗରୁ ବାଘକୁ ଚିହ୍ନଟ କରିବାରେ

Digitized by srujanika@gmail.com

ଭୁଲହେବାର ସମ୍ଭାବନା ନ ଥିଲ । ତା ପରେ, ଏତେବଡ଼ ଦୁଇଟା ପୁରୁଷ ଚିତାବାଘ ଏକ ଜାଗାରେ ଏକାଠି ରହୁଥିବା ମଧ୍ୟ ସମ୍ଭବ ନୁହେଁ । ଖୋଜ ଉଣ୍ଡି ଚିତାବାଘକୁ ଅନୁସରଣ କରିବାକୁ ରବିନ୍ ଭାରି ଆଗ୍ରହ ଦେଖାଉଥାଏ । ମୁଁ କିନ୍ତୁ ତାକୁ ଆଗେଇବାକୁ ଦେଲିନାହିଁ । ଚିତାବାଘ ରାସ୍ତା ଛାଡ଼ି ଗହଳିଆ ଝାଟି ଜଙ୍ଗଲରେ ପଶିଥିଲା । କେଇବର୍ଷ ତଳେ ଠିକ୍ ଏହିପରି ଜଙ୍ଗଲରେ କୁଅ ର ସିଂ ଓ ହର ସିଂ ବାଘ ମୁହଁରେ ପଡ଼ି ଅଳ୍ପକେ କପରି ପ୍ରାଣ ହରାଇଥାନ୍ତେ, ତାହା ପୂର୍ବରୁ ବର୍ଣ୍ଣନା କରିଛି । ଚିତାବାଘ ପରି ତୀକ୍ଷ୍ଣ ଦୃଷ୍ଟିଶକ୍ତି ଓ ପ୍ରଖର ଶ୍ରବଣଶକ୍ତିସମ୍ପନ୍ନ ଜନ୍ତୁକୁ ସେପରି ଜଙ୍ଗଲରେ ଅନୁସରଣ କରାଯାଏ ନାହିଁ । ତା ପରେ ବାଘର ଭେଟ ପାଇବା ପାଇଁ ମୁଁ ଆଉ ଗୋଟିଏ ସହଜ ଉପାୟ ପାଞ୍ଚୁଥାଏ । ଆଉ ଆଗକୁ ନ ଯାଇ ଜଳଖିଆ ଖାଇବା ପାଇଁ ସେଇଠାରୁ ଘରକୁ ବାହୁଡ଼ିଲୁ ।

ଖିଆପିଆ ସାରି ଖରାବେଳେ ମ୍ୟାଗି ଓ ରବିନ୍ ସହିତ ଗାରୁପ୍ପୁ ପାଖ ରାସ୍ତାକୁ ଫେରିଲି । ଚିତାବାଘ ପୂର୍ବଦିନ ଗୋରୁ ମାରି ନ ଥିବାରୁ ମଡ଼ ଜଗି ବସିବାର ସୁବିଧା ନ ଥିଲ । ସେ ଭିତରେ ସେ ବାରହା ବା ହରିଣଟିଏ ମାରିଥିବାର ଖୁବ୍ ସମ୍ଭାବନା ଥିଲେ ମଧ୍ୟ ଆମର ଆଶା ଥାଏ ଯେ ଅଭ୍ୟାସ ଜୋର୍‌ରୁ ନିୟମିତ ଯାତାପଥରେ ସେ ଥରେ ହେଲେ ଚରାଭୂମି ଆଡ଼େ ବୁଲିବାକୁ ଆସିବ । ସକାଳେ ସେ ଯେଉଁଠାରେ ଝାଟିବଣରେ ପଶିଥିଲା, ରାସ୍ତା କଡ଼ରୁ ଶହେ ଗଜ ଛଡ଼ାରେ ସେଠାରେ ଗୋଟିଏ ବଡ଼ ବୁଦା ଉହାଡ଼ରେ ଆମେ ଦୁହେଁ ଲୁଚି ବସିଲୁ । ରବିନ୍ ମଝିରେ ଶୋଇଥାଏ । ଉଭୟେ ନୀରବ ହୋଇ ଜଙ୍ଗଲରୁ ପକ୍ଷୀଙ୍କ କଳରବ ଶୁଣୁଥାଉ । ଘଣ୍ଟାଏ ପରେ ମୟୂରଟିଏ ପୁଚ୍ଛ ଟେକି ମହା ଆଡ଼ମ୍ବରରେ ରାସ୍ତା ଡେଇଁ ଆରପାଖକୁ ଗଲା । ଠିକ୍ ପରେ ପରେ ଅଳ୍ପ ଦୂରର ଗହଳିଆ ବଣରୁ ଦଶ ବାରଟି ହରିଣ ଏକ ସଙ୍ଗେ ବୋବାଇ ଉଠି ଚିତାବାଘ ଏବେ ସେଠାରେ ଅଛି ବୋଲି ଜନ୍ତୁଜଗତକୁ ସତର୍କ କରିବାକୁ ଲାଗିଲେ । ବାଘ ସେଇଆଡ଼େ ଥିବ ବୋଲି ଆମେ ଅନୁମାନ କରିଥିଲୁ । ଦଶ ମିନିଟ ପରେ ହରିଣଟିଏ ଆହୁରି ନିକଟରୁ ଆତଙ୍କ ଧ୍ୱନି କରି ଆସନ୍ନ ବିପଦର ସୂଚନା ଦେଲା । ବାଘ ହରିଣଙ୍କଠାରୁ ଛପିବାକୁ ଚେଷ୍ଟା ନ କରି ଏଆଡ଼େ ଆଗେଇଥିବାରୁ ଅନୁମାନ ହେଲା ଯେ ପୂର୍ବରୁ ମାରିଥିବା କୌଣସି ଶିକାରକୁ ସେ ଖାଇବାକୁ ବାହାରିଛି ।

ରବିନ୍ ସେ ପର୍ଯ୍ୟନ୍ତ ନିଶ୍ଚଳ ଭାବେ ଶୋଇରହି ଜଙ୍ଗଲରୁ ଆସୁଥିବା ବିଭିନ୍ନ ଶବ୍ଦସୂଚନାକୁ ଗଭୀର ମନୋଯୋଗ ସହ ଶୁଣୁଥିଲା । ରାଇଫଲ୍‌କୁ ମୁଁ ଆଣୁ ଉପରକୁ ଉଠାଇ ନେଇ ସଜାଡ଼ି ହୋଇ ବସିବା ମାତ୍ରେ ସେ ଥରିବାକୁ ଆରମ୍ଭ କଲା । ମୋ ବାଁ ଗୋଡ଼କୁ ଲାଗି ଶୋଇଥିବାରୁ ତା ଦେହର କମ୍ପନ ମୋତେ ସ୍ପଷ୍ଟ ଜଣାପଡ଼ୁଥାଏ । ଅନ୍ୟ ଜନ୍ତୁଙ୍କ ଅପେକ୍ଷା କୁକୁର ଚିତାବାଘକୁ ବେଶି ଭୟ କରନ୍ତି । ରବିନ୍ ଏଥିରୁ ବାଦ୍ ଯାଇନାହିଁ । ବାଘ ବାହାରିବା ସମୟ ପାଖେଇ ଆସିଲା । ଆଉ କିଛିଏ ପରେ ରାସ୍ତାକଡ଼ ବୁଦା ଆଡ଼େଇ ସେ ପଦାକୁ ମୁଣ୍ଡ କାଢ଼ିବ । ସେଇଠାରେ କିଛିକ୍ଷଣ ଅଟକି ରହି ରାସ୍ତା ଦୁଇ ଆଡ଼କୁ ଭଲଭାବେ ଅନାଇ ଦେଖିବା ପରେ ସେ ନିର୍ଭୟରେ ଆଗେଇ ଆସିବ ଆମ ଆଡ଼କୁ । ଗୁଳି ଖାଇ ସେ ସେଇଠାରେ

Digitized by srujanika@gmail.com

ଝଲପଡ଼ୁ ବା ମାରାତ୍ମକ ଯନ୍ତ୍ରଣାରେ ଛଟପିଟି ହୋଇ ଗର୍ଜନ କରୁ, ରବିନ୍ ଶେଷ ପର୍ଯ୍ୟନ୍ତ ନିଶ୍ଚଳ ଓ ନୀରବ ରହିଥିବ । ଯେଉଁ ଭୟାନକ ଖେଳରେ ସେ ଅନ୍ୟ ଅଂଶ ଗ୍ରହଣ କରୁଛି, ତାହାର ପ୍ରତ୍ୟେକଟି ରୋମାଞ୍ଚକର ପର୍ଯ୍ୟାୟ ସହିତ ସେ ଭଲଭାବରେ ପରିଚିତ ।

ରାସ୍ତା ପାରହେବା ପରେ ମୟୂରଟି ପାଖର ଗୋଟିଏ କୋଳିଗଛରେ ବସି ପାଚିଲା କୋଳି ଖାଉଥିଲା । ହଠାତ୍ କର୍କଶ ସ୍ୱରରେ ରାବ ଦେଇ ସେ ଦୂରର ଗୋଟିଏ ଅଁଳା ଗଛର ଡାଳକୁ ଉଡ଼ିଗଲା । ହରିଣଙ୍କ ସତର୍କଧ୍ୱନି ପରେ ମୟୂରର ଶବ୍ଦସୂଚନା ଆମକୁ ଆହୁରି ସାବଧାନ କରିଦେଲା । ଆଉ ବେଶି ଡେରି ନାହିଁ । କେଇ ମିନିଟ୍ ଭିତରେ ବାଘ ଗୁରି ଆଡ଼କୁ ଅନାଇ ଅତି ସନ୍ତର୍ପଣରେ ରାସ୍ତାଉପରକୁ ଆସିବ । ଗଭୀର ଉତ୍କଣ୍ଠାରେ ଅପେକ୍ଷା କରୁଛୁ, ଠିକ୍ ଏତିକିବେଳେ ବହୁ ଦୂରରେ ରାସ୍ତାରେ କେହି ଜଣେ ଆସୁଥିବା ମୋ ନଜରରେ ପଡ଼ିଗଲା । ଅନାଇ ଦେଖିଲି ଯେ, ଅନେକ ଦୂରରେ ଜଣେ ଲୋକ ଏଆଡ଼େ ଧାଇଁଛି ଓ ଧାଉଁ ଧାଉଁ ସେ ବାରମ୍ବାର ପଛକୁ ଫେରି ଚାହୁଁଛି । ସୂର୍ଯ୍ୟ ପ୍ରାୟ ଅସ୍ତ ଯିବା ଉପରେ । ସନ୍ଧ୍ୟାବେଳେ ଏସବୁ ରାସ୍ତାରେ କେହି ଏକାକୀ ଯାଆ ଆସ କରନ୍ତି ନାହିଁ । ଏ ସମୟରେ ମଣିଷ ଜଣେ ଏକାକୀ ଏ ବାଟେ ଧାଇଁଥିବା ଅତି ଆଶ୍ଚର୍ଯ୍ୟ କଥା । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ପୁଣି ରାସ୍ତାରେ ମଣିଷ ଦେଖାଦେଲେ ଚିତାବାଘ ଡରିକି ପଳାଇବ । ଲୋକଟି ପାଖେଇ ଆସିବା ସହିତ ବାଘ ମାରିବାର ସୁଯୋଗ ସେତିକି ଦୂରେଇ ଯାଉଥାଏ ।

ଲୋକଟି ହୁଏତ ବିପଦରେ ପଡ଼ି ସାହାଯ୍ୟ ଆଶାରେ ଏ ଆଡ଼େ ଛୁଟିଛି । ଏପରି ପରିସ୍ଥିତିରେ ଦୁଃଖ କରି ଲାଭ କ'ଣ ? ପାଖକୁ ସେ ଆସିବା ପରେ ତାକୁ ପାଖ ଗାଁର ଜଣେ ବାସିନ୍ଦା ବୋଲି ଚିହ୍ନିଲି । ଗତବର୍ଷ ଶୀତଦିନେ ଗାରୁପପୁଠାରୁ ତିନି ମାଇଲ ଦୂର ଗୋଟିଏ ଗୋଶାଳାରେ ସେ ମଇଁଷିପାଳ କାମ କରୁଥିଲା । ଲୋକଟି ଧାଇଁ ଆସୁ ଆସୁ ହଠାତ୍ ଆମକୁ ଦେଖି ଦେଇ ଚମକି କରି ଅଟକି ଗଲା । ତା ପରେ ମୋତେ ଚିହ୍ନି ପାରି ସେ ପାଖେଇ ଆସି ଭୟଭରା ସ୍ୱରରେ କହିଲା, "ଶୀଘ୍ର ପଳାଇ ଯାଆନ୍ତୁ ସାହେବ, ନ ହେଲେ ଜୀବନ ରହିବନାହିଁ ! ସୁଲ୍‌ତାନାର ଲୋକେ ମୋ ପିଛା ଧରିଛନ୍ତି ।"

ଲୋକଟି ଅଣନିଃଶ୍ୱାସୀ ହୋଇ ଧଇଁସଇଁ ହେଉଥାଏ । ନିଃଶ୍ୱାସ ଫେରିବାଯାଏ ଏଠି ବସି ଟିକିଏ ଅକ୍‌କା ମାରିବାକୁ ତାକୁ କହିଲି । ମୋ କଥାକୁ କାନ ନଦେଇ ନିଜ ପେଣ୍ଡାଟି ମୋତେ ଦେଖାଇ ସେ କହିଲା, "ସେମାନେ ମୋତେ କି ଅବସ୍ଥା କରିଛନ୍ତି ଦେଖନ୍ତୁ ! ମୋତେ ଧରିଲେ ସେମାନେ ନିଶ୍ଚୟ ପ୍ରାଣରେ ମାରିଦେବେ । ଅପଣ ବି ପଳାଇ ଯାଆନ୍ତୁ—ନହେଲେ ପ୍ରାଣ ପାଇବେ ନାହିଁ ।" ପେଣ୍ଡାଟି ଆଣ୍ଠୁରୁ ଗୋଇଠି ପର୍ଯ୍ୟନ୍ତ ଚିରିଯାଇଥାଏ । ମୁଣ୍ଡା ମୁଣ୍ଡା ରକ୍ତ ବହି ଧୂଳି ସହିତ ମିଶି ଜମାଟ ବାନ୍ଧି ରହିଥାଏ । ଏଠାରେ ନ ଅଟକିଲେ ମଧ୍ୟ ଆଉ ଦୌଡ଼ିବା ଦରକାର ନାହିଁ ବୋଲି ତାକୁ ବୁଝାଇ କହିଲି । ମୋଠାରୁ ଦମ୍ଭ ପାଇ ଲୋକଟି ଚ୍ଛେଟେଇ ଚ୍ଛେଟେଇ ତା ଗାଁ ଆଡ଼େ ଚାଲିଗଲା । ରାସ୍ତାକୁ ଯାଇ ଗୁରିଆଡ଼କୁ ଭଲ କରି ଅନାଇ ଦେଖିଲି । ଶେଷ ପର୍ଯ୍ୟନ୍ତ କିନ୍ତୁ ଚିତାବାଘ ବା ସୁଲ୍‌ତାନାର ଲୋକ—କାହାର ଦେଖା ପାଇଲି ନାହିଁ ।

Digitized by srujanika@gmail.com

ସନ୍ଧ୍ୟା ଘନେଇ ଆସୁଥାଏ । ଅସ୍ପଷ୍ଟ ଆଲୁଅରେ ଲକ୍ଷ୍ୟ କରିବା ଆଉ ସମ୍ଭବ ନୁହେଁ ଦେଖି ମ୍ୟାଗି ସହିତ ଘରକୁ ଫେରିଆସିଲି । ରବିନ୍ ବିରକ୍ତ ହୋଇ ଆମ ପଛେ ପଛେ ଆସିଲା ।

ପରଦିନ ସକାଳୁ ମଇଁଷିଆଳଟାଠୁ ଦୁର୍ଦ୍ଦଶାର ବୃତ୍ତାନ୍ତ ସବୁ ଶୁଣିଥିଲି । ଗୋଶାଳା ଓ ଗାଝୁପ୍‌ପୁ ମଝି ଜଙ୍ଗଲରେ ମଇଁଷି ଚରୁଥିବା ବେଳେ ସେ ବନ୍ଧୁକ ଆବାଜ୍ ଶୁଣିବାକୁ ପାଇଲା । ମୁଖିଆଙ୍କ ପୁତୁରା ସେଦିନ ଶିକାରରେ ହରିଣ ମାରିବା ପାଇଁ ବଡ଼ଶୋଇରୁ ବନ୍ଧୁକ ଧରି ବଣକୁ ଯାଇଥିଲା । ହରିଣ ମଲେ ତାକୁ କେତେ ମାଂସ ମିଳିବ—ମଇଁଷିଆଳ ଗଛ ମୂଳରେ ବସି ଏଇ ବିଚାର କରୁ କରୁ ଖସ୍‌ଖସ୍ ଶବ୍ଦ ଶୁଣି ପଛକୁ ଅନାଇଁ ଦେଖିଲା ଯେ ସେ ଭିତରେ ପାଞ୍ଚଜଣ ଲୋକ ନିଃଶବ୍ଦରେ ପଛଆଡ଼ୁ ଆସି ତାକୁ ଘେରି ଗଲେଣି । ତାଙ୍କୁ ବାଟ କଢ଼ାଇ ବନ୍ଧୁକିଆ ପାଖକୁ ନେଇଯିବାକୁ ଆଗନ୍ତୁକମାନେ ଆଦେଶ ଦେଲେ । ସେ ଶୋଇପଡ଼ିଥିଲା ଓ କିଛି ଶୁଣିନାହିଁ ବୋଲି ମଇଁଷିଆଳ ସଫେଇ ଦେବାରୁ ସେମାନେ କହିଲେ ଯେ ବନ୍ଧୁକିଆ ଯେତେବେଳେ ହେଲେ ଗୋଶାଳାକୁ ଫେରିବ । ଗୋଶାଳାକୁ ନେଇ ଯିବା ପାଇଁ ସେମାନେ କଣ୍ଟାଳ କଲେ । ଆଗନ୍ତୁକମାନଙ୍କ ହାତରେ ବନ୍ଧୁକ ନ ଥିଲା । ତାଙ୍କ ଦଳପତି ପରି ଦେଖାଯାଉଥିବା ଲୋକଟି ଖୋଲା ତରବାରିଟିଏ ଧରିଥାଏ । ପଳାଇବାକୁ ବା କାହାକୁ ଇଶାରା ଦେବାକୁ ଚେଷ୍ଟାକଲେ ତା ମୁଣ୍ଡ କାଟିଦିଆଯିବ ବୋଲି ଦଳପତି ମଇଁଷିଆଳକୁ ତାଗିଦ୍ କରିଦେଲା ।

ଜଙ୍ଗଲ ଭିତର ଦେଇ ଯିବାବେଳେ ଦଳପତି ପ୍ରକାଶ କଲା ଯେ ସେମାନେ ସୁଲ୍‌ତାନା ଦଳର ଲୋକ ଓ ସେଠାରୁ ଅଳ୍ପଦୂରରେ ସେମାନଙ୍କ ଛାଉଣୀ ପଡ଼ିଛି । ବନ୍ଧୁକ ଆବାଜ ଶୁଣି ବନ୍ଧୁକଟି ନେଇ ଆସିବାକୁ ସୁଲ୍‌ତାନା ସେମାନଙ୍କୁ ପଠାଇଛି । ବନ୍ଧୁକ ସୁବିଧାରେ ମିଳିଗଲେ ଭଲ । କିନ୍ତୁ କେହି ଯଦି ପ୍ରତିରୋଧ କରେ, ଗୋଶାଳାରେ ସେମାନେ ନିଆଁ ଲଗାଇ ଦେବେ ଓ ମଇଁଷିଆଳକୁ ପ୍ରାଣରେ ମାରିଦେବେ ବୋଲି ଧମକ ଦେଲେ । ଲୋକଟି ବଡ଼ ଦୋଦୋଇରେ ପଡ଼ିଲା । ଗୋଶାଳାରେ ରହୁଥିବା ତାର ସାଥୀମାନେ ସାହସରେ କେହି ଊଣା ନୁହନ୍ତି । ଡକାୟତଙ୍କୁ ସେମାନେ ବାଧା ଦେଲେ ଶେଷରେ ତାକୁ ହିଁ ବଳି ପଡ଼ିବାକୁ ହେବ । ସେମାନେ ବାଧା ବିରୋଧ ନ କଲେ ମଧ୍ୟ ତାର ନିସ୍ତାର ନାହିଁ । ଡକାୟତଙ୍କୁ ଗୋଶାଳାକୁ ବାଟ ଦେଖାଇଥିବା ଅପରାଧ ପାଇଁ ନିଜ ସାଥୀଙ୍କ ହାତରୁ ସେ ରକ୍ଷା ପାଇବନାହିଁ । ଘୋର ଦୁଶ୍ଚିନ୍ତାରେ ଥଳକୂଳ ନ ପାଇ ବିଚରା ମ୍ରିୟମାଣ ହୋଇ ଚାଲିଥାଏ । ଯୋଗକୁ ଠିକ୍ ସେତିକିବେଳେ ଦଳେ ବଣିଆ କୁକୁର ଗୋଟିଏ ହରିଣକୁ ଗୋଡ଼ାଇ ତାଙ୍କ ପାଖ ଦେଇ ଚାଲିଗଲେ । ଡକାୟତମାନେ ସେଆଡ଼େ ଅନାଇଛନ୍ତି ଦେଖି ଲୋକଟି ରାସ୍ତାକଡ଼ର ବଡ଼ ବଡ଼ ଘାସ ଭିତରକୁ କୁଦି ପଡ଼ିଲା । ଦଳପତିର ଖଣ୍ଡାଚୋଟରେ ତା ଗୋଡ଼ଟି ଆଣ୍ଠୁରୁ ଗୋଇଠି ଯାଏଁ ଚିରିଗଲା । ଡକାୟତମାନେ ତାକୁ ଧରିବାକୁ ଧାଇଁଲେ । ଗୋଡ଼ ପ୍ରତି ଧ୍ୟାନ ନ ଦେଇ ପ୍ରାଣବିକଳରେ ପଳାଇ ଯାଇ ଶେଷରେ ସେ ଖସି ଆସିପାରିଲା । ପୁରୁଣା ରାଜପଥରେ ଗାଁ ଆଡ଼େ ଧାଉଁଥିବା ବେଳେ ଅକସ୍ମାତ୍ ଆମ ସହିତ ଦେଖା ହୋଇଗଲା ।

× × × ×

Digitized by srujanika@gmail.com

ସୁଲ୍‌ତାନା ଭାଣ୍ଟୁ ସମ୍ପ୍ରଦାୟର ଲୋକ । ଏହାଙ୍କୁ "ଅପରାଧୀ ସମ୍ପ୍ରଦାୟ" କୁହାଯାଏ । ଗୋଟିଏ ଜାତିର ସବୁ ଲୋକଙ୍କୁ ସାମୁହିକ ଭାବେ "ଅପରାଧୀ" ଆଖ୍ୟା ଦେଇ ସେମାନଙ୍କୁ ନଜିବାବାଦ୍ ଦୁର୍ଗରେ ଅବଦ୍ଧ କରିବା କେତେ ଦୂର ନ୍ୟାୟସଙ୍ଗତ, ତାହାର ବିଚାର ଏଠାରେ କରୁନାହିଁ । ଏତିକ କହିବା ଯଥେଷ୍ଟ ଯେ ତାର ଶହ ଶହ ଜାତିଭାଇଙ୍କ ସହିତ ସୁଲ୍‌ତାନା, ତା'ର ଯୁବତୀ ସ୍ତ୍ରୀ ଓ ଶ୍ରେଷ୍ଠ ପୁଅଟିକୁ ଏକ ଖ୍ରୀଷ୍ଟୀୟ ସେବାଦଳର ତତ୍ତ୍ୱାବଧାନରେ ନଜିବାବାଦ୍ ଦୁର୍ଗରେ ଅଟକ କରାଯାଇଥିଲା । ସୁଲ୍‌ତାନା ସେତେବେଳେ ଯୁବକ । ଅବରୁଦ୍ଧ, ସୀମିତ ଜୀବନ ବିରୁଦ୍ଧରେ ବିଦ୍ରୋହ କରି ରାତିରେ ସେ ଦୁର୍ଗ ପାଚେରି ଡେଇଁ ପଳାଇଗଲା । ସେଇ ପରିସ୍ଥିତିରେ ଯେକୌଣସି ତେଜସ୍ୱୀ ଯୁବକ ଠିକ୍ ତାହାହିଁ କରିଥାନ୍ତା । ବର୍ଷକ ଭିତରେ ତାକୁ କେନ୍ଦ୍ର କରି ଶହେ ଜଣ ବନ୍ଧୁକଧାରୀ ଡକାୟତଙ୍କର ଦଳଟିଏ ଗଢ଼ିଉଠିଲା । ତରାଇଭାବର ଜଙ୍ଗଲରେ ଛପି ରହି ଏହି ଦୁର୍ଦ୍ଧର୍ଷ ଡକାୟତ ଦଳ ପୂର୍ବରେ ଗୋଣ୍ଡାଠାରୁ ଆରମ୍ଭ କରି ପଶ୍ଚିମରେ ସାହାରାନ୍‌ପୁର ପର୍ଯ୍ୟନ୍ତ ଶହ ଶହ ମାଇଲ ପରିମିତ ଏକ ଅଞ୍ଚଳରେ ଲୁଟ୍‌ତରାଜ କରିବାକୁ ଲାଗିଲେ । ନିକଟବର୍ତ୍ତୀ ପଞ୍ଜାବର ଗାଁ ଗଣ୍ଡା ଉପରେ ମଧ୍ୟ ଚଢ଼ାଉ କରିବାକୁ ସେମାନେ ପଛେଇଲେ ନାହିଁ ।

ସୁଲ୍‌ତାନା ଓ ତା ଡକାୟତ ଦଳର କାର୍ଯ୍ୟକଳାପ ସମ୍ବନ୍ଧରେ ସରକାରୀ ଦପ୍ତରରେ ମୋଟା ମୋଟା କେତେ ନଥିପତ୍ର ଗଚ୍ଛିତ ଅଛି । ସେସବୁ ନଥି ପାଖକୁ ମୋର ପ୍ରବେଶ ନାହିଁ । ଯେଉଁ ଘଟଣାଗୁଡ଼ିକ ସହିତ ମୁଁ ବ୍ୟକ୍ତିଗତ ଭାବେ ଜଡ଼ିତ କିମ୍ବା ଯାହା ନିଜେ ଲକ୍ଷ୍ୟ କରି ଦେଖିବାର ସୁଯୋଗ ପାଇଛି, କେବଳ ସେତିକିକୁ ନେଇ ଏ ବିବରଣୀ ଲେଖା । ସରକାରୀ ବିବରଣୀ ଓ ମୋ ଲେଖା ମଧ୍ୟରେ ପାର୍ଥକ୍ୟ ବା ବିରୋଧ ଦେଖାଦେଲେ ଦୁଃଖ କରିବି; କିନ୍ତୁ ଏ ଲେଖାର ଗୋଟିଏ ଶବ୍ଦ ସୁଦ୍ଧା ପ୍ରତ୍ୟାହାର କରିବି ନାହିଁ ।

ଆମ କାଳାଦୁଙ୍ଗୀ ଘରଠାରୁ କେଇ ମାଇଲ ଦୂରରେ ଗାରୁପ୍ପୁ ଜଙ୍ଗଲରେ ସୁଲ୍‌ତାନା ଥରେ ଛାଉଣୀ ପକାଇଥିଲା । ସେହି ସମୟରେ ମୁଁ ପ୍ରଥମ କରି ସୁଲ୍‌ତାନାର ନାଁ ଶୁଣିଲି । ପର୍ସୀ ଉଇଣ୍ଡ୍‌ହାମ୍ ସେତେବେଳେ କୁମାୟୁଁର କମିଶନର ଥାଆନ୍ତି । ତରାଇ-ଭାବର ଜଙ୍ଗଲ ତାଙ୍କ ଶାସନ ଇଲାକା ଭିତରେ । ସେହି ଜଙ୍ଗଲରେ ସୁଲ୍‌ତାନା ଆସ୍ଥାନ ଜମାଇଥିଲା । ତାକୁ ଅଧିଷ୍ଠ କରିବା ନିମନ୍ତେ ଫ୍ରେଡ୍ ୟଙ୍ଗ୍ ନାମକ ଜଣେ ଦକ୍ଷ ଯୁବକ ପୋଲିସ୍ ଅଫିସରଙ୍କୁ ପଠାଇବାକୁ ଉଇଣ୍ଡ୍‌ହାମ୍ ସରକାରଙ୍କୁ ଅନୁରୋଧ କଲେ । ଫ୍ରେଡ଼ ସେତେବେଳକୁ ଉତ୍ତର ପ୍ରଦେଶରେ ଅଳ୍ପ କେଇ ବର୍ଷ ଚାକିରି କରିଥାନ୍ତି । ଫ୍ରେଡ଼ଙ୍କ ନେତୃତ୍ୱରେ ତିନିଶହ ସିପାହିଙ୍କର ଗୋଟିଏ "ଡକାୟତ ବିରୋଧୀ ସ୍ୱତନ୍ତ୍ର ପୋଲିସ ଫୌଜ" ଗଢ଼ାଯିବା ପାଇଁ ଉଇଣ୍ଡ୍‌ହାମ୍ ପ୍ରସ୍ତାବ ଦେଇଥିଲେ । ସରକାର ତାହା ଗ୍ରହଣ କରି ଫୌଜ ପାଇଁ ସିପାହି ବାଛିବାର ଅଧିକାର ଫ୍ରେଡ଼ଙ୍କୁ ଦେଲେ । ସେତେବେଳେ ପ୍ରତି ଜିଲ୍ଲାର ପୋଲିସ ଅଫିସରମାନେ ସୁଲ୍‌ତାନାକୁ ଧରି ସୁନାମ ଅର୍ଜିବାକୁ ବ୍ୟଗ୍ର । ସେମାନଙ୍କ ସଫାରୁ ଭଲ ଭଲ ସିପାହି ବାଛି

Digitized by srujanika@gmail.com

ନେଲ୍ସ ସ୍ୱତନ୍ତ୍ର ଫୌଜରେ ଭର୍ତ୍ତି କରିବାଦ୍ୱାରା ଫ୍ରେଡ୍ଙ୍କୁ ନିଜ ସହକର୍ମୀ ମହଲରେ ଅତି ଅପ୍ରିୟ ହେବାକୁ ପଡ଼ିଲା ।

ଫ୍ରେଡ୍ ତାଙ୍କ ଫୌଜ ଗଢ଼ୁଥିବା ବେଳେ ସୁଲ୍‌ତାନା ତରାଇ-ଭାବରର ଶ୍ରେଷ୍ଠ ଶ୍ରେଷ୍ଠ ସହରଗୁଡ଼ିକ ଉପରେ ଚଢ଼ାଉ କରି ହାତ ପକ୍‌କା କରୁଥାଏ । ରାମନଗରର ପଶ୍ଚିମ ପାଖ ଜଙ୍ଗଲରେ ସୁଲ୍‌ତାନାଙ୍କୁ ଧରିବା ପାଇଁ ଫ୍ରେଡ୍ ପ୍ରଥମ ଚେଷ୍ଟାକଲେ । ସେଠାରେ ବଡ଼ ବଡ଼ ଗଛଗୁଡ଼ିଏ କାଟିବା ପାଇଁ ଜଙ୍ଗଲ ବିଭାଗଦ୍ୱାରା ବହୁ ସଂଖ୍ୟାରେ ଶ୍ରମିକ ନିୟୋଗ କରାଯାଇଥାଏ । ସେଠାରୁ ଅଳ୍ପ ଦୂରରେ ସୁଲ୍‌ତାନାର ଗ୍ରୁପ୍‌ଣୀ ପଡ଼ିଛି ବୋଲି ଜଣାଥାଏ । ଶ୍ରମିକଙ୍କ ଦାୟିତ୍ୱରେ ଥିବା ଜଣେ ଠିକାଦାରଙ୍କୁ ହାତକରି ସୁଲ୍‌ତାନାକୁ ଧରିବାକୁ ଉପାୟ କରାଗଲା । ପ୍ରଥମେ ଗୋଟିଏ ନାଚଗୀତର କାର୍ଯ୍ୟକ୍ରମ ଓ ତା'ପରେ ଭୋଜିର ଆୟୋଜନ କରାଯାଇଁ ଠିକାଦାରଙ୍କ ଜରିଆରେ ସୁଲ୍‌ତାନା ଓ ତାର ଅନୁଚରମାନଙ୍କୁ ନିମନ୍ତ୍ରଣ କରାଗଲା । ନିମନ୍ତ୍ରଣ ଗ୍ରହଣ କରି ସୁଲ୍‌ତାନା ସଦଳବଳେ ଆସି ଉତ୍ସବରେ ଯୋଗଦେଲା; କିନ୍ତୁ ଉତ୍ସବ ଆରମ୍ଭ ହେବାର ଠିକ୍ ପୂର୍ବରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ସାମାନ୍ୟ ପରିବର୍ତ୍ତନ କରି ପ୍ରଥମେ ଭୋଜି ଓ ପରେ ନାଚଗୀତ କରାଇବା ପାଇଁ ଠିକାଦାରଙ୍କୁ ସେ ରାଜି କରାଇ ଦେଲା । ପେଟପୂରି ଖାଇବା ପରେ ତା ଲୋକେ ନାଚ ଗୀତ ଅଧିକ ଉପଭୋଗ କରିବେ ବୋଲି ସୁଲ୍‌ତାନା କହିଲା । ତା ଅନୁରୋଧକୁ ମର୍ଯ୍ୟାଦା ଦେଖାଇ ଠିକାଦାର ତାହା ହିଁ କରିବାପାଇଁ ରାଜିହେଲେ ।

ଫ୍ରେଡ୍ଙ୍କ ପ୍ରରୋଚନାରେ ଠିକାଦାର ତାକୁ ନିମନ୍ତ୍ରଣ କରିଛନ୍ତି ବୋଲି ସୁଲ୍‌ତାନା ଭଲଭାବେ ଜାଣିଥାଏ । ଗୁପ୍ତଚରଙ୍କଦ୍ୱାରା ପୋଲିସ ପକ୍ଷର ଭିତରି ଖବର ସବୁ ସେ ଅତି ସହଜରେ ଜାଣିପାରେ । ପୋଲିସ ଫୌଜ ଓ ଡକାୟତ ଦଳ—ଖର୍ଚ୍ଚ କରିବା ପାଇଁ ପ୍ରତ୍ୟେକ ପାଖରେ ଅପରିମିତ ଅର୍ଥ । ପାଶ୍ଚାତ୍ୟ ଦେଶମାନଙ୍କ ପରି ପ୍ରାଚ୍ୟରେ ମଧ୍ୟ ଅର୍ଥଲୋଭ ଦେଖାଇ ଗୁପ୍ତ ତଥ୍ୟମାନ ହାସଲ କରିବା ସହଜ । ଡକାୟତ ଦଳ ଓ ପୋଲିସ ଫୌଜ ମଧ୍ୟରେ ଚାଲୁଥିବା ଛକା-ପଞ୍ଝାର ପ୍ରଥମ ପଦକ୍ଷେପ ହେଲା ଯେ ଦୁହେଁ ନିଜ ନିଜ ଚର ସଂସ୍ଥାକୁ ବଳିଷ୍ଠ କରି ଗଢ଼ିବେ । ଏଥିରେ କିନ୍ତୁ ଫ୍ରେଡ୍ଙ୍କ ଅପେକ୍ଷା ସୁଲ୍‌ତାନା ଅଧିକ ସୁବିଧା ପାଏ । ଗୁପ୍ତ ସମ୍ବାଦ ବିନିମୟରେ ଦୁହେଁ ନିଜର ଚରମାନଙ୍କୁ ଅଜସ୍ର ଅର୍ଥ ଦିଅନ୍ତି; କିନ୍ତୁ ଡକାୟତମାନେ ଯେପରି ଜୁଲମ ଜବରଦସ୍ତ ଦ୍ୱାରା ସାହାଯ୍ୟ ଆଦାୟ କରନ୍ତି, ପୋଲିସ ପକ୍ଷ ତାହା କରିପାରେ ନାହିଁ । ପୋଲିସଙ୍କୁ କେହି ସାହାଯ୍ୟ ନ କଲେ ତା ବିରୁଦ୍ଧରେ କିଛି କରାଯାଏ ନାହିଁ । ଡକାୟତଙ୍କ ଉପରେ କିନ୍ତୁ ଆଇନ କାନୁନ୍‌ର ବାଧାବନ୍ଧନ ନ ଥାଏ । ସୁଲ୍‌ତାନାକୁ ସାହାଯ୍ୟ ନ କଲେ, କୌଣସି ତଥ୍ୟ ତା'ଠାରୁ ଗୋପନ ରଖିଲେ ବା ତା ସମ୍ବନ୍ଧରେ ପୋଲିସ୍‌କୁ ସନ୍ଧାନ ଦେଲେ ସମ୍ପୃକ୍ତ ବ୍ୟକ୍ତି ବିରୁଦ୍ଧରେ ସେ କଠୋର ଶାସ୍ତି ବିଧାନ କରେ । ଫଳରେ ସୁଲ୍‌ତାନା ବିରୁଦ୍ଧରେ ଯିବାକୁ କେହି ସହଜରେ ସାହସ କରନ୍ତି ନାହିଁ ।

Digitized by srujanika@gmail.com

ସୁଲ୍‌ତାନା କେବଳ ଜୋର୍ ଜବରଦସ୍ତି କରି ଲୋକଙ୍କଠାରୁ ସାହାଯ୍ୟ ଆଦାୟ କରୁଥିଲା ବୋଲି ଭାବିବା ଭୁଲ । ଗରିବଙ୍କ ପାଇଁ ତା ଅନ୍ତରରେ ଗଭୀର ଅନୁକମ୍ପା ଭରି ରହିଥିଲା । ଗରିବଙ୍କଠାରୁ ସେ ପଇସାଟିଏ କେବେ ଲୁଟି ନାହିଁ । ଅଭାବଗ୍ରସ୍ତ କେହି ତା'ଠାରୁ ସାହାଯ୍ୟ ମାଗି ଖାଲି ହାତରେ କେବେ ଫେରିନାହିଁ । ଶ୍ରେଷ୍ଠ ଶ୍ରେଷ୍ଠ ଦୋକାନମାନଙ୍କଠାରୁ ଜିନିଷ ନେଇ ସେ ଦୁଇଗୁଣ ଦାମ୍ ଦିଏ । ତାର ବଦାନ୍ୟତାର ପ୍ରତିଦାନରେ ଶହ ଶହ ଲୋକ ଲାଭର ଆଶା ନ ରଖି ସ୍ୱେଚ୍ଛାରେ ତାକୁ ସାହାଯ୍ୟ କରନ୍ତି । ସେମାନଙ୍କ ସାହାଯ୍ୟରେ ସୁଲ୍‌ତାନା ପୋଲିସଙ୍କ ପକ୍ଷର ଗୁପ୍ତ ତଥ୍ୟମାନ ଅକ୍ଳେଶରେ ଜାଣିପାରେ ଓ ପୋଲିସର ଗତିବିଧି ଉପରେ ସହଜରେ ନଜର ରଖେ । ଠିକାଦାରଙ୍କ ନିମନ୍ତ୍ରଣ ଗ୍ରହଣ କଲାବେଳେ ସେ ଭଲଭାବେ ଜାଣିଥାଏ ଯେ ଫ୍ରେଡ୍‌ଙ୍କ ପ୍ରରୋଚନାରେ ତାକୁ ଡକାଯାଇଛି ।

ଏଣେ ଉତ୍ସବ ପାଇଁ ବିରାଟ ଆୟୋଜନ ହୋଇଥାଏ । ଠିକାଦାର ଧନୀଲୋକ । ରାମନଗର ଓ କାଶୀପୁରରୁ ତାଙ୍କର ଅନେକ ବନ୍ଧୁ ନିମନ୍ତ୍ରିତ ହୋଇଥାଆନ୍ତି । ନାମଜାଦା ନାଚବାଲି ଓ ବଡ଼ ବଡ଼ ବାଜଣାଦାରମାନେ ଆସିଥାଆନ୍ତି । ଭୋଜିର ସାମଗ୍ରୀମାନ ବଳଦଗାଡ଼ିରେ ବୁହା ଲାଗିଥାଏ । ବିଶେଷ କରି ଡକାୟତଙ୍କ ପାଇଁ ଯଥେଷ୍ଟ "ପାନୀୟ"ର ମଧ୍ୟ ବନ୍ଦୋବସ୍ତ ହୋଇଥାଏ ।

ସୁଲ୍‌ତାନାର ଅଧୋଗତି ଘଟାଇବା ପାଇଁ ଆୟୋଜନ ସମ୍ପୂର୍ଣ୍ଣ ହେବା ପରେ ଭୋଜି ଠିକ୍ ସମୟରେ ଆରମ୍ଭ ହେଲା । ବିଭିନ୍ନ ଜାତିର ଲୋକେ ଭିନ୍ନ ଭିନ୍ନ ପଙ୍‌କ୍ତିରେ ବସି ଖାଉଥାଆନ୍ତି । ଚୁଲିନିଆଁ ଓ ଅଳ୍ପ କେତୋଟି ଲଣ୍ଠନର ଅସ୍ପଷ୍ଟ ଆଲୁଅରେ ଭୋକ୍ତାମାନେ ପରସ୍ପରକୁ ସ୍ପଷ୍ଟ ଭାବେ ଦେଖିପାରୁ ନଥାନ୍ତି । ସେମାନଙ୍କ ମେଳରେ ସୁଲ୍‌ତାନା ଓ ତାର ଡକାୟତମାନେ ଥିବା କଥା ଅନ୍ୟ ଅତିଥିମାନଙ୍କୁ ଜଣା ନଥିଲା । ସେମାନେ ଆନନ୍ଦରେ ଭୁରିଭୋଜନ କରୁଥିବାବେଳେ ସୁଲ୍‌ତାନାର ଲୋକେ ଜଗି ରହି ଖାଉଥାଆନ୍ତି । ଭୋଜି ସରିବା ମାତ୍ରେ ଠିକାଦାରଙ୍କୁ ଗୋଟିଏ ପାଖକୁ ଡାକି ସୁଲ୍‌ତାନା ଧନ୍ୟବାଦ ଜଣାଇ କହିଲା ଯେ ସେମାନଙ୍କୁ ଦୂରବାଟ ଯିବାକୁ ପଡ଼ିବ । ନାଚ ଦେଖିବାକୁ ନ ରହି ସେମାନେ ସଙ୍ଗେ ସଙ୍ଗେ ବାହାରି ଯିବେ । ଯିବା ପୂର୍ବରୁ ଠିକାଦାରଙ୍କୁ ସେ ଅନୁରୋଧ କରିଗଲା ଯେ ନାଚଗୀତର କାର୍ଯ୍ୟକ୍ରମ ଯେପରି ଅବ୍ୟାହତ ରହେ । ସୁଲ୍‌ତାନାର ଅନୁରୋଧ ଉପେକ୍ଷା କରିବାକୁ ସାହସ କାହାର ଅଛି । ଭୋଜି ପରେ ନାଚଗୀତ ଆରମ୍ଭ ହେବା ବେଳକୁ ସୁଲ୍‌ତାନା ତା ଦଳ ସହିତ ଜଙ୍ଗଲର ଅନ୍ଧାର ଭିତରେ କୁଆଡ଼େ ମିଳାଇ ଗଲାଣି ।

ନାଚ ସହିତ ସଙ୍ଗତ କରିବାର ବିବିଧ ବାଦ୍ୟଯନ୍ତ୍ର ମଧ୍ୟରୁ ମୃଦଙ୍ଗ ପ୍ରଧାନ । ମୃଦଙ୍ଗ ବାଜି ଉଠିବା ମାତ୍ରେ ସୁଲ୍‌ତାନାକୁ ସଦଳବଳେ ଘେରାଉ କରିବାପାଇଁ ଫୌଜ ନେଇ ଫ୍ରେଡ୍ ଜଙ୍ଗଲରେ ଜଗିଥାଆନ୍ତି । ଡକାୟତଙ୍କ ପଳାୟନପଥ ଅବରୋଧ କରିବାପାଇଁ ଜଣେ ଜଙ୍ଗଲରକ୍ଷୀଙ୍କ ନେତୃତ୍ୱରେ ଦଳେ ସିପାହିଙ୍କୁ ଆଗରୁ ପଠାଯାଇଥିଲା । ଏହି ଦଳଟି ବାଟ ଭୁଲି ଗଭୀର ଜଙ୍ଗଲରେ ଭୁଆଁ ବୁଲିଲେ । ଜଙ୍ଗଲରକ୍ଷୀ ଚତୁର ଲୋକ । ସୁଲ୍‌ତାନା

Digitized by srujanika@gmail.com

ସହିତ ତାକୁ ଜଙ୍ଗଲରେ ଏକାକୀ ରହିବାକୁ ପଡ଼ିବ—ବାଟବଣା ହେବା ପୂର୍ବରୁ ଏ କଥା ସେ ନିଶ୍ଚୟ ବିଗ୍ଭର କରିଥିବେ । ଏତେ କଷ୍ଟ କରି ହଜିବାର ପ୍ରହସନ କରିବା କଣ୍ଠ ବିଶେଷ ଦରକାର ନ ଥିଲା । ଉଧ୍ବରର କାର୍ଯ୍ୟନିର୍ଘଣ୍ଟରେ ସାମାନ୍ୟ ପରିବର୍ତ୍ତନ କରାଇ ପୋଲିସ ସଙ୍କେତ ପାଇବା ପୂର୍ବରୁ ଖସି ପଳାଇବା ପାଇଁ ସୁଲ୍‌ତାନା ଯଥେଷ୍ଟ ସୁଯୋଗ ଓ ସମୟ ପାଇଥାନ୍ତା । ପୋଲିସ ଫୌଜ ଦୁର୍ଗମ ଜଙ୍ଗଲରେ ଅତି କଷ୍ଟରେ ଅଗ୍ରସର ହୋଇ ଠିକାଦାରଙ୍କ ଡେରା ଘେରାଉ କରିବା ପରେ କେବଳ କେତେଜଣ ନାଚବାଲୀ, ବାଜଣାଦାର ଓ ଠିକାଦାରଙ୍କ ବନ୍ଧୁମାନଙ୍କୁ ସେଠାରେ ଭୀତତ୍ରସ୍ତ ଅବସ୍ଥାରେ ଦେଖିବାକୁ ପାଇଲେ ।

ରାମନଗର ଜଙ୍ଗଲରୁ ଖସି ପଳାଇବା ପରେ ସୁଲ୍‌ତାନା ପଞ୍ଜାବ ଉପରେ ଅଭିଯାନ ଚଳାଇଲା । ପଞ୍ଜାବରେ ଛପିବା ଭଳି ଜଙ୍ଗଲ ନ ଥିବାରୁ ସେଠାରେ ସେ ବେଶିଦିନ ରହିଲା ନାହିଁ । ଅଳ୍ପକାଳର ରହଣି ଭିତରେ ଲକ୍ଷେ ଟଙ୍କାର ସୁନାଗହଣା ଲୁଟ୍ କରି ସେ ଉତ୍ତର ପ୍ରଦେଶର ଘଞ୍ଚ ଜଙ୍ଗଲ ଆଡ଼େ ମୁହାଁଇଲା । ଫେରିବା ବାଟରେ ଗଙ୍ଗାନଦୀର ଗୋଟିଏ କେନାଲ; ସେଥିରେ ପ୍ରତି ଗ୍ଭରି ମାଇଲରେ ଗୋଟିଏ କରି ପୋଲ । ସୁଲ୍‌ତାନାର ଗତିବିଧି ପୋଲିସକୁ ଜଣାଥିବାରୁ ପୋଲ ଉପରେ କଡ଼ା ପହରା ଥିବାର ସମ୍ଭାବନା । ଗୋଟିଏ ପୋଲରେ ପହରା ବ୍ୟବସ୍ଥା ନାହିଁ ବୋଲି ଚରଙ୍କଠାରୁ ଜାଣି ସୁଲ୍‌ତାନା ବାଟଭାଙ୍ଗି ସେହିଆଡ଼େ ଗ୍ଭଲିଲା । ବାଟରେ ଗୋଟିଏ ବଡ଼ ଗାଁରେ ବାଜା ବାଜିବା ଶୁଣି ସେ ପଗ୍ଭରି ବୁଝିଲା ଯେ ଜଣେ ଧନବାନ ଲୋକଙ୍କ ପୁଅର ସେଦିନ ବିଭାଘର । ବିବାହ ମଣ୍ଡପକୁ ତାକୁ ନେଇଯିବା ପାଇଁ ସୁଲ୍‌ତାନା ବାଟ କଢ଼ାଳିଆଙ୍କୁ ଆଦେଶ ଦେଲା ।

ଗାଁ ଦାଣ୍ଡରେ ଗୋଟିଏ ଖୋଲା ଜାଗାରେ ବରଯାତ୍ରୀ, କନ୍ୟାପକ୍ଷ ଓ ପ୍ରାୟ ହଜାରେ ନିମନ୍ତ୍ରିତ ଅତିଥି ରୁଣ୍ଡ ହୋଇଥାଆନ୍ତି । ଆଲୁଅ ମଶାଲରେ ଚଉହଦୀ ଝଲସୁଥାଏ । ସୁଲ୍‌ତାନା ସଦଳବଳେ ସେଠାରେ ପହଞ୍ଚିଯିବା ମାତ୍ରେ ଗ୍ଭରିଆଡ଼େ ହୋହଲା ପଡ଼ିଗଲା । ସମସ୍ତଙ୍କୁ ବସିବାକୁ କହି ସୁଲ୍‌ତାନା ସହଜ ସ୍ୱରରେ ଜଣାଇ ଦେଲା ଯେ ତା କଥା ଅନୁସାରେ କାମକଲେ କାହାର କିଛି ଅନିଷ୍ଟ ହେବନାହିଁ । ତାପରେ ବରପିତା ଓ ଗାଁ ମୁଖିଆଙ୍କୁ ଡକାଇ ସେ କହିଲା ଯେ ଏହି ଶୁଭ ଦିନଟି ଉପହାର ଆଦାନ ପ୍ରଦାନ ପାଇଁ ପ୍ରକୃଷ୍ଟ ସମୟ । ମୁଖିଆଙ୍କ ନୂଆ ବନ୍ଧୁକଟି ସେ ନିଜପାଇଁ ଗ୍ଭହେଁ । ତାର ଅନୁଚରମାନେ ମାତ୍ର ଦଶ ହଜାରଟି ଟଙ୍କା ପାଇଗଲେ ସନ୍ତୁଷ୍ଟ ହେବେ । ବନ୍ଧୁକ ଓ ଟଙ୍କା ପଇଠ ହେବାକୁ ଡେରି ହେଲନାହିଁ । ସେତିକ ନେଇ ସମବେତ ଜନତାକୁ ଶୁଭେଚ୍ଛା ଜଣାଇ ସୁଲ୍‌ତାନା ତା ଦଳ ସହିତ ଗାଁରୁ ବାହାରିଗଲା । ପରଦିନ ସେ ଜାଣିଲା ଯେ ଦଳର ଜଣେ ଉପନେତା 'ପହିଲବାନ' ବାହାବେଦିରୁ କନ୍ୟାକୁ ଉଠାଇ ଆଣିଛି । ସ୍ତ୍ରୀଲୋକଙ୍କୁ ଅବମାନିତ କରିବା ସୁଲ୍‌ତାନାର ନୀତି ବିରୁଦ୍ଧ । 'ପହିଲବାନ' ପ୍ରତି କଠୋର ଶାସ୍ତି ବିଧାନ ହେଲା । ଉପଯୁକ୍ତ ଉପଢୌକନ ସହ କନ୍ୟାକୁ ସସମ୍ମାନେ ଫେରାଇ ପଠାଗଲା ।

ମଇିପାଲର ଗୋଡ଼ କଟିବା ଘଟଣା ପରଠାରୁ କିଛିଦିନ ଯାଏ ସୁଲ୍‌ତାନା ଅମ

Digitized by srujanika@gmail.com

ଏଠାକାର ଜଙ୍ଗଲରେ ଥିଲା । ଗୋଟିଏ ଜାଗାରେ ବେଶି ଦିନ ନ ଅଟକି ସେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରେ । ତା ଛାଉଣୀ ଉଠିଯିବା ପରେ ଜଙ୍ଗଲରେ ସେହି ସ୍ଥାନଗୁଡ଼ିକୁ ମୁଁ ବରାବର ଦେଖିବାକୁ ପାଉଥାଏ । ଏହି ସମୟରେ ଥରେ ମୋର ଗୋଟିଏ ବିଚିତ୍ର ଅନୁଭୂତି ହୋଇଥିଲା । ଆମ ଘରଠାରୁ ପାଞ୍ଚ ମାଇଲ ଦୂର ଜଙ୍ଗଲର ଜାଗାଏ ପୋଡ଼ା ପଡ଼ା ହୋଇ ଯାଇଥିଲା । ଦିନେ ସନ୍ଧ୍ୟାବେଳେ ସେଠାରେ ଚିତାବାଘଟିଏ ମାରିଲି ଓ ଲୋକ ଆଣି ତାକୁ ବୋହିନେବାକୁ ସମୟ ନ ଥିବାରୁ ନିଜେ ଗୁଳି ଉତାରି ନେଇ ଫେରିଆସିଲି । ଘରେ ପହଞ୍ଚି ଦେଖେ ଯେ ମୋର ଅତିପ୍ରିୟ ଶିକାର ଛୁରୀଟି ସେଠାରେ ଛାଡ଼ିଆସିଛି । ପରଦିନ ପାହାନ୍ତାରୁ ଛୁରୀ ଆଣିବାକୁ ଗଲି । ପୋଡ଼ା ପଡ଼ାରେ ପହଞ୍ଚିବା ପୂର୍ବରୁ ସେଠାରୁ ଅଳ୍ପ ଦୂରରେ ଜାଗାଏ ନିଆଁ ଜଳୁଥିବାର କ୍ଷୀଣ ଆଭାସ ମିଳିଲା । ସୁଲ୍‌ତାନା ସେହି ବଣରେ ଅଛି ବୋଲି କେତେଦିନ ଧରି ଶୁଣାଯାଉଥିଲା । ହଠାତ୍ ଗୋଟାଏ ଖିଆଲରେ ଏ ବ୍ୟାପାର ତଦନ୍ତ କରିବାକୁ ସ୍ଥିର କଲି । କାକରଭିଜା ଘାସପତ୍ର ଉପରେ ନିଃଶବ୍ଦରେ ଆଗେଇ ହେଲି । ଗଛପତ୍ର ଆଢ଼ୁଆଳରେ ଲୁଚି ଛପି ପାଖକୁ ଯାଇ ଦେଖିଲି ଯେ ଗୋଟିଏ ଅଗ୍ନିର ଟୋପରେ ନିଆଁ ଜାଳି କୋଡ଼ିଏ ପଚିଶ ଜଣ ଲୋକ ତାକୁ ଘେରି ବସିଛନ୍ତି । ପାଖରେ ତାଙ୍କ ବନ୍ଧୁକଗୁଡ଼ିକ ଗଛକୁ ଡେରାହୋଇଛି, ବନ୍ଧୁକନଳୀଗୁଡ଼ିକ ନିଆଁ ଝଟକରେ ଚକମକ କରୁଛି । ସୁଲତାନାକୁ ପୂର୍ବରୁ ଦେଖି ନ ଥିଲେ ମଧ୍ୟ ଶୁଣିଥିଲି ଯେ ସେ ଯୁବକ, କ୍ଷୁଦ୍ରକାୟ ଓ ସାମରିକ ଲୋକଙ୍କ ପରି ଖାକି ପୋଷାକ ପିନ୍ଧେ । ସମବେତ ଲୋକଙ୍କ ଭିତରେ ସେପରି କେହି ନ'ଥିଲେ ସୁଦ୍ଧା ମୋର ଦୃଢ଼ ଧାରଣା ହେଲା ଯେ ସେମାନେ ସୁଲତାନା ଦଳର ଲୋକ । ସେପରି ପରିସ୍ଥିତିରେ ମୁଁ କରେ ବା କ'ଣ ? ପୋଲିସ ସାହାଯ୍ୟ ନେବାର ପ୍ରଶ୍ନ ନାହିଁ । କାଲାଢୁଙ୍ଗୀ ଫାଣ୍ଡିର ବୁଢ଼ା ହେଡ଼ କନେଷ୍ଟବଲ ଓ ଦୁଇଜଣ ବୟସ୍କ ସିପାହିଙ୍କଠାରୁ କ'ଣ ବା ସାହାଯ୍ୟ ମିଳିବ ? ହଲଦ୍ୱାନୀରେ ପୋଲିସ ଫୌଜ ଅଛି ସତ—କିନ୍ତୁ ହଲଦ୍ୱାନୀ ସେଠାରୁ ପନ୍ଦର ମାଇଲ ଦୂର ।

କ'ଣ କରିବ ଭାବୁଛି, ଏତିକିବେଳେ ଦଳ ଭିତରୁ ଜଣେ କହିଲା ଯେ ତାଙ୍କର ଯିବା ସମୟ ହେଲାଣି । ମୁଁ ବଡ଼ ଅଡ଼ୁଆରେ ପଡ଼ିଗଲି । ସେମାନଙ୍କ ଅଗୋଚରରେ ସେଠାରୁ ଖସିଯିବା ଆଉ ସମ୍ଭବ ନଥିଲା । ଦ୍ରୁତ ବେଗରେ ତାଙ୍କ ମେଳରେ ପଶିଯାଇ ବନ୍ଧୁକ ପାଖକୁ ଯିବାର ବାଟ ଓଗାଳି ଦେଲି ଓ ଗୋଟିଏ ଢିପ ଉପରେ ଛିଡ଼ା ହୋଇ ସେମାନେ ଏଠାରେ କ'ଣ କରୁଛନ୍ତି ବୋଲି ଦୃଢ଼ ସ୍ୱରରେ କୈଫିୟତ ମାଗିଲି । ଲୋକଗୁଡ଼ିକ କିଛି ନ ବୁଝିଲା ପରି ବଲବଲ କରି ମୋତେ ଅନାଇ ରହିଲେ । ଶେଷରେ ଜଣେ ପ୍ରକୃତିସ୍ଥ ହୋଇ କହିଲା, "ଆମେ ତ କିଛି କରୁନାହୁଁ !" କିଛି ସମୟ ପଚରା ଉଚରା କରି ବୁଝିଲି ଯେ ସେମାନେ ଅଙ୍ଗାର ବେପାରୀ । କାଠ ଜାଳି ଅଙ୍ଗାର କରିବା ତାଙ୍କ କାମ । ବରେଲିରୁ ବାହାରି ଏ ବାଟେ ଯାଉ ଯାଉ ଜଙ୍ଗଲରେ ବାଟବଣା ହୋଇଥିଲେ । ରାତି ପାହିଲେ ସେମାନେ ବାଟ ଧରିବେ । ପଛକୁ ଅନାଇ ଦେଖିଲି ଯେ କୁରାଢ଼ି କେତୋଟି ଗଛ ଗଣ୍ଡିକୁ ଆଉଜା ହୋଇଛି ଓ ଚକଚକ ବେଣ୍ଟଗୁଡ଼ିକ ନିଆଁ ଆଲୁଅରେ ବନ୍ଧୁକନଳୀ ପରି ଝକ୍

Digitized by srujanika@gmail.com

ଚକ୍ କରୁଛି । ନିଜର ଉତ୍କଟ କଳ୍ପନା ହିଁ ମୋତେ ଏ ହାସ୍ୟାସ୍ପଦ ଅବସ୍ଥାରେ ପକାଇଛି ଜାଣି ଲଜ୍ଜିତ ହେଲି । କଥାଟା ସୁଧାରିବା ପାଇଁ ସେମାନଙ୍କ ସଙ୍ଗରେ ବସି ନିଆଁ ପୋଉଁଲି । ମୋ ସିଗାରେଟ୍‌ଗୁଡ଼ିକ ସମସ୍ତଙ୍କ ଭିତରେ ବଣ୍ଟାହେଲା । ଏଣୁ ତେଣୁ କଥାବାର୍ତ୍ତା ହେଉ ହେଉ ରାତିଆଡ଼ ଫର୍ଚ୍ଚା ହୋଇ ଆସିଲା । ସେମାନଙ୍କୁ ବାଟ ଦେଖାଇ ଦେଇ ଲୁଗା ନେଇ ଘରକୁ ଫେରିଲି ।

ଦୀର୍ଘ ସମୟ ଧରି ଚୁଇ ରହିଥିବା ଆବେଗ ଉତ୍ତେଜନା କେତେ ବିଚିତ୍ର ଭ୍ରାନ୍ତି ସୃଷ୍ଟି ନ କରେ ! ଥରେ ଗୋଟିଏ ମଲା ସମ୍ବର ପାଖରେ ଭୂଇଁରେ ବସି ବାଘ ପାଇଁ ଅପେକ୍ଷା କରିଥାଏଁ । ମନେହେଲା ଯେପରି ବାଘ ଆସୁଛି—ଆସୁଛି—ଅନ୍ଧାର ପାଖକୁ ଆସୁଛି । ଶବ୍ଦର ବିରତି ନାହିଁ—କିନ୍ତୁ ବାଘର ଦର୍ଶନ ନାହିଁ । ଉତ୍କଣ୍ଠା କ୍ରମେ ଅସହ୍ୟ ହୋଇ ଉଠିଲା । ବନ୍ଧୁକ ଘୋଡ଼ାରେ ଟିପ ରଖି ବୁଲି ପଡ଼ି ଦେଖିଲି ଯେ, ମୋ କାନ ପାଖରେ ସଁବାଳୁଆଟାଏ କରଡ଼ା ପତ୍ର ମସ୍‌ମସ୍ ଚୋବାଇ ଖାଉଛି । ଆଉ ଦିନେ ମଉଳା ସନ୍ଧ୍ୟାବେଳେ ଶିକାର ପାଖରେ ବାଘ ପାଇଁ ଜଗି ବସିଥିବା ଅବସ୍ଥାରେ ଦୃଷ୍ଟି କ୍ଷେତ୍ରର ଗୋଟିଏ କୋଣରୁ ବଡ଼ ଜନ୍ତୁଟିଏ ଧୀରେ ଧୀରେ ଆଗେଇ ଆସିବା ପରି ମନେହେଲା । ରାଇଫଲ୍‌କୁ ଶକ୍ତ ଭାବେ ମୁଠାଇ ଧରି ଗୁଳି ଚଳାଇବାକୁ ଯାଇ ଦେଖେ ଯେ, ମୋ ମୁହଁଠାରୁ କେଇ ଇଞ୍ଚ ଛଡ଼ାରେ ଗୋଟିଏ ଶୁଖିଲା ଡାଙ୍ଗରେ ପିମ୍ପୁଡ଼ିଟିଏ ଆଗେଇ ଆସୁଛି । ସେଦିନ ସୁଲ୍‌ତାନା ବିଷୟ ମନରେ ଖେଳୁଥିବାରୁ ନିଆଁ ଝଲକରେ କୁରାଢ଼ି ବେଣ୍ଟ ବନ୍ଧୁକ ନଳୀପରି ମୋତେ ଦେଖାଗଲା । ଲୋକଗୁଡ଼ିକ ଅଙ୍ଗାର ବ୍ୟବସାୟୀ ବୋଲି ନ ଜାଣିବା ଯାଏଁ ଦେଖିବାରେ ନିଜର କିଛି ଭୁଲ ଥାଇପାରେ ବୋଲି ଲେଶମାତ୍ର ସନ୍ଦେହ କରି ନ ଥିଲି । କୁରାଢ଼ିଗୁଡ଼ିକୁ ବନ୍ଧୁକ ବୋଲି ଥରେ ଧାରଣାକରି ନେବା ପରେ ସେଗୁଡ଼ିକ ଆଉ ଥରେ ଭଲଭାବେ ଦେଖିବାର ଆବଶ୍ୟକତା ମଧ୍ୟ ମନକୁ ଛୁଇଁ ନ ଥିଲା ।

× × × ×

ଫ୍ରେଡ଼ଙ୍କ ଦକ୍ଷ ପରିଚାଳନା ଓ ଉନ୍ନତ ପରିବହନ ବ୍ୟବସ୍ଥା ଯୋଗୁଁ ସୁଲ୍‌ତାନା ଉପରେ ପୋଲିସ ଫୌଜର ଚାପ ବଢ଼ିବାକୁ ଲାଗିଲା । ତା ଦଳର କେତେଜଣ ସଦସ୍ୟ ପୋଲିସ ପାଖରେ ଧରା ପଡ଼ିଲେ । କେତେକ ଭୟରେ ଦଳ ଛାଡ଼ି ପଳାଇଲେ । ଅନୁଚରଙ୍କ ସଂଖ୍ୟା ଅନେକ କମିଯିବାରୁ ପୋଲିସ ତାଡ଼ନାରୁ ନିସ୍ତାର ପାଇବା ଆଶାରେ ସୁଲ୍‌ତାନା ଦଳର ଅବଶିଷ୍ଟ କେତେଜଣଙ୍କୁ ନେଇ ଜିଲ୍ଲାର ପୂର୍ବାନ୍ତ ପର୍ଯ୍ୟନ୍ତ ପଛେଇ ଗଲା ଓ ପିଲିଭିତ୍ ଠାରେ କେତେ ମାସ ଆସ୍ଥାନ ଜମାଇ ସୁଦୂର ଗୋରଖପୁର ପର୍ଯ୍ୟନ୍ତ ଲୁଟ୍‌ତରାଜ କରି ପାଣ୍ଠି ବଢ଼ାଇବାକୁ ଲାଗିଲା । ତା ପରେ ଏଠାକାର ଜଙ୍ଗଲକୁ ଫେରିଆସି ସେ ଖବର ପାଇଲା ଯେ ରାମପୁର ରାଜ୍ୟର ଜଣେ ନାଚବାଲୀ ଆମ ଗାଁରୁ ସାତ ମାଇଲ ଦୂର ଲମାଚୁର ଗାଁର ମୁଖିଆଙ୍କ ଘରେ ରହୁଛି । ନାଚବାଲୀ ହାତରେ ପ୍ରଚୁର ଧନ ଅଛି ବୋଲି ସୁଲ୍‌ତାନାକୁ ଜଣାଇ ଦିଆଯାଇଥିଲା । ଏଣେ ଡକାୟତଙ୍କ ଭୟରେ ମୁଖିଆ ଘର ଜଗିବା ପାଇଁ ତାଙ୍କର ତିରିଶ ଜଣ ପ୍ରଜାଙ୍କୁ ନିୟୋଗ କରିଥାନ୍ତି । ଜଗୁଆଳଙ୍କୁ ଅସ୍ତ୍ରଶସ୍ତ୍ର ଦିଆଯାଇ ନ ଥାଏ । ସୁଲ୍‌ତାନା ଦିନେ ରାତିରେ

Digitized by srujanika@gmail.com

ସଦଳବଳେ ଆସି ମୁଖିଆଙ୍କ ଘର ଘେରାଉ କଲା । ନାଚବାଲା ଆଗରୁ ସୁରକ୍ ପାଇ ତା ଟଙ୍କା ସୁନାଗଡ଼କ ଧରି ବାଡ଼ କବାଟ ବାଟେ ବାହାରି ଅନ୍ଧାରରେ କୁଆଡ଼େ ପଳାଇଗଲା । ଡକାୟତମାନେ ମୁଖିଆ ଓ ତାଙ୍କ ପ୍ରଜାଙ୍କୁ ଧରି ଆଣି ଅଗଣାରେ ଠୁଳ କଲେ । ନାଚବାଲା ବିଷୟରେ କେହି କିଛି ଜାଣନ୍ତି ନାହିଁ ବୋଲି କହିବାରୁ ସେମାନଙ୍କୁ ବାନ୍ଧି ବାଡ଼େଇବା ପାଇଁ ହୁକୁମ୍ ଦିଆଗଲା । ଜଣେ ପ୍ରଜା ଏହି ଆଦେଶ ବିରୁଦ୍ଧରେ ପ୍ରତିବାଦ କରି କହିଲା ଯେ ସୁଲ୍ତାନା ତାଙ୍କୁ ଯାହା କରିବ କରୁ କିନ୍ତୁ ମୁଖିଆଙ୍କୁ ମାଡ଼ ବା ଅପମାନ ଦେବାକୁ ତାର କୌଣସି ଅଧିକାର ନାହିଁ । ତାକୁ ଚୁପ୍ ରହିବାକୁ ଧମକ ଦିଆଗଲା । ଡକାୟତ ଜଣେ ମୁଖିଆଙ୍କୁ ବାନ୍ଧିବା ପାଇଁ ଦଉଡ଼ି ମୁଠାଏ ଧରି ଆଗେଇବା ମାତ୍ରେ ପ୍ରଜାଟି ଚୁଲିରୁ ବାଉଁଶ ଖଣ୍ଡେ ଉଡ଼ ଆଣି ତାକୁ ମାରିବାକୁ ଧାଇଁଗଲା । ଡକାୟତ ଜଣେ ସଙ୍ଗେ ସଙ୍ଗେ ଗୁଳି ଚଳାଇ ଦେଲା । ଗୁଡ଼ିରେ ଗୁଳି ଖାଇ ନିର୍ଭୀକ ପ୍ରଜାଟି ସେହିଠାରେ ଟଳି ପଡ଼ିଲା । ବନ୍ଧୁକ ଆବାଜ ଶୁଣି ଆଖପାଖ ଗାଁର ଲୋକେ କାଳେ ହାତ ହତିଆର ଧରି ଚାଲି ଆସିବେ ବୋଲି ଆଶଙ୍କା କରି ସୁଲ୍ତାନା ଦ୍ରୁତ ବେଗରେ ସେଠାରୁ ପଳାଇଗଲା । ଯିବାବେଳେ କିନ୍ତୁ ମୁଖିଆଙ୍କ ନୂଆ ଘୋଡ଼ାଟି ନେଇଯିବାକୁ ସେ ଭୁଲିଲା ନାହିଁ ।

ସାହସୀ ପ୍ରଜାଟିକୁ ଏପରି ନୃଶଂସ ଭାବେ ହତ୍ୟା କରାଯାଇଥିବାର ସମ୍ବାଦ ପରଦିନ ମୋ ପାଖରେ ପହଞ୍ଚିଲା । ମୃତ ବ୍ୟକ୍ତିର ପରିବାରରେ କିଏ ଅଛନ୍ତି ବୁଝିବା ପାଇଁ ମୁଁ ଲମାଚୁରକୁ ଲୋକ ପଠାଇଲି । ସେମାନଙ୍କ ଭରଣପୋଷଣ ପାଇଁ ପାଣ୍ଠି ସଂଗ୍ରହ କରିବା ଉଦ୍ଦେଶ୍ୟରେ ଆଉ ଜଣକ ହାତରେ ଚିଠି ଖଣ୍ଡେ ଦେଇ ଆଖପାଖ ଗାଁଗୁଡ଼ିକର ମୁଖିଆଙ୍କ ପାଖକୁ ପଠାଇଲି । ଗରିବଙ୍କ ହୃଦୟରେ ଦୟାର ଅଭାବ ନ ଥାଏ । ଗ୍ରାମବାସୀଙ୍କଠାରୁ ଯେତିକି ବଦାନ୍ୟତା ଆଶା କରିଥିଲି, ଠିକ୍ ସେହି ଅନୁପାତରେ ସାହାଯ୍ୟର ପ୍ରତିଶ୍ରୁତି ପାଇଲି । ଶେଷ ସୁଦ୍ଧା ପାଣ୍ଠି ସଂଗ୍ରହ କରିବା କିନ୍ତୁ ଦରକାର ପଡ଼ିଲା ନାହିଁ । ମୃତ ପ୍ରଜାଟି କୋଡ଼ିଏ ବର୍ଷ ତଳେ ନେପାଳରୁ ଆସି ଏକାକୀ ଏଠାରେ ବସବାସ କରି ରହୁଥିଲା । ଏଠାରେ ବା ନେପାଳରେ ତା ସ୍ତ୍ରୀ ପିଲା ବା ପରିବାର ଥିବା ସମ୍ବନ୍ଧରେ କେହି ସଠିକ୍ ତଥ୍ୟ ଯୋଗାଇ ପାରିଲେ ନାହିଁ । ପର ପାଇଁ ଅକାତରରେ ପ୍ରାଣ ଦେଇଥିବା ଏହି ଅଜ୍ଞାତ ବୀରକୁ ତାର ଚରମ ତ୍ୟାଗ ପାଇଁ ଶେଷ ପର୍ଯ୍ୟନ୍ତ କୌଣସି ପ୍ରତିଦାନ ଦିଆଯାଇ ପାରିଲା ନାହିଁ ।

ଏହି ମର୍ମନ୍ତୁଦ ଘଟଣା ପରେ ସୁଲ୍ତାନା ବିରୁଦ୍ଧରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଫ୍ରେଡ଼ିଙ୍କ ନିମନ୍ତ୍ରଣ ମୁଁ ଗ୍ରହଣ କଲି ଓ ମାସେ ପରେ ସଦର ମହକୁମା ହରଦ୍ୱାରରେ ପହଞ୍ଚି ତାଙ୍କ ସହିତ ଯୋଗ ଦେଲି । ଫ୍ରେଡ଼ିଙ୍କୁ ସାହାଯ୍ୟ କରିବା ପାଇଁ ଉଇଣ୍ଡ୍ହାମ୍ ତାଙ୍କ ତରଫରୁ ଧୁରନ୍ଧର ଆଦିବାସୀ ଶିକାରି ଚାରି ଜଣ ପଠାଇଥାନ୍ତି । ଉଇଣ୍ଡ୍ହାମ୍ ଅଠର ବର୍ଷକାଳ ମିର୍ଜାପୁରର ଜିଲ୍ଲାଧୀଶ ଥିବାବେଳେ ବାଘ ମାରିବା ପାଇଁ ବାଛି ବାଛି ଦଶ ଜଣ କୋଲ୍ହ ଓ ଦଶ ଜଣ ଭୂୟାଁ ଶିକାରୀ ନିଯୁକ୍ତ କରିଥିଲେ । ସେମାନଙ୍କ ଭିତରୁ ବଛା ହୋଇ ଆସିଥିବା ଏହି ଶିକାରୀ ଚାରିଜଣଙ୍କ ସହିତ ପୂର୍ବରୁ ମୋର ବନ୍ଧୁତା ଥିଲା । ହରଦ୍ୱାରରେ ସେମାନେ ମୋତେ

Digitized by srujanika@gmail.com

ଅପେକ୍ଷା କରିଥିଲେ । ଆମ ପାଞ୍ଚ ଜଣଙ୍କ ପାଇଁ ଫ୍ରେଡି ଗୋଟିଏ କାର୍ଯ୍ୟପନ୍ଥା ସ୍ଥିର କରିଥାନ୍ତି । ସୁଲ୍ତାନାର ଗତିବିଧି ଯେତେବେଳେ ଅତି ଚଞ୍ଚଳ ହୋଇ ଉଠିଥାଏ । କୌଣସିଠାରେ ସେ ଦିନକରୁ ବେଶି ରହୁ ନ ଥାଏ । ସ୍ୱଭାବଗତ ଅସ୍ଥିରତା ଯୋଗୁଁ କିମ୍ବା ଫ୍ରେଡିଙ୍କ ପରିକଳ୍ପନାର କିଛି ପୂର୍ବାଭାସ ପାଇ ଥିବାରୁ ସେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରି ଦ୍ରୁତ ଗତିରେ ଦୀର୍ଘ ପଥ ଅତିକ୍ରମ କରୁଥାଏ । ଫ୍ରେଡିଙ୍କ ଉଦ୍ଦେଶ୍ୟ ଥାଏ ଯେ ଶିକାରୀ ଚାରିଜଣଙ୍କ ସହିତ ମୁଁ ଜଙ୍ଗଲରେ ସୁଲ୍ତାନାକୁ ଅନୁସରଣ କରି ତା ଛାଉଣୀ ପ୍ରଥମେ ଠାବ କରିବ ଓ ଆକ୍ରମଣ ଚଳାଇବା ପାଇଁ ସୁବିଧା ଜାଗା ବାଛି ପୋଲିସ ଫୌଜକୁ ବାଟ କଢ଼ାଇ ସେଠାକୁ ନେଇଯିବ ।

ହରଦ୍ୱାରରେ ଭାରି ଗରମ ପଡ଼ୁଥାଏ । କିଛିଦିନ ନିଷ୍କ୍ରିୟ ହୋଇ ସେଠାରେ ବସି ରହିବା ପରେ ବିରକ୍ତ ଲାଗିଲା । ଶିକାରୀ ଚାରିଜଣଙ୍କ ସହିତ ପରାମର୍ଶ କରି ମୁଁ ଆଉ ଗୋଟିଏ ଉପାୟ ପାଇଲି । ଦିନେ ରାତିରେ ଖିଆପିଆ ସାରି ଫ୍ରେଡି ଓ ମୁଁ ବାରଣ୍ଡାରେ ଥଣ୍ଡା ଜାଗାଟିଏ ଦେଖି ଆରାମରେ ବସିଥିଲୁ । ଆମ କଥାକୁ କାନ ପାରିବା ପାଇଁ ପାଖରେ କେହି ନ ଥିଲେ । ସେହି ସୁଯୋଗରେ ପ୍ରସ୍ତାବଟି ଫ୍ରେଡିଙ୍କ ଆଗରେ ପ୍ରକାଶ କଲି । ଯୋଜନାଟି ଅତି ସରଳ । ଚାରିଆଡ଼େ ସ୍ୱାଭାବିକ ଭାବେ ପ୍ରଚାର କରାଯିବ ଯେ ଉଇଣ୍ଡ୍ହାମ୍ ବାଘ ଶିକାରକୁ ମୋତେ ନିମନ୍ତ୍ରଣ କରିଛନ୍ତି ଓ ତାଙ୍କ ଶିକାରୀମାନଙ୍କୁ ମଧ୍ୟ ଡକାଇଛନ୍ତି । ହଲଦ୍ୱାନୀକୁ ପାଞ୍ଚଖଣ୍ଡ ରେଲ ଟିକଟ ପ୍ରକାଶ୍ୟରେ କଣାଯିବ । ଆମେ ପାଞ୍ଚ ଜଣ ନିଜ ବନ୍ଧୁକ ନେଇ ବାହାରିବୁ ଓ ରାତିରେ ଫ୍ରେଡି ଆମକୁ ହରଦ୍ୱାର ଷ୍ଟେସନରେ ହଲଦ୍ୱାନି ଗାଡ଼ିରେ ବସାଇ ଦେବେ । ଅଧ ବାଟରେ ଗାଡ଼ିରୁ ଓହ୍ଲାଇ ଆମେ ଜଙ୍ଗଲରେ ପଶିବୁ । ସୁଲ୍ତାନାକୁ ଧରି ଏଠାରେ ଆଣି ପହଞ୍ଚାଇବାର ପୂରା ଦାୟିତ୍ୱ ଓ ଅଧିକାର ଆମକୁ ଦିଆଯିବ ।

ଫ୍ରେଡି ଦୀର୍ଘକାୟ ବଳବାନ ଲୋକ । ବିଶାଳ ତାଙ୍କ ଶରୀରର ଓଜନ ଦୁଇଶହ ଚୌରାଅଶୀ ପାଉଣ୍ଡ । ରାତିରେ ଖାଇ ସାରି ସେ କ୍ଲାନ୍ତ ବୋଲି ମୋତେ ଜଣାଥାଏ । ମୋ କଥାସବୁ ସେ ନିଶ୍ଚଳ ହୋଇ ଆଖି ବୁଜି ଶୁଣୁଥିଲେ । ମୋ କଥା ସରିବାର ଅନେକ ସମୟ ପରଯାଏ ସେହିପରି ଆଖିବୁଜି ବସିରହିବାରୁ ସେ ଶୋଇ ପଡ଼ିଛନ୍ତି ବୋଲି ସନ୍ଦେହ ହେଲା । ଫ୍ରେଡି କିନ୍ତୁ ଶୋଇ ନ ଥିଲେ । ଦୀର୍ଘ ସମୟ ଆଖିବୁଜି ରହିବା ପରେ ସେ ଉଠି ବସି ଦୃଢ଼ସ୍ୱରରେ କହିଲେ, "ଆପଣମାନଙ୍କ ନିରାପତ୍ତା ପାଇଁ ମୁଁ ଦାୟୀ । ଏପରି ଦୁଃସାହସିକ ପ୍ରସ୍ତାବ ମୁଁ କଦାପି ଗ୍ରହଣ କରିବି ନାହିଁ ।" ଯୁକ୍ତିତର୍କ କରି କିଛି ଫଳ ହେଲା ନାହିଁ । ଫ୍ରେଡି ନିଜ ସଂକଳ୍ପରେ ଅଟଳ ରହିଲେ । ଅଗତ୍ୟା ପରଦିନ ସକାଳୁ ଶିକାରୀ ଚାରି ଜଣ ଓ ମୁଁ ନିଜ ନିଜ ଘରକୁ ଫେରିଗଲୁ । ପରେ ବୁଝିପାରିଲି ଯେ ମୋର ଏପରି ପ୍ରସ୍ତାବ ଦେବା ଉଚିତ ନ ଥିଲା ଓ ଫ୍ରେଡି ଯଥାର୍ଥରେ ତାହା ଗ୍ରହଣ କରି ନ ଥିଲେ । ସୁଲ୍ତାନାକୁ ଜୀବିତ ଅବସ୍ଥାରେ ବନ୍ଦୀକରି ନ ପାରିଲେ ତାକୁ ମାରିବାକୁ ଆମେ କଦାପି ଚେଷ୍ଟା କରି ନ ଥାନ୍ତୁ । ନିଜ ଜୀବନ ରକ୍ଷା କରିବା ପାଇଁ ଆମେ ଯେ ସମ୍ପୂର୍ଣ୍ଣ କ୍ଷମ—ଏଥିରେ ମଧ୍ୟ ସନ୍ଦେହ ନ ଥିଲା । ତେଣୁ ସୁଲ୍ତାନାର କିମ୍ବା ଆମର ଜୀବନ ପ୍ରତି

Digitized by srujanika@gmail.com

ବିପଦର ପ୍ରଶ୍ନ ଉଠୁ ନ ଥିଲା । ଫ୍ରେଡି ପ୍ରସ୍ତାବଟି ଅଗ୍ରାହ୍ୟ କରିବାର ଅସଲ କାରଣ ହେଲା— ଆମ ପାଞ୍ଚଜଣଙ୍କ ଭିତରୁ କାହାରି ସରକାରୀ ପଦ ବା କ୍ଷମତା ନ ଥିଲା । ସୁଲ୍‌ତାନାକୁ ଧରିବା ଉଦ୍ୟମରେ ନୀତିନିୟମରେ କିଛି ଖିଲାପ ହୋଇ ଘାଣ୍ଟାଚକଟ ଆରମ୍ଭ ହୋଇଥିଲେ ସରକାରଙ୍କ ତରଫରୁ ଆମ କାର୍ଯ୍ୟକଲାପକୁ ସମର୍ଥନ କରିବା ସମ୍ଭବ ହୋଇ ନ ଥାନ୍ତା ।

ତିନିମାସ ପରେ ହରଦ୍ୱାର ଆସିବା ପାଇଁ ଫ୍ରେଡ଼ଙ୍କ ଠାରୁ ପୁଣି ଡାକରା ପାଇଲି । ସେତେବେଳେ ନିର୍ଝୁମ ବର୍ଷାଦିନ । ମୋ ଛଡ଼ା ଜଙ୍ଗଲ ବିଭାଗର ହର୍‌ବର୍ଟ ଓ ତରାଇଜ୍ଞବରର ତତ୍ତ୍ୱାବଧାରକ ଫ୍ରେଡ୍ ଆଣ୍ଡର୍‌ସନ୍ ମଧ୍ୟ ଡାକରା ପାଇ ହରଦ୍ୱାର ଆସିଥାନ୍ତି । ପହଞ୍ଚି ଶୁଣିଲୁ ଯେ ଫ୍ରେଡି ସେଥିମଧ୍ୟରେ ନଜିବାବାଦ୍ ଜଙ୍ଗଲରେ ସୁଲ୍‌ତାନାର ପ୍ରଧାନ ଛାଉଣୀ ଠାବ କରିଛନ୍ତି । ପୋଲିସ ପକ୍ଷରୁ ପ୍ରସ୍ତୁତ ଆକ୍ରମଣର ପରିକଳ୍ପନା ଅନୁସାରେ ସୁଲ୍‌ତାନାର ଛାଉଣୀ ଘେରାଉ କରିବାରେ ଆଣ୍ଡର୍‌ସନ୍ ଓ ମୁଁ ଫ୍ରେଡ଼ଙ୍କୁ ସାହାଯ୍ୟ କରିବୁ । ହର୍‌ବର୍ଟ ଜଣେ ପ୍ରସିଦ୍ଧ ପୋଲୋ ଖେଳାଳି । ଭାରତୀୟ ଘୋଡ଼ସବାର ବାହିନୀ ସହିତ ଫ୍ରାନ୍ସରେ ସେ ପ୍ରଥମ ବିଶ୍ୱଯୁଦ୍ଧରେ ଅଂଶଗ୍ରହଣ କରିଥିଲେ । ପଚିଶ ଜଣ ଘୋଡ଼ସବାର ସିପାହିଙ୍କୁ ନେଇ ସୁଲ୍‌ତାନାର ପଳାୟନ ପଥ ସେ ଅବରୋଧ କରିବେ ।

ସୁଲ୍‌ତାନାର ଗୁପ୍ତଚରଙ୍କ ଦକ୍ଷତା ସମ୍ବନ୍ଧରେ ଫ୍ରେଡ଼ଙ୍କର ଆଉ ସନ୍ଦେହ ନ ଥିଲା । କାହାକୁ କିଛି ନ ଜଣାଇ ବଡ଼ ସତର୍କତା ସହ ଭିତରେ ଭିତରେ ସବୁ ଆୟୋଜନ ଚାଲିଥାଏ । ଆମେ ତିନି ଜଣ ଓ ଫ୍ରେଡ଼ଙ୍କର ଦୁଇଜଣ ସହକାରୀଙ୍କ ଛଡ଼ା ଅଉ କେହି ଏଥିର କିଛି ଟେର୍ ପାଇ ନ ଥାନ୍ତି । ପ୍ରତି ସନ୍ଧ୍ୟାରେ ସିପାହିମାନେ ଅସ୍ତ୍ରଶସ୍ତ୍ର ଧରି ସାମରିକ କାଇଦାରେ ଅନେକ ଦୂର ଅଗ୍ରସର ହୋଇ ଫେରନ୍ତି । ଆମେ ମଧ୍ୟ ଅନେକ ରାସ୍ତା ବୁଲି ରାତିରେ ବଙ୍ଗଲାକୁ ଫେରୁ । ଶେଷରେ ଅଭିଯାନ ପାଇଁ ନିର୍ଦ୍ଦିଷ୍ଟ ଦିନ ଆସିଲା । ସେଦିନ ଆମେ ରେଲରାସ୍ତା ଅତିକ୍ରମ ନ କରି ରେଲବାଇ ମାଲ-ମହଜୁଦ୍ କେନ୍ଦ୍ର ଭିତର ଦେଇ ଷ୍ଟେସନଠୁ କିଛି ଦୂରକୁ ଚାଲିଗଲୁ । ମାଲଗାଡ଼ିଟିଏ ଆଗରୁ ପ୍ରସ୍ତୁତ ହୋଇ ଅନ୍ଧାରରେ ଅପେକ୍ଷା କରିଥିଲା । ଆମକୁ ନେଇ ଗାଡ଼ିଟି କିଛି ଶବ୍ଦ ନ କରି ଧୀରେ ଧୀରେ ଷ୍ଟେସନଠୁ ବାହାରିଗଲା । ଅମ ଗତିବିଧି ଗୋପନ ରଖିବାପାଇଁ ଅତି ନିଷ୍ଠାର ସହ ବ୍ୟବସ୍ଥା ହୋଇଥାଏ । ଶିବିରରେ ସବୁଦିନ ପରି ସିପାହିଙ୍କ ପାଇଁ ରୋଷେଇବାସ ଚାଲିଥାଏ । କିଜର ରାତି ଭୋଜନପାଇଁ ଆମେ ଧାରାବାହିକ ନିର୍ଦ୍ଦେଶମାନ ଦେଇଥାଉ । ରାତିରେ ଆମେ ଫେରିବୁ ନାହିଁ ବୋଲି କେହି ସନ୍ଦେହ କରିବାର ଅବକାଶ ନ ଥିଲା ।

ପଚିଶ ଜଣ ଘୋଡ଼ସବାର ସିପାହିଙ୍କ ସହିତ ହର୍‌ବର୍ଟ ପୂର୍ବରାତିରୁ ତାଙ୍କର ଲକ୍ଷ୍ୟସ୍ଥଳ ଅଭିମୁଖରେ ବାହାରି ଯାଇଥିଲେ । ତାଙ୍କ ଘୋଡ଼ାଗୁଡ଼ିକୁ ଜଙ୍ଗଲର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ନିଆଯାଇ ଏକାଠି ରଖା ଯାଇଥାଏ । ସେଠାରୁ ସିଧାସଳଖ ନଯାଇ ଗୋଟିଏ ବୁଲାଣି ବାଟରେ ଯିବାପାଇଁ ହର୍‌ବର୍ଟ ନିର୍ଦ୍ଦେଶ ପାଇଥାଆନ୍ତି ।

ଅନ୍ଧାର ହେବାର ଘଣ୍ଟାଏ ପରେ ଆମେ ଗାଡ଼ିରେ ବସିଥିଲୁ । ରାତି ନଅଟା ବେଳେ ଦୁଇଟି

Digitized by srujanika@gmail.com

ଷ୍ଟେସନ ମଝି ଜଙ୍ଗଲରେ ଗାଡ଼ି ଛିଡ଼ାହେଲା । ଓହ୍ଲାଇବାପାଇଁ ଆଦେଶ ଡବାରୁ ଡବାକୁ ଚୁପଚାପରେ ଜଣାଇ ଦିଆଗଲା । ସମସ୍ତେ ଓହ୍ଲାଇଯିବା ପରେ ଗାଡ଼ି ତା ବାଟରେ ଚାଲିଗଲା ।

ଅଢ଼େଇଶହ ସିପାହିଙ୍କୁ ଧାଡ଼ିବାନ୍ଧି ଆମେ ଗନ୍ତବ୍ୟ ପଥରେ ଅଗ୍ରସର ହେଲୁ । ଲକ୍ଷ୍ୟସ୍ଥଳ ସେଠାରୁ କୋଡ଼ିଏ ମାଇଲ ଦୂର । ଫ୍ରେଡ଼ ଓ ଆଣ୍ଡରସନ୍ ଆଗରେ ଥାଆନ୍ତି । ଧାଡ଼ି ପଛରେ ମୁଁ ଚାଲୁଥାଏ । ଦିନସାରା ପାଗ ମେଘୁଆ ଥିଲା । ଆମେ ଗାଡ଼ିରୁ ଓହ୍ଲାଇବା ବେଳକୁ ବର୍ଷା ମୂଷଳ ଧାରାରେ କଚାଡ଼ୁଥାଏ । ସୁଲ୍‌ତାନାର ଚରମାନଙ୍କ ନଜର ଏଡ଼ାଇବା ପାଇଁ ବାଟରେ ପଡ଼ୁଥିବା ଗାଁଗୁଡ଼ିକରୁ ଦୂରେଇ ହୋଇ ଯିବାଭଳି ଏକ ଯାତ୍ରାକ୍ରମ ବହୁ ବିଚାର ପରେ ପ୍ରସ୍ତୁତ ହୋଇଥିଲା । ସେହି ଅନୁଯାୟୀ ଉତ୍ତରକୁ ଏକ ମାଇଲ ଓ ପୂର୍ବକୁ ଦୁଇ ମାଇଲ ଯିବା ପରେ ପୁଣି ଉତ୍ତର ଓ ପଶ୍ଚିମକୁ ଏକ ମାଇଲ କରି ଯାଇ ବାକିତକ ରାସ୍ତା ଉତ୍ତରକୁ ଯିବାକୁ ଥାଏ । ଭାରତୀୟ ଗାଁ ଗଣ୍ଡାର ବୁଲା କୁକୁରଙ୍କ ପରି ଚୋଖା ଜଗୁଆଳ ସଂସାରରେ ନାହାନ୍ତି । ଆମ ଗତିପଥ ଏପରି କୌଶଳ ସହ ନିର୍ଦ୍ଧାରଣ କରାଯାଇଥିଲା ଯେ ଗାଁ ଲୋକେ ତ ଦୂର କଥା—ବୁଲା କୁକୁରଟିଏ ସୁଦ୍ଧା ଆମ ଚଲାଚଲର ଟେର୍ ପାଇଲା ନାହିଁ ।

ଅବିରାମ ବର୍ଷା ଚାଲିଥାଏ । ଆଗରେ ଅଢ଼େଇ ଶହ ସିପାହି ଧାଡ଼ିବାନ୍ଧି ଚାଲିବା ଫଳରେ ବାଟ ସାରା ପୂରା କାଦୁଅ । ପ୍ରତି ଦୁଇତିନି ପାହୁଣ୍ଡରେ କାଦୁଅରେ ମୁଁ ଅଣ୍ଟୁଯାଏ ଗଳିପଡ଼ୁଥାଏ । ଦୁଇପଟେ ମାଇଲ ମାଇଲ ଧରି ହାତୀଆଘାସର ବଣ । ଏ ଘାସର ଧାର କ୍ଷୁରପରି ଦାଢ଼ୁଆ ହୋଇ ଥିବାରୁ ଆଖି ଆଗରେ ହାତ ଦେଇ ଚାଲିବାକୁ ପଡ଼ୁଥାଏ । ଏହାଦ୍ୱାରା ଭାରସାମ୍ୟ ରକ୍ଷାକରି ଖସଡ଼ା ରାସ୍ତାରେ ଚାଲିବା ଆହୁରି ଦୁଷ୍କର ହୋଇଉଠିଥାଏ । ନାନା କାରଣରୁ ଫ୍ରେଡ଼ଙ୍କୁ ମୁଁ ଖୁବ୍ ପସନ୍ଦ କରୁଥିଲି । ସେହି ରାତିରେ ତାଙ୍କ ପ୍ରତି ମୋର ଶ୍ରଦ୍ଧା ଓ ସମ୍ମାନ ଅନେକ ବଢ଼ିଗଲା । ଦଳର ନେତୃତ୍ୱ ନେଇ ଧାଡ଼ି ଆଗରେ ସେ ଅବିଶ୍ରାନ୍ତ ଗତିରେ ଆଗେଇ ଚାଲିଥାନ୍ତି । ଅବଶ୍ୟ ଆଗରେ ଚାଲୁଥିବାରୁ ମୋ ପରି ତାଙ୍କୁ କାଦୁଅରେ ପଡ଼ିବାକୁ ହେଉ ନ ଥାଏ । ତେବେ ତାଙ୍କ ଓଜନ ମୋ ଠାରୁ ଶହେ ଅଠେଇଶ ପାଉଣ୍ଡ ବେଶି । ବିଶାଳ ବପୁ ବୋହି ସେ ଯେପରି ତେଜରେ ଆଗଉଥାନ୍ତି, ତାହାର ତାରିଫ ନ କରି ରହି ପାରିଲି ନାହିଁ ।

ରାତି ନଅଟାରେ ଆମେ ଯାତ୍ରା ଆରମ୍ଭ କରିଥିଲୁ । ରାତି ଦୁଇଟା ବେଳେ ମୋର କାହିଁକି ହଠାତ୍ ମନେ ହେଲା ଯେ ଉତ୍ତରକୁ ନ ଯାଇ ଆମେ ପୂର୍ବକୁ ଚାଲିଛୁ । ରାସ୍ତା ଠିକ୍ ଅଛି କି ନାହିଁ ବୋଲି ଫ୍ରେଡ଼ଙ୍କୁ ପଚାରି ପଠାଇଲି । ସମ୍ପୂର୍ଣ୍ଣ ମୌନତା ରକ୍ଷା କରିବାକୁ କଡ଼ା ନିର୍ଦ୍ଦେଶ ଥାଏ । ପ୍ରଶ୍ନଟି ସିପାହିଙ୍କଦ୍ୱାରା ଚୁପଚାପରେ ଧାଡ଼ି ଆଗକୁ ପ୍ରେରିତ ହୋଇ ଅନେକ ସମୟ ପରେ ଉତ୍ତର ଆସିଲା ଯେ "କାପ୍ତାନ୍ ସାହେବ" (ଫ୍ରେଡ଼) ସବୁ ଠିକ୍ ଅଛି ବୋଲି କହୁଛନ୍ତି । ପୁଣି ଆଗେଇ ଚାଲିଲୁଁ । ବଡ଼ ବଡ଼ ଗଛର ଜଙ୍ଗଲ, ଝାଟିବୁଦା ଓ ମଝିମଝିରେ ଘାସବଣରେ ପଶିବାକୁ ପଡ଼ୁଥାଏ । ଦୁଇଘଣ୍ଟା ଚାଲିବା ପରେ ପରାମର୍ଶ

Digitized by srujanika@gmail.com

କରିବାପାଇଁ ମୁଁ ଆଗକୁ ଯିବି ବୋଲି ଫ୍ରେଡ୍‌ଙ୍କୁ ଖବର ଦେଇ ଧାଡ଼ି ଅଟକାଇବାକୁ ଅନୁରୋଧ କଲି । ଧାଡ଼ି ଅଟକିଲା । ମୁଁ ଆଗକୁ ଗଲାବେଳେ ବାଟସାରା ସିପାହୀମାନେ କ୍ଲାନ୍ତ ହୋଇ ନୀରବରେ ଓଦା ମାଟିରେ ବସିଥାଆନ୍ତି ବା ଗଛକୁ ଆଉଜି ଛିଡ଼ା ହୋଇଥାଆନ୍ତି ।

ଆମକୁ ବାଟ ବତାଇବା ପାଇଁ କଡ଼ୁଆଲ ଚାରିଜଣ ଫ୍ରେଡ୍ ଓ ଅଣ୍ଡରସନ୍‌ଙ୍କ ସହିତ ଧାଡ଼ି ଆଗରେ ଥିଲେ । ଫ୍ରେଡ୍ ଭାବିଥିଲେ ଯେ ସିପାହୀ କେହି ଦଳଭ୍ରଷ୍ଟ ହେବାରୁ ମୁଁ ଧାଡ଼ି ଅଟକାଇବାକୁ କହୁଛି । ଆମେ ସମସ୍ତେ ଯେ ବାଟବଣା ହୋଇ ଭୁଆଁ ବୁଲୁଛୁ—ଏ କଥା ସେ ପର୍ଯ୍ୟନ୍ତ ଆଉ କାହାରିକୁ ଜଣା ନ ଥିଲା । ଜୀବନର ଅଧିକାଂଶ ବଣ ଜଙ୍ଗଲରେ କଟାଇଥିବା ଯୋଗୁ ମୋର ଦିଗ ଜ୍ଞାନ ଦିନ ଓ ରାତିରେ ସମାନ ଭାବେ କାମ କରେ । ସେତେବେଳକୁ ମୋର ସ୍ଥିର ଧାରଣା ହେଲାଣି ଯେ ଗତ ଦୁଇ ଘଣ୍ଟା ଧରି ଆମେ ଉତ୍ତରକୁ ନ ଯାଇ ପୂର୍ବ ଆଡ଼କୁ ଚାଲିଛୁ । ଘଣ୍ଟାଏ ପୂର୍ବରୁ ଗୋଟିଏ ଶିମିଳି ଗଛ ଡାଳରେ ଶାଗୁଣା ବସାଟିଏ ଦେଖିଥିଲି । ଘଣ୍ଟାଏ ପରେ ଆମେ ପୁଣି ସେଇ ଗଛମୂଳେ ଆସି ପହଞ୍ଚିଛୁ ଦେଖି ଫ୍ରେଡ୍‌ଙ୍କୁ ଅଟକିବା ପାଇଁ ଅନୁରୋଧ କଲି ।

ବାଟ କଡ଼ୁଆଲ ଚାରିଜଣଙ୍କ ଭିତରୁ ଦୁଇଜଣ ଭାଣ୍ଟୁ ସମ୍ପ୍ରଦାୟର ଲୋକ । ଗତ ଦୁଇ ବର୍ଷ ଭିତରେ ଏ ଦୁହେଁ କେତେଥର ସୁଲ୍‌ତାନା ଦଳରେ ଯୋଗ ଦେଇଥିଲେ । କିଛିଦିନ ତଳେ ହରଦ୍ୱାର ବଜାରରେ ସେ ଦୁହିଁଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କଠାରୁ ଆଦାୟ କରାଯାଇଥିବା ତଥ୍ୟ ଉପରେ ଭିତ୍ତିକରି ଏହି ଅଭିଯାନର ବ୍ୟବସ୍ଥାମାନ ହୋଇଥିଲା ଓ ସୁଲ୍‌ତାନାର ଛାଉଣୀ ପାଖରେ ଆମକୁ ପହଞ୍ଚାଇ ଦେଲେ ଖଲାସ କରିଦିଆଯିବ ବୋଲି ଦୁହିଁଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା । ଅନ୍ୟ ଦୁଇଜଣ କଡ଼ୁଆଲ ଏହି ଜଙ୍ଗଲ ଆଖପାଖର ଗାଈଆଳ । ଅଭିଯୋଗ ଥାଏ ଯେ ସୁଲ୍‌ତାନାର ଛାଉଣୀକୁ ସେ ଦୁହେଁ ଦୁଧ ଯୋଗାଉଥିଲେ । ସାରା ଜୀବନ ଏଠାରେ ଗୋରୁ ଚରାଇ ଜଙ୍ଗଲର ଅନ୍ଧିସନ୍ଧି ସହିତ ସେମାନେ ଭଲଭାବେ ପରିଚିତ । ଆମେ ବାଟ ହରାଇଛୁ ବୋଲି ଚାରିହେଁ ପ୍ରଥମେ ମାନିବାକୁ ରାଜି ହେଲେ ନାହିଁ । କିଛି ସମୟ ଖୋଲା ଜାଗା ପଚାରିବା ପରେ ଇତସ୍ତତଃ ହୋଇ ସେମାନେ କହିଲେ ଯେ ତିରିଶି ମାଇଲ ଦୂର ପାହାଡ଼ଗୁଡ଼ିକୁ ଦେଖି ପାରିଲେ ବାଟ ଠଉରାଇବା ସହଜ ହୁଅନ୍ତା । ଅନ୍ଧାର ରାତି । ପାହାନ୍ତିଆ କୁହୁଡ଼ି ପଡ଼ି ଆସୁଥାଏ । ଏତେବେଳେ ପାହାଡ଼ ବା ଦେଖାଯିବ କିପରି ? ଭୟ ହେଲା ଯେ ଫ୍ରେଡ୍‌ଙ୍କର ସୁଚିନ୍ତିତ ପରିକଳ୍ପନାଟି ଅଳ୍ପକେ ବ୍ୟର୍ଥ ହୋଇଯିବ । ତା'ଦ୍ୱାରା ଅନ୍ୟ ଯାହା ଘଟି ହେଉ, ଆମକୁ ପରିହାସ କରିବା ପାଇଁ ସୁଲ୍‌ତାନାକୁ ସୁବର୍ଣ୍ଣ ସୁଯୋଗ ନିଶ୍ଚୟ ମିଳିଯିବ !

ଅନ୍ଧାରରେ ସୁଲ୍‌ତାନାର ଛାଉଣୀ ଉପରେ ଅତର୍କିତ ଆକ୍ରମଣ ଚଳାଇବା ଥିଲା ଆମ ଅଭିଯାନର ଉଦ୍ଦେଶ୍ୟ । ସେଥିପାଇଁ ରାତି ନ ପାହୁଣୁ ତା ଛାଉଣୀ ପାଖରେ ପହଞ୍ଚିବା ଦରକାର । ଛାଉଣୀ ଦକ୍ଷିଣ ପାଖରେ ଓସାର ଚକଡ଼ାଏ ଘାସ ଧାରରେ ଗୋଟିଏ ବଡ଼ ଗଛ ଉପରେ ମଞ୍ଚା ବାନ୍ଧି ପ୍ରହରୀମାନେ ସଦାସର୍ବଦା ଜଗିଥାଆନ୍ତି । ପ୍ରହରୀଙ୍କ ଦୃଷ୍ଟି ଏଡ଼ାଇ

Digitized by srujanika@gmail.com

ଦିନବେଳେ ସେବାଟେ ଗ୍ରାଉଣୀ ପାଖକୁ ଯିବା ଆଦୌ ସମ୍ଭବପର ନୁହେଁ ବୋଲି ଶୁଣିଥାଉ ।

ରାତି ପାହିବାକୁ ଆଉ ଘଣ୍ଟାଏ ବାକି । ବାଟବଣା ହୋଇଛନ୍ତି ବୋଲି କଡ଼ୁଆଲମାନେ ଏବେ ମୁକ୍ତକଣ୍ଠରେ ସ୍ୱୀକାର କଲେଣି । ସୁଲ୍ତାନାର ଶିବିର କେଉଁ ଦିଗରେ ବା କେତେ ଦୂରରେ ପଡ଼ିବ—ସେ ବିଷୟରେ କାହାରି କିଛି ଧାରଣା ନାହିଁ । ଅନଭିଳିତ ଅପେକ୍ଷାଯୋଗୁ ଆକ୍ରମଣର ସୁଯୋଗ ପ୍ରତି ମୁହୂର୍ତ୍ତରେ ଆହୁରି ଦୂରେଇ ଯାଉଛି । ଅଚଳ ଅବସ୍ଥାର ସମାଧାନ ପାଇଁ ଉପାୟ ଖୋଜିଲି । ସୁଲ୍ତାନାର ଶିବିର ଆଖପାଖରେ କୌଣସି ବିଶେଷ ଚିହ୍ନ ଥିବା କଥା କଡ଼ୁଆଲଙ୍କୁ ପଚାରି ବୁଝିଲି ଯେ ଶିବିରରୁ ମାଇଲିଏ ଦକ୍ଷିଣକୁ ଗନ୍ଧର ଶଗଡ଼ ଦାଣ୍ଡି ଟିଏ ଅଛି । ଫ୍ରେଡ୍‌ଙ୍କ ଅନୁମତି ନେଇ ସେଠାରୁ ମୁଁ ବାଟ କଢ଼ାଇ ଆଗରେ ଚାଲିଲି । ମୋ ସହିତ ପାଦ ମିଳାଇ ଅନ୍ୟମାନେ ଅତି ବେଗରେ ଆଗେଇବାକୁ ଲାଗିଲେ । ସମସ୍ତଙ୍କର କିନ୍ତୁ ପୂରା ସନ୍ଦେହ ଥାଏ ଯେ ସେବାଟେ ଗଲେ ଆମେ ସାତଘଣ୍ଟା ତଳେ ଛାଡ଼ି ଆସିଥିବା ରେଳପଥ ପାଖରେ ପୁଣି ପହଞ୍ଚିଯିବୁ ।

ରାତି ପାହିବା ଉପରେ । ବର୍ଷା ବନ୍ଦ ହୋଇଥାଏ । ପାହାନ୍ତିଆ ଫୁଲ୍‌ଫୁଲିଆ ପବନରେ ବାଦଲ ଉଡ଼ିଯାଇ ଆକାଶ ସଫା ହେଲାଣି । ଗୃହଆଡ଼ ଫର୍ଚ୍ଚା ହୋଇ ଆସିବା ବେଳକୁ ଗୋଟିଏ ଗନ୍ଧର ଶଗଡ଼ଗୁଳାରେ ମୁଁ ଝୁଣ୍ଟି ପଡ଼ିଲି । ଶଗଡ଼ଦାଣ୍ଡି ମିଳିଯିବାରେ କଡ଼ୁଆଲଙ୍କ ଆନନ୍ଦ ଦେଖି ଏଥିପୂର୍ବରୁ ସେମାନେ ବିଶ୍ୱାସଘାତକତା କରୁ ନ ଥିଲେ ବୋଲି ପ୍ରତ୍ୟୟ ହେଲା । ଏହିଠାରୁ ବାଟ କଢ଼ାଇବାର ଭାର କଡ଼ୁଆଲମାନେ ନିଜ ଉପରକୁ ନେଲେ । ମାଇଲିଏ ପରେ ଶିକାର ସରିଟିଏ ଶଗଡ଼ଦାଣ୍ଡିକୁ ଛେଦ କରିଥିଲା । ଶିକାର ଧରିଲେ ଅଧମାଇଲ ଯାଇ ତିରିଶ ଫୁଟ ଓସାର ଗୋଟିଏ ଅଳ୍ପ ଗଭୀର ନାଳ କୂଳରେ ପହଞ୍ଚିଲୁ । ସରିଟି ନାଳର ଡାହାଣ ବନ୍ଧରେ ଯାଇଛି ଓ ପାଣିରେ ପଶିବାକୁ ପଡ଼ିବ ନାହିଁ ଦେଖି ଆଶ୍ୱସ୍ତ ହେଲି । ଜଳଧାର ଅତି ମନ୍ଥର ହୋଇଥିଲେ ମଧ୍ୟ ତରାଇର ଏ ସବୁ ପାହାଡ଼ିଆ ନାଳମାନଙ୍କରେ ପ୍ରକାଣ୍ଡ ଅଜଗର ସାପ ରହୁଥିବା କେତେଥର ଦେଖି ସେଗୁଡ଼ିକରେ ପଶିବାକୁ ମୁଁ ଭୟ କରେ । ବାଟ ଦୁଇ ପାଖରେ କାନ୍ଧେ ଉଚ୍ଚର ଘାସବଣ । ବଣରେ ପଶି କେଇ ଶହ ଗଜ ଗଲା ପରେ କଢ଼ାଣିଆମାନେ ବାରମ୍ବାର ବାଁକୁ ଅନାଇ ଅତି ସନ୍ତର୍ପଣରେ ଆଗେଇବାକୁ ଲାଗିଲେ । ମଞ୍ଚା ପାଖରେ ପହଞ୍ଚିଗଲେଣି ବୋଲି ସେମାନଙ୍କ ଗତିବିଧିରୁ ଜଣା ପଡ଼ୁଥାଏ । ସେତେବେଳକୁ ପୂରା ଦିନ ହୋଇଗଲାଣି । ସକାଳୁଆ ଖରା ଗଛ ଅଗ ଛୁଉଁଥାଏ । ହଠାତ୍ ସମସ୍ତଙ୍କ ଆଗରେ ଥିବା କଡ଼ୁଆଲ ଜଣକ ନଇଁପଡ଼ି ଘାସ ଭିତରେ ଛପିଗଲା । ଅନ୍ୟ ତିନି ଜଣ ମଧ୍ୟ ସଙ୍ଗେ ସଙ୍ଗେ ଘାସରେ ଲୁଚିଗଲେ । ତାପରେ ଆଗରେ ଥିବା ଲୋକଟି ହାତଠାରି ଆମକୁ ପାଖକୁ ଡାକିଲା ।

ସିପାହିମାନଙ୍କୁ ବସିଯିବାକୁ ସଙ୍କେତ ଦେଇ ଫ୍ରେଡ୍, ଅଣ୍ଡରସନ୍ ଓ ମୁଁ ହାମୁଡ଼ି ହାମୁଡ଼ି ତା ପାଖରେ ପହଞ୍ଚିଲୁ । କଡ଼ୁଆଲ ତଳେ ଶୋଇଥାଏ । ଆମେ ତିନିହେଁ ଯାଇ ତା ପାଖରେ

Digitized by srujanika@gmail.com

ଶୋଇଗଲୁ । ହାତ'ଠାରି ସେ ମଞ୍ଚାଟି ଆମକୁ ଦେଖାଇଦେଲା । ଭୂଇଁରୁ ପ୍ରାୟ ତିରିଶ ଚାଳିଶ ଫୁଟ ଉଚ୍ଚରେ ଗଛ ଉପରେ ମଞ୍ଚାଟି ବନ୍ଧା । ସକାଳୁଆ ନରମ ଖରାରେ ମଞ୍ଚାରେ ଥିବା ପ୍ରହରୀ ଦୁଇ ଜଣ ସ୍ପଷ୍ଟ ଦେଖାଯାଉଥାଆନ୍ତି । ଜଣେ ଆମକୁ କଡ଼ କରି ବସି ହୁକ୍କା ଖାଉଥାଏ । ଆର ଜଣକ ଆଣ୍ଠୁ ଭାଙ୍ଗି ଚିତ୍ ହୋଇ ଶୋଇଥାଏ । ଗଛଟି ଠିକ୍ ଜଙ୍ଗଲ ଧାରରେ । ଗଛ ମୂଳରୁ ଘାସପଡ଼ିଆ ଆରମ୍ଭ । ଜଙ୍ଗଲ ଧାରରେ ପହଞ୍ଚିବା ପାଇଁ ପଡ଼ିଆ ପାର ହେବାକୁ ପଡ଼ିବ । ସେଠାରୁ ଜଙ୍ଗଲ ଭିତରକୁ ଆନ୍ଦାଜ ତିନି ଶହ ଗଜ ପଶିବା ପରେ ସୁଲ୍ତାନାର ଛାଉଣୀ ପଡ଼ିବ ବୋଲି କଡ଼ୁଆଲମାନେ କହିଲେ ।

ପ୍ରହରୀଙ୍କ ଦୃଷ୍ଟି ଏଡ଼ାଇ ଏତେଜଣ ସିପାହିଙ୍କୁ ପଡ଼ିଆ ପାର କରାଇବା ଅସମ୍ଭବ । ପଛକୁ ଫେରି ନାଳ ପାରି ହୋଇ ଆଉ ବନ୍ଧରେ କିଛି ବାଟ ଯିବା ପରେ ଉଜାଣି ପାରି ହୋଇ ଛାଉଣୀ ପାଖରେ ପହଞ୍ଚି ପାରିଥାଆନ୍ତୁ । କିନ୍ତୁ କଡ଼ୁଆଲମାନେ କହିଲେ ଯେ ଛାଉଣୀ ପାଖରେ ନାଳ ଅତି ଗମ୍ଭୀର ଓ କୂଳରେ ଝେଗ୍ରା ବାଲି ପଡ଼ୁଥିବାରୁ ସେଠାରେ ପାରିହେବା ଆଦୌ ସମ୍ଭବ ହେବ ନାହିଁ । ଅନ୍ୟ ଉପାୟ ଖୋଜିବାକୁ ବାଧ୍ୟ ହେଲୁଁ । ଆମଠାରୁ କେଇ ଫୁଟ ଦୂରରେ ପଟାଳିଏ ବୁଦାଳିଆ ଘାସ କୋଡ଼ିଏ ଫୁଟ ଓସାରରେ ପଡ଼ିଆର ଅନେକ ଭିତରକୁ ମାଡ଼ି ଯାଇଥିଲା । ପ୍ରହରୀଙ୍କ ନଜର ଏଡ଼ାଇ ଏଡ଼େ ବଡ଼ ଫୌଜକୁ ଘାସ ଭିତରେ ଭିତରେ ଜଙ୍ଗଲ ପାଖଯାଏ ନେବା ପ୍ରାୟ ଅସମ୍ଭବ କହିଲେ ଚଳେ । କିନ୍ତୁ ତାହା କରିବା ଛଡ଼ା ଅନ୍ୟ ଉପାୟ ଦେଖିଲୁ ନାହିଁ ।

ଫ୍ରେଡ଼ଙ୍କ ପାଖରେ କେବଳ ତାଙ୍କ ପିସ୍ତଲଟି ଥାଏ । ଅଣ୍ଡରସନ୍ ଅସ୍ତ୍ରଶସ୍ତ୍ର କିଛି ଆଣି-ନଥାନ୍ତି । ସିପାହିମାନଙ୍କ ସାଧାରଣ ବନ୍ଧୁକରେ ମାତ୍ର ଷାଠିଏରୁ ଅଶୀ ଗଜ ପର୍ଯ୍ୟନ୍ତ ଛର୍ରା ମରାଯାଇପାରିବ । ଏତେ ଦୂରରୁ ପ୍ରହରୀଙ୍କ ସହିତ ମୁକାବିଲା କରିବା ଭଳି ରାଇଫଲ୍ କେବଳ ମୋ ହାତରେ ଥିଲା । ରାଇଫଲ୍ ଆବାଜ ସୁଲ୍ତାନା ଛାଉଣୀକୁ ଶୁଭିଲେ କିଛି ଅସୁବିଧା ହେବ ନାହିଁ ବୋଲି ମତ ଦେଇ ଭାଣ୍ଡୁ ଦୁଇଜଣ କହିଲେ ଯେ, ବନ୍ଧୁକ ଫୁଟିବା ପରେ ପ୍ରହରୀ ଦୁହେଁ ଛାଉଣୀକୁ ନ ଫେରିଲେ କାରଣ ବୁଝିବା ପାଇଁ ସୁଲ୍ତାନା ଲୋକ ପଠାଇବ । ତା ଲୋକେ ମଞ୍ଚା ପାଖରେ ପହଞ୍ଚିବା ପୂର୍ବରୁ ଛାଉଣୀ ଆମେ ଘେରାଉ କରିସାରିଥିବୁ ।

ହାତରେ ରାଇଫଲ୍ ଧରି ଅନେକ କଥା ଭାବିଗଲି । ମଞ୍ଚାରେ ବସିଥିବା ଦୁହେଁ ଓ ଦୁହେଁ ହତ୍ୟାକାରୀ, ଆଇନ ଆଖିରେ ଅପରାଧୀ ଓ ସମାଜର ଆଶ୍ରୟରୁ ବଞ୍ଚିତ । ହାତରେ ମୋର ଗୁଳିଭରା ରାଇଫଲ୍ । ଲକ୍ଷ୍ୟଭ୍ରଷ୍ଟ ହେବା ତ ଦୂର କଥା—ମୁଁ ଚାହିଁଥିଲେ କାହାକୁ ଆହତ ନ କରି ଜଣକ ହାତରୁ ହୁକ୍କା ଓ ଆର ଜଣକ ପାଦରୁ ଜୋତା ଖସାଇ ଦେଇ ପାରିଥାଆନ୍ତି । କିନ୍ତୁ ମଣିଷ ଉପରକୁ ଗୁଳି ଚଳାଇବା ମୋ ପକ୍ଷରେ କଦାପି ସମ୍ଭବ ହୋଇ ନ ଥାନ୍ତା । ଏଣେ ଆଉ ଡେରି କଲେ ଚଳିବ ନାହିଁ । ପହରା ବଦଳ ହେବାର ସମୟ ହେଲାଣି ବୋଲି ଭାଣ୍ଡୁ ଦୁହେଁ ଆମକୁ ଚେତାଇ ଦେଉଥାଆନ୍ତି । ଫ୍ରେଡ଼ଙ୍କୁ ବିକଳ୍ପ ପ୍ରସ୍ତାବଟିଏ ଦେଇ କହିଲି

Digitized by srujanika@gmail.com

ଯେ ଅନୁମତି ମିଳିଲେ ମୁଁ ଏକାକୀ ଘାସରେ ଲୁଚି ଛପି ମଞ୍ଚା ପାଖକୁ ଚାଲିଯିବି । ଘାସପତ୍ର ସବୁ ବର୍ଷାରେ ଓଦାଥିବାରୁ ନିଃଶବ୍ଦରେ ସେଠାଏ ଯାଇ ହେବ । ତାପରେ ମଞ୍ଚା ଉପରକୁ ଉଠି ପ୍ରହରୀ ଦୁହିଁଙ୍କୁ ସେଠାରେ ଅଟକାଇ ରଖିବି । ସେହି ଅବସରରେ ଫ୍ରେଡ଼ ସିପାହିଙ୍କୁ ନେଇ ଲକ୍ଷ୍ୟସ୍ଥଳକୁ ଆଗେଇ ଯିବେ । ମଞ୍ଚାରେ ପ୍ରହରୀଙ୍କ ହାତ ପାଖରେ ବନ୍ଧୁକ ଅଛି ଦେଖି ଫ୍ରେଡ଼ ଅନୁମତି ଦେବାକୁ ନାମଙ୍ଗ ହେଲେ । ଶେଷରେ ଘୋର ଅନିଚ୍ଛାସତ୍ତ୍ୱେ ସେ ରାଜି ହେବା ମାତ୍ରେ ବିନା ବାକ୍ୟବ୍ୟୟରେ ରାଇଫଲ୍ ଧରି ଉଦ୍ଦିଷ୍ଟ ପଥରେ ଆଗେଇଲି ।

ତିନିଭାଗବାଟରୁ ଭାଗେ ଗଲାପରେ ପଛରୁ ଶବ୍ଦ ଶୁଣି ଅନାଇ ଦେଖିଲି ଯେ ଆଣ୍ଡରସନ୍ ତରତର ହୋଇ ମୋ ପଛରେ ଆସୁଛନ୍ତି । ପାଖରେ ପହଞ୍ଚି ମୋ ସଙ୍ଗରେ ଯିବାକୁ ସ୍ଥିର କରି ଆସିଛନ୍ତି ବୋଲି ସେ କହିଲେ । ଫ୍ରେଡ଼ ଓ ଆଣ୍ଡରସନ୍ ଦୁହେଁ ମୋର ବନ୍ଧୁ । ଦୁହେଁ ମସୁଧା କରି କ'ଣ ଠିକ୍ କଲେ କେଜାଣି, ଆଣ୍ଡରସନ୍ ଆସି ମୋ ସହିତ ଯିବାକୁ ଜିଦ୍ ଧରି ବସିଲେ । ବୁଝାସୁଝା କରି ତାଙ୍କୁ ଫେରାଇ ଦେବାକୁ ଅନେକ ଚେଷ୍ଟା କଲି । ଜଙ୍ଗଲରେ ନିଃଶବ୍ଦରେ ଚାଲିବାର ଅଭ୍ୟାସ ତାଙ୍କର ନାହିଁ । ପୁଣି ଦୁଇଜଣ ଏକାଠି ଗଲେ ଧରା ପଡ଼ିବାର ଦୁଇଗୁଣ ସମ୍ଭାବନା । ମଞ୍ଚା ତଳେ ଆହୁରି ପ୍ରହରୀ ଥାଇପାରନ୍ତି । ଆଣ୍ଡରସନ୍ଙ୍କର ଅସ୍ତ୍ରଶସ୍ତ୍ର କିଛି ନ ଥିବାରୁ ତାଙ୍କୁ ରକ୍ଷା କରିବାର ଦାୟିତ୍ୱ ଶେଷରେ ମୋ'ରି ଉପରେ ହିଁ ପଡ଼ିବ । ମୋର ଏସବୁ ଯୁକ୍ତି ଆଣ୍ଡରସନ୍ ସହଜରେ ମାନିନେଲେ କିନ୍ତୁ ମୋତେ ଏକାକୀ ଯିବାକୁ କଦାପି ଦେବେ ନାହିଁ ବୋଲି ଅଡ଼ିବସିଲେ । ସବୁ ସ୍କଟଲାଣ୍ଡବାସୀଙ୍କ ପରି ସେ ଭାରି ଏକଜିଦିଆ ଲୋକ । ଯୁକ୍ତିସବୁ ଯଥାର୍ଥ ବୋଲି ମାନି ନେବା ପରେ ମଧ୍ୟ ମୋ ସଙ୍ଗରେ ଯିବାକୁ ସେ ଜିଦ୍ ଧରିବାରୁ ହତାଶ ହେଲି । ବାଧ୍ୟ ହୋଇ ତାଙ୍କୁ ନେଇ ସାହାଯ୍ୟ ଆଶାରେ ଫ୍ରେଡ଼ଙ୍କ ପାଖକୁ ଫେରିଲି । ଇତି ମଧ୍ୟରେ ଭାଣ୍ଟୁ ଦୁହେଁ ଫ୍ରେଡ଼ଙ୍କୁ କହିଥାଆନ୍ତି ଯେ ମଞ୍ଚାରେ ଥିବା ପ୍ରହରୀ ଦୁଇ ଜଣ ବନ୍ଧୁକ ନିଶାଣରେ ଅତି ଧୁରନ୍ଧର । ମୋତେ ଯିବାକୁ ଅନୁମତି ଦେଇ ଫ୍ରେଡ଼ ପଛରେ ପସ୍ତାଇ ହେଉଥିଲେ । ଆମେ ଫେରୁଛୁ ଦେଖି କାଳ ବିଳମ୍ବ ନ କରି ସିପାହିଙ୍କୁ ଅଗ୍ରସର ହେବା ପାଇଁ ସେ ସଙ୍କେତ ଦେଲେ ।

ଆଗୁଆ ଦଳ ସହିତ ପଡ଼ିଆ ଅତିକ୍ରମ କରି ଆମେ ସୁଲ୍ତାନା ଛାଉଣୀର ପ୍ରାୟ ଦୁଇଶହ ଗଜ ପାଖକୁ ଚାଲି ଆସିଲୁ । ଆମ ପଛେ ପଛେ ପଚାଶରୁ ବେଶି ସିପାହି ବିନା ବାଧାରେ ପଡ଼ିଆ ଟପିଗଲେ । ଠିକ୍ ଏତିକିବେଳେ ଅଳ୍ପବୟସ୍କ ଜଣେ ଅନଭିଜ୍ଞ ସିପାହି ହଠାତ୍ ମଞ୍ଚାଟି ଦେଖି ଦେଇ ଆଗ୍ରହରେ ଗୋଟେ ଗୁଳି ଫୁଟାଇ ଦେଲା । ପ୍ରହରୀ ଦୁହେଁ ଆଖିପିଛୁଡ଼ାକେ ମଞ୍ଚାରୁ ଓହ୍ଲାଇ ତଳେ ବନ୍ଧାଥିବା ଘୋଡ଼ାରେ ଚଢ଼ି ଶିବିର ଆଡ଼କୁ ଦ୍ରୁତବେଗରେ ଛୁଟିଲେ । ଛପି କରି ଆଗେଇବାର ଆଉ ଦରକାର ନ ଥିଲା । ଆକ୍ରମଣ କରିବା ପାଇଁ ଫ୍ରେଡ଼ ଉଚ୍ଚସ୍ୱରରେ ହୁକୁମ ଦେଲେ । ଶକ୍ତଭାବରେ ଧାଡ଼ି ବାନ୍ଧି ପ୍ରବଳ ବେଗରେ ଜଙ୍ଗଲ ଭିତରକୁ ମାଡ଼ିଯାଇ ଦେଖିଲୁ ଯେ ଛାଉଣୀ ଖାଲି ପଡ଼ିଛି ।

ଗୋଟିଏ କୁଦ ଉପରେ ତିନୋଟି ତମ୍ବୁ ପଡ଼ି ସୁଲ୍ତାନାର ଛାଉଣୀ । ପାଖରେ ରୋଷାଇ

Digitized by srujanika@gmail.com

ପାଇଁ ଘାସପତ୍ରର କୁଡ଼ିଆଟିଏ । ତମ୍ବୁରୁ ଗୋଟିଏ ଭଣ୍ଡାର ଘର । ସେଥିରେ ବସ୍ତା ବସ୍ତା ଅଟା, ଗୁଡ଼ଲ, ଡାଲି, ଚିନି ଓ କେତେଟିଣ ଘିଅ ଛଡ଼ା ହଜାର ହଜାର ଗୁଳି ଥିବା ବାକ୍ସ କେତୋଟି ସ୍ତୂପ ଆକାରରେ ସଜା ହୋଇଥାଏ । ପାଖରେ ଖୋଳରେ ଭରି ଏଗାରଟି ବନ୍ଧୁକ । ଅନ୍ୟ ଦୁଇଟି ତମ୍ବୁରେ ଡକାୟତମାନେ ଶୁଆବସା କରୁଥିଲେ । ସେଥିରେ ଲୁଗାପଟା, ବିଛଣାପତ୍ରସବୁ ଏଣେ ତେଣେ ବିଛୁଡ଼ି ହୋଇ ପଡ଼ିଥାଏ । ରୋଷେଇଶାଳ ପାଖ ଗଛ ଡାଳରେ ଗୁଳି ଛଡ଼ା ହୋଇ ଦଶୋଟି ଛେଳି ଲଟକା ହୋଇଥାଆନ୍ତି ।

ପ୍ରହରୀଙ୍କଠାରୁ ସୁରାକ୍‌ ପାଇବା ମାତ୍ରେ ତନାଘନାରେ ଗୁଡ଼ଣୀ ଗୁଡ଼ି ପଳାଇବାବେଳେ ଡକାୟତମାନେ ଲୁଗା ପିନ୍ଧିବାକୁ ମଧ୍ୟ ସମୟ ପାଇ ନ ଥାନ୍ତି । ଏପରି ଅବସ୍ଥାରେ ବେଶି ଦୂର ନ ଯାଇ ସେମାନେ ଆଖପାଖ ଘାସବଣରେ ଲୁଚିଥିବା ସମ୍ଭବ । ବଣ ଆରପାଖରେ ହର୍ବର୍ଟ ଓ ତାଙ୍କ ଘୋଡ଼ସବାରମାନେ ଜଗିଛନ୍ତି । ଧାଡ଼ି ବାନ୍ଧି ଘାସବଣରୁ ଡକାୟତଙ୍କୁ ହର୍ବର୍ଟଙ୍କ ଆଡ଼କୁ ଘଉଡ଼ାଇ ନେବା ପାଇଁ ସିପାହୀଙ୍କୁ ହୁକୁମ ଦିଆଗଲା । ସିପାହୀ ଧାଡ଼ି ବାନ୍ଧିବା ଭିତରେ ମୁଁ କୁଦ ଚାରିପଟେ ବୁଲି ତଲାସ କରୁଥିଲି । ଦଶ ବାର ଜଣ ଲୋକ ଖାଲି ପାଦରେ ନିକଟର ଗୋଟିଏ ଶୁଖିଲା ନାଳରେ ପଶି ଯାଇଛନ୍ତି ଦେଖି ସେମାନଙ୍କୁ ଅନୁସରଣ କରିବା ପାଇଁ ଫ୍ରେଡ଼ଙ୍କୁ ପ୍ରସ୍ତାବ ଦେଲି । ଫ୍ରେଡ଼, ଆଣ୍ଡରସନ ଓ ମୁଁ ନାଳରେ ପଶି ପାଦଚିହ୍ନ ବାଟ ଆଗେଇଲୁ । ପନ୍ଦର ଫୁଟ ଓସାର ଓ ପାଞ୍ଚ ଫୁଟ ଗଭୀର ନାଳଟିରେ ପଶି ଦୁଇଶହ ଗଜ ଆଗେଇବା ପରେ କଙ୍କର ବିଛାହୋଇଥିବା ଗୋଟିଏ ଜାଗାରେ ପାଦଚିହ୍ନ ଆଉ ବାରି ହେଲା ନାହିଁ । ଆଗକୁ ନାଳ ଟିକିଏ ମେଲି ଯାଇଥାଏ । ବାଁ ପାଖ ବନ୍ଧରେ ଥିବା ଝଙ୍କାଳିଆ ବରଗଛଟିର ଅଯଶ୍ୟ ଡାଳ ଓହଳ ଭିତରେ ଲୁଚିବା ଭଳି ଜାଗାର ଅଭାବ ନାହିଁ ଦେଖି ବନ୍ଧ ଉପରକୁ ଉଠିବାକୁ ଚେଷ୍ଟା କଲି । ବନ୍ଧ ସେଠାରେ ବେଶି ଉଚ୍ଚ ଓ ମାଟି ଅପେକ୍ଷାକୃତ ନରମ । ଆଶ୍ରା କରି ଉଠିବା ପାଇଁ ହାତପାହାନ୍ତାରେ ବୁଦାଟିଏ ନ ପାଇ ଆଗକୁ ଯାଇ ଚେଷ୍ଟା କରିବି ଭାବୁଛି, ଏତିକବେଳେ ଗୁଡ଼ଣୀଆଡ଼ୁ କ୍ରମାଗତ ଗୁଳିଚାଳନା ଓ ପାଟିଗୋଳ ଶୁଣି ଫେରିପଡ଼ି ସେହିଆଡ଼େ ଧାଇଁଲୁ । ପହଞ୍ଚି ଦେଖୁ ଯେ ଜଣେ ହାବିଲଦାରଙ୍କ ଗୁଡିରେ ଗୁଳିମାଡ଼ ହୋଇଛି । ଡକାୟତ ଜଣେ ଦୁଇଗୋଡ଼ରେ ଗୁଳିଖାଇ ଅର୍ଦ୍ଧନଗ୍ନ ଅବସ୍ଥାରେ ତାଙ୍କ ପାଖରେ ପଡ଼ିଛି ।

ହାବିଲଦାର ଗୋଟିଏ ଗଛକୁ ଆଉଜି ବସିଥାଆନ୍ତି । ଖୋଲା କାମିଜ ଫାଙ୍କରେ ତାଙ୍କ ଗୁଡି ବାଁ ପାଖରେ ଟୋପାଟିଏ ରକ୍ତ ଦେଖାଯାଉଥାଏ । ଫ୍ରେଡ଼ ତାଙ୍କ ବୋତଲଟି ହାବିଲଦାରଙ୍କ ଓଠ ପାଖକୁ ବଢ଼ାଇଦେଲେ । ବୋତଲ ଆଡ଼େଇ ଦେଇ ହାବିଲଦାର ମୁଣ୍ଡ ହଲାଇ ତାକୁ ଛୁଇଁବାକୁ ମନାକଲେ ଓ କହିଲେ, "ଏଇଟା ମଦ ବୋତଲ । ମଦ ମୁଁ ଛୁଇଁବି ନାହିଁ ।" ବୁଝାଇବାକୁ ଚେଷ୍ଟା କରିବାରୁ ସେ ଉତ୍ତର ଦେଲେ, "ଜୀବନସାରା ମଦ କେବେ ଛୁଇଁନାହିଁ । ମଲାବେଳକୁ ମୁହଁରେ ମଦ ନେଇ ଭଗବାନଙ୍କ ପାଖକୁ ଯିବି ନାହିଁ । ବଡ଼ ଶୋଷ କରୁଛି । ମୋତେ ଟୋପାଏ ପାଣି ଦିଅନ୍ତୁ ।" ହାବିଲଦାରଙ୍କ ଭାଇ ପାଖରେ ଥିଲା । ଜଣଙ୍କ ଟୋପି ମାଗି ନେଇ ନାଳରୁ କିଛି ମଇଳା ପାଣି ଧରି ସେ ଧାଇଁ ଆସିଲା । ହାବିଲଦାର ପାଣିତକ ଢକ ଢକ

Digitized by srujanika@gmail.com

ପିଇଦେଲେ । ପରୀକ୍ଷା କରି ଦେଖିଲି ଯେ ତାଙ୍କ ଗୁହ୍ୟରେ ଗୋଟିଏ ମାତ୍ର ଛର୍‌ରା ଫୁଟିଛି । ଛର୍‌ରାଟି ଚମ ତଳେ ହାଡକୁ ଲଗିନି ନାହିଁ । ହାବିଲଦାର୍‌ଙ୍କୁ ଦମ୍ଭ ଦେଇ କହିଲି, "ସାହସ ଧରନ୍ତୁ ହାବିଲଦାର ସାହେବ ! ନଜିବାବାଦ ଡାକ୍ତର ଆପଣଙ୍କୁ ନିଶ୍ଚୟ ଭଲ କରି ଦେବେ ।" ମୋତେ ଅନାଇଁ ମୁହଁରେ ହସ ଫୁଟାଇ ହାବିଲଦାର୍ ଉତ୍ତର ଦେଲେ, "ମନରେ ମୋର ଖୁବ୍ ସାହସ ଅଛି, ସାହେବ ! କିନ୍ତୁ କେହି ଡାକ୍ତର ମୋତେ ଆଉ ଭଲ କରି ପାରିବେ ନାହିଁ ।"

ମଦ ପିଇବା ବିରୁଦ୍ଧରେ ଭକାସ୍ୟତର ବାରଣ ନ ଥିଲା । ଅତି ପାଖରୁ ଛର୍‌ରା ମାଡ଼ ଖାଇ ତା ଗୋଡ଼ ଦୁଇଟିର ଅବସ୍ଥା ଅତି ଶୋଚନୀୟ ହୋଇଥାଏ । ବ୍ରାଣ୍ଡି ତାର ବିଶେଷ ଦରକାର ଥିଲା । ବିନା ଦ୍ୱିଧାରେ କେଇ ଢୋକରେ ସେ ବୋତଲ ଖାଲି କରିଦେଲା ।

ସୁଲ୍‌ତାନା ଗୁଉଣୀରୁ ସରଞ୍ଜାମ ଆଣି ଆହାତ ଦୁଇଜଣଙ୍କ ପାଇଁ ଦୋଲା ବନ୍ଧାହେଲା । ହାବିଲଦାର ଉଚ୍ଚଜାତିର ଲୋକ ଓ ପୋଲିସ କର୍ମଚାରୀ । ଭକାସ୍ୟତଟି ଅପରାଧୀ ଓ ଜାତିରେ ଶ୍ରେଷ୍ଠ । ସିପାହିମାନେ କିନ୍ତୁ ଇତର ବିଶେଷର ବିଚାର ନ କରି ସମାନ ଯତ୍ନରେ ଦୁହିଁଙ୍କୁ ଦୋଲାରେ ନେଇ ଜଙ୍ଗଲ ଭିତର ଦେଇ ବାର ମାଇଲ ଦୂର ନଜିବାବାଦ୍ ଡାକ୍ତରଖାନାକୁ ଚାଲିଲେ । ବାହକଙ୍କୁ ସାହାଯ୍ୟ କରିବାପାଇଁ ଦୋଲା ପାଖେ ପାଖେ ଅଧିକା କେତେଜଣ ସିପାହି ଚାଲିଥାଆନ୍ତି । ଗୁରୁତର ଆଘାତ ଓ ରକ୍ତହାନି ଯୋଗୁଁ ଭକାସ୍ୟତଟି ବାଟରେ ମରିଗଲା । ଡାକ୍ତରଖାନାରେ ପହଞ୍ଚିବାର ଅଳ୍ପ କେତେ ମିନିଟ ମଧ୍ୟରେ ହାବିଲଦାର୍ ଶେଷ ନିଃଶ୍ୱାସ ତ୍ୟାଗକଲେ ।

ଘାସ ଭିତରୁ ଭକାସ୍ୟତଙ୍କୁ ବାହାର କରିବାର ପ୍ରଚେଷ୍ଟା ବନ୍ଦ କରାଗଲା । ଫୌଜ ନେଇ ଆମେ ଫେରିଆସିଲୁ । ଏହି ଅଭିଯାନରେ ହରବର୍ଟ ଅଂଶ ଗ୍ରହଣ କରି ନ ଥିଲେ । ଜଙ୍ଗଲରେ ଜାଗାଏ ଗୁଡ଼ାଏ ଘୋଡ଼ା ଠୁଳ ହୋଇଥିବା ଖବର ପାଇ ସୁଲ୍‌ତାନା ପୂର୍ବରୁ ଜାଗ୍ରତ ଥିଲା । ତା ଦଳର କେହି ସେଆଡ଼େ ଗଲେ ନାହିଁ । କାହାର ଦୋଷ ତ୍ରୁଟି ନ ଥାଇ ଏହି ସୁଚିନ୍ତିତ ଯୋଜନାଟି ଅନେକାଂଶରେ ବିଫଳ ହେଲା । ଲାଭ ଭିତରେ ସୁଲ୍‌ତାନାର ଗୁଉଣୀ ଦଖଲ କରାଗଲା ଓ ସେ ସଙ୍ଗରେ ନେଇଥିବା କେତୋଟି ବନ୍ଧୁକ ଛଡ଼ା ତାର ଅଧିକାଂଶ ଗୁଳି ବାରୁଦ ଓ ମାଲମତ୍ତା ବାଜ୍ୟାପ୍ତ ହେଲା । ସେଦିନ ପାଇଁ ଯେଉଁ ଦୁଇ ଜଣ ପ୍ରାଣ ଦେଲେ ସେଥିରୁ ଜଣେ ଥିଲା ଭକାସ୍ୟତ । ଅବରୁଦ୍ଧ ଜୀବନରୁ ମୁକ୍ତି ପାଇବା ଆଶାରେ ବନ୍ଧନ ଭାଙ୍ଗି ପଳାଇ ଆସିଥିବା ଏହି ହତଭାଗ୍ୟ ଯୁବକଟି ଜୀବିକାନିର୍ବାହ ପାଇଁ ଅପରାଧ ଛଡ଼ା ଅନ୍ୟ ପନ୍ଥା ପାଇ ନଥିଲା । ତାର ମୃତ୍ୟୁରେ ନଜିବାବାଦ ଦୁର୍ଗରେ କେବଳ ଜଣେ ଅସହାୟା ବିଧବା ଏକାନ୍ତରେ ବସି ଲୁହ ଗଡ଼ାଇବ । ଗୋଟିଏ ନଷ୍ଟଜୀବନର ଏହି ଚରମ ଉପସଂହାର ଅନ୍ୟ କାହାର ଦୃଷ୍ଟି ଆକର୍ଷଣ କରିବନାହିଁ । ହାବିଲଦାର ସାହେବ ଥିଲେ ତାଙ୍କ ଉପରିସ୍ଥ କର୍ମଚାରୀଙ୍କ ସମ୍ମାନର ପାତ୍ର । ସିପାହିମାନଙ୍କର ସେ ସ୍ନେହ ଓ ଶ୍ରଦ୍ଧାଭାଜନ ଥିଲେ । ସେଦିନ 'ମଦ' ପିଇଥିଲେ ଅସ୍ତ୍ରୋପଚାର ହେବା ପର୍ଯ୍ୟନ୍ତ ସେ ହୁଏତ ବଞ୍ଚି ପାରିଥାଆନ୍ତେ । କିନ୍ତୁ

Digitized by srujanika@gmail.com

ବିଶ୍ୱାସରେ ଅଟଳ ରହି ଜୀବନ ବିନିମୟରେ ନିଜ ନୀତିକୁ ସେ ଅକ୍ଷୁଣ୍ଣ ରଖିଲେ । ତାଙ୍କ ବିଧବା ସ୍ତ୍ରୀ ଅସହାୟା ହେବେ ନାହିଁ । ତାଙ୍କ ଭରଣପୋଷଣ ପାଇଁ ଯଦି ସହକାରେ ସମସ୍ତ ବ୍ୟବସ୍ଥା କରାଯିବ ।

ଅଭିଯାନର ଦିନ ଦିନ ପରେ ଫ୍ରେଡ଼ ସୁଲ୍‌ତାନାଠାରୁ ଖଣ୍ଡେ ଚିଠି ପାଇଲେ । ପୋଲିସଙ୍କର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ବୋଧହୁଏ ଅଭାବ ଥିଲା ଓ ତାହା ପୂରଣ କରିବା ପାଇଁ ତା ଶିବିର ଉପରେ ଆକ୍ରମଣ କରିବା ଦରକାର ପଡ଼ିଲା ବୋଲି ସୁଲ୍‌ତାନା ବିଦ୍ରୂପ କରିଥାଏ । ଭବିଷ୍ୟତରେ ଏତେ କଷ୍ଟ ନକରି ପୋଲିସଙ୍କର କେଉଁ ଅସ୍ତ୍ରକୁ କେତେ ଦରକାର ଜଣାଇଦେଲେ ସେ ତାହା ଖୁସିରେ ଯୋଗାଇ ଦେବ ବୋଲି ବ୍ୟଙ୍ଗ କରି ଲେଖିଥାଏ ।

ସୁଲ୍‌ତାନାର ଏଭଳି କଠୋର ପରିହାସ ସମ୍ପୂର୍ଣ୍ଣ ଅମୂଳକ ନ ଥିଲା । ଫ୍ରେଡ଼ଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସୁଲ୍‌ତାନାକୁ ଅସ୍ତ୍ରଯୋଗାଣ ବନ୍ଦ ହେଉ ନଥାଏ । କଡ଼ା ନିୟନ୍ତ୍ରଣମୂଳକ ବ୍ୟବସ୍ଥାମାନ ଜାରି ହୋଇଥିଲେ ସୁଦ୍ଧା ସବୁ କାଇଦା କଟକଣା ଭାଙ୍ଗି ଅସ୍ତ୍ର ବ୍ୟବସାୟୀ ଓ ଅନୁମତିପ୍ରାପ୍ତ ବନ୍ଧୁକଧାରମାନେ ସୁଲ୍‌ତାନାକୁ ଗୋଳାଗୁଳି ଯୋଗାଉଥାନ୍ତି । ନିୟନ୍ତ୍ରଣ କଟକଣା ଭାଙ୍ଗିଲେ ସରକାର ଅବଶ୍ୟ ରୁଷ୍ଟ ହେବେ । କିନ୍ତୁ ନିୟମ ରକ୍ଷା କରିବାକୁ ବସିଲେ ସୁଲ୍‌ତାନା ସର୍ବସ୍ୱ ଲୁଣ୍ଠନ କରି ତାଙ୍କୁ ନିର୍ମମ ଭାବେ ହତ୍ୟା କରିବ । ଏ ଦ୍ୱନ୍ଦ୍ୱ ଭିତରୁ ଲଘୁତର ସଙ୍କଟଟି ଗ୍ରହଣ କରି ସୁଲ୍‌ତାନାକୁ ସେମାନେ ମନାଇ ରଖିଥାଆନ୍ତି । ଏହି ପରିପ୍ରେକ୍ଷୀରେ ଅସ୍ତ୍ର ଯୋଗାଇଦେବା ପାଇଁ ସୁଲ୍‌ତାନାର ପରିହାସପୂର୍ଣ୍ଣ ପ୍ରସ୍ତାବ ଫ୍ରେଡ଼ଙ୍କୁ ଗଭୀର ଭାବେ ଆହତ କଲା ।

× × × ×

ଅସ୍ତ୍ରଶସ୍ତ୍ର ବାଜ୍ୟାପ୍ତ ହେବା ପରେ ସୁଲ୍‌ତାନା ପୁଣି ନୂଆ କରି ଗୁଳି ବନ୍ଧୁକ ଆଣି ତା ଅନୁଚରଙ୍କୁ ଯୋଗାଇ ଦେଲା । କିନ୍ତୁ ଗୁପ୍ତ ଗୁହାଣୀ ହରାଇବା ପରେ ତରାଇ-ଭାବରର ସୀମାରୁ ସୀମା ପର୍ଯ୍ୟନ୍ତ ପଳାୟନ କରି ମଧ୍ୟ ପୋଲିସ ତାଡ଼ନାରୁ ସେ ରକ୍ଷା ପାଇଲା ନାହିଁ । ଦଳରେ ତା ଅନୁଚରଙ୍କ ସଂଖ୍ୟା କମି କମି ଶେଷରେ ସ୍ୱଳ୍ପରେ ପହଞ୍ଚିଲା । କିଛିକାଳ କ୍ରମାଗତ ତାକୁ ବ୍ୟତିବ୍ୟସ୍ତ କରିବା ପରେ ଫ୍ରେଡ଼ଙ୍କର ବିଶ୍ୱାସ ହେଲା ଯେ ସୁଯୋଗ ପାଇଲେ ଏଥର ସେ ଆତ୍ମସମର୍ପଣ କରିପାରେ । ଏହି ମର୍ମରେ ସେ ସରକାରଙ୍କୁ ଏକ ପ୍ରସ୍ତାବ ଦେଲେ । ପରିଣତି ପାଇଁ ସେ ନିଜେ ବ୍ୟକ୍ତିଗତ ଭାବେ ଦାୟୀ ହେବେ ବୋଲି ଅଙ୍ଗୀକାର କରିବା ପରେ ସରକାରଙ୍କଠାରୁ ମଞ୍ଜୁରି ମିଳିଲା । ଆଲୋଚନା ପାଇଁ ସୁଲ୍‌ତାନାକୁ ନିମନ୍ତ୍ରଣ କରାଗଲା । ସୁଲ୍‌ତାନା ତାହା ଗ୍ରହଣ କଲା ଓ ସ୍ଥାନ କାଳ ନିରୂପଣ କରି ସର୍ତ୍ତ ଦେଲା ଯେ ଆଲୋଚନା ପାଇଁ ଫ୍ରେଡ଼ ଆଉ ସେ ଏକାକୀ ଆସିବେ ଓ ସଙ୍ଗରେ କେହି କିଛି ଅସ୍ତ୍ରଶସ୍ତ୍ର ଆଣିବେ ନାହିଁ । ଘଞ୍ଚ ଜଙ୍ଗଲ ଭିତରେ ଗ୍ରେଟ ଗୋଟିଏ ପଡ଼ିଆ ମଝିରେ ବଡ଼ ଗଛଟିଏ । ତାହାରି ମୂଳରେ ଦୁହିଁଙ୍କର ସାକ୍ଷାତ ହେବ ବୋଲି କଥା ହେଲା ।

Digitized by srujanika@gmail.com

ନିରୂପିତ ସମୟରେ ଫ୍ରେଡ୍ ଓ ସୁଲ୍‌ତାନା ଦୁହେଁ ଦୁଇପାଖ ଜଙ୍ଗଲରୁ ବାହାରି ପଡ଼ିଆରେ ପ୍ରବେଶ କଲେ । ପ୍ରଥମଥର ପାଇଁ ପ୍ରତିଦ୍ୱନ୍ଦ୍ୱୀ ଦୁହିଁଙ୍କର ମୁହାଁମୁହିଁ ସାକ୍ଷାତ ହେଲା । ବ୍ୟକ୍ତିତ୍ୱ ଓ ଅବସ୍ଥା ଦୃଷ୍ଟିରୁ ଦୁହିଁଙ୍କ ମଧ୍ୟରେ ଆକାଶପାତାଳ ପ୍ରଭେଦ । ବିଶାଳକାୟ ଫ୍ରେଡ୍ ସରକାରୀ କ୍ଷମତାରେ ବଳୀୟାନ । ସୁଲ୍‌ତାନା କ୍ଷୁଦ୍ରକାୟ; ତାକୁ ଧରାଇ ଦେବାକୁ ସରକାର ପୁରସ୍କାର ଘୋଷଣା କରିଥାଆନ୍ତି । ପଡ଼ିଆ ମଝିରେ ଦୁହେଁ ଗଛଗୁଣ୍ଡିରେ ବସିଲେ । ସୁଲ୍‌ତାନା ହାତରେ ତରଭୁଜଟିଏ ଆଣିଥିଲା । ସେଥିରୁ କିଛି ସେ ଫ୍ରେଡ୍‌ଙ୍କୁ ଯାଚିଲା ଓ ବନ୍ଧୁତ୍ୱ ଧାରେ ଗ୍ରହଣ କରିବାପାଇଁ ଅନୁରୋଧ କଲା । ଭାରତୀୟ ରୀତିରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ଭିତରେ ଆଲୋଚନା ଆରମ୍ଭ ହୋଇ ଶେଷରେ ଅଚଳ ଅବସ୍ଥାରେ ଅଟକିଲା । ବିନାସର୍ତ୍ତରେ ଆତ୍ମସମର୍ପଣ କରିବାପାଇଁ ଫ୍ରେଡ୍‌ଙ୍କ ଆହ୍ୱାନକୁ ସୁଲ୍‌ତାନା ପୂରାପୂରି ଅଗ୍ରାହ୍ୟ କଲା । ସିଏ ପୂର୍ବରୁ କିନ୍ତୁ ଅଯଥା ବିପଦ ବରଣ ନ କରିବାକୁ ଫ୍ରେଡ୍‌ଙ୍କୁ ସେ ସତର୍କ କରିଦେଲା । ତା ଶିବିର ଉପରେ ଆକ୍ରମଣର ଦୃଷ୍ଟାନ୍ତ ଦେଇ ସେ କହିଲା ଯେ, ସେଦିନ ଦଶଜଣ ଅନୁଚରଙ୍କ ସହିତ ସେ ବନ୍ଧୁକ ଧରି ନାଳବନ୍ଧ ଉପର ଝଙ୍କାଳିଆ ବରଗଛ ଉହାଡ଼ରେ ଲୁଚିଥିଲା । ସଙ୍ଗରେ "ଆଉ ଦୁଇଜଣ ସାହେବ"ଙ୍କୁ ନେଇ ଫ୍ରେଡ୍ ନାଳ ଭିତରେ ସେଇ ଗଛଆଡ଼େ ଆଗଉଥିବା ସେମାନେ ଲକ୍ଷ୍ୟ କରୁଥିଲେ । "ଜଣେ ସାହେବ" ନାଳବନ୍ଧକୁ ଚଢ଼ିବାକୁ ଚେଷ୍ଟାକଲେ । ସେଦିନ ସେ ବନ୍ଧ ଉପରକୁ ଉଠିଥିଲେ ସାହେବ ତିନିଜଣଙ୍କୁ ଗୁଳିକରି ମାରିଦେବାକୁ ପଡ଼ିଥାଆନ୍ତା ।

ସୁଲ୍‌ତାନା ସହିତ ଶେଷ ସଂଗ୍ରାମ ପାଇଁ ଫ୍ରେଡ୍ ପ୍ରସ୍ତୁତ ହେଲେ । ଏଥିରେ ଅଂଶଗ୍ରହଣ କରିବାପାଇଁ ୱିଣ୍ଡ୍‌ହାମ୍‌ଙ୍କୁ ଓ ମୋତେ ନିମନ୍ତ୍ରଣ କରାଗଲା । କ୍ରମାଗତ ଭାବେ ପଳାୟନ କରି ସୁଲ୍‌ତାନା ଓ ତା ଦଳର ଅବଶିଷ୍ଟ କେତେଜଣ ଶ୍ରାନ୍ତ ହୋଇ ନଜିବାବାଦ୍ ଜଙ୍ଗଲ ମଝିରେ ଗୋଟିଏ ଗୋଶାଳାରେ ଆଶ୍ରୟ ନେଇଥାଆନ୍ତି । ସଦଳବଳେ ନୌକାରେ ଗଙ୍ଗାନଦୀରେ ଯାଇ ଗୋଟିଏ ସୁବିଧା ଜାଗାରେ ଓହ୍ଲାଇ ରାତାରାତି ଗୋଶାଳାକୁ ଘେରାଉ କରିବା ଫ୍ରେଡ୍‌ଙ୍କ ଉଦ୍ଦେଶ୍ୟ ଥାଏ । ପୂର୍ବଥର ପରି ଅନ୍ଧାର ରାତିରେ ନ ଯାଇ ଏଥର ପୂର୍ଣ୍ଣିମୀରାତିରେ ଅଭିଯାନ ଚଳାଇବାକୁ ସ୍ଥିର ହୋଇଥାଏ ।

ନିର୍ଦ୍ଧାରିତ ଦିନ ପହଞ୍ଚିଲା । ହରଦ୍ୱାରଠାରୁ ଅଳ୍ପ କେତେ ମାଇଲ ତଳେ ଗଙ୍ଗାର ଡାହାଣକୂଳରେ ଦଶଟି ବଡ଼ ପଟୁଆ ବନ୍ଧାହୋଇଥାଏ । ରାତି ଘନେଇ ଆସିବା ବେଳକୁ ତିନିଶହ ସିପାହିଙ୍କ ସହିତ ଆମେ ଡଙ୍ଗାରେ ଯାଇ ବସିଲୁଁ । ଫ୍ରେଡ୍, ୱିଣ୍ଡହାମ୍ ଆଉ ମୋ ଛଡ଼ା ଫ୍ରେଡ୍‌ଙ୍କର ଜଣେ ସମ୍ପର୍କୀୟ ଭାଇ ମଧ୍ୟ ଆମ ସଙ୍ଗରେ ଥାଆନ୍ତି । ସବା ଆଗ ଡଙ୍ଗାଟିରେ ମୁଁ ବସିଲି । ସହଜ ଗତିରେ ନଈ ପାରହୋଇ ବାଁ ପାଖର ଗୋଟିଏ ସରୁ ଧାରରେ ପଶିଲୁ । ଏହାପରେ ଯେପରି ଭାବେ ଯାତ୍ରା କରିବାକୁ ପଡ଼ିଲା, ସେଭଳି ଭୟାବହ ଜଳଯାତ୍ରା ମୁଁ ଜୀବନରେ କେବେ କରିନାହିଁ ।

ଜଳଧାରର ପ୍ରଥମ ଭାଗଟି ପ୍ରଶସ୍ତ । କେତେ ଶହ ଗଜ ପର୍ଯ୍ୟନ୍ତ ନାଆଗୁଡ଼ିକ ଶାନ୍ତ ସହଜ

Digitized by srujanika@gmail.com

ଗଡ଼ରେ ଭାସି ଚାଲିଚଳେ । ପୂର୍ଣ୍ଣିମା ଜ୍ୟୋତ୍ସ୍ନାରେ ନଈ ଝଲମଲ କରୁଥାଏ । ନିସ୍ତରଙ୍ଗ ଜଳ ଉପରେ କୂଳର ଗଛଗୁଡ଼ିକ ସ୍ଥିରଭାବେ ପ୍ରତିବିମ୍ବିତ । ଏହାପରେ ଜଳଧାରା କ୍ରମେ ସଙ୍କୀର୍ଣ୍ଣ ହୋଇଆସିଲା ଓ ସ୍ରୋତର ବେଗ ସେହି ଅନୁପାତରେ ବଢ଼ିଲା । ଡଙ୍ଗାଗୁଡ଼ିକ ଛୁଟି ଚାଲିଲେ । ଗଙ୍ଗାନଦୀର ଏହି କରନାଳୀମାନଙ୍କରେ ଭଲ ମାଛ ମିଳେ । ଏଠାକୁ କେତେ ଥର ମାଛ ମାରିବାକୁ ଆସି ଏହି ଜଳ ଧାରାଗୁଡ଼ିକ ସହିତ ମୁଁ ଭଲଭାବରେ ପରିଚିତ । ଆଗକୁ ସ୍ରୋତ ଆହୁରି ପ୍ରଖର ହେବ ବୋଲି ମୋତେ ଜଣାଥାଏ । କ୍ରମେ ଦୂରରୁ ନଈର ଗର୍ଜ୍ଜନ ସ୍ପଷ୍ଟ ଶୁଣାଗଲା । ଖୋଲା ମାଲବୁହା ପଟୁଆଗୁଡ଼ିକ ସ୍ଥିରଜଳ ପାଇଁ ଉପଯୁକ୍ତ । ସୁଅ ମୁହଁରେ ସେଗୁଡ଼ିକୁ ସମ୍ଭାଳିବା ଅତି କଷ୍ଟକର । ନିଜ ଜୀବନକୁ ବିପନ୍ନ କରି ପ୍ରବଳ ସୁଅରେ ନାଆ ଚଳାଇ ନେଇ ନାଉରିମାନେ ଯେପରି ଅପୂର୍ବ କୌଶଳ ଓ ସାହସର ପରିଚୟ ଦେଲେ, ତାହା ମୋତେ ଚମତ୍କୃତ କରିଦେଲା । ପାଣିରେ ଲୁଚି ରହିଥିବା ବିରାଟ ପଥରମାନଙ୍କରେ ପିଟି ହୋଇ ଡଙ୍ଗାଗୁଡ଼ିକ ଚୂରମାର ହୋଇଯିବାର ଭୟ ପ୍ରତି ମୁହୂର୍ତ୍ତରେ ଥାଏ । ଦୁଇ କୂଳରେ ମଧ୍ୟ ଅସଂଖ୍ୟ ପଥର । ନାଉରିଙ୍କ ସମସ୍ତ ଚେଷ୍ଟାସତ୍ତ୍ୱେ ସୁଅ ତୋଡ଼ରେ ଡଙ୍ଗାଗୁଡ଼ିକ କୂଳକୁ ଭିଡ଼ିହୋଇ ଯାଉଥାଆନ୍ତି । କୂଳରୁ ନାଆ ଛଡ଼ାଇ ମଝିନଈରେ ରଖିବାପାଇଁ ମଙ୍ଗୁଆଳମାନେ ଉଚ୍ଚସ୍ୱରରେ ମାଝିଙ୍କୁ ଡାକ ଦେଉଥାଆନ୍ତି । ତାଙ୍କ ସ୍ୱରରେ ଆସନ୍ନ ବିପଦର ସୂଚନା ଆମକୁ ଆହୁରି ଭୟଭୀତ କରୁଥାଏ । ଦୁଃସ୍ୱପ୍ନ ଯେତେ ବିଭୀଷିକାମୟ ହେଲେ ମଧ୍ୟ ତାହା ନିଶ୍ଚୟ ଶେଷ ହେବ—କେବଳ ଏହି ଆଶା ନେଇ ଆମେ ଅପେକ୍ଷା କରିଥାଉ । ବିଷମ ସଙ୍କଟ ଭିତରେ ଦୀର୍ଘ କୋଡ଼ିଏ ମାଇଲ ଯାତ୍ରା କରିବା ପରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲୁ । ମାଝି ଜଣେ ଡେଇଁପଡ଼ି ନଈ ବାଁ କୂଳ ଗଛରେ ନାଆ ଖଣ୍ଟାଇଦେଲା । ପରେ ପରେ ଆଉ ନଅଟି ନାଆ ଗୋଟିଏ ଧାଡ଼ିରେ ବନ୍ଧା ହୋଇଗଲା ।

ଡଙ୍ଗାରେ ଛେଚକୁଟି ହୋଇ କେତେକଙ୍କ ଦେହ ହାତ ଛିଡ଼ି ଥାଏ । ନଈବାଲିରେ ବସି କ୍ଷତଗୁଡ଼ିକର ପ୍ରାଥମିକ ଚିକିତ୍ସା କରାଗଲା । ପାଞ୍ଚମାଇଲ ତଳକୁ ନାଆ ବାହିନେଇ ଅନ୍ୟ ଆଦେଶ ପାଇବା ଯାଏ ଅପେକ୍ଷା କରିବାକୁ ନାଉରିଙ୍କୁ ନିର୍ଦ୍ଦେଶ ଦିଆଗଲା । ଆଗକୁ ଅଧ ମାଇଲ ଯାଏ ହାତିଆ ଘାସର ଅତି ଗହନ ଜଙ୍ଗଲ । ତାହାକୁ ଅତିକ୍ରମ କରିବା ପାଇଁ ଯେପରି କଠିନ ସଂଗ୍ରାମ କରିବାକୁ ପଡ଼ିବ ସେଥିପାଇଁ ପ୍ରସ୍ତୁତ ହୋଇ ଆଗେଇଲୁ । ଦଶ ବାର ଫୁଟ ଉଚ୍ଚ ଘାସ କୁହୁଡ଼ି କାକରରେ ଭିଜା ନଇଁ ଆସିଥାଏ । ଓଦା ଘାସରେ ପଶି ଶହେ ଗଜ ନ ଯାଉଣୁ ସମସ୍ତେ ଓଦା ଜୁଡୁବୁଡୁ ହୋଇଗଲୁ । ବହୁ କଷ୍ଟରେ ବଣତକ ପାରହେବା ପରେ ଦେଖିଲୁ ଯେ ଆରପାଖରେ ଗଙ୍ଗାନଦୀର ଆଉ ଗୋଟିଏ ପ୍ରଶସ୍ତ ଜଳଧାରା ପଥରୋଧ କରି ରହିଛି । ନଈପାର ହେବା ପାଇଁ ସୁବିଧା ଥଳ ଖୋଜିବାକୁ ଦୁଇ ଆଡ଼କୁ ଦୁଇଦଳ ଲୋକ ପଠାଗଲା । ପ୍ରଥମ ଦଳ ଫେରିଆସି ଜଣାଇଲେ ଯେ ପାଏ ବାଟ ଉପରେ ଧାରଟି ସରୁ ହୋଇଯାଇଛି; କିନ୍ତୁ ସୁଅ ତୋଡ଼ରେ ସେଠାରେ ପାରି ହେବା ଅସମ୍ଭବ । ଅନ୍ୟ ଦଳଟି ଆସି କହିଲେ ଯେ ସେଆଡ଼େ ଅକାତକାତ ପାଣି । ପାରି ହେବାଭଳି ଥଳ ନାହିଁ । ନାଉରିଆମାନେ

Digitized by srujanika@gmail.com

ଜାଣିଶୁଣି ବା ଭୁଲ କରି ଆମକୁ ପାଣିପେଇ ଗୋଟିଏ ଖାସ୍ଥିରେ ଓହ୍ଲାଇ ଦେଇଛନ୍ତି ବୋଲି ଜଣା ପଡ଼ିଲା ।

ଡଙ୍ଗାଗୁଡ଼ିକ କେତେବେଳୁ ଚାଲିଗଲେଣି । ଗଡ ପାଇବାକୁ ଆଉ ବେଶି ଡେରି ନାହିଁ । କୌଣସି ମତେ ନଈ ପାରହେବାକୁ ପଡ଼ିବ । ଟିକିଏ ତଳକୁ ଅପେକ୍ଷାକୃତ କମ୍ ଓସାର ଗୋଟିଏ ଜାଗାରେ ପାରହେବା ସମ୍ଭବପର ମନେହେଲା । ସେଠାରୁ ଠିକ୍ ଉପରକୁ ଗଣ୍ଡିରେ କୋଡ଼ିଏ ଫୁଟ ପାଣି । ତଳକୁ ପାଣିର ପ୍ରବଳ ସୁଅ । ପାଣିରେ ପଶିବୁ କି ନାହିଁ ବୋଲି ବିଚାର ଆଲୋଚନା କରୁ କରୁ ଦେଖିଲୁ ଯେ ଉଇଣ୍ଡ୍‌ହାମ୍ ନିଜ ଲୁଗାପଟା ଉତାରିବାରେ ଲାଗିଛନ୍ତି । ଘାଟବଣରେ ଓଦା ସରସର ହୋଇଥିବା ତାଙ୍କ ପୋଷାକ ସାଙ୍ଗକୁ ନଈରେ ଆଉ ଅଧିକ ତିନ୍ତିବ ନାହିଁ ବୋଲି ମୁଁ ମନ୍ତବ୍ୟ ଦେବାରୁ ଉଇଣ୍ଡହାମ୍ କହିଲେ ଯେ ପୋଷାକକୁ ନେଇ ସେ ମୁଣ୍ଡ ଘୁରାଉ ନାହାନ୍ତି । ପ୍ରାଣ ବଞ୍ଚାଇ କିପରି ନଈ ପାରହେବେ—କେବଳ ଏହି ଚିନ୍ତା ହିଁ ତାଙ୍କୁ ଘାରିଛି । ପୋଷାକକୁ କାମିଜରେ ପୁଟୁଳାକରି ବାନ୍ଧି ମୁଣ୍ଡରେ ଥୋଇବା ପରେ ପାଖରେ ଛିଡ଼ା ହୋଇଥିବା ଜଣେ ଯୁବକ ସିପାହିର ବାହା ଧରି ପକାଇ ସେ କହିଲେ, "ମୋ ସଙ୍ଗରେ ଚାଲ ।" କମିଶନର ସାହେବଙ୍କ ସହିତ ବୁଡ଼ିମରିବାର ସମ୍ମାନ ପାଇଁ ମନୋନୀତ ହୋଇଥିବା ସିପାହିଟି ବିସ୍ମୟରେ ହତବାକ୍ ହୋଇଗଲା । ସେ କିଛି କହିବା ପୂର୍ବରୁ ଉଇଣ୍ଡ୍‌ହାମ୍ ତା ହାତରେ ହାତ ଛନ୍ଦି ପାଣିରେ ପଶିଲେ ।

ଏ କୂଳରୁ ଆମେ ସ୍ତବ୍ଧ ହୋଇ ଦୁହିଁଙ୍କ ଅଗ୍ରଗତି ଲକ୍ଷ୍ୟ କରୁଥାଉ । ପ୍ରବଳ ଉତ୍କଣ୍ଠାରେ ଶ୍ୱାସରୁଦ୍ଧ ହେଉଥାଏ । କେଉଁଠି ସେମାନଙ୍କୁ ଅଣ୍ଟାଏ, କେଉଁଠି ବା କାଖେ ପାଣି । ଜାଗା ଜାଗାଏ ମନେ ହେଉଥାଏ ଯେ ଏଥର ଦୁହେଁ ନିଶ୍ଚୟ ଭଡ଼ହୋଇ ତଳକୁ ଚାଲିଯିବେ । ତଳକୁ ପ୍ରବଳ ସୁଅ; ପକ୍‌କା ପହଁରାଳି ବି ସେଠାରୁ ବର୍ତ୍ତିପାରିବେ ନାହିଁ । ଉଇଣ୍ଡ୍‌ହାମ୍ ଆମ ସମସ୍ତଙ୍କଠାରୁ ବୟସରେ ବଡ଼ । ସିପାହିଟି ଅଳ୍ପ ବୟସ୍କ, ଅର୍ବାଚୀନ ଯୁବକ । ବହୁ ସମୟ ସୁଅ ସହିତ ସଂଗ୍ରାମ କରି ଶେଷରେ ଦୁହେଁ ନଈ ଆର ବନ୍ଧକୁ ଉଠିବା ମାତ୍ରେ ଏ କୂଳରେ ଆମେ ସମସ୍ତେ ଅଶ୍ୱସ୍ତିର ଦୀର୍ଘଶ୍ୱାସ ଛାଡ଼ିଲୁ । ସମ୍ପୂର୍ଣ୍ଣ ମୌନତା ରକ୍ଷା କରିବାକୁ ନିର୍ଦ୍ଦେଶ ନ ଥିଲେ ଆନନ୍ଦଧ୍ୱନିରେ ଆକାଶ ଫାଟି ପଡ଼ିଥାଆନ୍ତା । ଦୁଇଜଣ ଯେଉଁଠାରେ ଯାଇ ପାରିଲେ, ସେଠାରେ ତିନିଶହ ଲୋକ ପାର ନ ହେବେ କାହିଁକି ? ହାତ ଛନ୍ଦି ଧାଡ଼ି ବାନ୍ଧି ସମସ୍ତେ ପାଣିରେ ପଶିଲୁ । ସୁଅରେ ଠେଲିହୋଇ କେତେ ଜଣଙ୍କ ଗୋଡ଼ ଖସିଲା । ଶେଷ ପର୍ଯ୍ୟନ୍ତ କିନ୍ତୁ ଧାଡ଼ି ନ ଭାଙ୍ଗି ସମସ୍ତେ ନିର୍ବିଘ୍ନରେ ଆରକୂଳରେ ପହଞ୍ଚିଗଲୁ ।

ସେତେବେଳକୁ ସୂର୍ଯ୍ୟ ଉଦୟ ହେଲେଣି । ଫ୍ରେଡ଼ଙ୍କର ବିଶ୍ୱାସୀ ଚର ଜଣେ ଆମକୁ ଅପେକ୍ଷା କରିଥିଲା । ଡେରି ପାଇଁ ଦୁଃଖ କରି ଲୋକଟି କହିଲା ଯେ ଗୋଶାଳା ପାଖ ଜଙ୍ଗଲରେ ପଶିବା ପୂର୍ବରୁ ବାଟରେ ଖୋଲା ପଡ଼ିଆଟିଏ ପଡ଼ିବ । ଗାଈଆଳମାନେ ଗୋରୁ ନେଇ ସେଠାକୁ ଆସିବେଣି । ସେମାନଙ୍କ ଅଜାଣତରେ ପଡ଼ିଆ ପାରହେବା ଏବେ ଆଉ ସମ୍ଭବ ହେବନାହିଁ ।

Digitized by srujanika@gmail.com

ଝାପୁକୁ ଉଜାଣି ଫେରିବା ଛଡ଼ା ଆଉ ଉପାୟ ନଥିଲା । ଏ ପାଖରୁ ନଈ ପାର ହେବାକୁ ବିଶେଷ ଅସୁବିଧା ହେଲା ନାହିଁ ।

ଘାସବଣକୁ ଫେରି ପ୍ରଥମେ ଓଦା ଲୁଗା ସବୁ ଶୁଖାଇଲୁ । ଖରା ତେଜ ଥିବାରୁ ଲୁଗା ଅତି ଶୀଘ୍ର ଶୁଖିଗଲା । ଶୁଖିଲା ଲୁଗା ପିନ୍ଧି ଟିକିଏ ଆରାମରେ ବସିବା ପରେ ଫ୍ରେଡ଼୍ ତାଙ୍କ ବ୍ୟାଗ୍ ଖୋଲି ସେଥିରୁ ପାଉଁରୁଟି ଓ ଋଷା କୁକୁଡ଼ାଟିଏ ବାହାର କଲେ । ପୁଣ୍ୟତୋୟା ଗଙ୍ଗା ନଦୀରେ ସ୍ନାନ ଭଜ ଯାଇଥିଲେ ସୁଦ୍ଧା ଆମେ ମହାଆନନ୍ଦରେ ସେତକ ଉଦରସ୍ଥ କଲୁ । ସ୍ନାନ କାଳ ନିର୍ବିଘ୍ନରେ ମୁଁ ସହଜରେ ଶୋଇ ପାରେ । ବାଲିରେ ଟୋପିଟିଏ ଖୋଜି ତେରବେଳ ନିଘୋଡ଼ ନିଦରେ ଶୋଇପଡ଼ିଲି । କାହାର ଛିଙ୍କିବା ଶବ୍ଦରେ ନିଦ ଭାଙ୍ଗିଲା । ଉଠି ଦେଖେ, ମୋ ବନ୍ଧୁମାନେ ସମସ୍ତେ ଘାସଜ୍ୱରରେ (hay fever) ପୀଡ଼ିତ । ଘାସଫୁଲର ପରାଗ ପ୍ରଶ୍ୱାସରେ ଗଲେ ଏହି ଜ୍ୱର ହୁଏ । ଘନ ଘନ ଛିଙ୍କ ଉଠି ରୋଗୀକୁ ଅନ୍ତବ୍ୟସ୍ତ କରିପକାଏ । ଭାରତୀୟମାନଙ୍କୁ ଘାସଜ୍ୱର ହୁଏନାହିଁ । ମୋ ଉପରେ ପରାଗର ଏଭଳି ପ୍ରଭାବ ପଡ଼ୁ ନ ଥିବାରୁ ଏଥିରୁ ମୁଁ କଷ୍ଟକରି ପାଇଥାଏ । ଆମେ ପାହାଡ଼ାରେ ପହଞ୍ଚିବା ବେଳକୁ ଘାସଫୁଲ କାକରରେ ଓଦା ଥିଲା । ଖରାରେ ଶୁଖିଯିବା ପରେ ଫୁଲରୁ ପରାଗ ଝରେ । ବନ୍ଧୁମାନେ ମୋର ଏଣେତେଣେ ବୁଲି ଶୁଖିଲା ଫୁଲରୁ ପରାଗ ଝଡ଼ାଇ ନିଜେ ଏହି ବିପତ୍ତିକୁ ବରଣ କରିଥାଆନ୍ତି । ଏ ରୋଗ ସମ୍ବନ୍ଧରେ ପୂର୍ବରୁ ଅନୁଭୂତ ନ ଥିବାରୁ ଏହାର ଉପସର୍ଗମାନ ଦେଖି ବିଚଳିତ ହୋଇପଡ଼ିଲି । ଫ୍ରେଡ଼ଙ୍କ ଭାଇଙ୍କ ଅବସ୍ଥା ସବୁଠାରୁ ଶୋଚନୀୟ । ତାଙ୍କ ଆଖିଦୁଇଟି ଫୁଲି ବୁଜିଯାଇଥାଏ ଓ ନାକ ଆଖିରୁ ଅନବରତ ପାଣି ବୋହୁଥାଏ । ଫ୍ରେଡ଼ଙ୍କୁ ଅଳ୍ପ ଦେଖାଯାଉଥିଲେ ସୁଦ୍ଧା ସେ ଅନବରତ ଛିଙ୍କୁଥାଆନ୍ତି । ଫ୍ରେଡ଼ଙ୍କ ଛିଙ୍କ ପୁଣି ସାଧାରଣ ଛିଙ୍କ ନୁହେଁ । ସେ ଛିଙ୍କି ଦେଲେ ଭୂଇଁ ଥରିଯାଏ । ଉଇଣ୍ଡ୍ହାମ୍ ତାଙ୍କର କିଛି ହୋଇନାହିଁ ବୋଲି ବାରମ୍ବାର କହି ସମସ୍ତଙ୍କୁ ଦମ୍ଭ ଦେଉଥାଆନ୍ତି । ଏ କଥା କହୁ କହୁ ରୁମାଲରେ ସେ ଆଖି, ନାକ ପୋଛି ପକାଉ ଥାଆନ୍ତି ।

ସବୁ ବାଧାବିଘ୍ନ ପରେ ଏହି ଚରମ ଦୁର୍ଯୋଗ ଘଟିବାରୁ ମନଟା ବଡ଼ ଦବିଗଲା । ଖୋଲା ପଟୁଆରେ ଧକଚକ ହୋଇ ଆସି ଅପନ୍ତରାରେ ପଡ଼ିଲୁ । ଜୀବନକୁ ପାଣି ଛଡ଼ାଇ ଯୁଥ କାଟି ଦୁଇଥର ନଈ ପାରହେଲୁ । ମୋ ବନ୍ଧୁ ତିନିଜଣ ଏବେ ଦୃଷ୍ଟିଶକ୍ତି ହରାଇବା ଉପରେ । ଶେଷରେ ତିନିଶହ ସିପାହି ଓ ଅନ୍ଧୀଭୂତ ବନ୍ଧୁ ତିନିଜଣଙ୍କୁ ବାଟକଢ଼ାଇ ମୋତେ ହିଁ ହରଦ୍ୱାରରେ ନେଇ ପହଞ୍ଚାଇବାକୁ ପଡ଼ିବ—ଏ କଥା ଭାବିଲାବେଳକୁ ଦେହ ଶୀତେଇ ଉଠୁଥାଏ । ସନ୍ଧ୍ୟାବେଳକୁ ରୋଗୀଙ୍କ ଅବସ୍ଥାରେ କ୍ରମେ ଉନ୍ନତି ଘଟୁଥିବା ଦେଖି ସାହସ ଫେରିଲା । ସନ୍ଧ୍ୟାରେ ପୁଣି ନଈ ପାରି ହୋଇ ଆର କୂଳରେ ପହଞ୍ଚିବାବେଳକୁ ଉଇଣ୍ଡ୍ହାମ୍ ଓ ଫ୍ରେଡ଼ଙ୍କୁ ସ୍ନାନ ଦେଖାଗଲଣି । ଫ୍ରେଡ଼ଙ୍କ ଭାଇଙ୍କୁ ମଧ୍ୟ ଅଳ୍ପ ଦେଖାଯାଉଥାଏ ଓ ତାଙ୍କ ହାତ ଧରି ବାଟକଢ଼ାଇଦେବା ଆଉ ଦରକାର ପଡ଼ୁ ନ ଥାଏ ।

Digitized by srujanika@gmail.com

ନଈ ସେ ପାଖରେ ପହଞ୍ଚିବା ବେଳକୁ ଜହ୍ନ ଉଠିଲାଣି । ଗୁରୁଆଡ଼େ ଘନ ଘନ ଝାଟି। ଜଣେ ବାଟକଢ଼ୁଆଳ ସହିତ ଫ୍ରେଡ଼ଙ୍କ ଚର ଜଣଙ୍କ ଆମ ଆସିବା ବାଟକୁ ଅନାଇ ବସିଥିଲା । ଦୁହେଁ ବାଟ କଢ଼ାଇ ଆଗେ ଆଗେ ଚାଲିଲେ । ପଡ଼ିଆ ପାର ହୋଇ ଶହେ ଗଜ ଓସାର ଗୋଟିଏ ଶୁଖିଲା ନାଳ ମୁହାଣରେ ପହଞ୍ଚିଲୁ । ନାଳରେ କିଛି ବାଟ ଯାଇ ମୋଡ଼ ବୁଲିବା ମାତ୍ରେ ଗୋଟାଏ ମାରଣା ହାତୀ ସହିତ ମୁହାଁମୁହିଁ ହୋଇଗଲୁ । ମାରଣା ହାତୀଟାଏ ଏଠାରେ ମାତିଥିବା କଥା ଆଗରୁ ଶୁଣିଥିଲି । ସବୁ ଅଘଟଣ ପରେ ଏବେ ହାତୀ ସହିତ ଭେଟ ହେବାର ଦୁର୍ଯୋଗ ମଧ୍ୟ ଜୁଟିଗଲା । ହାତୀ କାନ ଡେଣ ବାଟ ଓଗାଳି ଉଚ୍ଚସ୍ୱରରେ କୁହାଟ ଛାଡ଼ୁଥାଏ । ଜହ୍ନ ଆଲୁଅରେ ତା ଦାନ୍ତ ଦୁଇଟା ଅତି ଭୟଙ୍କର ଦିଶୁଥାଏ । ତାର ଏ ମୂର୍ତ୍ତି ଦେଖି ଆମ ଲୋକେ ଭୟଭୀତ ହେବା ସ୍ୱାଭାବିକ । ତାଙ୍କୁ ଦମ୍ଭ ଦେବ କ'ଣ, କଢ଼ୁଆଳ କହିଲା ଯେ ଏ ହାତୀଟା ଭାରି ବଦରାଗୀ । କେତେ ଲୋକଙ୍କୁ ସେ ମାରିଛି ଓ ଆମଭିତରୁ କେତେ ଜଣଙ୍କୁ ସେ ନିଶ୍ଚୟ ମାରିବ । କଢ଼ୁଆଳର ପୂର୍ବ ସୂଚନାକୁ ପୂର୍ଣ୍ଣ କରିବାର ଅଭିପ୍ରାୟ ଥିଲାପରି ହାତୀ ଶୁଣ୍ଢ ଉଞ୍ଚାଇ କେଇ ପାହୁଣ୍ଡ ଆଗେଇ ଆସିଲା । ତା ପରେ କିନ୍ତୁ ସେ ହଠାତ୍ ବୁଲି ପଡ଼ି ନାଳବନ୍ଧକୁ ଉଠି ରଡ଼ି କରି କରି ଜଙ୍ଗଲର ଅନ୍ଧାରରେ ମିଶିଗଲା ।

ନାଳରେ ଆଗେଇ ଚାଲିଲୁ । ମାଇଲିଏ ପରେ ବଣପୋଡ଼ରେ ସଫା ହୋଇଥିବା ପଡ଼ିଆଟିଏ ପଡ଼ିଲା । ପୋଡ଼ାପଡ଼ିଆର କଅଁଳ ନରମ ଘାସ ଉପରେ ଆରାମରେ ଚାଲିହେଲା । ଜହ୍ନଆଲୁଅରେ ଗଛ ପତ୍ର ଚକ୍‌ଚକ୍ କରୁଥାଏ । ପରିବେଶର ସୌନ୍ଦର୍ଯ୍ୟ ଉପଭୋଗ କରୁ କରୁ ଯାତ୍ରାର ଅସଲ ଉଦ୍ଦେଶ୍ୟ ମୁଁ ଭୁଲିଗଲି । ଶୁଖିଲା ଗଛ ଡାଳରୁ ମୟୂରଟିଏ ରାବ ଦେଇ ଜନ୍ତୁଜଗତକୁ ଚେତାବନୀ ଶୁଣାଉଥାଏ । ହଠାତ୍ ସେହି ଗଛ ପାଖରୁ ଚିତାବାଘ ହଲେ ବାଟ ଉପରକୁ ବାହାରି ଆସିଲେ ଓ ଆମକୁ ଦେଖି ଅତି କମନୀୟ ଠାଣିରେ ଲମ୍ଫଦେଇ ଅନ୍ଧାରରେ କୁଆଡ଼େ ଲୁଚିଗଲେ । ଜଳଯାତ୍ରା କରିବାବେଳେ ପରିଚିତ ପରିବେଶରେ ମୁଁ ନ ଥିଲି । ମୋର ଅତି ପରିଚିତ, ଅତି ପ୍ରିୟ ଜଙ୍ଗଲକୁ ଏବେ ଫେରିଆସି ମନ ଆନନ୍ଦରେ ନାଚିଉଠିଲା । ହାତୀର କୁହାଟ, ମୟୂରର ଚେତାବନୀ, ଚିତାବାଘଙ୍କ ମନୋହର ଅଙ୍ଗଭଙ୍ଗୀ—ମନେହେଲା, ଯେପରି ଏସବୁ ଭିତରେ ମୋ ନିଜ ଦୁନିଆକୁ ମୁଁ ଫେରିପାଇଛି ।

ପୋଡ଼ାପଡ଼ିଆଟି ପୂର୍ବରୁ ପଶ୍ଚିମକୁ ଲମ୍ବିଥିଲା । ତାକୁ ଛାଡ଼ି ଲଟାବୁଦା ଓ ବଡ଼ ବଡ଼ ଗଛ ଗହଳରେ ପଶି ଉତ୍ତରକୁ ମାଇଲିଏ ଗିବାପରେ ରାତି ବାରଟାବେଳେ ଗୋଟିଏ ଛୋଟ ଝରଣା କୂଳରେ ପହଞ୍ଚିଲୁ । ଝଙ୍କାଳିଆ ବରଗଛଟିଏ ଝରଣା ଉପରକୁ ନଇଁଥିଲା । ସେହି ଗଛମୂଳେ ଆମକୁ ବସାଇ ଦେଇ କଢ଼ୁଆଳ ତା ଭାଇ ସହିତ ପରାମର୍ଶ କରିବାକୁ ଗୋଶାଳାକୁ ଗଲା । ହାଲିଆ ହୋଇ ସମସ୍ତେ ସେଇଠି ବସିରହିଲୁ । ପାଉଁରୁଟି ଟିକିଏ ଛଡ଼ା ସକାଳୁ ପେଟରେ କିଛି ପଡ଼ି ନାହିଁ । ଭୋକରେ କରଡ଼ ଜଳୁଛି । ମୋ ପାଖରେ ସିଗାରେଟ୍‌ଟିକକ ବି ଶେଷ । ଅଭି କାହାର ଅଭ୍ୟାସ ନ ଥିବାରୁ ସିଗାରେଟ୍ ମିଳିବାର ଆଶା ମଧ୍ୟ ନାହିଁ । ଅତି କଷ୍ଟରେ

Digitized by srujanika@gmail.com

ଘଣ୍ଟେ ସମୟ ଅପେକ୍ଷା କରିବା ପରେ ପାହାନ୍ତା ପହରକୁ କଚ୍ଚୁଆଲ ଗୋଶାଳାରୁ ଫେରିଲା । ଶୁଣିଲୁ ଯେ ପୂର୍ବ ସନ୍ଧ୍ୟାରୁ ସୁଲ୍‌ତାନା ତାର ଅବଶିଷ୍ଟ ନଅଜଣ ଅନୁଚରଙ୍କ ସହିତ ହରଦ୍ୱାର ପାଖ ଗୋଟିଏ ଗାଁରେ ଡକାୟତି କରିବାକୁ ଯାଇଛି । ଆଜି ରାତି କିମ୍ବା କାଲି ଭିତରେ ସେ ଫେରିବ ।

ଆମ ପାଇଁ କିଛି ଖାଦ୍ୟ ଯୋଗାଡ଼ କରିବାକୁ ଲୋକଟିକୁ ପଠାଗଲା । ଆମେ ଏବେ ସୁଲ୍‌ତାନାର ମୂଲକରେ ଅଛୁ ଓ ବରଗଛ ଉହାଡ଼ରୁ ବାହାରିବା ଆଦୌ ନିରାପଦ ନୁହେଁ ବୋଲି ତାଗିଦ୍ କରି ଲୋକଟି ଚାଲିଗଲା । ଦିନସାରା ସେ ଫେରିଲା ନାହିଁ । ଦିନସାରା ଖାଡ଼ା ଉପାସ । ଉଇଣ୍ଡ୍‌ହାମଙ୍କର ରହିଣୀ ସେଦିନ ଦର୍ଶ ଶେଷହେବା କଥା । କୁମାୟୁଁର କମିଶନର ଛଡ଼ା ସେ ତେହେରି ରାଜ୍ୟର ପଲିଟିକାଲ୍ ଏଜେଣ୍ଟ ମଧ୍ୟ । ଦୁଇଦିନ ମଧ୍ୟରେ ନରେନ୍ଦ୍ର ନଗରଠାରେ ରାଜ୍ୟର ଶାସକଙ୍କ ସହିତ ସାକ୍ଷାତ କରିବାପାଇଁ ତାଙ୍କୁ ପରଦିନ ଯେ କୌଣସିମତେ ଏଠାରୁ ବାହାରିବାକୁ ପଡ଼ିବ ।

ରାତି ହେବା ପରେ ଗୋଟିଏ ବଳଦଗାଡ଼ିରେ ଘାସ ବୋଝାଇ କରି କଚ୍ଚୁଆଲ ଆସି ପହଞ୍ଚିଲା । ଘାସ ତଳେ କେଇବସ୍ତା ଭଜା ବୁଟ ଓ କୋଡ଼ିଏ ସେର ଗୁଡ଼ ଲୁଚି ହୋଇଥାଏ । ଲୋକଟି "ସାହେବ ଲୋକଜଣ"ଙ୍କ ପାଇଁ ଖଣ୍ଡେ କନାରେ ଗୁଡ଼ାଇ ଚପାଟି କେଇପଟ ଆଣିଥିଲା । ଚପାଟିର ଅବସ୍ଥା ଦେଖି ମନେହେଉଥାଏ ଯେ ସେଗୁଡ଼ିକ ବହୁ ଦୁଃଖ ଦୁର୍ଦ୍ଦଶା ଅଙ୍ଗେ ନିଭାଇ ଅନ୍ତିମ କାଳରେ ଆମ ପାଖରେ ଆସି ପହଞ୍ଚିଛନ୍ତି । ସେତକ ମୁହଁରେ ଦେଇ ଗଛ ମୂଳେ ଗଡ଼ିପଡ଼ିଲୁ । କଥାବାର୍ତ୍ତା ହେବାକୁ ବିଷୟବସ୍ତୁ କିଛି ନ ଥିଲା । ଯେଝା ଜାଗାରେ ସିଏ ଚୁପ୍ ହୋଇ ପଡ଼ିରହିଲୁ ।

ଗଛମୂଳେ ଶୋଇ ଶୋଇ ହରଦ୍ୱାରର ଗରମ ଖାନା ଓ ନରମ ଶେଯକୁ ମନେ ମନେ ଝୁରୁଛୁ, ଏତିକବେଳେ ଅଳ୍ପ ଦୂରରେ ଚିତାବାଘ ହରିଣଟିଏ ମାରିବା ଶୁଣି ଖୁସିଟାଏ ହୋଇଗଲା । ଚପାଟି କେଇଖଣ୍ଡରେ ମୋର ଭୋକ ମରି ନ ଥିଲା । ମାଂସ ଖାଇବାର ଏ ସୁଯୋଗ ଛାଡ଼ିବାର ନୁହେଁ । ଧଡ଼ପଡ଼ ହୋଇ ଉଠି ଫ୍ରେଡ଼ିଙ୍କୁ ତାଙ୍କ କୁକ୍‌ରିଟି (ନେପାଳୀ ଖଣ୍ଡା) ମାଗିଲି । ଫ୍ରେଡ଼ି ଆଶ୍ଚର୍ଯ୍ୟ ହୋଇ କୁକ୍‌ରି କଣ କରିବ ବୋଲି ପଚାରିଲେ । ଅଳ୍ପ ଦୂରରେ ଚିତାବାଘ ହରିଣ ମାରିଥିବା କଥା ତାଙ୍କୁ ବୁଝାଇ ହରିଣର ପଛ ଫଡ଼ିଆ ଦୁଇଟା କାଟି ଆଣିବି ବୋଲି ତାଙ୍କୁ କହିଲି । ଫ୍ରେଡ଼ି ହରିଣ ବୋବାଇବା ଶୁଣିଥିଲେ; କିନ୍ତୁ ଚିତାବାଘ ତାକୁ ମାରିଛି ବୋଲି ବିଶ୍ୱାସ କଲେନାହିଁ । ସୁଲ୍‌ତାନା ଦଳର କାହାକୁ ଦେଖି ହରିଣ ବୋବାଇ ପାରିଥାଏ ବୋଲି ସେ ଯୁକ୍ତିକଲେ । ବନ୍ଧୁକ ଫୁଟାଇବାକୁ ମନାଥାଏ । ବିନା ବନ୍ଧୁକରେ ଚିତାବାଘ ମୁହଁରୁ ଶିକାର ଛଡ଼ାଇ ଆଣିବା ସମ୍ଭବ ବୋଲି ସେ ମାନିବାକୁ ରାଜି ହେଲେ ନାହିଁ । (ପୂର୍ବ ଅଭିଯାନର ଅନୁଭୂତି ପରେ କେଉଁ ପରିସ୍ଥିତିରେ ବନ୍ଧୁକ ବ୍ୟବହାର କରିବାକୁ ଲୁହାଯିବ ନ ଜାଣି ମୁଁ ଏଥର ରାଇଫଲ୍ ଛାଡ଼ି ଆସିଥିଲି । ଫ୍ରେଡ଼ି ଏଠାରେ ପୋଲିସ ବନ୍ଧୁକ ବିଷୟ

Digitized by srujanika@gmail.com

କହୁଥିଲେ ।) ମୋ କଥାକୁ ଅସଙ୍ଗତ ବୋଲି ଉଡ଼ାଇଦେଇ ମୋତେ ସେ ଯିବାପାଇଁ ଅନୁମତି ଦେଲେ ନାହିଁ ।

ମନରେ ଦୁଃଖ ଓ ପେଟରେ ଭୋକ ନେଇ ନିଜ ଜାଗାରେ ଯାଇ ଶୋଇଲି । ଜନ୍ତୁଜଗତର ଭାଷା ଯିଏ ଶିଖି ନାହିଁ, ବନ୍ୟଜନ୍ତୁଙ୍କ ସ୍ୱରସୂଚନା ବିଷୟରେ ତାକୁ କେମିତି ବୁଝାଇବି ? ହରିଣର ସ୍ୱରରେ ମଣିଷକୁ ଦେଖିବାର କୌଣସି ସଙ୍କେତ ନ ଥିଲା—ତାଙ୍କ ପଲରୁ ଗୋଟିକୁ ଚିତାବାଘ ମାରିଦେଉଛି ବୋଲି ସେ ସ୍ପଷ୍ଟଭାବେ ଘୋଷଣା କରୁଥିଲା—ଅନଭିଜ୍ଞ ଲୋକକୁ ଏ କଥା କହିଲେ ସେ କାହିଁକି ଅବା ବିଶ୍ୱାସ କରିବ ? ଚିତାବାଘ ମୁହଁରୁ ମୁଁ ଅନାୟାସରେ ଶିକାର ଛଡ଼ାଇ ଆଣି ପାରିବି ଓ ସେଥିରେ କୌଣସି ବିପଦ ପଡ଼ିବ ନାହିଁ—ଏ କଥା ମଧ୍ୟ ତାର ପ୍ରତ୍ୟୟ ହେବ କିପରି ?

ବାକିତକ ରାତି ଘୁରୁଘୁରୁରେ କଟିଗଲା । ବଡ଼ଭୋରରୁ ଉଇଣ୍ଡ୍‌ହାମ୍ ଓ ମୁଁ ହରଦ୍ୱାର ବାହାରିଲୁ । ଦୀର୍ଘ ପଦଯାତ୍ରା ପରେ ଭୀମଗୋଡ଼ାଠାରେ ଗଙ୍ଗା ପାରି ହୋଇ ବନ୍ଧ ପାଖ ବଙ୍ଗଳାରେ ପହଞ୍ଚିଲୁ ଓ ଶୀଘ୍ର ଖିଆପିଆ ସାରି ସନ୍ଧ୍ୟାବେଳଟି ମାଛ ମାରିବାରେ କଟାଇଲୁ । ଗଙ୍ଗାର ପ୍ରଶସ୍ତ ବକ୍ଷ ଉପରେ ସେହି ସୁନ୍ଦର ସନ୍ଧ୍ୟାଟି ଅନେକ କାଳଯାଏ ସ୍ମୃତିପଟରେ ଅଲିଭା ରହିବ ।

ପରଦିନ ସକାଳ । ଉଇଣ୍ଡ୍‌ହାମ୍ ନରେନ୍ଦ୍ର ନଗର ଯିବାକୁ ବାହାରିଥାଆନ୍ତି । ବନ୍ଧୁମାନେ ତେଣେ ଉପାସ ଥିବେ । ଫେରିବା ପୂର୍ବରୁ ସେମାନଙ୍କ ପାଇଁ କିଛି ଖାଦ୍ୟ ସାମଗ୍ରୀ ମୁଁ ଯୋଗାଡ଼ କରୁକରୁ ଧାଉଡ଼ିଆ ଜଣେ ଆସି ଖବର ଦେଲା ଯେ ଫ୍ରେଡ଼ ସୁଲ୍‌ତାନାକୁ ବନ୍ଦୀ କରିଛନ୍ତି ।

ସୁଲ୍‌ତାନା ତା ଅନୁଚରଙ୍କ ସହିତ ସନ୍ଧ୍ୟାରେ ଫେରିଲା । ରାତିରେ ପୋଲିସ୍ ଦଳ ଗୋଶାଳାକୁ ଘେରିଗଲେ । ଫ୍ରେଡ଼ ଅତି ସନ୍ତର୍ପଣରେ ଭିତରକୁ ପଶିଲେ ଓ ସବୁଠାରୁ ବଡ଼ ବଖରାଟିରେ ଦଉଡ଼ିଆ ଖଟରେ ଜଣେ କେହି ଘୋଡ଼ହୋଇ ଶୋଇଥିବା ଦେଖି ତା ଉପରେ ଯାଇ ବସିପଡ଼ିଲେ । ଫ୍ରେଡ଼ଙ୍କର ଦୁଇ ଶହ ଚୌରାଅଶୀ ପାଉଣ୍ଡ ଓଜନରେ ସୁଲ୍‌ତାନା ହଲଚଲ ମଧ୍ୟ ହୋଇ ପାରିଲା ନାହିଁ । ପୂର୍ବରୁ ସେ ସଙ୍କଳ୍ପ କରିଥିଲା ଯେ ଜୀବିତାବସ୍ଥାରେ କେହି ତାକୁ ବନ୍ଦୀ କରିପାରିବେ ନାହିଁ । ସଙ୍କଳ୍ପ ପୂର୍ତ୍ତି କରିବା ଦୂରେ ଥାଉ, ଫ୍ରେଡ଼ଙ୍କ ଭାରରେ ସେ ଲେଶମାତ୍ର ପ୍ରତିରୋଧ କରିପାରିଲା ନାହିଁ । ସେ ବଖରାରେ ଶୋଇଥିବା ମୋଟ ଛଅ ଜଣ ଡକାୟତଙ୍କ ଭିତରୁ ସୁଲ୍‌ତାନା ସମେତ ଚାରିଜଣ ଧରାପଡ଼ିଲେ । ଦଳର ଦୁଇ ଜଣ ଉପନେତା ବାବୁ ଓ ପହଲବାନ ପୋଲିସ ଘେର ଭାଙ୍ଗି ପଳାଇଗଲେ ।

ସୁଲ୍‌ତାନା ଘଟାଇଥିବା ହତ୍ୟାକାଣ୍ଡଗୁଡ଼ିକର ଠିକ୍ ହିସାବ ମୋତେ ଜଣାନାହିଁ । ତା ଦଳରୁ ଜଣେ ଲମାଚୁର ଗାଁର ସେ ସାହସୀ ପ୍ରଜାଟିକୁ ହତ୍ୟା କରିଥିବା ଅଭିଯୋଗରେ ତା ବିରୁଦ୍ଧରେ ମୋକଦ୍ଦମା ଦାଏର ହେଲା । ଦଣ୍ଡିତ ହୋଇ କାରାବାସରେ ଥିବାବେଳେ ସୁଲ୍‌ତାନା ଫ୍ରେଡ଼ଙ୍କୁ ଡକାଇ ପଠାଇଲା । ନଜିବାବାଦ୍ ଦୁର୍ଗରେ ତା ସ୍ତ୍ରୀ ଓ ପୁଅଟିର ଭାର

Digitized by srujanika@gmail.com

ସେ ଫ୍ରେଡ୍ଡଙ୍କ ଉପରେ ଅର୍ପଣ କଲା ଓ ତାର ଅତି ଆଦରର କୁକୁରଟି ତାଙ୍କୁ ଉପହାର ଦେଲା । ଏ ଦାୟିତ୍ବ ଓ ଉପହାର ଫ୍ରେଡ୍ଡ ସମ୍ମାନ ସହ ଗ୍ରହଣ କରିଥିଲେ । ସୁଲ୍ତାନାର ପରିବାରର ରକ୍ଷଣାବେକ୍ଷଣ କରିବେ ବୋଲି ଫ୍ରେଡ୍ଡ ପ୍ରତିଶ୍ରୁତି ଦେଇଥିଲେ ଏବଂ ଅତି ନିଷ୍ଠାର ସହ ତାହା ପାଳନ କରିଥିଲେ ।

× × × ×

କେତେମାସ ପରର କଥା । ଫ୍ରେଡ୍ଡଙ୍କର ପଦୋନ୍ନତି ହୋଇଥାଏ । ମହାମାନ୍ୟ ସମ୍ରାଟ ତାଙ୍କୁ ସି. ଆଇ. ଇ. ଉପାଧିରେ ଭୂଷିତ କରିଥାଆନ୍ତି । ଭାରତୀୟ ପୋଲିସ ବିଭାଗରେ ଏତେ ଅଳ୍ପ ବୟସରେ ଏ ଉପାଧି କେହି ପାଇ ନ ଥିଲେ । ଏହାର ଠିକ୍ ପରେ ପରେ ବାର୍ଷିକ ପୋଲିସ ସପ୍ତାହ ଉପଲକ୍ଷେ ଫ୍ରେଡ୍ଡ ମୋରାଦାବାଦ ଯାଇଥାଆନ୍ତି । କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶର ପୋଲିସ୍ ଅଫିସରମାନଙ୍କ ପାଇଁ ରାତ୍ରି ଭୋଜନର ଆୟୋଜନ ହୋଇଥାଏ । ଖିଆପିଆ ଚାଲିଥିବାବେଳେ ଜଣେ ପରିଚାରକ ଫ୍ରେଡ୍ଡଙ୍କୁ ଖବର ଦେଲା ଯେ ତାଙ୍କ ଅର୍ଦ୍ଦଳି ତାଙ୍କୁ ଦେଖାକରିବାକୁ ଚାହେଁ । ସୁଲ୍ତାନା ବିରୁଦ୍ଧରେ ଅଭିଯାନ ଚାଲିଥିବା ବେଳେ ଏ ଅର୍ଦ୍ଦଳି ଫ୍ରେଡ୍ଡଙ୍କ ପାଖେ ପାଖେ ଥିଲା । ସେଦିନ ସନ୍ଧ୍ୟାରେ ଫୁରୁସତ୍ ପାଇ ଲୋକଟି ମୋରାଦାବାଦ ଷ୍ଟେସନ ଆଡ଼େ ବୁଲିଯାଇଥିଲା । ସେତିକବେଳେ ଗାଡ଼ି ପହଞ୍ଚିବାରୁ ଷ୍ଟେସନରେ ସେ ଅନେକ ରହି ଯାତ୍ରୀ ଗହଳିକୁ ଲକ୍ଷ୍ୟ କରୁଥିଲା । ପାଖର ଗୋଟିଏ ରେଳ ଡବାରୁ ଦୁଇଜଣ ଯାତ୍ରୀ ଓହ୍ଲାଇଲେ । ଜଣକ ନାକରେ ଭଲା ଖଣ୍ଡେ ଲଗିଥିଲା । ଅନ୍ୟ ଯାତ୍ରୀଟି ତାକିଦ୍ କରିବାରୁ ସେ ନାକରେ ରୁମାଲ ଦେଇ ମୁସାଫିର୍‌ଖାନାରେ ପଶିଗଲା । ଅର୍ଦ୍ଦଳି ତାଙ୍କ ପଛେ ପଛେ ଚାଲିଲା । ଯାତ୍ରୀ ଦୁହେଁ ଗୋଟିଏ କୋଣରେ ଯାଇ ବସିଲେ । ପାଖରେ ଗୁଡ଼ିଏ ମାଲପତ୍ର ଜମାଇ ସେମାନେ ସ୍ଥିର ହୋଇ ବସିଛନ୍ତି ଦେଖି ଅର୍ଦ୍ଦଳି ଏକ୍କା ଗାଡ଼ି ଧରି ଫ୍ରେଡ୍ଡଙ୍କୁ ଆସି ଖବର ଦେଲା ।

ବାବୁ ଓ ପହଲବାନ୍ ପୋଲିସ ଘେର ଭାଙ୍ଗି ପଳାଇବାବେଳେ ତାଙ୍କୁ ଲକ୍ଷ୍ୟ କରି କେତେ ଗୋଟେ ଗୁଳି ମରାଯାଇଥିଲା । ଏହାର ଠିକ୍ ପରେ ଜଣେ ଲୋକ ନଜିବାବାଦ୍‌ର ଏକ ଘରୋଇ ଡାକ୍ତରଖାନାରେ ପହଞ୍ଚି କହିଲା ଯେ ତା ନାକକୁ କୁକୁର କାମୁଡ଼ି ଦେଇଛି । କମ୍ପାଉଣ୍ଡର ଘାଆ ଧୋଇ ପଟି ବାନ୍ଧିଲେ । ଘାଆଟି ଛର୍‌ରା ମାଡ଼ଦ୍ୱାରା ହୋଇଛି ବୋଲି ସନ୍ଦେହ ହେବାରୁ କମ୍ପାଉଣ୍ଡର ଏ ବିଷୟ ପୋଲିସକୁ ଜଣାଇ ଥିଲେ । ସୁଲ୍ତାନା ଦଳର ଅଧିକାଂଶ ହତ୍ୟାକାଣ୍ଡ ବାବୁ ଓ ପହଲବାନ୍ ଘଟାଇ ଥାଆନ୍ତି । ଏହି କୁଖ୍ୟାତ ଡାକୁ ଦୁହିଁଙ୍କୁ ଧରିବା ପାଇଁ ଉତ୍ତର ପ୍ରଦେଶର ପୋଲିସ୍ ସଜାଗ ଥାଆନ୍ତି । ନାକରେ ଆଘାତ ପାଇଥିବା ଜଣେ ବ୍ୟକ୍ତି ପ୍ରତି ଜାଗ୍ରତ ଆଖି ରହିବା ପାଇଁ ସମସ୍ତଙ୍କୁ ସତର୍କ କରାଯାଇଥାଏ ।

ଅର୍ଦ୍ଦଳିଠାରୁ ଏ ଖବର ଶୁଣିବା ମାତ୍ରେ ଫ୍ରେଡ୍ଡ ଗାଡ଼ି ନେଇ ଷ୍ଟେସନକୁ ଛୁଟିଲେ । ଫ୍ରେଡ୍ଡ ବେଗରେ ଗାଡ଼ି ଚଳାଇବାବେଳେ ତାଙ୍କ ଗତିକୁ "ଛୁଟିବା" ଛଡ଼ା ଆଉ କିଛି କହି ହେବ

Digitized by srujanika@gmail.com

ନାହିଁ । ସେତେବେଳେ ସେ ଲେକବାକ, ଗାଡ଼ି, ଘୋଡ଼ା, ବାଙ୍କ ମୋଡ଼ ଆଦି କିଛି ମାନନ୍ତି ନାହିଁ । ଷ୍ଟେସନରେ ପହଞ୍ଚିବା ମାତ୍ରେ ମୁସାଫିରଖାନାର ପ୍ରତ୍ୟେକ ଦ୍ୱାରରେ ପ୍ରହରୀ ଜଗାଇ ଦେଇ ନିଜେ ଭିତରକୁ ପଶି ସେ ଯାତ୍ରୀ ଦୁହିଁଙ୍କ ପରିଚୟ ପଚାରିଲେ । ଦୁହେଁ ଉତ୍ତର ଦେଲେ ଯେ ସେମାନେ ବେପାରୀ—ବରେଲୀରୁ ପଞ୍ଜାବ ଯାଉଛନ୍ତି । ଯେଉଁ ଗାଡ଼ିରେ ସେମାନେ ଆସିଥିଲେ, ସେଇଟି ମୋରାଦାବାଦ୍‌ରେ ଯାତ୍ରା ଶେଷ କରେ । ପଞ୍ଜାବ ଯିବାକୁ ସେମାନେ ଏ ଗାଡ଼ି କାହିଁକି ଧରିଲେ ବୋଲି ପଚାରିଯିବାରୁ ଜଣେ କହିଲା ଯେ ବରେଲି ଷ୍ଟେସନରେ ଏକ ସମୟରେ ଦୁଇଟି ଗାଡ଼ି ଛାଡ଼ାହୋଇଥିଲା । ସେମାନେ ଭୁଲରେ ମୋରାଦାବାଦ ଗାଡ଼ିରେ ଚଢ଼ିଗଲେ । ପଞ୍ଜାବକୁ ଗାଡ଼ି ପାଇବା ପାଇଁ ଏଠାରେ ତାଙ୍କୁ ସକାଳ ଯାଏ ଅପେକ୍ଷା କରିବାକୁ ପଡ଼ିବ । ସେମାନେ ସେ ପର୍ଯ୍ୟନ୍ତ କିଛି ଖାଇନାହାନ୍ତି ବୋଲି ପ୍ରକାଶ କରିବାରୁ ଫ୍ରେଡ୍ଡି ଦୁହିଁଙ୍କୁ ଖାଇବା ପାଇଁ ନିମନ୍ତ୍ରଣ କଲେ । ଟିକିଏ ଇତସ୍ତତଃ ହେବା ପରେ ଯାତ୍ରୀ ଦୁହେଁ ମୋଟରରେ ଆସି ବସିଲେ ।

ଯାତ୍ରୀ ଦୁହେଁ ପଛରେ ବସିଥାଆନ୍ତି । ଧୀରେ ଧୀରେ ଗାଡ଼ି ଚଲାଇ ଫ୍ରେଡ୍ଡି ତାଙ୍କୁ ନାନା ବିଷୟ ଖୋଳିତାଡ଼ି ପଚାରୁଥାଆନ୍ତି । ପ୍ରତ୍ୟେକ ପ୍ରଶ୍ନର ଉପଯୁକ୍ତ ଉତ୍ତର ସଙ୍ଗେ ସଙ୍ଗେ ମିଳୁଥାଏ । ରାତିରେ ଷ୍ଟେସନରୁ ଯାତ୍ରୀଙ୍କୁ ଜବରଦସ୍ତି ଧରିନେବା ଏବଂ ସେମାନଙ୍କର ଲୁଟିକରିବା ପାଇଁ ତାଙ୍କ ସାମାନପତ୍ର ଷ୍ଟେସନରେ ଫିଙ୍ଗିଦେଇ ଆସିବା କଣ ସାହେବମାନଙ୍କ ରୀତି ବୋଲି ଯାତ୍ରୀ ଦୁହେଁ ଫ୍ରେଡ୍ଡିଙ୍କୁ ଓଲଟା ପ୍ରଶ୍ନ କଲେ । ସେତେବେଳକୁ ଫ୍ରେଡ୍ଡିଙ୍କ ମନକୁ ପାପ ଛୁଇଁଲାଣି । ମୋରାଦାବାଦ ଜେଲରେ ସୁଲ୍‌ତାନାର ଅନୁଚରମାନେ ଏହି ଆଗନ୍ତୁକ ଦୁହିଁଙ୍କୁ ଚିହ୍ନଟ ନ କଲେ ଗୁରୁତର ସମସ୍ୟାର ସୂତ୍ରପାତ ହେବ । ବିନା ପରବାନାରେ ଷ୍ଟେସନରୁ ଦୁଇଜଣ ଯାତ୍ରୀଙ୍କୁ ଧରିନେବା "ପୋଲିସ୍ ଜୁଲୁମ" ବୋଲି ଆଖ୍ୟା ଦିଆଯାଇ ନାନା କନ୍ଦଳ ଆରମ୍ଭ ହୋଇଯିବ । ଏସବୁ ସେ ଭାବୁ ଭାବୁ ବଙ୍ଗଳା ଫାଟକ ପାଖରେ ଗାଡ଼ି ଅଟକିଲା ।

ଫ୍ରେଡ୍ଡିଙ୍କୁ କୁକୁରମାନେ ଖୁବ୍ ଭଲପାଆନ୍ତି । ଇତିମଧ୍ୟରେ ସୁଲ୍‌ତାନାର କୁକୁରଟି ତାଙ୍କ ପ୍ରତି ବଡ଼ ଅନୁରକ୍ତ ହୋଇପଡ଼ିଥାଏ । ଗାଡ଼ି ଅଟକିବା ମାତ୍ରେ କୁକୁର ବଙ୍ଗଳାରୁ ଧାଇଁ ଆସିଲା । ହଠାତ୍ ଯାତ୍ରୀ ଦୁହିଁଙ୍କୁ ଦେଖିଦେଇ ସେ ଥତମତ ହୋଇ ଅଟକିଗଲା ଓ ତା'ପରେ ସେମାନଙ୍କ ଉପରକୁ କୁଦି ପଡ଼ି ଆନନ୍ଦରେ ଲାଙ୍ଗୁଳ ହଲାଇ ସ୍ୱାଗତ ଜଣାଇଲା । ଯାତ୍ରୀ ଦୁହେଁ ପରସ୍ପର ମୁହଁକୁ ଅନାଇଲେ । ତା'ପରେ କୁକୁରର ମୁଣ୍ଡ ଆଉଁସି ଦେଇ ପହଲବାନ୍ କହିଲା, "ଏ ସଚ୍ଚୋଟ ସାକ୍ଷୀ ଆଗରେ ଆଉ ମିଛ କହି ଲାଭନାହିଁ ସାହେବ ।"

× × × ×

ସମାଜ ଅପରାଧୀଙ୍କଠାରୁ ରକ୍ଷା ପାଇବାକୁ ଚାହେଁ । ସୁଲ୍‌ତାନା ଥିଲା ଅପରାଧୀ । ଦେଶର ଦଣ୍ଡବିଧି ଅନୁଯାୟୀ ତାର ବିଚାର ହେଲା ଓ ଦୋଷୀ ସାବ୍ୟସ୍ତ ହୋଇ ସେ ଫାଶୀ ପାଇଲା । ମୁଁ କିନ୍ତୁ ତାକୁ ତାରିଫ୍ ନ କରି ରହିପାରୁନାହିଁ । ଦୀର୍ଘ ତିନିବର୍ଷ ଧରି ଏହି

Digitized by srujanika@gmail.com

ସାମାନ୍ୟ ଲୋକଟି ପ୍ରତାପୀ ସରକାରଙ୍କ ପରାକ୍ରମକୁ ସମ୍ପୂର୍ଣ୍ଣ ବ୍ୟର୍ଥ କରିଦେଇଥିଲା । ଫାଶୀଦଣ୍ଡ ପାଇ ଆସାମୀ ଭାବେ କାରାବାସରେ ଥିବାବେଳେ ତାର ସାହସିକ ଆଚରଣ ଯୋଗୁଁ ରକ୍ଷୀମାନେ ମଧ୍ୟ ତାକୁ ସମ୍ମାନ କରୁଥିଲେ ।

ମୋକଦ୍ଦମା ଚାଲୁଥିବାବେଳେ ହାତରେ ଗୋଡ଼ରେ ବେଡ଼ି ପିନ୍ଧାଇ ସୁଲ୍‌ତାନାକୁ ଯେପରି ପ୍ରଦର୍ଶନ କରାଗଲା, ତାହା ନ କରିଥିଲେ ଭଲ ହୋଇଥାଆନ୍ତା । ଯେଉଁମାନେ ତା ନାଁ ଶୁଣି ଭୟରେ ଥରହର ହେଉଥିଲେ, ଅବସ୍ଥାର ସୁଯୋଗ ନେଇ ସେହିମାନେ ତାକୁ ବିଦ୍ରୂପ କରିବାକୁ ଛାଡ଼ିଲେନାହିଁ । ତା ପ୍ରତି ଚରମ ଶାସ୍ତିବିଧାନ ହୋଇ ନ ଥିଲେ ମୁଁ ଖୁସି ହୋଇଥାଆନ୍ତି । ନିଜ ସମ୍ପ୍ରଦାୟରେ ଜନ୍ମିବାର ଅପରାଧ ଯୋଗୁଁ ଜନ୍ମରୁ ତା ଉପରେ "ଅପରାଧୀ" ବୋଲି ଦାଗ ଲଗାଇ ଦିଆଗଲା । ଜନ୍ମଗତ ଏହି କଳଙ୍କରୁ ନିଜକୁ ମୁକ୍ତ କରିବାପାଇଁ କେହି ତାକୁ ଅବକାଶ ବା ସୁଯୋଗ ଦେଇ ନ ଥିଲେ । ପରାକ୍ରମର ଶୀର୍ଷରେ ଥିବା ସତ୍ତ୍ୱେ ଗରିବଙ୍କ ଉପରେ ସେ ଅତ୍ୟାଚାର କେବେ କରି ନ ଥିଲା । ପ୍ରଥମ ଅଭିଯାନରେ ତାକୁ ଅନୁସରଣ କରି ସେହି ବରଗଛ ପାଖରେ ପହଞ୍ଚିବାବେଳେ ସେ ଇଚ୍ଛାକରିଥିଲେ ଆମକୁ ସହଜରେ ମାରିଦେଇଥାଆନ୍ତା । ସେଦିନ ସେ ଆମକୁ ନ ମାରି ଛାଡ଼ିଦେଲା । ପରିଶେଷରେ, ଫ୍ରେଡ଼ିଙ୍କ ସହିତ ସାକ୍ଷାତ କରିବାବେଳେ ସଙ୍ଗରେ ଛୁରୀ ତରବାରି ଆଣି ନ ଥିଲା । ପରମଶତ୍ରୁକୁ ତରଭୁଜଟିଏ ଉପହାର ଦେଇ ବନ୍ଧୁଭାବେ ସମ୍ଭାଷଣ କରିବାଦ୍ୱାରା ସାହସ ଓ ଉଦାରତାର ସେ ଯଥେଷ୍ଟ ପରିଚୟ ଦେଇଥିଲା । □□□

Digitized by srujanika@gmail.com

ଅନୁରକ୍ତ

ଘଣ୍ଟାକୁ ତିରିଶ ମାଇଲ ବେଗରେ ଡାକଗାଡ଼ି ଗାଙ୍ଗେୟ ଉପତ୍ୟକାରେ ଛୁଟି ଚାଲିଛି । ଭାରତର ଏହି ସର୍ବାପେକ୍ଷା ଉର୍ବର ଅଞ୍ଚଳ ସହିତ ମୁଁ ବହୁକାଳରୁ ପରିଚିତ । ସୂର୍ଯ୍ୟ ଉଦୟ ହେଲେଣି । ଦିଗନ୍ତବ୍ୟାପୀ ସୁନେଲି ଗହମ କ୍ଷେତ କଅଁଳ ଖରାରେ ଝଲସି ଉଠୁଛି । ଅପ୍ରେଲ ମାସ—ଗହମ କଟା ସମୟ । ଲୋକେ ବଡ଼ିସକାଳୁ ଫସଲ କାଟିବାରେ ଲାଗିପଡ଼ିଲେଣି । ଗତବର୍ଷ ଯେଉଁ ଦୁର୍ଭିକ୍ଷ ପଡ଼ିଥିଲା, ସେପରି ଭୟାବହ ଦୁର୍ଭିକ୍ଷ ଏ ଦେଶରେ କ୍ୱଚିତ୍ ଦେଖାଯାଏ । ଦେଶବ୍ୟାପୀ ସେହି ଦାରୁଣ ବିପତ୍ତିରୁ ଏହି ଉର୍ବର ଅଞ୍ଚଳ ମଧ୍ୟ ରକ୍ଷା ପାଇ ନ ଥିଲା । ଗାଁ ଗଣ୍ଡାର ଲୋକେ ସେତେବେଳେ ଗଛର ବକଲ ଖାଇ ଚଳୁଥିବା ମୁଁ ଦେଖିଛି । ଭୋକ ବିକଳରେ କିଏ ପଡ଼ିଆରୁ ଘାସମଞ୍ଜି ଓଲାଇ ଆଣି ଖାଇଲା । କେହି ଅରମାରୁ କୋଳି ଗୋଟାଇ ଜୀବନ ବଞ୍ଚାଇଲା । ଯୋଗକୁ ଶୀତଦିନେ କେଇ ଅସ୍ରା ଭଲ ବର୍ଷା ହେବା ଫଳରେ ଶୁଖିଲା ଫଟା ଭୂଇଁ ଫସଲରେ ପୁଣି ହସିଉଠିଲା । ବର୍ଷେ କାଳ ଭୋକ ଉପାସରେ କଟାଇ ଚାଷୀମାନେ ଏବେ ମହା ଆନନ୍ଦରେ ନୂଆ ଫସଲ ଅମଳ କରିବାରେ ଲାଗିଛନ୍ତି । ରାତି ନ ପାହୁଣୁ ମୂଲିଆ କୋଠିଆ ଧରି ସେମାନେ ବିଲରେ ହାଜର । ସମସ୍ତେ କାମରେ ବ୍ୟସ୍ତ; ନିଃଶ୍ୱାସ ମାରିବାକୁ କାହାକୁ ତର ନାହିଁ । ଯେଉଁ ମୂଲିଆଣୀମାନେ ଗହମ କାଟିବାରେ ଲାଗିଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶଙ୍କର ନିଜର ଜମିବାଡ଼ି ନାହିଁ । ଗହମ ପାଚିଲେ ସେମାନେ ଗାଁ ଗାଁ ବୁଲି ମୂଲ ଲାଗନ୍ତି । ବଡ଼ିଭୋରରୁ ମୁହଁ ସଞ୍ଜଯାଏ ଫସଲ କଟା ଚାଲେ । ଦିନ ଭିତରେ ଯାହା କଟାହୁଏ, ସ୍ଥାନବିଶେଷରେ ତାର ବାର ଭାଗ ବା ଷୋହଳ ଭାଗରୁ ଭାଗେ ମୂଲିଆଣୀଙ୍କୁ ମୂଲ ଦିଆଯାଏ ।

ବିସ୍ତୀର୍ଣ୍ଣ ଏହି ଅଞ୍ଚଳରେ ଦୃଷ୍ଟି ରୋଧ କରିବା ଭଳି ବନ୍ଧବାଡ଼ କିଛି ନାହିଁ । ଗୋଟିଏ ହେଲେ କୃଷିଯନ୍ତ୍ର କେଉଁଠାରେ ଦେଖାଯାଉନାହିଁ । ଏଠାକାର ବାସିନ୍ଦାମାନେ ଯନ୍ତ୍ରଯୁଗରୁ ବହୁ ଦୂରରେ । ବହୁ ଯୁଗ ତଳର ପ୍ରାଚୀନ ସରଞ୍ଜାମଦ୍ୱାରା ଚାଷବାସ କରିବାରେ ସେମାନେ ଅଭ୍ୟସ୍ତ । ଆବହମାନ କାଳର ସେଇ ପୁରୁଣା ଲଙ୍ଗଳରେ ବଳଦ ଯୋଚି କେଇ ମାସ ତଳେ ଏଠାରେ ହଳ ବୁଲାଯାଇଥିଲା । ଫସଲ କାଟିବା ପାଇଁ ଅଠର ଇଞ୍ଚ ଲମ୍ବ ଦାଆଟି ମଧ୍ୟ ମାନ୍ଧାତା ଅମଳରୁ ଚାଲିଆସୁଛି । ପାଳ ଦଉଡ଼ିରେ କଲେଇ ବନ୍ଧା ହୋଇ ବଳଦଗାଡ଼ିରେ ଖଳାକୁ ବୁହାଯାଉଛି । ଖଳାଟି ପୂର୍ବରୁ ଗୋବରରେ ଲିପାପୋଛା ହୋଇ ନିର୍ମଳ କରାହୋଇଛି । ମେଢ଼ିଖୁଣ୍ଟରେ ଧାଡ଼ିଏ ବଳଦ ବାନ୍ଧି ଖଳାରେ ଏବେ ବେଙ୍ଗଳା ବୁଲା ଆରମ୍ଭ ହୋଇଗଲାଣି । କେତୋଟି କ୍ଷେତରୁ ଗହମ କଟା ସରିଛି । ଥୁଣ୍ଟା ଖାଇବା ପାଇଁ ଗାଁ ପିଲାଏ ସେଥିରେ ଗୋରୁ

Digitized by srujanika@gmail.com

ଘୁରାଇଛନ୍ତି । ବୁଢ଼ୀମାନେ ଗୋଛୁଗୋଠରେ ଗଳା ପର୍ଯ୍ୟନ୍ତ କ୍ଷେତ ଓଳାଇ ଗହମ ଗୋଟାଉଛନ୍ତି । ଝଡ଼ାଝଡ଼ିରୁ ଯାହା ମିଳିବ, ସେଥିରୁ ଅଧେ କ୍ଷେତବାଲାର, ବାକି ସେରେ ଅଧେ ଗହମ ନେଇ ସେମାନେ ଘରକୁ ଫେରିବେ ।

ଗାଙ୍ଗେୟ ଅବବାହିକାରେ ଦୀର୍ଘ ଛତିଶ ଘଣ୍ଟା ମୋତେ ଯାତ୍ରା କରିବାକୁ ପଡ଼ିବ । ଖିଆପିଆର ସୁବିଧା ପାଇଁ ଗାଡ଼ି ଠିକ୍ ସମୟରେ ଠିକ୍ ଜାଗାରେ ଅଟକିବ । ତବାରେ ମୋ ଛଡ଼ା ଅଉ କେହି ନାହାନ୍ତି । ପୂରା ତବା ଉପରେ ମୋର ଅବାଧ ଅଧିକାର । ବାହାରେ ଗାଙ୍ଗେୟ ଉପତ୍ୟକାର ସୁନ୍ଦର ଦୃଶ୍ୟ । ସମସ୍ତ ଓ ପରିସ୍ଥିତି ଭିନ୍ନ ପ୍ରକାର ହୋଇଥିଲେ ଏ ଯାତ୍ରା ମୋ ପାଇଁ କେଡ଼େ ସୁଖକର ହୋଇ ନ ଥାନ୍ତା ! ସେଦିନ କିନ୍ତୁ ମୋତେ ଖରି ଅସ୍ଥିର ଲାଗୁଥାଏ । ମୋ ଆସନ ତଳେ ଲୁହା ବାକ୍ସରେ ବନ୍ଦହୋଇ ଦୁଇଶହ ଟଙ୍କାର ଥଳିଟିଏ ଥାଏ । ମୋ ପାଖରେ ଥିଲେ ମଧ୍ୟ ସେ ଟଙ୍କାତକ ମୋର ନ ଥିଲା । ସେହି ଟଙ୍କାତକ ହୋଇଥାଏ ମୋର ନାନା ଦୁଶ୍ଚିନ୍ତାର କାରଣ ।

ଅଠର ମାସ ପୂର୍ବେ ଏହି ରେଳବାଇରେ ମୁଁ ଜାଳେଣି-ନିରୀକ୍ଷକ (Fuel Inspector) ଭାବେ ନିଯୁକ୍ତ ପାଇଥିଲି । ସ୍କୁଲରୁ ବାହାରି ସିଧାସଳଖ ଚାକିରିରେ ଯୋଗଦେଲି । ଅଠର ମାସ କାଳ ଜଙ୍ଗଲରେ ଏକାକୀ ରହି କାଠ କଟାଇବାକୁ ପଡ଼ିଲା । ସେତେବେଳେ ରେଳ ଇଞ୍ଜିନ୍‌ରେ ଜାଳ ଭାବେ କାଠ ବ୍ୟବହୃତ ହେଉଥିଲା । ସେଥିପାଇଁ ପାଞ୍ଚଲକ୍ଷ ଘନ ଫୁଟ ଜାଳେଣି କାଠ ଯୋଗାଇବା ଥିଲା ମୋର କାମ । ଗଛ କଟା ହୋଇ ଗଣ୍ଡିଗୁଡ଼ିକୁ ଛତିଶ ଇଞ୍ଚ ଲମ୍ବରେ ଗଡ଼ କରାଯାଏ । ବଳଦଗାଡ଼ିରେ ଲଦି ଗାଡ଼ିଗୁଡ଼ିକୁ ଦଶ ମାଇଲ ଦୂର ରେଳ ଧାରଣା ପାଖରେ ପହଞ୍ଚାଇବାକୁ ପଡ଼େ । ସେଠାରେ ଥାକମରା ହୋଇ ମାପଚୁପ ହେବା ପରେ ତାହା ସ୍ୱତନ୍ତ୍ର ମାଲ ଗାଡ଼ିରେ ବୋଝାଇ ହୋଇ ଦରକାର ମୁତାବକ ବିଭିନ୍ନ ରେଳଷ୍ଟେସନମାନଙ୍କୁ ଯୋଗାଇ ଦିଆଯାଏ ।

ଜଙ୍ଗଲରେ ଅଠର ମାସ ଏକାକୀ ରହିବାକୁ କିଛି ଅସୁବିଧା ହେଲନାହିଁ । ମୋର ସ୍ୱାସ୍ଥ୍ୟ ଭଲଥାଏ । କଠିନ ପରିଶ୍ରମ ପଡ଼େ ସତ, କିନ୍ତୁ ସେଥିରୁ ମୋତେ ଆନନ୍ଦ ମିଳେ । ଜଙ୍ଗଲରେ ହରିଣ, ଶୃଙ୍ଗୀଙ୍ଗା ମିରିଗ, ବାରହା, ମୟୂର ଆଦି ପଶୁପକ୍ଷୀଙ୍କ ଅଭାବ ନ ଥାଏ । ଜଙ୍ଗଲ ଧାରରେ ଥିବା ନଈଟିରେ ନାନା ରକମ ମାଛ ବ୍ୟତୀତ କୁମ୍ଭୀର ଓ ଅଜଗର ସାପ ମଧ୍ୟ ବହୁ ସଂଖ୍ୟାରେ ମିଳନ୍ତି । ଦିନସାରା କାମରୁ ଫୁରସତ୍ ନ ଥାଏ । ଶିକାର କରିବାକୁ ବା ମାଛ ମାରିବାକୁ କେବଳ ରାତିରେ ସମୟ ମିଳେ । ଦିନ ଆଉ ରାତି ଶିକାର ଭିତରେ କିନ୍ତୁ ବହୁତ ପ୍ରଭେଦ । ରାତିରେ ହରିଣ ବା ବାରହା ପାଖକୁ ଲୁଚିଛପି ଆଗେଇ ଯିବା ସହଜ; କିନ୍ତୁ ରାଇଫଲ୍‌ର ମାଛି ଉପରେ ଜହ୍ନ ଆଲୁଅ ନ ପଡ଼ିଲେ ଲକ୍ଷ କରିବା କଷ୍ଟକର । ମୟୂରଙ୍କୁ ରାତିରେ ତାଙ୍କ ବସାରେ ଖୋଜି ମାରିବାକୁ ପଡ଼େ । ଶିକାର ନ କହି ଏହାକୁ ହତ୍ୟା କହିଲେ ଅଯୁକ୍ତ ହେବନାହିଁ । ସେହି ଅଠର ମାସ କାଳ କିନ୍ତୁ ସେପରି କରିବା ଛଡ଼ା ମାଂସ

Digitized by srujanika@gmail.com

ପାଇବାର ଅନ୍ୟ ଉପାୟ ମୋର ନ ଥିଲା । ପୁଣି ରାତି ଶିକାର କେବଳ ଜହ୍ନ ରାତିରେ ସମ୍ଭବ ହୁଏ । କୃଷ୍ଣପକ୍ଷ ସାରା ମୋତେ ଆମିଷ ପୂରାପୂରି ବର୍ଜନ କରିବାକୁ ପଡ଼େ ।

ଜଙ୍ଗଲ ପଦା ହେବାରୁ ବନ୍ୟଜନ୍ତୁଙ୍କ ସ୍ୱାଭାବିକ ଜୀବନରେ ବ୍ୟାଘାତ ଘଟିଲା । ମାତୃହରା କେତେ ପକ୍ଷୀଶାବକ ନିରାଶ୍ରୟ ହୋଇ ଏଣେତେଣେ ଘୂରି ବୁଲିଲେ । ସେମାନଙ୍କ ଲାଳନପାଳନ ଦାୟିତ୍ୱ ଶେଷରେ ମୋରି ଉପରେ ପଡ଼ିଲା । ଗ୍ରେଷ୍ଟ ମୋ ତମ୍ବୁଟିର ଗୋଟିଏ ପାଖ ମୁଁ ସେମାନଙ୍କ ପାଇଁ ଛାଡ଼ିଦେଲି । ତମ୍ବୁରେ ଏକସମୟରେ କଳା ଓ ଧୂସର ରଙ୍ଗର ଦୁଇଦଳ ଚକୋର ଚଢ଼େଇ, ଚାରୋଟି ମୟୂରଛୁଆ, ଦୁଇଟି ଟେଙ୍କିଆଛୁଆ ଓ ଚାରିଶିଙ୍ଘା ମିରିଗଛୁଆ ଯୋଡ଼ିଏ ଏକାଠି ରହୁଥାଆନ୍ତି । ତମ୍ବୁ ଭିତରେ ଭାରି ଗହଳି ହେଉଥାଏ । ଏହି ସମୟରେ ଦିନେ ତମ୍ବୁ ଭିତରେ ଅଜଗର ସାପ "ରେକ୍ସ"ର ଆବିର୍ଭାବ ହେଲା । ସେଦିନ ରାତି ଘଡ଼ିଏ ବେଳକୁ ତମ୍ବୁକୁ ଫେରି ଛୁଆଗୁଡ଼ିକୁ ଦୁଧ ପିଆଇବାବେଳେ କୋଣରେ କିଛି ଗୋଟାଏ ଚକ୍ ଚକ୍ କରୁଥିବା ଦେଖିଲି । ମିରିଗଛୁଆ ଦୁଇଟିଙ୍କ ପାଇଁ ସେଠାରେ ନଡ଼ାର ଶେଯଟିଏ ବିଛା ହୋଇଥିଲା । ଲଣ୍ଠନ ଟେକି ଦେଖେ ଯେ ଇତିମଧ୍ୟରେ ଅଜଗର ସାପଟାଏ ଆସି ଶେଯରେ ଚକା ମାରି ଶୋଇଛି । ଚିନ୍ତାରେ ଛୁଆଗୁଡ଼ିକୁ ପ୍ରଥମେ ଗଣତି କରିପକାଇଲି । ସମସ୍ତେ ଠିକ୍ ଅଛନ୍ତି ଦେଖି "ରେକ୍ସ"କୁ ସେଠାରେ ଶୋଇବାକୁ ଛାଡ଼ିଦେଲି । ଦୁଇ ମାସ କାଳ "ରେକ୍ସ" ତମ୍ବୁରେ ରହିଲା । ସକାଳୁ ସେ ଖାଦ୍ୟ ଖୋଜିବାକୁ ପଦାକୁ ଯାଏ । ଖାଦ୍ୟ ନମିଳିଲେ ତମ୍ବୁକୁ ଫେରି ତା ଜାଗାରେ ସେ ଶୋଇପଡ଼େ । ଛୁଆଗୁଡ଼ିକର କେବେ କିଛି ଅନିଷ୍ଟ କରେନାହିଁ ।

ଛୁଆଗୁଡ଼ିକ ଟିକିଏ ଡାଗରଗଲେ ମୁଁ ତାଙ୍କୁ ଜଙ୍ଗଲରେ ନେଇ ଛାଡ଼ିଦିଏ । ଚାରିଶିଙ୍ଘା ମିରିଗଛୁଆଟିଏ ମୋତେ ଛାଡ଼ିବାକୁ ରାଜି ନ ହେବାରୁ ତାକୁ ପାଖରେ ରଖି ପାଳିଲି । ତା ନାଁ ଦେଇଥାଏ "ଟିଡ଼ଲ୍ ଡ଼ି ଉଇଙ୍କସ୍" । ଟିଡ଼ଲ୍ ଡ଼ି ସଦାସର୍ବଦା ମୋ ପାଖେ ପାଖେ ଥାଏ । କିଛିଦିନ ପରେ ସେଠାରୁ ଡେରା ଉଠାଇ ରେଲପଥର ଆହୁରି ନିକଟକୁ ଚାଲିଗଲି । ଟିଡ଼ଲ୍ ଡ଼ି ମୋ ସଙ୍ଗରେ ଗଲା । ପିଲାଦିନୁ ପୋଷ ମାନି ବଢ଼ିଥିବାରୁ ମଣିଷଙ୍କୁ ସେ ଭୟ କରିବାକୁ ଶିଖି ନଥିଲା । ସେଥିପାଇଁ ଥରେ ତାକୁ ଆଉ ଅଳ୍ପକେ ପ୍ରାଣ ହରାଇବାକୁ ପଡ଼ିଥାଆନ୍ତା ।

ଦିନେ ସନ୍ଧ୍ୟାବେଳେ ତମ୍ବୁକୁ ଫେରି ଦେଖିଲି ଯେ ଟିଡ଼ଲ୍ ଡ଼ି ମୋ ଖଟ ପାଖରେ ପଡ଼ିଛି । ତାକୁ ତଳୁ ଉଠାଇ ନେଇ ଦେଖେ ଯେ ତା ଆଗଗୋଡ଼ ଦୁଇଟି ଆଣ୍ଠୁ ତଳୁ ପୂରା ଭାଙ୍ଗିଯାଇଛି ଓ ଭଙ୍ଗା ହାଡ଼ ଦୁଇଟା ଚମଡ଼ା ଫୁଟାଇ ପଦାକୁ ବାହାରିପଡ଼ିଛି । ଗମ୍ଭୀର ମନସ୍ତାପରେ ଅନ୍ୟ ଉପାୟ ନ ପାଇ ତାକୁ ଦୁଧ ଟିକିଏ ପିଆଉଥାଏ ଓ ଯନ୍ତ୍ରଣାରୁ ତାକୁ ମୁକ୍ତକରିବା ପାଇଁ ଯେଉଁ ନିର୍ମମ ପଦକ୍ଷେପ ନେବାକୁ ହେବ, ମନରେ ସେଥିପାଇଁ ସାହସ ସଞ୍ଚାର କରିବାକୁ ଚେଷ୍ଟା କରୁଥାଏ । ଏତିକିବେଳେ ଜଣେ ଲୋକକୁ ସଙ୍ଗରେ ନେଇ ମୋ ଚାକର ଆସି ପହଞ୍ଚିଲା । ଟିଡ଼ଲ୍ ଡ଼ିର ଏ ଅବସ୍ଥା ପାଇଁ ନିଜକୁ ଦାୟୀ କରି ଲୋକଟି ସବୁ କଥା ମୋତେ ଫିଟାଇ

Digitized by srujanika@gmail.com

କହିଲା । କ୍ଷେତରେ ସେ କାମ କରୁଥିବାବେଳେ ଟିଡ୍‌ଲଣ୍ଡ ବିନା ଶଙ୍କାରେ ତା ପାଖଯାଏ ଚାଲିଗଲା । ମିଶରଜୁଆଁଟାଏ ଗୋଠଛଡ଼ା ହୋଇ ଜଙ୍ଗଲରୁ ପଳାଇ ଆସିଛି ଭାବି ଲୋକଟି ଠେଙ୍ଗାରେ ତାକୁ ପାହାରେ ପିଟିଦେଇ ଧରିବାପାଇଁ ଗୋଡ଼ାଇଲା । ଟିଡ୍‌ଲଣ୍ଡ ମୋ ତମ୍ବୁରେ ପଶିଯିବା ପରେ ସେ ପୋଷା ମିଶର ବୋଲି ଲୋକଟିର ଚେତା ପଶିଲା । ମୁଁ ଫେରିବା ଆଗରୁ ସେଠାରୁ ପଳାଇଯିବା ପାଇଁ ମୋ ଚାକର ତାକୁ ପରାମର୍ଶ ଦେଇଥିଲା । ସେଥିକୁ ରାଜି ନ ହୋଇ ସେ ସାହସ କରି ମୁଁ ଆସିବାଯାଏ ଅପେକ୍ଷା କରି ରହିଥିଲା । ପରଦିନ ସକାଳୁ ଅସ୍ଥି ଚିକିତ୍ସା ଜାଣିଥିବା ତାଙ୍କ ଗାଁର ଜଣେ ବୈଦ୍ୟଙ୍କୁ ସେ ସଙ୍ଗରେ ନେଇ ଆସିବ ବୋଲି କଥା ଦେଇ ଲୋକଟି ଚାଲିଗଲା । ନରମ ବିଛଣାଟିଏ ପାରି ଟିଡ୍‌ଲଣ୍ଡକୁ ସେଥିରେ ଶୁଆଇ ଦେଲି । ରାତିସାରା ଉଜାଗର ରହି ତାକୁ ଅଳ୍ପ ଅଳ୍ପ ଦୁଧ ପିଆଇବା ଛଡ଼ା ଆଉ କିଛି କରିବାକୁ ନ ଥିଲା ।

ପରଦିନ ପାହାନ୍ତାରେ ବୈଦ୍ୟଙ୍କୁ ସଙ୍ଗରେ ନେଇ ଲୋକଟି ଫେରିଲା । ଭାରତରେ ଲୋକର ରୂପଭେକ ଦେଖି ତା ଗୁଣ ବିଚାର କରିବା ଠିକ୍ ନୁହେଁ । ବୈଦ୍ୟଟି ଥୁରୁଥୁରିଆ ବୁଢ଼ା । ବେଶି କଥା ସେ କହେ ନାହିଁ । ତା ଦୁର୍ବଳ ଦେହ ଓ ଚିରା ମଇଳା ଲୁଗା ଦାରିଦ୍ର୍ୟର ଯଥେଷ୍ଟ ପରିଚୟ ଦେଉଥାଏ । ନିଜ ବିଦ୍ୟାରେ ସେ କିନ୍ତୁ ଅତି ପାରଙ୍ଗମ । ତା କହିବା ଅନୁସାରେ ଟିଡ୍‌ଲଣ୍ଡକୁ ମୁଁ ତଳୁ ଉଠାଇ ଟେକି ଧରିଲି । ବୁଢ଼ା ସେହିଠାରେ ଛିଡ଼ାହୋଇ କିଛି ସମୟ ତାକୁ ଅନାଇ ଦେଖିଲା । ତା' ପରେ ସେ ବୁଲିପଡ଼ି ଦୁଇ ଘଣ୍ଟା ଭିତରେ ଫେରିଆସିବ କହି ଚାଲିଗଲା ।

କେତେମାସର ଅବିଶ୍ରାନ୍ତ ପରିଶ୍ରମ ପରେ ସେଦିନ ସକାଳଓଳିକ କାମରୁ ଅବ୍ୟାହତି ନେଲି । ବୈଦ୍ୟ ଫେରିବା ଭିତରେ ଜଙ୍ଗଲରୁ ଖୁଣ୍ଟି କେତୋଟି କାଟି ତମ୍ବୁ କୋଣରେ ଗ୍ରେଟ ଖୁଆଡ଼ଟିଏ ତିଆରିକଲି । ଖୁଆଡ଼ ତିଆରି ସରିବାବେଳକୁ ବୁଢ଼ା ଫେରିଆସିଲା । ସଙ୍ଗରେ କେଇଖଣ୍ଡ କାଉଁରିଆ କାଠି, ବଡ଼ ବଡ଼ କେତୋଟି ଜଡ଼ାପତ୍ର, କିଛି ବଟା ଔଷଧ ଓ କେରାଏ ବାଣି ଦଉଡ଼ି ସେ ଆଣିଥାଏ । ଖଟଧାରରେ ବସି ଟିଡ୍‌ଲଣ୍ଡକୁ ଆଣ୍ଠୁ ଉପରେ ପେଟେଇ ଧରି ଆଗଗୋଡ଼ ଦୁଇଟି ତଳକୁ ଝୁଲାଇ ରଖିଲି । ଚିକିତ୍ସାର ଉପକରଣ ସବୁ ହାତ ପାଖରେ ଥୋଇ ବୁଢ଼ା ମୋ ସାମନାରେ ଭୂଇଁରେ ବସିଲା ।

ଟିଡ୍‌ଲଣ୍ଡର ଗୋଡ଼ ଦୁଇଟି ମଝିରୁ ଭାଙ୍ଗି ମୋଡ଼ି ହୋଇ ରହିଥାଏ । ବୁଢ଼ା ପ୍ରଥମେ ମୋଡ଼ ଫିଟାଇ ଗୋଡ଼ ସଳଖିଲା ଓ ଆଣ୍ଠୁରୁ ଖୁରାଯାଏ ବଟା ଔଷଧର ମୋଟ ଲେପ ଦେଇ ସେଥିରେ ଜଡ଼ାପତ୍ରତକ ଗୁଡ଼ିଦେଲା । ତା ଉପରେ କାଉଁରିଆ କାଠି କେଇ ଖଣ୍ଡ ସଜାଡ଼ି ଥୋଇ ବାଣି ଦଉଡ଼ିରେ ଶକ୍ତଭାବେ ବାନ୍ଧିଲା । ପରଦିନ ସକାଳୁ ବୁଢ଼ା ଆସି ହାଜର । କାଉଁରିଆର ଦୁଇଟି ତକ୍ତା ତିଆରି କରି ସେ ସଙ୍ଗରେ ଆଣିଥାଏ । ଟିଡ୍‌ଲଣ୍ଡର ଗୋଡ଼ରେ ତାହା ଖଞ୍ଜି ଦେବା ପରେ ସେ ଆଣ୍ଠୁ ଭାଙ୍ଗି ପାରିଲା ଓ ଖୁରାରେ ଭର ଦେଇ ତଳେ ଖୋଜ ପକାଇଲା ।

Digitized by srujanika@gmail.com

ବୁଢ଼ାର ପାଣ୍ଡେମିକ ଗୋଟିଏ ଟଙ୍କା । ଚକଗ୍ରା ସାମଗ୍ରୀଗୁଡ଼ିକର ଦାମ ଦୁଇଅଣା । ସେତିକ ଉପରେ ତାକୁ କିଛି ବକ୍‌ସିସ ଦେବାକୁ ମୁଁ ମନ କରିଥାଏ । ଆରମ୍ଭରୁ କିଛି ଗ୍ରହଣ କରିବାକୁ ବୁଢ଼ା କିନ୍ତୁ ନିହାତ ନାରାଜ । ଟିକିଲଡ଼ ପୂରା ଭଲହୋଇ ପୁଣି ନାଚକୁଦ ଖେଲିବା ପରେ ତା ପାଉଣାତକ ନେବାକୁ ସେ ମଙ୍ଗିଲ ।

କର୍ମମୟ ମାସ କେତୋଟି ବେଶ୍ ଖୁସିରେ କଟିଗଲା । ସେଥି ମଧ୍ୟରେ ରେଲଇଞ୍ଜିନଗୁଡ଼ିକ କୋଇଲା ଜାଳ ପାଇଁ ପ୍ରବର୍ତ୍ତିନ କରାଗଲା । ଜାଳେଣି କାଠର ଆଉ ଗ୍ରହଣ ନ ରହିବାରୁ ରେଲବାଇ ସଦର ମହକୁମା ସମସ୍ତିପୁର ଦପ୍ତରରେ ହିସାବପତ୍ର ଦାଖଲ କରିସାରି ନିଜ ପାଇଁ ନୂଆ ଗ୍ରକରି ଖଣ୍ଡିଏ ଖୋଜିବା ଦରକାର ପଡ଼ିଲା । ସେଦିନ ହିସାବପତ୍ର ନେଇ ମୁଁ ଡାକ ଗାଡ଼ିଯୋଗେ ସମସ୍ତିପୁର ଯାଉଥିଲି । କାଠକଟା ସରିବାକୁ ଅନ୍ତତଃ ଦୁଇବର୍ଷ ଲାଗିବ ବୋଲି ପୂର୍ବରୁ ଅଟକଳ ହୋଇଥିଲେ ସୁଦ୍ଧା ଅକ୍ଲାନ୍ତ ପରିଶ୍ରମ କରି ଅଠର ମାସରେ ମୁଁ ଲକ୍ଷ୍ୟ ପୂରଣ କରିଥାଏ । ମୋ ଖାତା ଖତିଆନରେ ହିସାବପତ୍ର ସବୁ ପୂରାପୂରି ଠିକ୍ । ଏସବୁ ପାଇଁ ଆତ୍ମସନ୍ତୋଷ ଆସିବା ସ୍ୱାଭାବିକ । ସେଦିନ କିନ୍ତୁ ମୋ ମନରେ ଆନନ୍ଦ ନ ଥିଲା । ନାନା ଦୁଶ୍ଚିନ୍ତାରେ ବଡ଼ ଅସ୍ଥିର ଲାଗୁଥାଏ । ଏସବୁ ଦୁର୍ଭାବନାର କାରଣ ଥିଲା ବାକ୍‌ସରେ ବନ୍ଦ ହୋଇ ରହିଥିବା ସେହି ଦୁଇଶହଟି ଟଙ୍କା ।

ସକାଳ ନଅଟା ବେଳେ ସମସ୍ତିପୁରରେ ପହଞ୍ଚିଲି । ଜିନିଷପତ୍ର ଅପେକ୍ଷାଗାରରେ ରଖି ହିସାବଖାତା ଓ ଟଙ୍କା ଥଳିଟି ନେଇ ବିଭାଗୀୟ ମୁଖ୍ୟ ଗାଇଲସ୍ ସାହେବଙ୍କ ଦପ୍ତରଖାନାରେ ପହଞ୍ଚିଲି । ବାହାରେ ଦରଓ୍ୱାନ ଆଟ୍ ବଜାୟ ରଖି ଛିଡ଼ାହୋଇଥିଲା । ସାହେବ ଏବେ ବ୍ୟସ୍ତ ଅଛନ୍ତି ଓ ମୋତେ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଲା । ବାହାର ବାରଣ୍ଡାଟି ଖୋଲା । ସେହିଠାରେ ଗରମରେ ମୋତେ ଧାରଣା ଦେବାକୁ ପଡ଼ିଲା । ସମୟର ଗତି ସହିତ ମନର ଉଦ୍‌ବେଗ ବଢ଼ି ଚାଲିଥାଏ । ହିସାବପତ୍ର ଲେଖିବାରେ ଜଣେ ପୁରୁଣା ରେଲବାଇ କର୍ମଚାରୀ ମୋତେ ସାହାଯ୍ୟ କରିଥିଲେ । ଖାତାରେ ଜମାଖର୍ଚ୍ଚର ହିସାବକୁ ସମାନ ଦେଖାଇବା ପରେ ଦୁଇଶହ ଟଙ୍କା ବଳକା ରହୁଛି ବୋଲି ଜଣାପଡ଼ିଲେ ବଡ଼ ଅସୁବିଧା ହେବ ବୋଲି ସେ ବାରମ୍ବାର ଚେତାଇ ଦେଇଥାଅନ୍ତି । ତା ସତ୍ତ୍ୱେ କଥାଟି ସିଧାସଳଖ ମାନିଯିବାକୁ ମୁଁ ସ୍ଥିର କରିଥାଏ । ବାରଣ୍ଡାରେ ବସି ଏସବୁ କଥା ଭାବୁଛି, ହଠାତ୍ ଜଣେ ଭଦ୍ରଲୋକ କବାଟ ମେଲିଇ ପଦାକୁ ବାହାରିପଡ଼ିଲେ । ତାଙ୍କ ହାବଭାବରୁ ସେ ଖାଣ୍ଟି ହିଇରାଣ ହେଲାପରି ଜଣାପଡ଼ୁଥାନ୍ତି । ଭଦ୍ର ବ୍ୟକ୍ତିଙ୍କ ଦୁରବସ୍ଥା ଦେଖି ମୋ ମନରେ ଆହୁରି ଧକା ପଶିଲା । ଦରଓ୍ୱାନ କବାଟ ଆଉଜାଇଦେବା ପୂର୍ବରୁ ଗାଇଲ୍‌ସ୍ ସାହେବ ମୋତେ ଭିତରକୁ ଆସିବା ପାଇଁ ବଡ଼ପାଟିରେ ଡାକଦେଲେ ।

ଗାଇଲ୍‌ସ୍ ସେତେବେଳେ ବଙ୍ଗୀୟ ଓ ଉତ୍ତର-ପଶ୍ଚିମ ରେଲପଥର ସ୍ୱୟଂଚଳଯାନ ବିଭାଗର ମୁଖ୍ୟ । ଭଦ୍ରଲୋକ ଦୀର୍ଘକାୟ—ଓଜନ ଦୁଇଶହ ପାଉଣ୍ଡରୁ ବେଶି । ବାହାରୁ ସେ ବଡ଼ କଡ଼ା ମିଜାଜର ଲୋକପରି ଜଣାପଡ଼ନ୍ତି । ତାଙ୍କ ଉଚ୍ଚ ସ୍ୱର ଶୁଣିଲେ ଅଧୀନସ୍ଥ

Digitized by srujanika@gmail.com

କର୍ମଚାରୀଙ୍କ ହସ୍ତକ୍ଷେପ ହୁଏ । ଗ୍ରାଇଲ୍‌ସ୍ କିନ୍ତୁ ପ୍ରକୃତରେ ବଡ଼ ଦୟାଳୁ । ଉପରଭାଗର ଆବରଣ ତଳୁ ତାଙ୍କ ସହାନୁଭବତା ସହଜରେ ପ୍ରକାଶ ପାଏ ନାହିଁ । ଭିତରକୁ ପଶିବା ମାତ୍ରେ ମୋତେ ବସିବାକୁ କହି ମୋ ହିସାବଖାତାଗୁଡ଼ିକ ସେ ପାଖକୁ ଟାଣିନେଲେ ଓ ଜଣେ କିରାଣିଙ୍କ ସାହାଯ୍ୟରେ ବିଭିନ୍ନ ଷ୍ଟେସନମାନଙ୍କରୁ ଆସିଥିବା ହିସାବ ସହିତ ମୋ ଖାତାପତ୍ର ସବୁ ମିଳାଇ ତନ୍ନତନ୍ନ କରି ପରୀକ୍ଷା କଲେ । ହିସାବ ଯାଞ୍ଚ କରିବା ପରେ ଦୁଃଖ ପ୍ରକାଶ କରି ସେ କହିଲେ ଯେ ମୋତେ ଚାକିରିରେ ରଖିବା ଆଉ ଦରକାର ହେବ ନାହିଁ ଓ କାର୍ଯ୍ୟ ସମାପ୍ତିର ଆଦେଶନାମା ମୋତେ ସେହିଦିନ ଦେଇଦିଆଯିବ ।

ତାଙ୍କ ଘରରୁ ସାକ୍ଷାତକାଳ ଶେଷ ହେବାର ସୂଚନା ପାଇ ଟୋପିଟି ତଳୁ ଗୋଟାଇ ନେଇ ବାହାରକୁ ଚାଲିଲି । ଗ୍ରାଇଲ୍‌ସ୍ ମୋତେ ପଛରୁ ଡାକି ତାଙ୍କ ଟେବୁଲ୍ ଉପରେ ଛାଡ଼ି ଯାଇଥିବା ଟଙ୍କା ଥଳିଟି ନେଇଯିବାକୁ କହିଲେ । ନିର୍ବୋଧଙ୍କ ପରି ମୁଁ ସେ ପର୍ଯ୍ୟନ୍ତ ଭାବିଥିଲି ଯେ ଥଳିଟି ତାଙ୍କ ଟେବୁଲରେ ଥୋଇ ଦେଇ ଚାଲିଗଲେ ସମସ୍ୟାର ସହଜ ସମାଧାନ ହୋଇଯିବ । ଥଳିଟି ଛାଡ଼ି ନ ଜାଣିଲି ପରି ଚାଲିଯାଉଥିଲି । ଏଥର ସତ କଥାଟି ପ୍ରକାଶ କରିବା ଛଡ଼ା ଉପାୟ ନ ଥିଲା । ବାଧ୍ୟ ହୋଇ କହିଲି ଯେ ଥଳରେ ଥିବା ଟଙ୍କାତକ ମୋର ନୁହେଁ; ରେଲବାଇର । ସେତକ ମୋ ପାଖରେ ବଳିପଡ଼ିଛି ଓ ତାର ହିସାବ ଦେଖାଇ ନ ପାରି ମୁଁ ତାକୁ ଫେରାଇ ଦେବାକୁ ଆଣିଛି । ଗ୍ରାଇଲ୍‌ସ୍ କହିଲେ, "ଜମାଖର୍ଚ୍ଚର ହିସାବ ପୁରା ସମାନ ଥାଇ ବଳକା ଟଙ୍କା କେଉଁଠୁ ଆସିଲା, ତାର କୈଫିୟତ ମୁଁ ଚାହେଁ ।" ସେଥିମଧ୍ୟରେ ଦପ୍ତରର ମୁଖ୍ୟ କିରାଣି ଡେଓ୍ୱାରବାବୁ କିଛି କାଗଜପତ୍ର ଆଣି ଗ୍ରାଇଲ୍‌ସ୍‌ଙ୍କ ଚୌକି ପଛରେ ଛିଡ଼ା ହୋଇଥାନ୍ତି । ଏହି ବୃଦ୍ଧ ଭଦ୍ରଲୋକଙ୍କ ସଦୟ ଚାହାଣିରୁ ସହାନୁଭୂତିର ଆଭାସ ପାଇ ଟିକିଏ ସାହସ ଫେରିଲା । ଟଙ୍କା ବଳିବାର କାରଣ ସ୍ୱରୂପ ତଳଲିଖିତ କୈଫିୟତଟି ଗ୍ରାଇଲ୍‌ସ୍‌ଙ୍କ ସମ୍ମୁଖରେ ପ୍ରକାଶ କଲି ।

ଜଙ୍ଗଲକଟା ସରି ଆସୁଥାଏ । ରେଲ ରାସ୍ତା ପାଖକୁ କାଠ ବୋହୁଥିବା ଶଗଡ଼ିଆ ପନ୍ଦର ଜଣ ଦିନେ ରାତିରେ ଆସି ମୋତେ ଜଣାଇଲେ ଯେ ଜରୁରି କାମ ପଡ଼ିବାରୁ ସେମାନେ ସଙ୍ଗେ ସଙ୍ଗେ ଗାଁକୁ ଫେରିଯିବେ । ସେମାନେ ଯେତେକ କାଠ ବୋହିଥିଲେ, ସବୁ ଏଣେ ତେଣେ ବିଛୁଡ଼ିହୋଇ ପଡ଼ିଥାଏ । ତାକୁ ଥାକମାରି ମାପଚୁପ କରାଇବାକୁ ଅନେକ ଦିନ ଲାଗିବ । ଏଣେ ରାତାରାତି ଗାଁକୁ ଯିବାକୁ ସେମାନଙ୍କ ଜିଗର । ଅନ୍ଧାର ରାତି । କାଠ ମାପକରି ହିସାବ କରିବା ସମ୍ଭବ ନୁହେଁ । ସେମାନେ ଯାହା ହିସାବ ଦେବେ ମୁଁ ତାହା ମାନିନେବି ବୋଲି କହିଲି । ଦୁଇଘଣ୍ଟା ପରେ ଶଗଡ଼ିଆମାନେ କାଠ ଘୁମାରି କରି ଫେରିଲେ ଓ ପାଉଣା ନେବାର କେଇ ମିନିଟ ପରେ ଶଗଡ଼ ନେଇ ଗାଁକୁ ବାହାରିଗଲେ । ଯିବା ପୂର୍ବରୁ ସେମାନେ ନିଜ ଠିକଣା ମୋତେ ଦେଇନଥିଲେ । କେତେ ସପ୍ତାହ ପରେ କାଠ ସବୁ ଥାକ ମାରି ମାପିବାରେ ଜଣାପଡ଼ିଲା ଯେ କାଠ ଘୁମାରିରେ ଊଣାକରି ପାଉଣାରୁ ସେମାନେ ଦୁଇଶହ ଟଙ୍କା ଛାଡ଼ି ଚାଲିଯାଇଛନ୍ତି ।

Digitized by srujanika@gmail.com

ରେଲବାଇ ପ୍ରତିନିଧି ଇଜାଟ୍ ସାହେବ ପରଦିନ ସମସ୍ତିପୁର ଆସିବାର ଥାଏ । ଭାରତର ସବୁଠାରୁ ସମୃଦ୍ଧିଶାଳୀ ତିନୋଟି ରେଲବାଇର ସେ ଏକାକୀ ପ୍ରତିନିଧିତ୍ୱ କରୁଥାଆନ୍ତି । ମୋ କୈଫିୟତ ଶୁଣି ୱାଇଲ୍ସ୍ କହିଲେ ଯେ ଏ କଥା ସେ ଇଜାଟ୍ ସାହେବଙ୍କୁ କହିବେ ଓ ଇଜାଟ୍ ଏହାର ବିଚାର କରିବେ ।

ପରଦିନ ସକାଳୁ ଇଜାଟ୍ ସମସ୍ତିପୁରରେ ପହଞ୍ଚିଲେ । ଡାକରା ପାଇ ଖରାବେଳେ ୱାଇଲ୍ସ୍ଙ୍କ ଦପ୍ତରରେ ହାଜର ହେଲି । ଇଜାଟ କ୍ଷୁଦ୍ରକାୟ; ତାଙ୍କ ତୀକ୍ଷ୍ଣ ଦୃଷ୍ଟି ଏଡ଼ାଇବା ସହଜ ନୁହେଁ । ମୁଁ ପହଞ୍ଚିବାବେଳେ ଦପ୍ତରଖାନାରେ ସେ ଏକାକୀ ଥିଲେ । ନିର୍ଦ୍ଦିଷ୍ଟ ସମୟର ଛଅମାସ ପୂର୍ବରୁ ମୁଁ କାମ ସାରିଥିବାରୁ ସନ୍ତୋଷ ପ୍ରକାଶ କରି ଅଭିନନ୍ଦନ ଜଣାଇବା ପରେ ଇଜାଟ୍ କହିଲେ ଯେ ୱାଇଲ୍ସ୍ ମୋ ହିସାବ ତାଙ୍କୁ ଦେଖାଇଛନ୍ତି ଓ ବଳକା ଟଙ୍କା ବିଷୟରେ ମତାମତ ଜଣାଇ ଟିପ୍ପଣୀଟିଏ ଦେଇଛନ୍ତି । ନିଜ ତରଫରୁ ସେ କେବଳ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହାନ୍ତି । ମୁଁ ଇଚ୍ଛା କରିଥିଲେ ସହଜରେ ଟଙ୍କାତକ ଆତ୍ମସାତ କରି ସେ ବିଷୟରେ ନୀରବ ରହିପାରିଥାଆନ୍ତି । ତାହା ମୁଁ ନକଲି କାହିଁକି ? ମୋ ଉତ୍ତର ତାଙ୍କୁ ସନ୍ତୁଷ୍ଟ କରିଥିଲି ବୋଲି ପରେ ଜାଣିଲି । ଅନିଶ୍ଚିତ ଅବସ୍ଥାରେ ଅସ୍ଥିର ହୋଇ ସନ୍ଧ୍ୟାବେଳେ ଷ୍ଟେସନଠାରେ ଅପେକ୍ଷା କରିଥିବା ଅବସ୍ଥାରେ ଦୁଇଖଣ୍ଡ ଚିଠି ପାଇଲି । ପ୍ରଥମଟି ଟ୍ରେଓ୍ୱାଗ୍ ଲେଖିଥାଆନ୍ତି । ରେଲବାଇ ଅନାଥ ପାଣ୍ଠିକୁ ମୁଁ ଦୁଇଶହ ଟଙ୍କା ଦାନ କରିଥିବାରୁ ପାଣ୍ଠିର ଅବୈତନିକ ସମ୍ପାଦକ ଭାବେ ସେ କୃତଜ୍ଞତା ଜଣାଇଥାଆନ୍ତି । ଆରଟି ଇଜାଟଙ୍କଠାରୁ ଆସିଥାଏ । ମୋତେ ଚାକରିରେ ବାହାଲ କରାଯାଇଛି ବୋଲି ଜଣାଇ କାର୍ଯ୍ୟାଦେଶ ପାଇଁ ୱାଇଲ୍ସ୍ଙ୍କ ସହିତ ସାକ୍ଷାତ୍ କରିବାକୁ ସେଥିରେ ନିର୍ଦ୍ଦେଶ ଥାଏ ।

ଏହା ପରେ ବର୍ଷେକାଳ ରେଲବାଇରେ ବିଭିନ୍ନ ଦାୟିତ୍ୱ ନେଇ ନାନା ପ୍ରକାର କାମ ମୋତେ ତୁଲାଇବାକୁ ପଡ଼ିଲା । ବେଳେବେଳେ ରେଲଇଞ୍ଜିନ୍‌ରେ ଯାତାୟାତ କରି କୋଇଲା ଖର୍ଚ୍ଚ ଉପରେ ମନ୍ତବ୍ୟ ଦେବାକୁ ହୁଏ । ରେଲଗାଡ଼ି ଚଳାଇବାକୁ ସୁଯୋଗ ମିଳୁଥିବାରୁ ସେ କାମଟିକୁ ମୁଁ ବେଶ୍ ପସନ୍ଦ କରୁଥିଲି । ଦରକାର ଥିଲେ ରେଲ-ରକ୍ଷକର (guard) ଦାୟିତ୍ୱ ନେଇ ମୋତେ ମାଲଗାଡ଼ି ସହିତ ଯିବାକୁ ପଡ଼େ । ଲୋକ ଅଭାବରୁ ସମୟ ସମୟରେ ଏକାଦିକ୍ରମେ ଅଠରଚବିଶ ଘଣ୍ଟା କାମକରିବାକୁ ହୁଏ । କେତେବେଳେ ମୁଁ ସହକାରୀ ଭଣ୍ଡାର-ରକ୍ଷକ ତ ଆଉ କେତେବେଳେ ସହକାରୀ ଷ୍ଟେସନମାଷ୍ଟର । ଏହିପରି ବର୍ଷଟିଏ କଟିବା ପରେ ଦିନେ ଆଦେଶ ପାଇଲି ଯେ ମୋକାମା ଘାଟ ଯାଇ ସେଠାକାର ଘାଟ-ପରିଦର୍ଶକ (Ferry Superintendent) ଷ୍ଟୋରାର୍ ସାହେବଙ୍କ ସହିତ ସାକ୍ଷାତ୍ କରିବାକୁ ପଡ଼ିବ । ବଙ୍ଗୀୟ ଓ ଉତ୍ତର-ପଶ୍ଚିମ ରେଲବାଇର ପ୍ରଧାନ ମିଟର ଗେଜ ରେଲରାସ୍ତା ଦୀର୍ଘଦୂର ଯାଏ ଗଙ୍ଗାନଦୀ କଡ଼େ କଡ଼େ ଯାଇଛି ଓ ଶାଖା ରେଲରାସ୍ତାଗୁଡ଼ିଏ ସେଥିରୁ ବାହାରି ନଈକୂଳକୁ ଲମ୍ବିଛି । ନଈ ଆରପାରିରେ ବ୍ରଡ୍‌ଗେଜ୍ ରେଲରାସ୍ତା । ଦୁଇ ରେଲରାସ୍ତା ମଧ୍ୟରେ

Digitized by srujanika@gmail.com

ଷ୍ଟିମର ଯୋଗେ ସଂଯୋଗ ହୁଏ । ଦୁଇ କୂଳର ଷ୍ଟିମରଘାଟ ମଧ୍ୟରୁ ଡାହାଣ କୂଳର ମୋକାମା ଘାଟ ପ୍ରଧାନ ବୋଲି ଧରାଯାଏ ।



ବଡ଼ି ସକାଳୁ ସମସ୍ତିପୁରରୁ ବାହାରିଲି । ଶାଖା ରେଳଲାଇନ୍ ସାମାରିଆ ଘାଟରେ ଷ୍ଟିମରଦ୍ୱାରା ନଈ ପାରି ହେଲି । ମୁଁ ଆସୁଥିବା କଥା ଷ୍ଟୋରର୍‌କୁ ଜଣାଇ ଦିଆଯାଇଥିଲା । କିନ୍ତୁ ମୋ ଆସିବାର କାରଣ ସେ ଜାଣି ନ ଥିଲେ । ମୋତେ ମୋକାମା ଘାଟ କାହିଁକି ପଠାଯାଇଛି ସେ ସମ୍ବନ୍ଧରେ ମୁଁ ମଧ୍ୟ ସମ୍ପୂର୍ଣ୍ଣ ଅଜ୍ଞ । ଷ୍ଟୋରର୍‌ଙ୍କ ଘରେ କିଛି ସମୟ କଟାଇବା ପରେ ତାଙ୍କ ସହିତ ମୋକାମା ଘାଟର ବିସ୍ତୀର୍ଣ୍ଣ ରେଳବାଇ ମାଲ୍‌ଗୋଦାମମାନ ବୁଲି ଦେଖିଲି । ଅତ୍ୟଧିକ ମାଲପତ୍ର ଜମା ହୋଇ ଗୋଦାମଗୁଡ଼ିକ ଭରିଯାଇଥାଏ । ଏହାପରେ ଦୁଇ ଦିନ କଟିବା ପରେ ରେଳବାଇ ସଦର ମହକୁମା ଗୋରଖପୁରରେ ହାଜର ହେବା ପାଇଁ ପୁଣି ଆଦେଶ ଆସିଲା । ସେଠାରେ ପହଞ୍ଚି ଜାଣିଲି ଯେ ମୋକାମା ଘାଟର ମାଲ-ସରବରାହ ନିରୀକ୍ଷକ (Trans-shipment Inspector) ଭାବେ ମୋତେ ନିଯୁକ୍ତ କରାଯାଇଛି ଓ ମୋର ମାସିକ ଦରମା ମଧ୍ୟ ଶହେରୁ ଦେଢ଼ ଶହ ଟଙ୍କାକୁ ବଢ଼ିଛି । ସପ୍ତାହେ ଭିତରେ ମାଲ ସରବରାହର ଦାୟିତ୍ୱ ଠିକାଦାରୀ ସୂତ୍ରରେ ଗ୍ରହଣ କରିବାକୁ ଆଦେଶ ନେଇ ଫେରିଲି ।

ମୋକାମା ଘାଟରେ ପହଞ୍ଚିଲାବେଳକୁ ରାତି ହେଲାଣି । ନାନା ଦୁଶ୍ଚିନ୍ତାରେ ମନ ଦବିଯାଇଥାଏ । ଯେଉଁ କାମ ମୋ ଉପରେ ଲଦିଦିଆଗଲା, ତାହା ବିଷୟରେ ମୋର ଲେଶମାତ୍ର ଧାରଣା ନାହିଁ । ଶ୍ରମିକଟିଏ କେଉଁଠୁ ଖୋଜି ପାଇବି, ତାହା ମଧ୍ୟ ମୁଁ ଜାଣେନା । ଅଢ଼େଇ ବର୍ଷ ଚାକିରି ଭିତରେ ମାତ୍ର ଦେଢ଼ଶହଟି ଟଙ୍କା ସଞ୍ଚୟ କରିଛି । କାମ ବିଷୟରେ

Digitized by srujanika@gmail.com

କିଛି ନ ଜାଣି, ଏହି ସାମାନ୍ୟ ପୁଞ୍ଜିକୁ ମୂଳଧନ କରି ଏତେ ବଡ଼ ଦାୟିତ୍ୱ ମୁଣ୍ଡକୁ ନେବାକୁ ଆଦୌ ସାହସ ପାଉ ନ ଥାଏ ।

ମୁଁ ଫେରିଆସିବି ବୋଲି ଷ୍ଟୋର୍ଭାର୍ ଜାଣି ନ ଥିଲେ । ଅବେଳାରେ ପହଞ୍ଚିଥିଲେ ମଧ୍ୟ ଅଳ୍ପ ସମୟ ଭିତରେ ମୋ ଖିଆପିଆର ସେ ଆୟୋଜନ କଲେ । ବଙ୍ଗଳା ବାହାର ବାରଣ୍ଡାକୁ ନଈରୁ ସୁଲୁସୁଲିଆ ପବନ ବହୁଥାଏ । ଖାଇସାରି ସେଠାରେ ବସି ଦୁହେଁ ଅନେକ ରାତି ଯାଏ କଥାବାର୍ତ୍ତା ହେଲୁ । ଷ୍ଟୋର୍ଭାର୍ଙ୍କ ବୟସ ପ୍ରାୟ ମୋର ଦୁଇଗୁଣ । ମୋକାମା ଘାଟରେ ସେ ଅନେକ ବର୍ଷ କଟାଇଥାଆନ୍ତି । ବଙ୍ଗୀୟ ଓ ଉତ୍ତର-ପଶ୍ଚିମ ରେଳବାଇର ମିଟର୍ଗେଜ୍ ରେଳପଥଗୁଡ଼ିକ ଦ୍ୱାରା ଗଙ୍ଗା ନଦୀ ଏପଟ ସେପଟ ଯୋଡ଼ା ହୋଇଥାଏ । ମୋକାମା ଘାଟରୁ ନଈପାରି ପାଇଁ ଘାଟ ବ୍ୟବସ୍ଥା ତାଙ୍କ ଦାୟିତ୍ୱରେ ଥାଏ । ସେଠାକାର ଷ୍ଟିମର୍ ସମୂହ ତାଙ୍କରି ନିର୍ଦ୍ଦେଶରେ ଚଳାଚଳ ହେଉଥାଆନ୍ତି । ଯାତ୍ରୀମାନଙ୍କୁ ତଥା ମିଟରଗେଜ୍ ମାଲଗାଡ଼ିଗୁଡ଼ିକୁ ମୋକାମା ଘାଟ ଓ ସାମାରିଆ ଘାଟ ମଧ୍ୟରେ ଷ୍ଟିମର୍ଦ୍ୱାରା ନଈ ପାରି କରାଯାଏ । ରେଳଯୋଗେ ଚଳାଚଳ ହେଉଥିବା ଯାତ୍ରୀ ଓ ମାଲ୍ମତ୍ତାର ଶତକଡ଼ା ଅଶୀଭାଗ ମୋକାମା ଘାଟ ବାଟେ ଯାଏ । ମାର୍ଚ୍ଚରୁ ସେପ୍ଟେମ୍ବର ମଧ୍ୟରେ ମାଲ୍ ଯାତାୟାତରେ ଭାରି ଭିଡ଼ ହୁଏ । ସେତେବେଳେ ମାଲପତ୍ର ଖଲାସ ହୋଇ ନ ପାରି ବହୁ ପରିମାଣରେ ମୋକାମା ଘାଟରେ ପଡ଼ିରହୁଯାଏ । ରେଳବାଇକୁ ସେଥିପାଇଁ ଅପର୍ଯ୍ୟାପ୍ତ କ୍ଷତି ସହିବାକୁ ପଡ଼େ ।

ମୋକାମା ଘାଟରେ ବ୍ରଡ୍ଗେଜ୍ ଓ ମିଟରଗେଜ୍ ଦୁଇ ପ୍ରକାର ରେଳରାସ୍ତା ଥିବାରୁ ଗୋଟିକରୁ ମାଲ ଓହ୍ଲାଇ ଆରଟିରେ ବୋଝାଇ କରିବାକୁ ପଡ଼େ । ମାଲପତ୍ର ଉଠାଉଠା କରିବାର ଠିକାଦାରୀ ଗୋଟିଏ ବଡ଼ ଶ୍ରମସଂସ୍ଥାକୁ ଦିଆଯାଇଥିଲା । ଏହି ବିରାଟ ଶ୍ରମସଂସ୍ଥା ବ୍ରଡ୍ଗେଜ୍ ରେଳବାଇର ଏ ଧରଣର ସବୁ କାମ ଠିକାରେ ନେଇଥାଏ । ଏହି ସଂସ୍ଥାର ନିରୁଦ୍ୟମ ଓ ନିରୁତ୍ସାହ ହିଁ ସବୁ ବିଭ୍ରାଟର କାରଣ ବୋଲି ଷ୍ଟୋର୍ଭାର୍ ମତଦେଲେ । ରେଳବାଇ ସ୍ୱାର୍ଥ ପ୍ରତି ଏ ସଂସ୍ଥା ଅତ୍ୟନ୍ତ ଉଦାସୀନ । ପୁଣି ଗହମକଟା ସମୟ ହେଲେ ଶ୍ରମିକ ଆଉ ମିଳନ୍ତି ନାହିଁ । ମୁଖ୍ୟତଃ ଏହି ଦୁଇଟି କାରଣରୁ ପ୍ରତିବର୍ଷ ମାଲ ଖଲାସ ହୋଇ ନପାରି ବହୁ ପରିମାଣରେ ଏଠାରେ ପଡ଼ିରହେ । ରେଳବାଇ ଗୋଦାମଗୁଡ଼ିକରେ ଏବେ ମାଲ ଭରି ଗଦାକରୁ ଲାଗିଲାଣି । ମାଲ ଖଲାସ କରି ନପାରି ସୃଷ୍ଟିହୋଇ ରେଳଡବା ଅଟକ ରହିଛି । ନଈ ସେପାରିରେ ଅଧୁରି ହଜାରେ ବୋଝାଇ ମାଲ୍ଡବା ପାରି ହେବା ଅପେକ୍ଷାରେ ଅଛି । ବିଶାଳ ଏହି ଶ୍ରମସଂସ୍ଥା ତାର ସମସ୍ତ ଶକ୍ତି ଖଟାଇ ଯେଉଁ କାମ ତୁଲାଇ ପାରୁନାହିଁ, ତାକୁ ମୋ ପରି ଜଣେ ନିଃସ୍ୱ ବିଦେଶୀ ହାତକୁ ନେବାକୁ ଦୁଃସାହସ କରିବ କିପରି ? ମୋର ସାମାନ୍ୟ ସମ୍ବଳ ଦେଢ଼ଶହଟି ଟଙ୍କା ଷ୍ଟୋର୍ଭାର ହିସାବକୁ ମଧ୍ୟ ନେଲେ ନାହିଁ । ସବୁ ବୁଝାଇ ସାରି ସେ ପରାମର୍ଶ ଦେଲେ, "କାଲି ସକାଳେ ସାମାରିଆ ଘାଟରୁ ଷ୍ଟିମର୍ ଧରି ସିଧାସଳଖ ଗୋରଖପୁର ଫେରିଯାଅ । ରେଳବାଇ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଅ ଯେ ଏ କାମ ନେବା ତୁମ ପକ୍ଷରେ ସମ୍ଭବ ନୁହେଁ ।"

Digitized by srujanika@gmail.com

ପରଦିନ ଭୋରରୁ ଘରୁ ବାହାରିଲି । କିନ୍ତୁ ସାମାରିଆ ଘାଟରୁ ଷ୍ଟିମର୍ ନ ଧରି ମାଲଗୋଦାମ ଓ ମାଲ-ମହଜୁଦ୍ କେନ୍ଦ୍ରଗୁଡ଼ିକୁ ପୁଣି ଥରେ ବୁଲି ଦେଖିଲି । ଷ୍ଟୋରାର୍ସ କିଛି ବଢ଼ାଇ କହି ନ ଥିଲେ । ପରିସ୍ଥିତିର ପୂର୍ଣ୍ଣଚିତ୍ର ତା'ଠାରୁ ଯଥେଷ୍ଟ ବେଶି ଶୋଚନୀୟ ମନେହେଲା । ଗୃହଶହ ମିଟରଗେଜ୍ ମାଲଡବା ପଡ଼ିରହିଛି ବୋଲି ଶୁଣିଥିଲି । ସେତିକିଟି ବ୍ରଡ଼୍‌ଗେଜ୍ ମାଲ୍‌ଡବା ମଧ୍ୟ ବୋଝାଇ ହୋଇ ପଡ଼ିରହିଥିବା ଦେଖିଲି । ଏଣେ ଗୋଦାମ-ଗୁଡ଼ିକରେ ଅନ୍ତତଃ ପନ୍ଦର ହଜାର ଟନ୍ ମାଲ୍ ଗଦା ହୋଇଛି । ଏ ଘୋର ଅବ୍ୟବସ୍ଥା ମୋତେ ଏକାକୀ ସୁଧାରିବାକୁ ହେବ ଭାବି ବିଚଳିତ ହୋଇପଡ଼ିଲି । ମୋ ବୟସ ସେତେବେଳେ ଏକୋଇଶି ବର୍ଷରୁ କମ୍ । ପୁଣି ଖରାଦିନେ ଆମ ସମସ୍ତଙ୍କ ମଗଜ୍ ମିଜାଜ ଟିକିଏ ଗରମ ଥାଏ । ଠିକ୍ ଏଇ ଦୁର୍ବଳ ମୁହୂର୍ତ୍ତରେ ରାମଶରଣଙ୍କ ସହିତ ଦେଖାହେଲା । ସେହି ମୁହୂର୍ତ୍ତରୁ ଫଳାଫଳର ଆଉ ବିଚାର ନ କରି କାମ ହାତକୁ ନେବାକୁ ସ୍ଥିରକଲି ।

ରାମଶରଣ ମୋକାମା ଘାଟର ଷ୍ଟେସନ ମାଷ୍ଟର । ଭଦ୍ରଲୋକ ପ୍ରୌଢ଼—ପାଞ୍ଚୋଟି ପିଲାଙ୍କର ବାପ । ବୟସ ମୋଠାରୁ କୋଡ଼ିଏ ବର୍ଷ ବେଶି । ଘନ କଳା ଦାଢ଼ିଟିଏ ଗ୍ରୀବ ଉପରକୁ ଲମ୍ବି ଆସିଛି । ଏଠାରେ ତାଙ୍କର ଦୁଇବର୍ଷ କଟିଲାଣି । ମୋ ଆସିବା କଥା ତାଙ୍କୁ ତାରଦ୍ୱାରା ଜଣାଇ ଦିଆଯାଇଥିଲା । ମୁଁ ମାଲ୍ ସରବରାହ ଦାୟିତ୍ୱ ନେବାକୁ ଆସୁଛି ବୋଲି ସେ ଜାଣି ନ ଥିଲେ । ମୋଠାରୁ ସେ କଥା ଶୁଣିବା ମାତ୍ରେ ତାଙ୍କ ମୁହଁ ଆନନ୍ଦରେ ଉଜ୍ଜ୍ୱଳ ହୋଇଉଠିଲା । ହସି ହସି କହିଲେ, "ଖୁବ୍ ଭଲ ହେଲା । ଆମେ ଦୁହେଁ ସବୁ ତୁଲାଇ ନେବା ।" ତାଙ୍କ ମୁହଁରୁ "ଆମେ ଦୁହେଁ" ପଦ ଦୁଇଟି ଶୁଣିବା ମାତ୍ରେ ଶ୍ରଦ୍ଧା ଓ ସମ୍ମାନରେ ମୋ ଅନ୍ତର ଭରିଉଠିଲା । ସେଇ ମୁହୂର୍ତ୍ତରୁ ଦୀର୍ଘ ପଇଁତିରିଶ ବର୍ଷ ପରେ ରାମଶରଣଙ୍କ ଦେହାନ୍ତ ହେବା ପର୍ଯ୍ୟନ୍ତ ଆମ ସଦ୍ଭାବ କେବେ ଶିଥିଳ ହୋଇ ନ ଥିଲା ।

ସେ ଦିନ ଜଳଖିଆ ଖାଇବାବେଳେ ଷ୍ଟୋରାର୍ସଙ୍କୁ ଜଣାଇଲି ଯେ କାମ ହାତକୁ ନେବାକୁ ମୁଁ ନିଷ୍ପତ୍ତି କରିଛି । ସେ ଖୁସି ହୋଇ କହିଲେ ଯେ ନିର୍ବୋଧମାନଙ୍କ ପକ୍ଷରେ ସଦୁପଦେଶ ଗ୍ରହଣ ନ କରିବା ଅତି ସ୍ୱାଭାବିକ କଥା । ତା ସତ୍ତ୍ୱେ ସେ ନିଜେ ପାରୁପର୍ଯ୍ୟନ୍ତ ମୋତେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ପରେ ଏହି ପ୍ରତିଶ୍ରୁତିକୁ ସେ ଅତି ନିଷ୍ଠାର ସହିତ ପୂରଣ କରିଥିଲେ । କେତେ ମାସ ଯାଏ ଷ୍ଟିମରଗୁଡ଼ିକ ରାତିଦିନ ଅନବରତ ଚଲାଇ ରଖି ମୋର ଦରକାର ମୁତାବକ ରେଲଡ଼ବା ସେ ଯୋଗାଇ ଦେଇଥିଲେ ।

କାମରେ ଯୋଗ ଦେବାପାଇଁ ମୋତେ ସପ୍ତାହେ ସମୟ ଦିଆଯାଇଥିଲା । ଗୋରଖପୁରରୁ ମୋକାମା ଘାଟ ଫେରିବାରେ ସେଥିରୁ ଦୁଇ ଦିନ ଗଲା । କାମ ବିଷୟ ବୁଝି ପୁଝି ଦାୟିତ୍ୱ ଗ୍ରହଣ କରିବାକୁ ଆଉ ମାତ୍ର ପାଞ୍ଚ ଦିନ ବାକି । ଦୁଇ ଦିନ ଲାଗି ସହକର୍ମୀମାନଙ୍କ ସହିତ ପରିଚିତ ହେଲି । ମୋକାମା ଘାଟ କାର୍ଯ୍ୟସ୍ଥଳରେ ରାମଶରଣ ଷ୍ଟେସନ ମାଷ୍ଟର । ତାଙ୍କ ସହକାରୀ ଚଟାର୍ଜୀବାବୁ ମୋ ଅଜାଙ୍କ ବୟସର ଲୋକ । ଏହାଛଡ଼ା ପଅଁଷଠି ଜଣ କିରାଣିଙ୍କ ସହିତ ଇଞ୍ଜିନ-ଚାଳକ, ଶଣ୍ଟର୍, ପଏଣ୍ଟସ୍‌ମ୍ୟାନ୍ ଓ ଜଗୁଆଳି ମିଶି ଶହେ ଜଣ କର୍ମଚାରୀ

Digitized by srujanika@gmail.com

ସେଠାରେ ଥାଆନ୍ତି । ସାମାଣ୍ଆ ଘାଟ ନଈ ଆରପାରରେ । ସେଠାରେ କରଣି ଓ ଉଲ୍‌ଆ କର୍ମଗ୍ରାହୀଙ୍କ ସଂଖ୍ୟା ମଧ୍ୟ ଏକ ଶହ । ଏ ଦୁଇ ସଂସ୍ଥାର କର୍ମଗ୍ରାହୀଙ୍କ କାମ ତଦାରଖ କରିବା ଛଡ଼ା ଚଳାଚଳ ହେଉଥିବା ମାଲ୍ ଉପରେ ମୋତେ ନଜର ରଖିବାକୁ ହେବ । ବର୍ଷକୁ ପାଞ୍ଚ ଲକ୍ଷ ଟନ୍ ମାଲ୍‌ର ନିୟମିତ ଯାତାୟାତ ପାଇଁ ଆବଶ୍ୟକ ସଂଖ୍ୟାରେ ଶ୍ରମିକ ଯୋଗାଇବା ମଧ୍ୟ ମୋ କାମ । ଏତେଗୁଡ଼ିଏ ଦାୟିତ୍ୱ ଏକ ସଙ୍ଗରେ ଗ୍ରହଣ କରି ବଡ଼ ସନ୍ତ୍ରସ୍ତ ହୋଇପଡ଼ିଲି ।

ମାଲ ସରବରାହର ଠିକାଦାରୀ ଗୋଟିଏ ବଡ଼ ଶ୍ରମସଂସ୍ଥାକୁ ଦିଆଯାଇଥିବା କଥା ପୂର୍ବରୁ କହିଛି । ଏହି ପ୍ରତିଷ୍ଠାନ ତାର ଶ୍ରମିକଙ୍କୁ କାମ ହିସାବରେ ମଜୁରି ଦିଏ । ସେତେବେଳେ ଏହି ସଂସ୍ଥା ତରଫରୁ ସବୁ କାମ ପ୍ରାୟ ବନ୍ଦ ଥାଏ । ଶହ ଶହ ଶ୍ରମିକ ବେକାର ହୋଇ ବସିଥାଆନ୍ତି । ମିଟର୍ ଗେଜ୍ ରେଲପଥ ତରଫରୁ ମୁଁ କାମ ଆରମ୍ଭ କରିବି ଶୁଣି ସେମାନଙ୍କ ଭିତରୁ ଅନେକେ ମୋ ପାଖରେ କାମ କରିବାକୁ ଚାହିଁଲେ । ଶ୍ରମସଂସ୍ଥାର ଶ୍ରମିକଙ୍କୁ ନେବ ନାହିଁ ବୋଲି କୌଣସି ଚୁକ୍ତି କରି ନ ଥିଲେ ସୁଦ୍ଧା ସେପରି କରିବା ଭଲ ଦେଖାଯିବନାହିଁ ବୋଲି ମନେହେଲା । ସେମାନଙ୍କ ବନ୍ଧୁବାନ୍ଧବଙ୍କୁ କିନ୍ତୁ କାମ ଦେବାରେ କିଛି ବାଧା ନ ଥିଲା । ହାତରେ ଆଉ ମୋଟେ ତିନି ଦିନ ବାକି । ପ୍ରଥମେ ବାର ଜଣ ଲୋକ ବାଛି ସର୍ଦ୍ଦାର ଭାବେ ନିଯୁକ୍ତ କଲି । ଏଥିରୁ ଏଗାର ଜଣ ପ୍ରତ୍ୟେକେ ଦଶ ଜଣ କରି ଶ୍ରମିକ ଆଣି ମାଲ୍ ବୋହିବାରେ ଲଗାଇବେ ବୋଲି ଜବାବ ଦେଲେ । କୋଇଲା ବୋହିବା ପାଇଁ ସ୍ତ୍ରୀ ପୁରୁଷ ମିଶାଇ ଷାଠିଏ ଜଣ ଶ୍ରମିକ ଯୋଗାଡ଼ କରିବାକୁ ଆଉ ସର୍ଦ୍ଦାର ଜଣକୁ ବରାଦ ଦିଆଗଲା । ଜାତିଗତ ବାରଣମାନ ଥିବାରୁ ବିଭିନ୍ନ ପ୍ରକାର ମାଲ ରଖାଉଠା ପାଇଁ ଭିନ୍ନ ଭିନ୍ନ ଜାତିର ଶ୍ରମିକଙ୍କୁ ନିଯୁକ୍ତ କରାଯାଏ । ସେଥିପାଇଁ ମୁଁ ଦୁଇ ଜଣ ହରିଜନ, ଆଠ ଜଣ ସବର୍ଣ୍ଣ ହିନ୍ଦୁ ଓ ଦୁଇଜଣ ମୁସଲମାନ ସର୍ଦ୍ଦାର ବାଛିଥାଏ । ଜଣକ ଛଡ଼ା ଅନ୍ୟ ସର୍ଦ୍ଦାରମାନେ ସମସ୍ତେ ନିରକ୍ଷର ହୋଇଥିବାରୁ ହିସାବପତ୍ର ରଖିବା ପାଇଁ ଜଣେ କରି ହିନ୍ଦୁ ଓ ମୁସଲମାନ କରଣି ନିଯୁକ୍ତ ହୋଇଥାଆନ୍ତି ।

ଦୁଇ ରେଲବାଇର ମାଲ୍ ପରିବହନ ବ୍ୟବସ୍ଥା ଗୋଟିଏ ସଂସ୍ଥା ଦାୟିତ୍ୱରେ ଥିବାବେଳେ ମାଲ୍‌ମତ୍ତା ସବୁ ଗୋଟିଏ ରେଲବାଇରୁ ଅନ୍ୟଟିକୁ ସିଧାସଳଖ ବୁହାଯାଉଥିଲା । ପରିବହନ ସଂସ୍ଥା ପୃଥକ୍ ହେବା ପରେ ତାହା ଆଉ ସମ୍ଭବ ହେଲା ନାହିଁ । ଗୋଟିଏ ରେଲବାଇର ମାଲ୍‌ପତ୍ର ଗୋଦାମରେ ଓହ୍ଲାଇ ତାହାକୁ ପୁଣି ଗୋଦାମରୁ ନେଇ ଆର ରେଲବାଇର ଡବାରେ ଚଢ଼ାଇବାକୁ ପଡ଼ିଲା । ଓଜନଦାର ଯନ୍ତ୍ରପାତି ଓ କୋଇଲା ଛଡ଼ା ଅନ୍ୟ ମାଲ ଲଦିବା ଓହ୍ଲାଇବା ପାଇଁ ପ୍ରତି ହଜାର ମହଣକୁ ମୋତେ ଟଙ୍କାଏ ସାତଅଣା ପାଉଣା ମିଳେ । ଓଜନଦାର ଯନ୍ତ୍ରପାତି ଓ କୋଇଲା ଡବାରୁ ଡବାକୁ ସ୍ଥାନାନ୍ତରିତ ହେଉଥିବାରୁ ଏ କାମ ଜଣେ ଠିକାଦାର ଚଳାଏ ଓ ତାହାର ଠିକା ମୋତେ ଦିଆଯାଇଥାଏ । ଏ ଦୁଇ କିସମର ମାଲ୍ ପାଇଁ ପ୍ରତି ହଜାରେ ମହଣ ପ୍ରତି ପାଉଣା ଟଙ୍କାଏ ଚାରିଅଣା । ମୋ ପାଉଣା ହାର

Digitized by srujanika@gmail.com

ଏତେ କମ୍ ଥିଲା ବୋଲି ଏବେକାର କେହି ଯଦି ବିଶ୍ୱାସ ନ କରନ୍ତି, ତାହା ଦୁଇ ରେଲବାଇର ପୁରୁଣା ନଥିପତ୍ରରୁ ସହଜେ ପ୍ରମାଣ କରାଯାଇ ପାରିବ ।

ମୋତେ ମିଳିଥିବା ସପ୍ତାହେ ମହଲତର ଶେଷ ସନ୍ଧ୍ୟାରେ ହାଜରା ନିଆଗଲା । ଏଗାର ଜଣ ସର୍ଦ୍ଦାର ପ୍ରତ୍ୟେକେ ଦଶ ଜଣ କରି ଶ୍ରମିକ ଆଣିଥାନ୍ତି । ଆଉ ସର୍ଦ୍ଦାର ଜଣକ ଷାଠିଏ ଜଣ ସ୍ତ୍ରୀ ପୁରୁଷ ମଜୁରିଆ ନେଇ ଆସିଥାଏ । କରାଚି ଦୁହେଁ ଉପସ୍ଥିତ ଥାଆନ୍ତି । ପ୍ରସ୍ତୁତ ଶେଷ ହୋଇଛି ଦେଖି ପରଦିନ ସକାଳୁ କାର୍ଯ୍ୟଭାର ଗ୍ରହଣ କରି ତାରଦ୍ୱାରା ଗୋରଖପୁରକୁ ଜଣାଇଦେଲି ।

ମୋକାମା ଘାଟରେ ଟମ୍ କେଲି ନାମକ ଜଣେ ଆଇରିଶ୍ ଭଦ୍ରଲୋକ ବ୍ରଡ୍‌ଗେଜ୍ ରେଲବାଇ ଷ୍ଟେସନ ମାଷ୍ଟର ଥାଆନ୍ତି । ମୋକାମା ଘାଟରେ ତାଙ୍କର କେତେ ବର୍ଷର ଅନୁଭୂତି । ମୋ ଉଦ୍ୟମର ସଫଳତା ସମ୍ବନ୍ଧରେ ନିଜର ଘୋର ସନ୍ଦେହ ଥିବା ସତ୍ତ୍ୱେ ମୋତେ ଯଥାସମ୍ଭବ ସାହାଯ୍ୟ କରିବାକୁ ସେ କଥା ଦେଲେ । ମାଲ୍ ଜମା ହୋଇ ଗୋଦାମସବୁ ଭରପୂର । କୌଣସି ପ୍ରକାରେ ଗୋଦାମରେ ଜାଗା ଖାଲି ନ କଲେ ଦୁଇ ରେଲବାଇର ଗୃହିରହି କରି ମାଲ୍‌ଡବା ଖଲାସ ହୋଇପାରୁ ନାହିଁ । ଏ ଅଚଳ ଅବସ୍ଥାର ସମାଧାନ ପାଇଁ କେଲି ଓ ମୁଁ ପରାମର୍ଶ କରି ଗୋଟିଏ ବିଶେଷ କାର୍ଯ୍ୟପନ୍ଥା ସ୍ଥିର କଲୁ । ହଜାରେ ଟନ୍ ଗହମ ଗୋଦାମ ବାହାରେ ପଦାରେ ଓହ୍ଲାଇ ଦେଇ ପ୍ରଥମେ ଡବାଗୁଡ଼ିକୁ ଖାଲି କରିଦେବ ବୋଲି ମୁଁ ପ୍ରସ୍ତାବ ଦେଲି । ଏଥିରେ ନାନା ବିପଦର ଆଶଙ୍କା ଥିଲେ ସୁଦ୍ଧା ସେଭଳି ଦୁଃସାହସ କରିବା ଛଡ଼ା ପନ୍ଥା ନ ଥିଲା । ଖାଲି ଡବାଗୁଡ଼ିକରେ ମାଲ୍ ଚଢ଼ାଇ ଗୋଦାମରେ ଜାଗା ଖାଲି କରାଯିବ । ସେତିକି ଜାଗାରେ କେଲି ତାଙ୍କର ହଜାରେ ଟନ୍ ଲୁଣ ଓ ଚିନି ଓହ୍ଲାଇ ଦେବେ ଓ ଖାଲି ଡବାଗୁଡ଼ିକରେ ଗୋଦାମରୁ ଅନ୍ୟ ମାଲ୍ ଉଠାଇ ପଦାରେ ପଡ଼ିଥିବା ଗହମ ପାଇଁ ଜାଗା କରିଦେବେ । ଯୋଜନାଟି କାର୍ଯ୍ୟରେ ଖୁବ୍ ସଫଳ ହେଲା । ଗହମ ପଦାରେ ପଡ଼ିଥିବାବେଳେ ଯୋଗକୁ ବର୍ଷା ହେଲାନାହିଁ । ଏହିପରି ମାଲ୍‌ମସ୍ତ୍ରାସବୁ ଏପଟ ସେପଟ କରି ଦଶ ଦିନରେ ଆମେ ଗୋଦାମରୁ ଭିଡ଼ କମାଇ ଦେଲୁ । ବହୁ କାଳରୁ ପଡ଼ିରହିଥିବା ମାଲଗାଡ଼ି ମାନ ବୋଝାଇ ହୋଇ ଚାଲିଗଲେ । ମାଲ୍ ଚଳାଚଳରେ ଅଚଳ ଅବସ୍ଥା ସୃଷ୍ଟି ହେବାପରେ ଦୁଇ ରେଲବାଇର ମାଲ୍ ଚଳାଣ ବ୍ୟବସ୍ଥା ପନ୍ଦର ଦିନ ଧରି ବାତିଲ୍ କରାଯାଇଥିଲା । ଏବେ ମାଲ୍ ଚଳାଣ ପୁଣି ଆରମ୍ଭ କରାଯାଇ ପାରେ ବୋଲି ଆମେ ନିଜ ନିଜ ସଦର କାର୍ଯ୍ୟାଳୟକୁ ଜଣାଇଦେଲୁଁ ।

ଏଗାରଦିନ ଆରମ୍ଭରେ ମୁଁ କାମରେ ଯୋଗ ଦେଇଥିଲି । ଏଗାରଦିନେ ଭାରତସ୍ଥ ରେଲବାଇମାନଙ୍କରେ ମାଲ୍ ଯାତାୟାତର ଭାରି ଭିଡ଼ ହୁଏ । ମାଲ୍ ଚଳାଣ ଆରମ୍ଭ ହେବା ମାତ୍ରେ ଦୁଇ ରେଲବାଇର ବୋଝାଇ ମାଲଗାଡ଼ିମାନ ଦୁଇପଟୁ ବହୁ ସଂଖ୍ୟାରେ ଆସି ପହଞ୍ଚିବାକୁ ଲାଗିଲେ । ଭାରତର ସବୁ ଠିକାଦାରଙ୍କ ମଧ୍ୟରୁ ମୋର ମାସୁଲ ସର୍ବନିମ୍ନ ହାରରେ

Digitized by srujanika@gmail.com

ନିର୍ଦ୍ଧାରଣ କରାଯାଇଥାଏ । ଅନ୍ୟମାନଙ୍କ ପରି ମୁଁ କାମ ଅନୁସାରେ ଶ୍ରମିକଙ୍କୁ ମଜୁରି ଦିଏ । ଅନ୍ୟ ଶ୍ରମିକଙ୍କ ତୁଳନାରେ ସେମାନେ ଯେପରି ସମାନ ବା ବେଶି ରୋଜଗାର କରିବେ, ସେଥିପାଇଁ ମୁଁ ଯେତେ ସମ୍ଭବ କମ୍ ସଂଖ୍ୟାରେ ଶ୍ରମିକ ନିଯୁକ୍ତ କରିଥାଏ । ଅନ୍ୟମାନଙ୍କ ଅପେକ୍ଷା ମୋ ଲୋକଙ୍କୁ ଅବଶ୍ୟ ବେଶି ଖଟିବାକୁ ପଡ଼େ; କିନ୍ତୁ ସେହି ଅନୁପାତରେ ସେମାନେ ବେଶି ରୋଜଗାର କରନ୍ତି । କାମ ଚାଲିବାର ସପ୍ତାହେ ପରେ ହିସାବରୁ ଜଣାପଡ଼ିଲା ଯେ ମୋ ଲୋକେ ଶ୍ରମଯନ୍ତ୍ରାର ଶ୍ରମିକଙ୍କଠାରୁ ପ୍ରାୟ ଦେଢ଼ଗୁଣ ବେଶି ରୋଜଗାର କରିଛନ୍ତି । ମଜୁରି ଛିଣ୍ଡାଇଦେବାକୁ ହାତରେ ପାଣ୍ଠି ନ ଥିଲେ ସୁଦ୍ଧା ହିସାବପତ୍ରରେ ଏହା ଦେଖି ମୋର ଆନନ୍ଦର ସୀମା ରହିଲା ନାହିଁ ।

ଦାୟିତ୍ୱ ନେବାବେଳେ ରେଳବାଇ କର୍ମକର୍ତ୍ତାମାନେ ମୋତେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ପ୍ରତି ସପ୍ତାହରେ ମୋ ପାଉଣାଟିକ ନିୟମିତ ଛୁଡ଼ାଇ ଦିଆଯିବ । ତାଙ୍କ କଥାରେ ଭରସା କରି ପ୍ରତି ସପ୍ତାହରେ ମଜୁରି ଛିଣ୍ଡାଇଦେବି ବୋଲି ଶ୍ରମିକଙ୍କୁ ମୁଁ କବାବ ଦେଇଥିଲି । ଠିକାଦାର ବଦଳି ହେଲେ ହିସାବସମୀକ୍ଷା (Audit) ବିଭାଗରେ କାଗଜପତ୍ର ସଜାଡ଼ିବାକୁ ଡେରି ହୁଏ ବୋଲି ରେଳବାଇ କର୍ତ୍ତୃପକ୍ଷ ସେତେବେଳେ ବୁଝି ନ ଥିଲେ । ହିସାବ ନିକାଶ ନ କରି ଦିନ ଗଡ଼ାଇବା ବିରାଟ ରେଳବାଇ ପ୍ରତିଷ୍ଠାନ ପକ୍ଷରେ ଅତି ସାମାନ୍ୟ କଥା । କିନ୍ତୁ ମୋ ପରି କ୍ଷୁଦ୍ର ଠିକାଦାର ପାଖରେ ତାହା ଅତି ଗୁରୁତର ସମସ୍ୟାର ଆକାର ନେଲା । ଦେଢ଼ଶହଟି ଟଙ୍କା ଧରି ମୁଁ ମୋକାମା ଘାଟରେ ପହଞ୍ଚିଥିଲି । କାହା ପାଖରୁ କିଛି ହାତ ଉଧାର ଆଣି ଗରଜ ଚଳାଇ ଦେବି—ଏପରି କେହି ନିଜ ଲୋକ ମୋର ସଂସାରରେ ନାହିଁ । ରେଳବାଇ ପ୍ରତିଷ୍ଠାନ ମୋ ପାଉଣା ନ ଦେବା ଯାଏ ଶ୍ରମିକଙ୍କୁ ମଜୁରି ଦେଇପାରିବି ନାହିଁ—ଏଭି ଦୁଶ୍ଚିନ୍ତାରେ ମୁଁ ମ୍ରିୟମାଣ ହୋଇପଡ଼ିଲି ।

ଏହି ବିବରଣୀକୁ ମୁଁ 'ଅନୁରକ୍ତି' ବୋଲି ଆଖ୍ୟା ଦେଇଛି । ମୋକାମା ଘାଟରେ ଦୁଃଖ-ଦୈନ୍ୟଭରା ସେହି ପ୍ରଥମ ତିନିମାସରେ ଶ୍ରମିକ ଓ ସହକର୍ମୀମାନଙ୍କଠାରୁ ଯେପରି ଗଭୀର ଅନୁରକ୍ତିର ମୁଁ ପରିଚୟ ପାଇଛି, ତାହା କେହି କେବେ ପାଇନଥିବେ । ବିନା ମଜୁରିରେ ଭୋକ ଉପାସ ସହି ମୋ ଶ୍ରମିକମାନେ ପୂର୍ବପରି ହାଡ଼ଭଙ୍ଗା ପରିଶ୍ରମ କରୁଥାଆନ୍ତି । ଭୋର ଚାରିଟାରୁ କାମ ଆରମ୍ଭ ହୋଇ ରାତି ଆଠଟାରେ ସରେ । ଅନ୍ୟ ଦିନ ପରି ରବିବାରରେ ମଧ୍ୟ କାମ ଚାଲେ । ଅବିରାମ ଗତିରେ କାମ ଚଳାଇରଖିବା ପାଇଁ ମାଲ୍ ଯାଞ୍ଚ କରୁଥିବା କିରାଣିମାନେ ଭିନ୍ନ ଭିନ୍ନ ସମୟରେ ଖାଇବାକୁ ଯାଆନ୍ତି । ଶ୍ରମିକଙ୍କ ଖାଇବା ତାଙ୍କ ସ୍ତ୍ରୀ ପିଲାମାନେ କାମ ପାଖକୁ ଆଣନ୍ତି । ସେହି ଗୋଦାମ ଘରେ ହିଁ ସେମାନଙ୍କ ଖିଆପିଆ ସରେ । ଶ୍ରମିକମାନେ କେତେ କାମ କରିବେ ବା କେତେ ସମୟ ଖଟିବେ, ସେଥିରେ କାଇଦା କଟକଣା ବା ବାଧ୍ୟବାଧକତା କିଛି ନ ଥାଏ । କାମ ଅନୁସାରେ ମଜୁରି ମିଳୁଥିବାରୁ ପ୍ରତ୍ୟେକ ଇଚ୍ଛା ଓ ଶକ୍ତି ମୁତାବକ କାମ କରେ । କେହି ଚାହେଁ ଯେ ତା ପିଲାଏ ଭଲ ଖାଇବାକୁ ଓ ପିନ୍ଧିବାକୁ ପାଇବେ । କାହାର ଋଣର ଦାୟ ଅଛି । କାହାର ବୁଢ଼ା ବଳଦଟି ଆଉ କାମକୁ ପାରୁନାହିଁ—ଦାମୁଡ଼ାଟିଏ

Digitized by srujanika@gmail.com

କମିବା ଦରକାର । ଯୋଗ୍ୟତା ଓ ଶକ୍ତି ଖଟାଇ ଆଶା ଆକାଙ୍କ୍ଷା ପୂର୍ଣ୍ଣ କରିବାକୁ ପ୍ରତ୍ୟେକଙ୍କୁ ଯଥେଷ୍ଟ ସୁଯୋଗ ମିଳେ ଓ ଭବିଷ୍ୟତର ଆଶା ଏଥିପାଇଁ ପ୍ରେରଣା ଯୋଗାଏ । କାମ ଆଦାୟ କରିବା ଦରକାର ପଡ଼େନା । ଶ୍ରମିକଙ୍କୁ କେହି କ୍ରୀତଦାସ ପରି ହେୟଜ୍ଞାନ କରେନାହିଁ କମ୍ବା ମୁନିବ ଦାସବ୍ୟବସାୟୀ ପରି ବ୍ୟବହାର କରେ ନାହିଁ । ଫଳରେ ଶ୍ରମ-ସଂଗଠନମାନ ଗଢ଼ିବାର ଆବଶ୍ୟକତା ନ ଥାଏ ।

ରାତି ଆଠଟାରେ ଅନ୍ୟମାନଙ୍କ କାମ ସରିବାବେଳକୁ ରାମଶରଣଙ୍କର ଓ ମୋର ଆହୁରି ଅନେକ କାମ ବାକି ଥାଏ । ସମସ୍ତେ ଗିବାପରେ ଆମର ଚିଠିପତ୍ର ଲେଖା ଦେଖା ଆରମ୍ଭ ହୁଏ ଓ ପରଦିନର କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ କରି ସେଥିପାଇଁ ପ୍ରସ୍ତୁତ କରିବାକୁ ପଡ଼େ । ପ୍ରଥମ ଛଅମାସ ଆମ ଦୁହିଁଙ୍କୁ ଶୋଇବା ପାଇଁ ରାତିକେ ଚାରିଘଣ୍ଟାରୁ ବେଶି ମିଳୁ ନ ଥିଲା । ମୁଁ ସେତେବେଳେ କୋଡ଼ିଏ ଏକୋଇଶ ବର୍ଷର ଯୁବକ । ଦେହ ମୋର ଲୁହା ପରି ଟାଣ ଓ କଠିନ ପରିଶ୍ରମ ପ୍ରତି ମୁଁ ବହୁ କାଳରୁ ଅଭ୍ୟସ୍ତ । ରାମଶରଣଙ୍କ ବୟସ କିନ୍ତୁ ମୋଠାରୁ କୋଡ଼ିଏ ବର୍ଷ ବେଶି । ଏତେ କାମ କରିବାର ଅଭ୍ୟାସ ତାଙ୍କର ନ ଥିଲା । ମୋ ସାଙ୍ଗରେ ପଡ଼ି ତାଙ୍କ ଓଜନ ଛଅ ମାସରେ ଚଉଦ ପାଉଣ୍ଡ କମିଗଲା ସତ କିନ୍ତୁ ମନର ପ୍ରଫୁଲ୍ଲତା ତିଳେହେଲେ ହ୍ରାସ ପାଇ ନଥିଲା ।

ଅର୍ଥର ଅଭାବ ଆରମ୍ଭରୁ ମୋତେ ବିବ୍ରତ କରୁଥିଲା । କ୍ରମେ ତାହା କାଳରାତ୍ରିର ଦୁଃସ୍ୱପ୍ନ ପରି ଜୀବନକୁ ବିଷମୟ କରିଦେଲା । ମୋ ଶ୍ରମିକଙ୍କ ଦୁଃଖଦୁର୍ଦ୍ଦଶା କହିଲେ ନ ସରେ । ଦିନକୁ ଦିନ ତାହା ଆହୁରି ଶୋଚନୀୟ ହେବାକୁ ଲାଗିଲା । ପ୍ରଥମେ ସର୍ଦ୍ଦାରମାନେ ଓ ପରେ ଶ୍ରମିକମାନେ ସ୍ତ୍ରୀ ପିଲାଙ୍କ ଗହଣା ସମେତ ତାଙ୍କ ସାମାନ୍ୟ ସର୍ବସ୍ୱ ବନ୍ଧାବନ୍ଧା କରି ଚଳିଲେ । ଏ ଦୁଃସମୟରେ କଟା ଘାଅରେ ଚୂନ ଦେଲାପରି ଶ୍ରମ-ସଂସ୍ଥାର ଶ୍ରମିକମାନେ ମୋ ଲୋକଙ୍କୁ ଛୁଗୁଲେଇବାରେ ଲାଗିଥାନ୍ତି । ମୋ ଲୋକଙ୍କ ରୋଜ ରୋଜଗାର ବେଶି ହୋଇଥିବାରୁ ସେମାନଙ୍କ ଗାତ୍ର ଦାହ ହେଉଥିଲା । ଆମ ଅବସ୍ଥାର ଏ ଦୟନୀୟ ପରିଣତି ପରିହାସ ପାଇଁ ସେମାନଙ୍କୁ ଯଥେଷ୍ଟ ଉପାଦାନ ଯୋଗାଇଦେଲା । ଶେଷରେ ସମସ୍ତଙ୍କୁ ମୁଁ ଚାଳକାଟି ଚମ୍ପଟ ଦେବି ବୋଲି କହି ମୋ ଲୋକଙ୍କୁ ସେମାନେ ଚିଡ଼ାଉଥାନ୍ତି । କ୍ରମାଗତ ଅଭାବ ଅନଟନ ଯୋଗୁ ମୋ ଲୋକଙ୍କ ସହନ ଶକ୍ତି ଅନେକ କମିଯାଇଥାଏ । ମୋ ବିରୁଦ୍ଧରେ ଏଭଳି ପ୍ରଚ୍ଛନ୍ନ ଆକ୍ଷେପ ସେମାନେ ବରଦାସ୍ତ କରିପାରନ୍ତି ନାହିଁ । ଅନେକ ସମୟରେ ଦୁଇ ଦଳ ଭିତରେ ବଚସା ହୋଇ ହାଙ୍ଗାମା ଲାଗିବା ପୂର୍ବରୁ ଅବସ୍ଥାକୁ ଅଳ୍ପକେ ଏଡ଼ାଇ ଦିଆଯାଏ ।

ସେ ବର୍ଷ ବର୍ଷାର ଦେଖା ନ ଥାଏ । ପ୍ରଚଣ୍ଡ ଖରା; ନିଆଁ ବର୍ଷିଲା ପରି ଲାଗୁଥାଏ । ଝାଞ୍ଜି ପବନରେ ଜୀବନ ଅତିଷ୍ଠ ହୋଇଉଠେ । ଦିନେ କାମ ସାରି କ୍ଲାନ୍ତ ହୋଇ ଘରକୁ ଫେରିବାବେଳେ ତାର ଯୋଗେ ଖବର ପାଇଲି ଯେ ସାମାରିଆ ଘାଟରେ ରେଲଇଞ୍ଜିନଟାଏ ଲାଇନଚ୍ୟୁତ ହୋଇଛି । ଲଞ୍ଚ୍‌ରେ ପାରିହୋଇ ସେଠାରେ ପହଞ୍ଚିଲି । ଜ୍ୟାକ୍ ଲଗାଯାଇ ଛଅଘଣ୍ଟା ଭିତରେ ଇଞ୍ଜିନ୍‌କୁ ଦୁଇଥର ଧାରଣା ଉପରକୁ ଉଠାଗଲା । ପ୍ରତିଥର ସେଇଟି ପୁଣି

Digitized by srujanika@gmail.com

ଖସି ପଡ଼ିଲା । ପବନର ବେଗ କମିବା ପରେ ରେଳଧାରଣା ତଳେ ସରୁବାଲି ଠେସାହୋଇ ତୃତୀୟ ଚେଷ୍ଟାରେ ଇଞ୍ଜିନ୍ ପଥ ଉପରକୁ ଉଠିଲା ଓ ରେଳରାସ୍ତା ପୁଣି ଚଳାଚଳ ଉପଯୋଗୀ କରାଗଲା ।

କ୍ଲାନ୍ତ ଦେହ ମନ ନେଇ ଘରକୁ ଫେରିଲି । ଝାଞ୍ଜି ପବନ ଓ ବାଲି ମାଡ଼ରେ ଆଖି ଫୁଲିଯାଇ ଜାଳ ପୋଡ଼ୁଥାଏ । ସାରାଦିନ କିଛି ଖାଇ ନ ଥିଲି । ଘରେ ପହଞ୍ଚିବା ମାତ୍ରେ ଚାକର ଖାଇବାକୁ ବାଢ଼ିଦେଲା । ଦିନ ଭିତରେ ତାହା ହିଁ ଥିଲା ମୋର ପ୍ରଥମ ଭୋଜନ ! ଠିକ୍ ଖାଇ ବସିଛି, ସର୍ଦ୍ଦାର ବାର ଜଣ ସେଠାରେ ପହଞ୍ଚି ଭିତରକୁ ପଶି ଆସୁଥିଲେ । ମୁଁ ଖାଉଛି ଦେଖି ଭାରତୀୟ ରୀତିରେ ଶିଷ୍ଟାଚାର ଦେଖାଇ ସେମାନେ ବାହାରକୁ ଚାଲିଗଲେ । ମୋ ଚାକର ବାରଣ୍ଡାରେ ଥିଲା । ତା ସହିତ ସର୍ଦ୍ଦାରମାନଙ୍କ କଥାବାର୍ତ୍ତା କିଛି ମୋ କାନରେ ବାଜୁଥାଏ ।

ଜଣେ ସର୍ଦ୍ଦାର—ସାହେବଙ୍କୁ କ'ଣ ଖାଇବାକୁ ଦେଲ ?

ଚାକର—ଖଣ୍ଡେ ରୁଟି ଆଉ ଟିକିଏ ଡାଲି ।

ସର୍ଦ୍ଦାର—ଖଣ୍ଡେ ରୁଟି, ଟିକିଏ ଡାଲି ? ଆଉ କିଛି ନାହିଁ ?

ଚାକର—ଘରେ ଆଉ କିଛି ନାହିଁ । କିଣିବାକୁ ପଇସା ବି ନାହିଁ ।

ସର୍ଦ୍ଦାର—ସାହେବ ଆଉ କଅଣ ଖାଇଛନ୍ତି ?

ଚାକର—ଆଉ କିଛି ନାହିଁ ।

କିଛି ସମୟ ସମସ୍ତେ ନୀରବ । ମୁସଲମାନ ସର୍ଦ୍ଦାର ଜଣେ ବୟସରେ ଅନ୍ୟମାନଙ୍କଠାରୁ ବଡ଼ । ହେନାରେ ରଙ୍ଗା ହୋଇଥିବା ଲମ୍ବ ଦାଢ଼ି ଯୋଗୁଁ ଲୋକଟି ବାରି ହୋଇପଡ଼େ । ଅନ୍ୟ ସର୍ଦ୍ଦାରମାନଙ୍କୁ ସେ କହିଲା, "ତୁମେ ସମସ୍ତେ ଘରକୁ ଯାଅ । ମୁଁ ରହୁଛି । ସାହେବଙ୍କ ସଙ୍ଗରେ କଥାବାର୍ତ୍ତା କରିବ ।"

ଚାକର ବାସନ ନେଇ ଚାଲିଯିବା ପରେ ସର୍ଦ୍ଦାର ଅନୁମତି ନେଇ ଘରେ ପଶିଲା ଓ ମୋ ଆଗରେ ଛିଡ଼ାହୋଇ କହିଲା, "ଅମ ପେଟରେ କେବେଠୁ ଦାନା ପଡ଼ିନି ସାହେବ ! ଭୋକ ଉପାସରେ କାଲିଠାରୁ ଆଉ କାମ କରିପାରିବୁ ନାହିଁ ବୋଲି ଜଣାଇ ଦେବାକୁ ଆସିଥିଲୁ । ଆପଣଙ୍କ ହାଲ୍ ତ ଦେଖିଲୁ । ଆପଣଙ୍କୁ କ'ଣ ବା କହିବୁ ? ଛିଡ଼ା ହେବାକୁ ବଳ ପାଇବା ଯାଏ ଆମେ କାମ ଚଳାଇବୁ । ଆମର ଖାଲି ଏତିକି ମାଗୁଣି—ଆପଣ ଆଉ ଥରଟିଏ ଚେଷ୍ଟା କରନ୍ତୁ । ତେଣିକି ଆଲ୍ଲାଙ୍କ ଇଚ୍ଛା ।"

କେତେ ମାସ ଧରି ପ୍ରତିଦିନ ଗୋରଖପୁର ସଦର କାର୍ଯ୍ୟାଳୟକୁ ମୁଁ ଟଙ୍କା ପାଇଁ ଅନୁନୟ କରି ଚାଲିଥିଲି । ଉତ୍ତରରେ ବାରମ୍ବାର ସେହି ଗୋଟିଏ ଶୁଖିଲା ଆଶ୍ୱାସନା ଆସୁଥାଏ ଯେ ମୋ ପାଉଣା ଦେଇ ଦେବାପାଇଁ ବ୍ୟବସ୍ଥା କରାଯାଉଛି । ରାସ୍ତା ଆରପାଖରେ ତାରଅଫିସ । ସର୍ଦ୍ଦାର ଚାଲିଯିବା ପରେ ସେଠାକୁ ଗଲି । ତାରବାବୁ ହାତରେ ରହି ମୋ ଦୈନିକ

Digitized by srujanika@gmail.com

କାର୍ଯ୍ୟକ୍ରମର ବିବରଣୀ ତାରଦ୍ୱାରା ଗୋରଖପୁର ପଠାନ୍ତୁ । ତାଙ୍କ ଟେବୁଲ ଉପରୁ ଫାରମ୍‌ଟିଏ ନେଇ ତାରବାର୍ତ୍ତା ପଠାଇବା ପାଇଁ ଲାଇନ ଖୋଲା ରଖିବାକୁ କହିଲି । ରାତି ବାରଟା ପରେ ବାର୍ତ୍ତା ପଠାଗଲା । ମୁଁ ଲେଖିଥିଲି, "ସକାଳ ଗାଡ଼ିରେ ବାର ହଜାର ଟଙ୍କା ପଠାଯାଇଛି ବୋଲି ଖବର ନ ଆସିଲେ କାଲି ଠିକ୍ ଦିନ ବାରଟାବେଳେ ମୋକାମା ଘାଟରେ କାମ ବନ୍ଦ କରିଦିଆଯିବ ।" ବାର୍ତ୍ତା ପଢ଼ି ତାରବାବୁ କହିଲେ, "ଗୋରଖପୁର ତାର ଅଫିସରେ ମୋ ଭାଇ ଏବେ କାମ କରୁଛି । ଆପଣ କହିଲେ ବାର୍ତ୍ତାଟି ରେଳବାଇ ଦପ୍ତରଖାନାରେ ସଙ୍ଗେ ସଙ୍ଗେ ପହଞ୍ଚାଇ ଦେବାକୁ ତାକୁ କହିବି । କାଲି ସକାଳଯାଏ ଅପେକ୍ଷା କରିବାକୁ ପଡ଼ିବ ନାହିଁ ।" ସେହିପରି କରିବାକୁ ତାଙ୍କୁ ଅନୁରୋଧ କଲି ।

ଦଶଘଣ୍ଟା ପରର କଥା । ଚରମ ପତ୍ରରେ ନିର୍ଦ୍ଦିଷ୍ଟ ସମୟ ପୂରିବାକୁ ଅଳ୍ପ ମାତ୍ର ଦୁଇଘଣ୍ଟା ବାକି । ଜଣେ ତାରହରକରା ମାଟିଆ ଲଫାପାଟିଏ ଧରି ଦ୍ରୁତବେଗରେ ମୋ ଆଡ଼କୁ ଆସୁଥିବା ଦେଖିଲି । ପୂର୍ବ ରାତିର ତାରବାର୍ତ୍ତା ବିଷୟ ସମସ୍ତଙ୍କୁ ଜଣାଥାଏ । ହରକରାକୁ ଦେଖି ଦଳ ଦଳ ଶ୍ରମିକ ହାତ ବନ୍ଦ କରି ଅନାଇ ରହିଲେ । ହରକରା ମୋ ଅଫିସ ଚପରାସୀର ପୁଅ । ମୁଁ ବାର୍ତ୍ତା ପଢ଼ି ସାରିବା ମାତ୍ରେ ଖବର ଭଲ କି ମନ୍ଦ ବୋଲି ସେ ପଚାରିଲା ଓ ଖବର ଭଲ ବୋଲି ଶୁଣି ଗୋଦାମ ଆଡ଼େ ଛୁଟିଲା । ବାଟସାରା ଶ୍ରମିକମାନେ ତା'ଠାରୁ ଖବର ଶୁଣି ଆନନ୍ଦ ଧ୍ୱନି କରିବାକୁ ଲାଗିଲେ । ଅବଶ୍ୟ ଖବର ଆସିଥାଏ ଯେ କାଲି ସକାଳ ଆଗରୁ ଟଙ୍କା ପହଞ୍ଚି ପାରୁନାହିଁ । ତେବେ ସେଥିରେ ଯାଏ ଆସେ କଣ ? ଯେଉଁମାନେ ମାସ ମାସ ଧରି ଦ୍ୱୋକ ଉପାସରେ ଖଟିପାରିଲେ, ସେମାନେ କ'ଣ ଆଉ ଘଣ୍ଟା କେଇଟା ଅପେକ୍ଷା କରିପାରିବେ ନାହିଁ ?

ପରଦିନ ପୋଲିସ ଜଗୁଆଳି ସହ ଟଙ୍କା ଆସି ପହଞ୍ଚିଲା । ଟଙ୍କା ବାକ୍ସ ବାଉଁଶରେ ଝୁଲାଇ ମୋ ଲୋକେ ଦପ୍ତରଖାନା ଯାଏ କାନ୍ଧେଇ ଆଣିଲେ । ଟଙ୍କା ସହିତ ରେଳବାଇ ତରଫରୁ ହିନ୍ଦୁ ତହସିଲ୍‌ଦାର ଜଣେ ଆସିଥାଆନ୍ତି । ଭଦ୍ରଲୋକ ଆକାରରେ ଠିକ୍ ଗୃହକୋଣିଆ— ଯେତିକି ଉଚ୍ଚ ପ୍ରାୟ ସେତିକି ଓସାର । କପାଳରେ ଚନ୍ଦନଟିଏ ବନ୍ଧା । ବେଶ୍ ଖୁସ୍‌ମିଜାଜିଆ ଲୋକ ସେ । ମୁହଁରୁ ତାଙ୍କର ହସ ଓ ଝାଳ ପ୍ରାୟ ସମାନ ପରିମାଣରେ ଝରି ପଡ଼ୁଥାଏ । ଦପ୍ତରଖାନା ଚଟାଣରେ ଚକାପକାଇ ବସି ବେକରେ ବନ୍ଧାଥିବା ପୁଟୁଳିଟିଏ ଧରି ସେ ଟାଣିବାକୁ ଲାଗିଲେ । ବେଶ୍ କିଛି ପୁଟୁଳି ବାହାରିବା ପରେ ଅଗରେ ବନ୍ଧା ଚାବିଟି ଅନେକ ଭିତରୁ ବାହାରିଲା । ବାକ୍ସ ଖୋଲାହେଲା । ଭିତରେ ବାରଟି ଥଳି; ପ୍ରତି ଥଳିରେ ହଜାରେ କରି ନୂଆ ଟଙ୍କା । ଥଳିଗୁଡ଼ିକ ତଳେ ରଖି ଭଦ୍ରଲୋକ ରସିଦ କାଢ଼ି ଟିକଟଟିଏ ଜିଭରେ ମାରି ତା ତଳେ ଗୁଞ୍ଜିଦେଲେ । ଟିକଟ ଉପରେ ମୁଁ ଦସ୍ତଖତ କରିବା ପରେ ଭଦ୍ରଲୋକ ପକେଟ୍ ଅଣ୍ଡାଳିବାକୁ ଆରମ୍ଭ କଲେ । ପକେଟ୍‌ଟି ଗ୍ରେଟ ଲୁହେଁ । ଯୋଡ଼ିଏ ଟେଲୁଆ ସେଥିରେ ସ୍ୱଚ୍ଛନ୍ଦରେ ରହିଯିବେ । ଢେର ଖୋଜା ଖୋଜି କଲାପରେ ବହୁତ ଭିତରୁ ଲଫାପାଟିଏ ଉଦ୍ଧାରକରି ମୋ ହାତକୁ ବଢ଼ାଇ ଦେଲେ । ମୋର ତିନିମାସର ଦରମା ବାବଦ୍‌କୁ ସ୍ୱୀକୃତି

Digitized by srujanika@gmail.com

ପଚିଶ ଟଙ୍କା ସେଥିରେ ଥିଲା । ଲଫାପା ଓ ଥଳିଗୁଡ଼ିକ ମୋତେ ଜମାଦେଇ ଭଦ୍ରଲୋକ ବିଦାୟ ନେଲେ ।

ସର୍ଦ୍ଦାର ବାରଜଣଙ୍କୁ ତାଙ୍କ ପ୍ରତ୍ୟେକର ହାତରେ ହଜାରେ ଟଙ୍କାର ଥଳିଟିଏ ଧରାଇ ଦେଲି । ଟଙ୍କା ଦିଆନିଆ ବେଳେ ଆମ ମନରେ ଯେଉଁ ଆନନ୍ଦ ଥିଲା, ତାହା କେହି କେବେ ଅନୁଭବ କରି ନଥିବ । ତହସିଲ୍‌ଦାର ପହଞ୍ଚିବା ମାତ୍ରେ ଅନେକ ଦିନର ରୁଦ୍ଧ ପୁଞ୍ଜୀଭୂତ ଉତ୍କଣ୍ଠା ହଠାତ୍ କୁଆଡ଼େ ଉଭେଇଗଲା । ଦିନର ବାକି ସମସ୍ତଙ୍କୁ ମୁଁ ଛୁଟି କରିଦେଲି । ନବେ ଦିନ ଅବିଶ୍ରାନ୍ତ ପରିଶ୍ରମ ପରେ ତାହାହିଁ ଥିଲା ଆମର ପ୍ରଥମ ଛୁଟି । ଅନ୍ୟମାନେ ତାକୁ କିପରି ଉପଭୋଗ କଲେ ଜାଣେନା । ମୁଁ ଦିନ ତମାମ୍ ନିଘୋଡ଼ ନିଦରେ ଶୋଇପଡ଼ିଲି ।

ଏହି ସହକର୍ମୀମାନଙ୍କ ସହାୟତାରେ ମୋକାମା ଘାଟରେ ଦୀର୍ଘ ଏକୋଇଶ ବର୍ଷକାଳ ଠିକାଦାରି କରିଛି । ସେ ଭିତରେ ମାଲ୍‌ପତ୍ରର ନିୟମିତ ଚଳାଚଳରେ ବ୍ୟତିକ୍ରମ କେବେ ହୋଇନାହିଁ । ପ୍ରଥମ ମହାଯୁଦ୍ଧରେ ଯୋଗଦେଇ ୧୯୧୪ରୁ ୧୮୧୮ ମସିହା ପର୍ଯ୍ୟନ୍ତ ମୁଁ ପ୍ରଥମେ ଫ୍ରାନ୍ସ ଓ ପରେ ଓ୍ୱାଜିରିସ୍ତାନ ଚାଲିଗଲି । ସେତିକି ସମସ୍ତ ମୋର ସହକର୍ମୀ-ମାନେ ସୁଚାରୁରୂପେ କାମ ଚଳାଇ ମାଲ୍ ସରବରାହ ପୂର୍ବପରି ଅବ୍ୟାହତ ରଖିଲେ । ମୁଁ ଠିକାଦାରି ଗ୍ରହଣ କରିବା ବେଳେ ମୋକାମା ଘାଟ ବାଟେ ବର୍ଷକୁ ଚାରିଲକ୍ଷରୁ ପାଞ୍ଚଲକ୍ଷ ଟନ୍ ମାଲ୍ ଯାଉଥିଲା । ମୋ କାର୍ଯ୍ୟକାଳ ଭିତରେ ଏହା ଦୁଇଗୁଣ ବୃଦ୍ଧି ପାଇଲା । ରାମଶରଣଙ୍କୁ ମୁଁ ଦାୟିତ୍ୱ ହସ୍ତାନ୍ତର କରିବାବେଳକୁ ବର୍ଷକୁ ଦଶଲକ୍ଷ ଟନ୍ ମାଲ୍‌ର ସରବରାହ ବ୍ୟବସ୍ଥା ଆମେ ପରିଚାଳନା କରୁଥିଲୁଁ ।

ଭାରତ ପର୍ଯ୍ୟଟନ ପାଇଁ କିମ୍ବା ବ୍ୟବସାୟଗତ କାରଣରୁ ଯେଉଁ ବିଦେଶୀମାନେ ଅଳ୍ପଦିନ ପାଇଁ ଏ ଦେଶକୁ ଆସନ୍ତି, ଭାରତୀୟଙ୍କ ସହିତ ନିବିଡ଼ ସମ୍ପର୍କରେ ଆସିବାର ସୁଯୋଗ ସେମାନେ ପାଆନ୍ତିନାହିଁ । ଭାରତୀୟଙ୍କ ଅନ୍ତରରେ ଶ୍ରଦ୍ଧା ଓ ଅନୁରକ୍ତି ଅତି ଗଭୀରଭାବରେ ନିହିତ । ଏହି ଦୁଇଟି ଗୁଣର ସୁଯୋଗ ନେଇ ମୁଷ୍ଟିମେୟ କେତେ ଜଣ ବିଦେଶୀ ଏହି ଉପମହାଦେଶର ଅସଂଖ୍ୟ ଅଧିବାସୀଙ୍କ ଉପରେ ଦୀର୍ଘ ଦୁଇଶହ ବର୍ଷ କାଳ ଶାସନ ଚଳାଇ ପାରିଲେ । ସେ ଶାସନର ଦୋଷଗୁଣ ବିଚାର କରିବା ମୋ ଉଦ୍ଦେଶ୍ୟ ନୁହେଁ । ସେ ଶାସନ 'ମୋର ଭାରତ'ର ଗରିବମାନଙ୍କର କଲ୍ୟାଣ ବା ଅକଲ୍ୟାଣ ସାଧନ କରିଥିଲା, କେବଳ ନିରପେକ୍ଷ ଐତିହାସିକମାନେ ତାହା ବିଚାର କରି ପାରିବେ । □□□

Digitized by srujanika@gmail.com

ବୁଦ୍ଧୁ

ବୁଦ୍ଧୁ ଜାତିରେ ହରିଜନ । ବନ୍ଧୁବର୍ଗଙ୍କର ପରିଚୟ ଭିତରେ ତାକୁ ହସିବା ମୁଁ କେବେ ଦେଖିନାହିଁ । ତାକୁ ଦେଖିଲେ ମନେହୁଏ ଜୀବନ-ସଂଗ୍ରାମର ନିର୍ମମ ଅନୁଭୂତିମାନ ଲୌହ ଶଲାକା ପରି ତା ହୃଦୟକୁ ବନ୍ଧନକରି ରହିଛି । ସ୍ତ୍ରୀ ଓ ଗ୍ରେଟ ଗ୍ରେଟ ପିଲା ଦୁଇଟିଙ୍କୁ ସଙ୍ଗରେ ନେଇ କାମ ପାଇବା ଆଶାରେ ମୋ ପାଖରେ ସେ ହାଜର ହୋଇଥିଲା । ବୟସ ତାର ପଇଁତିରିଶ, ଅଳ୍କୃତ ଡେଙ୍ଗା ଓ ଦେହର ଗଠନ ଦୁର୍ବଳ । ସ୍ତ୍ରୀ ସହିତ ଏକାଠି କାମ କରିବ ବୋଲି ସେ କହିଲା । କେବଳ କୋଇଲାବୁହା ଦଳରେ ସ୍ତ୍ରୀ ପୁରୁଷ ଏକାଠି କାମ କରିବାର ବ୍ୟବସ୍ଥା ଥାଏ । ତାଙ୍କରି କହିବା ଅନୁସାରେ ସ୍ୱାମୀ ସ୍ତ୍ରୀଙ୍କୁ ମୁଁ ସେହି ଦଳରେ ରଖାଇଦେଲି ଓ ରହିବା ପାଇଁ ବସା ଘରଟିଏ ମଧ୍ୟ ଯୋଗାଇଦେଲି ।

ଗ୍ରିଫୁଟ ଓସାର ଏକ ଗଡ଼ାଣିଆ ଚଉଡ଼ିସ୍ତ୍ର ଦୁଇ ପାଖେ ଦୁଇଧାଡ଼ି ବ୍ରଡ଼୍ ଗେଜ୍ ଓ ମିଟର୍ ଗେଜ୍ ମାଲଡବା ଛିଡ଼ା ହୋଇରହେ । ବ୍ରଡ଼୍ ଗେଜ୍ ଡବାରୁ ବେଲ୍ଚାରେ କୋଇଲା ତାଡ଼ି ମିଟର୍ ଗେଜ୍ ଡବାକୁ ଟୋକେଇରେ ବୋହି ନେବାକୁ ହୁଏ । ଚଉଡ଼ିସ୍ତ୍ର ଉପରେ ଗ୍ରାତ-ଛତ କିଛି ନାହିଁ । ଶ୍ରମିକଙ୍କୁ ଖରା ତରରେ ସେଠାରେ ହାଡ଼ଭଙ୍ଗା ପରିଶ୍ରମ କରିବାକୁ ପଡ଼େ । ଶୀତଦିନେ ପ୍ରବଳ ଶୀତକାକରରେ ଥରି ଥରି ସେମାନେ କାମ କରନ୍ତି । ବର୍ଷାଦିନ ସାରା ଏକାଦିକ୍ରମେ ଦିନ ଦିନ ଧରି ତିନ୍ତିବାକୁ ପଡ଼େ । ଖରାଦିନେ ଖଇଫୁଟା ତାତିରେ ଚଉଡ଼ିସ୍ତ୍ର ଓ ରେଳଡବାରେ ଖାଲି ପାଦରେ ଗ୍ଲଲେ ତଳିପାରେ ଫୋଟକା ହୋଇଯାଏ । ପେଟ ଗ୍ରୁଣ୍ଡିକ ପାଳି ଛୁଆପିଲାଙ୍କ ମୁହଁରେ ଆଧାର ଦେବା ଆଶାରେ ଉପାୟହୀନ କେତେ ଅନଭିଜ୍ଞ ଶ୍ରମିକ ଏହି କାମ କରିବାକୁ ଆଗେଇ ଆସନ୍ତି । ଅଭ୍ୟାସ ନ ଥିବା ଲୋକଙ୍କୁ ବେଲ୍ଚା ଚଲାଇବାଟିଲେ ଦାରୁଣ ଦଣ୍ଡ ବୋଧହୁଏ ଅଉ କିଛି ଦିଆଯାଇ ନ ପାରେ । ବେଲ୍ଚା ଚଲାଇବାର ଦିନକ ଭିତରେ ପାପୁଲିରୁ ଚମ ଉତୁରିଯାଏ ଓ ପିଠି ଦରଜ ହୁଏ । ପରଦିନ ହାତରେ ଫୋଟକା ବାହାରି ପଡ଼େ ଓ ପିଠିର ପୀଡ଼ା ବଢ଼ିଯାଏ । ତୃତୀୟ ଦିନ ଫୋଟକା ଫାଟି ଘା ହୁଏ । ପିଠି ସଳଖି ହୁଏନାହିଁ । ଏହାପରେ ଦଶଦିନ ଯାଏ ଯନ୍ତ୍ରଣା ଭୋଗକରି କାମରେ ଲଗି ରହିବାକୁ କେତେ ସଙ୍କଳ୍ପ ଓ ସାହସ ଦରକାର, ନିଜ ଅନୁଭୂତିରୁ ମୁଁ ତାହା ଭଲ ଭାବେ ଜାଣେ ।

ବୁଦ୍ଧୁ ଓ ତା ସ୍ତ୍ରୀକୁ ଏହି ଯାତନାମୟ ଅନୁଭୂତିର ପ୍ରତ୍ୟେକ ପର୍ଯ୍ୟାୟ ଦେଇ ଯିବାକୁ ପଡ଼ିଲା । ଅଧିକା ରୋଜଗାର ଆଶାରେ ଷୋହଳ ଘଣ୍ଟା ପରିଶ୍ରମ କରି ହାଲିଆ ହୋଇ ଘରକୁ

Digitized by srujanika@gmail.com

ଫେରିବାବେଳେ ଖୋଜ ପକାଇବାକୁ ତାଙ୍କର ଶକ୍ତି ନ ଥାଏ । ଏତେ କଷ୍ଟ ନ କରି ସହଜ କାମଟିଏ ବାଛି ନେବା ପାଇଁ ମୁଁ କେତେ ଥର ଦୁହିଁଙ୍କୁ ବୁଝାଇ କହିଛି । କିନ୍ତୁ ଏ କାମରେ ଦୁହେଁ ଯେତେ ରୋଜଗାର କରୁଥାଅନ୍ତି, ତାହା ଜୀବନରେ କେବେ କରି ନ ଥିଲେ । କାମ ବଦଳାଇବାକୁ ସେମାନେ ରାଜି ହେବେନାହିଁ ଜାଣି ମୁଁ ମଧ୍ୟ ବଳାଏ ନାହିଁ । ଦିନାକେତେ ପରେ କାମ ଅଭ୍ୟାସରେ ପଡ଼ିଗଲା । ପାପୁଲିରେ ବଣ୍ଡି ହୋଇଗଲା । ପିଠିରୁ ଦରଜ ଛାଡ଼ିଲା । ପରିଶ୍ରମ ଆଉ ବାଧିଲା ନାହିଁ । କାମ ସାରି ଦିନଶେଷରେ ଦୁହେ ବେଶ୍ ଫୁର୍ତ୍ତିରେ ଘରକୁ ଫେରି ପାରିଲେ ।

ସେତେବେଳେ ଭାରତବର୍ଷରୁ ଅନେକ ବାଣିଜ୍ୟ ଦ୍ରବ୍ୟ ବିଦେଶକୁ ରପ୍ତାନି ହେଉଥାଏ । ଖାଦ୍ୟଶସ୍ୟ, ଅଫିମ, ନୀଳରଙ୍ଗ, ଚମଡ଼ା ଓ ହାଡ଼ ପ୍ରଭୃତି ମାଲ୍‌ଗାଡ଼ିରେ ବୋଝେଇ ହୋଇ କଲିକତା ଚାଲାଣ ହୁଏ । ବଙ୍ଗଦେଶରୁ କୋଇଲା ନେଇ ଗାଡ଼ିଗୁଡ଼ିକ ପୁଣି ଉତ୍ତର-ଭାରତକୁ ଫେରନ୍ତି । ବର୍ଷେ ପ୍ରାୟ ପାଞ୍ଚଲକ୍ଷ ଟନ୍ କୋଇଲା ମୋକାମା ଘାଟ ବାଟେ ଚଳାଚଳ ହୁଏ । ବିଶେଷ କରି ଖରା ଦିନେ କୋଇଲା ଯାତାୟାତ ବହୁତ ବଢ଼ିଯାଏ । ତାହାକୁ ଉଠାଉଠା କରିବା ପାଇଁ ମୋକାମା ଘାଟରେ ସ୍ତ୍ରୀ ପୁରୁଷ ମିଶି ପ୍ରାୟ ଦୁଇଶହ ମଜୁରିଆ ଲାଗିଥାଆନ୍ତି ।

ଦିନେ ବୁଦ୍ଧୁ ଓ ତା ସ୍ତ୍ରୀ କାମକୁ ଆସିଲେ ନାହିଁ । ଦଳର ସର୍ଦ୍ଦାର ଚମାରୀଠାରୁ ଶୁଣିଲି ଯେ ବୁଦ୍ଧୁ ପୂର୍ବଦିନ ଖଣ୍ଡିଏ ପୋଷ୍ଟକାର୍ଡ଼ ପାଇ ସେଦିନ ସକାଳୁ ସ୍ତ୍ରୀ ପିଲାଙ୍କୁ ନେଇ ଗାଁକୁ ବାହାରି ଯାଇଛି । ସୁବିଧା ହେବା ମାତ୍ରେ କାମକୁ ଫେରିବ ବୋଲି ଗଲାବେଳେ ସେ କହିଯାଇଛି ।

ଦୁଇମାସ ପରେ ବୁଦ୍ଧୁ ତାର ପରିବାର ନେଇ ଫେରିଲା । ଆଗପରି ସେମାନେ ତାଙ୍କ ବସାରେ ଆସି ରହିଲେ । ସ୍ୱାମୀ ସ୍ତ୍ରୀ ଦୁହେଁ ପୁଣି ତାଙ୍କ ଧନ୍ଦାରେ ଲାଗିଗଲେ । ପରବର୍ଷ ଠିକ୍ ସେହି ସମୟରେ ବୁଦ୍ଧୁ ପୁଣି ପିଲାଛୁଆ ନେଇ ଗାଁକୁ ଚାଲିଗଲା । ସେଥର ଗାରେ ତିନିମାସ ରହି ଫେରିବା ପରେ ଦୁହିଁଙ୍କ ଚେହେରାରେ ଅନେକ ପରିବର୍ତ୍ତନ ଲକ୍ଷ୍ୟକଲି । ଯିବା ଆଗରୁ ବୁଦ୍ଧୁ ବେଶ୍ ଗୋଲଗାଲ ହୋଇ ଯାଇଥିଲା । ତା ସ୍ତ୍ରୀ ମଧ୍ୟ ପୂର୍ବପରି ଆଉ ରୋଗା ଦେଖାଯାଉ ନ ଥିଲା । ଏଥର ଗାଁରୁ ଫେରିବା ପରେ ମନେ ହେଲା ଦୁହେଁ ଅତି କ୍ଳାନ୍ତ ଓ ଦୁର୍ବଳ ହୋଇ-ଯାଇଛନ୍ତି ।

ଶ୍ରମିକ କେହି ନିଜ ଇଚ୍ଛାରେ ମୋ ସହିତ ପରାମର୍ଶ କଲେ ବା ହାରିଗୁହାରି କିଛି ଜଣାଇ-ବାକୁ ଚାହିଁଲେ ତା କଥା ସବୁ ମୁଁ ମନଦେଇ ଶୁଣେ । ନିଜ ତରଫରୁ ସେମାନଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କିନ୍ତୁ ମୁଁ କୌତୂହଳ କେବେ ପ୍ରକାଶ କରେ ନାହିଁ । ବ୍ୟକ୍ତିଗତ ବ୍ୟାପାରରେ ବାହାର ଲୋକର କୌତୂହଳ ଭାରତୀୟମାନେ ପସନ୍ଦ କରନ୍ତି ନାହିଁ । ଖଣ୍ଡିଏ ପୋଷ୍ଟକାର୍ଡ଼ ପାଇବା ପରେ ବୁଦ୍ଧୁ ହଠାତ୍ କାହିଁକି କାମ ଛାଡ଼ି ଗାଁକୁ ଚାଲିଯାଏ, ତାହାର କାରଣ ଜାଣିବାର ଉପାୟ ମୋର ନ ଥିଲା । ଶ୍ରମିକଙ୍କ ଚାରିପାଞ୍ଚ ଦଳର ସର୍ଦ୍ଦାରମାନେ

Digitized by srujanika@gmail.com

ବାଣ୍ଟନ୍ତି । ବୁଦ୍ଧୁ ଅଭୁ କେବେ ଯଦି ପୋଷ୍ଟକାର୍ଡ଼ ପାଏ, ତାକୁ ମୋ ପାଖକୁ ପଠାଇ ଦେବାକୁ ଚମାଶୀଙ୍କୁ ନିର୍ଦ୍ଦେଶ ଦେଲି ।

ନଅମାସ ପରର କଥା । କୋଇଲି ବୁହା ଜୋର୍‌ସୋର୍‌ରେ ଚାଲିଥାଏ । ସେ ବର୍ଷ ବହୁତ ବେଶୀ କୋଇଲି ଆସୁଥିବାରୁ ମୋତେ ଓ ସଂଗଠନର ଅନ୍ୟମାନଙ୍କୁ ଆଦୌ ଫୁରୁସତ ନ ଥାଏ । ଏହି ସମୟରେ ଦିନେ ପୋଷ୍ଟକାର୍ଡ଼ ଖଣ୍ଡିଏ ଧରି ବୁଦ୍ଧୁ ଆସି ଦପ୍ତରଖାନାରେ ପହଞ୍ଚିଲା । ଚିଠିର ଭାଷା ମୋତେ ଜଣା ନ ଥିବାରୁ ସେଇଟି ପଢ଼ି ଶୁଣାଇ ଦେବାକୁ ତାକୁ କହିଲି । ବୁଦ୍ଧୁ ନିଜେ ନିରକ୍ଷର । ତେବେ ଚମାଶୀ ଚିଠି ପଢ଼ି ତାକୁ ସବୁ ବୁଝାଇ ଦେଇଛୁ ବୋଲି ସେ କହିଲା । ପୋଷ୍ଟକାର୍ଡ଼ଟି ତାଙ୍କ ଗାଁ ମହାଜନ ଲେଖିଛନ୍ତି । ମହାଜନଙ୍କ ଫସଲ ଅମଳ ହେବାର ସମୟ ହେଲାଣି । ଚିଠି ପାଇବା ମାତ୍ରେ ଗାଁକୁ ଆସିବାକୁ ବୁଦ୍ଧୁକୁ ସେ ହୁକୁମ୍ ଦେଇଛନ୍ତି । ଦପ୍ତରଖାନାରେ ସେଦିନ ବୁଦ୍ଧୁ ତା ଜୀବନର ଯେଉଁ କରୁଣ କାହାଣୀ ଶୁଣାଇଲା ତାହା ତଳେ ପ୍ରକାଶ କରୁଛୁ । ନିଷ୍ପୀଡ଼ିତ ସେ କାହାଣୀଟି 'ମୋର ଭାରତ'ର ଅସଂଖ୍ୟ ଦରିଦ୍ରଙ୍କ ବ୍ୟର୍ଥ ନିଷ୍ପୀଡ଼ିତ ଜୀବନର ଏକ ଅବିକଳ ନମୁନା ।

"ମୋ ଜେଜେବାପା ବିଲବାଡ଼ିରେ ମୂଲଲଗି ପେଟ ପୋଷୁଥିଲେ । ଗାଁ ମହାଜନଠାରୁ ସେ ଥରେ ଦୁଇଟଙ୍କା ଧାର ନେଲେ । ମହାଜନ ତାଙ୍କୁ ଟଙ୍କାଟିଏ ଦେଇ ଆଉ ଟଙ୍କାଟି ସୁଧ ବାବଦ୍‌କୁ ଆଗରୁ କାଟି ରଖିଲେ । ଦୁଇଟଙ୍କାର କରଜ ଖାତାରେ ଚଢ଼ିଲା । ଜେଜେବାପା ସେଥିରେ ଟିପ ଦେଇ ଟଙ୍କାଟିଏ ନେଇ ଘରକୁ ଫେରିଲେ । ତାଙ୍କ ଅମଳରେ କେବେ କେମିତି ସୁଧ ବାବଦ୍‌କୁ ସେ କେଇଅଣା ପଇସା ନେଇ ଦେଇଆସନ୍ତି । ଜେଜେବାପାଙ୍କ ଅନ୍ତେ ଦେଣାର ଦାୟ ମୋ ବାପାଙ୍କ ଉପରେ ପଡ଼ିଲା । ସେତେବେଳକୁ ସୁଧମୂଳ ମିଶି ଦେଣା ପଚିଶ ଟଙ୍କା ହେଲାଣି । ବାପାଙ୍କ ଜୀବଦଶାରେ ବଢ଼ି ବଢ଼ି ତାହା ଶହେ ପନ୍ଦର ଟଙ୍କାରେ ପହଞ୍ଚିଲା ।

"ସେଭିତରେ ବୁଢ଼ା ମହାଜନେ କାଳ ହୋଇଗଲେ । ତାଙ୍କ ପୁଅ ମହାଜନ କରୁଥାଆନ୍ତି । ମୋ ବାପା ଚାଲିଯିବା ପରେ ନୂଆ ମହାଜନେ ମୋତେ ଡକାଇ କହିଲେ ଯେ ଏତେ ଟଙ୍କାର ମାମଲତ ଆଉ ଖାତାରେ ରହିଲେ ଚଳିବ ନାହିଁ । ମୋହରଦିଆ କାଗଜରେ ରୀତିମତ ତମସୁକ ଲେଖିଦେବାକୁ ପଡ଼ିବ । କାଗଜ କିଣି ତମସୁକ ଲେଖାଇ ରେଜେଷ୍ଟ୍ରି କରିବାକୁ ମୁଁ ଅବା ପଇସା କାହୁଁ ପାଇବି ? ମହାଜନେ ନିଜ ଆଡ଼ୁ ସବୁ ଖର୍ଚ୍ଚ କରି ଦେଣାରେ ସେତକ ମିଶାଇ ଦେଲେ । ମୋଟ ଶହେ ତିରିଶ ଟଙ୍କା ପାଇଁ ତମସୁକ ଲେଖାହେଲା । ମୁଁ ନେହୁରା ହେବାରୁ ମହାଜନେ ଦୟାକରି ଶହେକେ ମୋଟେ ପଚିଶ ଟଙ୍କା ସୁଧ ନେବାକୁ ରାଜିହେଲେ । କିନ୍ତୁ ଦେଣା ନ ସୁଝିବା ଯାଏ ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ବିନା ମୂଲରେ ତାଙ୍କ ଫସଲ କାଟିବୁ ବୋଲି ମୁଁ ରାଜି ହେଲି । ସେହି ମର୍ମରେ ଆଉ ଖଣ୍ଡିଏ କାଗଜରେ ଚୁକ୍ତିପତ୍ର ଲେଖା ହେଲା ଓ ସେଥିରେ ମୁଁ ଟିପଚିହ୍ନ ଦେଲି । ମହାଜନେ ପ୍ରତିବର୍ଷ ଦେଣାର ସୁଧମୂଳ ହିସାବ କରି ତମସୁକ ପିଠିରେ ଦରଜ କରନ୍ତି । ତା ତଳେ ମୁଁ ଟିପଚିହ୍ନ ଦଏ । ମୂଳ କଲନ୍ତର ମିଶି

Digitized by srujanika@gmail.com

ଦେଣା ଏବେ କେତେରେ ପହଞ୍ଚିଲଣି ମୋତେ ଜଣାନାହିଁ । ଆଗରୁ କିଛୁ ବୁଝିପାରି ନଥିଲି । ଆପଣଙ୍କ ପାଖରେ କାମ କରିବା ଦିନୁ ଥରେ ପାଞ୍ଚ ଟଙ୍କା, ଥରେ ସାତ ଟଙ୍କା, ଅଉ ଥରେ ତେର ଟଙ୍କା—ଏମିତି ମୋଟ ପଚିଶ ଟଙ୍କା ଦେଇଛୁ ।"

ପୂର୍ବପୁରୁଷଙ୍କ ଋଣ ଯେ ଅସ୍ୱୀକାର କରିହେବ—ଏକଥା ବୁଢ଼ା ସ୍ୱପ୍ନରେ ସୁଦ୍ଧା ଭାବି ନ ଥାଏ । ସେପରି ଭାବିବା ତାପରି ଲୋକ ପକ୍ଷରେ ସମ୍ଭବ ନୁହେଁ । ସେପରି କାମ କଲେ ମୁହଁରେ କାଳି ଲାଗିଯିବ ! ଗାଁରେ ମୁଣ୍ଡ ଟେକି ଚାଲି ହେବନାହିଁ ! ବାପ ଗୋସେଇଁ ବାପଙ୍କ ଦାୟ ନ ମାନିଲେ ମୁହଁ ମହତ ରହିବ ? ସେପରି କାମ ସେ କଦାପି କରିବନାହିଁ । ଜୀବନସାରା ପେଟ କାଟି, ବେଠି ଖଟି ଦେଣାରୁ ଅଳ୍ପ କିଛୁ ମଜୁରି କରିବ । ସେ ଋଣ କିନ୍ତୁ ସୁଝିବାର ନୁହେଁ । ଜୀବନସାକ ଉହାଳ ବିକଳ ହୋଇ ସୁଦ୍ଧା ସେଥିରୁ ସେ ମୁକୁଳିବ ନାହିଁ । ତାର ସମସ୍ତ ଚେଷ୍ଟା ସତ୍ତ୍ୱେ ଦେଣା ଆହୁରି ବଢ଼ି ଚାଲିବ । ଶେଷରେ ଦିନେ ପୁଅ ମୁଣ୍ଡରେ ଏ ଦାୟ ଲଦି ଦେଇ ସଂସାରରୁ ସେ ବିଦାୟ ନେବ ।

ତା ଗାଁରେ ଜଣେ ବ୍ରାହ୍ମଣ ଓକିଲ ରହୁଥିବା କଥା ବୁଢ଼ାଠାରୁ ଶୁଣିଲି । ଓକିଲଙ୍କ ନାଁ ଗାଁ ଟିପି ରଖି ମହାଜନ କଥା ନିଜେ ବୁଝିବି କହି ବୁଢ଼ାକୁ କାମକୁ ପଠାଇଦେଲି । ଏହା ପରେ ଅନେକଦିନ ଯାଏ ଓକିଲଙ୍କ ସହିତ ଚିଠିପତ୍ର ଦିଆନିଆ ଚାଲିଲା । ଓକିଲ ବେଶ୍ ନିର୍ଭୀକ ଲୋକ । ମହାଜନ ତାଙ୍କୁ କେତଥର ଏଥିରେ ମୁଣ୍ଡ ନ ପୂରାଇବାକୁ ତାଗିଦ୍ କରି କହିଲା । ଶେଷରେ ଦିନେ ଅପମାନ ଦେଇ ସେ ତାଙ୍କୁ ଘରୁ କାଢ଼ିଦେବା ପରେ ଓକିଲ ଆହୁରି ଆଗ୍ରହରେ ଆମକୁ ସାହାଯ୍ୟ କଲେ । ତାଙ୍କଠାରୁ ଜାଣିଲି ଯେ ଖାତାରେ କେବଳ ମୃତବ୍ୟକ୍ତିଙ୍କ ଟିପଚିହ୍ନ ଥିବାରୁ ମହାଜନ ତାକୁ ଅଦାଲତରେ ଦର୍ଶାଇପାରି ନ ଥାନ୍ତା । ତେଣୁ କାରସାଦି କରି ବୁଢ଼ାଠାରୁ ସେ ନୂଆକରି ତମସୁକ ଲେଖାଇନେଲା । ବର୍ଷକୁ ଶତକଡ଼ା ପଚିଶ ଟଙ୍କା ସୁଧରେ ବୁଢ଼ା ନିଜେ ଦେଢ଼ଶହ ଟଙ୍କା କରଜ କରିଛି ବୋଲି ମହାଜନ ଠିକ କରି ଲେଖାଇ ନେଇଛି । ତମସୁକଟି କାଗଜ କଲମରେ ଦୋରସ୍ତ ଥିବାରୁ ଆଇନ ଅନୁସାରେ ସିଦ୍ଧ ହେବ । ତା ପରେ ଦିନ କଟିରେ ସୁଧ ପଇଠ କରି ଓ ସେ ସମୟରେ ଦଲିଲ ପିଠିରେ ଟିପଚିହ୍ନ ଦେଇ ତମସୁକର ବୈଧତା ବୁଢ଼ା ସ୍ୱୀକାର କରିଛି । ଏପରି ସ୍ଥଳେ ତାହାକୁ ଜାଲ୍ ଦଲିଲ କହି ନାଲିସ କରିବାରେ ଲାଭ ନାହିଁ ବୋଲି ଓକିଲ ପରାମର୍ଶ ଦେଲେ । କରଜର ସୁଧମୂଳ ହିସାବ କରି ଯାହା ହେଲା ସବୁ ଟଙ୍କା ମୁଁ ତାକ ଯୋଗେ ଓକିଲଙ୍କ ପାଖକୁ ପଠାଇଲି । ଟଙ୍କା ପାଇବା ପରେ ମହାଜନ ବୁଢ଼ାର ତମସୁକଟି କେବଳ ଫେରସ୍ତ ଦେଲା । ତାକୁ ବେଠି ଖଟାଇବାକୁ ଲେଖାଇ ନେଇଥିବା ଚୁକ୍ତିପତ୍ରଟି ଫେରାଇବାକୁ ସେ ମନାକଲା । ଓକିଲଙ୍କ ପରାମର୍ଶରେ ଅନ୍ୟାୟ ଉତ୍ପୀଡ଼ନ ବିରୁଦ୍ଧରେ ନାଲିସ୍ କରିବ ବୋଲି ମୁଁ ଧମକ ଦେବାରୁ ମହାଜନ ଚୁକ୍ତିପତ୍ର ଫେରାଇବାକୁ ବାଧ୍ୟ ହେଲା ।

ଦୀର୍ଘସମୟ ଧରି ଏସବୁ କାରବାର ଚାଲିଥିବାବେଳେ ବୁଢ଼ା ଅତି ଅସ୍ଥିର ଜଣା ପଡ଼ୁଥାଏ । ପ୍ରବଳ ପ୍ରତାପୀ ମହାଜନ ସହିତ ମୁକାବିଲା କରିବାକୁ ମୋତେ ଛାଡ଼ିଦେଇ ସେ ଠିକ

Digitized by srujanika@gmail.com

କରିଛି କି ନାହିଁ—ଏଇ ଚିନ୍ତା ତାକୁ ବିବ୍ରତ କରୁଥାଏ । ମୋତେ ସେ ମୁହଁ ଫିଟାଇ କିଛି କହୁନାହିଁ । କିନ୍ତୁ ପାଖ ଦେଇ ଗଲାବେଳେ ଗୁହାଣିରୁ ତା ମନର ଭାବ ମୁଁ ସ୍ପଷ୍ଟ ବୁଝିପାରେ । ତାର ଭୟଥାଏ ଯେ ମହାଜନ ଯଦି ହଠାତ୍ ସେଠାରେ ପହଞ୍ଚିଯାଇ ଏସବୁ ପାଇଁ କୈଫିୟତ ମାଗେ, ତେବେ ସେ ତାକୁ କି ଉତ୍ତରଦେବ ! କିଛିଦିନ ପରେ ଓକିଲଙ୍କଠାରୁ ତେରଗୁଡ଼ିଏ ଜଉମୁଦ ଦିଆ ରେଜିଷ୍ଟ୍ରି ଲଫାପାଟିଏ ପାଇଲି । ସେଥିରେ ବୁଦ୍ଧୁର ତମସୁକ, ଚୁକ୍ତିପତ୍ର, ଓକିଲଙ୍କ ପାଉଣା ପାଇଁ ରସିଦ ଓ ତାଙ୍କଠାରୁ ଚିଠିଖଣ୍ଡିଏ ଥିଲା । ଦଲିଲଗୁଡ଼ିକ ଟିପଚିହ୍ନରେ ଭରି ହୋଇଥାଏ । ଓକିଲ ଲେଖିଥାଆନ୍ତି ଯେ ବୁଦ୍ଧୁ ଏବେ ସମ୍ପୂର୍ଣ୍ଣ ଋଣମୁକ୍ତ । ଏତିକି କରାଇବା ପାଇଁ ମୋତେ ଦୁଇ ଶହ ପଚଶ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା ।

ସେଦିନ ସନ୍ଧ୍ୟାରେ ବୁଦ୍ଧୁ କାମରୁ ଫେରିବା ବାଟରେ ତା ସହିତ ଦେଖାହେଲା । ତାକୁ ଦେଖାଇବା ପରେ ଦିଆସିଲି ଜଳାଇ କାଗଜଗୁଡ଼ିକରେ ନିଆଁ ଧରାଇ ଦେବାକୁ ବାହାରିଲି । ବୁଦ୍ଧୁ ମୋତେ ବାଧାଦେଇ କହିଲା, "ନା ସାହେବ, କାଗଜ ପୋଡ଼ନ୍ତୁ ନାହିଁ । ଆଜିଠୁ ମୁଁ ଆପଣଙ୍କ କଣା ଚାକର ହୋଇ ରହିଲି । ଠାକୁରେ ଚାହିଁଲେ ଆପଣଙ୍କ ଟଙ୍କା ମୁଁ ଦିନେ ନା ଦିନେ ନିଶ୍ଚୟ ସୁଝିଦେବି ।"

କାଗଜତକ ତା ହାତକୁ ବଢ଼ାଇ ଦେଇ କହିଲି ଯେ ସେଗୁଡ଼ିକ ବରଂ ତାରି ପାଖରେ ଥାଉ । ବୁଦ୍ଧୁ ସବୁଦିନେ ଅତି ଗମ୍ଭୀର—ତାକୁ ହସିବା ମୁଁ କେବେ ଦେଖି ନାହିଁ । ଅଧିକାଂଶ ସମୟ ସେ ନୀରବ ରହେ; ବେଶି କଥା କହିବା ତାର ଅଭ୍ୟାସ ନୁହେଁ । ସେଦିନ ହାତଯୋଡ଼ି ମୋ ପାଦ ଛୁଇଁ ପ୍ରଣାମ କଲାବେଳେ ସନ୍ଧ୍ୟାର ଅସ୍ପଷ୍ଟ ଆଲୁଅରେ ତା ମୁହଁ ମୋତେ ଦିଶିଗଲା । କୋଇଲାଗୁଣ୍ଡ ବୋଳା ତାର କଳା ମୁହଁରେ ଲୁହ ଦୁଇଧାର ଗାର କାଟି ବହିଯାଉଥିଲା ତଳକୁ ।

ଗୋଟିଏ ଟଙ୍କା ପାଇଁ ତିନିପୁରୁଷ ଧରି ଉତ୍ପୀଡ଼ିତ ହେବା ପରେ ବୁଦ୍ଧୁ ଶେଷରେ ମୁକ୍ତି ପାଇଲା । 'ମୋର ଭାରତ'ର କୋଟି କୋଟି ସର୍ବହରାଙ୍କ ମଧ୍ୟରୁ ମାତ୍ର ଜଣକୁ ନିଷ୍ପେଷଣରୁ ମୁକ୍ତ କରିପାରିଲି । ବୁଦ୍ଧୁର ପ୍ରଣାମରେ ଭରି ରହିଥିବା ନୀରବ କୃତଜ୍ଞତା ସାମାନ୍ୟ ଏହି ସାହାଯ୍ୟର ପୂର୍ଣ୍ଣ ପ୍ରତିଦାନ ଦେଇଥିଲା । ରାତି ଘନେଇ ଆସୁଥାଏ । ଆଖିରେ ଲୁହ ଭରି ଅନ୍ଧାରରେ ବୁଦ୍ଧୁ ରାସ୍ତା ବାରି ପାରୁ ନ ଥାଏ । ମୁକ୍ତିର ସୁସମ୍ବାଦ ସ୍ତ୍ରୀକୁ ଜଣାଇବା ପାଇଁ ସେ ଅନ୍ଧପରି ବାଟ ଅଣ୍ଡାଳି ଆଗେଇ ଚାଲିଲା । ତା ଯିବା ବାଟକୁ ମୁଁ ଅନାଇ ରହିଲି । ଗର୍ବର ଆନନ୍ଦରେ ଅନ୍ତର ପୂରି ଉଠୁଥିଲା । □□□

Digitized by srujanika@gmail.com

ଲଲଜୀ

ସେଦିନ ସାମାରିଆ ଘାଟରୁ ଆସୁଥିବା ଯାତ୍ରୀବାହୀ ଷ୍ଟିମର ମୋକାମା ଘାଟରେ ପହଞ୍ଚିବାକୁ ଡେରି ହେଲା । ଏଣେ ବ୍ରଡ୍‌ଗେଜ୍ ରେଲଗାଡ଼ି ଆସି ଷ୍ଟେସନରେ ଛିଡ଼ା ହୋଇଗଲାଣି । ଗାଡ଼ି କିଛି ସମୟ ଅଟକାଇବା ପାଇଁ ବ୍ୟବସ୍ଥା କରି ମୁଁ ଘାଟ ପାଖରେ ଷ୍ଟିମରକୁ ଅପେକ୍ଷା କଲି । ଷ୍ଟିମର ଲାଗିବା ମାତ୍ରେ ଯାତ୍ରୀମାନେ ତରତରରେ ଓହ୍ଲାଇ ଦ୍ରୁତବେଗରେ ଷ୍ଟେସନକୁ ଛୁଟିଲେ । ସମସ୍ତଙ୍କ ପରେ ଯାତ୍ରୀ ଜଣେ ଧୀରେ ଧୀରେ ତଳକୁ ଓହ୍ଲାଇବାକୁ ଲାଗିଲେ । ଦେହ ତାଙ୍କର ଦୁର୍ବଳ; ଆଖି କୋରଡ଼ରେ ପଶିଯାଇଛି । ପୁରୁଣା ତାଳିପକା ପୋଷାକଟିର ରଙ୍ଗ ଦିନେ କେବେ ଧଳା ଥିଲା । ମଇଳା ଭିତରୁ ତାର ଅସଲ ରଙ୍ଗ ଆଉ ବାରି ହେଉନଥାଏ । ହାତରେ ରଙ୍ଗିନ କନାର ଛୋଟ ପୁଟୁଳିଟିଏ । ବାଡ଼ିରେ ଭରାଦେଇ ଆଗନ୍ତୁକ ଅତି କଷ୍ଟରେ ତକ୍ତାରୁ ତଳକୁ ଗଡ଼ିଲେ ଓ ସେଠାରୁ ଷ୍ଟେସନଆଡ଼େ ନ ଯାଇ ଧୀରେ ଧୀରେ ନଈକୂଳକୁ ଅଗେଇଲେ । ପାଣି ପାଖରେ ପହଞ୍ଚିବାମାତ୍ରେ ତାଙ୍କର ପ୍ରବଳ ବେଗରେ ହକାର ଉଠି ଭୁହାକୁ ଭୁହା ବାନ୍ତି ହେବାକୁ ଲାଗିଲା । ବାନ୍ତି ଥମିବା ପରେ ନଈ ପାଣିରେ ସେ ମୁହଁ ଧୋଇଲେ ଓ ପୁଟୁଳାରୁ ଚଦରଖଣ୍ଡିଏ କାଢ଼ି ବାଲିରେ ବିଛାଇ ସେଥିରେ ଢଳିପଡ଼ିଲେ । ପାଦ ଦୁଇଟି ଗଙ୍ଗା ପାଣିରେ ପଡ଼ି ଧୋଇ ହେଉଥାଏ । ତେଣେ ଷ୍ଟେସନରେ ଗାଡ଼ି ଛାଡ଼ିବାର ଘଣ୍ଟି ବାଜିଲା । ଇଞ୍ଜିନ୍‌ର ସିଟି ଶୁଣାଗଲା । କେଉଁଥିକୁ ଭ୍ରୂକ୍ଷେପ ନ କରି ସେ ନିଶ୍ଚଳ ପଡ଼ିରହିଛନ୍ତି ଦେଖି ମନେହେଲା ଯେ ତାଙ୍କର ଗାଡ଼ି ଧରିବାର ଉଦ୍ଦେଶ୍ୟ ନାହିଁ । ପାଖକୁ ଆସି ଦେଖିଲି ସେ ଆଖି ବୁଜି ଚିତ୍‌ହୋଇ ପଡ଼ିଛନ୍ତି । ସେ ଗାଡ଼ି ଆଉ ପାଇବେନାହିଁ ବୋଲି ମୁଁ କହିବାରୁ ଆଗନ୍ତୁକ ଅଖି ମେଲି ନିସ୍ତେଜ ଦୃଷ୍ଟିରେ ଅନାଇ ମୋତେ ଉତ୍ତରଦେଲେ, "ଗାଡ଼ି ଧରିବା ମୋର ଦରକାର ହେବନାହିଁ ସାହେବ ! ମୋ ପ୍ରାଣ ଯିବା ଉପରେ ।"

ଖରାଦିନ—ଆମ୍ବ ପାଚିବାବେଳ । ଏହି ସମୟରେ ଉତ୍କଟ ହଇଜା ମହାମାରୀ ପ୍ରବଳ ବେଗରେ ଚାରିଆଡ଼େ ବ୍ୟାପିଯାଏ । ଷ୍ଟିମର ଘାଟରେ ଯାତ୍ରୀ ଜଣକ ମୋ ପାଖ ଦେଇ ଗଲାବେଳୁ ତାଙ୍କୁ ହଇଜା ଧରିଛି ବୋଲି ସନ୍ଦେହ କରୁଥିଲି । ବାନ୍ତିର ବେଗ ଦେଖି ଆଉ ସନ୍ଦେହ ରହିଲାନାହିଁ । ମୋ ବଙ୍ଗଳା ନଈକୂଳରୁ ଦୁଇଶହ ଗଜ ଦୂର । ବଙ୍ଗଳା ହତାରେ ଚାକରଙ୍କ ବସାରୁ ଅଳ୍ପ ଛଡ଼ାରେ ପଙ୍ଖାବାଲାର ଘରଟି ଖାଲି ଥିଲା । ଆଗନ୍ତୁକଙ୍କୁ ଧରାଧରି କରି ଛିଡ଼ା କରାଇ ସେଯାଏ ଚଲାଇ ନେଲି ଓ ସେଠାରେ ତାଙ୍କୁ ଯଥାସମ୍ଭବ ଆରାମରେ ରଖିବାର ବ୍ୟବସ୍ଥା କଲି ।

Digitized by srujanika@gmail.com

ସେତେବେଳକୁ ମୋକାମା ଘାଟରେ ମୋର ଦଶ ବର୍ଷ ବିତିଲାଣି । ମୋ ତତ୍ତ୍ୱାବଧାନରେ କାମ କରୁଥିବା ବହୁ ଶ୍ରମିକଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କୁ ରହିବା ଘର ଯୋଗାଇ ଦେଇଥାଏ । ଅନ୍ୟମାନେ ଆଖପାଖ ଗାଁ ଗଣ୍ଡାରେ ବସାକରି ରହୁଥାନ୍ତି । ହଇଜା ଲାଗିଲେ ମୋ ଶ୍ରମିକ ଓ ଗ୍ରାମବାସୀମାନେ ସେଥିରୁ ରକ୍ଷାପାଆନ୍ତିନାହିଁ । ଏହି କଦର୍ଯ୍ୟ ରୋଗ ସମ୍ବନ୍ଧରେ ମୋର ଜାଣିବାକୁ ଆଉ କିଛି ବାକି ନ ଥିଲା । ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ମୁଁ ଯଦି କେବେ ହଇଜାରେ ପଡ଼େ, ହିତାକାଙ୍‌କ୍ଷୀ ବନ୍ଧୁ କେହି ମୋତେ ଗୁଳିକରି ବା ଅଫିମ ଦେଇ ମାରିଦେଇ ।

ହଇଜା ଯୋଗୁ ପ୍ରତିବର୍ଷ ଯେଉଁ ହଜାର ହଜାର ଲୋକ ମୃତ୍ୟୁବରଣ କରନ୍ତି, ସେଥିରୁ ଅଧାଅଧି କେବଳ ଅତ୍ୟଧିକ ଭୟ ଯୋଗୁ ପ୍ରାଣ ହରାନ୍ତି ବୋଲି ମୋର ବିଶ୍ୱାସ । ଅନେକେ ଏହା ମାନିବାକୁ ରାଜି ହେବେ ନାହିଁ ଜାଣେ । ଏ ଦେଶରେ ଅଳ୍ପ ସମୟ କଟାଇଥିବା ବିଦେଶୀଙ୍କ କଥା ମୁଁ କହୁନାହିଁ ! କିନ୍ତୁ ଆମପରି ଏଠାକାର ସ୍ଥାୟୀ ବାସିନ୍ଦାମାନେ ସମସ୍ତେ ଊଣା ଅଧିକେ ଭାଗ୍ୟ ଉପରେ ବିଶ୍ୱାସ କରୁ । ଆୟୁଷ ନ ପୂରିଲେ କେହି ମରେ ନାହିଁ ବୋଲି ବିଶ୍ୱାସ ଉପରେ ଆସ୍ଥା ରଖି ଆମେ ସାହସ ପାଉ ! କିନ୍ତୁ ହଇଜା ଆଦି ମହାମାରୀ ବ୍ୟାପିଗଲେ ଅନ୍ୟ ବିଶ୍ୱାସ ସହିତ ଆମ ଆତ୍ମବିଶ୍ୱାସର ଭିତ୍ତିଭୂମି ଭାଙ୍ଗି ଭୁଶୁଡ଼ି ପଡ଼େ; ଘୃଣିଆଡ଼େ କୋକୁଆଭୟ ଖେଳିଯାଏ । ସେତେବେଳେ ରୋଗରେ ଯେତିକି ଲୋକ ମରନ୍ତି, ଭୟ ଓ ଆତଙ୍କ ଯୋଗୁଁ ପ୍ରାୟ ସେତିକି ମୃତ୍ୟୁବରଣ କରନ୍ତି ବୋଲି ମୋର ଧାରଣା ।

ଆଗନ୍ତୁକ ଯେ ହଇଜାରେ ସାଙ୍ଘାତିକ ଭାବେ ପୀଡ଼ିତ, ଏଥିରେ ଆଉ ସନ୍ଦେହ ନ ଥିଲା । ହଇଜାରୁ ବର୍ତ୍ତିବାକୁ ହେଲେ ନିଜ ଉପରେ ଓ ମୋ ଗୁଟୁକାରୁଟୁକ ଚିକିତ୍ସା ଉପରେ ତାଙ୍କର ବିଶ୍ୱାସ ରହିବା ଦରକାର । ଏ ଅଞ୍ଚଳର ଏକମାତ୍ର ଡାକ୍ତର ମୋକାମା ଘାଟରେ ରହୁଥିଲେ ସୁଦ୍ଧା ତାଙ୍କଠାରୁ ସାହାଯ୍ୟର ଆଶା ନ ଥାଏ । ସେ ଡାକ୍ତରଙ୍କ ପରି ନୃଶଂସ ଓ ନିର୍ଦ୍ଦୟ ପ୍ରକୃତିର ଲୋକ ଏ ମହିମଣ୍ଡଳରେ ନ ଥିବେ । ଏଠାକାର ସମସ୍ତେ ତାଙ୍କୁ ଏତେ ଘୃଣା କରୁଥାଆନ୍ତି ଯେ କେହି ପ୍ରାଣରେ ମାରିଦେବା ପୂର୍ବରୁ ଏଠାରୁ କିପରି ତାଙ୍କୁ ବିଦାୟ ଦେବ—ଏହି ଚିନ୍ତା ହିଁ ମୋତେ ଘାରିଥିଲା । ମୋ ନିକଟକୁ ତାଲିମ ପାଇଁ ଆସିଥିବା ଜଣେ ଶିକ୍ଷାନବିସ୍ କିରାଣି ଡାକ୍ତରଙ୍କୁ ତଡ଼ିବାର ସହଜ ବ୍ୟବସ୍ଥାଟିଏ କରି ମୋତେ ଦୁଶ୍ଚିନ୍ତାରୁ ରକ୍ଷାକଲା । ଯୁବକ କିରାଣି ପ୍ରଥମେ ଡାକ୍ତର ଦମ୍ପତିଙ୍କ ସହିତ ବନ୍ଧୁତା କରି ନିଜ ଉପରେ ସେମାନଙ୍କ ଆସ୍ଥା ଜନ୍ମାଇଲା । ଡାକ୍ତର ନିଜେ ଯେପରି ଦୁଷ୍ଟଚରିତ, ତାଙ୍କ ସ୍ତ୍ରୀଙ୍କ ସ୍ୱଭାବ ଚରିତ ମଧ୍ୟ ତଦ୍ରୂପ । ଏଠାକୁ ଆସିବା ପୂର୍ବରୁ ଦୁହେଁ ସିମଲାରେ ଥିଲେ । ଇନ୍ଦ୍ରିୟ ବିଳାସ ପାଇଁ ସେ ସବୁ ଦେଶରେ ଯେପରି ସୁବିଧା ସୁଯୋଗ ମିଳେ, ତାହା ମୋକାମା ଘାଟରେ କାହୁଁ ମିଳିବ ? ସେ ଦେଶର ଭ୍ରଷ୍ଟ ଆମୋଦ ପ୍ରମୋଦକୁ ଝୁରି ଏହି ବ୍ୟଭିଚାରୀ ଦମ୍ପତି ଘୋର ଦୁଃଖରେ କାଳ କାଟୁଥାଆନ୍ତି । ସେମାନଙ୍କ ମରମ କଥା ଜାଣିପାରି କିରାଣି ଦୁହିଁଙ୍କୁ ଉଚିତ ଶିକ୍ଷାଦେବାକୁ ଖଞ୍ଜି କଲା ।

ଦିନେ ରାତିରେ ସାମାରିଆ ଘାଟକୁ ଷ୍ଟିମର ବାହାରିବାର ଅଳ୍ପ ସମୟ ପୂର୍ବରୁ ଡାକ୍ତର ବାବୁ ଚିଠି ଖଣ୍ଡିଏ ପାଇ ସହଧର୍ମିଣୀଙ୍କୁ ଜଣାଇ ଦେଲେ ଯେ ସାଙ୍ଘାତିକ ବେମାର ରୋଗୀଟିଏ

Digitized by srujanika@gmail.com

ଦେଖିବା ପାଇଁ ତାଙ୍କୁ ସାମାରଆ ଘାଟ ଯିବାକୁ ହେବ ଓ ରାତରେ ସେ ସେହିଠାରେ ରହିଯିବେ । ଡାକ୍ତର ବାବୁ ବେଶ୍ ବାଗେଇ ସଜବାଜ ହୋଇ ଘରୁ ବାହାର କରାଣିଙ୍କୁ ବାଟରେ ଭେଟିଲେ । ବସ୍ତି ଶେଷ ମୁଣ୍ଡରେ ବଖରାଏ ଘର ଖାଲି ଥିଲା । ସେଥିରେ ରହୁଥିବା ପଏଣ୍ଟସମ୍ୟାନ୍ ଜଣେ ବସନ୍ତ ବାଷ୍ଟ ଯୋଗୁଁ ଅଳ୍ପଦିନ ତଳେ ପ୍ରାଣ ହରାଇଥିଲା । କୋଠରିଟିରେ ଜାଲିଦିଆ ଗୋଟିଏ ଝରକା ଓ ଶକ୍ତ କବାଟଟିଏ । କରାଣି ଅତି ଗୋପନରେ ଡାକ୍ତର ବାବୁଙ୍କୁ ନେଇ ସେହି କୋଠରୀରେ ଛାଡ଼ିଦେଲା । ଡାକ୍ତରବାବୁ ଅପେକ୍ଷା କରିଥାଆନ୍ତି । କିଛି ସମୟ ପରେ ଭଲଭାବେ ଘୋଡ଼ାଘୋଡ଼ି ହୋଇ ଆଉ ଜଣେ ସେ ଘରେ ପ୍ରବେଶ କଲେ । କରାଣି ସେହି ସୁଯୋଗରେ କବାଟ ଅଉଜାଇ ଆଣି ବାହାରୁ ତାଲା ପକାଇ ଦେଲା ।

ସେଦିନ ରାତରେ ମୁଁ ମାଲ୍‌ଗୋଦାମରୁ ଫେରୁଥାଏ ବେଶ୍ ଡେରିରେ । ବାଟରେ ଦୁଇ ଜଣ ଲୋକଙ୍କ ବଡ଼ ପାଟିରେ କଥାବାର୍ତ୍ତା ମୋ କାନରେ ପଡ଼ିଲା । ଦେଖିଲି, କରାଣି ପରବର୍ତ୍ତୀ ପାଳିରେ ତାଙ୍କ ବଦଳରେ ମୁତୟନ ଥିବା ଜଣେ ସହକର୍ମୀଙ୍କ ସହିତ ବଡ଼ ତେଜରେ କଥାବାର୍ତ୍ତା ହେଉଛି । ପରଦିନ ସକାଳୁ ସେବାଟେ କାମକୁ ଗଲାବେଳେ ପଏଣ୍ଟସମ୍ୟାନର ଦ୍ୱାର ପାଖରେ ଅନେକ ଲୋକ ରୁଣ୍ଡ ହୋଇଥାନ୍ତି । ସେ ଭିତରୁ ଜଣେ କିଛି ନ ଜାଣିଲା ପରି ଆସି କହିଲା ଯେ ବାହାରୁ ତାଲା ପଡ଼ିଛି କିନ୍ତୁ ଘରେ କିଏ ସବୁ ଥିଲା ପରି ଜଣାଯାଉଛି । ହାତୁଡ଼ିରେ ତାଲା ଭାଙ୍ଗି ଦେବାକୁ କହି ମୁଁ ଚାଲିଗଲି । ନିଜ ଅପକର୍ମ ପାଇଁ ଡାକ୍ତର ଦମ୍ପତିଙ୍କ ପ୍ରତି ଏହା ଉପଯୁକ୍ତ ପରାଭବ ହୋଇଥିଲେ ମଧ୍ୟ ସେଠାରେ ରହି ସେମାନଙ୍କୁ ଅଧିକ ଅପଦସ୍ତ କରିବାକୁ ମୋର ଇଚ୍ଛା ନ ଥିଲା । ଏ ଘଟଣାର ପରିସମାପ୍ତି ସେଦିନର କାର୍ଯ୍ୟସମୀକ୍ଷାରେ ତିନୋଟି ଦଫାରେ ଦରଜ ହେଲା ।

(୧) ଡାକ୍ତର ଓ ତାଙ୍କ ସହଧର୍ମିଣୀ "ଜରୁରି ବ୍ୟକ୍ତିଗତ କାମ"ରେ ଏଠାରୁ ଚାଲିଗଲେ ।

(୨) ଶିକ୍ଷାନବିସ କରାଣି ଶିବ ଦେବଙ୍କୁ ମାସିକ କୋଡ଼ିଏ ଟଙ୍କା ବେତନରେ ଯାଞ୍ଚକାରୀ କରାଣି (Tally Clerk) ଚାକିରିରେ ମୁକରର୍ କରାଗଲା ।

(୩) ଇଞ୍ଜିନ୍‌ତଳେ ଭାଙ୍ଗି ଯାଇଥିବା ଗୋଟିଏ ତାଲା ଓ ଅନ୍ୟ କେତେକ ଉପକରଣ ବଦଳିସ୍ୱରେ ନୂଆ ସରଞ୍ଜାମମାନ ଯୋଗାଇ ଦିଆଗଲା ।

ସେହିଦିନରୁ ଡାକ୍ତର ବ୍ୟବସାୟର ସେହି ଜୀବନ୍ତ କଳଙ୍କଟିକୁ ମୋକାମା ଘାଟରେ କେହି ଦେଖିନାହାନ୍ତି ।

ଅଗନ୍ତୁକ ଏଠାକୁ ଆସିବାବେଳେ ଅନ୍ତୁରି ତିନିଜଣ ହଇଜାରୋଗୀ ମୋ ଚିକିତ୍ସାରେ ଥିଲେ । ନୂଆ ରୋଗୀର ସେବା ଶୁଶ୍ରୂଷା ପାଇଁ ବେଶି ସମୟ ଦେବା ସମ୍ଭବ ହେଉ ନ ଥାଏ । ଚାକରଙ୍କଠାରୁ ସାହାଯ୍ୟ ଆଶା ନ ଥିଲା । ରୋଗୀ ଓ ସେମାନେ ଭିନ୍ନ ଭିନ୍ନ ଜାତିର ଲୋକ । ତା'ପରେ ସଂକ୍ରାମକ ରୋଗ ସହିତ ସେମାନଙ୍କୁ ଗୋଳମାଳ କରିବା ଉଚିତ ମନେ କଲିନାହିଁ । ମୋ ଚିକିତ୍ସା ଉପରେ ରୋଗୀ ମନରେ ଦୃଢ଼ ବିଶ୍ୱାସ ଜନ୍ମାଇ ପାରିଲେ ଅନ୍ୟ କିଛିର ଅଭାବ

Digitized by srujanika@gmail.com

ବିଶେଷ କ୍ଷତି କରିବ ନାହିଁ । ଆଗନ୍ତୁକଙ୍କୁ ବୋଧହେଉଛି କହିଲି ଯେ ତାଙ୍କୁ ଭଲ କରିଦେବା-ପାଇଁ ଏଠାକୁ ଆସିଛୁ ଓ ତାଙ୍କ ସହଯୋଗ ପାଇଲେ ନିଶ୍ଚୟ ଭଲ କରିଦେବି । ରୋଗର ଉପସର୍ଗମାନ ଦେଖି କିନ୍ତୁ ଆଶଙ୍କା ହେଲା ଯେ ମୋର ସମସ୍ତ ଉଦ୍ୟମ ବ୍ୟର୍ଥକରି ସେହି ରାତିରେ ହିଁ ସେ ମରିଯିବେ । ସେ ଯାହାହେଉ, ପାହାନ୍ତା ପହରକୁ ରୋଗ ଟିକିଏ ସମ୍ଭାଳା ପଡ଼ିଲା ଓ ଅବସ୍ଥା କ୍ରମେ ଭଲ ଆଡ଼କୁ ଗତିକଲା । ତା ପରେ ବେଶ୍ କିଛି ବେଳ ଉନ୍ନତି ଘଟି ଶେଷରେ ତାଙ୍କ ସ୍ୱାଭାବିକ ସ୍ୱାସ୍ଥ୍ୟ ଫେରାଇ ଆଣିବା କେବଳ ବାକି ରହିଲା । ଅନ୍ୟ ରୋଗ ଅପେକ୍ଷା ହଇଜା ରୋଗୀକୁ ଅତି ଶୀଘ୍ର ଦୁର୍ବଳ କରିପକାଏ । ପୂର୍ବ ସ୍ୱାସ୍ଥ୍ୟ ଫେରି ପାଇବାକୁ ତାକୁ ଅନେକ ଦିନ ଲାଗେ । ଆଗନ୍ତୁକଙ୍କୁ ପାଖରେ ରଖି ମୁଁ ହେପାଜତ କରୁଥାଏଁ । ସପ୍ତାହେ ପରେ ଦିନେ ନିଜ କଥା ସେ ମୋତେ ଫିଟାଇ କହିଲେ ।

ଭଦ୍ରଲୋକ ପୂର୍ବେ ଶସ୍ୟ ବ୍ୟବସାୟୀ ଥିଲେ ଓ ବ୍ୟବସାୟରୁ ବେଶ୍ ଲାଭ ମଧ୍ୟ କରୁଥିଲେ । ଗୋଟିଏ ଅଶୁଭ ମୁହୂର୍ତ୍ତରେ ଜଣେ ଅପରିଚିତ ଲୋକକୁ ବ୍ୟବସାୟରେ ଅଂଶୀଦାର ଭାବେ ଗ୍ରହଣ କରି ସେ ମସ୍ତବଡ଼ ଭୁଲ କରିବସିଲେ । କେତେ ବର୍ଷ ବ୍ୟବସାୟ ସୁରୁଖୁରୁରେ ଚାଲିବା ପରେ ତାଙ୍କୁ ଥରେ କିଛିଦିନ ପାଇଁ ବାହାରକୁ ଯିବାକୁ ପଡ଼ିଲା । ଘରକୁ ଫେରି ଦେଖିଲେ ଯେ ଦୋକାନ ଖାଲି ପଡ଼ିଛି ଓ ଅଂଶୀଦାରର ଦେଖାନାହିଁ । ସାମାନ୍ୟ ଯାହା ସମ୍ବଳ ଥିଲା ସବୁ ଧାର ଉଧାର ସୁଝିବାରେ ଗଲା । ନୂଆ କରି ବ୍ୟବସାୟ ଆରମ୍ଭ କରିବାକୁ ଧାରକରଜ ମଧ୍ୟ ମିଳିଲାନାହିଁ । ଶେଷରେ ସେ ଚାକିରି ଖୋଜି ବୁଲିଲେ । ବ୍ୟବସାୟ କ୍ରମରେ ପୂର୍ବରୁ ସମ୍ପର୍କ ଥିବା ଜଣେ ବେପାରୀଙ୍କ ପାଖରେ ମାସିକ ସାତଟଙ୍କା ଦରମାରେ ଚାକିରି ଖଣ୍ଡିଏ ମିଳିଲା । ଅଂଶୀଦାର ହାତରେ ସର୍ବସ୍ୱ ହରାଇବାର କିଛିଦିନ ମଧ୍ୟରେ ତାଙ୍କ ସ୍ତ୍ରୀଙ୍କର ମଧ୍ୟ କାଳ ହୋଇଗଲା । ଘରକୁ ରହିଲେ ସେ ନିଜେ ଓ ତାଙ୍କ ପୁଅଟି । ଦଶବର୍ଷକାଳ ମାସିକ ସାତଟି ଟଙ୍କାକୁ ସମ୍ବଳ କରି ଦୁହେଁ ଯଥାତଥା ଚଳୁଥିଲେ । ଏବେ ମୁନିବର କାମରେ ମୁଜାଫରପୁରରୁ ଗୟା ଯିବା ବାଟରେ ତାଙ୍କୁ ହଇଜା ଧରିଲା । ଅବସ୍ଥା କ୍ରମେ ଖରାପ ହେବା ଦେଖି ସେ ବଞ୍ଚିବାର ଆଶା ଛାଡ଼ିଲେ ଓ ଷ୍ଟିମରରୁ ଓହ୍ଲାଇ ମୋକ୍ଷପ୍ରାପ୍ତି ଆଶାରେ ଗଙ୍ଗାକୂଳରେ ଶୋଇଥିଲେ ।

ଏଠାରେ ବ୍ୟବସାୟୀଙ୍କୁ 'ଲଲା' କୁହାଯାଏ । ଭଦ୍ରଲୋକଙ୍କୁ କେବଳ 'ଲଲଜୀ', ବୋଲି ମୁଁ ଜାଣେ । ସେତିକ ଛଡ଼ା ତାଙ୍କର ଅନ୍ୟ କିଛି ପରିଚୟ ମୋତେ ଏ ପର୍ଯ୍ୟନ୍ତ ଜଣାନାହିଁ । ମୋ ପାଖରେ ପ୍ରାୟ ମାସେ ରହିବା ପରେ ଲଲଜୀ ଗୟା ଫେରିବାକୁ ଅନୁମତି ମାଗିଲେ । ସେତେବେଳକୁ ସେ ଚଙ୍ଗୁଲ ହୋଇଲେଣି । ନିତି ସକାଳେ କାମକୁ ଯିବାବେଳେ ମୋତେ ବଳାଇ ଦେବାକୁ ସେ କିଛିବାଟ ଯାଏ ସଙ୍ଗରେ ଯାଆନ୍ତି । ସେଦିନ ଦୁହେଁ ମାଲଗୋଦାମ ଭିତର ଦେଇ ଯାଉ ଯାଉ ଲଲଜୀ ଗୟା ଯିବା କଥା ଉଠାଇଲେ । ଗୟାରେ ତାଙ୍କ ଚାକିରିରେ ନୂଆ ଲୋକ ରହିଛି ଦେଖିଲେ ସେ କଣ କରିବେ ବୋଲି ପଚାରିଲି । ଲଲଜୀ ଉତ୍ତରଦେଲେ ଯେ ସେପରି ହୋଇଥିଲେ ଅଗତ୍ୟା ତାଙ୍କୁ ଆଉ ଖଣ୍ଡିଏ ଚାକିରି ଖୋଜିବାକୁ

Digitized by srujanika@gmail.com

ପଡ଼ିବ । କାହାଠାରୁ କିଛି ସାହାଯ୍ୟ ନେଇ ସେ ନୂଆକରି ବ୍ୟବସାୟ ଆରମ୍ଭ ନ କରିବେ କାହିଁକି ବୋଲି ପ୍ରଶ୍ନ କରିବାରୁ ଲାଲଜୀ କହିଲେ, "ବ୍ୟବସାୟ ଖଣ୍ଡିଏ କଲେ ପୁଅକୁ ଦି'ଅକ୍ଷର ପାଠ ପଢ଼ାଇପାରନ୍ତି । ସେହି ଚିନ୍ତା ଦିନରାତି ମୋତେ ଘାରୁଛି ସାହେବ । ତେବେ ବୃଥା ଚିନ୍ତାରେ ଲାଭ କଣ ? ବ୍ୟବସାୟ କରିବାକୁ ଅନ୍ତତଃ ପାଞ୍ଚ ଶହ ଟଙ୍କା ମୂଳଧନ ଦରକାର । ବନ୍ଦୋବସ୍ତ କରିବାକୁ ମୋର ସମ୍ପତ୍ତିବାଡ଼ି କିଛି ନାହିଁ । ମାସକୁ ସାତ ଟଙ୍କାରେ ମୁଁ ପରର ଚାକର । ମୋ ପରି ଲୋକକୁ ଭରସି କରି ଏତେଗୁଡ଼ାଏ ଟଙ୍କା କିଏ ଧାର ଦେବ ?"

ରାତି ଆଠଟା ଗାଡ଼ିରେ ଲାଲଜୀ ଗୟା ଯିବା କଥା । ସେଦିନ ମୁଁ ସନ୍ଧ୍ୟାବେଳକୁ ବଙ୍ଗଳାକୁ ଫେରିଆସିଲି । ବିଦାୟ ନେବାପାଇଁ ଲାଲଜୀ ବାରଣ୍ଡାରେ ଅପେକ୍ଷା କରିଥିଲେ । ପୂର୍ବରୁ ଲାଲଜୀ ଓ ସେ ଦିନର ଲାଲଜୀଙ୍କ ଭିତରେ ଅନେକ ପ୍ରଭେଦ । ଲୁଗାପଟା ସବୁ ସଦ୍ୟ ସଫା ହୋଇଥାଏ । ପୁଟୁଳିର ଆକାର ମଧ୍ୟ ଅଗ ଅପେକ୍ଷା ଟିକିଏ ବଡ଼ । ଗୟାକୁ ଖଣ୍ଡିଏ ରେଲ ଟିକଟ୍ ଓ ପାଞ୍ଚଖଣ୍ଡ ଶହେ ଟଙ୍କିଆ ନୋଟ୍ ତାଙ୍କ ହାତକୁ ବଢ଼ାଇଦେଲି । ଲାଲଜୀ ଅବାକ୍ ହୋଇ ମୋ ମୁହଁକୁ ବଲବଲ କରି ଅନାଇ ରହିଲେ—ଠିକ୍ ଯେମିତି ବୁଦ୍ଧୁ ଥରେ ମୋତେ ଅନାଇ ରହିଥିଲା । ପାଟିରୁ କଥା ବାହାରୁ ନ ଥାଏ । ଥରେ ନୋଟଗୁଡ଼ିକୁ ଆଉ ଥରେ ମୋ ମୁହଁକୁ କାବା ହୋଇ ଅନାଉଥାଆନ୍ତି । ତେଣେ ଷ୍ଟେସନରେ ଘଣ୍ଟି ବାଜିଉଠିଲା । ଆଉ ପାଞ୍ଚ ମିନିଟରେ ଗାଡ଼ି ଛାଡ଼ିବ । ଲାଲଜୀ ଆଣ୍ଠେଇ ପଡ଼ି ମୋ ପାଦରେ ମୁଣ୍ଡ ଲଗାଇ କହିଲେ, "ବର୍ଷିକ ଭିତରେ ବନ୍ଧା ଆପଣଙ୍କ ଟଙ୍କା ଫେରାଇ ଦେବ ସାହେବ ।"

ଲାଲଜୀ ଚାଲିଗଲେ । ଜୀବନ ସାରା ଯାହା ସଞ୍ଚୟ କରିଥିଲି ତାହାର ଅଧିକାଂଶ ତାଙ୍କୁ ଦେଇଦେଲି । 'ମୋର ଭାରତ'ର ସନ୍ତାନମାନେ ଉପକାର କେବେ ଭୁଲନ୍ତି ନାହିଁ । ଲାଲଜୀ ଯେ ନିଶ୍ଚୟ ଦିନେ ଫେରିବେ, ଏଥିରେ ମୋର ତିଳେ ମାତ୍ର ସନ୍ଦେହ ନ ଥିଲା । ତେବେ ବର୍ଷିକ ଭିତରେ ପାଞ୍ଚଶହ ଟଙ୍କା ପରିଶୋଧ କରିବା ତାଙ୍କ ପକ୍ଷରେ ସମ୍ଭବ ହେବ ନାହିଁ ବୋଲି ଭାବିଥିଲି । ସେ ଧାରଣା ଭୁଲ ବୋଲି ପ୍ରମାଣିତ ହେଲା । ଲାଲଜୀ ଯିବାର ବର୍ଷେ ପୂରିବାକୁ ଅଳ୍ପ ଅଳ୍ପ ଦିନ ଥାଏ । ଦିନେ ରାତିରେ ଘରକୁ ଫେରି ଦେଖେ ଯେ ଧୋବ ଫରଫର ଲୁଗାପଟା ପିନ୍ଧି ବାରଣ୍ଡାରେ ଜଣେ ଛିଡ଼ା ହୋଇଛନ୍ତି । ଘରେ ଆଲୁଅ ଜଳୁଥିଲା । ଆଗନ୍ତୁକ ଦ୍ୱାରମୁହଁରେ ଆଲୁଅକୁ ପଛକରି ଛିଡ଼ା ହୋଇଥିବାରୁ ପ୍ରଥମେ ତାଙ୍କୁ ଚିହ୍ନି ପାରିଲି ନାହିଁ । ପରେ ସ୍ୱର ଶୁଣି ଜାଣିଲି ଯେ ଲାଲଜୀ କଥା ରକ୍ଷା କରି ବର୍ଷ ପୂରିବା ଆଗରୁ ଫେରି ଆସିଛନ୍ତି ।

ସେଦିନ ଅନେକ ରାତି ଯାଏ ଦୁହେଁ କଥାବାର୍ତ୍ତା ହେଲୁ । ଚୌକି ପକାଇ ମୁଁ ବାରଣ୍ଡାରେ ବସିଥାଏ । ଲାଲଜୀ ମୋ ପାଖରେ ଚଟାଣରେ ବସି ବର୍ଷିକ ଭିତରେ ବ୍ୟବସାୟରେ ତାଙ୍କ ସଫଳତା ବିଷୟ ବର୍ଣ୍ଣନା କରୁଥାଆନ୍ତି । ପ୍ରଥମେ ଅଳ୍ପ କେଇବସ୍ତା ଖାଦ୍ୟଶସ୍ୟ କିଣି ସେ ବେପାର ଆରମ୍ଭ କଲେ ଓ ବସ୍ତାକେ ମୋଟ ଚାରିଅଣା

Digitized by srujanika@gmail.com

ଲାଭ ରଖି ମାଲ୍ ଗୁଡ଼ିଦେଲେ । ବ୍ୟବସାୟ କ୍ରମେ ବଢ଼ିବାକୁ ଲାଗିଲା । ଏବେ ଦୈନିକ ତିରିଶ ଟନ୍ ଖାଦ୍ୟଶସ୍ୟରେ ତାଙ୍କ କାରବାର । ପ୍ରତି ଟନ୍‌ରେ ତିନି ଟଙ୍କା ଲାଭ । ଏଥି ମଧ୍ୟରେ ପାଟନାର ଜଣେ ବିଶିଷ୍ଟ ବ୍ୟବସାୟୀଙ୍କ ଝିଅକୁ ସେ ବିଭା ହୋଇଛନ୍ତି । ତାଙ୍କ ପୁଅ ଗୋଟିଏ ଭଲ ସ୍କୁଲରେ ପାଠ ପଢ଼ୁଛି । ବର୍ଷକରୁ କମ୍ ସମୟରେ ଅସାଧାରଣ ସଫଳତା ସେ ହାସଲ କରିପାରିଛନ୍ତି ।

ଅଳ୍ପ ସମୟ ପରେ ଲାଲଜୀ ଫେରିଯିବେ । ଗାଡ଼ି ଆସିବାକୁ ଆଉ ବେଶି ଡେରି ନାହିଁ । ପାଞ୍ଚ ଖଣ୍ଡ ଶହେ ଟଙ୍କିଆ ନୋଟ୍ କାଢ଼ି ସେ ମୋ କୋଳରେ ଥୋଇଲେ । ତାପରେ ପକେଟରୁ ଥଳିଟିଏ ବାହାର କରି ମୋ ଆଡ଼କୁ ବଢ଼ାଇ ଦେଇ କହିଲେ, "ବର୍ଷକୁ ଶତକଡ଼ା ପଚିଶ ଟଙ୍କା ହାରରେ ଆପଣଙ୍କର ଏତିକ ସୁଧ ହେଲା ।" ମୁଁ ହସିଲି । ବନ୍ଧୁମାନଙ୍କଠାରୁ ସୁଧ ନେବାର ଆଦତ ମୋର ନାହିଁ ବୋଲି କହିଲି । ଅନେକ ବୁଝାସୁଝା କରିବା ପରେ ଘୋର ଅନିଚ୍ଛା ସହ ସୁଧତକ ଫେରାଇ ନେବାକୁ ସେ ରାଜି ହେଲେ ।

ଲାଲଜୀ ଯିବାକୁ ବାହାରିଲେ । ବିଦାୟ ନେବାବେଳେ ସେ କହିଲେ, "ଏଠାରେ ଥିବା ବେଳେ ଆପଣଙ୍କ ଲୋକଙ୍କଠାରୁ ଗୋଟିଏ କଥା ଶୁଣିଥିଲି । ଥରେ କୁଆଡ଼େ ଅଭାବ ଅସୁବିଧାରେ ପଡ଼ି ଦିନ ଭିତରେ ଖଣ୍ଡିଏ ରୁଟି ଓ ଟିକିଏ ଡାଲି ଖାଇ ଆପଣ ଚଳୁଥିଲେ । ଭଗବାନ କରନ୍ତୁ ଆପଣଙ୍କର ସେପରି ଦୁର୍ଦ୍ଦିନ କେବେ ନ ଆସୁ । ଯଦି ଅଭାବ ଅସୁବିଧା କେବେ ହୁଏ ମୋତେ କଦାପି ଭୁଲିବେ ନାହିଁ । ମୁଁ ଶୁଣିବା ମାତ୍ରେ ମୋର ସର୍ବସ୍ୱ ଆପଣଙ୍କ ପାଦତଳେ ଆଣି ସମର୍ପି ଦେବି ।"

ଲାଲଜୀଙ୍କର ବ୍ୟବସାୟ କରିବାର ଅଭିଳାଷ ପୂର୍ଣ୍ଣ ମାତ୍ରାରେ ଚରିତାର୍ଥ ହେଲା । ଗୋଟାଏ ପ୍ରବଞ୍ଚକର ଶଠତା ତାଙ୍କୁ ଉଚ୍ଛନ୍ନ କରିଥିଲା । ଜଣେ ବନ୍ଧୁର ସାମାନ୍ୟ ସାହାଯ୍ୟ ଓ ନିଜ ଅଧ୍ୟବସାୟ ଫଳରେ ସେ ପୁଣି ପ୍ରତିଷ୍ଠିତ ହୋଇପାରିଲେ । ସେଦିନ ସେ ବିଦାୟ ନେବା ପରଠାରୁ ଏଗାର ବର୍ଷକାଳ ମୁଁ ମୋକାମା ଘାଟରେ ଥିଲି । ଲାଲଜୀ ଶେଷ ପର୍ଯ୍ୟନ୍ତ ମୋତେ ଭୁଲି ନ ଥିଲେ । ପ୍ରତିବର୍ଷ ଖରାଦିନେ ତାଙ୍କ ବଗିଚାରୁ ତୋଳାଇ ବଛା ବଛା ଆମ୍ବ ଝୁଡ଼ିଏ ସେ ନିୟମିତ ମୋ ପାଇଁ ପଠାଉଥିଲେ ।

□□□

Digitized by srujanika@gmail.com

ଚମାରୀ

ଚମାରୀର ଜାତିକୁଳ ତା ନାଁରୁ ଜଣାପଡ଼େ । ଭାରତର ଛଅକୋଟି ହରିଜନଙ୍କ ମଧ୍ୟରେ ନିମ୍ନତମ ସ୍ତରରେ ତାର ଜନ୍ମ । ଲୋକଟିର ଅକୃତ ସାନ—ଦେହର ଗଠନ ଦୁର୍ବଳ । ସ୍ତ୍ରୀ ଓ ପିଲା ଦୁଇଟିଙ୍କୁ ସଙ୍ଗରେ ନେଇ କାମ ପାଇବା ଆଶାରେ ମୋ ପାଖକୁ ସେ ଆସିଥିଲା । ସ୍ତ୍ରୀର ମୁଖଭଙ୍ଗୀରେ ଅଭାବ ଅନଟନ ବିରୁଦ୍ଧରେ ଜୀବନବ୍ୟାପି ସଂଗ୍ରାମର ଚିହ୍ନମାନ ସୁସ୍ପଷ୍ଟ । ମା'ର ଚିରା ଘାଗରାକୁ ମୁଠାଇ ଧରି ପିଲାଦୁଇଟି ପଛରୁ ଉଙ୍କି ମାରୁଥାଆନ୍ତି । ଏଭଳି ସ୍ୱାସ୍ଥ୍ୟ ନେଇ ମାଲ୍‌ଗୋଦାମ କାମକୁ ସେମାନେ ପାରିବେ ନାହିଁ ଭାବି ଚମାରୀ ଓ ତା' ସ୍ତ୍ରୀକୁ କୋଇଲା ବୁହାରେ ଲଗାଇଲି । ପରଦିନ ସକାଳୁ ବେଲ୍‌ଚା ଟୋକେଇ ଧରି ଦୁହେଁ କାମକୁ ଗଲେ ଓ ନିଜ ଶକ୍ତି ବା ସାମର୍ଥ୍ୟର ବିଚାର ନ କରି ବଡ଼ ସାହସରେ କାମ ଆରମ୍ଭ କରିଦେଲେ । ଏ କାମରେ କିନ୍ତୁ ମନର ବଳ ଅପେକ୍ଷା ଦେହର ଜୋର୍ ବେଶି ଦରକାର । ସଞ୍ଜ ନ ହେଉଣୁ ତାଙ୍କ କାମ ଧିମେଇବାକୁ ଲାଗିଲା । ପଚିଶଟି ମାଲ୍‌ଡବାରୁ ଗୋଟିଏ ଖାଲିସ ହେବାରେ ଡେରି ହେଲେ ଶହ ଶହ ଲୋକ ହାତବାନ୍ଧି ବସିଯିବେ । ଶେଷରେ ମୋତେ ଅନ୍ୟ ଲୋକ ଲଗାଇ ତାଙ୍କ କାମତକ ସାରିବାକୁ ପଡ଼ିଲା ।

ଦୁଇଦିନ ଗଲା । ସ୍ୱାମୀ ସ୍ତ୍ରୀ ଦୁହେଁ ପ୍ରାଣପଣେ ଚେଷ୍ଟା ଚଳାଇଥାଆନ୍ତି । ପାପୁଲିରେ ଫୋଟକା ବାହାରି ପଡ଼ିଲା କିନ୍ତୁ କାମ ସରିଲା ନାହିଁ । ତୃତୀୟ ଦିନ ସକାଳୁ ହାତରେ କନା ଗୁଡ଼ାଇ କାମ ବରାଦ ନେବାକୁ ଅପେକ୍ଷା କରିଥିବାବେଳେ ଦୁହିଁଙ୍କୁ ଭେଟିଲି । ପଚାରି ବୁଝିଲି ଯେ ଚମାରୀ ସାମାନ୍ୟ ହିନ୍ଦୀ ଜାଣେ । ବେଲ୍‌ଚା ଟୋକେଇ ଫେରସ୍ତ କରି ଦପ୍ତରଖାନାରେ ମୋତେ ଦେଖା କରିବାକୁ ତାକୁ କହିଲି । ଘଟଣାକ୍ରମେ ଏହାର କିଛି ଦିନ ପୂର୍ବରୁ ଅନବରତ ମାତାଲ୍ ରହୁଥିବା କୋଇଲାବୁହା ଦଳର ଜଣେ ସର୍ଦ୍ଦାରକୁ କାମରୁ ବରଖାସ୍ତ କରିଥିଲି । (ଜୀବନରେ ଆଉ କାହାରିକୁ କେବେ କାମରୁ ବାହାର କରିନାହିଁ ।) ଚମାରୀକୁ କିଛି ଦିନ ପାଇଁ ସର୍ଦ୍ଦାର୍ ଭାବେ ପରୀକ୍ଷା କରିବାକୁ ଠିକ୍ କଲି ।

ଚମାରୀ ଡରି ଡରି ଆସି ଦପ୍ତରଖାନାରେ ହାଜର ହେଲା । ତାକୁ କାମରୁ ଛଡ଼ି ଦିଆଯିବ ବୋଲି ସେ ଭାବିଥାଏ । ନୂଆ ହିସାବ ଖାତା ଓ ପେନ୍‌ସିଲ୍ ତାକୁ ଧରାଇ ଦେଇ ପ୍ରତି ମାଲଡବାର ନମ୍ବର ଓ ସେଥିରେ କାମ କରୁଥିବା ଶ୍ରମିକଙ୍କ ନାଁ ଲେଖି ଆଣିବାକୁ କହିଲି । ଚମାରୀ ଆଶ୍ୱସ୍ତ ହୋଇ ଚାଲିଗଲା । ଅଧଘଣ୍ଟା ଭିତରେ ପ୍ରତ୍ୟେକଟି କଥା ଖାତାରେ ପରିଷ୍କାର ଭାବେ ଲେଖି ସେ ନେଇଆସିଲା । ପଢ଼ି ଦେଖିଲି ଯେ ଲେଖା ସବୁ ପୁରାପୁରି ଠିକ୍ । ତାକୁ କୋଇଲାବୁହା ଦଳର ସର୍ଦ୍ଦାର ଭାବେ ନିଯୁକ୍ତ କରାଗଲା କହି ଖାତା ଖଣ୍ଡିକ ତା ହାତକୁ

Digitized by srujanika@gmail.com

ବଢ଼ାଇ ଦେଲି । ସେ ଦଳରେ ସେତେବେଳେ ସ୍ତ୍ରୀ ପୁରୁଷ ମିଶି ସମୁଦାୟ ଦୁଇ ଶହ ଲୋକ କାମ କରୁଥାଆନ୍ତି । ସେମାନଙ୍କ ପ୍ରତି ସର୍ଦ୍ଦାରର କର୍ତ୍ତବ୍ୟ ଓ ଦାୟିତ୍ୱ ଚମାରୁକୁ ଭଲଭାବେ ବୁଝାଇ କାମ ପାଖକୁ ପଠାଇଲି । ଘଣ୍ଟାଏ ତଳେ ଚମାରୁ ଥିଲା ଜଣେ ସାଧାରଣ ହରିଜନ ଶ୍ରମିକ । ଜୀବନର ଦୁଃଖ ବୋଝ ନୀରବ ଓ ନତମସ୍ତକ ହୋଇ ବୋହି ନେବାର ଅଭିଶାପ ପ୍ରତି ସେ ଅଭ୍ୟସ୍ତ । ଏବେ କାଖରେ ଖାତା ଜାକି, କାନରେ ପେନ୍‌ସିଲ୍ ଗୁଞ୍ଜି ସର୍ଦ୍ଦାର ହୋଇ ଦପ୍ତରଖାନାରୁ ବାହାରିବାବେଳେ ପ୍ରଥମ ଥର ପାଇଁ ଦୁନିଆ ଆଡ଼କୁ ମୁଣ୍ଡଟେକି ଅନାଇବାକୁ ସେ ସାହସ କଲା ।

ମୋ ପାଖରେ କାମ କରିଥିବା ଶହ ଶହ ଲୋକଙ୍କ ଭିତରେ ଚମାରୁ ପରି ବିବେକୀ ଓ କର୍ମଶୀଳ ଆଉ କାହାକୁ ଦେଖି ନାହିଁ । ବ୍ରାହ୍ମଣ, କ୍ଷତ୍ରିୟ, ଠାକୁର ଆଦି ତା ଦଳର ନାନା ଉଚ୍ଚଜାତିର ଶ୍ରମିକଙ୍କୁ ଚମାରୁର ନିର୍ଦ୍ଦେଶ ମାନି ଚଳିବାକୁ ପଡ଼େ । ଅନ୍ୟ ଜାତିମାନଙ୍କଠାରୁ ସମ୍ମାନ ପାଇବା ତାଙ୍କର ଜନ୍ମଗତ ଅଧିକାର ବୋଲି ସେମାନେ ମନେ କରନ୍ତି । ଚମାରୁ ଯଥୋଚିତ ମର୍ଯ୍ୟାଦା ଦେଖାଇ ସେମାନଙ୍କୁ ସନ୍ତୁଷ୍ଟ କରି ରଖିଥାଏ । ତା' ନିର୍ଦ୍ଦେଶ ବିରୁଦ୍ଧରେ ଦଳର କେହି କେବେ ପ୍ରତିବାଦ କରନ୍ତି ନାହିଁ । ଦଳଭୁକ୍ତ ପ୍ରତ୍ୟେକ ଶ୍ରମିକର ମଜୁରି ହିସାବ ରଖିବା ସର୍ଦ୍ଦାରର କାମ । କୋଡ଼ିଏ ବର୍ଷ ସର୍ଦ୍ଦାରୀ କରିବା ଭିତରେ ଚମାରୁର ହିସାବ ନେଇ କେହି କେବେ ଦ୍ୱିରୁକ୍ତି କରିନାହିଁ ।

ରବିବାର ସନ୍ଧ୍ୟାରେ ମଜୁରି ବଣ୍ଟାଯାଏ । ମୁଣ୍ଡଝାଳ ଗୋଡ଼ରେ ମାରି ସପ୍ତାହେ କାଳ ମେହେନତ କରିବା ପରେ ସପ୍ତାହକର ମଜୁରି ଏକାଠି ପାଇ ଶ୍ରମିକମାନେ ଯେତିକି ଖୁସି ହୁଅନ୍ତି, ଅମାୟିକ ଶ୍ରମଶୀଳ ସେହି ଲୋକଗୁଡ଼ିକଙ୍କୁ ତାଙ୍କ ପାଉଣା ଦେଇଦେବାରେ ମୋର ମଧ୍ୟ ଆନନ୍ଦ ଥାଏ ସେତିକି । ମଜୁରି ବାଣ୍ଟିବାବେଳେ ମୁଁ ଗୋଟିଏ ଖଟୁଲିରେ ବସେ । ଆସନଟିଏ ପାରି ଚମାରୁ ତଳେ ବସିଥାଏ । ମଝିରେ ଗଦାଏ ତମ୍ବା ପଇସା ଜମା ହୋଇଥାଏ । ଶ୍ରମିକମାନେ ଆମକୁ ଘେରି ବସନ୍ତି । କୋଇଲିବୋଳା ତାଙ୍କ କଳା ମୁହଁଗୁଡ଼ିକ ଆଗ୍ରହରେ ଉଜ୍ଜ୍ୱଳ ଦିଶୁଥାଏ । ସେମାନଙ୍କ ଭିତରୁ କେତେଜଣଙ୍କୁ ମୁଁ ଘର ଯୋଗାଇ ଦେଇଥାଏ । ଅନ୍ୟମାନେ ଆଖପାଖ ଗାଁଗଣ୍ଡାରେ ବସାକରି ଥାଆନ୍ତି । ଦିନସାରା ଅଧମାଇଲ ଲମ୍ବ ଉଚ୍ଚତଟିରେ କିଏ କେଉଁଠି ଖଟୁଥାଏ । ରାତିରେ ଯେଝା ଘରକୁ ସିଏ ବାହୁଡ଼ି ଯାଆନ୍ତି । ସପ୍ତାହ ସାରା କେହି କାହାକୁ ଭେଟି ନ ଥିବାରୁ ରବିବାର ସନ୍ଧ୍ୟାରେ ସାକ୍ଷାତର ଏହି ସୁଯୋଗକୁ ସମସ୍ତେ ପୂର୍ଣ୍ଣମାତ୍ରାରେ ଉପଭୋଗ କରନ୍ତି । ପରିଶ୍ରମୀ ଲୋକଙ୍କ ମନ ସବୁବେଳେ ପ୍ରସନ୍ନ । ଅକର୍ମାଙ୍କ ପରି ବସି ବସି ମନଗଢ଼ା ସମସ୍ୟାମାନ ସୃଷ୍ଟି କରିବାକୁ ତାଙ୍କୁ ସମୟ ମିଳେନା । ମୋ ଶ୍ରମିକମାନେ ସମସ୍ତେ ଗରିବ । ବାସ୍ତବ ଜୀବନର ନାନା ଜଞ୍ଜାଳ ସତ୍ତ୍ୱେ ସେମାନେ କିନ୍ତୁ ସଦାପ୍ରସନ୍ନ ଥାଆନ୍ତି । ଏକାଠି ହେବା ମାତ୍ରେ ନିଜ ନିଜ ଭିତରେ ତାଙ୍କର ଥଟ୍ଟା ପରିହାସ ଆରମ୍ଭ ହୋଇଯାଏ । ଏହି ସଜୀବ ସନ୍ଧ୍ୟାଗୁଡ଼ିକର ଉଚ୍ଛୁଳା ଆନନ୍ଦରୁ

Digitized by srujanika@gmail.com

ସେମାନେ ମୋତେ ମଧ୍ୟ ବାଦ୍ ଦିଅନ୍ତିନାହିଁ । ମୁଁ ମଧ୍ୟ ସେମାନଙ୍କୁ ଛାଡ଼େନାହିଁ । ତାଙ୍କର ଭାଷା ଠିକ୍ ତାଙ୍କ ପରି କହୁଥିବାରୁ ଅଣ୍ଟାଭାମସା ହସଖୁସିରେ ମୁଁ ମନ ଖୋଲି ଯୋଗଦିଏ ।

ମାଲ୍‌ର ଓଜନ ଅନୁସାରେ ରେଲବାଇରୁ ମୁଁ ପାଉଣା ପାଏ । ଖଲାସ ବା ବୋଝାଇ ହୋଇଥିବା ମାଲ୍‌ଡବା ସୁମାରିକରି ଶ୍ରମିକଙ୍କୁ ମୁଁ ମଜୁରି ଦିଏ । ଗୋଦାମ କାମ ପାଇଁ ମୋଟ ଯେତିକି ମଜୁରି ହୁଏ, ସର୍ଦ୍ଦାରମାନେ ତାହା ନେଇ ନିଜ ଦଳର ଶ୍ରମିକଙ୍କ ଭିତରେ ଭାଗକରନ୍ତି । କେବଳ କୋଇଲାବୁହା ଦଳର ମଜୁରିତକ ମୁଁ ନିଜେ ବାଣ୍ଟେ । ଚମାରୁ ଦିନବେଳୁ ମୋଠାରୁ ନୋଟଗୁଡ଼ିକ ନେଇ ମୋକାମା ଘାଟ ବଜାରରେ ତମ୍ବା ପଇସା ଭଙ୍ଗାଇ ଆଣେ । ସନ୍ଧ୍ୟାବେଳେ ପଇସାତକ ମଝିରେ ଗଦାଇ ଦୁହେଁ ଦୁଇପାଖେ ବସୁ । ଚମାରୁ ପ୍ରତି ଶ୍ରମିକର ନାଁ ଧରି ଡାକିଦିଏ । ମୁଁ ହିସାବ କରି ତା ପାଉଣାତକ ବଢ଼ାଇଦିଏ । ଡବାଟିଏ ବୋଝାଇ ବା ଖଲାସ କରିବା ପାଇଁ ମଜୁରି ଦଶଅଣା । ସେଥିରେ ଖଟିଥିବା ଶ୍ରମିକଙ୍କ ମଧ୍ୟରେ ତାହା ଭାଗ କରାଯାଏ । ବେଳେବେଳେ ଭାଗ ପୂରା ନ ଛାଡ଼ି ପଇସାଟିଏ ବଳିପଡ଼େ । ଅଧିକ ପାହୁଲା କରି ସମାନ ଭାବେ ବାଣ୍ଟି ନ ହେଲେ ପଇସାଟି ତାଙ୍କ ଭିତରୁ ଜଣକୁ ମୁଁ ଜମା ଦିଏ ଓ ସେ ପରେ ବଜାରରୁ ପଇସାକର ଲୁଣ କିଣି ସମସ୍ତଙ୍କ ଭିତରେ ବାଣ୍ଟିଦିଏ । ଏହି ଭାବରେ ମଜୁରି ପାଇ ଶ୍ରମିକମାନେ ସନ୍ତୁଷ୍ଟ ଥାଆନ୍ତି । ଦୀର୍ଘ ସମୟ କଠିନ ପରିଶ୍ରମ କରିବାକୁ ପଡ଼ୁଥିଲେ ମଧ୍ୟ ଏ କାମରେ କୃଷିବାସ ଅପେକ୍ଷା ତିନିଗୁଣ ବେଶୀ ରୋଜଗାର । ତା' ପରେ, ଇଏ ହେଲା ବାରମାସି କାମ । କୃଷୀଙ୍କ ପରି ଏମାନଙ୍କୁ ବର୍ଷରେ କେତେମାସ ନିକମା ହେବାକୁ ପଡ଼େ ନାହିଁ ।

ଚମାରୁକୁ ପ୍ରଥମେ ମାସକୁ ପନ୍ଦର ଟଙ୍କା ଦରମା ଦେଉଥିଲି । କ୍ରମେ ତାହା ବଢ଼ି ବଢ଼ି ତ୍ରିଶ ଟଙ୍କାରେ ପହଞ୍ଚିଲା । ସେତେବେଳେ ରେଲବାଇର ଅଧିକାଂଶ କିରାଣି ଏହାଠାରୁ କମ୍ ଦରମା ପାଉଥାଆନ୍ତି । ଏହାଛଡ଼ା ଗୋଦାମ କାମରେ ନିଜ ତରଫରୁ ଅନ୍ତିରି ଦଶଜଣ ଲୋକ ଲଗାଇବାକୁ ଚମାରୁକୁ ମୁଁ ଅନୁମତି ଦେଇଥାଏ । ସେଥିରୁ ସେ ଅଧିକା କିଛି ରୋଜଗାର କରେ । କିଏ କେତେ ରୋଜଗାର କରେ ଓ ଆୟ ଉପାର୍ଜନ କରି ଉପଯୋଗ କରେ—ଭାରତରେ ଏହି ଦୁଇଟି ମାନଦଣ୍ଡଦ୍ୱାରା ଲୋକର ଯୋଗ୍ୟତା ମାପ ହୁଏ । ଭଲ ରୋଜଗାର କରୁଥିବାରୁ ଚମାରୁକୁ ଯଥେଷ୍ଟ ମର୍ଯ୍ୟାଦା ମିଳୁଥିଲା । ପୁଣି ଅହଂକାର ନ କରି ସତ୍‌କାର୍ଯ୍ୟରେ ଅର୍ଥ ବିନିଯୋଗ କରୁଥିବାରୁ ସମସ୍ତେ ତାକୁ ଆନ୍ତରିକ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ନିଜ ଜୀବନରେ ଅନାହାରର ବିଭୀଷିକା ଚମାରୁ ଶେଷ ପର୍ଯ୍ୟନ୍ତ ଭୁଲି ନ ଥିଲା । ଶକ୍ତି ପାଇବାଯାଏ ସେଭଳି ଯାତନା ଅନ୍ୟ କାହାକୁ ଭୋଗିବାକୁ ଦେବନାହିଁ—ଏହାକୁ ସେ ଜୀବନର ବ୍ରତ କରିଥିଲା । ଜାତିଭାଇ କେହି ତା ଘରକୁ ଆସିଲେ ତାକୁ ନ ଖୁଆଇ ସେ ଛାଡ଼େନାହିଁ । ଉଚ୍ଚଜାତିର ଲୋକେ ତା ରୋଷାଇରେ ଖାଇବେ ନାହିଁ ବୋଲି ସନ୍ଧ୍ୟା ସକାଳ ଅତି ବିନୀତ ଭାବେ ସେମାନଙ୍କୁ ଅର୍ପଣ କରେ ।

Digitized by srujanika@gmail.com

ଏସବୁ ଦାନ ଖଇରାତ ମୋଷ୍ଟ ସ୍ତ୍ରୀ ଆଖିରେ ଯାଏନାହିଁ । ସେ ବରାବର ଆସି ମୋ ପାଖରେ ଫେରାଦ ହୁଏ । ମୋଷ୍ଟଙ୍କୁ ପଚାରିଲେ ସେ ସବୁଦିନେ ସେଇ ଗୋଟିଏ କଥା କହେ ଯେ ମାସକୁ ପନ୍ଦର ଟଙ୍କାରେ ତା ଘର ଭଲ ଚାଲୁଥିଲା ଓ ସେତିକିରେ ଏବେ ମଧ୍ୟ ବେଶ୍ ଚଳିବ । ବେଶି ଟଙ୍କା ହାତରେ ପଡ଼ିଲେ ତା ସ୍ତ୍ରୀ ବଦ୍‌ଖର୍ଚ୍ଚକୁ ମନ ବଳାଇବ । ତା' ସ୍ତ୍ରୀ କି ପ୍ରକାର ବଦ୍‌ଖର୍ଚ୍ଚ କରିବାକୁ ଚାହୁଁଛି ବୋଲି ପଚାରିବାରୁ ମୋଷ୍ଟ ଥରେ କହିଲା ଯେ, ସେ ସର୍ଦ୍ଦାର ଭାବେ ଶ୍ରମିକଙ୍କଠାରୁ ସରସା ଲୁଗାପଟା ପିନ୍ଧିବାକୁ କହି ସ୍ତ୍ରୀ ତାକୁ ବିରକ୍ତ କରୁଛି । ମୋଷ୍ଟ ମତରେ ପୋଷାକପଟରେ ପଇସା ଅଯଥା ବରବାଦ୍ ନ କରି ବରଂ ଗରିବଙ୍କୁ ଖୁଆଇବାରେ ଖର୍ଚ୍ଚ କରିବା ଉଚିତ । ନିଜ ମତ ସମର୍ଥନ କରିବାକୁ ଯାଇ ମୋ ପୋଷାକର ନଜିର ଦେଖାଇ ସେ କହିଲା, "ଆପଣଙ୍କ ନିଜକଥା ଦେଖୁନାହାନ୍ତି ମହାରାଜ ! କେତେ ବର୍ଷ ଧରି ଆପଣ ତ ଏଇ ସାଜେ ପୋଷାକ ପିନ୍ଧି ଚଳୁଛନ୍ତି । ଆପଣ ଯଦି ଏମିତି ଚଳିପାରୁଛନ୍ତି, ତେବେ ମୋର ବା ନ ଚଳିବ କାହିଁକି ?" ମୋଷ୍ଟ ସବୁଦିନେ ମୋତେ 'ମହାରାଜ' ବୋଲି ସମ୍ବୋଧନ କରେ । ଅବଶ୍ୟ ମୁଁ ଏକବସ୍ତ୍ରୀ ହୋଇ ଚାଲୁଥିବା କଥା ଠିକ୍ ନୁହେଁ । ଅସଲରେ ମୋର ଏକାପରି ଦୁଇସାଜ ପୋଷାକ ଥିଲା । ସାଜକରୁ କୋଇଲାଗୁଣ୍ଡ ସଫା ହେଉଥିବାବେଳେ ମୁଁ ଆର ସାଜକ ପିନ୍ଧୁଥିଲି ।

ଜର୍ମାନ କାଇଜର ପ୍ରଥମ ମହାଯୁଦ୍ଧର ସୂତ୍ରପାତ କରିବାବେଳକୁ ମୋକାମା ଘାଟରେ ମୋର ଷୋହଳ ବର୍ଷ ବିତିଲାଣି । ରେଲବାଇ କର୍ତ୍ତୃପକ୍ଷ ଯୁଦ୍ଧରେ ଯୋଗଦେବାକୁ ମୋତେ ଅନୁମତି ଦେଲେ ନାହିଁ । ଯୁଦ୍ଧରେ ଯୋଗଦେଲେ ମଧ୍ୟ ଠିକାଦାରି ଛାଡ଼ିବିନାହିଁ ବୋଲି ଜବାବ ଦେବା ପରେ ସେମାନେ ମୋତେ ଛାଡ଼ିବାକୁ ରାଜିହେଲେ । ଯିବା ପୂର୍ବରୁ ମୋ ଲୋକମାନଙ୍କୁ ଡକାଇ ସଭାଟିଏ କଲି । ଯୁଦ୍ଧର କାରଣ ବା ତାତ୍ପର୍ଯ୍ୟ ସେମାନଙ୍କୁ ବୁଝାଇବା ସମ୍ଭବ ହେଲାନାହିଁ । ମୋ ଅନୁପସ୍ଥିତିରେ କିନ୍ତୁ ମୋକାମା ଘାଟରେ ଅନବଚ୍ଛିନ୍ନ ଭାବେ କାମ ଚଳାଇ ନେବେ ବୋଲି ପ୍ରତ୍ୟେକେ ବ୍ୟକ୍ତିଗତ ଭାବେ ମୋତେ ପ୍ରତିଶ୍ରୁତି ଦେଲେ । ଏହି ପ୍ରତିଶ୍ରୁତି ସେମାନେ ଅକ୍ଷରେ ଅକ୍ଷରେ ପାଳନ କଲେ ଓ ମୁଁ ଫେରିବାଯାଏ ମାଲ୍ ସରବରାହ ଅବ୍ୟାହତ ରଖି ଗଭୀର ଆନ୍ତରିକତା ଓ କର୍ତ୍ତବ୍ୟନିଷ୍ଠାର ପରିଚୟ ଦେଇଥିଲେ ।

ଯୁଦ୍ଧରେ ଯୋଗଦେଇ ମୁଁ ପ୍ରଥମେ ଫ୍ରାନ୍ସ ଓ ପରେ ଓ୍ୱାଜିରିସ୍ଥାନରେ ରହିଲି । ରାମଶରଣ କାର୍ଯ୍ୟଭାର ଗ୍ରହଣ କରି ଦକ୍ଷତା ସହ ସବୁ ଚଳାଇନେଲେ । ମାଲ୍ ଚଳାଚଳରେ ବ୍ୟାଘାତ ବା ବ୍ୟତିକ୍ରମ କେବେ ଘଟିନଥିଲା । ଚାରିବର୍ଷ ପରେ ଫେରି ସବୁ ଶାନ୍ତ ଶୃଙ୍ଖଳାରେ ଚାଲୁଥିବା ଦେଖି ମନେହେଲା ଯେପରି ମୁଁ ମାତ୍ର ଦିନକ ପାଇଁ ବାହାରକୁ ଯାଇଥିଲି । ମୁଁ ନିରାପଦରେ ଫେରିଆସେ ବୋଲି ମନାସି ମୋ ଲୋକେ ନିଜ ନିଜ ଧର୍ମପୀଠରେ ପୂଜା ପ୍ରାର୍ଥନା ଆଦି କରିଥିଲେ । ତାଙ୍କରି ପୁଣ୍ୟବଳରୁ ଏଡ଼େ ବଡ଼ ଯୁଦ୍ଧରୁ ମୁଁ ଭଲେ ଭଲେ ଫେରିଆସିଲି ଭାବି ସେମାନେ ଅଶ୍ୱପ୍ରସାଦ ଲାଭକଲେ ।

Digitized by srujanika@gmail.com

ପରବର୍ଷ ଖରାଦିନେ ହଇଜା ଅତି ଉତ୍କଟ ଆକାରରେ ବଙ୍ଗଦେଶ ସାରା ବ୍ୟାପିଗଲା । ମୋ ଶ୍ରମିକଙ୍କ ଭିତରୁ ଦୁଇଜଣ ମହିଳା ଓ ଜଣେ ପୁରୁଷ ଏକ ସମୟରେ ହଇଜାରେ ପଡ଼ିଲେ । ଚମୋସ୍ତ ଓ ମୁଁ ପାଳକରି ସେମାନଙ୍କ ସେବାଶୁଶ୍ରୂଷା କଲୁ । ରୋଗୀଙ୍କୁ ଆଶ୍ୱାସନା ଦେଇ କେବଳ ମନର ଦମ୍ଭଦ୍ୱାରା ବଞ୍ଚାଇଦେଇ ପାରିଲୁ । ଏହାର କିଛିଦିନ ପରେ ଦିନେ ରାତିରେ ମୁଁ ବଙ୍ଗଳାରେ ଶୋଇଛି, (ଷ୍ଟୋରାର୍ ପଦୋନ୍ନତି ପାଇ ଚାଲିଯିବା ପରେ ପୁରା ବଙ୍ଗଳାଟି ମୋ ଦଖଲରେ ଥାଏ ।) ବାହାର ବାରଣ୍ଡାରୁ କାହାର ପାଦଶବ୍ଦ ଶୁଣି "ବାହାରେ କିଏ" ବୋଲି ଡାକ ଦେଲି । ଅନ୍ଧାରରୁ ଉତ୍ତର ଆସିଲା, "ମୁଁ ଚମୋସ୍ତର ସ୍ତ୍ରୀ । ଚମୋସ୍ତକୁ ହଇଜା ଧରିଛି । ଆପଣଙ୍କୁ ଖବର ଦେବାକୁ ଆସିଥିଲି ।" ତାକୁ ଅପେକ୍ଷା କରିବାକୁ କହି ତରତରରେ ଲୁଗାପଟା ପିନ୍ଧିଲି । ସାପ ଭୟ ଯୋଗୁଁ ମୋକାମା ଘାଟରେ ଅନ୍ଧାରରେ ବାଟ ଚାଲିବା ନିରାପଦ ନୁହେଁ । ଲଣ୍ଠଣ ଲଗାଇ ବାଡ଼ି ଧରି ଚମୋସ୍ତ ସ୍ତ୍ରୀ ସହିତ ବାହାରିପଡ଼ିଲି ।

ଚମୋସ୍ତ ଦିନସାରା କାମ ଉପରେ ଥିଲା । ସେହିଦିନ ପାର୍ବତୀ ବୋଲି ପାଖ ଗାଁରେ ରହୁଥିବା ତା ଦଳର ଜଣେ ମହିଳା ଶ୍ରମିକ ସାଂଘାତିକ ବେମାର ବୋଲି ଖବର ଆସିଥାଏ । ଖରାବେଳେ ଚମୋସ୍ତ ସହିତ ପାର୍ବତୀକୁ ଦେଖିବାକୁ ଯାଇଥିଲି । ରୋଗିଣୀ ବିଧବା— ତିନୋଟି ପିଲାଙ୍କର ମା' । ମୋ କାମରେ ଯୋଗଦେବା ପାଇଁ ମହିଳା ଶ୍ରମିକଙ୍କ ମଧ୍ୟରୁ ସେ ସର୍ବପ୍ରଥମେ ଆଗେଇ ଆସିଥିଲା । ସେହି ଦିନରୁ ଅଦ୍ୟାବଧି ଦୀର୍ଘ କୋଡ଼ିଏ ବର୍ଷକାଳ ମୋ ପାଖରେ ସେ କାମ କରିଥିଲା । ବିଗୃହୀଟି ଭାରି ଖୁସମିଜାଜୀ ଥାଇ ଆପଦ ବିପଦରେ ସମସ୍ତଙ୍କର ସାହା । ରବିବାର ସନ୍ଧ୍ୟାର ଶ୍ରମିକ ସମାବେଶ ତାହାର ଉପସ୍ଥିତିରେ ସଜୀବ ହୋଇଉଠେ । ପୁରୁଷଙ୍କ ଥଟ୍ଟାତାମସାରେ ଯୋଗଦେବା ପାଇଁ ବିଧବାଙ୍କୁ ମନା ନାହିଁ । ଭାରତର କଠୋର ସାମାଜିକ ନିୟମରେ ଏହା ବିରୁଦ୍ଧରେ ବାରଣ ନ ଥିବାରୁ ପାର୍ବତୀ ଟାହିଲି ଟାପରାର ଠିକଣା ଜବାବ ଦେଇ ଶ୍ରମିକ ସମାଗମକୁ ସଜାଗ ଓ ସରସ କରି ରଖିଥାଏ ।

ଖବର ନେଇ ଆସିଥିବା ପିଲାଟି ପାର୍ବତୀର ବେମାରି ବିଷୟରେ କିଛି ଜାଣି ନ ଥିଲା । ତେବେ ପାର୍ବତୀର ଅବସ୍ଥା ଅତି ଶୋଚନୀୟ ବୋଲି ତା' କଥାବାର୍ତ୍ତାରୁ ଅନୁମାନ କଲି । ସଙ୍ଗରେ ଔଷଧ କିଛି ନେଇ ଚମୋସ୍ତ ସହିତ ପାର୍ବତୀ ଘରେ ପହଞ୍ଚିଲି । ବୁଢ଼ୀ ମା'ର କୋଳରେ ମୁଣ୍ଡ ଦେଇ ଭୂଇଁରେ ସେ ଶୋଇଥିଲା । ସେହିଦିନ ପ୍ରଥମ କରି ଧନୁଷ୍ଟଙ୍କାରବାତ ଦେଖିଲି । ସେ ରୋଗକୁ ଅଉଥରେ ଦେଖିବାର ଦୁର୍ଯୋଗ ଆଉ ଜୀବନରେ କେବେ ନଘଟୁ । ପାର୍ବତୀର ଅବସ୍ଥା ଦେଖି କେହି ଦେହ ଧରି ରହିପାରିବନାହିଁ । ତାର ସୁନ୍ଦର ଦାନ୍ତଗୁଡ଼ିକ ଦେଖିଲେ ଚଳଚ୍ଚିତ୍ରତାରକାମାନେ ମଧ୍ୟ ଈର୍ଷା କରିବେ । ଏବେ ତା ଦାନ୍ତପାଟି ପଡ଼ିଯାଇଥାଏ । ଜାପ ଖୋଲି ପାଟିରେ ପାଣି ଦେବାପାଇଁ ଜୋର୍ କରାଯିବା ଫଳରେ ଦାନ୍ତ କେତୋଟି ଭାଙ୍ଗି ଯାଇଥାଏ । ପାର୍ବତୀ ସମ୍ପୂର୍ଣ୍ଣ ସଚେତ ଥାଇ ଏ ଅକଥନୀୟ ଯନ୍ତ୍ରଣା ତିଳେ ତିଳେ ଭୋଗ କରୁଥାଏ । ସେଭଳି ଦୁରାରୋଗ୍ୟ ବେମାରି ବିରୁଦ୍ଧରେ ମୁଁ କ'ଣ ବା କରିଥାଆନ୍ତି ? ଶ୍ୱାସ

Digitized by srujanika@gmail.com

ପ୍ରଶ୍ୱାସ ସୁଗମ କରିବା ଉଦ୍ଦେଶ୍ୟରେ କଣ୍ଠନାଳୀ ଦୁଇପାଖେ ଦୃଢ଼ୀଭୂତ ମାଂସପେଶୀଗୁଡ଼ିକୁ ଧୀରେ ଧୀରେ ଆଉଁସି ଦେଉଥିଲି । ହଠାତ୍ ବିଜୁଳି ଆଘାତ ପରି ପାଟିଟାକୁ ଅନ୍ଧୁଥରେ ବାଡ ମାରିଲା ଏବଂ ହୃତ୍‌ପିଣ୍ଡ ନିଷ୍ପନ୍ଦ ହୋଇ ସେହି ମୁହୂର୍ତ୍ତରେ ନର୍କ ଯନ୍ତ୍ରଣାରୁ ସେ ମୁକ୍ତ ପାଇଗଲା ।

ଶବଦାହ ପାଇଁ ଆୟୋଜନ ଆରମ୍ଭ ହେବାପରେ ଚମାରୁ ଓ ମୁଁ ଭଙ୍ଗା ମନ ନେଇ ଫେରିଆସିଲୁ । ବାକ୍ୟାଳାପ ପାଇଁ ଭାଷା ନ ପାଇ ଦୁହେଁ ନୀରବରେ ଚାଲିଥାଉ । ଉଚ୍ଚଜାତିର ଏହି ହିନ୍ଦୁ ମହିଳା ଓ ଆମ ଭିତରେ ଥିଲା ଜାତିଭେଦ, ଧର୍ମଭେଦ ଆଦି ନାନା ଅଳୀକ ଓ ଭ୍ରାନ୍ତବିଶ୍ୱାସର ଅଲଂଘ୍ୟ ବ୍ୟବଧାନ । ତା ସତ୍ତ୍ୱେ ମଣିଷ ଭାବେ ଆମେ ପରସ୍ପରକୁ ଶ୍ରଦ୍ଧା ଓ ସମ୍ମାନ କରୁଥିଲୁଁ । ପ୍ରକାଶ୍ୟରେ କିଛି ନ କହିଲେ ମୁଦ୍ଧା ଆମେ ଦୁହେଁ ଜାଣିଥିଲୁ ଯେ ସେ ସଦା ପ୍ରସନ୍ନ ସେହି ଶ୍ରମଶୀଳା ମହିଳାର ଅଭାବ ଆମେ ଗଭୀର ଭାବେ ଅନୁଭବ କରିବୁ । ମୋ ସହିତ କିଛିଦୂର ଆସିବା ପରେ ଚମାରୁ ବାଟ ଭାଙ୍ଗି ତା ଧନ୍ଦାରେ ଚାଲିଗଲା । ସୁସ୍ଥ ଅବସ୍ଥାରେ ଚମାରୁ ସହିତ ସେହି ମୋର ଶେଷ ଦେଖା । ସନ୍ଧ୍ୟାବେଳେ ନିଜ କାମରେ ମୁଁ ସାମାରିଆ ଘାଟ ଯାଇ ରାତିରେ ଫେରିଲି ଓ ଶୋଇବା ପରେ ଚମାରୁ ସ୍ତ୍ରୀଠାରୁ ଏ ଦୁଃସମ୍ବାଦ ପାଇଲି ।

ଆମେ ଭାରତୀୟମାନେ ହଇଜାକୁ ଭୟକରୁ,. ଘୃଣାକରୁ । କିନ୍ତୁ ଅଦୃଷ୍ଟବାଦୀ ହୋଇଥିବାରୁ ରୋଗର ସଂକ୍ରମଣ ପ୍ରତି ଆମର ଆଶଙ୍କା ନ ଥାଏ । ଚମାରୁର ଦଉଡ଼ିଆ ଖଟକୁ ଅନେକ ଲୋକ ଘେରି ବସିଥିବାରେ ଆଶ୍ଚର୍ଯ୍ୟ ହେବାର କିଛି ନ ଥିଲା । ସମସ୍ତ ରାତି ଦୁଇଟା —ଘର ଭିତରେ କଟିକିଟି ଅନ୍ଧାର । ଲଣ୍ଠନ ଆଲୁଅରେ ମୋତେ ଚିହ୍ନିପାରି ଚମାରୁ କହିଲା, "ମୋ ସ୍ତ୍ରୀକୁ ମାଫ୍ କରିବେ । ରାତି ପାହିବା ଆଗରୁ ଆପଣଙ୍କୁ ହଇରାଣ ନ କରିବାକୁ କେତେ ବୁଝାଇ କହିଲି । ସେ ମନା ମାନିଲା ନାହିଁ ।" ଦଶଘଣ୍ଟା ତଳେ ଚମାରୁ ମୋ ପାଖରୁ ବିଦାୟ ନେଇଥିଲା । ସେହି କେତୋଟି ଘଣ୍ଟା ଭିତରେ ତା ଚେହେରାରେ ପରିବର୍ତ୍ତନ ଦେଖି ଅବାକ୍ ହୋଇଗଲି । ଆଖି ଦୁଇଟି କୋରଡ଼ରେ ପଶିଯାଇଥାଏ । ଦୁର୍ବଳ ସ୍ୱରରେ ସେ ଥରିଥରି କଥା କହୁଥାଏ । ସଦା ଦୁର୍ବଳ ତା ଦେହ ଦଶଘଣ୍ଟା ଭିତରେ ଆହୁରି ଶୁଖି ଅଧା ହୋଇ ଯାଇଥାଏ । ଘର ଭିତରେ ଅସହ୍ୟ ଗରମ । ଚମାରୁକୁ ଯୋଡ଼ାଯୋଡ଼ି କରି ଖଟ ସହିତ ଅଗଣାକୁ ଟେକି ଆଣିଲୁ । ଖୋଲା ଜାଗା ହଇଜା ରୋଗୀକୁ ଅସୁବିଧା । କିନ୍ତୁ ଘର ଭିତରେ ରୁଦ୍ଧ ହେବା ଅପେକ୍ଷା ଡାକୁ ପଦାକୁ ନେଇଆସିବା ଭଲ ବୋଲି ବିଚାରିଲି ।

ଚମାରୁ ଓ ମୁଁ ଏକାଠି ହଇଜା ବିରୁଦ୍ଧରେ କେତେ ଲଢ଼ିଛୁ । ସାହସ ନ ହରାଇ ଚିକିତ୍ସା ଉପରେ ନିର୍ଭର ବିଶ୍ୱାସ ରଖିବା ରୋଗୀ ପକ୍ଷରେ କେତେ ଜରୁରି, ତାହା ସେ ଭଲ ଭାବେ ଜାଣିଥାଏ । ଅସୀମ ସାହସ ସହିତ ରୋଗ ବିରୁଦ୍ଧରେ ସେ ସଂଗ୍ରାମ ଚଳାଇଲା । ଚିକିତ୍ସାକ୍ରମରେ ମୁଁ ଯାହା ଦେଲି, ତାହା ବିନା ଦ୍ୱିଧାରେ ଖାଇଦେଲା । ନିଶ୍ଚୟ ଭଲ ହୋଇଯିବ ବୋଲି

Digitized by srujanika@gmail.com

ମନରେ ଦମ୍ଭ ରଖିଥାଏ । ସ୍ୱାଭରେ ଜ୍ୱର ଗରମ ପଡ଼ିଥିଲେ ସୁଦ୍ଧା ତା ଦେହ ହେମାଳ ହୋଇ ଯାଉଥାଏ । ଖଟ ତଳେ ଉତ୍କ୍ଷେଇରେ ରଡ଼ନିଆ ରଖାଗଲା । ପାପୁଲି ଓ ତଳିପାରେ ଶୁଣ୍ଠିଗୁଣ୍ଡ ଘଷାହେଲା । ମୃତ୍ୟୁ ବିରୁଦ୍ଧରେ ଅଠଚାଳିଶ ଘଣ୍ଟା ଅବିଶ୍ରାନ୍ତ ସଂଗ୍ରାମ ଚଳାଇ ସାହସୀ ସୈନିକଟି ଶେଷରେ ଅଚେତ ହୋଇଗଲା । ନାଡ଼ୀ ତାର ଧୀରେ ଧୀରେ ଗୁଡ଼ିଆସିଲା । ନିଃଶ୍ୱାସର ଗତି ଥମି ଆସି ଆଖିକୁ ଆଉ ଦେଖାଗଲା ନାହିଁ ।

ଅଧରାତିରୁ ଭୋର ପର୍ଯ୍ୟନ୍ତ ଅବସ୍ଥାରେ କୌଣସି ଉନ୍ନତି ନ ଦେଖି ବନ୍ଧୁର ଜୀବନର ଆଶା ହରାଇ ହତାଶ ହୋଇ ବସିରହିଲି । ଅନ୍ୟମାନେ ନିଷ୍ଟଳ ହୋଇ ମୋ କାର୍ଯ୍ୟକଳାପ ଦେଖୁଥିଲେ । ଏବେ ଆମେ ସମସ୍ତେ ନୀରବ ହୋଇ ବସିଲୁଁ । ଏତିକିବେଳେ ଚମାରୀ ହଠାତ୍ ଖଟରେ ଉଠିବସି ସ୍ୱାଭାବିକ ସ୍ୱରରେ ଡାକିଲା, "ମହାରାଜ ! ମହାରାଜ ! କାହାନ୍ତି ଆପଣ ?" ସ୍ୱରରେ ତାର ବ୍ୟଗ୍ରତାର ସୂଚନା । ମୁଁ ତା ମୁଣ୍ଡ ପାଖରେ ଛିଡ଼ା ହୋଇଥିଲି । ଝୁଙ୍କିପଡ଼ି ତା କାନ୍ଧରେ ହାତ ରଖିଲି । ମୋ ହାତକୁ ଦୁଇ ହାତରେ ଚାପିଧରି ଚମାରୀ କହିଲା, "ମହାରାଜ ! ପରମେଶ୍ୱର ମୋତେ ଡାକୁଛନ୍ତି । ମୋତେ ଯିବାକୁ ପଡ଼ିବ ।" ତାପରେ ହାତଯୋଡ଼ି ମୁଣ୍ଡ ନୁଆଁଇ ଭଗବାନଙ୍କ ଉଦ୍ଦେଶ୍ୟରେ ନମସ୍କାର କରି ସେ ଉଚ୍ଚ ସ୍ୱରରେ କହିଲା, "ହେ ପରମେଶ୍ୱର ! ମୁଁ ଆସୁଛି ।" ଶୀର୍ଣ୍ଣ ତାର ଦେହଟିକୁ ମୁଁ ଖଟରେ ଶୁଆଇଦେବା-ବେଳକୁ ସେଥିରେ ପ୍ରାଣ ନ ଥିଲା ।

ବିଭିନ୍ନ ଜାତିର ପ୍ରାୟ ଶହେ ଲୋକ ସେଠାରେ ଥିଲେ । ଚମାରୀର ଶେଷ କଥା ସମସ୍ତେ ସ୍ପଷ୍ଟ ଭାବେ ଶୁଣିଲେ । ସେ ଭିତରେ ଜଣେ ଅପରିଚିତ ବ୍ୟକ୍ତି ମଧ୍ୟ ସେଠାରେ ପହଞ୍ଚି ଥାଆନ୍ତି । ତାଙ୍କ କପାଳରେ ଚନ୍ଦନ ତିଳକ ବ୍ରାହ୍ମଣତ୍ୱର ପରିଚୟ ଦେଉଥାଏ । ଚମାରୀକୁ ମୁଁ ଖଟରେ ଶୁଆଇଦେବା ପରେ ଆଗନ୍ତୁକ ମୃତବ୍ୟକ୍ତିର ପରିଚୟ ପଚାରିଲେ । ଚମାରୀର ପରିଚୟ ପାଇ ବ୍ରାହ୍ମଣ କହି ଉଠିଲେ, "ଏତେ ଦିନଧରି ଯାହାକୁ ଖୋଜି ବୁଲୁଥିଲି ତାର ଦର୍ଶନ ଆଜି ପାଇଲି । ମୁଁ କାଶୀର ପ୍ରଖ୍ୟାତ ବିଷ୍ଣୁମନ୍ଦିରର ପୂଜକ । ମୋ ଗୁରୁ ମନ୍ଦିରର ପ୍ରଧାନ ପୂଜକ ଚମାରୀଙ୍କ ସତ୍କାର୍ଯ୍ୟ ବିଷୟ ଶୁଣି ତାଙ୍କୁ ଦର୍ଶନ କରିବାକୁ ମନ ବଳାଇଲେ । ଚମାରୀଙ୍କୁ ଖୋଜି ମନ୍ଦିରକୁ ନେଇଯିବା ପାଇଁ ଗୁରୁଙ୍କ ଆଦେଶ ପାଇ ମୁଁ ବାହାରିଥିଲି । ମୋ ଯାତ୍ରା ଶେଷ ହେଲା । ଗୁରୁଙ୍କ ପାଖକୁ ଫେରି ଚମାରୀଙ୍କ ଶେଷ କଥା କେଇପଦ ତାଙ୍କୁ ଶୁଣାଇବି ।" ଏତିକି କହି ପୁଟୁଳିଟି ତଳେ ଥୋଇ ପାଦୁକା ଖୋଲି ବ୍ରାହ୍ମଣ ନତଜାନୁ ହୋଇ ମୃତ ହରିଜନର ପାଦତଳେ ପ୍ରଣାମ କଲେ ।

ଚମାରୀର ଶବ ସତ୍କାର ଦିନର ଦୃଶ୍ୟ ମୋକାମା ଘାଟରେ ଆଉ କେବେ ଦେଖାଯିବ ନାହିଁ । ଜାତି ଧର୍ମ ନିର୍ବିଶେଷରେ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ସମସ୍ତେ ଶବାଧାର ସହିତ ଶୋଭାଯାତ୍ରାରେ ଚାଲିଲେ । ଉଚ୍ଚ, ନୀଚ, ଧନୀ, ଦରିଦ୍ର—ସମସ୍ତେ ସମବେତ ହୋଇ ଯାହାକୁ ମୁକ୍ତକଣ୍ଠରେ ସେଦିନ ଧନ୍ୟ ଧନ୍ୟ କରୁଥିଲେ, ସେ ଥିଲା ଜଣେ ଗରିବ

Digitized by srujanika@gmail.com

ହରିଜନ । ଜନ୍ମ ଓ ଭାଗ୍ୟର ଦୁର୍ବହ ଭାରରେ ଅବନତ ହୋଇ ସେ ଦିନେ ଏଠାରେ ପହଞ୍ଚିଥିଲା । ନିଜ ମହନୀୟତାଦ୍ୱାରା ସମସ୍ତଙ୍କ ସମ୍ମାନ ଓ ଶ୍ରଦ୍ଧା ଭାଜନ ହୋଇ ସଂସାରରୁ ସେ ବିଦାୟ ନେଲା ।

ହିନ୍ଦୁ ସମାଜରେ ଚମାର ଥିଲା ହରିଜନ—ଅସ୍ପୃଶ୍ୟ । ଆମ ଖ୍ରୀଷ୍ଟିଆନ୍ ମତରେ ତାକୁ ବିଧର୍ମୀ କୁହାଯିବ । କିନ୍ତୁ ପରଧାମରେ ଚମାରର ଆତ୍ମା ଯେଉଁଠାରେ ଅଛି; ସେଠାରେ ମୋତେ ଟିକିଏ ସ୍ଥାନ ମିଳିଲେ ମୋ ଜୀବନ ସାର୍ଥକ ବୋଲି ମନେ କରିବି ।

Digitized by srujanika@gmail.com

ମୋକାମା ଘାଟରେ ଜୀବନ

ମୋକାମା ଘାଟରେ ଆମେ କେବଳ କାମ କରି ବା ଶୋଇ ଶୋଇ ସମୟ କଟାଉଥିଲୁ ବୋଲି ଭାବିବା ଠିକ୍ ନୁହେଁ । ସେଠାକାର କାମ ପ୍ରଥମେ ଖାରି ଭିଡ଼ ଲାଗୁଥିଲା । ସମୟକ୍ରମେ ସବୁ ଅଭ୍ୟାସରେ ପଡ଼ିଗଲା । ହାତରେ ବର୍ଣ୍ଣ ହୋଇଗଲା । ପିଠି ମଜବୁତ୍ ହେଲା । କାମ ଆଉ ବୋଝପରି ଲାଗିଲାନାହିଁ । ନିଜେ କପରି ଉନ୍ନତି କରିବୁ ଓ ପରିବାରକୁ ସୁଖରେ ରଖିବୁ—ଏହି ଆଶା ନେଇ ସମସ୍ତେ ଏକ ମନରେ ଏକ ଦିଗରେ ଆଗେଇଲୁ । ଆମର ସମନ୍ୱିତ ଉଦ୍ୟମ ଯୋଗୁ ସୁରୁଖୁରୁରେ କାମ ଚଳେ ଆମୋଦ ପ୍ରମୋଦ ପାଇଁ ସମୟ ବଳିପଡ଼ିଲା । ଅଚଳ ଅବସ୍ଥାରେ ପରିବର୍ତ୍ତନ ଆଣି ମାଲ୍ ଚଳାଚଳ ଅବ୍ୟାହତ ରଖିବାଦ୍ୱାରା ଆମେମାନେ ଯେପରି ସୁନାମ ଅର୍ଜ୍ଜନ କଲୁ, ତାହା କେବଳ ଆମର ସୁସଂହତ ଓ ସମ୍ମିଳିତ ଉଦ୍ୟମ ଯୋଗୁଁ ସମ୍ଭବ ହୋଇଥିଲା । ସେଥିରେ ସମସ୍ତଙ୍କର ଅବଦାନ ଥିବାରୁ ପ୍ରତ୍ୟେକେ ନିଜକୁ ସମ୍ମାନିତ ମନେ କରି ତାହାକୁ ଅକ୍ଷୁଣ୍ଣ ରଖିବାକୁ ବଦ୍ଧପରିକର ହେଲେ । କାମ ନିରବଚ୍ଛିନ୍ନ ଭାବେ ଆଗେଇ ଚାଲିଲା । କେହି କେବେ କାମକୁ ଆସି ନ ପାରିଲେ ଅନ୍ୟମାନେ ଖୁସିରେ ତା ଦାୟିତ୍ୱ ତୁଲାଇନେଲେ ।

ଶ୍ରମିକ ଓ ସ୍ୱଳ୍ପବେତନଭୋଗୀ କର୍ମଚାରୀଙ୍କ ପିଲାଙ୍କ ପାଇଁ ସ୍କୁଲଟିଏ କରିବାକୁ ମୁଁ ପ୍ରଥମରୁ ସ୍ଥିର କରିଥିଲି । ସେତେବେଳେ ସମୟର ଘୋର ଅଭାବ ତଥା ଆର୍ଥିକ ଅନଟନ ଭିତରେ ଆମେ ଗତି କରୁଥାଉ । ସେସବୁ ବିଚାର ନ କରି ସ୍କୁଲ୍ କାମଟି ହାତକୁ ନେଲୁଁ । ରାମଶରଣ ସେ ପରିକଳ୍ପନାର ସୂତ୍ରପାତ କରି ସେ ଦିଗରେ ପ୍ରାରମ୍ଭିକ ପଦକ୍ଷେପ ନେବାରେ ଅନେକ ସାହାଯ୍ୟ କରିଥିଲେ । ନିଜେ ଶିକ୍ଷାଲାଭରୁ ବଞ୍ଚିତ ହୋଇଥିବାରୁ ଶିକ୍ଷାର ଅଗ୍ରଗତି ଓ ପ୍ରସାର ପାଇଁ ତାଙ୍କର ପ୍ରବଳ ଆଗ୍ରହ । ସ୍କୁଲ୍ ପାଇଁ ଘରଟିଏ ଭଡ଼ା ନେଇ ଜଣେ ମାଷ୍ଟର ନିଯୁକ୍ତ କଲୁ । 'ରାମଶରଣ ସ୍କୁଲ୍' ବୋଲି ନାମିତ ହେବାପରେ କୋଡ଼ିଏ ଜଣ ଛାତ୍ରଙ୍କୁ ନେଇ ସ୍କୁଲ ଖୋଲିଲା । ଆରମ୍ଭରୁ କିନ୍ତୁ ଛାତ୍ରଙ୍କ ଜାତିଭେଦ ସମ୍ବନ୍ଧରେ ନାନା ଜଟିଳ ପ୍ରଶ୍ନ ଉଠି ଏକ ମୌଳିକ ସମସ୍ୟାର ଆକାର ନେଲା । ମାଷ୍ଟରବାବୁ ଏହାର ସମାଧାନ ଦିଗରେ ସୁବିଧା ପ୍ରସ୍ତାବଟିଏ ଦେଇ କହିଲେ ଯେ ଭିନ୍ନ ଭିନ୍ନ ଜାତିର ପିଲା ଗୋଟିଏ ଘରେ ଏକାଠି ବସିବା ବିରୁଦ୍ଧରେ ବାରଣ ଥିଲେ ସୁଦ୍ଧା ସମସ୍ତେ ଗୋଟିଏ ଚାଳଆରେ ବସିବାପାଇଁ ମନା ନାହିଁ । କୁଡ଼ିଆର କାନ୍ଥ ଭଙ୍ଗାଯାଇ ତାକୁ ଚାଳିଆ କରାଯିବା ପରେ ଆଉ କାହାରି କିଛି ଆପତ୍ତି ରହିଲାନାହିଁ ।

Digitized by srujanika@gmail.com

ରାମଶରଣଙ୍କ ଅଦମ୍ୟ ଉତ୍ସାହ ଯୋଗୁ ସ୍କୁଲଟି ଆରମ୍ଭରୁ ଖୁବ୍ ଭଲଭାବେ ଚାଲିଲା । ସ୍କୁଲ ପାଇଁ ନୂଆ ଘର ତିଆରି ହେଲା । ଅଧିକ ସାତ ଜଣ ଶିକ୍ଷକ ନିଯୁକ୍ତ ହେଲେ । ଛାତ୍ରସଂଖ୍ୟା କ୍ରମେ ବଢ଼ି ଦୁଇଶହରେ ପହଞ୍ଚିବା ପରେ ସରକାର ସ୍କୁଲଟି ହାତକୁ ନେଲେ । ଆର୍ଥିକ ଦାୟିତ୍ୱରୁ ଆମେ ମୁକ୍ତ ପାଇଲୁ ଓ ସ୍କୁଲର ଉନ୍ନୟନର ବାଟ ଫିଟିଲା । ନିମ୍ନପ୍ରାଥମିକ ସ୍ତରରୁ ଉଠି ଏହା ଉଚ୍ଚପ୍ରାଥମିକ ସ୍କୁଲ୍ ହେଲା । ଏ ବାବଦରେ ରାମଶରଣଙ୍କ ପ୍ରଗାଢ଼ ଉଦ୍ୟମ ଯୋଗୁ ସରକାର ତାଙ୍କୁ 'ରାୟସାହେବ' ଉପାଧି ଦେଲେ । ଯୋଗ୍ୟ ଲୋକ ଉପଯୁକ୍ତ ସମ୍ମାନ ପାଇଥିବାରୁ ଆମେ ସମସ୍ତେ ଅତି ଆନନ୍ଦିତ ହେଲୁ ।

ବ୍ରିଡ଼ଗେଜ୍ ରେଲବାଇର ଷ୍ଟେସନ ମାଷ୍ଟର ଟମ୍ କେଲିଙ୍କର ଖେଳରେ ବଡ଼ ସଉକ । ଅବସର ବିନୋଦନ ପାଇଁ ଆମେ ଦୁହେଁ କ୍ଲବଟିଏ ଗଢ଼ିଥାଉ । ଜାଗା ସଫାହୋଇ ଫୁଟବଲ୍ ଓ ହକି ଖେଳପାଇଁ ଦୁଇଟି ପଡ଼ିଆ ପ୍ରସ୍ତୁତ ହେଲା । ଗୋଲ୍‌ପୋଷ୍ଟ୍ ଲାଗିଯିବା ପରେ ଖେଳର ସରଞ୍ଜାମମାନ କିଣି ଆମେ ଦୁହେଁ ନିଜ ନିଜର ଦୁଇଦଳ ଖେଳଓ୍ୱାଡ଼ଙ୍କର ତାଲିମ ଆରମ୍ଭକଲୁ । ଖେଳାଳିମାନେ ଫୁଟ୍‌ବଲ୍ ଖେଳ ଅତି ସହଜରେ ଶିଖିଗଲେ । ସେମାନଙ୍କୁ ହକି ଖେଳ ଶିଖାଇବା କିନ୍ତୁ ଦୁଷ୍କର ହେଲା । ଅର୍ଥ ଅଭାବରୁ ଅମେ ଅସଲି ହକି ବାଡ଼ି ନ କିଣି ଶସ୍ତା ଦରରେ 'ଖାଲ୍‌ସା ବାଡ଼ି' କିଣିଥାଉ । ଏ ପ୍ରକାର ବାଡ଼ି ସେତେବେଳେ ପଞ୍ଜାବରେ ତିଆରି ହେଉଥାଏ । ବ୍ଲାକ୍‌ଥର୍ନ ଓ ଗ୍ରେଟ ଓକ୍‌ଗଛର ଚେରକୁ ବଙ୍କାକରି ଏହା ତିଆରି ହୁଏ । ବାଡ଼ିଗୁଡ଼ିକ ବେଶ୍ ଓଜନ । ପୁଣି ଅସଲି ହକି ବାଡ଼ି ପରି ସେଥିରେ ଫିତା ଗୁଡ଼ାହୋଇ ନ ଥାଏ । ପେଣ୍ଡୁଟି ମଧ୍ୟ କାଠରେ ତିଆରି । ଏ ଭଳି ଉପକରଣ ସଙ୍ଗକୁ ଶତକଡ଼ା ଅଠାନବେ ଭାଗ ଖେଳାଳି ଖାଲି ପାଦରେ ଖେଳୁଥିବାରୁ ତାଲିମ୍ ଆରମ୍ଭରୁ ଢେର୍ ଲୋକ ଖଣ୍ଡିଆ ଖାବରା ହେଲେ । ବହୁ ଚେଷ୍ଟାପରେ ଖେଳ ବିଷୟରେ ସେମାନଙ୍କର ସନ୍ତୋଷଜନକ ଧାରଣା ହେଲା । ପେଣ୍ଡୁ କେଉଁଆଡ଼କୁ ମାରିବାକୁ ହୁଏ—ଖେଳାଳିମାନେ ଏତିକି ବୁଝିବାମାତ୍ରେ ଅମେ "ଆନ୍ତଃ-ରେଲବାଇ ଖେଳ ପ୍ରତିଯୋଗିତା" ଆରମ୍ଭ କରିଦେଲୁ । ପ୍ରତିଯୋଗିତାରେ ଖେଳଓ୍ୱାଡ଼ ଓ ଦେଖଣାହାରୀଙ୍କର ପ୍ରବଳ ଉତ୍ସାହ ପ୍ରକାଶ ପାଉଥାଏ । କେଲି ଟିକିଏ ମୋଟା ବୋଲି ପ୍ରକାଶ୍ୟରେ ନ ମାନିଲେ ସୁଦ୍ଧା ସେହି କାରଣରୁ ସେ ତାଙ୍କ ଦଳର ଗୋଲ୍‌ରକ୍ଷକ ଭାବେ ଖେଳନ୍ତି । ରେଲବାଇ ତରଫରୁ ବାହାରକୁ ଖେଳିବାକୁ ଗଲେ ଦୁଇ ଦଳରୁ ଭଲ ଖେଳାଳି ହୋଇ ଗୋଟିଏ ଦଳ ଗଢ଼ାଯାଏ । କେଲି ମିଳିତ ଦଳର ଗୋଲ୍‌ରକ୍ଷକ ହୁଅନ୍ତି । ମୁଁ ପତଳା ଓ ଉଶ୍ୱାସିଆ ହୋଇଥିବାରୁ ସେଣ୍ଟର୍ ଫରଓ୍ୱାଡ଼୍ ଭାବେ ଖେଳେ । ଖେଳ ଭିତରେ କାହା ଗୋଡ଼ ବା ବାଡ଼ିକୁ ଝୁଣ୍ଟି ପଡ଼ିଲେ ମୋତେ ଭାରି ଅପଦସ୍ଥ ହେବାକୁ ହୁଏ । କେଲିଙ୍କ ଛଡ଼ା ଆଉ ସବୁ ଖେଳାଳି ଖେଳ ଗ୍ରାଉଣ୍ଡ ମୋତେ ଟେକାଟେକି କରି ଲୁଗାପଟାରୁ ଧୂଳି ଝାଡ଼ିବାରେ ଲାଗିପଡ଼ନ୍ତି । ଥରେ ସେମାନେ ମୋ ପିଠି ଏପରି ଲାଗିଥିବାବେଳେ ପ୍ରତିପକ୍ଷର ଜଣେ ଖେଳାଳି ପେଣ୍ଡୁ ନେଇ ଅମକୁ ଗୋଲ୍ ଦେବାକୁ ଆଗେଇ ଯାଉଥିଲେ । କିନ୍ତୁ ଦେଖଣାହାରୀମାନେ ସେଥିରେ ହସ୍ତକ୍ଷେପ

Digitized by srujanika@gmail.com

କରି ପେଣ୍ଡୁ ଛଡ଼ାଇ ନେଲେ ଓ ଖେଳାଳିଙ୍କୁ ଜବତ୍ କରି ରଖିଲେ । ଫଳରେ ଆମକୁ ଗୋଲ୍ ଦେବା ନୋହିଲା ।

କ୍ଲବ ଗଢ଼ିବାର କିଛିଦିନ ପରେ ବଙ୍ଗାଳ ଓ ଉତ୍ତର-ପଶ୍ଚିମ ରେଲବାଇ ପ୍ରତିଷ୍ଠାନ ଆମପାଇଁ ଗୋଟିଏ କ୍ଲବଘର ଓ ଟେନିସ୍ କୋର୍ଟ ତିଆରି କରିଦେଲେ । ଆମେ ସ୍ତ୍ରୀରଜଣ କର୍ମଚାରୀ କେବଳ ଟେନିସ୍ ଖେଳ ଜାଣିଥାଉ । କେଲି ଟେନିସ୍ ଓ ବିଲିୟାର୍ଡ଼୍ ଖୁବ୍ ଭଲ ଖେଳନ୍ତି । ଆମ ସହିତ ସେ ଯୋଗଦେବା ପରେ ଖେଳରେ ଅନେକ ଉନ୍ନତି ଘଟିଲା । ତେବେ ଦିନସାରା ନାନା ଧନ୍ଦାରେ ବ୍ୟସ୍ତଥାଇ କେଲି ଓ ମୁଁ ମାସକୁ ମାତ୍ର ଦୁଇ ତିନିଥର ଟେନିସ୍ ଖେଳିବାକୁ ସମୟ ପାଉ । ବିଲିୟାର୍ଡ଼ ଖେଳ ସନ୍ଧ୍ୟାପରେ ହୁଏ । କାମ ସାରିବା ପରେ ଦୁହେଁ ବିଲିୟାର୍ଡ଼୍ ଖେଳି ସନ୍ଧ୍ୟାଗୁଡ଼ିକ ଆନନ୍ଦରେ କଟାଉ ।

ମୋକାମା ଘାଟ ଷ୍ଟେସନରେ ମାଲ୍‌ଗୋଦାମ ଓ ପାର୍ଶ୍ୱରେଳପଥ (୧) ଗୁଡ଼ିକର ବିସ୍ତୃତି ଦେଢ଼ ମାଇଲରୁ ବେଶି । ସେ ସବୁକୁ କେଲିଙ୍କୁ ତନଖି କରିବାକୁ ପଡ଼େ । ଦୀର୍ଘ ପଦଯାତ୍ରାରୁ ତାଙ୍କୁ ନିଷ୍କୃତି ଦେବାପାଇଁ ରେଲବାଇ ତରଫରୁ ଗୋଟିଏ ରେଲ ଟ୍ରଲି ଯୋଗାଇ ଦିଆଗଲା । ଟ୍ରଲି ଚଳାଇବା ପାଇଁ ସ୍ତ୍ରୀରଜଣ ଖଲାସୀ ନିଯୁକ୍ତ ହେଲେ । ଟ୍ରଲିଟି ପାଇ ଆମର ଆନନ୍ଦର ସୀମା ନ ଥାଏ । ଶୀତଦିନେ ଏଠାରେ ଗ୍ରେଟ ପାଉଁଶିଆ ହଂସ ଓ ରାଜହଂସ ବହୁ ସଂଖ୍ୟାରେ ଆସି ପଡ଼ନ୍ତି । ପୂର୍ଣ୍ଣିମୀବେଳକୁ ଟ୍ରଲି ନେଇ ଆମେ ଦୁହେଁ ହଂସ ଶିକାର ପାଇଁ ବାହାରିପଡ଼ୁ । ପ୍ରଧାନ ରେଲରାସ୍ତାରେ ନଅ ମାଇଲ ଯିବାପରେ ଜାଗାଏ କେଇଗଜ ଓସାର ଗ୍ରେଟ ଗ୍ରେଟ ଚବକାରୁ ଆରମ୍ଭକରି ମାଣକରୁ ବେଶି ଆୟତନର ବିରାଟ ଜଳାଶୟମାନ ପଡ଼େ । ସ୍ତ୍ରୀର ପାଖରୁ ଘେରିଥିବା ଗହଲ ରବିଫସଲ କ୍ଷେତଗୁଡ଼ିକରେ ଲୁଚି ବସିବାକୁ ବେଶ୍ ସୁବିଧା । ସୂର୍ଯ୍ୟାସ୍ତ ପୂର୍ବରୁ ପହଞ୍ଚି ଦୁହେଁ ଦୁଇଟି ଜଳାଶୟ ନିକଟରେ ଜଗିବସୁ । ପୋଖରୀ କୂଳର ଦଳ ଓ ଅନାବନା ଘାସ ଏବଂ ଆଖପାଖ କିଆରିର ପାଚିଲା ଗହମ ଓ ରବିଫସଲ ହଂସଙ୍କର ଅତି ପ୍ରିୟ ଖାଦ୍ୟ । ଦିନତମାମ୍ ଗଙ୍ଗାନଦୀର ପଠାମାନଙ୍କରେ ଆଶ୍ରୟ ନେଇ ସନ୍ଧ୍ୟାବେଳକୁ ହଂସଗୁଡ଼ିକ ଦଳବାନ୍ଧି ହଜାର ହଜାର ସଂଖ୍ୟାରେ ଏଠାକୁ ଉଡ଼ିଆସନ୍ତି । ନଈକୂଳ ଓ ପୋଖରୀ ମଝାମଝିର ରେଳଧାରଣା ଉପରୁ ଧୀରେ ଧୀରେ ତଳକୁ ଖସି ଆମ ପାଖରେ ପହଞ୍ଚିବାବେଳକୁ ସେମାନେ ଅନେକ ତଳକୁ ଆସିଯାଇଥାଆନ୍ତି । ଜହ୍ନଆଲୁଅରେ ଉଡ଼ନ୍ତା ଚଢ଼େଇ ମାରିବା ଅନଭ୍ୟସ୍ତ ଶିକାରୀ ପକ୍ଷରେ ଆଦୌ ସହଜ ନୁହେଁ । ମୁଣ୍ଡ ଉପର ଦେଇ ଉଡ଼ିଯିବାବେଳେ ନିକଟରେ ଥିବା ପକ୍ଷୀଗୁଡ଼ିକ ଅନେକ ଦୂରରେ ଥିଲା ପରି ମନେ ହୁଏ । ନୂଆ ଶିକାରୀ ଭ୍ରମରେ ପଡ଼ି ଅନେକ ଆଗକୁ ଲକ୍ଷ୍ୟ କରିଥାନ୍ତି । ଥରେ କିନ୍ତୁ ଲକ୍ଷ୍ୟଭ୍ରଷ୍ଟ ହେଲେ ଆଉ ଥରେ ଗୁଳି ଚଳାଇବାକୁ ସୁଯୋଗ ମିଳେନା । ବନ୍ଧୁକ ଫୁଟିବା ମାତ୍ରେ ହଂସଗୁଡ଼ିକ ସିଧାସଳଖ ଏତେ ଉପରକୁ ଉଠିଯାଆନ୍ତି ଯେ ଆଉ ନଳୀରୁ ଗୁଳି ଚଳାଇବାକୁ

(୧) siding

Digitized by srujanika@gmail.com

ସମସ୍ତ ନ ଥାଏ । ସେହି ଶୀତଳ ସନ୍ଧ୍ୟାଗୁଡ଼ିକର ସୁନ୍ଦର ଦୃଶ୍ୟ ଏବେ ମଧ୍ୟ ଆଖି ଆଗରେ ନାଚି ଉଠେ । ନଈକୂଳ ତାଳବଣ ଉପରେ ପୂର୍ଣ୍ଣିମାର ଜହ୍ନ । ଶହ ଶହ ପକ୍ଷୀଙ୍କ କଳରବ ଓ ପକ୍ଷସଞ୍ଚାଳନର ଶୀତ୍କାରରେ ନିସ୍ତବ୍ଧ ସନ୍ଧ୍ୟା ହଠାତ୍ ମର୍ମରିତ ହୋଇଉଠେ । ମୋକାମା ଘାଟରେ ଦୀର୍ଘ କେତେ ବର୍ଷର ଅନୁଭୂତି ଭିତରୁ ଅପୂର୍ବ ସେହି ସନ୍ଧ୍ୟାଗୁଡ଼ିକୁ ସ୍ମରଣ କଲେ ମନ ଏବେ ମଧ୍ୟ ଗମ୍ଭୀର ଆନନ୍ଦରେ ଭରିଯାଏ ।

× × ×

ମୋକାମା ଘାଟର କାମ ମୋତେ କେବେ ମାନ୍ଦା ଲାଗୁ ନ ଥିଲା । ଏକ ସମୟରେ ଅନେକଗୁଡ଼ିଏ କାମ ପ୍ରତି ନଜର ଦେବାକୁ ପଡୁଥିବାରୁ ମୋତେ ଫୁରୁସତ ମୋଟେ ମିଳେନା । ବର୍ଷକୁ ଦଶଲକ୍ଷ ଟନ୍ ମାଲ୍ ଚଳାଚଳ ପାଇଁ ବ୍ୟବସ୍ଥା କରିବା ଛଡ଼ା ମାଲ୍ ପାରି କରାଇବା ଓ ଲକ୍ଷାଧିକ ଯାତ୍ରୀଙ୍କୁ ଷ୍ଟିମରଦ୍ୱାରା ନେବା ଆଣିବା କରିବାର ଭାର ମୋ ଉପରେ ଥିଲା ।

ହିମାଳୟ ଉପର ଅଞ୍ଚଳରେ ବର୍ଷା ହେଲେ ଗଙ୍ଗାରେ ବଢ଼ିପାଣି ଆସେ । ନଈ ଦୁଇକୂଳ ଖାଇ ଚାରି ପାଞ୍ଚମାଇଲ ଓସାରରେ ବହି ଚାଲେ । ସେତେବେଳେ ଷ୍ଟିମରରେ ନଈ ପାରି ହେବାରେ ଆନନ୍ଦ ଥାଏ । ସେତିକି ସମୟ ଗୋଡ଼ ଦୁଇଟାକୁ ମଧ୍ୟ ଟିକିଏ ବିଶ୍ରାମ ମିଳେ । ସିଗାରେଟ ଖଣ୍ଡିଏ ଲଗାଇ ନିରୋଳାରେ ବସି ଯାତ୍ରୀମାନଙ୍କ ଗତିବିଧି ଓ କାର୍ଯ୍ୟକଳାପ ଲକ୍ଷ୍ୟକରେ । ଦୁଇପାଖରେ ଦୁଇଟି ବିରାଟ ରେଳପଥ ଭିତରେ ଷ୍ଟିମରଗୁଡ଼ିକ ଯୋଗାଯୋଗ ସ୍ଥାପନ କରନ୍ତି । ସେଥିରୁ ଗୋଟିଏ ରେଳବାଇ ଉତ୍ତର ଭାରତସାରା ଶାଖାପ୍ରଶାଖା ମେଲାଇ ରହିଛି । ଆରଟି ସେହିପରି ସମଗ୍ର ଦକ୍ଷିଣ-ଭାରତରେ ବିସ୍ତୃତ । ଦେଶବିଦେଶର ବହୁ ଯାତ୍ରୀ ଓ ପର୍ଯ୍ୟଟକ ବାଟରେ ଏକତ୍ରିତ ହୋଇ ଷ୍ଟିମର୍ ଯୋଗେ ନଈ ପାରିହୁଅନ୍ତି । ଥରକେ ପାରି ହେଉଥିବା ସାତଶହ ଯାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଦେଶ ଓ ଅଞ୍ଚଳର ନାନା ରକମ ଲୋକ ଦେଖିବାକୁ ମିଳନ୍ତି । ଲୋକଙ୍କ ଆଚାର ବ୍ୟବହାରରୁ ତାଙ୍କ ବିଷୟରେ ଧାରଣା କରିବା ମୋର ନିତିଦିନିଆ ଅଭ୍ୟାସ । ଷ୍ଟିମର୍ ଯାତ୍ରାରେ ସେଥିପାଇଁ ବିଶେଷ ସୁଯୋଗ ମିଳେ ।

ଥରେ ନିସ୍ ଥ୍ୱେଟ୍ ନାମକ ଜଣେ ଯୁବକ ଇଂରେଜ ବନ୍ଧୁ ଷ୍ଟିମରରେ ମୋ ସହିତ ସାମାରିଆ ଘାଟ ଯାଉଥିଲେ । ସଦ୍ୟ ବିଲାତରୁ ଆସି ରେଳବାଇରେ ସେ ନୂଆକରି ଯୋଗ ଦେଇଥାଆନ୍ତି । ମୋକାମା ଘାଟର କାର୍ଯ୍ୟବିଧି ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବା ନିମନ୍ତେ ତାଙ୍କୁ ମୋ ନିକଟକୁ ପଠାଯାଇଥିଲା । ମୋ ସହିତ ପନ୍ଦର ଦିନ କଟାଇବାପରେ ସେହିଦିନ ସେ ଫେରୁଥାଆନ୍ତି । ସାମାରିଆ ଘାଟ ଷ୍ଟେସନରୁ ରେଳ ଧରି ଦୀର୍ଘଯାତ୍ରା ପରେ ଗୋରଖପୁରରେ ପହଞ୍ଚିବେ । ତାଙ୍କୁ ବିଦାଇଦେବାକୁ ମୁଁ ସାମାରିଆ ଘାଟ ଯାଉଥାଏ । ଷ୍ଟିମର ଉପର ମହଲା ବାଡ଼ରୁ ଝୁଙ୍କିପଡ଼ି ତୃତୀୟ ଶ୍ରେଣୀ ଯାତ୍ରୀମାନେ ତଳ ମହଲାରେ ନିଜ

Digitized by srujanika@gmail.com

ନିଜ ଜାଗାରେ ଆସି ବସୁଥିବା ଆମେ ଦେଖୁଥାଉ । ସେମାନଙ୍କ କଥାବାର୍ତ୍ତା ମଧ୍ୟ କାନରେ ବାଜୁଥାଏ । ପାଖରେ ଜଣେ ଭାରତୀୟ ଭଦ୍ରଲୋକ ବେଞ୍ଚ ଉପରେ ଚକା ପକାଇ ବସି ଆମପରି ଉଲକୁ ଅନାଇ ଯାତ୍ରୀମାନଙ୍କୁ ଦେଖୁଥାଆନ୍ତି । ହଫ୍‌ଓ୍ୱେଟ୍ ଭାରତରେ ନୂଆ । ଏ ଦେଶ ବିଷୟରେ ଜାଣିବାକୁ ତାଙ୍କର ପ୍ରବଳ ଆଗ୍ରହ । ଯାତ୍ରୀମାନେ ସବୁ କିଏ, ସେମାନଙ୍କ ଗନ୍ତବ୍ୟସ୍ଥଳ ଓ ଯାତ୍ରାର ଉଦ୍ଦେଶ୍ୟ ସମ୍ବନ୍ଧରେ ଜାଣିବାକୁ ସେ ଇଚ୍ଛା ପ୍ରକାଶ କଲେ । ସେତେବେଳକୁ ଯାତ୍ରୀମାନେ ନିଜ ନିଜ ସ୍ଥାନରେ ଜାକିଜୁକି ହୋଇ ବସିଲେଣି । ଷ୍ଟିମରର ବାହାର ବାଡ଼ାକୁ ଆଉଜି ବସିଥିବା ଯାତ୍ରୀମାନଙ୍କ ବିଷୟରେ ମୁଁ ମତାମତ ଦେବାକୁ ଆରମ୍ଭ କଲି ।

ଧାଡ଼ି ମୁଣ୍ଡରେ ବସିଥିବା ବ୍ରାହ୍ମଣ ତିନିଜଣ ପ୍ରଖ୍ୟାତ ଜଣେ ମହାରାଜାଙ୍କ ପରିଜନ । ତାଙ୍କ ପାଖରେ ଥୁଆହୋଇ ଥିବା ବଡ଼ ବଡ଼ ତମ୍ବା କଳସଗୁଡ଼ିକରେ ମହାରାଜାଙ୍କ ପାଇଁ ସେମାନେ ଗଙ୍ଗାଜଳ ନେଉଛନ୍ତି । ମହାରାଜା ଅନ୍ୟ ଜଳ ବ୍ୟବହାର କରନ୍ତି ନାହିଁ । ଏପରିକି ଯାତ୍ରା କରିବାବେଳେ ମଧ୍ୟ ତାଙ୍କ ସହିତ ଗଙ୍ଗାଜଳ ବୁହାହୋଇ ଯାଏ । ଲୋକ ମତରେ ନଈର ଡାହାଣ କୂଳର ଗଙ୍ଗାଜଳ ବାଁ କୂଳର ଜଳ ଅପେକ୍ଷା ପବିତ୍ର । କଳସ ସବୁ ଗଙ୍ଗା ଡାହାଣ କୂଳରେ ପୂର୍ଣ୍ଣ କରାସିବା ପରେ ଚକଟାମାଟି ପଟି ଦିଆ ହୋଇ ମୁହଁ ବୁଜାଯାଇଛି । ରେଲ ଓ ଷ୍ଟିମର ଯୋଗେ ଦୀର୍ଘ ଅଶୀ ମାଇଲ ଯାତ୍ରା କରି ସେମାନେ ରାଜନଅରରେ ପହଞ୍ଚିବେ । ବ୍ରାହ୍ମଣ ପାଖରେ ବସିଥିବା ମୁସଲମାନ ତୁଳାଭଣାଟି କାମ ଖୋଜି ଏଣେତେଣେ ଘୂରି ବୁଲେ । ପାଖରେ ତା ଧନୁଟି ରହିଛି । ସେଥିରେ ବିଣ୍ଡା ବାନ୍ଧି ଯାଇଥିବା ପୁରୁଣା ତୁଳାକୁ ଭଣି ସେ ରେଶମ ପରି ନରମ କରିଦିଏ । ତାପରେ ବସିଥିବା ତିବ୍ବତୀୟ ଲାମା ଦୁଇଜଣ ଗୟାର ବୌଦ୍ଧପୀଠମାନଙ୍କରୁ ତୀର୍ଥ କରି ଫେରୁଛନ୍ତି । ଆମେ ଶୀତରେ ଥରୁଥିବାବେଳେ ଗରମରେ ଲାମା ଦୁହିଁଙ୍କ କପାଳରେ ଟୋପା ଟୋପା ଝାଳ ଦେଖାଯାଉଛି । ଲାମାଙ୍କ ପାଖରେ ନେପାଳର ପାହାଡ଼ିଆ ଅଞ୍ଚଳର ଲୋକ ଚାରିଜଣ । ପ୍ରତ୍ୟେକେ ଦୁଇଟି କରି କାଚକଳସୀ ଚାଙ୍ଗୁଡ଼ିରେ ପୁରାଇ ବାଡ଼ି ଅଗରେ ଅତି ସାବଧାନରେ ଝୁଲାଇ ଧରିଛନ୍ତି । କଳସୀଗୁଡ଼ିକ ବନାରସରେ ପବିତ୍ର ଗଙ୍ଗାଜଳରେ ପୂର୍ଣ୍ଣ କରାଯାଇଛି । ପୂଜାପର୍ବରେ ଦରକାର ପଡୁଥିବାରୁ ଦେଶରେ ପହଞ୍ଚି ଏମାନେ ନିଜ ଗାଁ ଓ ଆଖପାଖ ଗାଁମାନଙ୍କରେ ଗଙ୍ଗାଜଳତକ ଟୋପା ହିସାବରେ ବିକିବେ । ଧାଡ଼ି ଶେଷରେ ବସିଥିବା ଲୋକଟି ସହିତ ମୁଁ ବହୁକାଳରୁ ପରିଚିତ । ସେ ମୋର ଜଣେ ଶ୍ରମିକର ବାପ । ନଈ ସେପାରିରେ ନିଜ ଚାଷଜମିରେ ହଳ ବୁଲାଇବାକୁ ସେ ଯାଉଛି ।

ମୋ କଥାସବୁ ମନଦେଇ ଶୁଣିବା ପରେ ହଫ୍‌ଓ୍ୱେଟ୍ ବେଞ୍ଚରେ ଆମ ପାଖରେ ବସିଥିବା ଭାରତୀୟ ଭଦ୍ରଲୋକ ବିଷୟ ଜାଣିବାକୁ ଚାହିଁଲେ । ମୁଁ କହିଲି, "ଏ ଭଦ୍ରଲୋକ ଜଣେ ମୁସଲମାନ ଚମଡ଼ା ବ୍ୟବସାୟୀ । ଗୟାରୁ ମୁଜାଫରପୁର ଯାଉଛନ୍ତି ।" ମୋ ପାଟିରୁ କଥା

Digitized by srujanika@gmail.com

ନ ପରୁଣ୍ଡ ଭଦ୍ରଲୋକ ସଲଜି ବସି ବଡ଼ପାଟିରେ ହସିଉଠିଲେ । ତା'ପରେ ମୋତେ ଅନାଇ ଶୁଦ୍ଧ ଇଂରାଜୀରେ ସେ କହିଲେ, "ଆପଣ ମୋ ବିଷୟରେ ଓ ଅନ୍ୟ ଯାତ୍ରୀଙ୍କ ବିଷୟରେ ଯାହା ଯାହା କହିଲେ, ସବୁ ବେଶ୍ ଆମୋଦ ସହିତ ମୁଁ ଶୁଣୁଥିଲି ।" ଭଦ୍ରଲୋକ ଇଂରାଜୀ ଜାଣିଥିବେ ବୋଲି ମୁଁ ଆଦୌ ଭାବିନଥିଲି । ତାଙ୍କ ମୁହଁରୁ ଇଂରାଜୀ ଶୁଣି ଲାଜରେ ନାଲିପଡ଼ିଗଲି । ଭଦ୍ରଲୋକ କହିଚାଲିଲେ, "ଗୋଟିଏ କଥା ବାଦ୍‌ଦେଲେ ଆପଣଙ୍କ ଅନୁମାନ ସବୁ ପୁରାପୁରି ଠିକ୍ । ମୁଁ ଜାତିରେ ମୁସଲମାନ । ଗୟାରୁ ମୁଜାଫରପୁର ଯାଉଥିବା କଥା ଆପଣ କେମିତି ଜାଣିଲେ ବୁଝିପାରୁନାହିଁ । ଗୟାରେ ରେଲ ଟିକଟ କିଣିବା ପରେ ମୁଁ କାହାକୁ ତ ଦେଖାଇ ନାହିଁ ! କିନ୍ତୁ ମୋତେ ଚମଡ଼ା ବେପାରୀ ବୋଲି ଯାହା କହିଲେ, ସେଇଠି ଟିକିଏ ଭୁଲ ରହିଗଲା । ମୁଁ ଚମଡ଼ା ବେପାର କରେନା—ତମାଖୁ ବ୍ୟବସାୟ କରେ ।"

× × ×

ବିଶିଷ୍ଟ ବ୍ୟକ୍ତିମାନେ ଘାଟରେ ପହଞ୍ଚିଲେ ସ୍ୱତନ୍ତ୍ର ଷ୍ଟିମରଦ୍ୱାରା ଠିକ୍ ସମୟରେ ସେମାନଙ୍କୁ ନଈ ପାରି କରାଇବା ମୋର ଦାୟିତ୍ୱ । ଥରେ ନେପାଳର ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ରେଲଯୋଗେ ଆସି ସାମାରିଆ ଘାଟରେ ପହଞ୍ଚିଲେ । ନେପାଳର ରାଜଧାନୀ କାଠମାଣ୍ଡୁରୁ ସେ ସପରିବାର କଲିକତା ଯାତ୍ରାକରୁଥାନ୍ତି । ମନ୍ତ୍ରୀଙ୍କ ଗହଣରେ ଅନ୍ତଃପୁରର କୋଡ଼ିଏ ଜଣ ମହିଳା, ମନ୍ତ୍ରୀଙ୍କ ସଚିବ ଓ ସେବକ ପରିଜନ ମିଶି ଅନେକ ଲୋକ । ସେମାନଙ୍କୁ ସସମ୍ମାନେ ପାଛୋଟି ନେବା ପାଇଁ ମୁଁ ଟରିବେଲୁ ଷ୍ଟେସନରେ ଅପେକ୍ଷା କରିଥାଏ । ଗାଡ଼ି ଅଟକିବା ମାତ୍ରେ ନେପାଳର ଜାତୀୟ ପୋଷାକ ପରିଧାୟୀ ଅତି ଦୀର୍ଘକାୟ ଜଣେ ଲୋକ ଗାଡ଼ିରୁ ଡେଇଁପଡ଼ି ମନ୍ତ୍ରୀଙ୍କ ରେଲ କୋଠରି ପାଖକୁ ଚାଲି ଆସିଲା ଓ ବଡ଼ ଛତାଟିଏ ମେଲାଇ ଡାହାଣ ହାତ ଅଣ୍ଟାରେ ରଖି ଦ୍ୱାରକୁ ପିଠି ଲଗାଇ ଅପେକ୍ଷା କରି ଛିଡ଼ାହୋଇଗଲା । ସୁନାର ଗୋବମରା ବାଡ଼ିଟିଏ ଧରି ପ୍ରଧାନମନ୍ତ୍ରୀ ଦ୍ୱାର ଖୋଲି ବାହାରିଲେ ଓ ସିଧାସଳଖ ଯାଇ ଲୋକଟିର ହାତ ଉପରେ ବସିପଡ଼ିଲେ । ଲୋକଟି ମନ୍ତ୍ରୀଙ୍କୁ ହାତରେ ବସାଇ ଛତା ଟେକି ସରୁବାଲିରେ ଅନାୟାସରେ ଉନ୍ମତ୍ତହି ଗଜ ବାଟ ଚାଲି ଷ୍ଟିମର ପାଖରେ ତାଙ୍କୁ ପହଞ୍ଚାଇଦେଲା । ଲୋକଟିର ଶକ୍ତି ଦେଖି ମୁଁ ଅବାକ୍ ହୋଇଗଲି । ସଚିବଙ୍କ ସହିତ ପୂର୍ବରୁ ମୋର ପରିଚୟ ଥିଲା । ଏଭଳି କସରତ କେବେ ଦେଖିନାହିଁ ବୋଲି ମୁଁ କଥା ପ୍ରସଙ୍ଗରେ କହିବାରୁ ସଚିବ କହିଲେ ଯେ ଯାନବାହନର ଅନ୍ୟ ବ୍ୟବସ୍ଥା ନ ଥିଲେ ପ୍ରଧାନମନ୍ତ୍ରୀ ଏ ଲୋକକୁ ବାହକ ରୂପେ ବ୍ୟବହାର କରନ୍ତି । ଲୋକଟି ନେପାଳର ଅଧିବାସୀ ବୋଲି ସେ କହିଲେ । ତା କହିବା ବାଲି ଦେଖି ମୁଁ କିନ୍ତୁ ଅନୁମାନ କଲି ଯେ ସେ ଉତ୍ତର ଇଉରୋପର ଲୋକ । କୌଣସି କାରଣରୁ ନିଜ ଦେଶ ଛାଡ଼ି ଭାରତ ସୀମାନ୍ତର ଏହି ସ୍ୱାଧୀନ ରାଜ୍ୟରେ ସେ ଚାକିରି କରୁଛି ।

Digitized by srujanika@gmail.com

ମନ୍ତ୍ରୀଙ୍କ ଷ୍ଟିମର ପାଖକୁ ନଆସିବାବେଳେ ଚାରିଜଣ ଲୋକ କଳା ରେଶମର ଚାରିକୋଣିଆ ଚାନ୍ଦୁଆଟିଏ ଆଣି ଗୋଟିଏ ରେଳ କୋଠରି ସାମନାରେ ବସ୍ତାଇ ଦେଲେ । ବାରଫୁଟ ଲମ୍ବ ଓ ଆଠଫୁଟ ଓସାର ଏହି ଚାନ୍ଦୁଆ ଚାରିକୋଣରେ ଫିତାର ଫାଶ ଲାଗିଥାଏ । ଚାରିକୋଣରେ ରୁପାର ଖୁଣ୍ଟି ଚାରୋଟି ଖଞ୍ଜା ଯାଇ ତାହା ଆଗରେ ଥିବା ଆଙ୍କୁଶୀଗୁଡ଼ିକୁ ଫାଶରେ ଗଳାଇ ଦିଆଗଲା । ଚାରିକଡ଼ରୁ ପରଦା ଖସାଇ ଚାନ୍ଦୁଆ ଢେକଦେବା ମାତ୍ରେ ତାହା ବାକ୍ସ ପରି ଢେଉବାଡ଼ଟିଏ ହୋଇଗଲା । ବାହକମାନେ ତାହାକୁ ଦ୍ୱାର ମୁହଁକୁ ଲଗାଇ ଧରି ସେହି ପାଖ ପରଦା ଢେକ ଦେଲେ । ଅନ୍ଦର ମହଲର ମହିଳାମାନେ ଢେଉବାଡ଼ରେ ପଶିଯିବାମାତ୍ରେ ପରଦାଟି ପୁଣି ଖସାଇ ଦିଆଗଲା । ବାହକ ଚାରିଜଣ ରୁପାଖୁଣ୍ଟି ଧରି ବାହାରେ ବାହାରେ ଚାଲିଲେ । ପରଦାତଳୁ ମହିଳାମାନଙ୍କ ଚକ୍‌ଚକିଆ ଚମଡ଼ା ଜୋତା ପରିହିତ ପାଦଗୁଡ଼ିକ କେବଳ ପଦାକୁ ଦିଶୁଥାଏ । ଷ୍ଟିମର ତଳମହଲରେ ପହଞ୍ଚିବା ପରେ ପରଦା ପୁଣି ଢେକା ହେଲା ଓ ମହିଳାମାନେ ଦ୍ରୁତ ଗତିରେ ପାହାଚ ଚଢ଼ି ଉପର ମହଲକୁ ଚାଲିଗଲେ । ଉପରେ ପ୍ରଧାନମନ୍ତ୍ରୀଙ୍କ ସହିତ ମୁଁ କଥାବାର୍ତ୍ତା ହେଉଥିଲି । ମହିଳାମାନେ ପହଞ୍ଚିବା ମାତ୍ରେ ମୁଁ ଚାଲିଯିବାକୁ ଅନୁମତି ମାଗିଲି । ମୋତେ ବୁଝାଇ ଦିଆଗଲା ଯେ କେବଳ ସର୍ବସାଧାରଣଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ଢେଉବାଡ଼ ବ୍ୟବହାର କରାଯାଏ । ମୁଁ ସାଧାରଣ ଲୋକ ନୁହେଁ; ସୁତରାଂ ସେଠାରୁ ମୋର ଚାଲିଯିବାର ଆବଶ୍ୟକତା ନାହିଁ । ମନ୍ତ୍ରୀ ପରିବାରର ଏହି ସମ୍ଭ୍ରାନ୍ତ ମହିଳାମାନଙ୍କ ପରିଧାନ ଓ ବେଶଭୂଷା ବର୍ଣ୍ଣନା କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ଦେହକୁ ଜଡ଼ାଇ ସେମାନେ ସୁନ୍ଦର ରଙ୍ଗୀନ କାଞ୍ଚୁଲିମାନ ପିନ୍ଧିଥାଆନ୍ତି । ତଳେ ଦାମିକା ଝଲମଲ ରେଶମର ଢିଲା ପାଇଜାମା । ପ୍ରତି ପାଇଜାମାରେ ଚାଳିଶଗଜ ରେଶମ ଲାଗେ । ବୟସ ସମସ୍ତଙ୍କର ଷୋହଳରୁ ଅଠର ଭିତରେ । ନାନାରଙ୍ଗର ସୁନ୍ଦର ପୋଷାକମାନ ପିନ୍ଧି ମନ ଆନନ୍ଦରେ ସେମାନେ ଏଣେତେଣେ ଛୁଟି ବୁଲିବା ବେଳେ ବିଚିତ୍ର ବର୍ଣ୍ଣର କେତୋଟି ରଙ୍ଗିନ ପ୍ରଜାପତିପରି ଦେଖାଯାଉଥାଆନ୍ତି ।

ପ୍ରଧାନମନ୍ତ୍ରୀଙ୍କୁ କଲିକତା ନେବାପାଇଁ ସ୍ୱତନ୍ତ୍ର ରେଲଗାଡ଼ି ମୋକାମା ଘାଟରେ ଅପେକ୍ଷା କରିଥିଲା । ମନ୍ତ୍ରୀ ଓ ମହିଳାମାନଙ୍କୁ ଷ୍ଟିମରରୁ ଗାଡ଼ିପାଖକୁ ନେବାବେଳେ ପୂର୍ବ ଯାତ୍ରାବିଧିର ପୁନରାବୃତ୍ତି ହେଲା । ମନ୍ତ୍ରୀଙ୍କ ସହିତ ପର୍ବତ ପ୍ରମାଣ ମାଲ୍‌ପତ୍ର ଆସିଥାଏ । ସେଗୁଡ଼ିକ ବୋଝାଇ ସରିବା ପରେ ଗାଡ଼ି ଛାଡ଼ିଲା । ଦଶଦିନ ପରେ ମନ୍ତ୍ରୀ ସଦଳବଳେ କଲିକତାରୁ ଫେରି ସାମାରିଆ ଘାଟରୁ ସ୍ୱତନ୍ତ୍ର ରେଲଗାଡ଼ି ଯୋଗେ କାଠମାଣ୍ଡୁ ଯାତ୍ରା କଲେ । ସେହିଠାରେ ସେମାନଙ୍କୁ ବିଦାୟ ଦେଇ ମୁଁ ଫେରିଲି ।

କିଛିଦିନ ପରର କଥା । ଗୋଟିଏ ଜରୁରି ରିପୋର୍ଟ ଲେଖିବାରେ ମୁଁ ବ୍ୟସ୍ତଥାଏ । ରିପୋର୍ଟଟି ସେହି ରାତିରେ ପଠାଯିବ । ଦପ୍ତରଖାନାରେ ନିରୋଳାରେ ବସି କାମ କରୁଛି, ହଠାତ୍ ଏତିକବେଳେ ମନ୍ତ୍ରୀଙ୍କ ସଚିବ ଭିତରକୁ ପ୍ରବେଶ କଲେ । ସାମାରିଆ ଘାଟରେ ତାଙ୍କୁ ବିଦାୟ ଦେବା ବେଳେ ତାଙ୍କ ଆଚରଣ ବା ପରିଧାନରେ ବାରିବାକୁ କିଛି ନ ଥିଲା ।

Digitized by srujanika@gmail.com

ସେହି କେଇ ଦିନ ଭିତରେ ତାଙ୍କ ରୂପଭେକ ପୁରା ବଦଳି ଯାଇଥିବା ଦେଖି ଆଶ୍ଚର୍ଯ୍ୟ ହେଲି । ପୋଷାକପତ୍ର ଲେଗ୍‌କୋଟ୍ ଆଉ ମଇଳା । କେତେ ରାତି ନ ଶୋଇଥିଲା ପରି ସେ ଦିଶୁଥାଆନ୍ତି । ଆସନ ଗ୍ରହଣ କରିବା ମାତ୍ରେ କୌଣସି ଅବତାରଣା ନ କରି ଘୋର ବିପଦରେ ପଡ଼ିଛନ୍ତି ବୋଲି ସେ ସବେଗରେ ପ୍ରକାଶ କଲେ । ତା ପରେ ସେ ଯାହା ଯାହା କହିଲେ, ତଳେ ତାହା ଉଦ୍ଧାର କରୁଛି ।

"ଆମ କଲିକତା ରହଣିର ଶେଷଦିନ ପ୍ରଧାନମନ୍ତ୍ରୀ ତାଙ୍କ ପରିବାରର ମହିଳାମାନଙ୍କୁ ନେଇ ବିଖ୍ୟାତ ଅଲଙ୍କାର ଦୋକାନ ହାମିଲ୍‌ଟନ୍ ଆଣ୍ଡ୍ କୋଃକୁ ଗଲେ । ପସନ୍ଦ ମୁତାବକ ଅଲଙ୍କାର ବାଛିବା ପାଇଁ ମହିଳାମାନଙ୍କୁ କୁହାଗଲା । ନେପାଳରୁ ବାହାରକୁ ଗଲେ ଖର୍ଚ୍ଚ କରିବାକୁ ସଙ୍ଗରେ ଯଥେଷ୍ଟ ନଗଦ ଟଙ୍କା ଆମେ ଆଣିଥାଉ । ରୁପା ଟଙ୍କା ଗଣା ହୋଇ ଅଲଙ୍କାରର ଦାମ୍ ଦିଆହେଲା । ମୁଁ ବାକ୍ସଟିଏ ସଙ୍ଗରେ ନେଇଥିଲି । ଅଲଙ୍କାରପତ୍ର ସେଥିରେ ସଜାଡ଼ି ରଖି ଦୋକାନଦାର ଜଉମୁଦରେ ନିଜ ମୋହର ମାରି ବାକ୍ସ ମୁହଁ ବନ୍ଦ କରିଦେଲେ । ଏସବୁ କରୁ କରୁ ଅନେକ ଡେରି ହେଲା । ତେଣେ ଷ୍ଟେସନରେ ଗାଡ଼ି ଆମକୁ ଅପେକ୍ଷା କରିଥାଏ । ଦୋକାନରୁ ତରତରରେ ଫେରି ହୋଟେଲରୁ ଜିନିଷପତ୍ର ଓ ଲୋକବାକଙ୍କୁ ଏକାଠି କରି ଆମେ ଅତି ଶୀଘ୍ର ଯାଇ ଷ୍ଟେସନରେ ପହଞ୍ଚିଲୁ ।"

"କାଠମାଣ୍ଡୁରେ ପହଞ୍ଚିବା ବେଳକୁ ରାତି । ପରଦିନ ସକାଳେ ପ୍ରଧାନମନ୍ତ୍ରୀ ମୋତେ ଡକାଇ ଅଲଙ୍କାର ବାକ୍ସଟି ମାଗିଲେ । ଦୋକାନରୁ ଫେରିବା ପରେ ବାକ୍ସଟିକୁ ମୋଟରରୁ ମୁଁ ନିଜେ ହୋଟେଲଠାରେ ଓହ୍ଲାଇଦେଇଥିଲି । କିନ୍ତୁ ହୋଟେଲରୁ ବାହାରିବା ଓ କାଠମାଣ୍ଡୁରେ ପହଞ୍ଚିବା ଭିତରେ ବାକ୍ସଟିକୁ ମୁଁ ଆଉ ଦେଖି ନଥିଲି । ଉଅସର ଅନ୍ଧସନ୍ଧି ସବୁ ତନ୍ନତନ୍ନ କରି ଖୋଜାହେଲା । ଆମ ସଙ୍ଗରେ ଯାଇଥିବା ଲୋକମାନଙ୍କୁ ଅନେକ ପଚରା ଉଚରା କରାଗଲା । ଶେଷ ସୁଦ୍ଧା ବାକ୍ସର ପତ୍ତା ମିଳିଲା ନାହିଁ । ବାକ୍ସଟି ମୋ ଦାୟିତ୍ୱରେ ଥିବାବେଳେ ହଜିଛି । ଆମ ଦେଶର ଆଇନ ଦୃଷ୍ଟିରେ ଏହା ଅତି ଗୁରୁତର ଅପରାଧ । ବାକ୍ସ ନ ମିଳିଲେ ଚାକିରି ହରାଇବା ଛଡ଼ା ମୋତେ ଆହୁରି ଦଣ୍ଡ ଭୋଗିବାକୁ ପଡ଼ିବ ।"

"ନେପାଳରେ ଏକ ପର୍ବତଗୁମ୍ଫାରେ ରହୁଥିବା ସିଦ୍ଧଯୋଗୀ ଜଣେ ଦିବ୍ୟଦର୍ଶୀ ବୋଲି ଲୋକମୁଖରୁ ଶୁଣାଯାଏ । ବନ୍ଧୁମାନଙ୍କ ପରାମର୍ଶରେ ସେହି ଗୁମ୍ଫାରେ ପହଞ୍ଚି ଯୋଗୀଙ୍କୁ ଦୁଃଖ ଜଣାଇଲି । ଯୋଗୀ କିଛି ନ ପଚାରି ନୀରବରେ ସବୁ ଶୁଣିଲେ ଓ ପରଦିନ ସକାଳୁ ତାଙ୍କୁ ପୁଣି ଭେଟିବାକୁ ଆଦେଶ ଦେଲେ । ପରଦିନ ସକାଳୁ ସେଠାରେ ପହଞ୍ଚିଲି । ଯୋଗୀ କହିଲେ ଯେ ପୂର୍ବରାତିରେ ସ୍ୱପ୍ନରେ ସେ ଗୋଟିଏ ନଈକୂଳରୁ ଅଳ୍ପ ଦୂରରେ ବଣିଘରିଏ ଘର ଦେଖିଛନ୍ତି । ଘରର ପୂର୍ବପଟେ ଗୋଟିଏ ମାତ୍ର କବାଟ । ବାକ୍ସ ବସ୍ତାନି ଆଦି ନାନା ରକମର ସାମାନ ସେ ଘରକୋଣରେ ଗଦା ହୋଇଛି । ସେହି ଗଦା ତଳେ ଅଲଙ୍କାର ବାକ୍ସଟି ଅଛି ଓ ବାକ୍ସ ମୁହଁରେ ଜଉମୁଦ ଏ ପର୍ଯ୍ୟନ୍ତ ଅକ୍ଷତ ରହିଛି । ଯୋଗୀ ସେତିକ ଛଡ଼ା ଆଉ କିଛି

Digitized by srujanika@gmail.com

କହିପାରିଲେ ନାହିଁ । ସେ ସ୍ୱପ୍ନରେ ଦେଖିଥିବା ନଈଟି ଗଙ୍ଗାନଦୀ ହୋଇଥିବ ବୋଲି ଆଶା- ହେଲା । ଦେଶ ଛାଡ଼ି ବାହାରକୁ ଯିବାକୁ ସପ୍ତାହେ ମହଲତ ମାଗି ଆପଣଙ୍କ ସାହାଯ୍ୟ ଆଶାରେ ଏତେ ଦୂର ଧାଇଁ ଆସିଛୁ ।'' ଏକଥା କହୁ କହୁ ସଚିବଙ୍କ ଆଖି ଛଳଛଳ ହୋଇଗଲା । ଉତ୍କଣ୍ଠା ଓ ଆବେଗରେ କଣ୍ଠରୋଧ ହୋଇ ସ୍ୱର ଭାଙ୍ଗି ଭାଙ୍ଗି ଯାଉଥାଏ । ସ୍ୱପ୍ନାଦେଶ ଉପରେ ଅଟଳ ବିଶ୍ୱାସ ରଖି ସେ ଏଠାକୁ ଆସିଛନ୍ତି—ଏଥିରେ ସନ୍ଦେହ ନାହିଁ । ଦିବ୍ୟଦୃଷ୍ଟି ଦ୍ୱାରା ହଜିଥିବା ଜିନିଷର ସନ୍ଧାନ ମିଳେ ବୋଲି ହିମାଳୟ ଅଞ୍ଚଳର ଲୋକେ ଦୃଢ଼ ବିଶ୍ୱାସ କରନ୍ତି । ଦେଢ଼ଲକ୍ଷ ଟଙ୍କାର ଅଲଙ୍କାର କେହି ନେଇଯିବା ପୂର୍ବରୁ ବାକ୍ସଟି ହସ୍ତଗତ କରିବା ପାଇଁ ସଚିବ ଅତି ବ୍ୟାକୁଳ ହୋଇ ପଡ଼ିଥାଆନ୍ତି ।

ମାଲ୍‌ପତ୍ର ରଖିବା ପାଇଁ ମୋକାମା ଘାଟରେ ଗୋଦାମ ଘରର ଅଭାବ ନାହିଁ । ଯୋଗୀଙ୍କ ବର୍ଣ୍ଣନା ସହିତ ସେଥିରୁ କୌଣସିଟି ଖାପ ଖାଇଲା ନାହିଁ । ତେବେ ମୋକାମା ଜଙ୍କ୍‌ସନ୍‌ର ପାର୍ଶଲ ଘର ସହିତ ତାଙ୍କ ବର୍ଣ୍ଣନାର ଅନେକ ମେଳ ଥିବା ପରି ମନେହେଲା । ମୋକାମା ଜଙ୍କ୍‌ସନ୍ ସେଠାରୁ ଦୁଇ ମାଇଲ ଦୂର । ଟମ୍ କେଲିଙ୍କଠାରୁ ଟ୍ରଲି ମଗାଇ ରାମଶରଣଙ୍କ ସହିତ ସଚିବଙ୍କୁ ସେଠାକୁ ପଠାଇଲି । ଜଙ୍କ୍‌ସନ୍‌ର ପାର୍ଶଲ କିରାଣି ସେଭଳି ବାକ୍ସ ବିଷୟରେ କିଛି ଜାଣନ୍ତି ନାହିଁ ବୋଲି କହିଲେ । ମାଲ୍‌ପତ୍ରସବୁ ପଦାକୁ କାଢ଼ି ପାର୍ଶଲ ଘରେ ଖୋଜାଖୋଜି କରିବା ବିରୁଦ୍ଧରେ ସେ ଆପତ୍ତି ଉଠାଇଲେ ନାହିଁ । ସବୁ ଜିନିଷ ପ୍ଲାଟଫର୍ମକୁ କଢ଼ାଯିବା ପରେ ଗଦା ତଳୁ ବାକ୍ସଟି ମିଳିଲା । ବାକ୍ସ ମୁହଁରେ ଜଉମୁଦ ନୂଆ ପରି ରହିଥାଏ ।

କିରାଣିଙ୍କ ଅଜାଣତରେ ସେ ବାକ୍ସ ପାର୍ଶଲ ଅଫିସକୁ କିପରି ଆସିଲା—ଏହି ପ୍ରଶ୍ନ ନେଇ ନାନା ଘାଣ୍ଟଚକଟ ଆରମ୍ଭ ହୋଇଗଲା । ଷ୍ଟେସନ ମାଷ୍ଟର ନିଜେ ଆସି ତଦନ୍ତ କରିବା ପରେ ଜଣାପଡ଼ିଲା ଯେ ଜଣେ ଝାଡ଼ୁଦାର ବାକ୍ସଟି ସେଠାରେ ରଖି ଦେଇଥିଲା । ଝାଡ଼ୁଦାରଟି ଷ୍ଟେସନର ସବୁ କର୍ମଚାରୀଙ୍କଠାରୁ କମ୍ ଦରମା ପାଏ । ପ୍ରଧାନମନ୍ତ୍ରୀ ମୋକାମା ଘାଟରେ ଓହ୍ଲାଇଯିବା ପରେ ରେଳଗାଡ଼ିରେ ଝାଡ଼ୁ ଦେବାକୁ ଯାଇ ସେ ଦେଖିଲା ଯେ ଗୋଟିଏ କୋଠରିରେ ଆସନ ତଳେ ବାକ୍ସଟି ରହିଯାଇଛି । କାମ ସାରି ବାକ୍ସଟିକୁ ପାଏ ବାଟ ବୋହି ନେଇ ସେ ପାର୍ଶଲ ଘରେ ପହଞ୍ଚାଇଲା । ସେତେବେଳେ ପାର୍ଶଲ ଘରେ ବା ଷ୍ଟେସନରେ କେହି ନ ଥିଲେ । ବାକ୍ସ କାହାକୁ ଜମା ଦେବ ବୁଝି ନ ପାରି ସେ ତାକୁ ପାର୍ଶଲ ଘର କୋଣରେ ଥୋଇ ଦେଇ ଚାଲିଗଲା । ଗରିବ ଝାଡ଼ୁଦାରର ସଚ୍ଚୋଟପଣିଆ ଆମକୁ ମୁଗ୍ଧ ଓ ଆଚମ୍ବିତ କରିଦେଲା । ସେ କାନ୍ଦୁ କାନ୍ଦୁଣି ମାନ୍ଦୁଣି ହୋଇ କହୁଥାଏ ଯେ ତାର ଦୋଷ ହୋଇଥିଲେ ତାହା ମାଫ୍ କରାଯାଉ ।

✱ ✱ ✱

Digitized by srujanika@gmail.com

ଅବିବାହିତ ଲୋକଙ୍କ ଦୈନନ୍ଦିନ ଜୀବନ କ୍ରମେ ଗୋଟିଏ ଗତରେ ପଡ଼ିଯାଏ । ତାଙ୍କ ଚାକରବାକରଙ୍କ କାର୍ଯ୍ୟକଳାପ ମଧ୍ୟ ସେହି ଗ୍ରୁଷରେ ଗଢ଼ିଉଠେ । ମୁଁ ଓ ମୋ ଚାକରମାନେ ଏଥିରୁ ବାଦ୍ ଗଲୁନାହିଁ । କାମ ଭିଡ଼ ନ ଥିଲେ ଠିକ୍ ରାତି ଆଠଟାବେଳେ ବଙ୍ଗଳାକୁ ଫେରି ମୁଁ ଗରମ ପାଣିରେ ଗାଧାଏ । ଚାକର ସେତିକବେଳକୁ ବାହାର ବାରଣ୍ଡାରେ ମୋ ଅପେକ୍ଷାରେ ବସିଥାଏ । ମୋତେ ଦେଖିଦେବା ମାତ୍ରେ ଗାଧୁଆପାଣି ସଜଳ କରିବା ପାଇଁ ପାଣିବାଲାକୁ ସେ ଡାକନ୍ଦଏ । ବଙ୍ଗଳାରେ ତିନି ବଖରା ଘର; ପ୍ରତି ଘରୁ ବାହାର ବାରଣ୍ଡାକୁ ବାଟ । କୋଠରିଗୁଡ଼ିକୁ ମୁଁ ଯଥାକ୍ରମେ ଖାଇବା ଘର, ବୈଠକଖାନା ଓ ଶୋଇବା ଘର ଭାବେ ବ୍ୟବହାର କରେ । ଶୋଇବା ଘରକୁ ଲାଗିଥିବା ଦଶଫୁଟ ଲମ୍ବ ଓ ଛଅ ଫୁଟ ଓସାର ଗାଧୁଆ ଘରର ଦୁଇଟି କବାଟରୁ ଗୋଟିଏ ବାହାର ବାରଣ୍ଡାକୁ ଓ ଆରଟି ଶୋଇବା ଘରକୁ ଖୋଲେ । ଶୋଇବା ଘରର ବିପରୀତ ପାଖରେ ଗାଧୁଆ ଘର ବାହାର କାନ୍ଥରେ ଚଟାଣରୁ ଦଶଫୁଟ ଉଚ୍ଚରେ ଗ୍ଲେଟ ଝରକାଟିଏ । ଗାଧୁଆ ଘରର ଅସବାବ ଭିତରେ ଅଣ୍ଡାପରି ଆକୃତିର କାଠକୁଣ୍ଡଟିଏ । କୁଣ୍ଡଟି ବେଶ୍ ଲମ୍ବ ହୋଇଥିବାରୁ ପାଣିରେ ପଶି ସହଜରେ ଗାଧୋଇ ହୁଏ । ଛିଡ଼ା ହୋଇ ପାଣି ଢାଳି ହେବାପାଇଁ କୁଣ୍ଡ ପାଖରେ ପଡ଼ିଥିବା ପିଢ଼ାଟିରେ ପାଣି ନିଗିଡ଼ି ଯିବାପାଇଁ ଫୋଡ଼ଗୁଡ଼ିଏ । ଦୁଇଟି ମାଠିଆରେ ଥଣ୍ଡା ପାଣି ରଖା ହୋଇଥାଏ । ଗାଧୁଆର ଆୟୋଜନ ସବୁ ସାରି ଚାକର ଗାଧୁଆ ଘରର ବାରଣ୍ଡାପଟ କବାଟ ଭିତରୁ କିଲି ଦେଇ ଶୋଇବା ଘରବାଟେ ବାହାରେ ଓ ଜୋତା ହଳକ ଶୋଇବା ଘରୁ ଗୋଟାଇ ନେଇ ସଫା କରିବାକୁ ରୋଷାଇ ଘର ଆଡ଼େ ଚାଲିଯାଏ । ମୁଁ ଗାଧୋଇ ସାରି ଖାଇବାକୁ ମାଗିବା ପର୍ଯ୍ୟନ୍ତ ସେ ସେଇଠି ଥାଏ ।

ସେଦିନ ରାତିରେ ଚାକର ରୋଷାଇ ଘରକୁ ଚାଲିଯିବା ପରେ ତଉଲିଟିଏ ଧରି ମୁଁ ଗାଧୁଆ ଘରେ ପଶିଲି । ଚଟାଣରେ ପାଣି ବାନ୍ଧିବା ପାଇଁ ନଅଇଞ୍ଚ ଉଚ୍ଚ ଓ ଛଅଇଞ୍ଚ ଓସାର କାନ୍ଥି ଦିଆ ଚୌବାଚ୍ଚା । ତଉଲିଟିକୁ କାନ୍ଥି ଉପରେ ଥୋଇ ଶୋଇବା ଘର ପଟ କବାଟ କିଲି ହୁଡ଼ୁକା ଲଗାଇ ଦେଲି । କବ୍ଜା ହୁଗୁଳି ଯାଇଥିବାରୁ ହୁଡ଼ୁକା ନ ଲଗାଇଲେ କବାଟ ବନ୍ଦ ରହେ ନାହିଁ । ଏହାପରେ କୁଣ୍ଡରେ ପଶି ଗାଧୁଆ ଆରମ୍ଭ କଲି । ସାରା ଦିନ କୋଇଲା ଗୋଦାମରେ କଟାଇ ମୁଁ ଯେପରି ବେପରବାୟ ଭାବେ ସାବୁନ୍ ବୋଳି ହୋଇ ଗାଧାଏ, ତାହା ଦେଖିଲେ ସାବୁନ୍ ବ୍ୟବସାୟୀମାନେ ଭାରି ଖୁସି ହୁଅନ୍ତେ । ସବୁ ଦିନ ପରି ଦେହରେ ମୁଣ୍ଡରେ ଭଲ ଭାବେ ସାବୁନ୍ ବୋଳି ହେବା ପରେ ସାବୁନ ତା ଜାଗାରେ ରଖିଦେବାକୁ ଆଖି ମେଲାଇ ଦେଇ ଦେଖିଲି ଯେ, ମୋ ପାଦରୁ କେଇଇଞ୍ଚ ଛଡ଼ାରେ ଗୋଖର ସାପଟାଏ କୁଣ୍ଡ ଫନ୍ଦ ଉପରକୁ ଫଣା ଟେକିଛି । ସାବୁନ୍ ଲଗାଇବା ବେଳେ ମୁଁ ହଲଚଲ୍ ହୋଇଥିବାରୁ କମ୍ପା ତା ଉପରେ ପାଣି ଛିଟିକା ପଡ଼ିବା ଯୋଗୁ ସାପ ରାଗରେ ଫଣା ମେଲାଇ ଜିଭ ଲହଲହ କରି ଏକଦୃଷ୍ଟିରେ ମୋତେ ଅନାଇଥାଏ । ଏ ପରିସ୍ଥିତିରେ ସାପ ଉପରୁ ଦୃଷ୍ଟି ନ ଉଠାଇ ହାତ ପୂର୍ବପରି ହଲାଇ ରଖି ପ୍ରଥମେ ପାଦ ଦୁଇଟା ହଟାଇ ଆଣିବା ଉଚିତ ଥିଲା । ତାପରେ

Digitized by srujanika@gmail.com

ଧୀରେ ଧୀରେ ଛଡ଼ା ହୋଇ ଅତି ସନ୍ତର୍ପଣରେ କବାଟ ଆଡ଼କୁ ପଛେଇଯିବା ହୁଏତ ସମ୍ଭବ ହୋଇଥାଆନ୍ତା । ସେତେବେଳେ କିନ୍ତୁ ସେ ବୁଦ୍ଧି ମୋତେ ଜୁଟିଲା ନାହିଁ । ଫନ୍ଦରେ ଭର ଦେଇ ହଠାତ୍ ଛଡ଼ା ହୋଇଯାଇ ଅନ୍ଧାରରେ ପଛକାନ୍ଥ ଉପରକୁ କୁଦି ପଡ଼ିଲି । ସିମେଣ୍ଟରେ ଗୋଡ଼ ଖସିଗଲା । ନିଜକୁ ସମ୍ଭାଳି ନେଇ ନେଇ କହୁଣୀରୁ ପାଣି ଝରି ଡିବିଟି ଧପ୍ କରି ଲିଭିଗଲା । କଟିକଟି ଅନ୍ଧାରରେ ଭାରତର ସବୁଠାରୁ ବିଷାକ୍ତ ସାପ ସହିତ ଷ୍ଟୋର ଘରଟିରେ ବନ୍ଦ ହୋଇ ରହିଗଲି । ପଛକୁ କିମ୍ବା ବାଁ ପାଖକୁ ପାଦୁଏ ଯାଇଥିଲେ କୌଣସି ଗୋଟିଏ କବାଟ ପାଖରେ ପହଞ୍ଚି ଯାଇଥାଆନ୍ତି । କିନ୍ତୁ ଅନ୍ଧାରରେ ଖୋଜ ପକାଇଲେ ସାପ ଉପରେ ଗୋଡ଼ ପଡ଼ିଯିବାର ଭୟ । କବାଟ ପାଖରେ ପୁଣି ଆହୁରି ବିପଦ । କବାଟ ଦୁଇଟିର ତଳ ଆଡ଼କୁ ହୁଡ଼ୁକା ଲାଗିଥାଏ । ପଳାଇବା ଚେଷ୍ଟାରେ ସାପ ମଧ୍ୟ କବାଟ ପାଖରେ ଥିବା ଖୁବ୍ ସମ୍ଭବ । ଅନ୍ଧାରରେ ହୁଡ଼ୁକା ଅଣ୍ଡାଳିବା ବେଳେ ସାପ ଉପରେ ହାତ ପଡ଼ିଗଲେ ସର୍ବନାଶ !

ରୋଷାଇଘର ବଙ୍ଗଳା ଆରପାଖରେ ସେଠାରୁ ପ୍ରାୟ ପଚିଶ ଗଜ ଦୂର । ଗୃହକର ସେଇଠି ଥିବ । ଯେତେ ପାଟି କରି ଡାକିଲେ ମଧ୍ୟ ତାକୁ ଶୁଭିବ ନାହିଁ । ତେବେ ବେଶି ଡେରି ଦେଖି ସେ ହୁଏତ ବିରକ୍ତ ହୋଇ ଏଣେ ଆସିପାରେ । କେହି ବନ୍ଧୁ ମଧ୍ୟ ସେ ଭିତରେ ବୁଲି ଆସି ପାରନ୍ତି । ଏ ସବୁ ଶୁଭଦ ପରିଣତି ଉଦ୍ଭାବନ କରି ନିଜକୁ ଦମ୍ଭ ଦେବା ସଙ୍ଗେ ସାପ ଚୋଟ ମାରିବା ପୂର୍ବରୁ କେହିହେଲେ ପହଞ୍ଚି ଯାଉ ବୋଲି ବିକଳରେ ମନପ୍ରାଣ ଲଗାଇ ପ୍ରାର୍ଥନା କରୁଥାଏ । ଅଳ୍ପ ଦିନ ପୂର୍ବେ ଘଟିଥିବା ମୋର ଜଣେ ଶ୍ରମିକର ଦୁର୍ଦ୍ଦଶା ମନେ ପଡ଼ି ଭୟ ଆହୁରି ବଢ଼ିଗଲା । ଲୋକଟି ତା ମଜୁରିତକ ରଖି ଆସିବା ପାଇଁ ଖରାବେଳେ ଘରକୁ ଫେରି ସିନ୍ଦୁକ ଫିଟାଇଥିବା ଅବସ୍ଥାରେ ପଛରୁ ଫୁଉ ଫୁଉ ଶବ୍ଦ ଶୁଣି ବୁଲି ଦେଖିଲା ଯେ ଖୋଲା କବାଟ ବାଟେ ଗୋଖର ସାପଟାଏ ତା' ଆଡ଼େ ଛୁଟି ଆସୁଛି । ଘରେ ସେଇ ଗୋଟିକ କବାଟ; ପଳାଇ ଯିବାକୁ ବାଟ ନାହିଁ । ବିଚରା କାନ୍ଥ ପର୍ଯ୍ୟନ୍ତ ପଛେଇ ଯାଇ ହାତରେ ଚୋଟ ଏଡ଼ାଇବାକୁ ଚେଷ୍ଟା କଲା । ପାଖପଡ଼ିଶାମାନେ ହୁରିହୁଲିର ଶୁଣି ପହଞ୍ଚିବା ବେଳକୁ ସାପ ତା ଗୋଡ଼ରେ ହାତରେ ସମୁଦାୟ ବାର ଥର ଚୋଟ ମାରିସାରିଲାଣି । କିଛି କରିବାର ଉପାୟ ଆଉ ନ ଥିଲା । ଲୋକଟି କେଇ ମିନିଟ୍ ମଧ୍ୟରେ ପ୍ରାଣ ହରାଇଲା ।

ଭୟଭୀତ ଅବସ୍ଥାରେ ସାମାନ୍ୟ ଅନୁଭୂତିଗୁଡ଼ିକ କଳ୍ପନାଦ୍ୱାରା ରୂପାନ୍ତରିତ ହୋଇ କି ଭୟଙ୍କର ଆକାର ନିଏ, ତାହା ସେହି କାଳରାତ୍ରରେ ମୁଁ ଭଲଭାବେ ଜାଣିଗଲି । ଦେହରୁ ପାଣି ଟୋପାଏ ନିଗିଡ଼ି ଆସିଲେ ମନହୁଏ ଚୋଟ ମାରିବା ପୂର୍ବରୁ ସାପ ତା ଲହଲହକା ଜିଭରେ ମୋତେ ଠାବ କରୁଛି । ସେଦିନ ସେ ଅନ୍ଧାର ଘରେ ସାପ ସହିତ କେତେ ସମୟ ବନ୍ଦ ହୋଇ ରହିଲି ଠିକ୍ କହିପାରୁନାହିଁ । ଗୃହକର ପରେ କହିଲା ଯେ ଗାଧୁଆ ଘରେ ମୁଁ ମୋଟେ ଅଧଘଣ୍ଟାଏ ଥିଲି । ସେଇ ଅଧଘଣ୍ଟାକ ସେଦିନ ଯୁଗେ ପରି ଲାଗିଲା । ଶେଷରେ ଖାଇବା ଘରେ ବଢ଼ାବଢ଼ି ହେଉଥିବାର ଶବ୍ଦ ଶୁଣି ମନେହେଲା ଯେପରି ସୁଖକର ଶବ୍ଦ

Digitized by srujanika@gmail.com

ଜୀବନରେ କେବେ ଶୁଣିନାହିଁ । ସ୍ତ୍ରୀକରଙ୍କୁ କବାଟ ପାଖକୁ ତାଙ୍କ ଅବସ୍ଥା ବୁଝାଇ ଶିଡ଼ି ଓ ଲଣ୍ଠନ ଆଣିବାକୁ ବନ୍ଦୋବସ୍ତ କଲି । କିଛି ସମୟ ଯାଏଁ ସବୁ ଶୂନ୍‌ଶାନ୍ । ତା' ପରେ ପଦାରୁ ପାଟିତୁଣ୍ଡ ଓ ବାହାର କାନ୍ଥରେ ଶିଡ଼ି ଲଗା ହେବାର ଶବ୍ଦ ଶୁଭିଲା । ମୋ ଲୋକ ଶିଡ଼ିରେ ଚଢ଼ି ଝରକା ବାଟେ ଲଣ୍ଠନ ଦେଖାଇଲେ । ଝରକା କାନ୍ଥ ବହୁତ ଉପରେ ଥିବାରୁ ଘରକୁ ଆଦୌ ଆଲୁଅ ପଡ଼ିଲା ନାହିଁ । ଝରକା କାଚ ଭାଙ୍ଗି ଲଣ୍ଠଣ ଭିତରକୁ ବଢ଼ାଇ ଦେବାକୁ କହିଲି । ଗ୍ରେଟ ଝରକାଟିରେ ଲଣ୍ଠଣ ସଳଖରେ ପଶୁ ନ ଥାଏ ଓ ଅଣାଇଦେବା ମାତ୍ରେ ତାହା ଲିଭିଯାଉଥାଏ । ଏହିପରି ତିନିଥର ଲିଭିବା ଲାଗିବା ପରେ ଲଣ୍ଠଣଟିକୁ ବହୁ କଷ୍ଟରେ ଝରକା ବାଟେ ପୂରା ଗଲା ।

ଆଲୁଅରେ ଦେଖିଲି ଯେ ସାପ ମୋ' ଠାରୁ ଠିକ୍ ଦୁଇ ଫୁଟ ଛଡ଼ାରେ ଶୋଇବା ଘର କବାଟ ପାଖରେ ଶୋଇଛି । ଗାଧୁଆ ପିଢ଼ାଟି ଅତି ସନ୍ତର୍ପଣରେ ଧୀରେ ଧୀରେ ଉଠାଇଲି ଓ ସାପ ମୋ ଆଡ଼େ ଆଗେଇବା ମାତ୍ରେ ଓଜନିଆ ପିଢ଼ାଟି ଲକ୍ଷ୍ୟ କରି ତା ଉପରକୁ ଫିଙ୍ଗିଲି । ଯୋଗକୁ ଲକ୍ଷ ଠିକ୍ ହେଲା । ପିଢ଼ା ସାପ ମୁଣ୍ଡରୁ ଛଅ ଇଞ୍ଚ ପଛରେ ପଡ଼ି ତା ବେକ ମାଡ଼ିବସିଲା । ସାପ ଲାଞ୍ଜ ଛଟଛଟ କରି ପିଢ଼ାକୁ ଗ୍ରେଟ ପରେ ଗ୍ରେଟ ମାରୁଥିବା ଭିତରେ ମୁଁ ଆଖି ପିଛୁଡ଼ାକେ ପାହୁଣ୍ଡେ ପଛାଇ ଆସି କବାଟ ଖୋଲି ବାହାର ବାରଣ୍ଡାକୁ ପଳାଇ ଆସିଲି ।

ସେ ଭିତରେ ଚାରିଆଡ଼େ ଖବର ହୋଇ ଗଲାଣି ଯେ ଗାଧୁଆ ଘରେ ମୁଁ କବାଟ କିଳି ଗୋଟାଏ ପ୍ରକାଣ୍ଡ ସାପ ସହିତ ଜୀବନ ମରଣ ସଂଗ୍ରାମ ଚଳାଇଛି । ଲୋକେ ବାଡ଼ି ଲଣ୍ଠଣ ଧରି ବହୁସଂଖ୍ୟାରେ ଆସି ବଙ୍ଗଳା ବାରଣ୍ଡାରେ ରୁଣ୍ଡ । ସାପ ମରିଯିବା ପରେ ପ୍ରତ୍ୟେକେ ଜଣ ଜଣ କରି ମୋତେ ଅଭିନନ୍ଦନ ଜଣାଇ ବିଦାୟ ନେଲେ । ସମସ୍ତେ ଯିବା ପରେ ଆଖି ପୋଡ଼ିବାରୁ ନିଜକଥା ମୋର ହେଜ ହେଲା । ଚମକି ପଡ଼ି ଦେଖିଲି ଯେ ଲଜ୍ଜା ନିବାରଣ କରିବାକୁ ମୋ ଦେହରେ ସୂତାଖିଏ ସୁଦ୍ଧା ନାହିଁ । ତରତରରେ ଦେହରୁ ମୁହଁରୁ ସାବୁନ ଧୋଇ ଲୁଗାପଟା ପିନ୍ଧି ପ୍ରକୃତିସ୍ଥ ହେଲି ।

ସାପ କେଉଁବାଟେ ଘରେ ପଶିଲା, ତାହା ଶେଷ ପର୍ଯ୍ୟନ୍ତ ରହସ୍ୟରେ ହିଁ ରହିଗଲା । ସ୍କୁଲରେ ଅସଂଖ୍ୟ ମୂଷା, ଘରଚଟିଆ ଓ ଗୁଣ୍ଡୁଚିମୁଷା ବସା କରିଥାଆନ୍ତି । କବାଟ ବାଟେ ପଶିବା ଅପେକ୍ଷା ସାପ ସ୍କୁଲରୁ ଖସିଥିବାର ବେଶି ସମ୍ଭାବନା । ସେ ଯାହା ହେଉ, କେବଳ ଭାଗ୍ୟ ଜୋର୍‌ରୁ ମୁଁ ଓ ମୋ ସ୍ତ୍ରୀକର ସେଦିନ ନିଶ୍ଚିତ ମୃତ୍ୟୁ ମୁହଁରୁ ବର୍ତ୍ତିଗଲୁ ।

× × ×

ରବିବାର ଓ ଅନ୍ୟ ଛୁଟି ଦିନରେ ମୋକାମା ଘାଟରେ କାମ ଚାଲେ । ବର୍ଷ ଭିତରେ କେବଳ 'ବଡ଼ଦିନ'ଟି ମୁଁ ଛୁଟି ନିଏ । ସେହିଦିନଟିକୁ ସମସ୍ତେ ଆଗ୍ରହରେ ଅପେକ୍ଷା କରିଥାଆନ୍ତି । ସକାଳ ଦଶଟା ପୂର୍ବରୁ ସେଦିନ ମୁଁ ଘରୁ ବାହାରିବି ନାହିଁ ବୋଲି କଥା

Digitized by srujanika@gmail.com

ହୋଇଥାଏ । ସ୍ୱମଣରଣ ଖାସ୍‌କରି ସେହିଦିନ ପାଇଁ ସାକେ ଭଲ ପୋଷାକ ଓ ଗୋଲାପୀ ରଙ୍ଗର ବିସ୍ଫଟ ପଗଡ଼ିଟିଏ ସାଇତି ରଖିଥାଆନ୍ତି । ପୋଷାକ ପିନ୍ଧି ପଗଡ଼ି ବାନ୍ଧି ମୋତେ ପାଛୋଟି ନେବାପାଇଁ ସକାଳ ଦଶଟା ବେଳେ ସେ ବଙ୍ଗଳାରେ ହାଜର ହୁଅନ୍ତି । ପାହାନ୍ତାରୁ ଦିନ ଦଶଟା ଭିତରେ ସେ ଓ ମୋର ଅନ୍ୟାନ୍ୟ ସହକର୍ମୀ ଦପ୍ତରଖାନା ଓ ତା ଚାରିପାଖକୁ ସୁନ୍ଦର ଭାବେ ସଜାଇ ଥାଆନ୍ତି । କାଗଜ ପତାକା ପାଇଁ ପାଣ୍ଡିର ଅଭାବ । ତେଣୁ ରେଲବାଇ ଗୋଦାମରୁ ନିଆହୋଇଥିବା ନାଲି ଓ ସାଗୁଆ ସଙ୍କେତ-ପତାକାଗୁଡ଼ିକୁ ବାନ୍ଧି କରି ସେଥିରେ ମଲ୍ଲୀ ଓ ଗେଣ୍ଡୁ ଫୁଲର ଝରି ଦେଇ ନାନା ପ୍ରକାର ସାଜସଜ୍ଜା ଦ୍ୱାରା ଅନନ୍ଦ ଉତ୍ସବର ବାତାବରଣ ସୃଷ୍ଟି କରାଯାଇଥାଏ । କବାଟ ପାଖରେ ମୋ ପାଇଁ ଟେବୁଲ ଚୌକି ପଡ଼ିଥାଏ । ଟେବୁଲ ଉପରେ ମୋ ବଗିଚାର ସବୁଠାରୁ ବଡ଼ ବଡ଼ ଗୋଲାପ ଫୁଲର ପ୍ରକାଣ୍ଡ ତୋଡ଼ାଟିଏ । ସବୁ ରେଲବାଇ କର୍ମଚାରୀ, ସର୍ଦ୍ଦାର ଓ ଶ୍ରମିକ ଧାଡ଼ି ହୋଇ ଟେବୁଲ ସାମନାରେ ବସିଥାଆନ୍ତି । ସଫା ଲୁଗାପଟା ପିନ୍ଧିଥିବାରୁ ସେଦିନ ସେମାନଙ୍କୁ ସହଜରେ ଚିହ୍ନି ହୁଏନା ।

ମୁଁ ଆସନ ଗ୍ରହଣ କରେ । ସ୍ୱମଣରଣ ମୋ ବେକରେ ମଲ୍ଲୀ ମାଳଟିଏ ପିନ୍ଧାଇ ଦେବା ପରେ ସଭା ଆରମ୍ଭ ହୁଏ । ସ୍ୱମଣରଣଙ୍କ ଦୀର୍ଘ ପ୍ରାରମ୍ଭିକ ବକ୍ତୃତାଟି ସରିବା ପରେ ମୁଁ ଅତି ସଂକ୍ଷେପରେ ଭାଷଣ ଶେଷ କରେ । ତା ପରେ ପିଲାମାନଙ୍କୁ ମିଠାଇ ବଣ୍ଟା ଯାଏ । କୋଳାହଳ ଭିତରେ ଏ କାର୍ଯ୍ୟକ୍ରମଟି ଯଥାବିଧି ସମାପ୍ତ ହେବା ପରେ ସଭାର ଅସଲ କାର୍ଯ୍ୟ ଆରମ୍ଭ ହୁଏ ।

ବର୍ଷସାରା ଠିକାଦାରୀ କରି ମୁଁ ଯେଉଁକିଛି ଲାଭ କରିଥାଏ, ତାହାର ଅଧିକାଂଶ ସେଦିନ ମୋ ସହକର୍ମୀ ଓ ଶ୍ରମିକଙ୍କୁ ପାରିତୋଷିକ ଭାବେ ଦେଇଦିଏ । ଯେଉଁ ହାରରେ ମୁଁ ପାଉଣା ପାଉଥିଲି ତାହା ସ୍ୱଳ୍ପ ଓ ଅତି ସାମାନ୍ୟ । କେବଳ ମୋ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଯୋଗୁ ସେତିକି ଯାହା ଲାଭ ମିଳିଥାଏ, ତାର ଶତକଡ଼ା ଅଶୀ ଭାଗ ସେଦିନ ସେହିମାନଙ୍କ ଭିତରେ ବାଣ୍ଟି ଦିଏ । ଜଣ ପିଛା ଯାହା ଭାଗ ପଡ଼େ ତାହା କାହାରି ମାସକର ଦରମା ବା ମଜୁରିରୁ କେବେ ବେଶି ହୁଏନା । ସାମାନ୍ୟ ସେହି ଉପହାରରେ ନିହିତ ଥିବା ଶ୍ରଦ୍ଧା ଓ ସମ୍ମାନ କିନ୍ତୁ ପ୍ରତ୍ୟେକର ହୃଦୟକୁ ସ୍ପର୍ଶ କରେ । ସହକର୍ମୀମାନଙ୍କଠାରୁ ଜୀବନ ସାରା ଯେତେ ଗଭୀର ସଦିଚ୍ଛା ଓ ଅକୃତ୍ରିମ ଶ୍ରଦ୍ଧା ମୁଁ ପାଇଛୁ, ତାହା ତୁଳନାରେ ଏ ଉପହାର ଅତି ତୁଚ୍ଛ ଓ ନଗଣ୍ୟ । ସେତିକି ସହଯୋଗ ଓ ସହାନୁଭୂତି ଯୋଗୁଁ ବର୍ଷକୁ ଦଶଲକ୍ଷ ଟନ୍ ମାଲ୍‌ର ସରବରାହ ବ୍ୟବସ୍ଥା ଏକୋଇଶ ବର୍ଷ କାଳ ମୁଁ ଅନବଚ୍ଛିନ୍ନ ଭାବେ ଚଳାଇ ନେଇ ପାରିଲି । ଦୀର୍ଘ ମୋର କାର୍ଯ୍ୟକାଳ ମଧ୍ୟରେ କୌଣସି ଅପ୍ରୀତିକର ଘଟଣା କେବେ ଘଟି ନଥିଲା କିମ୍ବା ଗୋଟିଏ ଦିନ ପାଇଁ ମଧ୍ୟ କାମ ବନ୍ଦ କରିବାକୁ ପଡ଼ି ନଥିଲା ।

ଆଜିକାଲି ଶ୍ରମିକ ଅଶାନ୍ତି, ଧର୍ମଘଟ ଓ ସାଂପ୍ରଦାୟିକ ଗଣ୍ଡଗୋଳ ବିଷୟ ଶୁଣିଲେ ନିଜର ଆନନ୍ଦମୟ କର୍ମଜୀବନ ପାଇଁ ଭଗବାନଙ୍କୁ ମୁଁ ଧନ୍ୟବାଦ ଦିଏ । ମୁଁ ଓ ମୋର

Digitized by srujanika@gmail.com

ସହକର୍ମୀମାନେ ଯେତେବେଳେ ଦେଶର ସେବାରେ ନିଜକୁ ନିୟୋଗ କରିଥିଲେ, ସେତେବେଳେ ଗୋରର ସ୍ୱାର୍ଥ ସହିତ ଜଣର ସ୍ୱାର୍ଥ ଅତି ନିବିଡ଼ ଭାବେ ଜଡ଼ିତ ଥିଲା । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଓ ହରିଜନ—ସମସ୍ତେ ଆନନ୍ଦରେ ଏକାଠି ଚଳି ପାରୁଥିଲେ, ଖେଳି ପାରୁଥିଲେ ଓ ଖଟି ପାରୁଥିଲେ । 'ମୋର ଭାରତ'ର ଗରିବଙ୍କ ଅନ୍ତରରେ ପରସ୍ପରପ୍ରତି ଶତ୍ରୁତା ବା ବିଦ୍ୱେଷ କେବେ ନ ଥିଲା ଓ ଆଜି ମଧ୍ୟ ନାହିଁ । ଅଳ୍ପ କେତେଜଣ ବିଭେଦକାରୀଙ୍କ ପ୍ରଭାବ ଏଡ଼ାଇ ପାରିଲେ ମୋ ଦେଶବାସୀ ଏବେ ମଧ୍ୟ ସୁଖଶାନ୍ତିରେ ଏକାଠି ଚଳି ପାରିବେ ।

□□□

ପେନ୍ସନର୍ସ୍ ଲେନ,

କଟକ-୧

ଅକ୍ଟୋବର ବାର, ୧୯୮୭

ଅନୁବାଦକଙ୍କ ପରିଚୟ

ଡକ୍ଟର ପ୍ରଫୁଲ୍ଲ କୁମାର କରଙ୍କ ଜନ୍ମ ୧୯୩୦ ମସିହା ଜାନୁୟାରୀ ୧୫ ତାରିଖରେ । ତାଙ୍କର ପିତା ପି. ଏମ୍. ଏକାଡେମୀର ଭୂତପୂର୍ବ ବରିଷ୍ଠ ଶିକ୍ଷକ ସ୍ୱର୍ଗତ ଶ୍ରୀ ରଘୁନାଥ କର ଓ ମାତା ସ୍ୱର୍ଗତା ଶ୍ରୀମତୀ ମନୋରମା ଦେବୀ ।

ଡକ୍ଟର କରଙ୍କ ସ୍କୁଲ ଶିକ୍ଷା କଟକରେ ପ୍ରଥମେ St. Joseph's Convent ଓ ପରେ Stewart Higher European Schoolରେ ସଂପାଦିତ ହୋଇଥିଲା । ୧୯୪୫ ମସିହାରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଓ ପ୍ରାନ୍ତୀୟ ପରୀକ୍ଷାର୍ଥୀଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସେ ରେଭେନ୍ସା କଲେଜରେ ପ୍ରବେଶ କଲେ । ୧୯୪୭ ମସିହାରେ ସେଠାରୁ Intermediate in Science ପରୀକ୍ଷାରେ କୃତିତ୍ୱ ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟରେ ଛାତ୍ରଭାବେ ଯୋଗଦେଲେ । ଚିକିତ୍ସା ଶିକ୍ଷା ଭିତରେ ଅନର୍ସ ପାଇବା ଛଡ଼ା ୧୯୫୨ ମସିହାର Final M. B. B. S. ପରୀକ୍ଷାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସେ ନୂତନ ରେକର୍ଡ ସୃଷ୍ଟି କରିଥିଲେ ଏବଂ ସର୍ବୋତ୍କୃଷ୍ଟ ସ୍ନାତକଭାବେ ଯୋଗେଶଚନ୍ଦ୍ର ବୋଷ ସ୍ୱର୍ଣ୍ଣପଦକ ଲାଭ କରିଥିଲେ । ଛାତ୍ରଜୀବନରେ ବକ୍ତା ଓ ଲେଖକଭାବେ ସେ ବହୁବାର ପୁରସ୍କୃତ ହୋଇଥିଲେ ।

Indian Council of Medical Research ର ଫେଲୋ ରୂପେ ମନୋନୀତ ହୋଇ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରୁ ୧୯୫୬ ମସିହାରେ ଭେଷଜ-ବିଜ୍ଞାନରେ କୃତିତ୍ୱ ସହ ଡକ୍ଟରେଟ୍ ଉପାଧି ଲାଭ କରିବା ପରେ Technical Co-operation Mission ଆନୁକୂଲ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଖ୍ୟାତ ପେନ୍‌ସିଲ୍‌ଭେନିଆ ବିଶ୍ୱବିଦ୍ୟାଳୟରେ ଗବେଷଣା ଓ ଶିକ୍ଷକତା କରିବା ଛଡ଼ା ସେଠାରେ ଜୈବିକ ଗଣିତରେ ମଧ୍ୟ ଉଚ୍ଚଶିକ୍ଷା ଲାଭ କରିଥିଲେ ।

୧୯୫୨ ମସିହାରୁ ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟର ଭେଷଜତତ୍ତ୍ୱ ବିଭାଗରେ ତାଙ୍କର ଶିକ୍ଷକତା ଆରମ୍ଭ । ସେଠାରେ ରିଡର୍ ପଦକୁ ଉନ୍ନୀତ ହେବାପରେ ୧୯୬୪ ମସିହାରେ ସେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଚିକିତ୍ସା ମହାବିଦ୍ୟାଳୟ, ବ୍ରହ୍ମପୁରରେ ଅଧ୍ୟାପକ ଓ ବିଭାଗୀୟ ମୁଖ୍ୟଭାବେ ଯୋଗଦାନ କରିଥିଲେ । ୧୯୭୨ ମସିହାରେ ଶ୍ରୀରାମଚନ୍ଦ୍ର

Digitized by srujanika@gmail.com

ଭିତ୍ତି ଡାକ୍ତରୀ ମହାବିଦ୍ୟାଳୟର ଭେଷଜତତ୍ତ୍ୱ ବିଭାଗର ଅଧ୍ୟାପକ ଓ ବିଭାଗୀୟ ମୁଖ୍ୟ ଏବଂ ୧୯୭୬ ମସିହାରେ ଖାର ସୁରେନ୍ଦ୍ର ସାଏ ଡାକ୍ତରୀ ମହାବିଦ୍ୟାଳୟରେ ଏହି ଦାୟିତ୍ୱ ତୁଲାଇବା ସଙ୍ଗେ ସେ ଅଧ୍ୟକ୍ଷ ପଦରେ ମଧ୍ୟ ଯୋଗଦେଲେ । ୧୯୮୦ ମସିହାରେ ସେ ବ୍ରହ୍ମପୁର ଡାକ୍ତରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଯୋଗ କଲେ । ୧୯୮୫ ମସିହାରୁ ଏ ପର୍ଯ୍ୟନ୍ତ ସେ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟଭାର ତୁଲାଉଛନ୍ତି ।

ବୈଜ୍ଞାନିକ ଶିକ୍ଷାବିଦ୍ ରୂପେ ଡକ୍ଟର କର ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛନ୍ତି । ସେ Indian Council of Medical Researchର Governing Bodyର ସଭ୍ୟ ଏବଂ Association of Indian Universitiesର ନିର୍ବାଚିତ ପ୍ରତିନିଧି । International Union of Pharmacologyର National Committeeର ସଭ୍ୟଭାବେ ସେ Indian National Science Academy ଦ୍ୱାରା ମନୋନୀତ ହୋଇଛନ୍ତି ଏବଂ Medical Council of Indiaର ସଭ୍ୟ ଅଛନ୍ତି । ଏହାଛଡ଼ା ବିଭିନ୍ନ ସମୟରେ ସେ Indian Pharmacological Societyର ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, କାର୍ଯ୍ୟକାରୀ କମିଟିର ସଭ୍ୟ ଓ ଆବାହକ ଏବଂ ବୈଜ୍ଞାନିକ ଅଧିବେଶନର ସଭାପତି, Indian Journal of Physiology and Pharmacologyର ସମ୍ପାଦକ ମଣ୍ଡଳୀର ସହାୟକ, Indian Journal of Pharmacologyର ସମ୍ପାଦକ ମଣ୍ଡଳୀର ସଭ୍ୟ, Indian Association of the Advancement of Medical Educationର ଆଜୀବନ ସଭ୍ୟ, ଓଡ଼ିଶା ଶାଖାର କୋଷାଧ୍ୟକ୍ଷ ଓ ସ୍ଥାନୀୟ ପ୍ରତିନିଧି, Indian Society of Health Administations ଓ Indian Red Cross Societyର ଆଜୀବନ ସଭ୍ୟ, Indian Medical Associationର Central Councilର ସଭ୍ୟ, Teaching Institute of Basic Medical Sciencesର ସଭ୍ୟ, Pharmacy Council of Indiaର ସଭ୍ୟ, ବାରାଣସୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନିର୍ବାଚନରେ ବିଶେଷଜ୍ଞ ତଥା ଦିଲ୍ଲୀ, ଲକ୍ଷ୍ନୌ, ଅଗ୍ରା, ରାଜସ୍ଥାନ, ଆଲାହାବାଦ, ବାରାଣସୀ, ପାଟନା, ରାଞ୍ଚି, ଗୌହାଟୀ, ହିମାଚଳ... ଚଣ୍ଡିଗଡ଼, କଲିକତା, ବିହାର, ଓସମାନିଆ ଓ ରଙ୍କିଣଙ୍କର ବିଶ୍ୱବିଦ୍ୟାଳୟମାନଙ୍କର ସ୍ନାତକ ତଥା ସ୍ନାତକୋତ୍ତର ଭେଷଜ ବିଜ୍ଞାନ ପରୀକ୍ଷାରେ ପରୀକ୍ଷକ ହୋଇଛନ୍ତି ।

ରାଜ୍ୟସ୍ତରରେ ବିଭିନ୍ନ ସମୟରେ ଡକ୍ଟର କର Hospital Improvement Committee, State Drugs Advisory Committee ଏବଂ Orissa Council of Medical Registrationର ସଭ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର

Digitized by srujanika@gmail.com

ସିନେଟ ଓ ସିଣ୍ଡିକେଟର ନିର୍ବାଚିତ ସଭ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍‌ର ସଭ୍ୟ ତଥା Faculty of Medicineର Dean, ରାଜ୍ୟର ପ୍ରତ୍ୟେକ ଡାକ୍ତରୀ ମହାବିଦ୍ୟାଳୟର Governing Bodyର ସଭ୍ୟ ଏବଂ ରାଜ୍ୟର ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ସ୍ନାତକ ତଥା ସ୍ନାତକୋତ୍ତର ଭେଷଜ ବିଜ୍ଞାନ ପରୀକ୍ଷାରେ ପରୀକ୍ଷକ ହୋଇଛନ୍ତି । ଏତଦ୍‌ବ୍ୟତୀତ World Wild Life Fundର ଭାରତୀୟ ଶାଖା, Nature and Wild life Conservatian Society of Orissa ଏବଂ Zoo Outreach Organisationର ସେ ଜଣେ ସକ୍ରିୟ ସଭ୍ୟ ।

କର୍ମମୁଖର ଜୀବନରେ ସାମାନ୍ୟ ଯାହା ଅବସର ମିଳେ, ତାକୁ ସେ ନିୟୋଗ କରନ୍ତି ପଢ଼ିବା ଲେଖିବାରେ । ଭେଷଜ ବିଜ୍ଞାନ ବିଷୟରେ ଗବେଷଣାମୂଳକ ପ୍ରବନ୍ଧ ବ୍ୟତୀତ ଭେଷଜତତ୍ତ୍ୱ ପୁସ୍ତକମାନଙ୍କରେ ତାଙ୍କର ଅବଦାନ ରହିଛି । ତାଙ୍କ ଓଡ଼ିଆ ଲେଖା ଭିତରୁ 'ଶ୍ୟାମସୁନ୍ଦରର ସ୍ୱପ୍ନ', 'ନେମେସିସ୍', 'ଅବମାନନା' ଆଦି ଗଳ୍ପ 'ଝଙ୍କାର'ରେ ପ୍ରକାଶିତ ଓ ପ୍ରଶଂସିତ ହୋଇଛି । ତାଙ୍କର ଅନୂଦିତ ନାଟକ 'ଅନାମିକା ରାତ୍ରି', 'ଯାତ୍ରାର ଶେଷ' ଓ 'ଚବିଶ ଘଣ୍ଟାର ରାତ୍ରି' ବ୍ରହ୍ମପୁର ଓ ବୁର୍ଲା ଡାକ୍ତରୀ ମହାବିଦ୍ୟାଳୟରେ ଅଭିନୀତ ହୋଇଛି । ଅନୂଦିତ ପୁସ୍ତକ ଭିତରୁ ଜିମ୍ କରବେଟ୍‌ଙ୍କର 'ମୋର ଭାରତ', 'କୁମାୟୁଁର ନରଖାଦକ', 'ରୁଦ୍ର ପ୍ରୟାଗ ନରଖାଦକ', 'ମନ୍ଦିରର ବାଘ', 'ଜଙ୍ଗଲ ତଥ୍ୟ', ଓ 'ଟ୍ରି ଟପସ୍' ପ୍ରକାଶ ପାଇସାରିଛି । 'ଟ୍ରି ଟପ୍‌ସ'ର ପ୍ରକାଶ ସହିତ କର୍‌ବେଟ୍‌ଙ୍କ ଲେଖା ସମସ୍ତ ପୁସ୍ତକର ଓଡ଼ିଆ ଅନୁବାଦ ଡକ୍ଟର କରଙ୍କଦ୍ୱାରା ସମାପିତ ହେଲା । ଦାକ୍ଷିଣାତ୍ୟର ପ୍ରସିଦ୍ଧ ଶିକାରୀ ଓ ସଂରକ୍ଷଣଧର୍ମୀ କେନେଥ୍ ଆଣ୍ଡରସନଙ୍କ ପୁସ୍ତକରୁ ମଧ୍ୟ ଡକ୍ଟର କରଙ୍କ ଦ୍ୱାରା ଅନୂଦିତ 'ଜଙ୍ଗଲର ଜହ୍ଲାଦ' ଗ୍ରନ୍ଥ ମନ୍ଦିର ଦ୍ୱାରା ପ୍ରକାଶ କରାଯାଇଛି । 'ଦୂରରେ ଗର୍ଜୁଛି ବାଘ' ଓ ଅନ୍ୟାନ୍ୟ ଅନୁବାଦ ପ୍ରକାଶ ଅପେକ୍ଷାରେ ।

ଡକ୍ଟର କର ଓଡ଼ିଶାର ଲବ୍ଧପ୍ରତିଷ୍ଠ ସାହିତ୍ୟିକ ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ଓ ଶ୍ରୀମତୀ ଶରତ୍ କୁମାରୀ ଦେବୀଙ୍କ ଜାମାତା । ତାଙ୍କର ପତ୍ନୀ ଡକ୍ଟର ସୁଧାରାଣୀ କର ଶ୍ରୀରାମଚନ୍ଦ୍ର ଭଞ୍ଜ ଡାକ୍ତରୀ ମହାବିଦ୍ୟାଳୟର ଜୀବାଣୁତତ୍ତ୍ୱ ବିଭାଗର ସହଯୋଗୀ ଅଧ୍ୟାପିକା । କନ୍ୟା ଗୀତା ଓ ଜାମାତା ଲଲଟେନ୍ଦୁ ବାରଣସୀରେ ଏବଂ ପୁତ୍ର ସୁବ୍ରତ ବାଙ୍ଗାଲୋର୍‌ରେ ବର୍ତ୍ତମାନ ଅବସ୍ଥାନ କରୁଛନ୍ତି । □□□

Digitized by srujanika@gmail.com